# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 42 ◆ISSUE-317 ◆BHUBANESWAR ◆FRIDAY ◆16 MAY 2025 ◆PAGE-12 ◆₹ 6.00

BHUBANESWAR

◆ବର୍ଷ-୪୨ ◆ସଂଖ୍ୟା-୩୧୭ ◆ଭୁବନେଶ୍ୱର ◆ଶୁକ୍ରବାର ◆୧୬ ମେ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




**ଇଂଲଣ୍ଡ ଗସ୍ତ ଲାଗି ହରମନ୍‌ପ୍ରୀତଙ୍କୁ ନେତୃତ୍ୱ**

▶ପୃଷ୍ଠା ୧୨ ଦେଖନ୍ତୁ...




## ବାଇକ୍ ଧକ୍କାରେ ସାଇକଲ ଆରୋହୀଙ୍କ ମୃତ୍ୟୁ

**ବେତନଟୀ, ୧୫।୫(ସମିସ):** ବେତନଟୀ ଉପକଣ୍ଠ ବାହାନଡା ଗ୍ରାମର ନବକୁମାର ନାୟକ(୭୫)ଙ୍କ ଏକ ସଡକ ଦୁର୍ଘଟଣାରେ ଗୁରୁବାର ମୃତ୍ୟୁ ଘଟିଛି। ସେ ଆଜି ସକାଳେ ଏକ ସାଇକଲରେ ଦାନ୍ତିଆମୁହାଁ ସାପ୍ତାହିକ ହାଟକୁ ଯାଉଥିବା ବେଳେ ତାରାକୋଟୀ ବଡପୋଲଠାରେ ବାଇକ ଧକ୍କା ଦେଇଥିଲା। ଫଳରେ ସେ ପୋଲ ତଳକୁ ଛିଟିକି ପଡ଼ିଥିଲେ। ପରେ ତାଙ୍କୁ ଉଦ୍ଧାର କରାଯାଇ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ସେ ଏକ ହଜାରରୁ ଉର୍ଦ୍ଧ୍ୱ ଶବ ସଂସ୍କାର କରାଇଥିବା ବେଳେ ତାଙ୍କର ଏହି ଉଲ୍ଲେଖନୀୟ ସେବା ପାଇଁ ପର୍ସନ ଅଫ ଦି ଇୟର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଏକମାତ୍ର ପୁଅ ଦିଲ୍ଲୀପ ମୁଖାଗ୍ନି ଦେଇଥିଲେ।

## ମହେଶ ଦାସ ମେମୋରିଆଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ




**ବାରିପଦା, ୧୫।୫(ସମିସ):** ମଧୁବନ ମିନି ଷ୍ଟାଡିୟମ ପଡ଼ିଆରେ ମହେଶ ଦାସ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ୪ର୍ଥ ଦିନର ପ୍ରଥମ ମ୍ୟାଚରେ ସିଂ ବ୍ରଦର୍ସ ଫୁଟବଲ କ୍ଲବ ୩-୦ ଗୋଲରେ ଉଇନାଇଟେଡ଼ ଫୁଟବଲ କ୍ଲବକୁ ପରାସ୍ତ କରିଥିଲା। ଲକ୍ଷଣ ମୁର୍ମୁ, ଦଶରଥ ହେମ୍ବ୍ରମ ଓ ଶ୍ୟାମ ସୋରେନ ଗୋଟିଏ ଲେଖାଏଁ ଗୋଲ କରିଥିଲେ। ଦ୍ୱିତୀୟ ମ୍ୟାଚରେ କିସ୍କୁ ବ୍ରଦର୍ସ ଫୁଟବଲ କ୍ଲବ ଭୋଲା ଫୁଟବଲ କ୍ଲବକୁ ଟାଇବ୍ରେକର ଜରିଆରେ ୩-୧ ଗୋଲରେ ପରାସ୍ତ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ ବିନୋଦ ରାମ, ରବୀନ୍ଦ୍ର ନାୟକ, ନୁରୁଲ ଇସଲାମ, ସୁକେନ୍ଦୁ ଦାସ ଉପସ୍ଥିତ ଥିଲେ ଓ ଶୁକ୍ରବାର ଜୁନିୟର ଫୁଟବଲ କ୍ଲବ ଓ କିସ୍କୁ ବ୍ରଦର୍ସ ମଧ୍ୟରେ ଏବଂ ଭେଟେରାନ ଫୁଟବଲ କ୍ଲବ ଓ ଓଲ୍ଡ ଇଜ ଗୋଲ୍ଡ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

### ଖଇରୀ-ଭଣ୍ଡନ ବ୍ୟାରେଜ ପ୍ରକଳ୍ପ ପାଇଁ ବାଟ ଖୋଲିଲା

# ଜଳସେଚିତ ହେବ ୬୯୫୦ ହେକ୍ଟର ଚାଷଜମି

**ବାରିପଦା/ଶୁକୁଳି, ୧୫।୫(ସମିସ)**

ମୟୂରଭଞ୍ଜ ଜିଲ୍ଲାର ବହୁ ପ୍ରତୀକ୍ଷିତ ଖଇରି-ଭଣ୍ଡନ ବ୍ୟାରେଜ ପ୍ରକଳ୍ପ ପାଇଁ ବାଟ ଫିଟିଛି। ଏହି ପ୍ରକଳ୍ପର କ୍ୟାବିନେଟ୍‌ରେ ଅନୁମୋଦନ ଲାଭ କରିବା ସହିତ ଏଥିପାଇଁ ୯୭କୋଟି ୬୭ଲକ୍ଷ ୯୮ହଜାର ୭୫୫ ଟଙ୍କାର ଟେଣ୍ଡରକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ତେବେ ଏହି ପ୍ରକଳ୍ପଟିକୁ ଆସନ୍ତା ୩୦ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବା ଲକ୍ଷ୍ୟ ରଖାଯାଇଛି। ଫଳରେ ଦୀର୍ଘ ୧୮ ବର୍ଷ ଧରି ସରକାରଙ୍କ ନାଲିଫିତା ତଳେ ରହିଥିବା ଏହି ପ୍ରକଳ୍ପ ଖୁବ୍‌ଶୀଘ୍ର ବାସ୍ତବ ରୂପ ନେବ ବୋଲି ଆଶା କରାଯାଇଛି। ଗତ ବିଜେଡି ସରକାର ଅମଳରେ ଯଶିପୁର ବଜାର ସନ୍ନିକଟ ରାମତୀର୍ଥଠାରେ ଖଇରୀ-ଭଣ୍ଡନ ନଦୀ ଶଯ୍ୟା ଉପରେ ଏହି ପ୍ରକଳ୍ପ ନିର୍ମାଣ ହେବ ବୋଲି ସ୍ଥିର ହୋଇଥିଲା। ଗତ ୨୦୦୬ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୟୂରଭଞ୍ଜ ଗସ୍ତରେ ଆସି ଏହି ପ୍ରକଳ୍ପ ସମ୍ପର୍କରେ ଘୋଷଣା କରିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ପ୍ରକଳ୍ପ ପାଇଁ ୪୫ କୋଟି ଟଙ୍କାର ବ୍ୟୟ ଅଟକଳ ଧାର୍ଯ୍ୟ କରାଯାଇଥିଲା। ଆବଶ୍ୟକୀୟ ସର୍ଭେ ପରେ ବଜେଟ ଅନୁମୋଦନ ଲାଭ କରି ଶୀଘ୍ର ଏହି ପ୍ରକଳ୍ପ ପାଇଁ ଆବଶ୍ୟକ ଟଙ୍କା କ୍ୟାବିନେଟ୍ ଅନୁମୋଦନ ପୂର୍ବକ ମଞ୍ଜୁର ଦ୍ୱାରା ଚାଷୀମାନେ ଉପକୃତ ହୋଇପାରିବେ



ବୋଲି ଶ୍ରୀ ପଟ୍ଟନାୟକ ଘୋଷଣା କରିଥିଲେ। ମାତ୍ର ଦିନକୁ ଦିନ ଅଟକଳ ବୃଦ୍ଧି ପାଇଁ ତାହା ହୋଇପାରି ନ ଥିଲା। ତତ୍କାଳୀନ ବିଧାୟକ ଶମ୍ଭୁନାଥ ନାଏକ ଓ ମଙ୍ଗଲ ସିଂ ମୁଦି ଏ ସଂକ୍ରାନ୍ତରେ ବିଧାନସଭାରେ ପ୍ରଶ୍ନ ଉଠାଇବା ସହିତ କ୍ଷୋଭ ପ୍ରକାଶ କରିଥିଲେ। ସେତେବେଳେ ଯଶିପୁର ତତ୍କାଳୀନ ବିଧାୟକ ତଥା ବର୍ତ୍ତମାନର ମନ୍ତ୍ରୀ ଇଂ. ଗଣେଶରାମ ସିଂଖୁଣ୍ଟିଆ ମଧ୍ୟ ବିଧାନସଭାରେ ଏ ସମ୍ପର୍କରେ ପ୍ରଶ୍ନ ଉତ୍ଥାପନ କରିଥିଲେ। ପ୍ରକଳ୍ପର ମୂଲ୍ୟ ବୃଦ୍ଧି ପାଇଁ ଅନୁଦାନ ମଞ୍ଜୁର ହୋଇ ନ ଥିଲା। ତେବେ ଦୀର୍ଘ ବ୍ୟବଧାନ ପରେ କ୍ୟାବିନେଟ୍ ଅନୁମୋଦନ ଲାଭ କରିବା ସହିତ ଏହି ପ୍ରକଳ୍ପ ପାଇଁ ବାଟ ଫିଟିଛି। ଏ ସମ୍ପର୍କରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଇଂ. ଗଣେଶରାମ ସିଂ ଖୁଣ୍ଟିଆ କହିଛନ୍ତି, ଏହି ପ୍ରକଳ୍ପ କ୍ୟାବିନେଟରେ ପାସ୍ ହେଇଛି। ପୂର୍ବରୁ ଖଇରୀ-ଭଣ୍ଡନ ପ୍ରକଳ୍ପକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭ ଦେଇଥିଲେ। ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର ବାକି ଥିଲା। ସୂଚନାଯୋଗ୍ୟ ମୟୂରଭଞ୍ଜ ଜିଲ୍ଲାର ଯଶିପୁର ବ୍ଲକର

- ୯୭.୬୮ କୋଟି ଟଙ୍କାର ଟେଣ୍ଡର ମଞ୍ଜୁର
- ୩୦ ମାସ ମଧ୍ୟରେ ସମ୍ପୂର୍ଣ୍ଣ ଲକ୍ଷ୍ୟ

ଅଁଳାବେଣୀ ଗ୍ରାମରେ ଖଇରି-ଭଣ୍ଡନ ନଦୀ ଉପରେ ବ୍ୟାରେଜ୍ ପ୍ରକଳ୍ପ ନିର୍ମାଣ ପରେ ମୁଖ୍ୟତଃ ପଛୁଆ, ଦୁର୍ବଳ ଏବଂ ଆଦିବାସୀ ଗୋଷ୍ଠୀ ବାସ କରୁଥିବା ଏହି ଦୀର୍ଘକାଳୀନ ମରୁଡ଼ି ପ୍ରବଣ ଅଞ୍ଚଳରେ ଖରିଫ ଜଳସେଚନ ସୁନିଶ୍ଚିତ କରିବ। ଏହି ପ୍ରକଳ୍ପ ଦ୍ୱାରା ମୟୂରଭଞ୍ଜ ଜିଲ୍ଲାର ଯଶିପୁର, ରରୁଆଁ ଏବଂ ଶୁକୁଳି ବ୍ଲକର ୪୭ଟି ଗ୍ରାମର ୬୯୫୦ ହେକ୍ଟର ଚାଷଜମିକୁ ଭୂତଳ ପାଇପଲାଇନ ଜଳବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ଖରିଫ ଜଳସେଚନ ସୁବିଧା ଯୋଗାଇ ଦିଆଯିବ। ଏତଦବ୍ୟତୀତ ଏହି ପ୍ରକଳ୍ପ ୩୫ହଜାରରୁ ଅଧିକ ଜନସଂଖ୍ୟାକୁ ପାନୀୟ ଜଳ ଯୋଗାଇବା ଦିଆଯିବ।

### ଜିଲ୍ଲାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ; କାଉନସିଲରଙ୍କୁ ମରଣାନ୍ତକ ଆକ୍ରମଣ

## କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ପିଙ୍କୁ ଭେଟିଲା ବିଜେଡି

**ବାରିପଦା, ୧୫।୫(ସମିସ):** ଶାନ୍ତିପ୍ରିୟ ମୟୂରଭଞ୍ଜ ଜିଲ୍ଲା ଏବେ ଅପରାଧୀଙ୍କ ଭୂସ୍ୱର୍ଗ ପାଲଟିଛି। ଆଇନଶୃଙ୍ଖଳା ପରିସ୍ଥିତି ଭୁଶୁଡି ପଡ଼ିଥିବା ବେଳେ ଅପରାଧୀ ଖୋଲାଖୋଲି ଅପରାଧ ଭିଆଉଛନ୍ତି; ଯାହାକୁ ନିୟନ୍ତ୍ରଣ କରିବାରେ ରାଜ୍ୟ ସରକାର ଓ ପୁଲିସ ବିଫଳ ହୋଇଛନ୍ତି। ଏ ନେଇ ବିଜେଡି ପକ୍ଷରୁ ଏକ ପ୍ରତିନିଧି ଦଳ ଗୁରୁବାର ଏସପି ବରୁଣ ଗୁଣ୍ଟୁପାଲ୍ଲିଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବାରିପଦା ସହରରେ ଲୁଟ ଛିନ୍‌ତାଇର ମାତ୍ରା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଅସାମାଜିକଙ୍କ ଆ‡ସ୍ଥଳ ପାଲଟିଛି। ବୁଧବାର ସନ୍ଧ୍ୟାରେ ଅପରାଧୀମାନେ ବାରିପଦା ସହରର ୨୨ନଂ. ୱାର୍ଡ କାଉନସିଲର ସୁଧୀର ବାରିକଙ୍କ ସମେତ ତାଙ୍କ ସହଯୋଗୀଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ଦୁର୍ବୃତ୍ତ ସଂଘବଦ୍ଧ ହୋଇ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ କାଉନସିଲର ଶ୍ରୀ ବାରିକଙ୍କ ସମେତ ୪ ଜଣ ଆକ୍ରମଣର ଶିକାର ହୋଇଥିବା ବେଳେ ୨ଜଣ ଗୁରୁତର ହୋଇ ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଘଟଣା ବାବଦରେ ଭଞ୍ଜପୁର ଥାନାରେ ଲିଖିତ ଅଭିଯୋଗ



କରାଯାଇଛି। କିନ୍ତୁ ପୁଲିସ କୌଣସି ପଦକ୍ଷେପ ନେଉନାହିଁ। ଫଳରେ ଦୁର୍ବୃତ୍ତମାନେ ଅପରାଧ ଭିଆଇ ଖୋଲାରେ ବୁଲୁଛନ୍ତି ବୋଲି ବିଜେଡି ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି କହିଛନ୍ତି। ତେଣୁକରି ଘଟଣା ବାବଦରେ ବିଜେଡି ପ୍ରତିନିଧି ଦଳ ଏସପିଙ୍କୁ ଅବଗତ କରିଛନ୍ତି। ଘଟଣାରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କ ବିରୋଧରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ତେବେ ପୁଲିସ ପ୍ରଶାସନ ପକ୍ଷରୁ ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିଲେ ବିଜେଡି ପକ୍ଷରୁ ଆଇନଗତ ଭାବେ ପ୍ରତିବାଦ କରାଯିବ ବୋଲି ସେ କହିଛନ୍ତି। ପ୍ରତିନିଧି ଦଳରେ ବିଜେଡି ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଶ୍ରୀ ମାର୍ଣ୍ଡି, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ବାରିପଦା ପୌରପାଳିକାର ସମସ୍ତ କାଉନସିଲର ଓ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ରଥଯାତ୍ରା ଓ ମନ୍ଦିର ଉନ୍ନତି ପାଇଁ ୫କୋଟି ଦାବି କଲେ ନଗରପାଳ

**ବାରିପଦା, ୧୫।୫(ସମିସ):** ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ଶ୍ରୀ ଶ୍ରୀ ହରିବଳ ଦେବ ଜୀଉଙ୍କ ରଥଯାତ୍ରା ଓ ମନ୍ଦିର ଉନ୍ନତିକରଣ ନିମନ୍ତେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ୫ କୋଟି ଅନୁଦାନ ଦାବି କରିଛନ୍ତି। ଏ ନେଇ ସେ ମୁଖ୍ୟମନ୍ତ୍ରୀ ଓ ଆଇନ ମନ୍ତ୍ରୀଙ୍କ ଉଦ୍ଦେଶ୍ୟ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗତ ୧୫୭୫ ମସିହାରୁ ବାରିପଦାରେ ରଥଯାତ୍ରା ଅନୁଷ୍ଠିତ ହୋଇ ଆସୁଛି। ବାରିପଦା ରଥଯାତ୍ରା ପୁରୀ ରଥଯାତ୍ରା ସହିତ ଅନେକ ସାମଞ୍ଜସ୍ୟ ରହିଛି। ତିନି ରଥରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରଥାରୂଢ଼ କରି ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମରେ ରଥଯାତ୍ରା ହୋଇଥାଏ। ମୋଗଲମାନଙ୍କ ପୁରୀ ଆକ୍ରମଣ ଲାଗି ଶ୍ରୀକ୍ଷେତ୍ରରୁ ଯେତେ ବେଳେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଗୁପ୍ତ ଭାବରେ ରଖାଯିବା ସହିତ ରଥଯାତ୍ରାକୁ ମଧ୍ୟ ବନ୍ଦ ରଖା ଯାଇଥିଲା। କିନ୍ତୁ ସେହି ସମୟରୁ ଠାକୁରଙ୍କ ସ୍ୱପ୍ନାଦେଶରେ ମୟୂରଭଞ୍ଜ ମହାରାଜା ବୈଦ୍ୟନାଥ ଭଞ୍ଜଦେଓ ମୋଗଲଙ୍କୁ ଭୟ ନକରି ବାରିପଦାରେ ମନ୍ଦିର ପ୍ରତିଷ୍ଠା କରି ରଥଯାତ୍ରା କରିଥିଲେ। କେବଳ କରୋନା କାରଣରୁ ଗତ ୨୦୨୦ ମସିହାରେ ସମସ୍ତ ରୀତିନୀତି ହେବା ସତ୍ତ୍ୱେ ରଥଟଣା ହୋଇ ପାରିନଥିଲା। ପରମ୍ପରା ଅନୁଯାୟୀ ମହାପ୍ରଭୁ ପୁରୀରେ ପୂଜା ପାଇବା ପରେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ବିଜେ କରନ୍ତି ବୋଲି ଶ୍ରୀକ୍ଷେତ୍ର ପୁରୀର ଠିକ୍ ଗୋଟିଏ ଦିନ ପରେ ବାରିପଦାରେ ଦୁଇ ଦିନ ଧରି ଅନୁରୂପ ରୀତିନୀତିରେ ବାରିପଦାରେ ରଥଯାତ୍ରା ହୁଏ। ତେଣୁ ବାରିପଦାର ରଥଯାତ୍ରାର ଅନେକ ମହତ୍ତ୍ୱ ରହିଛି। ଚଳିତ ବର୍ଷ ଜୁନ ମାସରେ ରଥଯାତ୍ରା ଅନୁଷ୍ଠିତ ହେବ। ଜିଲ୍ଲା ତଥା ପଡୋଶୀ ଜିଲ୍ଲା ଓ ରାଜ୍ୟର ଲୋକଙ୍କ ଅନେକ ମାତ୍ରାରେ ସମାଗମ ହେବ। କିନ୍ତୁ ଚଳିତ ବର୍ଷ ରଥଯାତ୍ରା ନିମନ୍ତେ ଦେବୋତ୍ତର ବିଭାଗରେ ଅର୍ଥ ଅଭାବ ଦେଖାଦେଇଛି। ଏହା ସହିତ ମନ୍ଦିରର ଉନ୍ନତିକରଣ କାର୍ଯ୍ୟ ପାଇଁ ଅର୍ଥର ଅଭାବ ପରିଲକ୍ଷିତ ହେଉଛି। ଅକ୍ଷୟ ତୃତୀୟାରୁ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ରଥ ନିର୍ମାଣ କାର୍ଯ୍ୟରେ ଶିଳ୍ପୀମାନେ ଲାଗିଥିବା ବେଳେ ସରକାରୀ ଅନୁଦାନ ନମିଳିଲେ ରଥଯାତ୍ରାରେ ସମସ୍ୟା



ସୃଷ୍ଟି ହେବ। ତେଣୁକରି ୫କୋଟି ଟଙ୍କାର ସରକାରୀ ଅନୁଦାନ ଅର୍ଥ ମଞ୍ଜୁର କରିବାକୁ ନିବେଦନ କରିଛନ୍ତି।

## ନବଜ୍ୟୋତି ଯୁବକ ସଂଘ ପକ୍ଷରୁ ପଣ୍ଡିତ ରଘୁନାଥ ମୁର୍ମୁ ଜୟନ୍ତୀ



**ବହଳଦା, ୧୫।୫(ସମିସ):** ବହଳଦା ବ୍ଲକ ଭିତରାମଦା ଗ୍ରାମପଞ୍ଚାୟତ ଡଲସରା ଗ୍ରାମରେ ନବଜ୍ୟୋତି ଯୁବକ ସଂଘ ପକ୍ଷରୁ ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୨୦ତମ ଜୟନ୍ତୀ ଓ ଅଲଚିକି ଲିପିର ଶତବାର୍ଷିକୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରାମର ଆଦିବାସୀମାନେ ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହୋଇଥିବାବେଳେ ଗ୍ରାମମୁଖ୍ୟ ମାଝୀବାବା ଓ ପୂଜକ ନାଏକେ ବାବା ଉପସ୍ଥିତ ଥିଲେ। ଏହି ଅବସରରେ ସଂଘ ପକ୍ଷରୁ ବିଭିନ୍ନ ସାଂସ୍କୃତିକ ଓ ପାରମ୍ପରିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମହିଳାଙ୍କ ମଧ୍ୟରେ ଲାଖ ବିନ୍ଧା, ହାଣ୍ଡି ଫଟା, ଲାଗଣେ ନୃତ୍ୟ, ଅଲଚିକିରେ ପ୍ରବନ୍ଧ ଲେଖନ, ସାଧାରଣ ଜ୍ଞାନ ଏବଂ ଅଙ୍କକଷା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କୃତୀ ପ୍ରତିଯୋଗିଙ୍କୁ କଂସା ଲୋଟା, ଷ୍ଟିଲ ହଣ୍ଡା, ଡ୍ରେସିଂ ଟେବୁଲ, ସୁନା ଫୁଲି ଏବଂ ପାରମ୍ପରିକ ଝଲ ଶାଢ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଡିଏସପି ରାଇସେନ ମୁର୍ମୁ, ମୁଖ୍ୟବକ୍ତା ଭାବେ ବିଜେଡି ବହଳଦା ବ୍ଲକ ସଭାପତି ହରେକୃଷ୍ଣ ମଣ୍ଡଳ, ସମ୍ମାନିତ ଅତିଥିତ ଭାବେ ଭିତରାମଦା ସରପଞ୍ଚ, ଗ୍ରାମ ମାଝୀ ବାବା ଖାତ୍ରୀ କିସ୍କୁ, ସୁନ୍ଦର ଟୁଡୁ (ଗୋରୁମହିଷାଣି), ରବୀନ୍ଦ୍ର କିସ୍କୁ, ଠାକୁର ହେମ୍ବ୍ରମ, ବୁଦ୍ଧେଶ୍ୱର ହାଁସଦା, ସାୱନା ହେମ୍ବ୍ରମ, ଲକ୍ଷ୍ମଣ କିସ୍କୁ ପ୍ରମୁଖ ଉପସ୍ଥିତ ଥିଲେ। ଉଦଯାନୀ ଉତ୍ସବରେ ଅତିଥିମାନେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୀବନୀ ଓ ଆଦିବାସୀ ସାନ୍ତାଳ ସମାଜ ପାଇଁ ରହିଥିବା ତାଙ୍କ ଅତୁଳନୀୟ ଅବଦାନ ବିଷୟରେ ଚର୍ଚ୍ଚା କରିଥିଲେ। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଂଘର ସଭାପତି ଡମାନ ମୁର୍ମୁ ଏବଂ ସମ୍ପାଦକ ସାଲ କିସ୍କୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

## ସ୍କର୍ପିଓ ଧକ୍କାରେ ଶିଶୁକନ୍ୟା ସମେତ ମା'-ଝିଅ ଗୁରୁତର

**ବେତନଟୀ, ୧୫।୫(ସମିସ):** ଭାଇର ଶୁଦ୍ଧିକ୍ରିୟା ସାରି ଭଉଣୀ ନିଜର ଦୁଇଝିଅଙ୍କୁ ନେଇ ଏକ ଅଟୋରେ ଫେରୁଥିବାବେଳେ ଦାନ୍ତିଆମୁହାଁ-କରଞ୍ଜିଆ ଢାବା ନିକଟରେ ଗୁରୁବାର ମର୍ମନ୍ତୁଦ ସଡକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। କୁଳିଅଣା ଥାନା ଅଧୀନ କୁଚେଇ ଉପକଣ୍ଠ ଦରଖୋଳି ଗ୍ରାମର କାର୍ତ୍ତିକେଶ୍ୱର ମଙ୍ଗଲଙ୍କ ସ୍ତ୍ରୀ ନିବେଦିତା ବେହେରା ସାନଭାଇର ଶୁଦ୍ଧିକ୍ରିୟାରେ ଯୋଗ ଦେବାକୁ ଦୁଇଝିଅ ଶୁଭ୍ରାଂସୀ ସୁଚରିତା ମଙ୍ଗଲ(୧୧) ଏବଂ ଦେଢବର୍ଷର ଶିଶୁକନ୍ୟା ପ୍ରିୟାଂଶୀ ସହିତ ବାପଘର ଯୁଗୋଳ ପଞ୍ଚାୟତ ଅଧୀନ ଉଦିପୁରା ଗ୍ରାମକୁ ଆସିଥିଲେ। ଗୁରୁବାର ଭାଇର ଶୁଦ୍ଧିକ୍ରିୟା ସାରି ଏକ ଅଟୋରେ ଦରଖୋଳି ଯାଉଥିବା ବେଳେ ଦାନ୍ତିଆମୁହାଁ-କରଞ୍ଜିଆ ଢାବା ସମ୍ମୁଖରେ ଏକ ସ୍କର୍ପିଓ ଧକ୍କା ଦେଇଥିଲା। ଫଳରେ ଅଟୋଟି ଓଲଟିଯାଇଥିଲା। ଦୁର୍ଘଟଣାରେ ଅଟୋଚାଳକ ରବୀନ୍ଦ୍ର ବେହେରାଙ୍କ ସମେତ ୪ ଜଣ ଆହତ ହୋଇଥିଲେ। ପରେ ବାରିପଦା ଜିଲ୍ଲାମୁଖ୍ୟ ଡାକ୍ତରଖାନା ଏବଂ ପରେ କଟକ ବଡଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

## ଜିଲ୍ଲା ପ୍ରଶାସନ ପକ୍ଷରୁ ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା

**ବାରିପଦା, ୧୫।୫(ସମିସ):** ଆତଙ୍କବାଦ ବିରୋଧୀ ଅଭିଯାନ, ଅପରେସନ୍ 'ସିନ୍ଦୂର'ର ସଫଳତା ପରେ ଭାରତୀୟ ସେନା ବାହିନୀର ବୀରତ୍ୱକୁ ସମ୍ମାନ ଜଣାଇବା ସହିତ ମନୋବଳ ଦୃଢ଼ କରିବା ଉଦ୍ଦେଶ୍ୟରେ ଗୁରୁବାର ଜିଲ୍ଲା ପ୍ରଶାସନ ପକ୍ଷରୁ ବାରିପଦାରେ ଏକ ତ୍ରିରଙ୍ଗା ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଜିଲ୍ଲାପାଳ ହେମକାନ୍ତ ସଏ ଓ ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲି, ଅତିରିକ୍ତ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ, ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡ଼ା, ନିଜାରତ ଅଧିକାରୀ ଶ୍ରୀକାନ୍ତ ସାହୁ ପ୍ରମୁଖ ତ୍ରିରଙ୍ଗା ପତାକା ଧରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ପତାକା ଦେଖାଇ ଶୋଭାଯାତ୍ରାକୁ ଉଦଘାଟନ କରିଥିଲେ। ଶୋଭାଯାତ୍ରାରେ ୭ଶହରୁ ଉର୍ଦ୍ଧ୍ୱ ପୁଲିସ ପଦାଧିକାରୀ/ କର୍ମଚାରୀ, ସରକାରୀ ପଦାଧିକାରୀ/ କର୍ମଚାରୀ, ଲୋକପ୍ରତିନିଧି, ଏନସିସି, ଏନଏସଏସ, କ୍ରୀଡା ଛାତ୍ର ସ୍ୱେଚ୍ଛାସେବୀ, ବୁଦ୍ଧିଜୀବୀ ଏବଂ ସାଧାରଣ ଜନତା ସାମିଲ ହୋଇ ବନ୍ଦେ ମାତରମ, ଭାରତ ମାତା କୀ ଜୟ, ଜୟ ଯବାନ ଆଦି ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ତ୍ରିରଙ୍ଗା ତଳେ ଯେତେବେଳେ ସବୁ ଭାରତୀୟ ଏକତ୍ରିତ ହେବେ ହେବେ, ସେତେବେଳେ କୌଣସି ଶକ୍ତି ଭାରତ ବିରୋଧରେ ସଫଳ ହେବେ ନାହିଁ। ତ୍ରିରଙ୍ଗାର ତିନି ରଙ୍ଗ ଆମକୁ ଶାନ୍ତି, ମୈତ୍ରୀ ଓ ସୌହାର୍ଦ୍ଦ୍ୟର ଆଦର୍ଶରେ ଅନୁପ୍ରାଣିତ କରିଥାଏ। ଆମ ପାଖରେ ସହନଶୀଳତା ରହିଛି, ମାତ୍ର ଯେତେବେଳେ ଦେଶର ସୁରକ୍ଷା ତଥା ଦେଶବାସୀଙ୍କ ଜୀବନ ପ୍ରତି ବିପଦ ଆସେ, ସେତେବେଳେ ନିଶ୍ଚିତ ଭାବେ ଶତ୍ରୁ ବିରୋଧରେ ଲଢୁ। ଆମର ସେନାବାହିନୀର ବୀର ଜବାନମାନେ 'ସିନ୍ଦୂର'ର ମର୍ଯ୍ୟାଦା ରଖି ଶତ୍ରୁ ପକ୍ଷଙ୍କୁ ଉଚିତ ଜବାବ ଦେଇଛନ୍ତି ବୋଲି ଜିଲ୍ଲାପାଳ କହିଥିଲେ। ଏହି ଅବସରରେ ସେନାବାହିନୀଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଦସ୍ତଖତ ଅଭିଯାନ କରାଯାଇଥିଲା। ବାରିପଦା ପୌରପାଳିକା ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ପୌର ଉପାଧ୍ୟକ୍ଷା ସୀମା ଦାସ, ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବିନୋଦ କିଷାନ, ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ଅନନ୍ତ ସେଠୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ମହାନ୍ତି ସମେତ ବିଭିନ୍ନ ବିଭାଗୀୟ ପଦାଧିକାରୀ, କାଉନସିଲର ଓ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ।



### ଛଉ ପ୍ରତିଯୋଗିତା ଉଦ୍‌ଯାପିତ

## ମନମୋହିଲା 'ବସ୍ତ୍ରହରଣ' ଓ 'ବନବାସୀ' ନୃତ୍ୟ




**ମୋରଡା, ୧୫।୫(ସମିସ)**

ଚିତ୍ରଡା ଗ୍ରାମର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ଦୁଇ ଦିନ ଧରି ଚାଲିଥିବା ଛଉ ପ୍ରତିଯୋଗିତା କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ବିଶ୍ୱନାଥ ପ୍ରଧାନ, ମୁଖ୍ୟବକ୍ତା ଭାବେ ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡ଼ା, ସମ୍ମାନିତ ଅତିଥି ଭାବେ ପ୍ରୋଜେକ୍ଟ ଛାଉଣୀ ତରଫରୁ ନୃତ୍ୟଗୁରୁ ପାଗଲୁ ଜେନା, ତୁଳସୀ ମହାନ୍ତ, ଆଦିତ୍ୟ ପ୍ରସାଦ ଦାସ, ହରିଶ୍ଚନ୍ଦ୍ର ରାୟବାବୁ, ନିତ୍ୟାନନ୍ଦ ମହାନ୍ତ, ଜୟନ୍ତ ବେହେରା, କୈଳାସ ଖଣ୍ଡେଲୱାଲ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଦୀପ କୁମାର ମହାନ୍ତ ମଞ୍ଚ ପରିଚାଳନା କରିଥିଲେ। ଚିତ୍ରଡା ପ୍ରଣାମ ସଂଗଠନ ତରଫରୁ ଉତ୍ତର ସାହି ଏବଂ ଦକ୍ଷିଣ ସାହି ଛଉ ନୃତ୍ୟ ପ୍ରତିଷ୍ଠାନ କଳାକାର ଏବଂ କୁନି କଳାକାରଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଛଉରେ ଡକ୍ଟରେଟ ହାସଲ କରିଥିବା କୃପାସିନ୍ଧୁ ମହାନ୍ତଙ୍କୁ ମଧ୍ୟ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଦୁଇସାହିର କଳାକାରମାନେ ରାତିତମାମ ଛଉ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ବାନ୍ଧି ରଖିଥିଲେ। ନୃତ୍ୟର ତାଳେ ତାଳେ ନାଗରାର ଧ୍ୱନିରେ ଦର୍ଶକ ଝୁମି ଉଠିଥିଲେ। ଉତ୍ତରସାହି ତରଫରୁ ବଗ ପଞ୍ଚମୀ, ରାହାସ, ବସ୍ତ୍ରହରଣ, କରମ ରାଜା, ରାଇରାଜା ନୃତ୍ୟ ପରିବେଷଣ କରାଯାଇଥିଲା; ହେଲେ 'ବସ୍ତ୍ରହରଣ' ନୃତ୍ୟ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ସେହିପରି ଦକ୍ଷିଣ ସାହି ଛଉନୃତ୍ୟ ପ୍ରତିଷ୍ଠାନ ତରଫରୁ ମଲ୍ଲିକାର୍ଜୁନ, କେଉଟ କେଉଟୁଣୀ, ବନବାସୀ, ତାମୁଡିଆ କୃଷ୍ଣ, ମେଘ ମୟୂରୀ, ଦେବଯାନୀ ନୃତ୍ୟ ପରିବେଷଣ ହୋଇଥିଲା; ଯେଉଁଥିରେ 'ବନବାସୀ' ନୃତ୍ୟଟି ଆକର୍ଷଣୀୟ ଥିଲା। ଗୁରୁବାର ଉଡାପର୍ବ ଉପଲକ୍ଷେ ଉତ୍ତରସାହିର ଭୁବନ ଜିତବାବୁ ମନୋରଞ୍ଜନ ପାଇଁ ଭୁବନେଶ୍ୱରର ମେଲୋଡି ଆୟୋଜନ କରିଥିଲେ।

## କାଳବୈଶାଖୀରେ ଉଡ଼ିଲା ଛପର



**ବିଶୋଇ, ୧୫।୫.(ସମିସ):** ଆଜି ବିଶୋଇ ଅଞ୍ଚଳରେ କାଳବୈଶାଖୀର କରାଳ ତାଣ୍ଡବ ଦେଖିବାକୁ ମିଳିଛି। ଗୁରୁବାର ଅପରାହ୍ନ ସମୟରେ ବିଶୋଇ ଅଞ୍ଚଳରେ ପ୍ରବଳ ବେଗରେ ପବନ ପ୍ରବାହ ସାଙ୍ଗକୁ ବର୍ଷା ହେବା ଫଳରେ ବିଶୋଇ ମାଝୀସାହି ଗ୍ରାମର କାହ୍ନୁ ହେମ୍ବ୍ରମଙ୍କ ୩ ବଖରା ଆଜବେଷ୍ଟସ୍ ଘରର ଛପର ଉଡି ଯାଇଥିଲା; କିନ୍ତୁ କାହ୍ନୁଙ୍କ ପରିବାର ଅଳ୍ପକେ ରକ୍ଷା ପାଇଯାଇଛନ୍ତି। କେବଳ ସେତିକି ନୁହେଁ ଗତ ମାର୍ଚ୍ଚ ୨୦ ତାରିଖରେ କାଳବୈଶାଖୀ କୁଆପଥର ମାଡ଼ରେ ପ୍ରଭାବରେ ଖଡ଼ବବେଡ଼ା ଓ ଯୋଡ଼ିଆ ପଞ୍ଚାୟତର କ୍ଷତିଗ୍ରସ୍ତ ସହି ପଲିଥିନ ତଳେ ଦିନ କାଟୁଥିବା କିଛି ବିପନ୍ନ ପରିବାରଙ୍କ ମଧ୍ୟ ଆଜିକାର କାଳବୈଶାଖୀ ପ୍ରଭାବରେ ଉପର ପଲିଥିନ ଛାଉଣୀ ଉଡିଯିବା ଫଳରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ପରିବାରଙ୍କ ଗୃହ ଉପର ଛାଉଣୀ ନିର୍ମାଣ ବାବଦକୁ ସରକାରଙ୍କ ପକ୍ଷରୁ ତୁରନ୍ତ ଆର୍ଥିକ ସହାୟତା ଯୋଗାଇବା ପାଇଁ ଦାବି ହୋଇଛି।

### ପୂର୍ବତନ ସରପଞ୍ଚଙ୍କର ରସାୟନ ବିଜ୍ଞାନରେ ଡକ୍ଟରେଟ ଲାଭ



କରଞ୍ଜିଆ ବ୍ଲକ୍ ଅନ୍ତର୍ଗତ [illegible] ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ଗବେଷିକା ମନସ୍ୱିନୀ ମିଶ୍ର, ଶିକ୍ଷା ଓ ଅନୁସନ୍ଧାନ ୟୁନିଭର୍ସିଟିରୁ ରସାୟନ ବିଜ୍ଞାନରେ ପି.ଏଚ୍.ଡି ଲାଭ କରିଛନ୍ତି। ଉକ୍ତ ବିଶ୍ୱବିଦ୍ୟାଳୟର ପ୍ରଫେସର ଡକ୍ଟର ଉପେନ୍ଦ୍ର ନାଥ ଦାଶ ଏବଂ ଅସୋସିଏଟ ପ୍ରଫେସର ଡ.[illegible] ଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ମନସ୍ୱିନୀ ମିଶ୍ରଙ୍କ ସନ୍ଦର୍ଭ Physicochemical Studies of Ternary Mixtures of Extractants and Diluents [illegible] IMMT [illegible]

# କାହା ପାଇଁ ଆସୁଛି ବନ୍ଧୁକ ?

ଭୁବନେଶ୍ୱର,୧୫।୫(ସମିସ): ଗଞ୍ଜାମରୁ ପୁଳାପୁଳା ବନ୍ଧୁକ ଜବତ ମାମଲାର ତଦନ୍ତ କରୁଛି ଏସ୍‌ଟିଏଫ। ଏହା ପଛର ମାଷ୍ଟରମାଇଣ୍ଡକୁ ଧରିବାକୁ ମୁଙ୍ଗେର ଯାଇଛି ଏସ୍‌ଟିଏଫର ଦୁଇଟି ଟିମ୍। ଏହି ଟିମ୍ ସେଠାର ମାଷ୍ଟରମାଇଣ୍ଡ ସମେତ ୭ଜଣ ବନ୍ଧୁକ ଡିଲରଙ୍କୁ ଚିହ୍ନଟ କରିଛି। ମୁଙ୍ଗେର ପୁଲିସ ସହ ମିଶି ସେମାନଙ୍କୁ ଧରିବାକୁ ଚଢଉ ଜୋରଦାକର କରୁଛି। ଆହୁରି ମଧ୍ୟ ଓଡ଼ିଶାରେ ଥିବା ୫୦ ଜଣ ବନ୍ଧୁକ ଡିଲରଙ୍କୁ ଚିହ୍ନଟ କରିଛି ଏସ୍‌ଟିଏଫ। ସେମାନଙ୍କୁ ମଧ୍ୟ ଧରିବାକୁ ଏସ୍‌ଟିଏଫ ଖୋଳତାଡ଼ କରୁଛି। ୨୦ଟି ବନ୍ଧୁକ ଗଞ୍ଜାମକୁ ଆସିଥିଲା କଣ ପାଇଁ। ଏହି ବନ୍ଧୁକ ଆଣିବା ପଛରେ କାହାର ହାତ ରହିଛି। ସବୁ କିଛି ଖୋଳତାଡ଼ କରୁଛି ଏସ୍‌ଟିଏଫ। ଆବଶ୍ୟକ ପଡ଼ିଲେ ଏସ୍‌ଟିଏଫ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରିବ।

- ଓଡ଼ିଶାରେ ଅଛନ୍ତି ୫୦ରୁ ଅଧିକ ବନ୍ଧୁକ ଡିଲର
- ମୁଙ୍ଗେରରେ ବସିଛି ମାଷ୍ଟରାଇଣ୍ଡ

ତଦନ୍ତରୁ ଜଣାପଡିଛି ଗଞ୍ଜାମକୁ ପୁଳାପୁଳା ବନ୍ଧୁକ ସପ୍ଲାଏ କରୁଥିଲା ଆଲୋକ ପ୍ରଧାନ। ପୁଲିସ ଫାଇଲରେ ମାଳ ମାଳ ହତ୍ୟା, ଜମି ହଡ଼ପ, ଠିକାଦାରୀ, ବୋମାମାଡ଼, ଲୁଟ୍ ଆଉ ଦାଦାବଟି କେସ୍ ରହିଛି। ଦୀର୍ଘଦିନ ଧରି ବିକ୍ରମ ମଲ୍ଲିକ ଜେଲରେ ରହିଥିବାରୁ ଆଲୋକ ତା ଜାଗା ନେବାକୁ ଜାଲ ବିଛାଇଥିଲା। ପୁଲିସ ଫାଇଲରେ ନିଖୋଜ ଏହି ମୋଷ୍ଟ ୱାଣ୍ଟେଡ୍ ଅପରାଧୀ। ଗ୍ୟାଙ୍ଗରେ ସାମିଲ ହେଉଥିବା ଯୁବକଙ୍କୁ ଗିଫ୍ଟ ଆକାରରେ ବନ୍ଧୁକ ବି ଦେଉଥିଲା। ଦାଦାବଟିର ସିଂହ ଭାଗ ନିଜେ ରଖି ବାକି ଟଙ୍କା ସହଯୋଗୀଙ୍କୁ ଟେକି ଦେଉଥିଲା। ମୁଙ୍ଗେରରେ ବସି, ଗଞ୍ଜାମରେ ଗ୍ୟାଙ୍ଗୱାର କରିବାକୁ ବଡ଼ ଯୋଜନା ବି କରିଥିଲା। ଆଉ ଗଞ୍ଜାମ ପାଇଁ ଡାହାଣ ହାତ କୁହାଯାଉଥିବା ଶିବ ଜେନାକୁ ଦାୟିତ୍ୱ ଦେଇଥିଲା। ୧୮ ଅଭିଯୁକ୍ତଙ୍କୁ ୨୦ ବନ୍ଧୁକ ଗିଫ୍ଟ କରିବା ପରେ, ସାମନାକୁ ଆସିଛି ମେଡ୍ ଇନ୍ ମୁଙ୍ଗେର କାହାଣୀ। ସେପଟେ ବୟାଳିଶମୌଜାର ବନ୍ଧୁକ ଗଞ୍ଜାମରୁ ମିଳିବା ପରେ, ସ୍ୱେଶାଲ ଟାସ୍କ ଫୋର୍ସର ଅକଲ ଗୁଡୁମ। ଓଡ଼ିଶାର ନୟାଗଡ଼, କେନ୍ଦ୍ରାପଡ଼ା, ପୁରୀ ଭଳି ଜିଲ୍ଲା ସମେତ ୭ ସହରକୁ ଯାଇଛି ବନ୍ଧୁକ।

## ମୋବାଇଲ ଦେଖିବାକୁ ମନା କରିବାରୁ ଜୀବନ ହାରିଲେ ଛାତ୍ର

ବାଲେଶ୍ୱର,୧୫।୫(ସମିସ): ମୋବାଇଲ ଦେଖିବାକୁ ପରିବାରଲୋକ ବାରଣ କରିବାରୁ ଜୀବନ ହାରିଦେଲେ ନବମ ଶ୍ରେଣୀର ଛାତ୍ର। ବାଲେଶ୍ୱର ସହଦେବଖୁଣ୍ଟା ଥାନା ବାଲିଆ ଅଞ୍ଚଳରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ମୃତ ଛାତ୍ରଜଣକ ହେଲେ, ବାଲିଆ ଅଞ୍ଚଳର ତପନ ଗିରିଙ୍କ ସାନ ପୁଅ ପ୍ରିୟାଂଶୁ ପ୍ରୀତମ ଗିରି। ଆଜି ସକାଳେ ସେ ମୋବାଇଲ ଦେଖୁଥିଲେ। ଏହି ସମୟରେ ତାଙ୍କ ବଡ଼ଭାଇ ଜ୍ୟୋତିଜୀବନ ଗିରି ଏବଂ ମା' ତାଙ୍କ ପାଖରୁ ମୋବାଇଲ ଛଡ଼ାଇନେବା ସହ ପାଠ ପଢ଼ିବାକୁ କହିଥିଲେ। ପରେ ସେମାନେ ଘରୁ ବାହାରକୁ ଯାଇଥିଲେ। ଏହି ସମୟରେ ପ୍ରିୟାଂଶୁ ଅନ୍ୟ ଏକ କୋଠରିରେ ଫ୍ୟାନ୍‌ରେ ଝୁଲି ଆତ୍ମହତ୍ୟା କରିଥିଲେ। ପରିବାରଲୋକେ କିଛି ସମୟ ପରେ ଘରକୁ ଫେରି ଏହା ଦେଖିବା ପରେ ତୁରନ୍ତ ପ୍ରିୟାଂଶୁକୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

## ଭିମସାର୍‌ରେ ରାଗିଂ: ୩ ମାସ ପାଇଁ ହଷ୍ଟେଲରୁ ବରିଷ୍ଠ ଛାତ୍ର ନିଲମ୍ବିତ

ସମ୍ବଲପୁର, ୧୫।୫(ସମିସ): ଗତ ୭ ତାରିଖରେ ବୀରସୁରେନ୍ଦ୍ରସାଏଆୟୁର୍ବିଜ୍ଞାନଓଗବେଷଣାପ୍ରତିଷ୍ଠାନ (ଭିମସାର)ରେ ହୋଇଥିବା ଛାତ୍ର ରାଗିଂ ଘଟଣାରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଜଣେ ବରିଷ୍ଠ ଛାତ୍ରଙ୍କୁ ୩ମାସ ପାଇଁ ତାଙ୍କ ଛାତ୍ରାବାସରୁ ନିଲମ୍ବିତ କରାଯାଇଛି। ଏହି ଅବଧି ମଧ୍ୟରେ ଭିମସାର୍‌ର କୌଣସି ଛାତ୍ରାବାସରେ ସେମାନେ ରହିପାରିବେ ନାହିଁ ବୋଲି ନିଷେଧାଜ୍ଞା ଜାରି କରାଯାଇଛି।

ଗୁରୁବାର ଅପରାହ୍ଣରେ ଭିମସାର୍ ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଣ୍ଟି ରାଗିଂ ସେଲ୍ ବୈଠକରେ ପ୍ରଫେସର ଅଶୋକ ନାୟକ, ପ୍ରଫେସର ଜୟଶ୍ରୀ ଦୋରା, ପ୍ରଫେସର୍ ଏଲ୍.କେ ସିଂହ ସହିତ ସାମାଜିକ ସଂଗଠନ କର୍ମକର୍ତ୍ତା ଓ ଗଣମାଧ୍ୟମ ପ୍ରତିନିଧିଙ୍କ ଉପସ୍ଥିତିରେ ବରିଷ୍ଠ ଛାତ୍ରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକକୁ ଡକାଯିବା ସତ୍ତ୍ୱେ ସମ୍ପୃକ୍ତ ଛାତ୍ର ବା ତାଙ୍କ ଅଭିଭାବକ ଉପସ୍ଥିତ ନଥିଲେ। ସେମାନଙ୍କୁ ଏହି କାର୍ଯ୍ୟାନୁଷ୍ଠାନ ବିଷୟରେ ଭିମସାର କର୍ତ୍ତୃପକ୍ଷ ପତ୍ର ମାଧ୍ୟମରେ ସୂଚନା ଦେଇଥିବା ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ ଯେ, ଗତ ୭ ତାରିଖ ରାତିରେ କନିଷ୍ଠ ଛାତ୍ରଜଣଙ୍କ ୭ ନମ୍ବର ଛାତ୍ରାବାସକୁ ରାତ୍ରିଭୋଜନ ପାଇଁ ଯାଇଥିଲେ। ସେଠାରୁ ସେ ଚାଲିଯାଉଥିବା ବେଳେ ବରିଷ୍ଠ ଛାତ୍ରଜଣଙ୍କ ତାଙ୍କୁ ଛୁରିରେ ଆକ୍ରମଣ ଉଦ୍ୟମ କରିଥିଲେ। ଏହି ଘଟଣାକୁ ନେଇ ଉକ୍ତ ରାତିରେ କନିଷ୍ଠ ଛାତ୍ରଙ୍କ ପକ୍ଷରୁ ଭିମସାର୍ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ପରଦିନ ୮ତାରିଖରେ ତାଙ୍କ ପିତା ଭିମସାର୍‌କୁ ଯାଇ ଆଣ୍ଟି ରାଗିଂ ସେଲ୍‌ରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ମିଳିବା ପରେ ଅଧ୍ୟକ୍ଷ ତଥା ଡିନ୍ ଡ. ମହାନ୍ତି ଏକ ଉପସମିତି ଗଠନ କରି ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ସମିତି ଉଭୟ କନିଷ୍ଠ ଓ ବରିଷ୍ଠ ଛାତ୍ରଙ୍କୁ ବ୍ୟକ୍ତିଗତ ଭାବେ ପଚରାଉଚରା କରି ରିପୋର୍ଟ ଦାଖଲ କରିଥିଲା। ଏହି ରିପୋର୍ଟ ଆଧାରରେ ଆଜି ଆଣ୍ଟି ରାଗିଂ ସେଲ୍ ବୈଠକରେ ବରିଷ୍ଠ ଛାତ୍ରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ତାଙ୍କୁ ୩ମାସ ପାଇଁ ଛାତ୍ରାବାସରୁ ନିଲମ୍ବନ କରାଯାଇଥିବା ସୂଚନା ମିଳିଛି।

- ଆଇଏଏସ୍ ବିଷ୍ଣୁପଦଙ୍କ ଘରେ ସିବିଆଇ ଚଢ଼ଉ ପ୍ରସଙ୍ଗ

## ଶୁଣାଣି ଶେଷ, ରାୟ ସଂରକ୍ଷିତ ରଖିଲେ ହାଇକୋର୍ଟ

କଟକ, ୧୫।୫(ସମିସ): କୌଣସି ଏତଲା ନଥାଇ ବରିଷ୍ଠ ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀଙ୍କ ଘରେ ସିବିଆଇ ଚଢ଼ଉକୁ ବିରୋଧ କରି ରୁଜୁ ମାମଲାର ଶୁଣାଣି ଶେଷ କରିଛନ୍ତି ହାଇକୋର୍ଟ। ଶ୍ରୀ ସେଠୀ ଓ ତାଙ୍କ ପତ୍ନୀ ଓ ଝିଅଙ୍କ ପକ୍ଷରୁ ଦାୟର ଆବେଦନଗୁଡ଼ିକର ଏକତ୍ର ଶୁଣାଣି କରି ରାୟକୁ ହାଇକୋର୍ଟ ସଂରକ୍ଷିତ ରଖିଛନ୍ତି। ଅନ୍ୟପଟରେ ରାୟ ପ୍ରକାଶ ପର୍ଯ୍ୟନ୍ତ ବିଷ୍ଣୁପଦ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଗତ ଫେବୃଆରୀ ୨୫ରେ ହାଇକୋର୍ଟ ପ୍ରଦାନ କରିଥିବା ଅନ୍ତରୀଣ ସୁରକ୍ଷା ବଳବତ୍ତର ରହିବ। ଡ. ଜଷ୍ଟିସ୍ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଉପରୋକ୍ତ ସମୟ ପର୍ଯ୍ୟନ୍ତ ଏହି ମାମଲାରେ ଶ୍ରୀ ସେଠୀ ଓ ତାଙ୍କ ପରିବାର ସଦସ୍ୟଙ୍କ ବିରୋଧରେ କୌଣସି କଠୋର୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ। ମାମଲାରୁ ପ୍ରକାଶ ଯେ ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କ ବାସଭବନରେ ବ୍ରିଜ୍ ଆଣ୍ଡ ରୁଫ୍ ଲାଞ୍ଚ କାରବାର ମାମଲାରେ ସିବିଆଇ ଚଢ଼ଉ କରିଥିଲା। ତାଙ୍କ ବିରୋଧରେ କୌଣସି ଏତଲା ନଥିବା ବେଳେ ସିବିଆଇ ପକ୍ଷରୁ ତାଙ୍କ ଘରେ ବେଆଇନ ଭାବେ ଚଢ଼ଉ କରାଯିବାକୁ ବିରୋଧ କରି ଶ୍ରୀ ସେଠୀ ଓ ପରିବାର ସଦସ୍ୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଦଲାଲଙ୍କ ଚରାଭୂଇଁ 'ବଡ଼ ମେଡିକାଲ'

### ଦଲାଲ କଥାରେ ପଡ଼ି ଲକ୍ଷାଧିକ ଟଙ୍କା ହରାଇଲେ ମହିଳା

କଟକ,୧୫।୫(ସମିସ): ବଡ ମେଡିକାଲକୁ ଦଲାଲ ମୁକ୍ତ କରିବା ଅସମ୍ଭବ ହୋଇ ପଡ଼ିଲାଣି। ମେଡିକାଲ ପରିସର ଯେପରି ଦଲାଲଙ୍କ କବ୍‌ଜାକୁ ଆସି ସାରିଛି। ଆଉଟଡୋର(ଓପିଡି) ଆଉ ଟ୍ରମା ସେଣ୍ଟର ନିକଟରେ ଖୁଲମଖୁଲା ଦଲାଲଙ୍କ ଚଳପ୍ରଚଳ ଲାଗି ରହିଛି। ସୁଯୋଗ ଦେଖି ରୋଗୀଙ୍କୁ ଘରୋଇ ହସ୍ପିଟାଲ ନେବାରେ ଦଲାଲମାନେ ହେଳା କରୁନାହାନ୍ତି। ପ୍ରତ୍ୟେକ ଦିନ ଏଭଳି ଘଟଣା ଘଟୁଥିଲେ ସୁଦ୍ଧା ପୁଲିସ ଏବଂ ମେଡିକାଲ ପ୍ରଶାସନର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି। ବଡ ମେଡିକାଲ ଏବେ ଦଲାଲଙ୍କ ଚରାଭୂଇଁ ପାଲଟିଛି ବୋଲି କଟକର ଜଣାଶୁଣା ସାମାଜିକକର୍ମୀ ଡଃ ଅଭୟ ରଞ୍ଜନ ପଟ୍ଟନାୟକ ଅଭିଯୋଗ କରିଥିବା ବେଳେ ଏ ଦିଗରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

- ପୁଲିସର କାମଚଳା ଚଢଉ, ଅନ୍ତରୀଣ କମିଟି ନିଷ୍କ୍ରିୟ
- ଓପିଡି, ଟ୍ରମା ସେଣ୍ଟରରେ ମାଲମାଲ ଦଲାଲ୍

ବଡ ମେଡିକାଲକୁ ଦଲାଲ ମୁକ୍ତ କରିବା ଉଦ୍ୟମ ଏକ ପ୍ରହସନ ସାବ୍ୟସ୍ତ ହେଲାଣି। ସାମାଜିକକର୍ମୀ ଡଃ ପଟ୍ଟନାୟକଙ୍କ ଅଭିଯୋଗ ମୁତାବକ, ପ୍ରତ୍ୟେକ ଦିନ ଲୋକେ ଦଲାଲଙ୍କ ଶିକାର ହେଉଛନ୍ତି। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଲୋକେ ଉନ୍ନତ ଚିକିତ୍ସା ଆଶାରେ କଟକ ବଡ ମେଡିକାଲ ଉପରେ ଭରସା କରୁଛନ୍ତି। ମାତ୍ର ଲୋକଙ୍କ ଭରସା ରକ୍ଷା କରିବାରେ ପୁଲିସ ଏବଂ ମେଡିକାଲ ପ୍ରଶାସନ ବିଫଳ ହେଉଛି। ଏଭଳି କାର୍ଯ୍ୟ ଜାରି ରହିଲେ ବଡ ମେଡିକାଲ ଉପରୁ ଲୋକଙ୍କ ଭରସା ତୁଟିଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଆଜି ପ୍ରସୂତୀ ଏବଂ ସ୍ତ୍ରୀ ରୋଗ ବିଭାଗ ନିକଟରେ ଜଣେ ମହିଳା ଦଲାଲଙ୍କ ଶିକାର ହେବା କଥା କହିବା ଘଟଣା ଚର୍ଚ୍ଚା ପରିସରଭୂକ୍ତ ହୋଇଛି। ଦଲାଙ୍କ ପ୍ରରୋଚନା ପଡି ଲକ୍ଷାଧିକ ଟଙ୍କା କ୍ଷତି ସହିଥିବା କଥା ସେ କହିଥିଲେ। ପରେ ପୁର୍ନବାର ଏସ୍‌ସିବିକୁ ଆସି ସେ ଚିକିତ୍ସିତ ହେଉଥିବା କଥା ଜଣାଇଥିଲେ।

ପ୍ରକାଶଯୋଗ୍ୟ, ଏସ୍‌ସିବି ମେଡ଼ିକାଲରେ ଦଲାଲ ଦମନ ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ପୁଲିସ ଦାବିର ସହ କହୁଛି। ମେଡ଼ିକାଲ ଭିତରେ ସାଦା ପୋଷାକରେ ଘୂରି ବୁଲୁଛନ୍ତି ପୁଲିସ କର୍ମଚାରୀ। ଦିନ ରାତି ବିଭିନ୍ନ ସ୍ଥାନରେ ଚଢ଼ଉ ହେଉଛି ବୋଲି ପୁଲିସ କହୁଥିବା ସତ୍ତ୍ୱେ ଦଲାଲଙ୍କ ସଂଖ୍ୟା କାହିଁକି କମୁନି ତାହା ଅସ୍ପଷ୍ଟ। ସେହିପରି ଦଲାଲି ରୋକିବା ଉଦ୍ଦେଶ୍ୟରେ ଏସ୍‌ସିବି ମେଡିକାଲ କର୍ତ୍ତୃପକ୍ଷ ଏକ ଅନ୍ତରୀଣ କମିଟି ଗଠନ କରିଥିଲେ। ନିୟମିତ ବିଭିନ୍ନ ୱାର୍ଡ ଅନୁଧ୍ୟାନ କରିବା କମିଟିର କାର୍ଯ୍ୟ। ହେଲେ କମିଟି ଏବେ ନିଷ୍କ୍ରିୟ। ଏ ବାବଦରେ ଏସ୍‌ସିବି ମେଡିକାଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

## ଭିସୁଟ୍ ପ୍ରାଧ୍ୟାପକଙ୍କୁ ପୁନଃଅବସ୍ଥାପିତ କର: ହାଇକୋର୍ଟ

### ଦ୍ୱିତୀୟ କାରଣଦର୍ଶାଅ ନୋଟିସ୍ ବିନା ଚାକିରିରୁ ବାଧ୍ୟତାମୂଳକ ଅବସର ଆଦେଶ ଗ୍ରହଣୀୟ ନୁହେଁ

କଟକ,୧୫। ୫(ସମିସ): ଦ୍ୱିତୀୟଥର ପାଇଁ କାରଣଦର୍ଶାଅ ନୋଟିସ୍ ଜାରି ନକରି ଚାକିରିରୁ ବାଧ୍ୟତାମୂଳକ ଅବସର ପ୍ରଦାନ ଆଦେଶ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏଭଳି କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ଆଦେଶ ପ୍ରଦାନ ବେଳେ ପ୍ରାକୃତିକ ନ୍ୟାୟର ନୀତିକୁ ଅନୁସରଣ କରାଯାଇନଥିବା ହାଇକୋର୍ଟ କହିଛନ୍ତି। ଏଥିସହ ଆବେଦନକାରୀଙ୍କ ବିରୋଧରେ ଗତ ୨୦୨୩ ଅକ୍ଟୋବର ୩ରେ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) କର୍ତ୍ତୃପକ୍ଷ ପ୍ରଦାନ କରିଥିବା ବାଧ୍ୟତାମୂଳକ ଅବସର ପ୍ରଦାନ ଆଦେଶକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ଡ. ସସ୍ମିତା କୁମାରୀ ପାଢ଼ୀଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ୍ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଅନ୍ୟପଟରେ ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ଆବେଦନକାରୀଙ୍କୁ ପୁନଃ ଅବସ୍ଥାପିତ କରିବା ସଂକ୍ରାନ୍ତରେ ଆଦେଶନାମା ଜାରି କରିବାକୁ ଭିସୁଟ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ।

ମାମଲାରୁ ପ୍ରକାଶ ଯେ ଆବେଦନକାରୀ ଭିସୁଟ୍‌ରେ କମ୍ପ୍ୟୁଟର ଆପ୍ଲିକେସନ ବିଭାଗର ଆସୋସିଏଟ ପ୍ରଫେସର ଭାବେ କାର୍ଯ୍ୟରତ ଥିଲେ। ଗତ ୨୦୨୨ ଜୁଲାଇ ୨୨ରେ ତାଙ୍କୁ ୩ ବର୍ଷ ପାଇଁ ବିଭାଗର ଏଚଓଡି(ମୁଖ୍ୟ) ଦାୟିତ୍ୱ ନେବାକୁ ରେଜିଷ୍ଟ୍ରାରଙ୍କ ପକ୍ଷରୁ ଆଦେଶ ଜାରି ହୋଇଥିଲା। ଏଥିପୂର୍ବରୁ ବିଭାଗର ବିଭିନ୍ନ ଦସ୍ତାବିଜ ଓ ରେଜିଷ୍ଟର ଗୁଡ଼ିକୁ ନିୟମିତ ବା ଠିକ୍ କରାଯାଉ ବୋଲି ସେ ଆବେଦନ କରିଥିଲେ। ହେଲେ ଏଥିପ୍ରତି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଧ୍ୟାନ ଦେଇନଥିବା ବେଳେ ସେ ମଧ୍ୟ କର୍ତ୍ତୃପକ୍ଷଙ୍କ ଆଦେଶ ପାଳନ ନକରିବା ସହ ଏଚ୍‌ଓଡି ଦାୟିତ୍ୱ ଗ୍ରହଣ କରିନଥିଲେ। ଏଣୁ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପ୍ରଥମ କାରଣ ଦର୍ଶାଅ ନୋଟିସ୍‌ର ସେ ଉତ୍ତର ଦେଇଥିଲେ ମଧ୍ୟ ସନ୍ତୋଷଜନକ ନୁହେଁ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ଦର୍ଶାଯାଇଥିଲା। ଏଥିସହ ଗତ ୨୦୨୩ ଅକ୍ଟୋବର ୩ରେ ତାଙ୍କୁ ବାଧ୍ୟତାମୂଳକ ଅବସର ଆଦେଶ ଦିଆଯାଇଥିଲା। ଏହାକୁ ଚାଲେଞ୍ଜ କରି ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ରାଜ୍ୟର ଜାତୀୟ ରାଜପଥର ସ୍ଥିତି ସମୀକ୍ଷା କଲେ ପୂର୍ତ୍ତ ମନ୍ତ୍ରୀ

ଭୁବନେଶ୍ୱର,୧୫।୫(ସମିସ): ବିକଶିତ ଓଡ଼ିଶା ୨୦୩୬ ଲକ୍ଷ୍ୟ ନେଇ ରାଜ୍ୟ ସରକାର ପ୍ରତିଟି ଭିତ୍ତିଭୂମିକୁ ସୁଦୃଢ଼ କରିବା କ୍ଷେତ୍ରରେ ପ୍ରୟାସ ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଯେକୌଣସି ଅଞ୍ଚଳର ବିକାଶ ପାଇଁ ସୁଦୃଢ଼ ସଡ଼କ ଯୋଗାଯୋଗ ବ୍ୟବସ୍ଥା ଅତ୍ୟନ୍ତ ଜରୁରୀ। ତେଣୁ ରାଜ୍ୟରେ ଏକ ସର୍ବଶ୍ରେଷ୍ଠ ତଥା ସୁଦୃଢ଼ ରୋଡ୍ ନେଟ୍‌ୱାର୍କ ପ୍ରସ୍ତୁତ ଉପରେ ଗୁରୁତ୍ୱ ଦେବାକୁ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଗୁରୁବାର ସ୍ଥାନୀୟ ନିର୍ମାଣ ସୌଧଠାରେ ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ବିଭିନ୍ନ ଜାତୀୟ ରାଜପଥର ପ୍ରଶସ୍ତୀକରଣ, ଜମି ଅଧିଗ୍ରହଣ ସମସ୍ୟାର ସମାଧାନ, ଫରେଷ୍ଟ କ୍ଲିୟରାନ୍ସ, ନିରନ୍ତର ଫ୍ଲାଏ ଆସ୍ ଯୋଗାଣ, ହାଇଲେବଲ ବ୍ରିଜ୍ ଓ ରେଲୱେ ଓଭର ବ୍ରିଜ୍ ନିର୍ମାଣ ଏବଂ ଡିସ୍‌କମ ଜନିତ ସମସ୍ୟା ସମାଧାନ ସହିତ ତ୍ୱରିତ ବେଗରେ କାର୍ଯ୍ୟ ଆଗେଇ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଖୋର୍ଦ୍ଧା ସହର ବାଇପାସ୍ ରାସ୍ତା, କଳିଙ୍ଗଘାଟି ରାସ୍ତାର ପ୍ରଶସ୍ତୀକରଣ, ଖରିଆର ରୋଡ ୪ ଲେନ୍ ବିଶିଷ୍ଟ ରେଲ୍‌ୱେ ଓଭର ବ୍ରିଜ୍, କୋରାପୁଟ ଜିଲ୍ଲା ପାତ୍ରପୁଟଠାରେ କୋଲାବ ନଦୀ ଉପରେ ହାଇଲେବୁଲ ସେତୁ ନିର୍ମାଣ, ପୁରୀ-କୋଣାର୍କ ରାସ୍ତାର ମାଟିଆପଡ଼ାଠାରେ ଥିବା ରେଲ୍‌ୱେ ଓଭର ବ୍ରିଜ୍, ନୟାଗଡ଼ ଟାଉନ୍ ବାଇପାସ୍ ରୋଡ୍, ଜୟପୁର ବାଇପାସ୍ ରାସ୍ତା, କନ୍ଦରପୁର-ବାଲିକୁଦା ରାସ୍ତାର ପ୍ରଶସ୍ତୀକରଣ, କୋଟପାଡ଼ ବାଇପାସ୍ ରାସ୍ତା ନିର୍ମାଣ, ବଲାଙ୍ଗିର ବାଇପାସ୍ ରାସ୍ତା, ଏନ୍‌ଏଚ୍-୨୨୦ରେ ବୈତରଣୀ ନଦୀରେ ହାଇଲେବୁଲ ସେତୁ ନିର୍ମାଣ, ଝାରସୁଗୁଡ଼ା ବାଇପାସ୍ ରାସ୍ତା ନିର୍ମାଣ ଆଦି ବିଭିନ୍ନ ରାସ୍ତା ଓ ସେତୁର ନିର୍ମାଣର ବର୍ତ୍ତମାନ ସ୍ଥିତି ବିଷୟରେ ଆଲୋଚନା ହୋଇଥିଲା। ବିଭିନ୍ନ ନିର୍ମାଣ କାର୍ଯ୍ୟକୁ କିଭଳି ତ୍ୱରାନ୍ୱିତ କରିହେବ ସେଥିନେଇ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

## ୪ ହତ୍ୟାକାରୀଙ୍କୁ ଆଜୀବନ

ନୂଆପଡ଼ା, ୧୫।୫(ସମିସ): ଏକ ହତ୍ୟା ମାମଲାର ବିଚାର କରି ନୂଆପଡ଼ା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ସୁନୀଲ କୁମାର ଦାସ ଗୋଟିଏ ପରିବାରର ୪ଜଣଙ୍କୁ ଆଜୀବନ ଜେଲ୍ ଓ ୧୦ ହଜାର ଟଙ୍କା ଲେଖାଏଁ ଜରିମାନାରେ ଦଣ୍ଡିତ କରିଛନ୍ତି। ସେମାନେ ହେଲେ, ହୃଷୀ ଶବର (୬୦), ଛେତ୍ରୀ ଶବର(୫୫), ଭୁବନେଶ୍ୱର ଶବର(୫୫) ଓ ବିମଳା ଶବର (୪୦)। ୨୩ଜଣଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି କୋର୍ଟ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ସେହିପରି, ଏହି ଘଟଣାରେ ସଂପୃକ୍ତ ଜଣେ ଅଭିଯୁକ୍ତକୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ୨୦୧୭ ଜାନୁଆରୀ ୧୫ରେ ଲଖନା ଥାନା ଅନ୍ତର୍ଗତ ସିଲଭା ଗାଁରେ ଏହି ହତ୍ୟାକାଣ୍ଡ ଘଟିଥିଲା। ଗାଁର ଗୋକୁଳ ଶବରଙ୍କୁ ୫ଜଣ ଠେଙ୍ଗାରେ ଆକ୍ରମଣ କରିଥିଲେ। ଗୁରୁତର ଗୋକୁଳଙ୍କୁ ଜଣେ ମହିଳା ଦାଆରେ ଆକ୍ରମଣ ମଧ୍ୟ କରିଥିଲେ। ଏଥିରେ ଗୋକୁଳଙ୍କ ମୃତ୍ୟୁ ହୋଇଯାଇଥିଲା। ସରକାରଙ୍କ ପକ୍ଷରୁ ଏପିପି କାର୍ତ୍ତିକେଶ୍ୱର ମହାରଣା ଏହି ମାମଲା ପରିଚାଳନା କରୁଥିଲେ।

**ଦାଆରେ କାଟି ମାରିଥିଲେ**

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ: ଏବିଡିଓଙ୍କ ଘରେ ଭିଜିଲାନ୍ସ ଚଢ଼ଉ

ଧର୍ମଶାଳା/ଭୁବନେଶ୍ୱର,୧୫।୫(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ(ଡିଏ) ଅଭିଯୋଗରେ ଧର୍ମଶାଳା ଏବିଡିଓ ଅସିତ ମହାପାତ୍ରଙ୍କ ଘରେ ଭିଜିଲାନ୍ସ ଚଢ଼ଉ କରିଛି। ଅସିତଙ୍କ ଘର ସମେତ ଯାଜପୁରରେ ଥିବା ପୈତୃକ ଘର, କଟକ ଚାଉଳିଆଗଞ୍ଜରେ ଥିବ ଫ୍ଲାଟ୍, ଭୁବନେଶ୍ୱର ଚନ୍ଦ୍ରଶେଖରପୁରରେ ଥିବା ପ୍ଲଟ୍, ଭଦ୍ରକ ଭଣ୍ଡାରୀପୋଖରୀରେ ଥିବା ସମ୍ପର୍କୀୟଙ୍କ ଘରେ ମଧ୍ୟ ରେଡ୍ କରାଯାଇଛି। ଅସିତଙ୍କ ଅଫିସ ଓ ସରକାରୀ ବାସଭବନରେ ମଧ୍ୟ ଚଢ଼ଉ କରାଯାଇଛି। ଅସିତଙ୍କ ନାମରେ ଯାଜପୁରରୋଡରେ ଗୋଟିଏ ୪ତାଲା କୋଠା, କଟକ, ଚାଉଳିଆଗଞ୍ଜରେ ଗୋଟିଏ ୨ବିଏଚ୍‌କେ ଫ୍ଲାଟ୍, ଯାଜପୁରରୋଡରେ ନିର୍ମାଣ ହେଉଥିବା ଗୋଟିଏ ଦୁଇ ତାଲା କୋଠା, ଯାଜପୁର, ସୁନ୍ଦରୀମୁହାଣ ଗାଁରେ ଗୋଟିଏ ୩ତାଲା କୋଠା, ଯାଜପୁରରୋଡରେ ଗୋଟିଏ ଦୁଇଟି ରୁମ୍ ଥିବା ସପିଂ କମ୍ପ୍ଲେକ୍ସ, ଯାଜପୁରେ ତାଙ୍କ ନାମରେ ୪ଟି ପ୍ଲଟ୍ ଥିବା ବେଳେ, ଦାନଗଦି ଟାଉନ୍‌ରେ ଗୋଟିଏ ପ୍ଲଟ ରହିଛି। ଭିଜିଲାନ୍ସ ଟେକ୍ନିକାଲ ଟିମ୍ ଠାବ ହୋଇଥିବା ପ୍ଲଟ୍, ବିଲ୍ଡିଂ ଏବଂ ମାର୍କେଟ କମ୍ପ୍ଲେକ୍ସର ମୂଲ୍ୟାଙ୍କନ କରୁଛି।

- ୩ଟି ବହୁତଳ କୋଠା, ଗୋଟିଏ ଫ୍ଲାଟ୍, ୧ ମାର୍କେଟ କମ୍ପ୍ଲେକ୍ସ ଠାବ
- ଆକାଉଣ୍ଟରେ ଜମା ରହିଛି ୬୫ ଲକ୍ଷ, ନଗଦ ୧.୮୫ ଲକ୍ଷ ଜବତ



ଭିଜିଲାନ୍ସର ୭ଟି ଟିମ୍ ଦ୍ୱାରା କରାଯାଇଥିବା ଏହି ଚଢ଼ଉରେ ୮ ଜଣ ଭିଜିଲାନ୍ସ ଡିଏସପି ଓ ୯ଜଣ ଇନ୍ସପେକ୍ଟର ସାମିଲ ହୋଇଥିଲେ। ଅସିତଙ୍କ ଘରୁ ନଗଦ ୧ଲକ୍ଷ ୮୫ ହଜାର ୫୬୦ ଟଙ୍କା, ଏବଂ ୭୦୦ ଗ୍ରାମର ସୁନା ଅଳଙ୍କାର ଠାବ କରାଯାଇଥିଲା। ୬୫ ଲକ୍ଷ ଟଙ୍କାର ବ୍ୟାଙ୍କ୍ ଇନ୍ସ୍ୟୁରାନ୍ସ ଏବଂ ୩.୭ଲକ୍ଷ ଟଙ୍କାର ଦୁଇଟି ଦୁଇ ଚକିଆ ଗାଡି, ଘର ଆସବାବପତ୍ର ରହିଛି। ଭିଜିଲାନ୍ସ ତାଙ୍କ ଅଟକ ରଖି ଠାବ କରାଯାଇଥିବା ସମ୍ପତ୍ତିର ଉତ୍ତର ମାଗିଥିଲେ। ସେ ସଠିକ୍ ଉତ୍ତର ନ ଦେଇ ପାରିବାରୁ ତାଙ୍କୁ ଅଟକ ରଖାଯାଇଛି। ଅସିତ କୁମାର ୧୯୯୪ ନଭେମ୍ବର ୧୯ ତାରିଖରେ ସରକାରୀ ଚାକିରି କରିଥିଲେ। ପ୍ରଥମେ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗରେ ଜିପିଇଓ ଭାବେ କାର୍ଯ୍ୟ କରିଥିବା ବେଳେ ୨୦୧୦ ସେପ୍ଟମ୍ବର ୬ ତାରିଖରେ ଏବିଡିଓ ଭାବେ ପଦୋନ୍ନତି ପାଇଥିଲେ।

## ଆଦିବାସୀଙ୍କ ସମସ୍ୟାକୁ ନେଇ କଂଗ୍ରେସର ଡ୍ରାଫ୍ଟିଂ କମିଟି

ଭୁବନେଶ୍ୱର,୧୫।୫(ସମିସ): ଆଦିବାସୀମାନଙ୍କ ସମସ୍ୟାକୁ ନେଇ ରାଜ୍ୟ କଂଗ୍ରେସ ଏକ ଡ୍ରାଫ୍ଟିଂ କମିଟି ଗଠନ କରିଛି। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ୧୧ ଜଣ ସଦସ୍ୟ ରହିଛନ୍ତି। ଏମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତ୍ରୀ ସୁଶିଳା ତିରିଆ, ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗି, ବରିଷ୍ଠ ନେତା ଶ୍ୟାମସୁନ୍ଦର ହାଂସଦା, ବଳଭଦ୍ର ମାଝୀ, ପୂବତନ ଏମ୍‌ସି ଯଶୋବନ୍ତ ସିଂ ଲାଗୁରି, ବିଧାୟକ ସିଏସ୍ ରାଜନ ଏକ୍କା, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ, ସାରଙ୍ଗ ଗୋଣ୍ଡ, ଅମିତା ବିଶ୍ୱାଳ, ଲିପିକା ମାଝୀ ଓ ଲକ୍ଷ୍ମୀଧର ସିଂ ପ୍ରମୁଖ ସାମିଲ୍ ରହିଛନ୍ତି।

## ୫୦ ପ୍ରତିଶତ ସଂରକ୍ଷଣ: ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଅନୁପାଳନ ହୋଇଛି: ଉଚ୍ଚଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର,୧୫।୫(ସମିସ): ସାମାଜିକ ଓ ଅର୍ଥନୈତିକ ପଛୁଆ ବର୍ଗ(ଏସଇବିସି) ସଂରକ୍ଷଣକୁ ନେଇ ଦ୍ୱନ୍ଦ୍ୱ ଉପୁଜିଥିବା ବେଳେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏ ସମ୍ପର୍କରେ ସ୍ୱଷ୍ଟୋକ୍ତି ରଖିଛନ୍ତି। ସୁପ୍ରିମକୋର୍ଟଙ୍କ ୫୦ ପ୍ରତିଶତ ସଂରକ୍ଷଣ କ୍ୟାପିଂକୁ ସରକାର ଅନୁପାଳନ କରିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ବୁଧବାର ରାଜ୍ୟ ସରକାର ଏସ୍‌ଇବିସି ବର୍ଗର ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା କ୍ଷେତ୍ରରେ ୧୧.୨୫ ପ୍ରତିଶତ ସଂରକ୍ଷଣ ଘୋଷଣା କରିଥିଲେ। ତେବେ ପୂର୍ବ ସଂରକ୍ଷଣକୁ ମିଶାଇ ଏହା ସୁପ୍ରିମକୋର୍ଟଙ୍କ ଦ୍ୱାରା ଧାର୍ଯ୍ୟ ୫୦ ପ୍ରତିଶତ କ୍ୟାପିଂକୁ ଟପିବା ନେଇ ଆକଳନ କରାଯାଉଥିଲା। ଏ ସମ୍ପର୍କରେ ମନ୍ତ୍ରୀ କହିଛନ୍ତି ଯେ ପୂର୍ବରୁ ଏସ୍‌ସି ଓ ଏସ୍‌ଟି ବର୍ଗଙ୍କୁ ମିଶାଇ ରାଜ୍ୟରେ ସମୁଦାୟ ୩୮.୭୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିଛି। ଅତଏବ ସୁପ୍ରିମକୋର୍ଟଙ୍କ ୫୦ ପ୍ରତିଶତ କ୍ୟାପିଂକୁ ଆଖି ଆଗରେ ରଖି ସରକାର ଏସଇବିସି ବର୍ଗଙ୍କ ପାଇଁ ୧୧.୨୫ ପ୍ରତିଶତ ସଂରକ୍ଷଣ ପ୍ରଦାନ କରିଛନ୍ତି। ଯାହା ୫୦ ପ୍ରତିଶତ ସୀମା ମଧ୍ୟରେ ସୀମିତ ରହୁଛି। ଦିବ୍ୟାଙ୍ଗଙ୍କ ୫ ପ୍ରତିଶତ ଓ ପୂର୍ବତନ ସେନା ଅଧିକାରୀଙ୍କ ପରିବାରକୁ ୧ ପ୍ରତିଶତ ସଂରକ୍ଷଣ ଭିନ୍ନ ଓ ଏହା ଜାତିଭିତ୍ତିକ ନୁହେଁ। ଅତଏବ ଏହା ସୁପ୍ରିମକୋର୍ଟ ଗାଇଡଲାଇନ ଉଲ୍ଲଙ୍ଘନ କରୁନାହିଁ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂଚନା ଦେଇଛନ୍ତି।

## ୧୮ ଯାଏ ବଢ଼ିଲା ଅସ୍ତ୍ରବିରତି ଅବଧି

ନୂଆଦିଲ୍ଲୀ,୧୫।୫(ଏଜେନ୍ସି): ଭାରତ-ପାକିସ୍ତାନ ମଧ୍ୟରେ ହୋଇଥିବା ଅସ୍ତ୍ରବିରତି ଅବଧିକୁ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ବଢାଇ ଦିଆଯାଇଛି। ଏ ସମ୍ପର୍କରେ ପାକିସ୍ତାନ ବୈଦେଶିକ ମନ୍ତ୍ରୀ ଇସାକ୍ ଦାର ସୂଚନା ଦେଇଛନ୍ତି। ପାକିସ୍ତାନ ସେନା ଭାରତୀୟ ସେନା ସହ ଆଲୋଚନା କରିବା ପରେ ଉଭୟ ପକ୍ଷର ଡିଜିଏମଓଙ୍କ ମଧ୍ୟରେ କଥାବର୍ତ୍ତା ହୋଇଥିଲା। ଉଭୟ ରାଷ୍ଟ୍ର ୧୮ ତାରିଖ ପର୍ଯ୍ୟନ୍ତ ଅସ୍ତ୍ରବିରତି ଜାରି ରଖିବାକୁ ନିଷ୍ପତ୍ତି ନେଇଥିଲେ ବୋଲି ଇସାକ୍ କହିଛନ୍ତି। ଏହାପୂର୍ବରୁ ଗତ ୧୨ ତାରିଖରେ ଉଭୟ ପକ୍ଷ ମଧ୍ୟରେ ଆଲୋଚନା କରାଯାଇ ଅସ୍ତ୍ରବିରତି ଅବଧିକୁ ୧୪ ଯାଏ ବୃଦ୍ଧି କରାଯାଇଥିଲା।

## ଭୂକମ୍ପରେ ଥରିଲା ତୁର୍କୀ

ଇସ୍ତାନବୁଲ,୧୫।୫(ଏଜେନ୍ସି): ତୁର୍କୀରେ ଗୁରୁବାର ଅପରାହ୍ନରେ ଶକ୍ତିଶାଳୀ ଭୂକମ୍ପ ସୃଷ୍ଟି ହୋଇଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୫.୨ ରେକର୍ଡ କରାଯାଇଛି। ତୁର୍କୀର ମଧ୍ୟ ପ୍ରାନ୍ତରେ ଭୂକମ୍ପ ପ୍ରଭାବ ସର୍ବାଧିକ ଅନୁଭୂତ ହୋଇଥିଲା ବେଳେ ଏହାର କେନ୍ଦ୍ରସ୍ଥଳ କୋନ୍ୟା ପ୍ରାନ୍ତରେ ରହିଥିବା କୁହାଯାଇଛି। ତେବେ ଭୂକମ୍ପଜନିତ କୌଣସି କ୍ଷୟକ୍ଷତିର ସୂଚନା ଦିଆଯାଇ ନାହିଁ। ତୁର୍କୀ ବିପର୍ଯ୍ୟୟ ଓ ଜରୁରୀକାଳୀନ ପରିଚାଳନା ପ୍ରାଧିକରଣ ଅନୁଯାୟୀ, ଗୁରୁବାର ସ୍ଥାନୀୟ ସମୟ ଦ୍ୱିପ୍ରହରରେ ଭୂକମ୍ପ ଅନୁଭୂତ ହୋଇଥିଲା।

## କୃଷି ଓଭର୍‌ସିଅରଙ୍କ ବଢ଼ିଲା ଗସ୍ତ ଭତ୍ତା

ଭୁବନେଶ୍ୱର,୧୫।୫(ସମିସ): କୃଷି ଓଭର୍‌ସିଅରମାନଙ୍କ ମାସିକ ଗସ୍ତ ଭତ୍ତା ୪୫୦ ଟଙ୍କାରୁ ୧୫୦୦ ଟଙ୍କାକୁ ବୃଦ୍ଧି ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏସଂକ୍ରାନ୍ତ ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି। ସୂଚନାଯୋଗ୍ୟ ଯେ କୃଷି ଓଭର୍‌ସିଅର ମାନଙ୍କୁ ମାସକରେ ଅତି କମରେ ୨୦ ଦିନ ଗସ୍ତ କରିବାକୁ ପଡ଼ିଥାଏ। ପୂର୍ବରୁ ସେମାନଙ୍କ ମାସିକ ଗସ୍ତଭତ୍ତା ୩୦୦ ଟଙ୍କା ଥିବାବେଳେ ୨୦୨୩ ରେ ୪୫୦ ଟଙ୍କାକୁ ବୃଦ୍ଧି କରାଯାଇଥିଲା। ତେବେ ଏହାପରେ ସମାନ ସ୍ତରରେ ଥିବା ଅଧିକାଂଶ ପଦବୀ ଗୁଡ଼ିକର ମାସିକ ଗସ୍ତଭତ୍ତା ବୃଦ୍ଧି ପାଇଥିବା ବେଳେ କୃଷି ଓଭର୍‌ସିଅର ମାନଙ୍କ ଭତ୍ତା ବଢ଼ିନଥିଲା। ସୂଚନାଯୋଗ୍ୟ ଯେ ରାଜ୍ୟରେ ସମୁଦାୟ ୧୫୬୭ ଟି କୃଷି ଓଭର୍‌ସିଅର ପଦବୀ ଥିବାବେଳେ ବର୍ତ୍ତମାନ ୧୨୫୭ ଜଣ କାର୍ଯ୍ୟରତ ଅଛନ୍ତି।

## ବିଡିଓ, ସିଡିଓ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟ ରାଜ୍ୟବାସୀଙ୍କୁ ନିରାଶ କରିଛି: ବିଜେଡି

ଭୁବନେଶ୍ୱର,୧୫।୫(ସମିସ): ଲୋକସେବା ଭବନରେ ଆୟୋଜିତ ବିଡିଓ ଓ ସିଡିଓଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦେଇଥିବା ମନ୍ତବ୍ୟ ରାଜ୍ୟବାସୀଙ୍କୁ ନିରାଶ କରିଛି ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

ଶଙ୍ଖଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳୀୟ ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ନିଜ ବକ୍ତବ୍ୟରେ ରାଜ୍ୟରେ ବିକାଶ କାମ ତ୍ୱରାନ୍ୱିତ ହୋଇପାରୁନଥିବା ସ୍ୱୀକାର କରିଥିବା ବେଳେ ଅଧିକାରୀ ମାନେ ତାଙ୍କୁ ଅବମାନନା କରୁଥିବା କହିଛନ୍ତି। ସରକାରୀ ଆଭାସୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେବା ସମୟରେ ଅଧିକାରୀମାନେ ଟିଭି ବନ୍ଦ କରିଦେଇ ଲୋକଙ୍କୁ ଚାଲିଯିବାକୁ କହୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏଭଳି ବକ୍ତବ୍ୟ ଯଦି ସତ ତାହେଲେ ଏହା ଅତ୍ୟନ୍ତ ସାଂଘାତିକ ଏବଂ ଏହା କ୍ରିମିନାଲ ନେଗ୍‌ଲିଜେନ୍ସ ବୋଲି ବିଚାର କରାଯିବ। ପ୍ରଶାସନିକ କଳ କାର୍ଯ୍ୟ କରିବାର ଏକ ନିର୍ଦ୍ଦିଷ୍ଟ ସରକାରୀ ବ୍ୟବସ୍ଥା ଅଛି। ପ୍ରୋଟୋକଲ ଅନୁଯାୟୀ ରାଜ୍ୟର ମୁଖ୍ୟମନ୍ତ୍ରୀ ପ୍ରଶାସନର ସର୍ବୋଚ୍ଚ କର୍ତ୍ତା। ତେଣୁ ମୁଖ୍ୟମନ୍ତ୍ରୀ ସଭା ସମିତିରେ ଅସହାୟତା ପ୍ରକାଶ କରିବା ପରିବର୍ତ୍ତେ ଅବମାନନା କରୁଥିବା ସରକାରୀ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେଇ ଦୃଢ଼ ନେତୃତ୍ୱର ପରିଚୟ ଦିଅନ୍ତୁ। ମୁଖ୍ୟମନ୍ତ୍ରୀଙ୍କ ଅସହାୟତା ରାଜ୍ୟ ପାଇଁ ଶୁଭଙ୍କର ନୁହେଁ। ରାଜ୍ୟର ସର୍ବୋଚ୍ଚ କର୍ତ୍ତା ଯଦି ଅସହାୟ ହେବେ, ତାହେଲେ ସାଢ଼େ ୪ କୋଟି ଓଡିଶାବାସୀ କାହା ଉପରେ ଭରସା କରିବେ ବୋଲି ଡ. ମହାନ୍ତି ପ୍ରଶ୍ନ କରିଛନ୍ତି। ।ସେ ଆହୁରି କହିଥିଲେ ଯେ ଆଜି ମୁଖ୍ୟମନ୍ତ୍ରୀ ନିଜେ ସ୍ୱୀକାର କରିଛନ୍ତି, ରାଜ୍ୟରେ ବିଜେପି ସରକାର ଲୋକଙ୍କୁ ସୁଶାସନ ଦେବାରେ ଓ ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଦିନିକୁ ଦିନ ବିପର୍ଯ୍ୟସ୍ତ ହୋଇପଡିଛି। ରାଜ୍ୟରେ ଦୁଷ୍କର୍ମ ଓ ହତ୍ୟା ଘଟଣାର ଅହେତୁକ ବୃଦ୍ଧି ପାଇଛି। ଗୃହ ମନ୍ତ୍ରାଳୟର ଦାୟିତ୍ୱରେ ନିଜେ ମୁଖ୍ୟମନ୍ତ୍ରୀ ଥିଲେ ମଧ୍ୟ ସ୍ଥିତିରେ କୌଣସି ସୁଧାର ଆସୁନାହିଁ। ତେଣୁ ମୁଖ୍ୟମନ୍ତ୍ରୀ ପ୍ରଶାସନିକ କଳ ଉପରେ ନିୟନ୍ତ୍ରଣ ରଖି ଶାସନ ବ୍ୟବସ୍ଥାକୁ ସଜାଡନ୍ତୁ ବୋଲି ସେ ଦାବି କରିଛନ୍ତି।

- ୧୧ ମାସରେ ବିକାଶ କାର୍ଯ୍ୟ ଆଗକୁ ବଢ଼ି ନଥିବା କଥାକୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱୀକାର
- ମୁଖ୍ୟମନ୍ତ୍ରୀଙ୍କୁ ଅବମାନନା କରୁଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ
- ମୁଖ୍ୟମନ୍ତ୍ରୀ ଅସହାୟ ହେଲେ ରାଜ୍ୟବାସୀ ଭରସା କରିବେ କାହାକୁ?

## ପୂର୍ବତନ ସରପଞ୍ଚଙ୍କର ରସାୟନ ବିଜ୍ଞାନରେ ଡକ୍ଟରେଟ ଲାଭ



[illegible] Physicochemical Studies of Ternary Mixtures of Extractants and Diluents [illegible] IMMT [illegible]

## ସ୍ୱାମୀ ପରିତ୍ୟକ୍ତାଙ୍କୁ ଭତ୍ତା ପ୍ରଦାନ ଦାବି

ବାଲେଶ୍ୱର, ୧୫ ।୫(ସମିସ): ଚାନ୍ଦିପୁର ଥାନା ଅର୍ନ୍ତଗତ ରଣସାହି ଅଞ୍ଚଳର ସ୍ୱାମୀ ପରିତ୍ୟକ୍ତା ମହିଳା ମୀନତି ବେହେରାଙ୍କୁ ମଧୁବାବୁ ପେନସନ ଯୋଜନାରେ ଭତ୍ତା ପ୍ରଦାନ କରିବା ପାଇଁ ଡିଏସଓଙ୍କଠାରେ ସେ ଦାବି କରିଛନ୍ତି । ତାଙ୍କ ସ୍ୱାମୀ ପ୍ରଫୁଲ୍ଲ ବେହେରାଙ୍କ ଠାରୁ ଦୀର୍ଘ ୭ ବର୍ଷ ହେବ ସେ ଅଲଗା ହୋଇଯାଇଛନ୍ତି । ଏପରିକି ତାଙ୍କର କୌଣସି ରୋଜଗାର ନଥିବାରୁ ଭରଣ ପୋଷଣ ପାଇଁ ୨୦୨୩ମସିହା ଠାରୁ ମଧୁବାବୁ ପେନସନ ଯୋଜନା ପାଇଁ ଆବେଦନ କରି୨୦୨୪ମସିହା ଠାରୁ ଦୀର୍ଘ ଆଠମାସ ଧରି ପେନସନ ପାଇଆସୁଥିଲେ । ମାତ୍ର ଚଳିତ ବର୍ଷ ମାର୍ଚ୍ଚରୁ ସେ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି । କେହି ଖଳ ପ୍ରକୃତିର ଲୋକ ତାଙ୍କ ବିରୋଧରେ ଅଭିଯୋଗ ଆଣି ଭତ୍ତା ବନ୍ଦ କରି ଦେଇଛନ୍ତି । ଜିଲ୍ଲା ପ୍ରଶାସନ ତଦନ୍ତ କରି ତାଙ୍କୁ ମଧୁବାବୁ ପେନସନ ଯୋଜନା ସାଙ୍ଗକୁ ସ୍ୱାମୀ ପରିତ୍ୟକ୍ତା ଭତ୍ତା ଯୋଗାଇ ଦେବାକୁ ସେ ଦାବି କରିଛନ୍ତି ।

## ମନ୍ମଥନାଥ ଦାସଙ୍କ ଜନ୍ମ ଶତବାର୍ଷିକୀ



ବାଲେଶ୍ୱର, ୧୫।୫(ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ସାହିତ୍ୟ ଅକାଦେମିର ମିଳିତ ଆନୁକୂଲ୍ୟରେ ଜାତୀୟ ତଥା ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଐତିହାସିକ, ସାହିତ୍ୟିକ ଓ ବିଶିଷ୍ଟ ଶିକ୍ଷାବିତ ମନ୍ମଥନାଥ ଦାସଙ୍କ ଜନ୍ମ ଶତବାର୍ଷିକୀ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ପାଳିତ ହୋଇଯାଇଛି । କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଦ୍ୱାରା କାର୍ଯ୍ୟକ୍ରମ ଉଦଘାଟିତ ହୋଇଥିଲା । ଏହି ଅବସରରେ ସମ୍ମାନିତ ଅତିଥି ଭାବେ ମନ୍ମଥନାଥ ଦାସଙ୍କ ବୋହୂ ରଞ୍ଜିତା ଦାସ, ସଭାମୂଖ୍ୟ ରୂପେ ସାହିତ୍ୟ ଅକାଦେମୀର ଓଡ଼ିଆ ଉପଦେଷ୍ଟା ପରିଷଦର ଆବାହକ ଗୌରହରି ଦାସ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଐତିହାସିକ ଖାରବେଳ ମହାନ୍ତି ଯୋଗଦେଇ ମନ୍ମଥନାଥଙ୍କ ରଚିତ ପୁସ୍ତକ ଗୁଡିକ ଉପରେ ଆଲୋକପାତ କରିବା ସହ ତାଙ୍କ ଜୀବନୀ, ଦର୍ଶନ ଓ ସାହିତ୍ୟ ସାଧନାର ଉଦାହରଣ ଓ ସ୍ୱ-ଅନୁଭୂତି ଗୁଡ଼ିକୁ ନିଜ ଉଦବୋଧନରେ ଉଲ୍ଲେଖ କରିଥିଲେ । ଏହି କାର୍ଯ୍ୟକ୍ରମର ଦୁଇଟି ବୈଷୟିକ ଅଧିବେଶନରେ ଦାଶ ବେନହୁର, ଅଭିରାମ ବିଶ୍ୱାଳ, ରୁଦ୍ରାଣୀ ମହାନ୍ତି, ସହଦେବ ସାହୁ, ଅଶୋକ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ପ୍ରଧାନ, ଲକ୍ଷ୍ମୀକାନ୍ତ ତ୍ରିପାଠୀ, ପ୍ରହଲ୍ଲାଦ ସିଂହ ପ୍ରମୁଖ ଯୋଗଦେଇ ମନ୍ମଥନାଥଙ୍କ ସମ୍ପର୍କରେ ଆଲୋଚନା କରିଥିଲେ । ଉଦଘାଟନୀ ସଭାରେ ସାହିତ୍ୟ ଅକାଦେମି- କୋଲକାତା ର ଭାରପ୍ରାପ୍ତ ଅଧିକାରୀ କ୍ଷେତ୍ରବାସୀ ନାଏକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର ସଞ୍ଚାଳନା କରିଥିଲେ । ଏଥିସହିତ ବିଶ୍ୱବିଦ୍ୟାଳୟ ପରିସରରେ ସାହିତ୍ୟ ଅକାଦେମି ପକ୍ଷରୁ ପ୍ରକାଶିତ ଅନେକ ପୁସ୍ତକ ପ୍ରଦର୍ଶନ କରାଯାଇଥିଲା । ବୈଷୟିକ ଅଧିବେଶନ ଶେଷରେ ଭାଷା ଓ ସାହିତ୍ୟ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ. ଜୟନ୍ତ କୁମାର ଦାସ ଓ ଡ. ପ୍ରହ୍ଲାଦ ଖିଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଞ୍ଚଳିକ ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ବିକଶିତ ଭାରତ ଲକ୍ଷ୍ୟ

# ବିକଶିତ ଓଡ଼ିଶା ପରାମର୍ଶ କର୍ମଶାଳା

ବାଲେଶ୍ୱର, ୧୫।୫ (ସମିସ)



ସ୍ଥାନୀୟ ନୋସି ଅଡ଼ିଟୋରିୟମଠାରେ ଆଞ୍ଚଳିକ ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମେତ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠି, ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା, ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ, ବସ୍ତା ବିଧାୟିକା ସୁବାସିନୀ ଜେନା, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ଜିଲ୍ଲାପରିଷଦର ସଭାପତି ନାରାୟଣ ପ୍ରଧାନ, ଗୃହ ଓ ନଗର ଉନ୍ନୟନ ପ୍ରମୁଖ ସଚିବ ଉଷା ପାଢ଼ୀ, ପ୍ରମୁଖ ମଞ୍ଚାସିନ ଅତିଥି ମାନଙ୍କ ପରିଚୟ ଜିଲ୍ଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଡ଼. ମଧୁସ୍ମିତା ସାମନ୍ତରାୟ ପ୍ରଦାନ କରିଥିଲେ । ଏହି କର୍ମଶାଳାରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଆଞ୍ଚଳିକ ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା ପାଇଁ ମଞ୍ଚାସିନ ଅତିଥି ମାନଙ୍କ ପରାମର୍ଶ ନିମନ୍ତେ ଆମନ୍ତ୍ରଣ କରିଥିଲେ । ଏହି କର୍ମଶାଳାର ଆବଶ୍ୟକତା ଓ ଉଦ୍ଦେଶ୍ୟ ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ନିଜ ବକ୍ତବ୍ୟରେ ଓଡ଼ିଶାର ୨୦୩୬ ଭାଷାଭିତ୍ତିକର ରାଜ୍ୟ ଭାବେ ଶହେ ବର୍ଷ ପୂର୍ତ୍ତି ଏବଂ ଭାରତର ୨୦୪୭ରେ ସ୍ୱାଧୀନତାର ଶହେ ବର୍ଷ ପୂର୍ତ୍ତି ପରିପ୍ରେକ୍ଷୀରେ ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା ୩୬ଟି କ୍ଷେତ୍ର ଉପରେ ଦୂରଦୃଷ୍ଟି ରଖି କାର୍ଯ୍ୟ କଲେ ବିଶେଷ ଚର୍ଚ୍ଚା ଆଲୋଚନା ମାଧ୍ୟମରେ ନିଷ୍କର୍ସରେ ଉପନୀତ ହୋଇ ପାରିଲେ ବିକଶିତ ସୁନିଶ୍ଚିତ ବୋଲି ପ୍ରକାଶ କରିଥିଲେ ।

ଏହି କର୍ମଶାଳାରେ ଗୃହ ଓ ନଗର ଉନ୍ନୟନ ପ୍ରମୁଖ ସଚିବ ଶ୍ରୀମତି ପାଢ଼ୀ ସରକାରଙ୍କ ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଯଥା ଶ୍ରମ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ, ଉଦ୍ୟୋଗୀୟ ପାୱାରହାଉସ, ବିନିଯୋଗ ପାଇଁ ଓଡ଼ିଶା ଏକ ପ୍ରାଥମିକ ଗନ୍ତବ୍ୟ, ନାଗରିକରଣ ଏକ ବୃଦ୍ଧିର ଇଞ୍ଜିନ, ଆଇ.ଟିଆଇ.ଟି.ଇ.ଏସ ଉପରେ ଗୁରୁତ୍ୱାରୋପ କରିଥିଲେ । ପରେ ପରେ ବିଭିନ୍ନ ବର୍ଗର ବୁଦ୍ଧିଜୀବୀ, ପ୍ରତିନିଧିମାନଙ୍କୁ ନେଇ ତିନୋଟି ପର୍ଯ୍ୟାୟରେ ଜିଲ୍ଲାପାଳ ଶ୍ରୀ ବିକାଶ, ଉପଜିଲ୍ଲାପାଳ ପ୍ରଥମେସ ଅରବିନ୍ଦ ରାଜେଶିର୍କେ, ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଅମ୍ଲାନ ନାୟକ ପରାମର୍ଶ କର୍ମଶାଳାର ପରିଚାଳନା କରିଥିଲେ ।

ସହରର ଶିଳ୍ପପତି ମାନେ ସିଙ୍ଗଲ୍ ୱିଣ୍ଡୋ ସିଷ୍ଟମରେ ସୁଧାର, ମହାରାଣୀ କୁମାରୀ ମୃଣାଳିକା ଭଞ୍ଜ ଦେଓ ପର୍ଯ୍ୟଟନ କ୍ଷେତ୍ରରେ ତାରକା ହୋଟେଲରେ ପୁଞ୍ଜିନିବେଶ, ଆଦିବାସୀଙ୍କ ପାରମ୍ପରିକ ଜ୍ଞାନ, କଳାକୃତି ଓ ଆୟୁର୍ବେଦ ଉପରେ ଆଲୋଚନ କରିଥିଲେ । ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନାଙ୍କ କୃଷି, ମତ୍ସ୍ୟ ଓ ବନ୍ଦରର ବିକାଶ, କ୍ରୀଡ଼ାବିତ ଦୂତି ଚାନ୍ଦ କ୍ରୀଡ଼ାର ଭିତ୍ତିଭୂମି ସୁଧାର ଉପରେ ଆଲୋଚନା କରିଥିଲେ । ପୁଲିସ ଡି.ଆଇ.ଜି (ପୂର୍ବାଞ୍ଚଳ) ଡ. ସତ୍ୟଜିତ ନାଏକ, ଆରକ୍ଷୀ ଅଧିକ୍ଷକ ରାଜ ପ୍ରସାଦ ଆଧୁନିକୀକରଣ ଓ ସାଇବର ସୁରକ୍ଷା, ପି.ଏକ୍ସ.ଇ ନିର୍ଦ୍ଦେଶକ ଓ ଆଇ.ଟି. ଆର ନିର୍ଦ୍ଦେଶକ ବିଜ୍ଞାନ ଓ ଗବେଷଣା ଦେଶର ବିକାଶ ଓ ଆତ୍ମନିର୍ଭରତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ପରେ ଉପମୁଖ୍ୟମନ୍ତ୍ରୀ ସ୍ଥାନୀୟ ଆର.କେ. ହିନ୍ଦୀ ବିଦ୍ୟାଳୟଠାରୁ ସିନେମା ଛକ ପର୍ଯ୍ୟନ୍ତ ମହିଳା ସମାବେଶ ପଦଯାତ୍ରାରେ ଯୋଗ ଦେଇଥିଲେ ।

## ସର୍ବଭାରତୀୟ ଧର୍ମଘଟକୁ ବିଜୁ ଶ୍ରମିକ ସାମ୍ମୁଖ୍ୟର ସମର୍ଥନ



ବାଲେଶ୍ୱର, ୧୫ ।୫(ସମିସ): କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ୪ଟି ଶ୍ରମ କୋଡ ବାତିଲ କରିବା ଦାବି ସହିତ ସାଧାରଣ ଶ୍ରମଜିବୀଙ୍କ ସ୍ୱାର୍ଥରେ ୧୭ଦଫା ଦାବି ନେଇ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ଜାତୀୟ ଫେଡେରେସନମାନଙ୍କ ଆହ୍ୱାନରେ ଚଳିତମାସ ୨୦ତାରିଖ ସର୍ବଭାରତୀୟ ଧର୍ମଘଟକୁ ଓଡ଼ିଶାରେ ଶାନ୍ତିପୂର୍ଣ୍ଣ ଭାବେ ସଫଳ କରିବା ପାଇଁ ବିଜୁ ଶ୍ରମିକ ସାମ୍ମୁଖ୍ୟ ସହଯୋଗ କରିବାକୁ ନିଷ୍ପତ୍ତି ଗ୍ରହଣ କରିଛି । ଏହି ଧର୍ମଘଟର ସଫଳତା ପାଇଁ ବ୍ୟାପକ ମିଳିତ କାର୍ଯ୍ୟକ୍ରମରେ ବିଜୁ ଶ୍ରମିକ ସାମ୍ମୁଖ୍ୟର ସାଥି ଓ ସମର୍ଥକମାନେ ସହଯୋଗ କରିବାକୁ ବିଜୁ ସାମୁଖ୍ୟର ରାଜ୍ୟ ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି । ସଦର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ ମଧ୍ୟ ଜିଲ୍ଲାର ସମସ୍ତ ବର୍ଗର ଜନସାଧାରଣ ଏହି ଶାନ୍ତିପୂର୍ଣ୍ଣ ଧର୍ମଘଟକୁ ସଫଳ କରିବା ପାଇଁ ନିବେଦନ କରିଛନ୍ତି ।

## ଯୁବ କଂଗ୍ରେସର ସାଂଗଠନିକ ବୈଠକ

ସୋର, ୧୫।୫(ସମିସ): ସୋର ପୌର ପାଳିକା ଅନ୍ତର୍ଗତ ଷ୍ଟେସନଛକ ରୟାଲ ହୋଟେଲ ସଭାଗୃହରେ ସୋର ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସର ସାଙ୍ଗଠନିକ ବୈଠକ ଜିଲ୍ଲା ଯୁବ ସଭାପତି ରଞ୍ଜନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ଯୁବ କଂଗ୍ରେସର ଓଡ଼ିଶା ପ୍ରଭାରୀ ମହେଶ ଦେଶମୁଖ, ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ କୁମାର ପାତ୍ର, ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ଅଭିଳାଷ ବାରିକ, ନିର୍ବାଚନ ମଣ୍ଡଳୀ ଉପସଭାପତି ସୁବ୍ରତ ପ୍ରଧାନ, ସିମୁଳିଆ ଯୁବସଭାପତି ନିରଞ୍ଜନ ପରିଡ଼ା, ସୋରର ଯୁବନେତା ସୁବ୍ରତ ଧଡ଼ା, ରାଜେଶ ମହାପାତ୍ର ପ୍ରମୁଖ ଯୋଗଦେଇ ଆଗାମୀ ଦିନରେ ସଂଗଠିତ ହୋଇ କାର୍ଯ୍ୟ କରିବା ସହିତ ପ୍ରତି ୱାର୍ଡରୁ ଯୁବକ ମାନଙ୍କୁ ସଂଗଠିତ କରିବା ପାଇଁ ଆହ୍ୱାନ ଦେଇଥିଲେ । ଏଥିରେ ନିର୍ବାଚନ ମଣ୍ଡଳୀର ଶତାଧିକ ଯୁବ କଂଗ୍ରେସ କର୍ମୀ ଯୋଗଦେଇଥିଲେ ।

## ସହିଦ ବୀର ଯବାନଙ୍କୁ ଜିଲ୍ଲା କଂଗ୍ରେସର ଶ୍ରଦ୍ଧାଞ୍ଜଳି




ବାଲେଶ୍ୱର, ୧୫।୫(ସମିସ): ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନ କ୍ରମେ ଆଜି ବାଲେଶ୍ୱର ଜିଲ୍ଲା କଂଗ୍ରେସ ତରଫରୁ ସିନେମା ଛକ ନିକଟସ୍ଥ ସହିଦ ପାର୍କ ଠାରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ଅପରେସନ 'ସିନ୍ଦୂର'ରେ ସହିଦ ବୀର ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଜିଲ୍ଲା କଂଗ୍ରେସ ସଭାପତି ସଞ୍ଜୀବ ଗିରିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ସୁଦର୍ଶନ ଜେନା, କାଉନସିଲର ପଦ୍ମଲୋଚନ ଲେଙ୍କା, ଜିଲ୍ଲା ଉପସଭାପତି ଗୋପୀନାଥ ପାଢ଼ୀ, ବରିଷ୍ଠ ନାରୀ ନେତ୍ରୀ ଅର୍ଚ୍ଚନା ନନ୍ଦୀ, ଯୁବନେତା ସରୋଜ ଲେଙ୍କା, ସଦର ବ୍ଲକ ସଭାପତି ଜୟକୃଷ୍ଣ ବେହେରା, କୃଷ୍ଣ ଗୋପାଳ ପଣ୍ଡା, ଯୁବ ସଭାପତି ରଞ୍ଜନ ଦାସ, ନାରୀ ନେତ୍ରୀ ଜ୍ୟୋତ୍ସ୍ନା ସେନାପତି, ବାସନ୍ତୀ ନାୟକ, ସଂଯୁକ୍ତା ମିଶ୍ର, ବିନିତା ନାୟକ, କନ ବେହେରା, ନିରଞ୍ଜନ ବେହେରା, ପ୍ରଭାସ ପଣ୍ଡା, କେଶବ ନାୟକ, ବେଣୁ ପତି, ଜୀବନ ମହାପାତ୍ର, ବିଦ୍ୟାଧର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।



# କଟକ ସିଟି



## କାମ ଦେଉନି ପୁଲିସର ‘ବସ୍ତି-ମିତ୍ର’ ଯୋଜନା

# ବସ୍ତି ଅଞ୍ଚଳରେ ବଢୁଛି ଦୁଷ୍କର୍ମ: ଚିନ୍ତାରେ ପୁଲିସ

କଟକ,୧୫।୫(ସମିସ):

ଦୁଷ୍କର୍ମ ମାମଲାରେ ତ୍ୱରିତ ତଦନ୍ତ ଶେଷ କରି ଅଭିଯୁକ୍ତଙ୍କୁ ଜେଲ୍ ପଠାଇବାରେ ଯଦିଓ କମିଶନରେଟ୍ ପୁଲିସ ସଫଳ ହେଉଛି, ତଥାପି ବସ୍ତି ଅଞ୍ଚଳରେ ଦୁଷ୍କର୍ମ ମାମଲା ସଂଖ୍ୟା ବଢ଼ିବାରେ ଲାଗିଛି। ଏହା ପୁଲିସ ପାଇଁ ଚିନ୍ତାଜନକ ବିଷୟ ହୋଇଛି। ମାତ୍ରାଧିକ ନିଶା କାରବାର, ଶିକ୍ଷାର ଅଭାବ ଏବଂ କୁସଂସ୍କାର ଯୋଗୁଁ ଏଭଳି ଅଭାବନୀୟ ଘଟଣା ଘଟୁଥିବା ପୁଲିସ କହୁଛି। ତେବେ ବସ୍ତି ଅଞ୍ଚଳରେ

**କଟକ ୟୁପିଡିରେ ୫ ବର୍ଷ ମଧ୍ୟରେ ୩୩୨ ଦୁଷ୍କର୍ମକାରୀ ଗିରଫ**

ଘଟୁଥିବା ବିଭିନ୍ନ ଅପରାଧମୂଳକ ଘଟଣା ରୋକିବାକୁ ପୁଲିସ ବସ୍ତି-ମିତ୍ର ଯୋଜନା କାର୍ଯ୍ୟକାରୀ କରିଥିବା ବେଳେ ତାହା ଫଳପ୍ରଦ ହେଉନାହିଁ। କଟକ ୟୁପିଡ଼ି ଅଧିନରେ ୧୫୦ରୁ ଅଧିକ ବସ୍ତି ରହିଛି। ବିଭିନ୍ନ ଥାନାରେ ଏଠାରୁ ଦୁଷ୍କର୍ମ ମାମଲା ସର୍ବାଧିକ ପଞ୍ଜିକୃତ ହେଉଛି। ଗତ ୪ମାସ(୨୦୨୫) ମଧ୍ୟରେ ୩୦ଟି ଦୁଷ୍କର୍ମ ମାମଲା ପଞ୍ଜିକୃତ ହୋଇଛି। ଗତ ୨୦୨୪ ମସିହାରେ କେବଳ ବସ୍ତି ଅଞ୍ଚଳରୁ ୫୨ଟି ଦୁଷ୍କର୍ମ ମାମଲା ହୋଇଥିବା ବେଳେ ୬୨ଜଣଙ୍କୁ ଗିରଫ କରାଯାଇ ଜେଲ୍ ପଠାଯାଇଥିଲା। ଏ ସମ୍ପର୍କରେ ଜଣେ ବରିଷ୍ଠ ପୁଲିସ ଅଧିକାରୀ କହିଛନ୍ତି, ପୁଲିସ ପକ୍ଷରୁ ବସ୍ତି ଅଞ୍ଚଳ ଗୁଡ଼ିକରେ ସଚେତନତା କାର୍ଯ୍ୟକ୍ରମ କରାଯିବ। ଏଥି ସହିତ ନିଶା ସାମଗ୍ରୀ ଚାଲାଣ ରୋକିବା ଉପରେ ଅଧିକ ଧ୍ୟାନ ଦିଆଯିବା ସହିତ କେଉଁ ଭଳି ଦୁଷ୍କର୍ମ ମାମଲାକୁ ରୋକାଯାଇ ପାରିବ, ସେଥିପ୍ରତି ପୁଲିସ ଅଭିଯାନ ଜାରି ରଖିଛି।



ମିଳିଥିବା ସୂଚନା ଅନୁଯାୟୀ, କଟକ ୟୁପିଡିରେ ଗତ ୫ ବର୍ଷ ମଧ୍ୟରେ ସମୁଦାୟ ୩୩୨ଜଣ ଦୁଷ୍କର୍ମକାରୀଙ୍କୁ ଗିରଫ କରି ପୁଲିସ ଜେଲ୍ ପଠାଇସାରିଲାଣି। ଗତ ୨୦୨୦, ୨୦୨୧, ୨୦୨୨, ୨୦୨୩ ଓ ୨୦୨୪ ମସିହାରେ କଟକ ୟୁପିଡି ଅଧିନରେ ହୋଇଥିବା ୯୫ପ୍ରତିଶତ ଦୁର୍ଷ୍କମ ମାମଲାର ତଦନ୍ତ ଶେଷ ହୋଇ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗତ ୨୦୨୦ ମସିହାରେ କଟକ ସହରର ବିଭିନ୍ନ ଥାନାରେ ୫୩ଟି ଦୁଷ୍କର୍ମ ମାମଲା ହୋଇଥିବା ବେଳେ ସମସ୍ତ ମାମଲାର ତଦନ୍ତ ଶେଷ କରାଯାଇ ୫୧ଜଣଙ୍କୁ ଗିରଫ କରାଯାଇଥିଲା। ସେହିପରି ୨୦୨୧ରେ ୭୮ଟି ଦୁଷ୍କର୍ମ ମାମଲାରେ ୭୯ଜଣଙ୍କୁ ଗିରଫ, ୨୦୨୨ରେ ୮୨ଟି ଦୁଷ୍କର୍ମ ମାମଲାରେ ୭୮ଜଣଙ୍କୁ ଗିରଫ ଏବଂ ୨୦୨୩ମସିହାରେ ୯୭ଟି ଦୁଷ୍କର୍ମ ମାମଲାରେ ମୋଟ୍ ୭୬ଜଣଙ୍କୁ ଗିରଫ କରାଯାଇଛି, ୨୦୨୪ ମସିହିରେ ୫୧ଟି ଦୁଷ୍କର୍ମ ମାମଲାରେ ମୋଟ୍ ୪୮ଜଣଙ୍କୁ ଗିରଫ କରାଯାଇଥିଲା। ପୁଲିସର ଗିରଫଦାରୀ ଓ ମାମଲା ପରିସଂଖ୍ୟାନରୁ ବସ୍ତିରେ ହେଉଥିବା ଦୁଷ୍କର୍ମ ସର୍ବାଧିକ ବୋଲି ଦର୍ଶାଯାଇଛି। କଟକ ସହରର ବସ୍ତି ଅଞ୍ଚଳରେ ୭୦% ନାବାଳିକା ଅତ୍ୟାଚାରର ଶିକାର ହେଉଛନ୍ତି। ଏଠାରେ ଶିକ୍ଷାର ଅଭାବ, ଅସାମାଜିକଙ୍କ ଆଡ୍ଡାସ୍ଥଳୀ, ପାରିବାରିକ ଅନଗ୍ରସରତା ଭଳି କାରଣକୁ ପୁଲିସ ଦର୍ଶାଉଛି। ପୁଲିସ ପକ୍ଷରୁ ପରୀ, ମୁସ୍କାନ୍ ଭଳି ଡ୍ରାଇଭ୍ ଚାଲୁଥିବା ବେଳେ ଏଭଳି ସ୍ଥିତି ପୁଲିସ ପାଇଁ ଚିନ୍ତାର କାରଣ ପାଲଟିଛି। ମର୍କତନଗର, ଫେଜ୍-୨, ପୁରୀଘାଟ, କ୍ୟାଣ୍ଟନମେଣ୍ଟ, ମାଲଗୋଦାମ, ମଧୁପାଟଣା, ମଙ୍ଗଳାବାଗ ଭଳି ଥାନାରେ ପୂର୍ବରୁ ନାବାଳିକା ନିର୍ଯାତନା ମାମଲା ବଢ଼ିଥିଲା। ପୁଲିସ ଏହାକୁ ଗୁରୁତର ସହିତ ବିଚାରକୁ ନେଇ ଏହି ଥାନା ଗୁଡ଼ିକରେ ନାବାଳିକା ଓ ମହିଳା ନିର୍ଯ୍ୟାତନାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଗିରଫ କରିଥିବା ଜଣାପଡ଼ିଛି।

ଅନ୍ୟପଟେ ସହରର ମଧୁପାଟଣା, ଲାଲବାଗ, ବାଦାମବାଡ଼ି, ଦରଘାବଜାର, କ୍ୟାଣ୍ଟନମେଣ୍ଟ, ବିଡ଼ାନାସୀ, ମହିଳା ଥାନା, ମର୍କତନଗର, ଫେଜ୍-୨, ଚୌଦ୍ୱାର ଓ ଜଗତପୁର ଥାନାରେ ମହିଳା ଓ ଶିଶୁ ଡେସ୍କକୁ ଡିସିପି ଖିଲାରୀ ରଷିକେଶ ଦ୍ୟାନଦେଓ ଅଧିକ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସ୍ୱତନ୍ତ୍ର ପ୍ରକୋଷ୍ଠକୁ ମହିଳା ଓ ଶିଶୁଙ୍କ ପ୍ରତି ଘଟୁଥିବା ଅପରାଧ ରୋକିବା ଲାଗି ଓଡ଼ିଶା ପୁଲିସ ୨୦୦୫ରେ ଏହି ପଦକ୍ଷେପ ଗ୍ରହଣ କରିଥିଲା। ପ୍ରତ୍ୟେକ ଥାନାକୁ ଏହି ସ୍ୱତନ୍ତ୍ର ଡ୍ରାଇଭ୍‌ରେ ସାମିଲ୍ କରାଯାଇ ସ୍ୱତନ୍ତ୍ର ଡେସ୍କ୍ କାର୍ଯ୍ୟକ୍ଷମ ହୋଇଥିଲା। ମହିଳା ଓ ନାବଳିକାଙ୍କ ଉପରେ ହେଉଥିବା ନିର୍ଯ୍ୟାତନାକୁ ରୋକିବାକୁ ପୁଲିସ ତତ୍ପରତା ଦେଖାଉଛି। ଏହି ସମ୍ବେଦନଶୀଳ ମାମଲାକୁ ଗମ୍ଭିରତାର ସହିତ ବିଚାରକୁ ନିଆଯାଇ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉପରେ ପୁଲିସ ଗୁରୁତ୍ୱ ଦେଉଛି।

## ଡାକ୍ତର ଜ୍ୟୋତିର୍ମୟ ନାୟକ ଏସ୍‌ସିବିର ଅତିରିକ୍ତ ଅଧୀକ୍ଷକ

**କଟକ,୧୫।୫(ସମିସ):** ସର୍ଜରୀ ବିଭାଗର ଆସୋସିଏଟ ପ୍ରଫେସର ଜ୍ୟୋର୍ତିମୟ ନାୟକ ଏସ୍‌ସିବି ମେଡିକାଲର ଅତିରିକ୍ତ ଅଧୀକ୍ଷକ ଭାବେ ନିଯୁକ୍ତ ହୋଇଛନ୍ତି। ଆଜି ଏ ନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି(ନଂ-୧୦୯୧୨) ଜାରି ହୋଇଛି। ଡାକ୍ତର ନାୟକ ଜଣେ ସଫଳ ଚିକିତ୍ସକ ଭାବେ ବେଶ୍ ପରିଚିତ। ନୂତନ ଦାୟିତ୍ୱ ଗ୍ରହଣ ପରେ ସେ ପ୍ରତିକ୍ରିୟାରେ କହିଛନ୍ତି ଯେ, ରାଜ୍ୟର ସର୍ବବୃହତ୍ତ ସରକାରୀ ହସ୍ପିଟାଲ ଏସ୍‌ସିବି ଉପରେ ଅନେକ ଗରିବ ରୋଗୀ ନିର୍ଭରଶୀଳ। ପ୍ରତ୍ୟେକ ରୋଗୀଙ୍କୁ ଉନ୍ନତ ଚିକିତ୍ସା ଯୋଗାଇ ଦେବା କ୍ଷେତ୍ରରେ ଚାଲିଥିବା କାର୍ଯ୍ୟ ନିରନ୍ତର ଜାରି ରହିବ। ନୂତନ ଦାୟିତ୍ୱ ସୁଚାରୁରୂପେ ତୁଲାଇବା ପାଇଁ ଉଦ୍ୟମ କରିବି ବୋଲି ଡାକ୍ତର ନାୟକ ପ୍ରତିକ୍ରିୟାରେ କହିଛନ୍ତି।



## କଟକରେ ପରାକ୍ରମ ଶୋଭାଯାତ୍ରା



**କଟକ,୧୫।୫(ସମିସ):** ଅପରେସନ ସିନ୍ଦୁରର ସଫଳତା ଓ ଭାରତୀୟ ସେନାବାହିନୀର ଦକ୍ଷତାକୁ ସମ୍ମାନ ଜଣାଇ ଆଜି କଟକଠାରେ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମହାମହିମ ରାଜ୍ୟପାଳ ଡ. ହରି ବାବୁ କମ୍ଭମପଟି ପତାକା ଦେଖାଇ ବାଇକ ରାଲିର ଶୁଭ ଉଦଘାଟନ କରିଥିଲେ। ଭାରତୀୟ ସେନାର ଅଦମ୍ୟ ସାହସକୁ ସମ୍ମାନ ଜଣାଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ପରାକ୍ରମ ଶୋଭାଯାତ୍ରାରେ ସମାଜର ସବୁ ବର୍ଗର ନାଗରିକଙ୍କ ସହ ପ୍ରଶାସନିକ ଅଧିକାରୀ, ପୁଲିସ, ଏନସିସି କ୍ୟାଡେଟ, ଓଡ୍ରାଫ, ଏନଡିଆରଏଫ, ଅଗ୍ନିଶମ କର୍ମଚାରୀ, ଶିକ୍ଷକ, ମହିଳା, ଛାତ୍ରଛାତ୍ରୀ, କ୍ରୀଡ଼ାବିତ ଓ ବୁଦ୍ଧିଜୀବୀ ସାମିଲ ହୋଇଥିଲେ। ସ୍ଥାନୀୟ ନେତାଜୀ ସ୍ମାରକୀଠାରୁ ଆରମ୍ଭ ହୋଇଥିବା ପରାକ୍ରମ ରାଲି ସହର ପରିକ୍ରମା କରି ସ୍ୱରାଜ ଆଶ୍ରମ ଠାରେ ପହଞ୍ଚିଥିଲା। ଏହି ଅବସରରେ କଟକ ମେୟର ସୁବାସ ଚନ୍ଦ୍ର ସିଂହ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ବି. ପରମେଶ୍ୱରନ, ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଡିସିପି ଖିଲାରୀ ରିଷିକେଶ ଡି, ସିଏମସି କମିଶନର ଅନାମ ଚରଣ ପାତ୍ର, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଉପଜିଲ୍ଲାପାଳ କଟକ ସଦର ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓ ପ୍ରମୁଖ ଉପସ୍ଥିତ ଥିଲେ।

## ସହର ସମସ୍ୟା ସମ୍ପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣି କରିବେ ହାଇକୋର୍ଟଙ୍କ ସ୍ୱତନ୍ତ୍ର ଖଣ୍ଡପୀଠ

**କଟକ,୧୫। ୫(ସମିସ):** କଟକ ସହର ସମସ୍ୟା ସମ୍ପର୍କିତ ଜନସ୍ୱାର୍ଥ ମାମଲା ଗୁଡିକର ଶୁଣାଣି କରିବେ ହାଇକୋର୍ଟଙ୍କ ସ୍ୱତନ୍ତ୍ର ଖଣ୍ଡପୀଠ। ପୂର୍ବରୁ ଏହି ମାମଲା ସ୍ୱତନ୍ତ୍ର ଖଣ୍ଡପୀଠ ଶୁଣାଣି କରୁଥିଲେ ମଧ୍ୟ ଏହା ଶେଷଥର ପାଇଁ ଗତ ଜାନୁଆରି୧୬ରେ ଶୁଣାଣି ହୋଇଥିଲା । ପରେ ଏହାକୁ ମୁଖ୍ୟ ବିଚାରପତିଙ୍କ ଖଣ୍ଡପୀଠରେ ଶୁଣାଣି ପାଇଁ ତାଲିକାଭୁକ୍ତ କରାଯାଇଥିଲା । ତେବେ ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନଙ୍କ ଅନୁମତି କ୍ରମେ ଏହି ମାମଲାକୁ ପୁନର୍ବାର ସ୍ୱତନ୍ତ୍ର ଖଣ୍ଡପୀଠରେ ଶୁଣାଣି କରାଯିବ । ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି ଆସନ୍ତାକାଲି କରିବେ।

## ଏସ୍‌ୟୁସିଆଇ ପକ୍ଷରୁ ବିକ୍ଷୋଭ

**କଟକ,୧୫।୫(ସମିସ):** କେନ୍ଦ୍ରୀୟ ଟ୍ରେଡ ୟୁନିଅନଙ୍କ ମିଳିତ ମଞ୍ଚର ଆହ୍ୱାନରେ ମେ ୨୦ ତାରିଖ ସର୍ବଭାରତୀୟ ସାଧାରଣ ଧର୍ମଘଟ ସମର୍ଥନରେ ତଥା ଆକାଶ ଛୁଆଁ ଦରବୃଦ୍ଧି, ରନ୍ଧନ ଗ୍ୟାସ ଦରବୃଦ୍ଧି, ପାନୀୟ ଜଳ ପାଇଁ ପାଣି ମିଟର ହଟାଇବା ସହ ଟଙ୍କା ଆଦାୟ ବନ୍ଦ, ବିଜୁଳି କ୍ଷେତ୍ରର ଘରୋଇକରଣ ବନ୍ଦ ଦାବିରେ ଆଜି ଏସୟୁସିଆଇ (କମ୍ୟୁନିଷ୍ଟ) କଟକ ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦାସଙ୍କ ପରିଚାଳନାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଅଫିସ ସମ୍ପାଦକ ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ବବି ବଳବନ୍ତରାୟ, ସିଦ୍ଧାର୍ଥ ରଥ, ଭାଗ୍ୟରବି ଦାସ, ବିନୋଦ ସେଠୀ, ତରୁଣସେନ ନାୟକ, ଶିବାନୀ ସାହୁ, ଶୁଭସ୍ମିତା ସାହୁ, ସ୍ୱାଧୀନ ବେହେରା, ପାଭେଲ ପ୍ରିୟଦର୍ଶନ, ସିପ୍ରା ମହାନ୍ତି, ଜ୍ୟୋତ୍ସ୍ନାରାଣୀ ଦାସ ପ୍ରମୁଖ ନେତୃତ୍ୱ ନେଇଥିଲେ। ସଭାସ୍ଥଳରୁ ବସନ୍ତ ନାୟକଙ୍କ ନେତୃତ୍ୱରେ ସୌଭାଗ୍ୟ ସାମଲ ଓ ଦୀପକ ଦାସ ଏକ ପ୍ରତିନିଧି ଦଳରେ ଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ପ୍ରଦାନ କରିଥିଲେ।




## ଦଲାଲଙ୍କ ଚରାଭୂଇଁ ‘ବଡ଼ ମେଡିକାଲ’

**କଟକ,୧୫।୫(ସମିସ):** ବଡ ମେଡିକାଲକୁ ଦଲାଲ ମୁକ୍ତ କରିବା ଅସମ୍ଭବ ହୋଇ ପଡ଼ିଲାଣି। ମେଡିକାଲ ପରିସର ଯେପରି ଦଲାଲଙ୍କ କବ୍‌ଜାକୁ ଆସି ସାରିଛି। ଆଉଟଡୋର(ଓପିଡି) ଆଉ ଟ୍ରମା ସେଣ୍ଟର ନିକଟରେ ଖୁଲମଖୁଲା ଦଲାଲଙ୍କ ଚଳପ୍ରଚଳ ଲାଗି ରହିଛି। ସୁଯୋଗ ଦେଖି ରୋଗୀଙ୍କୁ ଘରୋଇ ହସ୍ପିଟାଲ ନେବାରେ ଦଲାଲମାନେ ହେଳା କରୁନାହାନ୍ତି। ପ୍ରତ୍ୟେକ ଦିନ ଏଭଳି ଘଟଣା ଘଟୁଥିଲେ ସୁଦ୍ଧା ପୁଲିସ ଏବଂ ମେଡିକାଲ ପ୍ରଶାସନର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି। ବଡ ମେଡିକାଲ ଏବେ ଦଲାଲଙ୍କ ଚରାଭୂଇଁ ପାଲଟିଛି ବୋଲି କଟକର ଜଣାଶୁଣା ସାମାଜିକକର୍ମୀ ଡଃ ଅଭୟ ରଞ୍ଜନ ପଟ୍ଟନାୟକ ଅଭିଯୋଗ କରିଥିବା ବେଳେ ଏ ଦିଗରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

ବଡ ମେଡିକାଲକୁ ଦଲାଲ ମୁକ୍ତ କରିବା ଉଦ୍ୟମ ଏକ ପ୍ରହସନ ସାବ୍ୟସ୍ତ ହେଲାଣି। ସାମାଜିକକର୍ମୀ ଡଃ ପଟ୍ଟନାୟକଙ୍କ ଅଭିଯୋଗ ମୁତାବକ, ପ୍ରତ୍ୟେକ ଦିନ ଲୋକେ ଦଲାଲଙ୍କ ଶିକାର ହେଉଛନ୍ତି। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଲୋକେ ଉନ୍ନତ ଚିକିତ୍ସା ଆଶାରେ କଟକ ବଡ ମେଡିକାଲ ଉପରେ ଭରସା କରୁଛନ୍ତି। ମାତ୍ର ଲୋକଙ୍କ ଭରସା ରକ୍ଷା କରିବାରେ

- **ଦଲାଲ କଥାରେ ପଡ଼ି ଲକ୍ଷାଧିକ ଟଙ୍କା ହରାଇଲେ ମହିଳା**
- **ପୁଲିସର କାମଚଳା ଚଢଉ, ଅନ୍ତରୀଣ କମିଟି ନିଷ୍କ୍ରିୟ**
- **ଓପିଡି, ଟ୍ରମା ସେଣ୍ଟରରେ ମାଲମାଲ ଦଲାଲ୍**

ପୁଲିସ ଏବଂ ମେଡିକାଲ ପ୍ରଶାସନ ବିଫଳ ହେଉଛି। ଏଭଳି କାର୍ଯ୍ୟ ଜାରି ରହିଲେ ବଡ ମେଡିକାଲ ଉପରୁ ଲୋକଙ୍କ ଭରସା ତୁଟିଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଆଜି ପ୍ରସୂତୀ ଏବଂ ସ୍ତ୍ରୀ ରୋଗ ବିଭାଗ ନିକଟରେ ଜଣେ ମହିଳା ଦଲାଲଙ୍କ ଶିକାର ହେବା କଥା କହିବା ଘଟଣା ଚର୍ଚ୍ଚା ପରିସରଭୂକ୍ତ ହୋଇଛି। ଦଲାଙ୍କ ପ୍ରରୋଚନା ପଡି ଲକ୍ଷାଧିକ ଟଙ୍କା କ୍ଷତି ସହିଥିବା କଥା ସେ କହିଥିଲେ। ପରେ ପୁର୍ନବାର ଏସ୍‌ସିବିକୁ ଆସି ସେ ଚିକିତ୍ସିତ ହେଉଥିବା କଥା ଜଣାଇଥିଲେ।

ପ୍ରକାଶଯୋଗ୍ୟ, ଏସ୍‌ସିବି ମେଡ଼ିକାଲରେ ଦଲାଲ ଦମନ ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ପୁଲିସ ଦାବିର ସହ କହୁଛି। ମେଡ଼ିକାଲ ଭିତରେ ସାଦା ପୋଷାକରେ ଘୂରି ବୁଲୁଛନ୍ତି ପୁଲିସ କର୍ମଚାରୀ। ଦିନ ରାତି ବିଭିନ୍ନ ସ୍ଥାନରେ ଚଢ଼ଉ ହେଉଛି ବୋଲି ପୁଲିସ କହୁଥିବା ସତ୍ତ୍ୱେ ଦଲାଲଙ୍କ ସଂଖ୍ୟା କାହିଁକି କମୁନି ତାହା ଅସ୍ପଷ୍ଟ। ସେହିପରି ଦଲାଲି ରୋକିବା ଉଦ୍ଦେଶ୍ୟରେ ଏସ୍‌ସିବି ମେଡିକାଲ କର୍ତ୍ତୃପକ୍ଷ ଏକ ଅନ୍ତରୀଣ କମିଟି ଗଠନ କରିଥିଲେ। ନିୟମିତ ବିଭିନ୍ନ ୱାର୍ଡ ଅନୁଧ୍ୟାନ କରିବା କମିଟିର କାର୍ଯ୍ୟ। ହେଲେ କମିଟି ଏବେ ନିଷ୍କ୍ରିୟ। ଏ ବାବଦରେ ଏସ୍‌ସିବି ମେଡିକାଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

## ହାଉସ୍‌ସର୍ଜନଙ୍କ ଡ୍ୟୁଟିରେ ଖିଲାପ ଅଭିଯୋଗ

**କଟକ,୧୫।୫(ସମିସ):** ହାଉସସର୍ଜନ ମାନେ ସଠିକ ଭାବେ ଡ୍ୟୁଟି କରୁନାହାନ୍ତି। ବଡ ମେଡିକାଲରେ ନିଯୁକ୍ତି ପାଇଛନ୍ତି, ହେଲେ ଡ୍ୟୁଟି ସମୟରେ ସେମାନଙ୍କୁ ଦେଖିବାକୁ ମିଳୁନାହିଁ। ବଦଳରେ ଅନେକ ଘରୋଇ ହସ୍ପିଟାଲରେ ରୋଗୀ ସେବା ଚଳାଇଛନ୍ତି। ସାମାଜିକକର୍ମୀ ଗୋଲକ ମହାନ୍ତି ଏ ନେଇ ଅଭିଯୋଗ ଉଠାଇବା ସହ ଜାତୀୟ ମେଡିକାଲ କମିଶନ(ଏନଏମସି) ନିୟମ ଅନୁଯାୟୀ, ଡ୍ୟୁଟିରେ ଖିଲାପ କରୁଥିବା ହାଉସସର୍ଜନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ନିଜେ ଡ୍ୟୁଟିରେ ଯୋଗ ନଦେଇ ଏମବିବିଏସ୍ ଛାତ୍ରଛାତ୍ରୀଙ୍କୁ ରୋଗୀ ସେବାରେ ନିୟୋଜିତ କରୁଛନ୍ତି ବୋଲି ସେ ଅଭିଯୋଗରେ ଜଣାଇଛନ୍ତି।

## କୃଷକ ବଜାରରୁ ଚୋରି

**କଟକ,୧୫।୫(ସମିସ):** ବିଡାନାସୀ ଥାନା ଅନ୍ତର୍ଗତ କୃଷକ ବଜାର ଭିତରେ ଥିବା ଏକ ଦୋକାନରୁ ଚୋରି ହୋଇଛି। ଗତକାଲି ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଦୋକାନ ସର୍ଟର ତାଡି ଡାଲି/ଚାଉଳ ଏବଂ ଅନ୍ୟାନ୍ୟ ଗ୍ରୋସରୀ ସାମଗ୍ରୀ ଚୋରାଇ ନେଇଛନ୍ତି। ସନାତନ ମାଝୀଙ୍କ ଏକ ଡାଲି ଚାଉଳ ଦୋକାନ କୃଷକ ବଜାର ଭିତରେ ରହିଛି। ସେ ଗତକାଲି ୧୦ଟା ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଆଜି ସକାଳୁ ଦୋକାନ ଖୋଲିବାକୁ ଆସିବା ବେଳେ ଦେଖିଲେ ଯେ, ତା’ଙ୍କ ଦୋକାନ ସର୍ଟର ତଡ଼ା ହୋଇଛି। ଏହାପରେ ସେ ଥାନାରେ ଏତଲା ଦେଇଥିଲେ। ପୁଲିସ ସିସିକ୍ୟାମେରା ଫୁଟେଜ୍ ଜବତ କରି ଛାନଭିନ୍ କରୁଥିବା ଜଣାପଡ଼ିଛି।

## କଟକରେ ରାଜ୍ୟପାଳଙ୍କ ସମୀକ୍ଷା

# ସରକାରୀ ଯୋଜନାର ସଫଳ ରୂପାୟନ ହେଉ

କଟକ,୧୫।୫(ସମିସ):






ବିକଶିତ ଭାରତର ଲକ୍ଷ୍ୟ ସାକାର କରିବାକୁ ହେଲେ ବିକଶିତ କଟକ ତଥା ବିକଶିତ ଓଡ଼ିଶାର ସ୍ୱପ୍ନକୁ ପ୍ରଥମେ ପୂରଣ କରିବାକୁ ହେବ। ଏଥିପାଇଁ ତୃଣମୂଳ ସ୍ତରରୁ କାର୍ଯ୍ୟ କରିବା ଆବଶ୍ୟକ। କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାଗୁଡିକର ସୁଫଳ ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟରେ ପହଞ୍ଚାଇବାକୁ ପଡିବ। ଏହି ପରିପ୍ରେକ୍ଷୀରେ ପ୍ରଶାସନ ଓ ଜନପ୍ରତିନିଧି ହାତକୁ ହାତ ମିଶାଇ କାର୍ଯ୍ୟ କରିବାକୁ ରାଜ୍ୟପାଳ ଡଃ ହରିବାବୁ କମ୍ଭମପାଟି ଆହ୍ୱାନ ଦେଇଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ସମୀକ୍ଷା ବୈଠକରେ ରାଜ୍ୟପାଳ ଉପସ୍ଥିତ ରହି ସରକାରଙ୍କ ବିଭିନ୍ନ ଯୋଜନାଗୁଡିକ ସମ୍ପର୍କରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏବଂ ଯୋଜନାର ସଫଳ ରୂପାୟନ ଦିଗରେ ଆଲୋକପାତ କରିଥିଲେ।

ରାଜ୍ୟପାଳ ଡଃ କମ୍ଭମପାଟି ଦିନିକିଆ ଗସ୍ତରେ ଆସି ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାଗୁଡିକର ସ୍ଥିତି ଓ କାର୍ଯ୍ୟକାରିତା ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କ ଠାରୁ ପଚାରି ବୁଝିଥିଲେ। ଡିସିପି ଖିଲାରି ରଷିକେଷ ଦ୍ୟାନଦେଓ କଟକ ସହରର ଆଇନଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ଅବଗତ କରାଇବା ସହ ସାଇବର ଅପରାଧ ରୋକିବା ଦିଗରେ ବିଭିନ୍ନ ପଦକ୍ଷେପ ଓ ୨୪ଘଣ୍ଟିଆ ଟୋଲ ଫ୍ରି ନମ୍ବର କାର୍ଯ୍ୟ କରୁଥିବା ବିଷୟରେ ବିବରଣୀ ପ୍ରଦାନ କରିଥିଲେ। ଏସ୍‌ପି ପ୍ରତୀକ ସିଂ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ସିସିଟିଭି କ୍ୟାମେରା ଲଗାଯାଇ ଅପରାଧ ନିୟନ୍ତ୍ରଣ କରାଯାଉଥିବା ବିଷୟ ଉଲ୍ଲେଖ କରିଥିଲେ। ଜିଲ୍ଲାର କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ, ଉଦ୍ୟାନ କୃଷି, ମତ୍ସ୍ୟ ଏବଂ ପ୍ରାଣୀସମ୍ପଦ, ମହିଳା ଏବଂ ଶିଶୁ ବିକାଶ, ଅନୁସୂଚିତ ଜାତି, ଜନଜାତି ଏବଂ ପଛୁଆବର୍ଗ କଲ୍ୟାଣ ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ବିଦ୍ୟାଳୟ ଓ ଗଣଶିକ୍ଷା, ଶକ୍ତି, ଶିଳ୍ପ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, କ୍ଷୁଦ୍ର ଜଳସେଚନ ଏବଂ ବ୍ୟାଙ୍କିଙ୍ଗ କ୍ଷେତ୍ରର ଅଧିକାରୀମାନେ ନିଜ ନିଜ ବିଭାଗର କାର୍ଯ୍ୟକାରିତା ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ।

ବିଭିନ୍ନ ପ୍ରକଳ୍ପ ଯଥା ଏସସିବି ମେଡିକାଲ, ଚଣ୍ଡୀ ମନ୍ଦିର, ସତ୍ୟଭାମାପୁରସ୍ଥିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠ, ତାରକସି ହବ୍, ମହାନଦୀ ୱାଟରଫ୍ରଣ୍ଟ ଆଦିର ବର୍ତ୍ତମାନର ସ୍ଥିତି ଏବଂ କାର୍ଯ୍ୟ ଖୁବ ଶୀଘ୍ର ସମ୍ପନ୍ନ କରାଯିବା ନେଇ ଉଦ୍ୟମ ଜାରି ରହିଥିବା ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ଆସନ୍ତା ମାର୍ଚ୍ଚ ସୁଦ୍ଧା ଏସ୍‌ସିବି ସମ୍ପ୍ରସାରଣ ପ୍ରକଳ୍ପ ଶେଷ ହେବ ବୋଲି ସମୀକ୍ଷା ବୈଠକରେ କୁହାଯାଇଥିଲା।

କେନ୍ଦ୍ରୀୟ ମୁଦ୍ରା ଯୋଜନାରେ ବିଭିନ୍ନ ବ୍ୟାଙ୍କ ଋଣ ପ୍ରଦାନ କରୁଛନ୍ତି କି ନାହିଁ ସେ ସମ୍ପର୍କରେ ରାଜ୍ୟପାଳ ବିଭିନ୍ନ ବ୍ୟାଙ୍କର ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ସରକାରଙ୍କ ଯୋଜନାଗୁଡିକ ବାଟବଣା ନହୋଇ କିପରି ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚିପାରିବ ସେ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ରାଜ୍ୟପାଳ ନିର୍ଦ୍ଦେଶ ଦେଇଛନ୍ତି।

- **ପ୍ରଶାସନ ଓ ଜନପ୍ରତିନିଧିଙ୍କ ସମନ୍ୱୟ ଉପରେ ଗୁରୁତ୍ୱ**
- **ଆସନ୍ତା ମାର୍ଚ୍ଚ ସୁଦ୍ଧା ସରିବ ଏସ୍‌ସିବି ସମ୍ପ୍ରସାରଣ ପ୍ରକଳ୍ପ**
- **ନାଗରିକ କମିଟି ଓ ଶାନ୍ତି କମିଟି ସହ ଆଲୋଚନା**

କାର୍ଯ୍ୟକ୍ରମରେ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ, ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ବିଧାୟିକା ସୋଫିଆ ଫିର୍ଦ୍ଦୋଶ, ବିଧାୟକ ଛବି ମଲ୍ଲିକ, ବିଧାୟକ ବିଜୟ ଦଳବେହେରା, ବିଧାୟକ ଶାରଦା ପ୍ରସାଦ ପ୍ରଧାନ, ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ୍. ରାଜପୁତ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ବି. ପରମେଶ୍ୱରନ୍, ସିଏମସି କମିଶନର ଅନାମ ଚରଣ ପାତ୍ର, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଅତିରିକ୍ତ ଜିଲ୍ଲାପାଳ ଡଃ ଦିବ୍ୟଲୋଚନ ମହନ୍ତ, ଅତିରିକ୍ତ ଜିଲ୍ଲାପାଳ ଡଃ ଇପସିତା ପ୍ରିୟଦର୍ଶିନୀ ମିଶ୍ର, ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ଉପଜିଲ୍ଲାପାଳ ପ୍ରଣବ କୁମାର ବେହେରା ଓ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଅପରାହ୍ନରେ ରାଜ୍ୟପାଳ ସ୍ୱତନ୍ତ୍ର ସର୍କିଟ ହାଉସଠାରେ ନାଗରିକ କମିଟି, ଶାନ୍ତି କମିଟି, ବାର ଆସୋସିଏନ୍‌ର ସଦସ୍ୟ ଓ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ସହ କଟକ ସହରର ଉନ୍ନତିକରଣ ଓ ସାମଗ୍ରିକ ବିକାଶ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରି ସହରର ଉନ୍ନତିକରଣ କାର୍ଯ୍ୟ ଉପରେ ସନ୍ତୋଷ ବ୍ୟକ୍ତ କରିଥିଲେ। ପରେ ରାଜ୍ୟପାଳ ନୌବାଣିଜ୍ୟ ସଂଗ୍ରହାଳୟଠାରେ ମୁଦ୍ରା ଯୋଜନାର ହିତାଧିକାରୀମାନଙ୍କ ସହିତ ଆଲୋଚନା କରଥିଲେ। ଏଥିସହ ରାଜ୍ୟପାଳ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧିନରେ ଉପକୃତ ହୋଇଥିବା ହିତାଧିକାରୀ ବିଡାନାସୀ ଗୋପାଳସାହିର ପୁଷ୍ପଲତା ସାସମଲ ଏବଂ ସାନ ମୁଣ୍ଡଳୀର ମଇନା ସାହୁଙ୍କ ଗୃହ ପରିଦର୍ଶନ କରିଥିଲେ।

### ସମୀକ୍ଷା ବୈଠକକୁ ବର୍ଜନ କଲା ବିଜେଡି

ରାଜ୍ୟପାଳଙ୍କ ସମୀକ୍ଷା ବୈଠକକୁ ବର୍ଜନ କରିବା ସହ ଏଥିରେ ଯୋଗ ଦେଇ ନଥିଲେ ବିଜୁ ଜନତା ଦଳର କୌଣସି ବିଧାୟକ। ଆଜି ରାଜ୍ୟପାଳ ଡଃ ହରିବାବୁ କମ୍ଭମପାଟି ଏକଦିନିଆ କଟକ ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିବା ସହ ସରକାରୀ ଯୋଜନାର ସଫଳ ରୂପାୟନ ନେଇ ସରକାରୀ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

ତେବେ ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପରାମର୍ଶ ଅନୁସାରେ ବିଜୁ ଜନତା ଦଳର କୌଣସି ବିଧାୟକ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇନଥିବା ଜଣାପଡ଼ିଛି। ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଏବଂ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ବୈଠକକୁ ବର୍ଜନ କରିଥିଲେ।

■ ଡିପିଏସ୍‌ର ସିବିଏସଇ ପରୀକ୍ଷା ଫଳ, ୧୦ମରେ ମହାମାୟା ଟପ୍ପର

# ଦ୍ୱାଦଶ ବିଜ୍ଞାନରେ ଆଫ୍ରିନ୍ ଓ ବାଣିଜ୍ୟରେ ଅନ୍‌ମୋଲ ଟପ୍ପର








ଦାମନଯୋଡ଼ି,୧୫।୫ (ସମିସ): ମଙ୍ଗଳବାର କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ୍ (ସିବିଏସଇ) ପକ୍ଷରୁ ପ୍ରକାଶ ପାଇଥିବା ୧୦ମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ଦାମନଯୋଡ଼ି ପାଇଁ ଉତ୍ସାହ ଜନକ ହୋଇଛି। ନାଲ୍‌କୋ ଟାଉନ୍‌ସିପ ସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲ(ଡିପିଏସ)ର ୧୦ମ ଶ୍ରେଣୀରେ ପରୀକ୍ଷା ଦେଇଥିବା ସମସ୍ତ ୧୧୭ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରୀ ମହାମାୟା କର ସାର ୪୯୮ନମ୍ବର ଅର୍ଥାତ ୯୯.୬ପ୍ରତିଶତ ନମ୍ବର(ଶ୍ରେଷ୍ଠ ୫ଟି ବିଷୟ)ସହିତ ସ୍କୁଲ ଟପ୍ପର ହୋଇଛନ୍ତି। ସେକ୍ଟର ୧ ନିବାସୀ ରଜନୀକାନ୍ତ କର ଓ ଚିନ୍ମୟୀ ପ୍ରିୟଦର୍ଶିନି ପତିଙ୍କ କନ୍ୟା ମହାମାୟା ଭବିଷ୍ୟତରେ ପଦାର୍ଥ ବିଜ୍ଞାନ ଓ ଗଣିତରେ ପ୍ରାଧ୍ୟାପକ ହେବା ଲକ୍ଷ୍ୟ ରଖିଛନ୍ତି। ପ୍ରତୀକ୍ଷା ପ୍ରୀୟାଂଶି ମଲ୍ଲିକ ୪୯୨ ନମ୍ବର ସହିତ ୨ୟ ସ୍ଥାନ ଓ ଆଦିତ୍ୟ ଆର୍ୟ୍ୟନ ରାଉତ ୪୯୧ନମ୍ବର ସହିତ ୩ୟ ସ୍ଥାନରେ ରହିଛନ୍ତି। ମୋଟ ୩୫ଜଣ ଛାତ୍ରଛାତ୍ରୀ ୯୦ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ସେହିପରି ଦ୍ୱାଦଶ ବିଜ୍ଞାନରେ ସମସ୍ତ ୬୬ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରୀ ଆଫ୍ରିନ ନାଜ ଅଲି ୪୭୧ନମ୍ବର ଅର୍ଥାତ ୯୪.୨ତିଶତ ନମ୍ବର ସହିତ ସ୍କୁଲ ଟପ୍ପର ହୋଇଛନ୍ତି। ଆଫ୍ରିନ ଇଂରାଜୀରେ ସର୍ବାଧିକ ୯୯ନମ୍ବର ଓ ରସାୟନ ବିଜ୍ଞାନରେ ସର୍ବାଧିକ ୯୫ନମ୍ବର ରଖିଛନ୍ତି। ସେକ୍ଟର ୩ ନିବାସୀ ସେକ ମହମ୍ମଦ ଅଲ୍ଲୀ ଓ ଅନୱାରା ବେଗମଙ୍କ ସୁକନ୍ୟା ଆଫ୍ରିନ ଭବିଷ୍ୟତରେ ସଫ୍ଟୱେର ଇଞ୍ଜିନିୟର ହୋଇ ଦେଶ ପ୍ରଗତିରେ ସାଥି ହେବାକୁ ଲକ୍ଷ୍ୟ ରଖିଛନ୍ତି। ସେହିପରି ଅଂଶୁମାନ ସାହୁ ୪୬୯ନମ୍ବର(୯୩.୮ ପ୍ରତିଶତ) ସହିତ ୨ୟ ସ୍ଥାନରେ ରହିଛନ୍ତି। ଅଂଶୁମାନ ଶାରୀରିକ ଶିକ୍ଷା ବିଷୟରେ ସର୍ବାଧିକ ୯୮ ନମ୍ବର ରଖିଛନ୍ତି। ଛାତ୍ର ଅର୍ଣ୍ଣବ ଅଶେଷ ୪୬୫ନମ୍ବର (୯୩ ପ୍ରତିଶତ) ସହିତ ୩ୟ ସ୍ଥାନରେ ରହିଛନ୍ତି। ଅନ୍ୟ ୨ଜଣ ଛାତ୍ରୀ ମଧ ୯୦ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ଐଶନୀ ଦତ୍ତ ୪୬୨ନମ୍ବର(୯୨.୪ ପ୍ରତିଶତ) ଓ ଶ୍ରେୟା ସିଧଗ୍ନା ଜେନା ୪୫୩ ନମ୍ବର (୯୦.୬ ପ୍ରତିଶତ)ରଖିଛନ୍ତି। ସେହିପରି ଦ୍ୱାଦଶ ବାଣିଜ୍ୟରେ ପରୀକ୍ଷା ଦେଇଥିବା ୨୨ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଅନମୋଲ ଦରିୟାନି ସର୍ବାଧିକ ୪୬୮ନମ୍ବର (୯୩.୬ ପ୍ରତିଶତ) ନମ୍ବର ସହିତ ସ୍କୁଲ ଟପ୍ପର ହୋଇଛନ୍ତି। ସୁନାବେଡ଼ା ୨ ନିବାସୀ ଗୁରୁମୁଖ ଦାସ ଦରିୟାନି ଓ ମୋନିକା ଦରିୟାନିଙ୍କ ସୁକନ୍ୟା ଅନମୋଲ ଭବିଷ୍ୟତରେ ନିଜର ଷ୍ଟାର୍ଟଅପ ସହିତ ପାରିବାରିକ ସଂସ୍ଥାରେ ସହଯୋଗୀ ହୋଇ ନୂତନ ପିଢ଼ିଙ୍କୁ ଆନ୍ତର୍ଜାତୀୟ ସ୍ତରରେ ସଫଳତା ପାଇଁ ସହଯୋଗ କରିବେ ବୋଲି କହିଛନ୍ତି। ଆୟନ ରାଜ ୪୬୪ନମ୍ବର (୯୨.୮ ପ୍ରତିଶତ) ରଖି ୨ୟ ସ୍ଥାନରେ ଓ ସୋନାକ୍ଷୀ ସିଂହ ୪୫୪ ନମ୍ବର (୯୦.୮ ପ୍ରତିଶତ) ରଖି ୩ୟ ସ୍ଥାନରେ ରହିଛନ୍ତି। ଛାତ୍ରଛାତ୍ରୀଙ୍କ ସଫଳତା ପରେ ଡିପିଏସ ଭାରପ୍ରାପ୍ତଅଧ୍ୟକ୍ଷା ସୁଜାତା ପାଣି ଓ ଶିକ୍ଷକଶିକ୍ଷୟିତ୍ରୀ ସମସ୍ତଙ୍କୁ ସାଧୁବାଦ ଜଣାଇବା ସହିତ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ତେନ୍ତୁଳିର ଅଭାବୀ ବିକ୍ରି

# କମ୍ ଦରରେ ନେଇ ଯାଉଛନ୍ତି ଛତିଶଗଡ଼ ଦଲାଲ

କୋଷାଗୁମୁଡା,୧୫।୫(ସମିସ):

ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ କୋଷାଗୁମୁଡ଼ା ଅଞ୍ଚଳରେ ତେନ୍ତୁଳିର ଅଭାବୀ ବିକ୍ରି ଚାଲିଛି। ତେନ୍ତୁଳି ଗଛର ମାଲିକଙ୍କଠାରୁ ତେନ୍ତୁଳିରୁ ମଞ୍ଜି କାଢ଼ି କିଲୋପ୍ରତି ୨୭ଟଙ୍କାରେ କିଣି ଦଲାଲ୍ ଛତିଶଗଡ଼ ନେଇ ୮୦ରୁ ୯୦ ଟଙ୍କା ମଧ୍ୟରେ ବିକ୍ରି କରୁଛନ୍ତି। କୋଷାଗୁମୁଡା ବ୍ଲକର ଆଟିଗାଁ, କୋଟାଗାଁ, ଟେମ୍ରା,ସନ୍ତୋଷପୁର, ମାଝୀଧନୁଆ, ଆଡ଼ଁଲି, କୋଷାଗୁମୁଡା, ବଡ଼ଆମ୍ବଡା, କୋଡ଼ିଙ୍ଗା, ରାଜୋଡା, ଉକିଆପଲି ଭଳି ଅନେକ ସ୍ଥାନରେ ତେଣ୍ତୁଳି କିଣିବା ପାଇଁ ଦଲାଲ ସକ୍ରିୟ ହୋଇ ଉଠିଛନ୍ତି। କୋଷାଗୁମୁଡା ବ୍ଲକର ୨୬ ଗୋଟି ପଞ୍ଚାୟତର ଗାଁ ଗହଳିରେ ଥିବା ବିହାରୀ ଦୋକାନୀ ଓ ଅଞ୍ଚଳରେ ଥିବା କିଛି ଛୋଟ ହାଟ ବେପାରୀ ମିଶି ଦଲାଲଙ୍କ ପାଇଁ କାମ କରୁଛନ୍ତି। ତଳସ୍ତରରେ ଏମାନେ କମ୍ ମୂଲ୍ୟରେ ତେନ୍ତୁଳି କିଣି ଦଲାଲଙ୍କୁ ମଧ ଦେଉଛନ୍ତି। ଦିନକୁ ୨୦ରୁ ଅଧିକ ପିକ୍‌ଅପ୍ ଭ୍ୟାନରେ ଦଲାଲ ଓଡ଼ିଶାର ତେନ୍ତୁଳି ଛତିଶଗଡ଼କୁ ପଠାଉଥିବା ସାଧାରଣରେ ଦେଖିବାକୁ ମିଳିଛି। ଏହି ସବୁ କାର୍ଯ୍ୟ ଉପରେ ସ୍ଥାନୀୟ କିମ୍ବା ଜିଲ୍ଲା ପ୍ରଶାସନ ତରଫରୁ କୌଣସ ରୋକ୍ ନାହିଁ। ଏହାକୁ ଦେଖିବାକୁ ମଧ କେହି ନାହିଁ। ଫଳରେ ଦଲାଲଙ୍କ ଗତିବିଧି ଦିନକୁ ଦିନ ବଢ଼ିବାରେ ଲାଗିଛନ୍ତି। ଲୋକେ ଗୋଟିଏ କିଲୋ ତେନ୍ତୁଳିରୁ ୨୫ଟଙ୍କା ପାଉଥିବା ବେଳେ ଦଲାଲ ମାନେ ସିଧାସଳଖ ୪ଗୁଣା ଟଙ୍କା ପାଉଛନ୍ତି। ଦଲାଲମାନେ ଟିକସ ମଧ ଠକି



ଚାଲିଛନ୍ତି। ଚୋରାରେ ତେନ୍ତୁଳି ପଡ଼ୋଶୀ ଛତିଶଗଡ଼ ରାଜ୍ୟକୁ ଯାଉଛି। ଓଡ଼ିଶା ସରକାର ମଧ ଏହାକୁ ରୋକିବାରେ ବିଫଳ ହୋଇଛି। ଅଭାବୀ ବିକ୍ରି ଯୋଗୁଁ ତେନ୍ତୁଳି ଚାଷୀ କ୍ଷତିଗ୍ରସ୍ତ ହେଉଥିବାରୁ ଏଥିପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେଇ ତେନ୍ତୁଳି ଦର ନିର୍ଦ୍ଧାରଣ କରି ଏହାକୁ ଚାଷୀଙ୍କଠାରୁ ସଂଗ୍ରହ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

# ନୂଆ ବିଚାରପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଉମରକୋଟ, ୧୫।୫ (ସମିସ):

ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଜଜ୍‌ଙ୍କ ଅଦାଲତରେ ପୂର୍ବତନ ଅତିରିକ୍ତ ଜିଲ୍ଲା ଜଜ୍ ଗିରିଜା ପ୍ରସାଦ ମହାପାତ୍ରଙ୍କ ବଦଳି ହେବା ପରେ ନୂତନ ଭାବେ ସୁଶ୍ରୀ ସୁନିତା ପଟ୍ଟନାୟକ ଦାୟିତ୍ୱ ଗ୍ରହଣ କରିଛନ୍ତି। କାର୍ଯ୍ୟର ପ୍ରଥମ ଦିନ ଅପରାହ୍ନରେ ଉମରକୋଟ ଓକିଲ ସଂଘ ତରଫରୁ ନୂତନ ଭାବେ ଯୋଗ ଦେଇଥିବା ସୁଶ୍ରୀ ସୁନିତା ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଏକ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ସ୍ଥାନୀୟ ବରିଷ୍ଠ ଦେୱାନୀ ତଥା ସିଭିଲ୍ ଜଜ୍ ଚିନ୍ମୟ କୁମାର ପାଢ଼ୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ସମସ୍ତ ଆଇନଜୀବୀମାନେ ଓକିଲ ସଂଘ ପରିସରରେ ଉପସ୍ଥିତ ରହି ସୁଶ୍ରୀ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସଂଘର ସଭାପତି ପ୍ରଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଶାନ୍ତନୁ ବାହିନୀପତି, ବରିଷ୍ଠ ସରକାରୀ ଓକିଲ ଝାଡେଶ୍ୱର ମହାନ୍ତି , ଓକିଲ ଶ୍ରୀନିବାସ ପଟ୍ଟନାୟକ, ଉପସଭାପତି ବିଜୟଲକ୍ଷ୍ମୀ ପାଣିଗ୍ରାହୀ, କୋଷାଧ୍ୟକ୍ଷ ଜିତେନ୍ଦ୍ର ମହାନ୍ତି, ସହ ସମ୍ପାଦକ ସୁଧାଂଶୁ ସାଧୁଙ୍କ ସମେତ ବରିଷ୍ଠ ଓକିଲ ତପନ ଦେବନାଥ, ରବିନ୍ଦ୍ର ପଟ୍ଟନାୟକ, ବିଜୟ ସିଂ, ମୀନକେତନ ପରିଚ୍ଛା, ସନ୍ତୋଷ ସାହୁ, ଅଶୋକ ପାଢ଼ୀ, ରାମ ନାୟକ, କାଳୀ ନନ୍ଦ, ହରିହର ଶତପଥୀ, କୃଷ୍ଣ ପଟ୍ଟନାୟକ, କମଳ ଗାଇନ, ଯୋଗେନ୍ଦ୍ର ମାଝୀ, ସୁମନ ସାମଲ, ନିବେଦିତା ହାଲଦାର, ଭାବନା ତ୍ରିପାଠୀ, ଜୟନ୍ତ ମଜୁମଦାର, ବୁଲୁ ଗରଡ଼ା, ସଂଜୟ ବିଶୋୟୀଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

# ପେଟା ଘାଟିରେ ଓଲଟିଲା କୋଇଲା ବୋଝେଇ ଟ୍ରକ୍



ବୈପାରିଗୁଡ଼ା, ୧୫।୫ (ସମିସ): ଓଲଟିଲା କୋଇଲା ବୋଝେଇ ଟ୍ରକ୍। ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର ଓ ହେଲପର। ଏଭଳି ଘଟଣା ବୈପାରିଗୁଡା ଥାନା ଅନ୍ତର୍ଗତ ମହୁଲି ପଞ୍ଚାୟତର ପେଟା ଘାଟିରେ ଘଟିଛି। ସୂଚନା ଅନୁଯାୟୀ, ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଠାରୁ (ସିଜି ୦୪ ପିଏସ ୫୬୬୬) ନମ୍ବର ବିଶିଷ୍ଟ ଏକ ଟ୍ରକ୍ କୋଇଲା ବୋଝେଇ କରି ଛତିଶଗଡ଼ ଅଭିମୁଖେ ଲମତାପୁଟ ଦେଇ ବାହାରିଥିଲା। ପେଟାଘାଟି ନିକଟରେ ଟ୍ରକର ମଝି ଚକା ଫାଟିଯିବା ସହ ବ୍ରେକ ଫେଲ୍ ହୋଇଯାଇଥିଲା। ଫଳରେ ଟ୍ରକ୍ ଭାରସାମ୍ୟ ହରାଇଥିଲା। ଡ୍ରାଇଭର ଟ୍ରକକୁ ନିୟନ୍ତ୍ରଣକୁ ଆଣିବାକୁ ଚେଷ୍ଟା କରିବା ସତ୍ତ୍ୱେ ଅସଫଳ ହେବାରୁ ଟ୍ରକ୍ ଓଲଟି ପଡିଥିଲା। ଦୁର୍ଘଟଣାର ଖବର ପାଇ ବୈପାରିଗୁଡା ଥାନା ଏଏସଆଇ ବିଜୟ ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି।

# ପଞ୍ଚାୟତ ସମିତି ବୈଠକ

ରାଇଘର, ୧୫।୫ (ସମିସ):

ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଭା କକ୍ଷ ଠାରେ ପଞ୍ଚାୟତ ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସମିତି ବୈଠକ ଦୀର୍ଘ ଆଠ ମାସ ପରେ ଅନୁଷ୍ଠିତ ହୋଇଥିଲା। ରାଇଘର ବ୍ଲକ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କରଙ୍କ ଅଧ୍ୟକ୍ଷତାରେ ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟକୁମାର ସେଠୀ ସମସ୍ତ ଲୋକ ପ୍ରତିନିଧିଙ୍କୁ ସ୍ୱାଗତ ଜଣାଇଥିଲେ। ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପ୍ରତିନିଧି ଭାବେ ଶିବନାଥ ବାନାର୍ଜୀ, ସାଂସଦ ପ୍ରତିନିଧି ଭାବେ ପ୍ରୀତି ସ୍ନିଧା ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ ଯତୀନ୍ଦ୍ର ଗଣ୍ଡ, ଖଗେଶ୍ୱର ହରିଜନ, ନାନାର ଖରା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଲିପିକା ବାରୋଇ, ସହକାରୀ ଯନ୍ତ୍ରୀ ସିଦ୍ଧାର୍ଥ ରଣା, ସ୍ଥାନୀୟ ଅତିରିକ୍ତ ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମ ପଞ୍ଚାୟତ ଅଧିକାରୀ ବିବରଣୀ ପାଠ କରିଥିବା ବେଳେ ବିଭିନ୍ନ ବିଭାଗ ବିଷୟରେ ଆଲୋଚନା ହୋଇଥିଲା। ଏହି ବୈଠକରେ ସମସ୍ତ ସରପଞ୍ଚ ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବ୍ଲକ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର ବିଭିନ୍ନ କାର୍ଯ୍ୟ ମିଳିମିଶି କରିବାକୁ କହିଥିଲେ। ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଚାଷୀଙ୍କୁ କଞ୍ଚା ହଳଦୀ ବଣ୍ଟନ




ଉମରକୋଟ/ଝରିଗାଁ,୧୫।୫ (ସମିସ): ଝରିଗାଁ ସ୍ଥିତ ଉଦ୍ୟାନ କାର୍ଯ୍ୟାଳୟଠାରେ ବିଭାଗ ତରଫରୁ ଚାଷୀଙ୍କୁ କଞ୍ଚା ହଳଦୀ ବଣ୍ଟନ କରାଯାଉଛି । ସୂଚନା ପ୍ରକାରେ ବ୍ଲକର ୧୫୦ଜଣ ଚାଷୀଙ୍କୁ ମୁଣ୍ଡ ପିଛା ଦେଢ଼ କ୍ୱିଣ୍ଟାଲ ଲେଖାଏଁ କଞ୍ଚା ହଳଦୀ ପ୍ରଦାନ କରାଯିବ। ଯାହାର ମୂଲ୍ୟ ରହିଛି କିଲୋ ପ୍ରତି ମାତ୍ର ୧୦ଟଙ୍କା। ଏହି କଞ୍ଚା ହଳଦୀ ଆଜି ପ୍ରଥମ ଦିନରେ କିଛି ଚାଷୀଙ୍କୁ ଦିଆଯାଇଥିବା ବେଳେ ଆଗାମୀ ଦିନରେ ଅନ୍ୟ ଚାଷୀ ମାନଙ୍କୁ ମଧ ପ୍ରଦାନ କରାଯିବ। ବିଭିନ୍ନ ସୁବିଧା ଚାଷୀ ହାତ ପାହାନ୍ତରେ ପାଇଁ ପାରୁଥିବା ଚେୟାରମ୍ୟାନ୍ ଚିତ୍ର ପ୍ରସାଦ ତିୱାରୀ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଉଦ୍ୟାନ କାର୍ଯ୍ୟାଳୟର ଏଏଚଓ ଲିଙ୍କନ ମେହେର, ଝରିଗାଁ ସାଂସଦ ପ୍ରତିନିଧି ଚନ୍ଦ୍ରଭାନୁ ନାୟକ, ଗଣପତି ସାହୁ, ପଞ୍ଚାୟତ ସଭାପତି ଚୈତନ୍ୟ ନଦିଆ ପ୍ରମୁଖ ଉପସ୍ଥିତ ରହିଥିଲେ।

# ନିମତି ମଞ୍ଜୁରୀ ବିଶ୍ୱାଳଙ୍କ ପରଲୋକ



ନନ୍ଦପୁର,୧୫।୫ (ସମିସ): ନନ୍ଦପୁର ବ୍ଲକର ସାମ୍ବାଦିକ ସୁରଜିତ ବିଶ୍ୱାଳଙ୍କ ମାତା ନିମତି ମଞ୍ଜୁରୀ ବିଶ୍ୱାଳ (୭୦)ଙ୍କର ଗୁରୁବାର ଅପରାହ୍ନରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ଶ୍ରୀମତୀ ବିଶ୍ୱାଳ ଗତ କିଛି ସପ୍ତାହ ହେବ ଅସୁସ୍ଥ ହୋଇ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧୀନ ଥିଲେ। ଖବର ପାଇ ନନ୍ଦପୁର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକ ସନ୍ତାପ ପରିବାରଙ୍କୁ ସମବେଦନା ଜଣାଇଥିଲେ। ପୁଅ ରଞ୍ଜିତ କୁମାର ବିଶ୍ୱାଳ, ଦେବଜିତ ବିଶ୍ୱାଳ ଶବ ସଂସ୍କାର ନିମନ୍ତେ ପୁରୀ ସ୍ୱର୍ଗଦ୍ୱାର ଯାଇଛନ୍ତି।

# ଥଣ୍ଡା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଅଚଳ

ସେମିଲିଗଡ଼ା, ୧୫।୫ (ସମିସ): କୋରାପୁଟ ଜିଲ୍ଲାର ସୁନାବେଡ଼ା ପୌର ପରିଷଦର ପକ୍ଷରୁ ଲଗାଯାଇଥିବା ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଅନେକ ସ୍ଥାନରେ ଅଚଳ ଅବସ୍ଥାରେ ରହିଛି। ପ୍ରବଳ ଗରମ ହେଉଥିବା ବେଳେ ଜନଗହଳି ଅଞ୍ଚଳରେ ଲୋକ ପିଇବା ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ପୌର ପରିଷଦ ପକ୍ଷରୁ ପିଇବା ପାଣି ବ୍ୟବସ୍ଥା କରିବା ପାଇଁ ଦାବି ହେଉଛି। ପୌର ପରିଷଦ ଦ୍ୱାରା ଗତ ବର୍ଷ ମେ ମାସରେ ସୁନାବେଡ଼ା, ସେମିଳିଗୁଡା ଅଞ୍ଚଳର ୭ ସ୍ଥାନରେ ବିଶୁଦ୍ଧ ପାନୀୟଜଳ ଯୋଗାଣ କେନ୍ଦ୍ର ସ୍ଥାପନ କରାଯାଇଥିଲା। ପୂର୍ବରୁ ମଧ ଦୁଇ ସହରରେ ୪ ବିଶୁଦ୍ଧ ପାନୀୟଜଳ ଯୋଗାଣ କେନ୍ଦ୍ର ରହିଥିଲା। ପାନୀୟଜଳ ଯୋଗାଣ ପ୍ରକଳ୍ପ ଦ୍ୱାରା ଖରା ଦିନରେ ଲୋକ ଥଣ୍ଡା ପାଣି ପାଇବା ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ଅଧିକାରୀମାନଙ୍କ ଅବହେଳା ଯୋଗୁଁ ଅନେକ ସ୍ଥାନରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଅଚଳ ଅବସ୍ଥାରେ ରହିଛି। ନନ୍ଦପୁର ରୋଡ ସରସ୍ୱତୀ ଶିଶୁ ମନ୍ଦିର ନିକଟରେ ଆୟୋଜନ କରିଥିବା ବିଶୁଦ୍ଧ ଥଣ୍ଡା ପାନୀୟଜଳ ଯୋଗାଣ ପ୍ରକଳ୍ପ ଅଚଳ ହୋଇ ରହିଛି। ସେହିପରି ଅନ୍ୟ ଅଞ୍ଚଳରେ ଠିକ୍ ଭାବରେ କାମ କରୁନି ବୋଲି ଅଭିଯୋଗ ହେଉଛି। ପୌର ଅଧିକାରୀ ମାନେ ଦୃଷ୍ଟି ଆକର୍ଷଣ କରି ଅଚଳ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ ଠିକ୍ କରିବା ପାଇ ଦାବି ହେଉଛି।

# ବିଭିନ୍ନ ସ୍ଥାନରେ ପରାକ୍ରମ ସଭା, ତ୍ରିରଙ୍ଗା ଯାତ୍ରା










ଜୟପୁର, ୧୫।୫ (ସମିସ) :

ଜୟପୁର ସହରରେ ପୌର ପରିଷଦ ଏବଂ ପଞ୍ଚାୟତ ସମିତିର ମିଳିତ ଆନୁକୂଲ୍ୟରେ ବାରିଣିପୁଟଠାରେ ପରାକ୍ରମ ଶୋଭାଯାତ୍ରା ଗୁରୁବାର ପୂର୍ବାହ୍ନ ସାଢେ ୯ଟା ସମୟରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, କୋରାପୁଟ ବିଧାୟକ ରଘୁରାମ ମାଛ, ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଜୟପୁର ପୌରାଧକ୍ଷ ନରେନ୍ଦ୍ର ମହାନ୍ତି, ଉପାଧକ୍ଷା ବି.ସୁନିତା, ପଞ୍ଚାୟତସମିତି ଅଧ୍ୟକ୍ଷା ତିଳୋତ୍ତମା ମୁଦୁଲି, ଉପାଧ୍ୟକ୍ଷ ଗଣେଶ ପ୍ରସାଦ ପାଢ଼ୀ, ଜିଲ୍ଲାପାଳ ଭି.କୀର୍ତ୍ତି ଭାସନ୍ , ଜିଲ୍ଲା ଏସ୍‌ପି ରୋହିତ ବର୍ମା, ଉପଜିଲ୍ଲାପାଳ ତଥା ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ, ଏ. ଶସ୍ୟା ରେଡ୍ଡି ଏବଂ ଏସ୍‌ଡିପିଓ ପାର୍ଥ କାଶ୍ୟପ ପ୍ରମୁଖଙ୍କ ଉପସ୍ଥିତିରେ ଏହା ଉଦ୍‌ଘାଟିତ ହୋଇଥିଲା। ଏହି ଶୋଭାଯାତ୍ରାଟି ବାରିଣିପୁଟ ଠାରୁ ଆରମ୍ଭ ହୋଇ ଗାନ୍ଧୀ ଛକ, ପାୱାର ହାଉସ ଛକ, କେବିଏସଡି ରୋଡ, ଜଗନ୍ନାଥ ମନ୍ଦିର, ରାଜାନହର, ଟ୍ରାଫିକ ଛକ, ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଠାରେ ସମାପ୍ତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସହର ବିଭିନ୍ନ ସଂଗଠନ, ସରକାରୀ କର୍ମଚାରୀ, ଅଧିକାରୀ ମାନେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କୃତ୍ତିବାସ ସାହୁ , ଅତିରିକ୍ତ ତହସିଲଦାର ଚିତ୍ତ ରଞ୍ଜନ ପଟ୍ଟନାୟକ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ ନାୟକ, ଟାଉନଥାନା ଅଧିକାରୀ ଉଲ୍ଲାସ ରଞ୍ଜନ ରାଉତ, ସଦର ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ, କାଉନ୍‌ସିଲର, ବରିଷ୍ଠ ନାଗରିକ, ଏନ୍ ସିସି ଛାତ୍ରାଛାତ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱଚ୍ଛ ସାଥିଙ୍କ ସହ ବହୁ ଲୋକ ପ୍ରାୟ ୫ଶହ ବାଇକ ଯୋଗେ ତ୍ରୀରଙ୍ଗା ପତକା ନେଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

ନବରଙ୍ଗପୁର : ନବରଙ୍ଗପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ନବରଙ୍ଗପୁର ଠାରେ ବୀର ଯବାନଙ୍କ ସାହସ ଓ ବୀରତ୍ୱକୁ ସମ୍ମାନ ଜଣାଇ ପରାକ୍ରମ ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ବାଇପାସ୍ ରାସ୍ତା ଦେଇ ମଙ୍ଗଳମ୍ ଟିମ୍ବର , ଚାଉଁରିଆଗୁଡା ଛକ ଏବଂ ସହର ମଧ ଦେଇ ଦେଶାତ୍ମବୋଧକ ସଙ୍ଗୀତ ଏବଂ ସ୍ଲୋଗାନ ସହ ପରିକ୍ରମା କରି ପୁଣି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରି, ନବରଙ୍ଗପୁର ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର , ନବରଙ୍ଗପୁର ଆରକ୍ଷୀ ଅଧିକ୍ଷକ ମିହିର କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ନବରଙ୍ଗପୁର ପୌରାଧକ୍ଷ କୁନୁ ନାୟକ ଉପସ୍ଥିତ ରହି ଏହି ବାଇକ୍ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରାରେ ସମସ୍ତ ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟର ଅଧିକାରୀଙ୍କ ସହ କର୍ମଚାରୀ, ପୁଲିସ, ସୁରକ୍ଷା ବାହିନୀ, ଅଗ୍ନିଶମ ବାହିନୀ, ଲୋକ ପ୍ରତିନିଧି,ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, କଳାକାର ,ସଭାପତି, ଓକିଲ ସଂଘ ଏବଂ ସଭ୍ୟ, ସହରର ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

ନନ୍ଦପୁର : ନନ୍ଦପୁର ବ୍ଲକ ପକ୍ଷରୁ ପରାକ୍ରମ ସଭା, ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନନ୍ଦପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରୁ ଏକ ବିରାଟ ଶୋଭାଯାତ୍ରା ବାହାରିଥିଲା। ବାଇକ୍ ରାଲି କରି ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ନନ୍ଦପୁର ଜିପିଓ ବେଦାନ୍ତ କୁମାର ମାଝୀ, ସିଡିପିଓ ମିନତି ବାଳା ପଟ୍ଟନାୟକ, ସୁପରଭାଇଜର ହରପ୍ରିୟା ବେହେରା, ବି ପୁନ୍ୟାବତୀ, ଓଡ଼ିଶା ଜୀବିକା ମିଶନ ବିଚିତ୍ର କୁମାର ରାଉତ, ନନ୍ଦପୁର ଆଇଆଇ ମମତା କୁମାରୀ ପଣ୍ଡା, ବରିଷ୍ଠ ନେତା ସେକ୍ ଗଫୁର, ଜୟରାମ ଭୋଇ, ଭଗବାନ ମୁଦୁଲି, ଗୋପାଳ ମାଟାମ, ହରିହର ବେହେରାଙ୍କ ସମେତ ସର୍ବଦଳୀୟ କର୍ମକର୍ତ୍ତା, ବିଭିନ୍ନ ଗ୍ରାମ ପଞ୍ଚାୟତର ସମିତି ସଭ୍ୟ ଓ ସରପଞ୍ଚ, ନିର୍ବାହୀ ଅଧିକାରୀ, ସାମ୍ବାଦିକ ଯୋଗ ଦେଇଥିଲେ ଏବଂ ଭାରତୀୟ ସେନା ବାହିନୀକୁ ପ୍ରଶଂସା କରିଥିଲେ।

ବୈପାରୀଗୁଡା : ବୈପାରୀଗୁଡା ଠାରେ ତ୍ରିରଙ୍ଗା ପତାକା ଧରି ସହର ପରିକ୍ରମା କଲେ ଛୁଆରୁ ବୁଢ଼ା। ସ୍ଥାନୀୟ ପଶ୍ଚିମେଶ୍ୱର ମନ୍ଦିରରୁ ଆରମ୍ଭ ହୋଇ ଏହି ଶୋଭାଯାତ୍ରା ଶହୀଦ ଲକ୍ଷ୍ମଣ ନାୟକ ମୁଖ୍ୟ ଛକ ଦେଇ ଶିଶୁମନ୍ଦିର ଛକ ଏବଂ ଶେଷରେ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଶୋଭାଯାତ୍ରାରେ ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷା ପୂର୍ଣ୍ଣିମା ବାରିକ, ଏବିଡିଓ ନିବେଦିତା ଦଣ୍ଡସେନା, ଏଇ ସୃଷ୍ଟି ସୁହାସିନୀ , ସାମାଜିକ ସୁରକ୍ଷା ଅଧିକାରୀ କାର୍ତ୍ତିକ ପାଢ଼ୀଙ୍କ ସମେତ ସରକାରୀ ଏବଂ ବେସରକାରୀ ଅଧିକାରୀ, ବ୍ଲକର ବିଭିନ୍ନ ଅଞ୍ଚଳରୁ ଶତାଧିକ ଗ୍ରାମବାସୀ ଯୋଗ ଦେଇଥିଲେ।

ସୁନାବେଡ଼ା:(୭୦୨, ୭୦୩) ସେମିଳିଗୁଡା ବ୍ଲକ ପ୍ରଶାସନ ଏବଂ ସୁନାବେଡ଼ା ପୌର ପ୍ରଶାସନର ମିଳିତ ଆନୁକୁଲ୍ୟରେ ପରାକ୍ରମ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ଏକ ବାଇକ ଶୋଭାଯାତ୍ରା ସୁନାବେଡ଼ା-୧ ଦଶହରା ପଡ଼ିଆରୁ ବାହାରି ସୁନାବେଡ଼ା ଜାତୀୟ ରାଜପଥରେ ୨୬ନଂ ଦେଇ ଦାମନଯୋଡି ଛକ ଠାରେ ଶେଷ ହୋଇଥିଲା। ସୁନାବେଡା ପୌରାଧକ୍ଷ ଡ଼. ରାଜେନ୍ଦ୍ର କୁମାର ପାତ୍ର, ନିର୍ବାହୀ ଅଧିକାରୀ ନାରାୟଣ ନାୟକ, ସେମିଳିଗୁଡା ତହସିଲଦାର ଦେବବ୍ରତ କରାଟେ, ସେମିଳିଗୁଡା ବିଡିଓ ଜସ୍ମିନ ପ୍ରଧାନ, ସୁନାବେଡ଼ା ଥାନା ଅଧିକାରୀ ସୁଷମା କୁହଁର, ସେମିଳିଗୁଡା ଥାନା ଅଧିକାରୀ ଅନୀତା କୁଜୁର,୨୦୨ କୋବ୍ରା ବାଟାଲିୟନ,ବିଓଭି ଡ୍ରାଇଭର, ଏମସିସି କର୍ମଚାରୀ ,ଏସଇଟିପି କର୍ମଚାରୀ, ସ୍ୱଚ୍ଛ ସାଥୀ ଏବଂ ସୁପରଭାଇଜର, ସମସ୍ତ ପାରିଷଦ ବୃନ୍ଦ, ସମସ୍ତ ପୌର କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସମସ୍ତେ ଜାତୀୟ ପତାକା ବାଇକ୍‌ରେ ଲଗେଇ ଭାରତ ମାତା କି ଜୟ ସ୍ଲୋଗାନ ଦେଇଥିଲେ। ଲକ୍ଷ୍ମୀଧର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସେମିଳିଗୁଡା : ସେମିଳିଗୁଡା ବ୍ଲକ ଓ ସୁନାବେଡ଼ା ପୌର ପରିଷଦ ପ୍ରଶାସନ ପକ୍ଷରୁ ଗୁରୁବାର ସକାଳେ 'ପରାକ୍ରମ ଶୋଭାଯାତ୍ରା' ଆୟୋଜନ କରାଯାଇଛି। ସୁନାବେଡ଼ା ଦଶହରା ପଡ଼ିଆ ଠାରୁ ଜାତୀୟ ସଙ୍ଗୀତ ଗାନ କରାଯିବା ପରେ ଯୁବକ, ଅଧିକାରୀ, ଜନ ପ୍ରତିନିଧି ମାନେ ଜାତୀୟ ପତାକା ସହ ବାଇକ୍ ରାଲି ଆରମ୍ଭ କରି ସୁନାବେଡ଼ା ରୁ ସେମିଳିଗୁଡା ନାଲ୍‌କୋ ଛକ ପର୍ଯ୍ୟନ୍ତ ଯାଇଥିଲେ। ସୁନାବେଡ଼ା ପୌର ପରିଷଦ ଅଧକ୍ଷ ରାଜେନ୍ଦ୍ର କୁମାର୍ ପାତ୍ର, ସେମିଳିଗୁଡା ତହସିଲଦାର ଦେବବ୍ରତ କରତେ, କାର୍ଯ୍ୟ ନିର୍ବାହୀ ଅଧିକାରୀ ନାରାୟଣ ନାୟକ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୁଦତ୍ତ ସାହୁ, ସେମିଳିଗୁଡା ସମିତି ଅଧ୍ୟକ୍ଷା ଲିଲି ଅଣ୍ଟା ବିରଆ,ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜସ୍ମିନ୍ କୁମାର୍ ପ୍ରଧାନ ,ଏସଡିପିଓ ସୁମିତ୍ରା ଜେନା,ସୁନାବେଡ଼ା ଥାନା ଅଧିକାରିଣୀ ସୁଷମା କୁହଁର, ସେମିଳିଗୁଡା ଥାନା ଅଧିକାରୀନୀ ଅନୀତା କୁଜୁର ସହ ବିଭିନ୍ନ ବିଭାଗ ଅଧିକାରୀ ଜନ ପ୍ରତିନିଧି, ଯୁବପିଢି, ପୁଲିସ କର୍ମଚାରୀ, କୋବ୍ରା ଯବାନ, ବ୍ୟବସାୟୀ, ସମାଜସେବୀ, ଛାତ୍ରମାନେ ଯୋଗ ଦେଇଥିଲେ।

ଲକ୍ଷ୍ମୀପୁର : କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ସଦର ମହକୁମାରେ ଗୁରୁବାର ଦିନ ତିରଙ୍ଗା ଯାତ୍ରା ମିନି ଷ୍ଟାଡିୟମ ଠାରୁ ଆରମ୍ଭ କରାଯାଇ ଘୋଡା ବନ୍ଧ ପର୍ଯ୍ୟନ୍ତ ଯାଇଥିଲା। ଅଞ୍ଚଳବାସୀ ହାତରେ ତିରଙ୍ଗା ପତାକା ଧରି ଜୟ ଜବାନ, ଜୟ କିସାନ, ଭାରତ ମାତା କି ଜୟ , ଇଣ୍ଡିଆନ୍ ଆର୍ମି ଜିନ୍ଦାବାଦ ନାରା ଦେଇଥିଲେ। ସହିଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହି ତିରଙ୍ଗା ପଦଯାତ୍ରା ସମୟରେ ବ୍ଲକ, ପୁଲିସ ଓ ଅନ୍ୟ ବିଭାଗର କର୍ମଚାରୀଙ୍କ ସହ ସ୍ଥାନୀୟ ନେତା ମାନେ ଯୋଗ ଦେଇଥିଲେ।

## ସେନାବାହିନୀଙ୍କ ବୀରତ୍ୱକୁ ସମ୍ମାନ

### ଏକ୍ସଚେଞ୍ଜ ଗାଡ଼ି ବିକ୍ରିକରି କୋଟି କୋଟି ଟଙ୍କା ହେରଫେର

# ଦଲାଲ ଗିରଫ; ୯ କାର୍ ଜବତ





ରାଉରକେଲା, ୧୫।୫(ସମିସ)

କାର୍ ସୋରୁମରେ ଥିବା ପୁରୁଣା ଏକ୍ସଚେଞ୍ଜ କାର୍‌କୁ ତଞ୍ଚକତା କରି ୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହେରଫେର କରିବା ଅଭିଯୋଗରେ ବ୍ରାହ୍ମଣୀତରଙ୍ଗ ଥାନା ପୁଲିସ ଜଣେ ଦଲାଲକୁ ଗିରଫକରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ହେଉଛନ୍ତି ଏମ୍‌ଡି ଦାଉଦ(୪୭)। ସେ ସ୍ଥାନୀୟ ସେକ୍ଟର-୧୫ ସ୍ଥିତ ଏଚ୍/୬୬୦ରେ ରହୁଥିବା ଏମ୍‌ଡି ସାଉଦଙ୍କ ପୁଅ ବୋଲି ଜଣାପଡ଼ିଛି। ଏହି ଘଟଣାରେ ପୁଲିସ ଅନ୍ୟ କେତେଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ଦାଉଦ ଠାରୁ ୯ଟି କାର ଓ ସାଢେ ୨୯ ଲକ୍ଷ ଟଙ୍କାର କାରବାର ସମ୍ବନ୍ଧୀୟ କାଗଜପତ୍ର ଜବତ କରାଯାଇଛି। ସୂଚନା ମୁତାବକ, ବେଲଡିହିସ୍ଥିତ ସୀତା ଅଟୋ କେୟାର କିଆ ଶୋ’ ରୁମରୁ କିଛି ମାସ ପୂର୍ବେ ଏକ୍ସଚେଞ୍ଜ ହୋଇଥିବା ପୁରୁଣା କାରଗୁଡ଼ିକ ମଧ୍ୟରୁ କିଛି କାର୍ ଓ ଟଙ୍କାର ହିସାବ ମିଳି ନ ଥିଲା। ଏ ନେଇ ମାଲିକ ରିଷଭ ଅଗ୍ରୱାଲ ଖବର ପାଇ ଯାଞ୍ଚ ଆରମ୍ଭ କରିଥିଲେ। ଯାଞ୍ଚ ପରେ ଜଣାପଡ଼ିଥିଲା ଯେ ୯ଟି ପୁରୁଣା କାର୍ ବିକ୍ରି ହୋଇଥିବାବେଳେ ତାହାର ହିସାବ ମିଳୁନାହିଁ। ଏ ଘଟଣାରେ ପ୍ରାୟ ୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହେରଫେର ହୋଇଥିବା ନେଇ ରିଷଭ ଜାଣିବାକୁ ପାଇଥିଲେ। ଏନେଇ ସେ ଗତ ଫେବୃଆରୀ ୨୫ ତାରିଖରେ ବ୍ରାହ୍ମଣୀ ତରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରି କାର୍ ବିକ୍ରି ହୋଇଥିଲେ ମଧ୍ୟ ଉକ୍ତ ଟଙ୍କାକୁ କମ୍ପାନୀରେ ଜମା କରା ନ ଯାଇ ହେରଫେର କରାଯାଇଥିଲା। ଏ ସମସ୍ତ ଘଟଣାର ମୁଖ୍ୟନାୟକ ମହମ୍ମଦ ଦାଉଦ ବୋଲି ଜଣାପଡ଼ିଥିଲା। ଅଭିଯୁକ୍ତ ଦାଉଦ ବିଭିନ୍ନ କାର୍ ବିକ୍ରି ସଂସ୍ଥାରୁ ତଞ୍ଚକତା କରି ମୂଲ୍ୟବାନ ପୁରୁଣା କାର ସବୁ ମୂଲ୍ୟ ହ୍ରାସ କରି କ୍ରୟ କରିବା ପରେ ଆମ୍ବବାଗନା ସ୍ଥିତ ଏକ ପେଟ୍ରୋଲ ପମ୍ପ ନିକଟରେ ଡିସପ୍ଲେ କରି ଗ୍ରାହକ ଖୋଜିଥାଏ। ଏହାପରେ ଗ୍ରାହକ ଦେଖି ଅଧିକ ମୂଲ୍ୟରେ ବିକ୍ରି କରିଥାଏ। ଏହାପରେ କମିଶନ ବାଣ୍ଟି ନେଇଥାନ୍ତି ବୋଲି ଅଭିଯୋଗ ହୋଇଛି। ବିଶେଷ କରି ଏହି ଘଟଣାରେ କମ୍ପାନୀ ସେଲସମେନ୍ ଓ କର୍ମଚାରୀ ସମେତ ଅନ୍ୟମାନଙ୍କ ଜ୍ଞାତସାରରେ ଏହା ହେଉଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି। ପୁଲିସ ମହମ୍ମଦ ଦାଉଦକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସହ ଏ ନେଇ ଅଧିକ ତଦନ୍ତ କରୁଥିବା ଜଣାପଡ଼ିଛି।

# ଆର୍‌ଏସ୍‌ପି ପକ୍ଷରୁ ମହିଳାଙ୍କୁ ସିଲାଇ ତାଲିମ




**ରାଉରକେଲା, ୧୫।୫(ସମିସ):** ସ୍ଥାୟୀ ଜୀବିକା ଏବଂ ଆର୍ଥିକ ସଶକ୍ତିକରଣ ପାଇଁ ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱ ପଦକ୍ଷେପର ଅଂଶଭାବରେ, ସେଲ୍‌ଫ, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆରଏସପି) ପକ୍ଷରୁ ପାର୍ଶ୍ୱାଞ୍ଚଳର ମହିଳାମାନଙ୍କ ପାଇଁ ଆପ୍ଲିକ୍ ସିଲାଇ କୌଶଳରେ ଏକ ବୃତ୍ତିଗତ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ତାଲିମ ମେ’ ୬ ତାରିଖରେ ସେକ୍ଟର-୨୦, ରାଉରକେଲାରେ ଥିବା ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନଠାରେ ଆରମ୍ଭ ହୋଇଥିଲା। ଟାଉନ୍ ସର୍ଭିସେସ୍ ଏବଂ ସିଏସ୍‌ଆର ବିଭାଗର ମୁଖ୍ୟ ମହାପ୍ରବନ୍ଧକ ଟି. ଜି କାନେକର ଉଦ୍‌ଘାଟନୀ ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସିଏସ୍‌ଆର ବିଭାଗର ଜିଏମ୍ ଇନ୍‌ଚାର୍ଜ ମୁନମୁନ୍ ମିତ୍ର, ଏଜିଏମ୍ ଟି.ବି. ଟପ୍ପୋ ଏବଂ ବିଭାଗର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବାଣିଗୁଣି ଆଦର୍ଶ ଇସ୍ପାତ ଗ୍ରାମ, ଝିରପାଣି ପୁନର୍ନିବାସ କଲୋନୀ, ପୂର୍ଣ୍ଣାନି ପାର୍ଶ୍ୱାଞ୍ଚଳ ଗ୍ରାମ ଏବଂ ନିକଟସ୍ଥ ଶିଳ୍ପବସ୍ତିରୁ ମୋଟ ୧୦ ଜଣ ମହିଳା ଏହି କାର୍ଯ୍ୟକ୍ରମରେ ନାମ ଲେଖାଇଛନ୍ତି। ମହିଳାମାନଙ୍କୁ ସେମାନଙ୍କ ପରିବାର ପାଇଁ ଅତିରିକ୍ତ ଆୟ ଅର୍ଜନ କରିବା, ଋଣ, ସବସିଡି ଏବଂ ବୀମା ଆଦି ସରକାରୀ ଯୋଜନାର ହିତାଧିକାରୀ ହେବା ଏବଂ ଦୀର୍ଘକାଳୀନ ରୋଜଗାର ସମ୍ଭାବନାକୁ ବୃଦ୍ଧି କରିବା ପାଇଁ କାରିଗର ପ୍ରମାଣପତ୍ର ହାସଲ ଏହି ପ୍ରୟାସର ଲକ୍ଷ୍ୟ ରହିଛି। ଏହି କାର୍ଯ୍ୟକ୍ରମ ମାଷ୍ଟରଟ୍ରେନର କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ଦ୍ୱାରା ପରିଚାଳିତ ହେଉଛି ଏବଂ ଶ୍ରଦ୍ଧାଞ୍ଜଳି ମହାନ୍ତି ସହାୟତା କରୁଛନ୍ତି। ଏହି କାର୍ଯ୍ୟକ୍ରମକୁ ସିଏସଆର ବିଭାଗର ମ୍ୟାନେଜର ରିଚା ଶୁଦ୍ଧିରମ ପରିଚାଳନା କରୁଛନ୍ତି। ଏହାର ପ୍ରକଳ୍ପ ମୂଲ୍ୟ ୨, ୦୪, ୫୦୦ ଟଙ୍କା ରହିଥିବା ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମଟି ଆପ୍ଲିକ୍ ସିଲାଇରେ ବ୍ୟାପକ ଦକ୍ଷତା ବିକାଶ ପ୍ରଦାନ କରିବା ପାଇଁ ଡିଜାଇନ୍ କରାଯାଇଛି। ଏଥିରେ ମୌଳିକ ହାତ ସିଲାଇ, ଡିଜାଇନ୍ ଟ୍ରେସିଂ ଏବଂ କଟିଂ କୌଶଳ, ପାରମ୍ପରିକ ଏବଂ ଆଧୁନିକ ଆପ୍ଲିକ୍ ପଦ୍ଧତି, କପଡ଼ା ସମନ୍ୱୟ ଏବଂ ଉତ୍ପାଦ ସୃଷ୍ଟି ଅନ୍ତର୍ଭୁକ୍ତ ହେବ। ଅଂଶଗ୍ରହଣକାରୀଙ୍କୁ ରୁମାଲ, କୁଶନ କଭର, ବିଛଣା କଭର, କାନ୍ଥ ଝୁଲାଇବା, ଶାଢ଼ି ବର୍ଡର, ଟୋଟ୍ ବ୍ୟାଗ ଏବଂ ଅନ୍ୟାନ୍ୟ ଜିନିଷ ତିଆରି କରିବା ଶିଖାଯିବ। ଏହି ପାଠ୍ୟକ୍ରମରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଗୁଣବତ୍ତା ନିୟନ୍ତ୍ରଣ, ଉଦ୍ୟୋଗୀତା, ମୂଲ୍ୟ ନିର୍ଦ୍ଧାରଣ, ବ୍ରାଣ୍ଡିଂ ଏବଂ ବଜାର ସଂଯୋଗ ଉପରେ ତାଲିମ ମଧ୍ୟ ଅନ୍ତର୍ଭୁକ୍ତ।

# ରାଉରକେଲାରେ ‘ପରାକ୍ରମ ଶୋଭାଯାତ୍ରା’

**ରାଉରକେଲା, ୧୫।୫(ସମିସ):** ‘ଅପରେସନ ସିନ୍ଦୂର’ର ସଫଳତାର ପ୍ରତୀକ ଭାବେ ସାରା ରାଜ୍ୟରେ ପରାକ୍ରମ ଶୋଭାଯାତ୍ରା ଆୟୋଜନ କରାଯାଉଛି। ଏହି କ୍ରମରେ ଆତଙ୍କବାଦ ବିରୋଧରେ ଭାରତୀୟ ସେନାର ପରାକ୍ରମ ତଥା ଅଦମ୍ୟ ସାହସକୁ ସମ୍ମାନ ପ୍ରଦାନ ପୂର୍ବକ ସେନାର ଯବାନମାନଙ୍କ ଶୌର୍ଯ୍ୟ, ତ୍ୟାଗ ଓ ବୀରତ୍ୱର ସମ୍ମାନାର୍ଥେ ଗୁରୁବାର ପ୍ରଶାସନ ଓ ରାଉରକେଲା ମହାନଗର ନିଗମ ତରଫରୁ ପରାକ୍ରମ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରାଉରକେଲା ମହାନଗର ନିଗମ ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣି ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଏହି ଶୋଭାଯାତ୍ରାରେ ସାମିଲ ହୋଇ ଆମ ସେନା ଆମ ପାଇଁ ସୁରକ୍ଷା କବଚ ବୋଲି କହିଥିଲେ। ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ ନିକଟରୁ ଏହି ଶୋଭାଯାତ୍ରା ଆରମ୍ଭ ହୋଇ ପ୍ରଥମେ ଛେଣ୍ଡ ଛକ, ସ୍ୱେସ୍ ଛକ, ଆମ୍ବାଗାନ୍, ସେକ୍ଟର-୨, ଟ୍ରାଫିକ୍ ଗେଟ୍ ଛକ, ଡେଲି ମାର୍କେଟ ମେନ୍‌ରୋଡ୍, ଆମ୍ବେଦକର ଛକ ହୋଇ ଆରଏମସି କାର୍ଯ୍ୟାଳୟ ନିକଟରେ ଶେଷ ହୋଇଥିଲା। ଶୋଭାଯାତ୍ରାରେ ପାନପୋଷ ଉପ ଜିଲ୍ଲାପାଳ ବିଜୟ କୁମାର ନାୟକ, ରାଉରକେଲା ମହାନଗର ନିଗମ ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକ, ଉପ ପୌରାୟୁକ୍ତ ଅନୀତା ନାଏକ, ସହକାରୀ ଆୟୁକ୍ତ ଅଜିତ କୁମାର ପଟ୍ଟନାୟକ, ସହକାରୀ ଆୟୁକ୍ତ ଅଭିଷେକ ମିଶ୍ର, ପ୍ରବର୍ତ୍ତନ ଅଧିକାରୀ ସ୍ୱାଧୀନ କୁମାର ବିଶ୍ୱାଳ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୀମା ଫତିମା ଏକ୍କାଙ୍କ ସହ ଅନ୍ୟ ବିଭାଗୀୟ ଅଧିକାରୀମାନେ ସାମିଲ ହୋଇଥିଲେ।



# ସପ୍ସ ରିପେୟାର ସପ୍ ମେକାନିକାଲ ଦ୍ୱାରା ସଞ୍ଚୟ



**ରାଉରକେଲା, ୧୫।୫(ସମିସ):** ସେଲ୍‌ଫ, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସପ୍ସ ରିପେୟାର ସପ୍ ମେକାନିକାଲ (ଆରଏସଏମ) ବିଭାଗ, ୨୦୨୪-୨୫ ଆର୍ଥିକ ବର୍ଷରେ ଖର୍ଚ୍ଚ ସଞ୍ଚୟରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇ ନିଜସ୍ୱ କ୍ଷମତା ଏବଂ ବୈଷୟିକ କୁଶଳତା ପ୍ରଦର୍ଶନ ପୂର୍ବକ ଅନେକ ଉଚ୍ଚ-ପ୍ରଭାବ ମରାମତି ଏବଂ ଗଠନ କାର୍ଯ୍ୟ ମାଧ୍ୟମରେ କମ୍ପାନୀ ପାଇଁ ୧୩ କୋଟି ଟଙ୍କାରୁ ଅଧିକ ଆନୁମାନିକ ସଞ୍ଚୟ ହାସଲ କରିଛି। ଏକ ପ୍ରମୁଖ ରକ୍ଷଣାବେକ୍ଷଣ ଅଭିଯାନରେ, ଆରଏସଏମ ବିଭାଗ କୋକ୍ ଓଭନ୍ସ ବିଭାଗରେ ରିକ୍ଲେମର, ଷ୍ଟେକର, ଟ୍ରିପର ଏବଂ ବେଲ୍ଟ କନଭେୟରର ୧୦ଟି ଗିଅରବକ୍ସକୁ ସଫଳତାର ସହିତ ମରାମତି ଓ ନବୀକରଣ କରିଛି। ବିଭାଗୀୟ ଦଳ ପ୍ୟାନ କନଭେୟର ଗିଅରବକ୍ସକୁ ମଧ୍ୟ ପୁନଃନିର୍ମାଣ କରିଛି। ଏହାସହ ସିଣ୍ଟରିଂ ପ୍ଲାଣ୍ଟ-୨ ପାଇଁ ଏକ ସାଫ୍ଟକୁ ନିଜସ୍ୱ ଭାବେ ବିକଶିତ କରିଛି। ବିଭାଗର ଉଲ୍ଲେଖନୀୟ ସଫଳତା ମଧ୍ୟରେ ବ୍ଲାଷ୍ଟ ଫର୍ଣ୍ଣେସ୍-୧ର ସ୍କିପ୍ କାର୍ ଆସେମ୍ବଲିର ସମ୍ପୂର୍ଣ୍ଣ ମରାମତି ଏବଂ ଓଭରହଲ ତଥା ୯୬ଟି ସିସି ରୋଲ୍ ଆସେମ୍ବଲି (୧୦୦୦ ମିମି ବ୍ୟାସ) ର ନିଜସ୍ୱ ରୂପେ ମରାମତି ଅନ୍ତର୍ଭୁକ୍ତ ରହିଛି। ବିଭାଗ ପ୍ଲେଟ୍ ମିଲ୍ ପାଇଁ ଦୁଇଟି ମାନିପୁଲେଟର୍ ରିଜିଡ୍ ବିୟରିଂ ବ୍ଲକ, ଏକ ଲମ୍ବା ଗ୍ରୁଭ୍ ରୋଲ୍ ଫ୍ରେମ୍/କ୍ୟାରିଅର୍ ଏବଂ ଏକ ୟୁନିଭର୍ସାଲ୍ ସ୍ପିଣ୍ଡଲ୍ ହ୍ୱାଇଟ୍ ମେଟାଲ୍ ଜର୍ଣ୍ଣାଲ୍ ବିୟରିଂ ବିକାଶ କରିବା ଭଳି ଅନେକ ଜଟିଳ ନିର୍ମାଣ କାର୍ଯ୍ୟ ମଧ୍ୟ ସମ୍ପାଦିତ କରିଥିଲା। ନୂତନ ପ୍ଲେଟ୍ ମିଲକୁ ସହଯୋଗ ପ୍ରଦାନ କରି, ଆରଏସ୍‌ଏମ୍ ଚାରି ସେଟ୍‌ଟର୍ଣ୍ଣ ଟେବୁଲ୍ ରୋଲ୍ ଆସେମ୍ବଲି (ଡବଲ୍ ଏବଂ ଟ୍ରିପଲ), ୧୨ଟି ଫିଡ୍ ରୋଲ୍, ଡିସ୍କେଲିଂ ପମ୍ପ ଏବଂ ଆଠଟି ରାପର୍ ରୋଲର ଗୁରୁତ୍ୱପୂର୍ଣ୍ଣ ମରାମତି କରିଥିଲା, ଯାହା ଡାଉନ୍ ଟାଇମ୍ ହ୍ରାସ କରିବା ଏବଂ ଉତ୍ପାଦକତା ବୃଦ୍ଧି କରିବାରେ ସହାୟକ ହୋଇଥିଲା। ଉଦ୍ୟୋଗୀ ଆରଏସ୍‌ଏମ୍ ବିଭାଗୀୟ ଦଳ ଦ୍ୱାରା ସମ୍ପାଦିତ ଅନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଗୁଡ଼ିକ ମଧ୍ୟରେ ‘ଏସ୍‌ଏମ୍‌ଏସ୍-୧ରେ ସ୍ଲାବ୍ କାଷ୍ଟିଂ ସପ୍ ପାଇଁ ୧୨୦ଟି ସେଗମେଣ୍ଟ ରୋଲ୍‌ଗୁଡ଼ିକୁ ଗୋଟିଏ ବ୍ୟାସ୍‌ରୁ ଏକନିମ୍ନ ବ୍ୟାସ୍‌ରେ ପରିବର୍ତ୍ତନ କରିବା’, ‘ସିଣ୍ଟରିଂ ପ୍ଲାଣ୍ଟ-୧ ପାଇଁ ୨୪ଟି ସିଣ୍ଟର ବ୍ରେକର ଷ୍ଟାରଗୁଡ଼ିକର ମେସିନିଂ’, ‘ଏସ୍‌ଏମ୍‌ଏସ୍-୨ରେ କାଷ୍ଟର-୩ ଟରେଟ୍ ରୋଟାରୀ ଜଏଣ୍ଟ ସ୍କୁଫି ଏବଂ ଭାଙ୍ଗିବା’, ‘ସିଣ୍ଟରିଂ ପ୍ଲାଣ୍ଟ-୧ ଏବଂ -୨ ପାଇଁ ଏକାଧିକ ସିଣ୍ଟର ଷ୍ଟାର ବ୍ରେକର ଆସେମ୍ବଲିଗୁଡ଼ିକର ମରାମତି’ ଏବଂ ‘କାରଖାନାରେ ବିଭିନ୍ନ କ୍ରେନର ରୋପ ଡ୍ରମ୍‌ଗୁଡ଼ିକର ମରାମତି’ ଅନ୍ତର୍ଭୁକ୍ତ ଥିଲା। ଏହି ପଦକ୍ଷେପଗୁଡ଼ିକ ବିଭାଗର ଦୃଢ଼ ବୈଷୟିକ କ୍ଷମତା ଏବଂ ଆତ୍ମନିର୍ଭରଶୀଳତା ଏବଂ ମୂଲ୍ୟ ଦକ୍ଷତା ପ୍ରତି ଏହାର ଅବଦାନ ଉପରେ ଗୁରୁତ୍ୱାରୋପ କରିଥିଲା।

# ସାଉଦିଆରବରୁ ପୁଅ ଶବ ଫେରାଇ ଆଣିବାକୁ ବାପାଙ୍କ ନିବେଦନ

ରାଉରକେଲା, ୧୫।୫(ସମିସ): ସୁଦୂର ସାଉଦ ଆରବରେ ଚାକିରି କରୁଥିବା ରାଉରକେଲା ଛେଣ୍ଡ ଅଞ୍ଚଳର ଜଣେ ଯୁବ ଇଞ୍ଜିନିୟରଙ୍କ ମୃତ୍ୟୁପରେ ତାଙ୍କ ଶବକୁ ଫେରାଇ ଆଣିବାକୁ ତାଙ୍କ ପିତା ଜିଲ୍ଲାପାଳଙ୍କ ନିକଟରେ ଗୁହାରି କରିଥିବା ଜଣାପଡ଼ିଛି। ସୂଚନା ମୁତାବକ ସ୍ଥାନୀୟ ଛେଣ୍ଡ କଲୋନୀର ଏଲସିଆର /୪୭୩ କ୍ୱାର୍ଟରରେ ବାସ କରୁଥିବା ସୁବାସ ଚନ୍ଦ୍ର ସାହୁଙ୍କ ପୁଅ ଦିଲୀପ କୁମାର ସାହୁ (୪୧) ସାଉଦି ଆରବରେ ଏସିଡବ୍ଲ୍ୟୁ ପାୱାର ଇନତାଇଫ୍ କମ୍ପାନୀରେ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର ଭାବେ ଚାକିରି କରୁଥିଲେ। ତେବେ ସେଠାରେ କୌଣସି କାରଣରୁ ତାଙ୍କ ପୁଅ ଦିଲୀପ କୁମାର ସାହୁଙ୍କ ଗତ ୧୦ ତାରିଖ ବିଳମ୍ବିତ ରାତିରେ ହଠାତ ମୃତ୍ୟୁ ଘଟିଥିବା ନେଇ ତାଙ୍କ ପିତା ସୁବାସଙ୍କ ନିକଟକୁ ସାଉଦି ଆରବରୁ ସୂଚନା ଦିଆଯାଇଥିଲା। ତେବେ ଆଜକୁ ଇତି ମଧ୍ୟରେ ୬ ଦିନ ଅତିକ୍ରାନ୍ତ ହୋଇ ଯାଇଥିଲେ ମଧ୍ୟ ଦିଲୀପଙ୍କ ଶବ ସାଉଦିଆରବରୁ ରାଉରକେଲା ଅଣାଯିବା ଉପରେ କେନ୍ଦ୍ର ସରକାର କୌଣସି ପଦକ୍ଷେପ ଗ୍ରହଣ କରିନାହାଁନ୍ତି। ଏ ନେଇ ସୁବାସ ପାନପୋଷ ଉପଜିଲ୍ଲାପାଳଙ୍କ ଜରିଆରେ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କୁ ଏକ ପତ୍ର ଲେଖି ତାଙ୍କ ପୁଅର ଶବକୁ ସାଉଦି ଆରବରୁ ରାଉରକେଲା ଅଣାଯିବା ପାଇଁ ଜିଲ୍ଲାପାଳଙ୍କ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି। ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମଧ୍ୟ ଏ ନେଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ଦିଲିପଙ୍କ ଶବ ଫେରାଇ ଆଣିବା ପାଇଁ କେନ୍ଦ୍ର ସରକାରଙ୍କ ସରକାରଙ୍କ ଠାରେ ଦାବି କରିଛନ୍ତି।

# ନାବାଳିକା ବିବାହ ରୋକିଲା ଚାଇଲ୍ଡ ହେଲ୍ପ ଲାଇନ୍

**ରାଉରକେଲା, ୧୫।୫(ସମିସ):** ପୂର୍ବ ଯୋଜନା ମୁତାବକ ଜଣେ ନାବାଳିକାଙ୍କ ବିବାହ କରାଯାଉ ଥିବା ବେଳେ ଏହାକୁ ରୋକ ଲଗାଇବାରେ ସକ୍ଷମ ହୋଇଛି ଚାଇଲ୍ଡ ହେଲ୍ପ ଲାଇନ। ଉଦିତନଗର ଥାନାଞ୍ଚଳରେ ଗୁରୁବାର ଏହି ଘଟଣା ଘଟିଥିଲା। କୌଣସି ସୂତ୍ରରୁ ଖବର ପାଇ ଚାଇଲ୍ଡ ହେଲ୍ପ ଲାଇନ୍ ପୁଲିସ ସହଯୋଗରେ ବେଆଇନ ବିବାହକୁ ରୋକ ଲଗାଇ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ପରେ ନିଜ ସାଙ୍ଗରେ ନେଇଯାଇଥିଲା ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି। ଏନେଇ ଅଧିକ ତଥ୍ୟ ପାଇଁ ଚାଇଲ୍ଡ ହେଲ୍ପ ଲାଇନ ସଦସ୍ୟ, ସଦସ୍ୟାଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇ ସୁଦ୍ଧା ତାହା ସମ୍ଭବ ହୋଇପାରି ନଥିଲା।

# ଜିଲ୍ଲା କଂଗ୍ରେସ କମିଟି ତରଫରୁ ସହିଦ୍‌ଙ୍କୁ ଶ୍ରଦ୍ଧାଞ୍ଜଳି




**ରାଉରକେଲା, ୧୫।୫(ସମିସ):** ରାଉରକେଲା ଜିଲ୍ଲା କଂଗ୍ରେସ କମିଟି ତରଫରୁ କାର୍ଯ୍ୟକାରୀ ସଭାପତି ଜ୍ଞାନେନ୍ଦ୍ର ଦାସଙ୍କ ନେତୃତ୍ୱରେ ନିକଟରେ ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ଯୁଦ୍ଧରେ ସହିଦ ଯବାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ସ୍ଥାନୀୟ ବିର୍ସା ଛକଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହି କ୍ରମରେ ପ୍ରଥମେ କଂଗ୍ରେସ କାର୍ଯ୍ୟକର୍ତ୍ତାମାନେ ବୀର ସହିଦଙ୍କ ଉଦ୍ଦେଶ୍ୟ ନାରାଦେବା ସହିତ ସେମାନଙ୍କ ବଳିଦାନକୁ ଦେଶବାସୀ ସବୁଦିନ ମନେରଖିବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବୀରେନ୍ଦ୍ର ନାଥ ପଟ୍ଟନାୟକ, ପୂର୍ବତନ ସଭାପତି ଦେବବ୍ରତ ବିହାରୀ, ରଶ୍ମୀ ରଞ୍ଜନ ପାଢ଼ୀ, ସବୀର ହୁସେନ, ବରିଷ୍ଠ ନେତା ରମାନନ୍ଦ ଶ୍ରୀଚନ୍ଦନ, ପ୍ରବୋଧ ଦାସ, ଯୁବନେତା ଇସ୍ତେହାର ମହମ୍ମଦ, ନଚିକେତା ମହାପାତ୍ର, ବ୍ଲକ ସଭାପତି ମାନୁ ସାମଲ, ରଘୁନାଥ ଦାସ, ଭୀମ ମାହାତୋ, ବିଶ୍ୱନାଥ ବାରିକ, ବ୍ରଜବନ୍ଧୁ ତ୍ରିପାଠୀ, ବନମାଳୀ ବିଶୋଇ, ସୁନୀଲ ସିଂହ, ଶିବୁ ଦୀପ, ଇଜାଜ ଅଖତାର, ଅଜୟ ଖାଲକୋ, ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ବେକରେ ଓଢ଼ଣୀ ଲଗାଇ ଯୁବତୀଙ୍କ ଆତ୍ମହତ୍ୟା

**ରାଉରକେଲା, ୧୫।୫(ସମିସ):** ନୂଆଗାଁ ବ୍ଲକ ବିଶ୍ରା ଥାନା ଅଧୀନ ସୋରଡ଼ା ବଙ୍ଗଲେଇଟୋଲୀ ବସ୍ତିରେ ରହୁଥିବା ମଙ୍ଗଲ ମୁଣ୍ଡାଙ୍କ ଝିଅ ରଞ୍ଜିତା ମୁଣ୍ଡା(୨୧) ବୁଧବାର ବିଳମ୍ବିତ ରାତିରେ ନିଜ ଶୋଇବା ଘରେ ଥିବା ସିଲିଂ ପଙ୍ଖାରେ ଓଢ଼ଣୀ ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଖବର ପାଇ ଗୁରୁବାର ସକାଳୁ ବିଶ୍ରା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ କରୁଛନ୍ତି। ଏନେଇ ବିଶ୍ରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ତେବେ ଆତ୍ମହତ୍ୟାର କାରଣ ତଦନ୍ତ ପରେ ହିଁ ଜଣାପଡ଼ିବ ପୁଲିସ କହିଛି।

# ଏନ୍‌ଆଇଟି ଗବେଷକଙ୍କ ଦ୍ୱାରା ଇସିଜି ଲିଡ୍ ସିଷ୍ଟମ୍ ଡିଜାଇନ

ରାଉରକେଲା, ୧୫।୫(ସମିସ)



ଏନ୍‌ଆଇଟି ରାଉରକେଲାର ଗବେଷକମାନେ ହୃତ୍‌ପିଣ୍ଡର କ୍ରିୟା ନିରୀକ୍ଷଣ କରିବା ପାଇଁ ସବୁଠାରୁ ଅଧିକ ବ୍ୟବହୃତ କୌଶଳ ମଧ୍ୟରୁ ଗୋଟିଏ ଇଲେକ୍ଟ୍ରୋକାର୍ଡିଓଗ୍ରାଫି (ଇସିଜି) ପାଇଁ ଏକ ପ୍ରଭାବଶାଳୀ ଅପଗ୍ରେଡ୍ ବିକଶିତ କରିଛନ୍ତି। ଏହି ନୂତନ ସିଷ୍ଟମ ହୃତ୍‌ପିଣ୍ଡ ଉପର କୋଠରୀରୁ ସୂକ୍ଷ୍ମ ବୈଦ୍ୟୁତିକ ସଙ୍କେତଗୁଡ଼ିକୁ ଚିହ୍ନଟ କରିବା ସହଜ କରିବ, ଯାହା ପ୍ରାୟତଃ ନିୟମିତ ଇସିଜିରେ ସ୍ପଷ୍ଟ ଭାବରେ ଦେଖାଯାଇପାରିବ ନାହିଁ। ଏହି ସଙ୍କେତଗୁଡ଼ିକ ଅସ୍ୱାଭାବିକ ହୃଦ୍ ସ୍ପନ୍ଦନକୁ ଚିହ୍ନଟ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ଯାହା ଆଟ୍ରିଏଲ୍ ଫିବ୍ରିଲେଶନ୍ ଭଳି ଗମ୍ଭୀର ଅବସ୍ଥା ସୃଷ୍ଟି କରିପାରେ ଯାହା ଆଗକୁ ଷ୍ଟ୍ରୋକ୍ ହୋଇପାରେ। ସୂଚନାଯୋଗ୍ୟ ଯେ ଅନିୟମିତ ହୃଦ୍ ସ୍ପନ୍ଦନ, କିମ୍ବା ଆରିଥମିଆ, ସାରା ବିଶ୍ୱରେ ବହୁ ସଂଖ୍ୟକ ହୃଦ୍‌ରୋଗ ଜନିତ ମୃତ୍ୟୁ ପାଇଁ ଦାୟୀ। ବିଶେଷକରି ହସ୍ପିଟାଲରେ ଭର୍ତ୍ତି ହୋଇଥିବା ରୋଗୀଙ୍କ ମଧ୍ୟରେ ଆଟ୍ରିଏଲ୍ ଆରିଥମିଆ ମାତ୍ରାଧିକ ଥାଏ। ପ୍ରାରମ୍ଭିକ ଅବସ୍ଥାରେ ଏହି ଆରିଥମିଆ ଚିହ୍ନଟ କରିବା ଡାକ୍ତରମାନଙ୍କୁ ସମୟକ୍ରମେ ଚିକିତ୍ସା ଆରମ୍ଭ କରିବାରେ ଏବଂ ଜଟିଳତାକୁ ରୋକିବାରେ ସାହାଯ୍ୟ କରିପାରିବ। ଏକ ଇସିଜି ଶରୀରରେ ରଖାଯାଇଥିବା ଇଲେକ୍ଟ୍ରୋଡ୍ ବ୍ୟବହାର କରି ହୃତ୍‌ପିଣ୍ଡର ବୈଦ୍ୟୁତିକ କାର୍ଯ୍ୟକଳାପ ରେକର୍ଡ଼ କରେ। ଏକ ଇସିଜିରେ, ଡାକ୍ତରମାନେ ‘ପି-ତରଙ୍ଗ’ ଖୋଜନ୍ତି, ଯାହା ଆଟ୍ରିଆ କିମ୍ବା ହୃତ୍‌ପିଣ୍ଡର ଉପର କୋଠରୀରେ ବୈଦ୍ୟୁତିକ କାର୍ଯ୍ୟକଳାପକୁ ପ୍ରତିଫଳିତ କରେ। ତଥାପି, ପି-ତରଙ୍ଗଗୁଡ଼ିକ ପ୍ରାୟତଃ ଛୋଟ ହୋଇଥାଏ ଏବଂ ପୃଷ୍ଠଭୂମି ଶବ୍ଦରେ ସହଜରେ ହଜିଯାଏ କିମ୍ବା ହୃଦୟର ଅନ୍ୟ ଅଂଶରୁ ଶକ୍ତିଶାଳୀ ସଙ୍କେତ ଦ୍ୱାରା ଅସ୍ପଷ୍ଟ ହୋଇଯାଏ। ଏହି ଆହ୍ୱାନର ମୁକାବିଲା ପାଇଁ, ଏନ୍‌ଆଇଟି ରାଉରକେଲାର ଗବେଷଣା ଦଳ ଆଟ୍ରିଏଲ୍ ଲିଡ୍ ସିଷ୍ଟମ୍ (ଏଏଲ୍‌ଏସ୍) ନାମକ ଏକ ନୂତନ ଲିଡ୍ ପ୍ଲେସମେଣ୍ଟ ସିଷ୍ଟମ୍ ଡିଜାଇନ୍ କରିଛନ୍ତି। ଏଏଲ୍‌ଏସ୍ ଆଟ୍ରିଆରୁ ବୈଦ୍ୟୁତିକ କାର୍ଯ୍ୟକଳାପ କିପରି ରେକର୍ଡ଼ କରାଯାଏ ତାହା ଉନ୍ନତ କରିବା ପାଇଁ ଏକ ପରିବର୍ତ୍ତିତ ବ୍ୟବସ୍ଥା ବ୍ୟବହାର କରେ। ଏହି ସଙ୍କେତଗୁଡ଼ିକୁ, ବିଶେଷକରି ପି-ତରଙ୍ଗକୁ ଶକ୍ତିଶାଳୀ କରି, ସିଷ୍ଟମ୍ ଉଭୟ ଡାକ୍ତର ଏବଂ କମ୍ପ୍ୟୁଟର-ଆଧାରିତ ଡାଇଗ୍ନୋଷ୍ଟିକ୍ ଉପକରଣ ଦ୍ୱାରା ଆରିଥମିଆ ଚିହ୍ନଟର ସଠିକତାକୁ ଉନ୍ନତ କରିବାରେ ସାହାଯ୍ୟ କରେ। ଗବେଷଣା ବିଷୟରେ ଅଧିକ ସୂଚନା ଦେଇ ଏନ୍‌ଆଇଟି ରାଉରକେଲାର ବାୟୋଟେକ୍ନୋଲୋଜି ଆଣ୍ଡ ମେଡିକାଲ ଇଞ୍ଜିନିୟରିଂ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ତଥା ଗବେଷଣା ମୁଖ୍ୟ ଡ. ଜେ. ଶିବରାମନ୍ କହିଛନ୍ତି, ‘ଆମେ ନୂତନ ଇଲେକ୍ଟ୍ରୋଡ୍ ପ୍ଲେସମେଣ୍ଟ ପ୍ରଚଳନ କରିଥିଲୁ ଯାହା ଇସିଜି ରିଡିଂରେ ଆଟ୍ରିଏଲ୍ କାର୍ଯ୍ୟକଳାପର ଦୃଶ୍ୟମାନତାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିଥିଲା। ଚେନ୍ନାଇର ଏମ୍‌ଆଇଓଟି ଇଣ୍ଟରନ୍ୟାସନାଲ୍‌ର କାର୍ଡ଼ିଆକ୍ କେୟାର ଇନଷ୍ଟିଚ୍ୟୁଟ୍‌ର ଡ. ଆର. ପ୍ରଦୀପ କୁମାର କହିଛନ୍ତି, ‘ଇସିଜିରେ ଏକ ସ୍ପଷ୍ଟ ଭାବରେ ଜଣାପଡୁଥିବା ପି-ତରଙ୍ଗ ଆଟ୍ରିଏଲ୍ ପାଥଲୋଜିର ନିର୍ଣ୍ଣୟ ପାଇଁ ଏକ ସଙ୍କେତ ଦିଏ। ଅନ୍ୟ ସୁପ୍ରାଭେଣ୍ଟ୍ରିକୁଲାର ଆରିଥମିଆଠାରୁ ଆଟ୍ରିଏଲ୍ ଫିବ୍ରିଲେଶନ୍‌କୁ ପୃଥକ୍ କରିବା ପାଇଁ, ପି-ତରଙ୍ଗ ଆକୃତିକୁ ବିଚାରକୁ ନିଆଯିବା ଆବଶ୍ୟକ। ଏହି ଗବେଷଣାଟି ଡ. ଜେ. ଶିବରାମନ୍, ଡ. ଏନ୍ ବାଲା ଚକ୍ରବର୍ତ୍ତୀ ଓ ପ୍ରଫେସର କୁନାଲ ପାଲ ଏବଂ ଏନଆଇଟି ରାଉରକେଲାର ରିସର୍ଚ୍ଚ ସ୍କଲାର୍ ପ୍ରସନ୍ନ ଭେଙ୍କଟେଶ ଓ ସୁଶ୍ରୀ. ଆର୍‌ୟା ଭରଦ୍ୱାଜଙ୍କ ନେତୃତ୍ୱରେ କରାଯାଇଥିଲା, ଯେଉଁଥିରେ ଚେନ୍ନାଇ ସ୍ଥିତ ଏମ୍‌ଆଇଓଟି ଇଣ୍ଟରନ୍ୟାସନାଲ୍ ହସ୍ପିଟାଲ୍‌ର ବରିଷ୍ଠ ଇଣ୍ଟରଭେନସନାଲ୍ କାର୍ଡିଓଲୋଜିଷ୍ଟ ଡ. ଆର୍. ପ୍ରଦୀପ କୁମାର ଏବଂ ଜୟପ୍ରକାଶ ହସ୍ପିଟାଲ୍ ଆଣ୍ଡ ରିସର୍ଚ୍ଚ ସେଣ୍ଟର, ରାଉରକେଲାର ପରିଦର୍ଶକ ପରାମର୍ଶଦାତାଙ୍କ ଦ୍ୱାରା କ୍ଲିନିକାଲ୍ ସହଯୋଗ ଓ ବୈଧତା ପ୍ରଦାନ କରାଯାଇଥିଲା।

# ଜନ୍ମ ତାରିଖ ଯାଞ୍ଚ କରୁଛନ୍ତି ଏଡିଏମ୍

କୁହିକା, ୧୫।୫(ସମିସ): ବାଲ୍ୟ ବିବାହ ଘଟଣାରେ ନାବାଳିକାର ଜନ୍ମ ତାରିଖ ଯାଞ୍ଚ କରୁଛନ୍ତି ଏଡିଏମ୍। ନାବାଳିକାର ବାସ୍ତବ ଜନ୍ମ ତାରିଖ ବିଷୟରେ ଜାଣିବା ପାଇଁ ସୁକିନ୍ଦା ମେଡିକାଲ ଅଫିସରଙ୍କ ସହ ସୁକିନ୍ଦା ସିଡିପିଓଙ୍କ ଠାରୁ ପ୍ରମାଣ ପତ୍ର ମାଗିଥିବା ନେଇ ଡିସିପିଓ ଯାଜପୁର ସୂଚନା ଦେଇଛନ୍ତି। ଯାଜପୁର ଏଡିଏମ ଯୁଧିଷ୍ଠିର ନାୟକଙ୍କୁ ଜିଲ୍ଲାପାଳ ଜନ୍ମ ତାରିଖ ଯାଞ୍ଚ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିବା ସମ୍ପର୍କରେ ଯାଜପୁର ଡିସିପିଓ ସୂଚନା ଦେଇଛନ୍ତି। ସୁକିନ୍ଦା ମେଡିକାଲରେ ଜନ୍ମ ତାରିଖ ଏବଂ ଅଙ୍ଗନବାଡ଼ି ସେଣ୍ଟରର ଜନ୍ମ ତାରିଖ ଯାଞ୍ଚକରି ରିପୋର୍ଟ ଦାଖଲ କିରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ଡିସିପିଓ ଯାଜପୁର ସୁକିନ୍ଦା ଆଇଆଇସିଙ୍କୁ ଚିଠି ଲେଖି ଘଟଣାର ପୁନଃ ଯାଞ୍ଚ ସହ କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରିଛନ୍ତି। ଏ ନେଇ ସୁକିନ୍ଦା ଆଇଆଇସିଙ୍କୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ ବି ଆଇଆଇସିଙ୍କ ନମ୍ବର ଲାଗୁନଥିବାରୁ ମତାମତ ହସ୍ତଗତ ହୋଇପାରିନାହିଁ। ସିଡିପିଓ ସୁକିନ୍ଦା ପୁଲିସ ନିକଟରେ କେବଳ ଜେଡି କରି ବସି ରହିଛନ୍ତି। ସୁକିନ୍ଦା ଆଇଆଇସି ଗତ ୮ ତାରିଖ ଦିନ ନାବାଳିକା ଘରକୁ ଗସ୍ତ କରିଥିଲେ। ତେବେ ତାଙ୍କ ଘରେ ଚାବି ପଡ଼ିଥିବା ଦେଖି ଫେରି ଆସିଥିଲେ। ନାବାଳିକାଙ୍କ ଘର ଲୋକ ଚାବି ପକାଇ ଅନ୍ୟତ୍ର ଯିବା ଘଟଣାର ପୁଲିସ ଛାନ୍‌ଭିନ କରିନଥିବା ବେଳେ ପୁଲିସ ତଦନ୍ତ କରିବା ପୂର୍ବରୁ ଏତଲା ପଞ୍ଜିକୃତ ନ କରିବା ଘଟଣା ବିସ୍ମୟ ସୃଷ୍ଟି କରୁଛି। ତେବେ ଯାଜପୁର ଏଡିଏମ ଘଟଣାକୁ ସମ୍ବେଦନଶିଳ ଭାବେ ଗ୍ରହଣ କରି ନାବାଳିକାର ଜନ୍ମ ପଞ୍ଜୀକରଣ ତାରିଖର ସତ୍ୟତା ପାଇଁ ରିପୋର୍ଟ ମାଗିଥିବା ଡିସିପିଓ ନିରଞ୍ଜନ କର ସୂଚନା ଦେଇଛନ୍ତି।

# ଜଳଯୋଗାଣ ଯାନ୍ତ୍ରିକ କର୍ମଚାରୀଙ୍କ ଆନ୍ଦୋଳନ ଚେତାବନୀ

**ସୁକିନ୍ଦା, ୧୫।୫(ସମିସ):** ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘ କର୍ମକର୍ତ୍ତାଙ୍କ ଅନ୍ୟାୟ ବଦଳି ପ୍ରତ୍ୟାହାର ଓ ବିଭିନ୍ନ ସମସ୍ୟାର ସମାଧାନ କ୍ଷେତ୍ରରେ ବିଭାଗୀୟ ଅଧିକାରୀଙ୍କ ଅସହଯୋଗ ପ୍ରତିବାଦରେ ଆସନ୍ତା ୨୦ ତାରିଖରେ ଗ୍ରାମ୍ୟ ଜଳଯୋଗାଣ ଖଣ୍ଡ କାର୍ଯ୍ୟାଳୟ ଘେରଉ କରିବା ପାଇଁ ସ୍ଥିର ହୋଇଥିବା ନେଇ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଯେ ସଂଘ କର୍ମକର୍ତ୍ତାଙ୍କ ଅନ୍ୟାୟ ବଦଳି ପ୍ରତ୍ୟାହାର, ସବୁ ବର୍ଗର କର୍ମଚାରୀଙ୍କୁ ପ୍ରତ୍ୟେକ ମାସର ବେତନ ପ୍ରଦାନ, ଇପିଏଫ୍ ଅର୍ଥ ପ୍ରତ୍ୟେକ ମାସରେ ଜମା କରାଇବା, ମୃତ କର୍ମଚାରୀଙ୍କ ଉତ୍ତରାଧିକାରୀଙ୍କୁ ଅନୁକମ୍ପା ନିଯୁକ୍ତି ଆଦି ସମସ୍ୟାର ସମାଧାନରେ ଖଣ୍ଡ କର୍ତ୍ତୃପକ୍ଷଙ୍କ ଉଦାସୀନତା ବିରୁଦ୍ଧରେ ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘ ଯାଜପୁର ଜିଲ୍ଲା ଶାଖା ପକ୍ଷରୁ ଚଣ୍ଡିଖୋଲ ସ୍ଥିତ ଗ୍ରାମ୍ୟ ଜଳଯୋଗାଣ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରିବା ପାଇଁ ମଙ୍ଗଳବାର ଦିନ ବୈଠକରେ ନିଷ୍ପତ୍ତି ହୋଇଥିବା ସଂଘ ପକ୍ଷରୁ ଜଣାଯାଇଛି। ଏଥିପାଇଁ ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି।ସଂଘ ମୁଖ୍ୟ ଉପଦେଷ୍ଟା ଭିକାରୀ ଚରଣ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଜୟ କୁମାର ବାରିକ, ଲକ୍ଷ୍ମୀଧର ଜେନା, ପ୍ରଦୀପ୍ତ ସ୍ୱାଇଁଙ୍କ ସମେତ ଶତାଧିକ କର୍ମଚାରୀ ଉପସ୍ଥିତ ରହି ଆଲୋଚନାରେ ଉପସ୍ଥିତ ଥିଲେ।

# ସାମ୍ବାଦିକଙ୍କୁ ରୋଟାରୀ କ୍ଲବ୍ ପକ୍ଷରୁ ସହାୟତା



**ଧର୍ମଶାଳା, ୧୫।୫(ସମିସ):** ଯାଜପୁର ଜିଲ୍ଲାର ଜଣାଶୁଣା ଯୁବ ସାମ୍ବାଦିକ ସନ୍ଦିପ୍ତ ରାୟ କିଛିଦିନ ହେବା ବୃକକ ଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ଜିଲ୍ଲା ସାମ୍ବାଦିକ ସଂଘ ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଛି। ତାଙ୍କ ବୃକକ ପ୍ରତ୍ୟାରୋପଣ ପାଇଁ ଉଦ୍ୟମ ଜାରି ରହିଥିବା ବେଳେ ଏଥିପାଇଁ ଲକ୍ଷାଧିକ ଟଙ୍କାର ଆବଶ୍ୟକତା ରହିଛି। ଏଥିପାଇଁ ବିଭିନ୍ନ ଅନୁଷ୍ଠାନ ସହାୟତାର ହାତ ବଢ଼ାଇଛନ୍ତି। ଏହି କ୍ରମରେ ଆଜି ସନ୍ଧ୍ୟାରେ ଜାରକା ରୋଟାରୀ କ୍ଲବ ପକ୍ଷରୁ ସଭାପତି ରାଜେନ୍ଦ୍ର ପଲେଇଙ୍କ ତତ୍ତ୍ୱାବଧାନରେ ସମ୍ପାଦକ ଜୟ ପ୍ରକାଶ ତ୍ରିପାଠୀ, ରୋଟାରିଆନ ଇନ୍ଦ୍ରମଣି ନାୟକ, ପ୍ରମୋଦ କୁମାର ସାମଲ ଓ ଦୀପକ କୁମାର ଜେନା ପ୍ରମୁଖ ତାଙ୍କ ଯାଜପୁରଟାଉନ ସ୍ଥିତ ଶୀତେଳେଶ୍ୱର ବାସଭବନରେ ପହଞ୍ଚି ଆର୍ଥିକ ସହାୟତା ପ୍ରଦାନ କରିବା ସହିତ ଆଶୁ ଆରୋଗ୍ୟ କାମନା କରିଥିଲେ। ତାଙ୍କ ପିତା ଅବସରପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର କୁମାର ରାୟ ଏହି ଅବସରରେ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।

# ଗଠିତ ହେଲା ବ୍ୟାସନଗର ଟ୍ରକ୍ ମାଲିକ ସଂଘ




**ବ୍ୟାସନଗର, ୧୫।୫(ସମିସ):** ବ୍ୟାସନଗର ଟ୍ରକ ମାଲିକ ସଂଘ ନୂତନ ଭାବରେ ଗଠନ ହେଲା। ଟ୍ରକ ମାଲିକମାନଙ୍କୁ ବିଭିନ୍ନ ସମସ୍ୟା ଖଣି ଅଞ୍ଚଳରେ ମାଲ ପରିବହନ ସୁଗମନ କରିବା ପାଇଁ ଗୁରୁବାର ବ୍ୟାସନଗରର ଅଧିକାଂଶ ମାଲିକମାନେ ଏକତ୍ରିତ ହୋଇ ବ୍ୟାସନଗର ଟ୍ରକ ମାଲିକ ସଂଘ ନାମରେ ଏକ ସଂଘ ଗଠନ କରିଛନ୍ତି। ଚୋରଦା ବାଇପାସ ଠାରେ ଏକ ସଂଘ କାର୍ଯ୍ୟାଳୟ ଟ୍ରକ ମାଲିକମାନେ ପୂଜା ପାଠ କରି ଉଦ୍‌ଘାଟନ କରିଛନ୍ତି। ଏହି ସଂଘରେ ୧୨୫ ଜଣ ମାଲିକ ସଭ୍ୟ ରହିଛନ୍ତି। ଏହି ସଂଘର ମୂଖ୍ୟ ଉପଦେଷ୍ଟା ବ୍ରଜ କିଶୋର ରାଉତ, ସଭାପତି କିଶୋର କୁମାର ରାଉତ, ଉପସଭାପତି ନୀଳମଣି ରାଉତ, ସମ୍ପାଦକ ସୌଭାଗ୍ୟ କୁମାର ବାରିକ, ଯୁଗ୍ମ ସମ୍ପାଦକ ଜୟଜିତ୍ ପରିଡ଼ା, କୋଷାଧକ୍ଷ ସୁରେନ୍ଦ୍ର କୁମାର ଶର୍ମା, ନିରଞ୍ଜନ ସାହୁ, ଅରୁଣ କୁମାର ମହାନ୍ତି. ବିନୋଦ କୁମାର ଶର୍ମା, ଶିଶିର କୁମାର ଓଝା, ପ୍ରଦ୍ୟୁମ୍ନ କୁମାର ବୋଇତାଇ, ଆନନ୍ଦ ଚନ୍ଦ୍ର ବଳ, ମାନସ ରଞ୍ଜନ ଆଏଚ, ଉମାକାନ୍ତ ପୁହାଣ. ବିଜୟ କୁମାର ଜେନା, ବସନ୍ତ କୁମାର ପାତ୍ର, ବିଶ୍ୱଜିତ୍ ପରିଡ଼ା, ପ୍ରଭାତ ସିଂ, ରାଜ କିଶୋର ମଲିକ, ବିଶ୍ୱଜିତ୍ ପଣ୍ଡା, ପ୍ରମୋଦ ଛୋଟରାୟ ଓ ସୁଜିତ୍ କୁମାର ନାୟକ ବହୁ ମାଲିକ ମାନଙ୍କର ବିଭିନ୍ନ ସମସ୍ୟା ଲାଘବ କରିବା ସଂଗେ ସଂଗେ ଖଣି ଅଞ୍ଚଳରେ ପରିବହନ କ୍ଷେତ୍ରରେ ସମନ୍ୱୟ ରକ୍ଷା କରିବା ପାଇଁ ଏହି ସଂଘ ମୂଳ ଲକ୍ଷ ବୋଲି ସାମ୍ବାଦିକ ମାନଙ୍କୁ ସୂଚନା ଦେଇଛନ୍ତି।

# ଶନିଶ୍ଚର ମନ୍ଦିରର ବାର୍ଷିକ ଉତ୍ସବ



**ପାଣିକୋଇଲି, ୧୫।୫(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ପାଣିକୋଇଲି ପଞ୍ଚାୟତ ଯଯାତି କ୍ଲବ ନିକଟରେ ଥିବା ଶନିଶ୍ଚର ମନ୍ଦିର ବାର୍ଷିକ ଯଜ୍ଞୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ କଳସ ଯାତ୍ରା, ସୂର୍ଯ୍ୟପୂଜା, ଗୋ ପୂଜା, ଅଗ୍ନୀସ୍ଥାପନ ପରେ ଶନିଶ୍ଚରଙ୍କ ବିଶେଷ ପୂଜା କରାଯାଇଥିଲା। ମନ୍ଦିରର ନିତ୍ୟ ସେବକ ଅଭିରାମ ପଣ୍ଡା ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। କର୍ତ୍ତା ଭାବେ ବନମାଳୀ ମମହାରଣ୍ୟ ଓ ପଠଡ଼ୀ ମନୋରମା ମହାରଣ୍ୟ ଯଜ୍ଞ ମଣ୍ଡପରେ ଆହୂତି ପ୍ରଦାନ କରିଥିଲେ। ପଣ୍ଡିତ ଆଶୁତୋଷ ପଣ୍ଡା, ଗୌରାଙ୍ଗ ପଣ୍ଡା, ଦେବେନ୍ଦ୍ର ପଣ୍ଡା, ସତ୍ୟାନନ୍ଦ ରଥ ଓ ସାଥି ପଣ୍ଡିତ ମାନେ ବେଦ ମନ୍ତ୍ର ପାଠ କରିଥିଲେ।

## ନାବାଳିକାକୁ ଅସଦାଚରଣ ଘଟଣା

# ଅଭିଯୁକ୍ତକୁ ୫ ବର୍ଷ ସଶ୍ରମ କାରାଦଣ୍ଡ

**ଯାଜପୁର ଟାଉନ, ୧୫।୫(ସମିସ):** ଯାଜପୁର ଟାଉନ ବେଲମପୁର ଗ୍ରାମର ଜଣେ ନାବାଳିକା ଝିଅକୁ ସେହି ଗ୍ରାମର ଜଣେ ଯୁବକ ସନ୍ଧ୍ୟାରେ ଅସଦାଚରଣ କରିଥିବା ନେଇ ଯାଜପୁର ଥାନାରେ ଅଭିଯୋଗ ହୋଇଥିଲା। ଏହି ମାମଲାକୁ ବିଚାର କରି ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ଅଭିଯୁକ୍ତକୁ ୫ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ରାୟ ପ୍ରକାଶ କରିଛନ୍ତି। ଘଟଣାରୁ ପ୍ରକାଶ ଉପରୋକ୍ତ ଗ୍ରାମର ନାବାଳିକା ଘରେ ପିତାମାତା ସମ୍ପର୍କୀୟ ଘରକୁ ଯାଇଥିବା ବେଳେ ୨୦୨୧ ମସିହା ଅଗଷ୍ଟ ୨୨ ତାରିଖ ସନ୍ଧ୍ୟାରେ ନାବାଳିକାକୁଏକୁଟିଆ ପାଇ ସେହି ଗ୍ରାମର ଅଭିଯୁକ୍ତ ରମେଶ ବେହେରା (୨୪) ନାବାଳିକାକୁ ଟଣାଓଟରା କରିବା ସହ ଅସଦାଚରଣ କରିଥିଲା। କୌଣସି ପ୍ରକାର ନାବାଳିକା ସେଠାରୁ ଦୌଡ଼ି ଆସି ପଡ଼ିଶା ଘରକୁ ପଳାଇ ନିଜ ବାପାମା' ପାଖକୁ ଖବର ଦେଇଥିଲା। ଖବର ପାଇ ନାବାଳିକାର ପିତାମାତା ପହଞ୍ଚି ନାବାଳିକା ଠାରୁ ସମସ୍ତ ଘଟଣା ଅବଗତ କଲା ପରେ ଯାଜପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତ୍ତି କରି ଥାନା କେଶ ନଂ. ୩୦୦/୨୧ ବିଭିନ୍ନ ଦଫାରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ ଗିରଫ କରି ପୁଲିସ କୋର୍ଟ ଚାଲାଣ କରିଥିଲା। ଏହି ଘଟଣାକୁ ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ଶରତ କୁମାର ଦେହୁରୀ ୫ଜଣ ସାକ୍ଷୀଙ୍କ ବୟାନକୁ ଭିତି କରି ଅଭିଯୁକ୍ତ ରମେଶ ବେହେରାକୁ ୫ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୫ହଜାର ଜରିମାନା ଅନାଦେୟ ୬ମାସ ଅଧିକ କାରାଦଣ୍ଡ ଭୋଗିବେ ବୋଲି ରାୟ ପ୍ରକାଶ କରିଛନ୍ତି। ଏହି ମାମଲାକୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପାର୍ଥ ରାୟ ପରିଚାଳନା କରୁଥିଲେ।

## ନାବାଳକ ହତ୍ୟା ଘଟଣା

# ପ୍ରମାଣ ଅଭାବରୁ ଅଭିଯୁକ୍ତ ଖଲାସ

**ଯାଜପୁର, ୧୫।୫(ସମିସ):** ନାବାଳକକୁ ହତ୍ୟା କରିଥିବା ଅଭିଯୋଗରେ ଦୀର୍ଘ ୪ ବର୍ଷ ହେବ ଜେଲରେ ଥିବା ଅଭିଯୁକ୍ତ କୋର୍ଟରେ ପ୍ରମାଣ ଅଭାବରୁ ନିର୍ଦ୍ଦୋଶରେ ଖଲାସ ହୋଇଯାଇଛି। କୋରେଇ ଥାନା ମୁକୁନ୍ଦପୁର ଗ୍ରାମର ବାସୁଦେବ ଦାସଙ୍କ ନାବାଳକ ପୁଅ ୨୦୨୧ ମସିହା ଜୁଲାଇ ୨ ତାରିଖରେ ନିଖୋଜ ହୋଇଯାଇଥିଲା। ପୁଅକୁ ହଳଦିଆ ଟ୍ରାକ୍ଟରରେ ନେଇ ଯାଇଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ସେହି ଗ୍ରାମର ବୁଦ୍ଧିରାମ ଖଟୁଆଙ୍କ ପୁଅ ହେମନ୍ତ ଖଟୁଆ ସମ୍ପୃକ୍ତ ବୋଲି ଅଭିଯୋଗ ହୋଇଥିଲା। ହେମନ୍ତ ନାବାଳକକୁ ପ୍ରଲୋଭିତ କରି ଚକୋଲେଟ ଦେଇ ତାହା ସହିତ ଅପ୍ରାକୃତିକ ଯୌନ ସମ୍ପର୍କ ରଖି ମାରି ଏକ ପୋଖରୀରେ ପକାଇ ଦେଇଥିଲା। ଏହି ଘଟଣାରେ କୋରେଇ ପୁଲିସ ୧୯୪/୨୧ ବିଭିନ୍ନ ଦଫାରେ ମାମଲା କରି ଅଭିଯୁକ୍ତ ହେମନ୍ତ ଖଟୁଆକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେହିଦିନ ଠାରୁ ହେମନ୍ତ ଜେଲରେ ରହି ଆସୁଥିବା ବେଳେ ଆଜି ଏହି ମାମଲାର ବିଚାର କରାଯାଇଥିଲା। ୧୬ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଅତିରିକ୍ତ ଜିଲା ଦୌରା ଜଜ୍ ତଥା ପୋକ୍‌ସୋ ଜଜ୍ ଅଭିଜିତ ପଲେଇ ପ୍ରମାଣ ଅଭାବରୁ ହେମନ୍ତ ଖଟୁଆକୁ ନିର୍ଦ୍ଦୋଶରେ ଖଲାସ କରିଛନ୍ତି। ଏହି ମାମଲାକୁ ବରିଷ୍ଠ ଆଇନଜୀବୀ ପ୍ରବୀର କୁମାର ରାୟ ପରିଚାଳନା କରୁଥିଲେ।

## ବାଲିଗାଡ଼ିରୁ ଚାନ୍ଦା ଆଦାୟ ମାମଲା

# ୩ ଅଭିଯୁକ୍ତ କୋର୍ଟଚାଲାଣ





**ପାଣିକୋଇଲି, ୧୫।୫(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ଅଞ୍ଚଳରେ ବାଲି ଗାଡ଼ିରୁ ବାରମ୍ବାର ଚାନ୍ଦା ଆଦାୟ କରାଯାଉଥିବା ଅଭିଯୋଗ ହେଉଛି। ଏ ନେଇ ଭିନ୍ନ ଭିନ୍ନ ଘଟଣାରେ ପୁଲିସ୍ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

କରଦା ପଞ୍ଚାୟତର ଦେପଦା ଛକରେ ଗତ ୧୦ ତାରିଖ ରାତିରେ ଏକ ବାଲି ବୋଝେଇ ହାଇୱାକୁ ଅଟକାଇ ଜବରଦସ୍ତ ଚାନ୍ଦା ଆଦାୟ ଓ ଅଶ୍ରାବ ଗାଳି ସହିତ ଟଙ୍କା ଛଡାଇ ନେଇ ମରଣାନ୍ତକ ଆକ୍ରମଣ ହୋଇଥିଲା। ଭଦ୍ରକ ଜିଲ୍ଲା ତିହିଡି ଥାନା ଅନ୍ତର୍ଗତ ଦୋଲସାହି ଗାମର ମନୋରଞ୍ଜନ ପାଣିଗ୍ରାହୀ ଏ ନେଇ ପାଣିକୋଇଲି ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ସାନଭାଇ ସୌମ୍ୟରଞ୍ଜନକୁ ବନ୍ଧୁକ ଓ ମରଣାସ୍ତ୍ର ଦେଖାଇ ବେଆଇନ ଚାନ୍ଦା ପାଇଁ ଆକ୍ରମଣ କରାଯାଇଥିଲା। ଫଳରେ ସୌମ୍ୟ ଆହତ ହୋଇ ୧୦୮ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ନିମନ୍ତେ ଭର୍ତ୍ତି ହୋଇଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ଏକ ମାମଲା ୧୨୦/୨୫ ରୁଜୁ କରାଯାଇ ତଦନ୍ତ କରାଯାଇଥିଲା। ଏହି ମାମଲାରେ ଦେପଦା ଗ୍ରାମର ତିନିଜଣ ଜଣଙ୍କୁ ପୂର୍ବରୁ ଗିରଫ କରି ତିନି ଜଣଙ୍କୁ ଅଦାଲତ ଚାଲାଣ କରାଯାଇଥିବା ବେଳେ ଆଜି ଦେପଦା ଗ୍ରାମର ମହେଶ୍ୱ ମଳିକଙ୍କ ପୁଅ ଅର୍ଜୁନ ମଳିକ (୩୦) କୁ ଗିରଫ କରାଯାଇଛି। ସେହିପରି ଗତ ୮ ତାରିଖ ରାତିରେ ପଳସା ଛକରେ ଏକ ବାଲି ବୋଝେଇ ହାଇୱାକୁ ଅଟକାଇ ଜବରଦସ୍ତ ଚାନ୍ଦା ଆଦାୟ, ଅଶ୍ରାବ ଗାଳି ଗୁଲଜ ଓ ଆକ୍ରମଣ ହେବା ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ପୁଲିସ୍ ଏକ ମାମଲା ୧୧୯/୨୫ ରୁଜୁ କରି ପଳସା ଗ୍ରାମର ଅମରେନ୍ଦ୍ର ବାରିକ(୩୦) ଓ ଜୟନ୍ତ ଖଣ୍ଡାଇ(୩୫)ଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି।

## ସଙ୍ଘବଦ୍ଧ ଆକ୍ରମଣ ଘଟଣା

# ଏସ୍‌ପିଙ୍କୁ ଭେଟିଲା ଦଳିତ ସଂଗଠନ



**ପାଣିକୋଇଲି, ୧୫।୫(ସମିସ):** ସଂଘବଦ୍ଧ ଭାବେ ମହିଳାଙ୍କ ସମେତ ଲୋକମାନଙ୍କୁ ମରଣାନ୍ତକ ଆକ୍ରମଣ ମାମଲାରେ ବାଲିଚନ୍ଦ୍ରପୁର ପୁଲିସ କେବଳ ମାମଲା ରୁଜୁ କରି ଚୁପ ବସିଥିବା ବେଳେ ଆଜି ପୀଡ଼ିତ ସହ ଦଳିତ ସଂଗଠନର ନେତା ମାନେ ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପ୍ରକାଶଯେ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ନେସ୍ତା କଦମପାଳ ଗ୍ରାମରେ ଗତ ୯ ତାରିଖ ଭରତ ମଲିକଙ୍କ ଏକ ଭୋଜି ଥିଲା। ଭୋଜି ସରିବା ପରେ ବାସନକୁସଜ ମଜା ବେଳେ ଜନକ ଗ୍ରାମର କିଛି ଲୋକ ବାଇକ୍ ନେଇ ସେହି ରାସ୍ତାରେ ଯାଉଥିବା ବେଳେ ସେଠାରେ ଥିବା ବାଇକ ଗୁଡିକୁ ପକାଇ ଦେଇଥିଲେ। ଏହାର ପ୍ରତିବାଦ କରିବାରୁ ଜନକ ଗ୍ରାମର ଲିଟୁନ ଜେନା, ନିଲୁ ସ୍ୱାଇଁ, ପୂର୍ଣ୍ଣି ସାହୁ, ଟିକନ ଜେନାଙ୍କ ସମେତ ସେମାନଙ୍କ ସହଯୋଗୀ ମାରପିଟ କରିଥିଲେ।ସେମାନେ ମାଡମାରି ରକ୍ତାକ୍ତ କରି ପଳାଇବା ପରେ ପୁଣି ତାଙ୍କ ଗ୍ରାମରୁ କିଛି ଲୋକଙ୍କୁ ଧରି ଆସି ମାରପିଟ ଆରମ୍ଭ କରିଥିଲେ। ଏମିତିକି ସେମାନଙ୍କ ମାରଣାସ୍ତ୍ର ସହ ଆକ୍ରମଣରୁ ମହିଳା ବି ବର୍ତ୍ତିନଥିଲେ। ହେଲେ ଏନେଇ ପୁଲିସକୁ ଖବର ଦେବାରୁ ପୁଲିସ ଘଟଣାସ୍ଥଳକୁ ଆସିବା ପରେ ଅଭିଯୁକ୍ତ ମାନେ ପଳାଇଯାଇଥିଲେ। ବାଲିଚନ୍ଦ୍ରପୁର ପୁଲିସ ଏନେଇ ମାମଲା ରୁଜୁ କରିଥିଲେ ବି କାର୍ଯ୍ୟାନୁଷ୍ଠାନ ଶୂନ ରହିଛି। ଅଭିଯୁକ୍ତମାନେ ଦିନ ଦ୍ୱିପ୍ରହରରେ ବୁଲି ବୁଲି ଧମକ ଦେଉଛନ୍ତି। ଫଳରେ ଭରତ ଆଜି ଆମ୍ବେଦକର ଫାଉଣ୍ଡେସନର ନେତା ଦୁଷ୍ମନ୍ତ କୁମାର ଜେନା, କାର୍ତ୍ତିକ ମଲିକ, ଗୋବିନ୍ଦ ମଲିକଙ୍କ ନେତୃତ୍ୱରେ ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ପହଞ୍ଚି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ଅନନ୍ତ ବାସୁଦେବ ମନ୍ଦିରରେ ଚନ୍ଦନ ଯାତ୍ରା

**ଯାଜପୁର, ୧୫।୫(ସମିସ)**

ଯାଜପୁର ସହରର ନାରାୟଣ ଛକର ପ୍ରସିଦ୍ଧ ଅନନ୍ତ ବାସୁଦେବ ମନ୍ଦୀରର ରାଧାକୃଷ୍ଣଙ୍କ ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଚନ୍ଦନ ପୂର୍ଣ୍ଣିମା ଠାରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ୩ ଦିନ ଧରି ପାରମ୍ପରିକ ରୀତିନିତି ଅନୁଯାୟୀ ହେବା ପରେ ଶେଷ ହୋଇଥାଏ। ବେଶ୍ ଧାର୍ମୀକ ପରିବେଶରେ ଏହି ଚନ୍ଦନଯାତ୍ରା ଅବସରରେ ପ୍ରଭୁ ମଦନ ମୋହନଜିଉଙ୍କୁ ସୁସଜ୍ଜିତ କରାଯାଇ ଏକ ସ୍ୱତନ୍ତ୍ର ବିମାନରେ ସଂକୀର୍ତ୍ତନ ଦଳ ସହ ରୋଷଣୀ ଓ ବାଦ୍ୟଯନ୍ତ୍ରରେ ମନ୍ଦିର ପରିସରରୁ ପୂଣ୍ୟ ବୈତରଣୀ ନଦୀକୁ ନିଆଯାଇ ସେଠାରେ ଚାପଖେଳ ସମ୍ପନ୍ନ ହୋଇଥାଏ। ଚାପଖେଳ ପରେ ପ୍ରଭୁ ରାଧାକୃଷ୍ଣଙ୍କୁ ସେହି ସୁସଜ୍ଜିତ ବିମାନରେ ନିଆଯାଇ ବିଭିନ୍ନ ସାହି ବସ୍ତି ଦେଇ ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ଏହି ଚନ୍ଦନଯାତ୍ରା ଅବସରରେ ପ୍ରଭୁ ରାଧାକୃଷ୍ଣ ସାହିକୁ ସାହି ବୁଲି ଭକ୍ତଙ୍କ ନିକଟରୁ ଭୋଗ ଖାଇବାର ପରମ୍ପରା ଅତି ନିଆରା। ପ୍ରଭୁଙ୍କୁ ନିଜ ଘରକୁ ପାଛୋଟି ନେବା ପାଇଁ ଅନେକ କିଛି ପ୍ରସ୍ତୁତି ମଧ କରିଥାଏ। ଏହି ଚନ୍ଦନ ଯାତ୍ରା ଦେଖିବାକୁ ଆଖ ପାଖ ଅଞ୍ଚଳର ଲୋକଙ୍କ ବେଶ ଭିଡ ହୋଇଥାଏ। ଏହି ସମୟରେ ଘରେ ଘରେ ଠାକୁରଙ୍କୁ ଭୋଗ ପ୍ରଦାନ କରିବାର ସୁଯୋଗ ମିଳିଥାଏ। ବଡ଼ଶାସନର ସମସ୍ତ ବ୍ରାହ୍ମଣ ପରିବାର ଏଥିରେ ସହଯୋଗ କରିଛନ୍ତି। ଶେଷ ଦିନରେ ରାଧାକୃଷ୍ଣ ସିଂହାସନ ଆରୋହଣ କରିବା ପରେ ସତ୍ୟନାରାୟଣଙ୍କ ପୂଜା ଅନୁଷ୍ଠିତ ହୋଇଥାଏ।




# ବଧୂ ହତ୍ୟା ଘଟଣାରେ ଶାଶୁ, ଶଶୁର ଗିରଫ

**ଧର୍ମଶାଳା, ୧୫।୫ (ସମିସ):** ଧର୍ମଶାଳା ଥାନା ନେଉଳପୁର ପଞ୍ଚାୟତ କଣ୍ଟାବଣିଆଁ ମୁସଲିମ ସାହିରେ ଏକ ନବବଧୂଙ୍କୁ ତାର ଶଶୁର ଘର ଲୋକେ ଯୌତୁକ ପାଇଁ ହତ୍ୟା କରିଥିବା ଅଭିଯୋଗରେ ପୁଲିସ ଆଜି ତାର ଶାଶୁ ଓ ଶଶୁରକୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନା ଅନୁଯାୟୀ ଚହଟା ମୁସଲିମ ସାହିର ମହମ୍ମଦ ସଗିର ଅହମ୍ମଦଙ୍କ ଝିଅ ଆରଜୁ ନେଶାଁ ଚାରିବର୍ଷ ତଳେ ନେଉଳପୁର ପଞ୍ଚାୟତ କଣ୍ଟାବଣିଆଁ ମୁସଲିମ ସାହିର ଏନାମ ଖାଁଙ୍କ ପୁଅ ମହସିମ ଖାଁଙ୍କୁ ବିବାହ କରିଥଲେ। ବିବାହ ପରେଆରଜୁଙ୍କୁ ବାପ ଘରୁ ଅଧିକ ଯୌତୁକ ଆଣିବା ଲାଗି ଶଶୁର ଘର ଲୋକମାନେ ଦାବି କରି ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ତେବେ ଗତକାଲି ରାତିରେ ଝିଅ ଆରଜୁକୁ ତାର ଶଶୁର ଘର ଲୋକେ ହତ୍ୟା କରି ଏକ ଓଢ଼ଣୀରେ ତାକୁ ଝୁଲାଇ ଦେଇ ଆତ୍ମହତ୍ୟାର ରୂପ ଦେଇଥିବା ବାପଘର ଲୋକ ଅଭିଯୋଗ କରିଥିଲେ। ଝିଅକୁ କଟକ ଏସ୍‌ସିବି ମେଡିକାଲରେ ମୃତ ଅବସ୍ଥାରେ ସେମାନେ ପାଇବା ପରେ ମା' ସୁହାନା ବିବି ଅଧିକ ଯୌତୁକ ଲାଗି ତାଙ୍କ ଝିଅକୁ ଶାଶୁ ଘର ଲୋକେ ହତ୍ୟା କରିଥିବା ନେଇ ଗତକାଲି ରାତିରେ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୁଲିସ ୨୮୧/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ଆଜି ମୃତ ଆରଜୁର ଶଶୁର ଏନାମ ଖାଁ ଓ ଶାଶୁ ଆୟେସା ବେଗମଙ୍କୁ ଗିରଫ କରି କୋର୍ଟକୁ ଚଲାଣ କରିଛି।

# ଫାର୍ଶା ଚୋଟରେ ଯୁବକ ଗୁରୁତର



**ମଙ୍ଗଳପୁର, ୧୫।୫(ସମିସ):** ମଙ୍ଗଳପୁର ଥାନା ଅଧୀନ କୟାଁ ପଞ୍ଚାୟତ ଗରବନ୍ଧ ଗ୍ରାମରେ ଫାର୍ଶା ଚୋଟରେ ଜଣେ ଯୁବକ ଗୁରୁତର ଆହତ ହୋଇଥିବା ଅଭିଯୋଗହୋଇଛି। ଆହତ ଯୁବକ ହେଲେ ଗ୍ରାମର ବୈଦ୍ୟନାଥ ମଲ୍ଲିକଙ୍କ ପୁଅ ପ୍ରକାଶ ମଲ୍ଲିକ (୨୩)। ଗ୍ରାମର ସଞ୍ଜୟ ମଲ୍ଲିକଙ୍କ ପୁଅ ସୌରଭ ମଲ୍ଲିକ ଆଜି ସନ୍ଧ୍ୟା ପ୍ରାୟ ୫. ୨୦ ମିନିଟ ସମୟରେ ନିଜ ଗ୍ରାମର ପ୍ରକାଶଙ୍କୁ କଥା ହେବା ପାଇଁ ପାଖକୁ ଡାକି ପୂର୍ବ ପ୍ରସ୍ତୁତି ଅନୁଯାଇ ହଠାତ ଏକ ଫାର୍ଶାରେ ତାଙ୍କ ମୁଣ୍ଡକୁ ହାଣିବା ପାଇଁ ଉଦ୍ୟମ କରିଥିଲେ। ପ୍ରକାଶ ନିଜ ଜୀବନ ବଞ୍ଚାଇବାକୁ ଯାଇ ଫାର୍ସାଟିକ ବାଜିଥିଲା। ନିଜ ଜୀବନ ବଞ୍ଚାଇବାକୁ ଯାଇ ସେଠାରୁ ଦୌଡି ପଳାଇବା ସମୟରେ ଡାହାଣ ଗୋଡ଼ ଆଣ୍ଠୁରେ ମଧ ଚୋଟ ବାଜିଥିଲା। ଗୁରୁତର ପ୍ରକାଶଙ୍କୁ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରାଯାଇଥିବା ଜଣାପଡ଼ିଛି। ଏନେଇ ପ୍ରକାଶଙ୍କ ମା' ଖୁଲଣା ମଲ୍ଲିକ ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ମଙ୍ଗଳପୁର ଥାନାରେ କୟାଁ ପଞ୍ଚାୟତ ସରପଞ୍ଚ ମନ୍ଦାକିନୀ ମଲିକଙ୍କ ସମେତ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଲୋକ ପହଞ୍ଚି ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଅଭିଯୋଗ ପାଇବା ପରେ ମଙ୍ଗଳପୁର ପୁଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ସୌରଭକୁ ଥାନାରେ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

# ଯାଜପୁ ର ଥାନା ଅଞ୍ଚଳରୁ ସିରିଜ ଚୋରି

**ଯାଜପୁର, ୧୫।୫(ସମିସ):** ଯାଜପୁର ଥାନା ଅନ୍ତର୍ଗତ ଏନ୍‌ସି କଲେଜ ରୋଡ଼ ଲଳିତେଶ୍ୱରନଗର ଅଞ୍ଚଳରେ ସିରିଜ ଚୋରୀ ହୋଇଥିବା ଅଭିଯୋଗ ହୋଇଛି। ଗତକାଲି ଗୋଟିଏ ରାତିରେ ଦୁର୍ବୃତ୍ତ ମାନେ କବାଟ ଭାଙ୍ଗି ୩ଟି ଘରୁ କଳା କନା ବୁଲାଇଛନ୍ତି। ଏହି କଲେଜ ରୋଡ଼ରେ ଗୁଗୁଲୀ ହୋଟେଲର ମାଲିକ ସୁଶାନ୍ତ ପରିଡ଼ା ଅମ୍ବିକା ମଣ୍ଡପ ନିକଟରେ ରହୁଥିବା ଭଡ଼ା ଘରେ ସପରିବାରେ ଏକ ଗ୍ରାମକୁ ଯାଇଥିବା ବେଳେ ଏହାର ସୁଯୋଗରେ ଦୁର୍ବୃତ୍ତ ଘରର କବାଟ ଓ ଗ୍ରୀଲ୍ କାଟି ଆଲମିରା ତାଡ଼ି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର, ନଗଦ ଅର୍ଥ ଓ ଆସବାସ ପତ୍ର ଲୁଟି ନେଇଛନ୍ତି। ଏ ନେଇ ପରିବାର ପକ୍ଷରୁ ଯାଜପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଲିଖିତ ଅଭିଯୋଗକୁ ଭିତି କରି ଯାଜପୁର ପୁଲିସ ଏକ ଚୋରି ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ବେଳେ ସେହି ନିକଟସ୍ଥ ଅଞ୍ଚଳରେ ଜୟନ୍ତ କୁମାର ବେହେରା ଏବଂ ନରହରି ସାମଲଙ୍କ ଘରୁ ଏକା ରାତିରେ ଚୋରି ହୋଇଥିବା ନେଇ ଯାଜପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଲିଖିତ ଅଭିଯୋଗ ପାଇଲା ପରେ ଟାଉନ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଘରେ କେହି ନଥିବାର ସୁଯୋଗ ନେଇ ଦୁର୍ବୃତ୍ତ ଚୋରି କରିଥିବା କୁହାଯାଉଥିବା ବେଳେ ପ୍ରଚଣ୍ଡ ଗରମ ଯୋଗୁଁ ଲୋକେ ଏସି ରୁମରେ ଶୋଇଥିବା ବେଳେ ପଦାର ଶବ୍ଦ ତାଙ୍କ କାନରେ ବାଜି ନଥିଲା। ଏହାର ସୁଯୋଗ ନେଇ ଦୁର୍ବୃତ୍ତ ଏବେ ଚୋରି କରୁଥିବା ଦେଖିବାକୁ ମିଳିଛି। ଯାଜପୁର ପୁଲିସ ଘଟଣାକୁ ଗୁରୁତର ସହ ନେଇ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଛି। ଏ ସଂକ୍ରାନ୍ତରେ ୩ଟି ମାମଲା କରାଯାଇଥିବା ବେଳେ ଏସ୍‌ଆଇ ମହମ୍ମଦ ସୁରଜ, ଏସ୍‌ଆଇ ସଂଯୁକ୍ତା ବେହେରା, ଏସ୍‌ଆଇ ତୃପ୍ତିମୟୀ ରାଉତ ଘଟଣାର ତଦନ୍ତ କରୁଛନ୍ତି।

# ଅପରେସନ ସିନ୍ଦୂର ସଫଳତାରେ ବାଇକ୍ ରାଲି

**ବ୍ୟାସନଗର, ୧୫।୫(ସମିସ):** ଅପରେସନ ସିନ୍ଦୂର ସଫଳତାରେ ବ୍ୟାସନଗରରେ ଗୁରୁବାର ଏକ ବାଇକ୍ ରାଲି ଅନୁଷ୍ଠିତ ହୋଇଯାଇଛି। ଏହି ରାଲିକୁ କୋରେଇ ବିଧାୟକ ଆକାଶ ଦାସ ନାୟକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ତିନି ବାହିନୀ ଯବାନଙ୍କୁ ସମ୍ମାନ ଜଣାଇ ତ୍ରିରଙ୍ଗା ବାଇକ୍ ରାଲି ସଂସ୍କୃତି ଭବନରୁ ବାହାରି ସହର ପରିକ୍ରମା କରି ଷ୍ଟାଡିୟମରେ ପହଞ୍ଚିଥିଲା। ଏହି ବାଇକ ରାଲିରେ ବ୍ୟାସନଗର ପୌର ଅଧକ୍ଷ ସୁବାସ ଚନ୍ଦ୍ର ବଳ, କଳିଙ୍ଗ ନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ, ବ୍ୟାସନଗର ତହସିଲଦାର ଦେବାଶିଷ ରାଉତ, ପୌର ନିର୍ବାହୀ ଅଧିକାରୀ ନର୍ମଦା ମୋଦି, ପୌର ପରିଷଦ କାଉନସିଲର, ଡିଏସ୍‌ପି ଉପେନ୍ଦ୍ର କୁମାର ପ୍ରଧାନ, ଓଏମସି ଓ ଫେରୋକ୍ରୋମ ଅଧିକାର ସମେତ ଏନସିସି କ୍ୟାଡେଟ୍, ଯାଜପୁର ରୋଡ ଥାନା ପୁଲିସ ଅଧିକାରୀ, ପୌର କର୍ମଚାରୀ, ଭିଏନକଲେଜ ଷ୍ଟାଫ୍, ସାଧାରଣ ଜନତା, ମହିଳା, ଯୁବକ, ଛାତ୍ରଛାତ୍ରୀ ରାଲିରେ ସାମିଲ ହୋଇଥିଲେ।

# କଂଗ୍ରେସର ମହମବତି ଶୋଭାଯାତ୍ରା



**ଯାଜପୁର, ୧୫।୫(ସମିସ):** ଅପରେସନ ସିନ୍ଦୂରରେ ଭାରତୀୟ ସେନାର ପରାକ୍ରମକୁ ନେଇ ଜିଲ୍ଲା କଂଗ୍ରେସ ପକ୍ଷରୁ ମହମବତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି।

ଜିଲ୍ଲା କଂଗ୍ରେସର ଦଳିତସେଲ ସଭାପତି ଦୁର୍ଯ୍ୟୋଧନ ବେହେରାଙ୍କ ତତ୍ତ୍ୱାବଧାନରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟଠାରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ଦିଗମ୍ବର କର, ଧର୍ମଶାଳା ବିଧାନସଭା ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା କିଶାନ ପଣ୍ଡା, ବିଞ୍ଝାରପୁର ବିଧାନସଭା ମଣ୍ଡଳୀର ନେତ୍ରୀ କନକଲତା ମଲ୍ଲିକ, ଦିଲ୍ଲୀପ ଦାସ, ଗଦାଧର ଦାସ, ଆଲୋକ ବେହେରା, ସଂଗ୍ରାମ ଜେନା, ଅକ୍ଷୟ ଶତପଥୀ, ଭାସ୍କର ମହାନ୍ତି, ବିଭୂତି ମହାପାତ୍ର, ପ୍ରତିମା କର, ରମାକାନ୍ତ ସେଠୀ, ମାନସ କର, ଅର୍ଜିତ ନାୟକ, କାଲୁଆ ରାଉତ, ଅନିଲ ମହାନ୍ତି, ସରୋଜ ନାୟକ, ପ୍ରଫୁଲ୍ଲ ରାୟ, ନକୁଳଦେବ ସାହୁ, ବିଦ୍ୟାଧର ବାରିକ, ରଘୁନାଥ ସାହୁ, ଅନନ୍ତ ଦାସ, ସନ୍ତୋଷ ସାହୁ, ଯଯାତି ନାୟକ, ଯଯାତି ରାଉତ, ବିଜୟ ମହାପାତ୍ର, ଦୀପକ ବଳ, ଭରତ ଚନ୍ଦ୍ର ସ୍ୱାଇଁ, ଚିନ୍ତାମଣି ପଡ଼ିହାରୀ, ଟୁନା ସାହୁ, କମଳାକାନ୍ତ ମହାନ୍ତି, ରାଜା ମହାଳିକ, ଶିବାନନ୍ଦ ମହାଳିକ, ହନୁମାନ ସାହୁ, ଭରତ ନାୟକ, ବାସୁଦେବ ସାହୁ, ମଦନ ମୋହନ ମଲ୍ଲିକ, ନକୁଳଦେବ ସାହୁ, ଉମାକାନ୍ତ ବେହେରା, କନକଲତା ରାଉତ ପ୍ରମୁଖ ସାମିଲ ହୋଇଥିଲେ।

## 'ସେବକ'ର ପ୍ରତିଷ୍ଠା ଦିବସ
# ପ୍ରାକୃତିକ କୃଷିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ





ସୁନ୍ଦରଗଡ଼, ୧୫।୫(ସମିସ)

ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର ୩୦ ତମ ପ୍ରତିଷ୍ଠା ଦିବସ ସୁନ୍ଦରଗଡ଼ ବିକାଶ ଭବନଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ସେବକର ତିନି ଦଶକ ଧରି ଜନସେବା, ଗରିବ, ଅବହେଳିତ, ନିଷ୍ପେସିତ ଲୋକଙ୍କ ଜୀବିକାର ବିକାଶ, ଶିଶୁ ଓ ମାତୃ ସ୍ୱାସ୍ଥ୍ୟ ସୁରକ୍ଷା, ପ୍ରାକୃତିକ କୃଷିର ବିକାଶ ଓ ଜଳବାୟୁ ପରିବର୍ତ୍ତନକୁ ରୋକିବା ସହ ସର୍ବସାଧାରଣ ସମ୍ପତ୍ତିର ସଂରକ୍ଷଣ ନିମନ୍ତେ ବହୁମୁଖୀ ଅଂଶୀଦାର ସମୂହ ମଞ୍ଚ ଗଠନ ଓ ସଶକ୍ତିକରଣ ପାଇଁ ଏକ ଦୃଢ଼ ମଞ୍ଚ ଓ ବିସ୍ତୃତ କାର୍ଯ୍ୟଯୋଜନା ପ୍ରସ୍ତୁତ ହୋଇଛି। ସେବକର ଅଧ୍ୟକ୍ଷ ଅମିୟକାନ୍ତ ନାଏକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ପ୍ରଦୀପ କୁମାର ବ୍ରହ୍ମା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ସୁନ୍ଦରଗଡ଼ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ସୁକାନ୍ତ କୁମାର ନାଏକ ପ୍ରାକୃତିକ କୃଷିକୁ ଆଗେଇବା ନିମନ୍ତେ ସେବକର ପ୍ରୟାସକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ କୃଷି ଜିଲ୍ଲା ଅଧିକାରୀ ରଜତ କୁମାର ମିଶ୍ର ପ୍ରାକୃତିକ କୃଷିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ପରିପ୍ରେକ୍ଷୀରେ ୧୫୦ ରୁ ଉର୍ଦ୍ଧ୍ୱ ବିଲୁପ୍ତ ପ୍ରାୟ ଧାନ, ଡାଲି ଜାତୀୟ, ପନିପରିବା ମଞ୍ଜିକୁ ନେଇ ଏକ ଦେଶୀ ବିହନ ମେଳାର ଆୟୋଜନ କରାଯାଇଥିଲା। ଏଥି ସହିତ ମହୁଲ ଫୁଲ ଓ ମିଲେଟ୍ ଆଧାରିତ ପରମ୍ପରାଗତ ଖାଦ୍ୟ ଦ୍ରବ୍ୟମାନଙ୍କର ପ୍ରଦର୍ଶନୀ ଓ ବିତରଣ ମଧ୍ୟ ଅଂଶଗ୍ରହଣ କାରୀଙ୍କ ମନ ମୋହିଥିଲା। 'ପ୍ରାକୃତିକ କୃଷି ମାଧ୍ୟମରେ ସ୍ଥାୟୀ କୃଷି – ଜଳବାୟୁ, ମାଟି ଓ ଜୀବିକା' ବିଷୟରେ ଆନ୍ତକ୍ରିୟାତ୍ମକ ସଂଳାପ ସହ ମଞ୍ଚ ଆଲୋଚନାର ଆୟୋଜନ କରାଯାଇଥିଲା। ଏହି ସତ୍ରଟିକୁ ଜ୍ଞାନରଞ୍ଜନ ଷଡ଼ଙ୍ଗୀ ସଞ୍ଚାଳନା କରିଥିବାବେଳେ ପ୍ରାକୃତିକ କୃଷିର ଜାତୀୟସ୍ତରୀୟ ବିଶେଷଜ୍ଞ ସଭାପତି ଖାଡ଼ଙ୍ଗା, ନ୍ୟାସନାଲ କୋଆଲିସନ ଫର୍ ନ୍ୟାଚୁରାଲ ଫାର୍ମିଂର ଡ. ଇମ୍ରାନ ଅଲି, ଅବସରପ୍ରାପ୍ତ ପ୍ରଫେସର ଡ. ଅଶୁତୋଷ ନାୟକ, ଅମୁଲ୍ୟ ଲାକ୍ରା, କୃଷିବିଜ୍ଞାନ କେନ୍ଦ୍ରର ଡ. ଦିବ୍ୟେନ୍ଦୁ ମଣ୍ଡଳ, ମହିଳା ଚାଷୀ ସୁଷମାଭୋଇ ପ୍ୟାନେଲ ସଭ୍ୟଭାବେ ଯୋଗଦେଇ ଥିଲେ। ନିର୍ଦ୍ଦେଶକ ଦିଗାମ୍ବର ଉପାଧ୍ୟାୟ ବହୁମୁଖୀ ଅଂଶୀଦାର ସମୂହ ମଞ୍ଚ ମାଧ୍ୟମରେ ସର୍ବସାଧାରଣ ସମ୍ପତ୍ତିର ସୁରକ୍ଷା ଉପରେ ଉପସ୍ଥାପନା କରିଥିଲେ। ଏହି ସତ୍ରରେ ସ୍ୱଶାସନ, ଜଳ, ଜମି, ଜଙ୍ଗଲର ସୁପରିଚାଳନା, ଜଳବାୟୁ ପରିବର୍ତ୍ତନର ମୁକାବିଲା -ଜୀବିକାର ସୁଯୋଗ ଉପରେ ଆଲୋଚନା କରାଯାଇଥିଲା। ଅନ୍ୟ ସତ୍ରରେ ବିହନ ବଲ୍ କ୍ୟାମ୍ପେନ୍, ଗ୍ରୀନ୍ ମେମୋରି ଅଭିଯାନ ଓ ସୌରଶକ୍ତି ପ୍ରଚାର ଉପରେ ବେଦବ୍ୟାସ ଧୃଆ, ସ୍ନେହଲତା ନାଏକ, ପ୍ରଦୀପ ବ୍ରହ୍ମ ଉପସ୍ଥାପନା କରିଥିଲେ। ସମାପନ ସତ୍ରରେ ଶ୍ରୀ ଉପାଧ୍ୟାୟ କାର୍ଯ୍ୟକ୍ରମର ମୁଖ୍ୟ ନିଷ୍କର୍ଷ ଓ ସାରାଂଶ ଉପସ୍ଥାପନ କରିଥିଲେ। ନିର୍ଦ୍ଦେଶକ ଦୀପକ ତ୍ରିପାଠୀ ସେବକର ଆଗାମୀ ବର୍ଷର ରୋଡ୍ ମ୍ୟାପ୍ ଉପରେ ଆଲୋଚନା କରିଥିଲେ। ସେବକର ଅଧ୍ୟକ୍ଷ, ସମ୍ପାଦକ ଓ ନିର୍ଦ୍ଦେଶକ (ମାନବ ସଂସାଧନ ଓ ଅର୍ଥ) ତାଙ୍କର ମତ ଦେଇଥିବାବେଳେ ସଞ୍ଜୁ ପଟେଲ ଧନ୍ୟବାଦ ଦେଇଥିଲେ।

# ୧୯ରେ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି

ସୁନ୍ଦରଗଡ଼, ୧୫।୫(ସମିସ): ଆସନ୍ତା ୧୯ ତାରିଖ ଦିନ ସୁନ୍ଦରଗଡ଼ ସଦର ମହକୁମାଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ହେବ ଅନୁଷ୍ଠିତ ହେବ। ଏହି ଜନ ଅଭିଯୋଗ ଶୁଣାଣି ନିମନ୍ତେ ଜନସାଧାରଣଙ୍କ ପାଇଁ ଅନଲାଇନ ମାଧ୍ୟମରେ ପଞ୍ଜୀକରଣ କରିବାର ବ୍ୟବସ୍ଥା କରାଯାଇଛି। ଇଚ୍ଛୁକ ବ୍ୟକ୍ତି ପୋର୍ଟାଲ ମାଧ୍ୟମରେ ନିଜର ପଞ୍ଜିକରଣ କରି ଏହି ଜନ ଅଭିଯୋଗରେ ସାମିଲ ହୋଇପାରିବେ। ଏହି ପୋର୍ଟାଲ୍‌ରେ ଶୁକ୍ରବାର ସକାଳ ୧୧ଟାରୁ ଶନିବାର ରାତି ୧୨ ଯାଏ ପଞ୍ଜୀକରଣ କରି ପାରିବେ। ଜନସାଧାରଣ ପଞ୍ଜୀକରଣର ସ୍ୱୀକାର ପତ୍ର, ବ୍ୟକ୍ତିଗତ ପରିଚୟପତ୍ର ତଥା ଅଭିଯୋଗ ଦରଖାସ୍ତ ସହ ଦର୍ଶାଯାଇଥିବା ସ୍ଥାନରେ ଉପସ୍ଥିତ ରହି ଅଭିଯୋଗ ଜଣାଇ ପାରିବେ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ● ଜେଲ ୱାର୍ଡରଙ୍କ ପୁଅର ମିଳୁନି ପତ୍ତା
# ଇବ୍ ପୋଲ ଉପରୁ ସ୍କୁଟି ଉଦ୍ଧାର



ସୁନ୍ଦରଗଡ଼, ୧୫।୫(ସମିସ): ସୁନ୍ଦରଗଡ଼ ଜିଲ୍ଲା କାରାଗାରର ଜଣେ ମହିଳା ଜେଲ ୱାର୍ଡରଙ୍କ ପୁଅର ପତ୍ତା ମିଳୁନାହିଁ। ବଣାଇର ଦିବ୍ୟା ଭୋଇ ସୁନ୍ଦରଗଡ଼ ଜିଲ୍ଲା କାରାଗାରରେ ଓାର୍ଡର ଭାବେ କାମକରି ଜେଲ କଲୋନୀରେ ରହନ୍ତି। ଦିବ୍ୟାଙ୍କ ପୁଅ ତୁଷାରକାନ୍ତ ବେହେରା କିଛି ଦିନ ତଳେ ତାଙ୍କ ମାଆଙ୍କୁ ଦେଖିବାକୁ ଆସିଥିଲେ। ସୋମବାର ସକାଳୁ ସେ ମାଙ୍କ ସ୍କୁଟି ନେଇ ବୁଲିବାକୁ ଯାଇଆଉ ଘରକୁ ଫେରି ନାହାନ୍ତି। ଖୋଜାଖୋଜି କରିବାରେ ତାଙ୍କ ସ୍କୁଟିଟି ବନ୍ଧପାଲି ଇବ୍‌ପୋଲ ଉପରୁ ମିଳିଥିଲା। ଦିବ୍ୟା ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି। ମାତ୍ର ତୁଷାରକାନ୍ତଙ୍କ କୌଣସି ପତ୍ତା ମିଳିପାରି ନାହିଁ।

# କୀଟନାଶକ ପିଇ ମହିଳା ମୃତ

ବାଲିଶଙ୍କରା, ୧୫।୫(ସମିସ): ତଲସରା ଥାନା ଅଧୀନ ବାଲିଶଙ୍କରା ପଞ୍ଚାୟତ ଘୋଘର ଓରାମ ପଡ଼ାର ସାଗରିକା କୁଜୁର (୩୫) କୀଟନାଶକ ପିଇଦେଇଥିବାରୁ ତାଙ୍କର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ଘରୋଇ କଳହକୁ ନେଇ ସ୍ୱାମୀ ସ୍ତ୍ରୀ ମଧ୍ୟରେ କଥା କଟାକଟି ହୋଇଥିଲା। ରାତିରେ ସାଗରିକା କୁଜୁର ଘରେ ଥିବା କୀଟନାଶକ ପିଇ ଦେଇଥିଲେ। ତାଙ୍କ ମୁହଁରୁ ଫେଣ ବାହାରିବା ଦେଖି ପରିବାର ଲୋକ ସୁନ୍ଦରଗଡ଼ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସାଗରିକାଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ପୁଲିସ ଶବ ଜବତକରି ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଏନେଇ ପୁଲିସ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

# ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଯାପିତ



ସୁନ୍ଦରଗଡ଼, ୧୫।୫(ସମିସ): ଏମ୍‌ସିଏଲ ଦ୍ୱାରା ପରିଚାଳିତ ଛଟେନପାଲି ଡିଏଭି. ପବ୍ଲିକ୍ ସ୍କୁଲ୍‌ର ଛାତ୍ରଛାତ୍ରୀଙ୍କୁ ନେଇ ଚାଲିଥିବା ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସଭାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଟାଙ୍ଗରପାଲିର ଇଂରାଜୀ ଶିକ୍ଷୟିତ୍ରୀ ଚିନ୍ମୟୀ ପଟେଲ ଅତିଥି ଭାବେ ଯୋଗଦେଇ ଥିଲେ। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଲେଫ୍ରିପଡ଼ାର ବିଜ୍ଞାନ ଶିକ୍ଷକ ଶୁକଦେବ ଦୀପ ଛାତ୍ରଛାତ୍ରୀଙ୍କୁ ସର୍ବଗୁଣସମ୍ପନ୍ନ ହେବା ନିମନ୍ତେ ଆହ୍ୱାନ ଦେଇଥିଲେ। ଶିକ୍ଷକ ରାଜେଶ କୁମାର ଦାସ ଏହି ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ ନିଜର ଅଭିମତ ପୋଷଣ କରିବା ସହିତ ଦୀର୍ଘ ଏଗାର ଦିନ ଧରି ହୋଇଥିବା କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ପୂଜା ରଥ ସଭା ପରିଚାଳନା କରିଥିବାବେଳେ ଦୁଇଜଣ ଛାତ୍ରଛାତ୍ରୀ ଶିବିରର ଆୟୋଜନ ଦ୍ୱାରା ସେମାନେ କେତେ ମାତ୍ରାରେ ଲାଭାନ୍ୱିତ ହୋଇଛନ୍ତି ସେ ସମ୍ପର୍କରେ ଅବଗତ କରାଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇ ଥିଲା। ଶିକ୍ଷୟିତ୍ରୀ ମଧୁସ୍ମିତା ପାଢ଼ୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଆର୍ଟ୍ ଏବଂ କ୍ରାଫ୍ଟରେ ଶିକ୍ଷୟିତ୍ରୀ ଆୟୁଷୀ ପଟେଲ, ନୃତ୍ୟ ଶିକ୍ଷାରେ ପ୍ରୀତି ବିଶ୍ୱାଳ, କ୍ରୀଡ଼ା ଶିକ୍ଷାରେ ଶିକ୍ଷକ ରାଜକମଲ ଯାଦବ, ରାଜେଶ ଦାସ ଏବଂ ସ୍ପୋକନ୍ ଇଂଲିଶ୍ ଶିକ୍ଷାରେ ପୂଜା ରଥ ଏବଂ ରୀତି ଚୌଧୁରୀ ପ୍ରଶିକ୍ଷଣ ଦେଇଥିଲେ। ଶିକ୍ଷୟିତ୍ରୀ ରୀତି ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ହମିରପୁର ପଞ୍ଚାୟତରେ ଆଇନ ସଚେତନତା ଶିବିର




ସୁନ୍ଦରଗଡ଼, ୧୫।୫(ସମିସ): ସୁନ୍ଦରଗଡ଼ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜଜ୍ ଶିଖାରାଣୀ ରଥଙ୍କ ନିର୍ଦ୍ଦେଶ କ୍ରମେ ହମିରପୁର ପଞ୍ଚାୟତରେ ନାଲସା ଟୋଲ୍ ଫ୍ରି ହେଲ୍ପଲାଇନ ନମ୍ବର-୧୫୧୦୦ ଏବଂ ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ ଦ୍ୱାରା ପ୍ରଦାନ କରାଯାଇଥିବା ଅନ୍ୟାନ୍ୟ ସହାୟତା ଓ ନାଲସାର ୱେବ୍ - ପୋର୍ଟାଲରେ ଅନଲାଇନ୍‌ରେ ଆଇନଗତ ସହାୟତା ଆବେଦନ ଦାଖଲ ଉପରେ ଏକ ଆଇନ୍ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ଡ. ରୀନତି ମିଶ୍ର ଯୋଗ ଦେଇ ଆଇନ୍ ସେବା ଓ ଏହାର ଉପଯୋଗ ସହିତ ହିତାଧିକାରୀମାନେ କିଭଳି ଭାବରେ ଆଇନ୍ ସେବାର ସୁଯୋଗ ନେଇପାରିବେ ସେ ବାବଦରେ ଲୋକଙ୍କୁ ସଚେତନ କରିଥିଲେ। ଏହାସହିତ ନିଶୁଳ୍କ ସେବା ନମ୍ବର ୧୫୧୦୦ ଓ ଆଇନ୍ ସେବା ପୋର୍ଟାଲ୍ ବ୍ୟବହାର କରି ସେମାନଙ୍କର ଅଭିଯୋଗ ଜଣାଇ ପାରିବେ ବୋଲି ସୂଚନା ଦେଇଥିଲେ। ସରପଞ୍ଚ ଦୀପାଞ୍ଜଳି ଭୋଇ ଲୋକମାନଙ୍କୁ ତାଙ୍କର ଅଧିକାର ଉପରେ ଅବଗତ କରିଥିଲେ।

## ୩୪ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ
# ଶିକ୍ଷା ବିଭାଗ ପକ୍ଷରୁ ମାଟ୍ରିକ ଗ୍ରେଡ୍ ଏ-୧ଙ୍କୁ ସମ୍ବର୍ଦ୍ଧନା



ସୁନ୍ଦରଗଡ଼, ୧୫।୫(ସମିସ): ସ୍ଥାନୀୟ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଠାରେ ଚଳିତ ବର୍ଷର ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଗ୍ରେଡ୍ ଏ-୧ ରେ ଉତ୍ତୀର୍ଣ୍ଣ ହୋଇଥିବା ୩୪ ଜଣ ଛାତ୍ର ଛାତ୍ରୀଙ୍କୁ ଗୁରୁବାର ସମ୍ବର୍ଦ୍ଧିତ କରାଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ଅମୁଲ୍ୟ କୁମାର ପଧାନଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସମାରୋହରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ରବିନାରାୟଣ ସାହୁ, ଜିଲ୍ଲା ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷା ଲିପିକା ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସଫଳତା ଏକ ଲକ୍ଷ୍ୟ ନୁହେଁ, ବରଂ ଏକ ପ୍ରକ୍ରିୟା। ଏଥିପାଇଁ ଅବିରତ ପ୍ରଚେଷ୍ଟା ଓ ଉଦ୍ୟମ ଲୋଡ଼ା। ଯେତେବଡ଼ ସଫଳତା ହେଉନା କାହିଁକି ତା ଆଗକୁ ସବୁବେଳେ ଖାଲିଜାଗା ରହି ଥାଏ ବୋଲି ଅତିଥିମାନେ କହିଥିଲେ। ସେହିପରି ହାଇସ୍କୁଲ ଶିକ୍ଷା ପର୍ଯ୍ୟନ୍ତ ପିତାମାତା, ଶିକ୍ଷକ ଶିକ୍ଷୟିତ୍ରୀ ଅକୁଣ୍ଠ ସମର୍ଥନ କରିବାରେ ସମର୍ଥ ହୋଇଥାନ୍ତି କିନ୍ତୁ ଉଚ୍ଚଶିକ୍ଷାରେ ଏକା ଏକା ଚାଲିବାକୁ ପଡ଼େ ତେଣୁ ଉତ୍ତମ ସାଙ୍ଗ ବାଛିବା ସହିତ ସଫଳତାକୁ ବଜାୟ ରଖିବା ହିଁ ବିଦ୍ୟାର୍ଥୀ ମାନଙ୍କ ପାଇଁ ଆହ୍ୱାନ ହୁଏ ବୋଲି ମତପ୍ରକାଶ କରିଥିଲେ। ଏହି ଅବସରରେ ସମସ୍ତ କୃତୀ ଛାତ୍ରଛାତ୍ରୀ ନିଜନିଜ ବ୍ୟକ୍ତିଗତ ଅନୁଭୂତି ସହ ଜୀବନର ଲକ୍ଷ୍ୟ ବିଷୟରେ ବଖାଣି ଥିଲେ। କୁତ୍ରା ଉତ୍କର୍ଷ ଉଚ୍ଚ ବିଦ୍ୟାଳୟର ୧୭ ଜଣ ଛାତ୍ର ଛାତ୍ରୀ ଗ୍ରେଡ-ଏ-୧ରେ ଐତିହାସିକ ସଫଳତା ଆଣିଥିବାରୁ ତାଙ୍କୁ ଅତିଥିମାନେ ପ୍ରଶଂସା କରିଥିଲେ। ଉକ୍ତ ବିଦ୍ୟାଳୟର ଶିକ୍ଷକ ବିଭୀଷଣ ବାରିକ ସଫଳତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଗତବର୍ଷ ଅପେକ୍ଷା ଚଳିତବର୍ଷ ଉଭୟ ଗୁଣାତ୍ମକ ଓ ସଂଖ୍ୟା ଦୃଷ୍ଟିରୁ ସୁନ୍ଦରଗଡ଼ ଜିଲ୍ଲା ଉନ୍ନତି କରିଥିବାରୁ ଅତିତିକ୍ତ ଜିଲ୍ଲାପାଳ ସନ୍ତୋଷ ପ୍ରକାଶ କରିବା ସହିତ ଶିକ୍ଷା ବିଭାଗକୁ ସାଧୁବାଦ ଦେବା ସହ ଆଗାମୀ ବର୍ଷ ଆହୁରି ଉନ୍ନତି ପାଇଁ ଆହ୍ୱାନ ଦେଇଥିଲେ। ଭିନ୍ନକ୍ଷମ ଶିକ୍ଷା ସଂଯୋଜକ ଅମାତ୍ୟ ପଧାନ ସ୍ୱାଗତଭାଷଣ ଦେଇଥିବାବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସଦାନନ୍ଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଚନ୍ଦ୍ରଶେଖର ସା ଏହାକୁ ସଂଯୋଜନା କରିଥିଲେ। ସମସ୍ତ କୃତୀଛାତ୍ର ଛାତ୍ରୀଙ୍କୁ ଏପିଜେ ଅବଦୁଲ କାଲାମଙ୍କ ପୁସ୍ତକ ପ୍ରଦାନ କରାଯାଇଥିଲା।

# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ସୁନ୍ଦରଗଡ଼, ୧୫।୫(ସମିସ): ବାରଗାଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରସୂନା ପାଣି ଚାକିରିରୁ ଅବସରଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ସ୍କୁଲ ପରିସରରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପରିଚାଳନା କମିଟି ସଭାପତି ଲିଲିମା ବୁଡ଼ାଙ୍କ ସଭାପତିତ୍ୱରେ ସଞ୍ଜୟ ସାହୁ, ବାରଗାଡ଼ କନ୍ୟାଶ୍ରମର ପ୍ରଧାନ ଶିକ୍ଷକ ରଥି ମେହେର, ମେଦିନୀପୁର ପ୍ରାଥମିକ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜଳି ପ୍ରଧାନ, କନ୍ଦାବାହାଲ ସ୍କୁଲର ଶିକ୍ଷୟିତ୍ରୀ ଅଞ୍ଜଳି ପଟେଲ, ଡେଙ୍ଗିଭାଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ ବାସନ୍ତୀ ଭିତ୍ରିଆ, ଅମସରଙ୍ଗା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ



ଆୟୋଜିତ ଉକ୍ତ ସମାରୋହରେ ସଦର ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜେନା ମଣି ନାଏକ ଯୋଗ ଦେଇଥିଲେ।

ଅନ୍ୟତମ ନିମନ୍ତ୍ରିତ ଅତିଥି ଭାବେ ସୁନ୍ଦରଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ୍‌ର ପୂର୍ବତନ ସହକାରୀ ମହା ପ୍ରବନ୍ଧିକ ପ୍ରଦ୍ୟୁମ୍ନ କୁମାର ନନ୍ଦ ଯୋଗ ଦେଇଥିବାବେଳେ ପ୍ରଧାନଶିକ୍ଷକ ଦିଲୀପ ପଟେଲ, ସହକାରୀ ଶିକ୍ଷକ ଜଗଦୀଶ ପଟେଲ, ବାସନ୍ତୀ ପ୍ରଧାନ, ସିଆରସିସି କୃଷ୍ଣଚନ୍ଦ୍ର ପଟେଲ, ଅବସରପ୍ରାପ୍ତ ଶିକ୍ଷକ ନୀଳକଣ୍ଠ ପଟେଲ, କେନ୍ଦମାଲ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜଳି ପଟେଲ ପ୍ରମୁଖ ଯୋଗଦେଇ ପ୍ରଧାନ ଶିକ୍ଷୟିତ୍ରୀ ପ୍ରସୂନା ପାଣିଙ୍କ ସହ ବିତାଇଥିବା କର୍ମମୟ ଜୀବନ ବିଷୟରେ ଆଲୋକପାତ କରିଥିଲେ। ସହକାରୀ ଶିକ୍ଷକ ଜଗଦୀଶ ପଟେଲ ସଭା ପରିଚାଳନା କରିଥିବା ବେଳେ ସାରିକା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ଭାରତୀୟ ସେନା ବାହିନୀ ସମ୍ମାନାର୍ଥେ ପରାକ୍ରମ ଶୋଭାଯାତ୍ରା

ସୁନ୍ଦରଗଡ଼, ୧୫।୫(ସମିସ)

ଅପ୍ରେଲ ୨୨ ତାରିଖ ଦିନ ଜମ୍ମୁ ସ୍ଥିତ ପହଲଗାମ୍ ଠାରେ ଆତଙ୍କବାଦ ହମଲା ବିରୁଦ୍ଧରେ ମଇ ୭ ତାରିଖରେ 'ଅପରେସନ୍ ସିନ୍ଦୂର' ଆରମ୍ଭ ହୋଇଥିଲା। ଭାରତୀୟ ସାର୍ବଭୌମତ୍ୱ ଓ ଭାରତୀୟଙ୍କ ସୁରକ୍ଷା ପାଇଁ ସେନାବାହିନୀର ଏହି ଦେଶଭକ୍ତି ଓ ବୀରତ୍ୱକୁ ସମ୍ମାନ ଜଣାଇ ଆଜି ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ତ୍ରିରଙ୍ଗା ରାଲି 'ପରାକ୍ରମ ଶୋଭାଯାତ୍ରା' ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ସଶସ୍ତ୍ର ସେନା ପ୍ରଧାନ, ସୁନ୍ଦରଗଡ଼ ପୌରାଧ୍ୟକ୍ଷା ତନୟା ମିଶ୍ର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ରବି ନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ସଦର ଉପଜିଲ୍ଲାପାଳ ଦାଶରଥି ସରାବୁ, ଜିଲ୍ଲା ଶିକ୍ଷା ଅଧିକାରୀ ଅମୂଲ୍ୟ ପଧାନ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କ୍ରୀଷ୍ଟା କୁମାରୀ ନନ୍ଦ, ପୌର ନିର୍ବାହୀ ଅଧିକାରୀ ବିକାଶ ମୁଣ୍ଡାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ, କର୍ମଚାରୀ, ଜନ ପ୍ରତିନିଧି, ବିଭିନ୍ନ ସଂଘ, ବହୁ ସଂଖ୍ୟାରେ ଜନସାଧାରଣ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ, କ୍ରୀଡ଼ା ଅନୁଷ୍ଠାନ, ବିଭିନ୍ନ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ସଂଗଠନମାନେ ଏଥିରେ



ସଶସ୍ତ୍ର ସେନାବାହିନୀର ଅଭୂତପୂର୍ବ ସାହସ, ପରାକାଷ୍ଠା ଯୋଗୁଁ ପାକିସ୍ତାନରେ ଥିବା ଆତଙ୍କବାଦୀଙ୍କ ଆଡ୍ଡା ଧ୍ୱଂସ ପାଇବା ସହ ବହୁ ଆତଙ୍କବାଦୀ ମୃତାହତ ହୋଇଥିଲେ। ଭାରତୀୟ ସେନାର ଶୌର୍ଯ୍ୟ ଓ ପରାକ୍ରମ ଯୋଗୁଁ ଆଜି ଦେଶବାସୀ ଗର୍ବିତ। ଭାରତର ବାହିନୀର ସମ୍ମାନାର୍ଥେ ଆୟୋଜିତ ଏହି ପରାକ୍ରମ ଶୋଭାଯାତ୍ରାକୁ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ଓଡ଼ିଶା ବିଧାନସଭ ର ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ଯୋଗ ଦେଇଥିଲେ। ଏହି ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ବାହାରି ମେଡ଼ିକାଲ ଛକ, ଶଙ୍କରା, ପାରିଜାତ ପାର୍କ ଛକ ପର୍ଯ୍ୟନ୍ତ ଯାଇଥିଲା ଏବଂ ସେଠାରୁ ପୁନର୍ବାର ଫେରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ସମାପ୍ତ ହୋଇଥିଲା।

## ● କଂଗ୍ରେସ ପକ୍ଷରୁ ପରାକ୍ରମ ଦିବସ

ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ଯୁଦ୍ଧ ତଥା ଅପରେସନ ସିନ୍ଦୂରର ସଫଳତା ପରେ ଦେଶର ବୀର ଯବାନମାନଙ୍କ ଧୈର୍ଯ୍ୟ, ପରାକ୍ରମ, ତ୍ୟାଗ ଓ ବଳିଦାନ ପ୍ରତି ସମ୍ମାନ ଜଣାଇ ଆଜି ଜିଲ୍ଲା କଂଗ୍ରେସ ପକ୍ଷରୁ ପରାକ୍ରମ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ସଂଯୋଜକ ନିର୍ମଳ କୁମାର ନାଏକଙ୍କ ନେତୃତ୍ୱରେ ସ୍ଥାନୀୟ ପୁରୁଣା ବସଷ୍ଟାଣ୍ଡ ଛକଠାରେ ମହମବତୀ



ଜଳାଇ ପରାକ୍ରମ ଦିବସ ପାଳନ କରାଯାଇଥିଲା। ଉପସ୍ଥିତ ଦଳୀୟ ନେତୃବୃନ୍ଦ ଅପରେସନ ସିନ୍ଦୂର ଆତଙ୍କବାଦୀ ଓ ଆତଙ୍କବାଦକୁ ସମର୍ଥନ ଓ ସାହାଯ୍ୟ କରୁଥିବା ଦେଶକୁ ଆଗାମୀ ଦିନରେ କୌଣସି ଆତଙ୍କବାଦୀ ଘଟଣା ଦ୍ୱାରା ଜଣେ ବି ସାଧାରଣ ନାଗରିକର ଜୀବନ ହାନି ଘଟିଲେ ପରିଣତି ଭୟଙ୍କର ହେବ ବୋଲି ଚେତାଇ ଦେଇଥିବା ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବେଣୁମାଧବ ତ୍ରିପାଠୀ, ଅଜିତ ପ୍ରସାଦ, ପର୍ଶୁରାମ ସରାଫ, ଆନ୍ତୋନି କୁଲ୍ଲୁ, ମୁନୁ ସରାଫ, ଦେବାଶିଷ ଦାଶ, ଭୀଷ୍ମ ଦେବ ସିଂ, ଦୀନବନ୍ଧୁ ନାଏକ, ଦିଲୀପ କୁମରା, ନେପାଳ ସାହୁ, ବିଶ୍ୱଜିତ ପଟ୍ଟନାୟକ, ବିଶ୍ୱାମିତ୍ର ପ୍ରଧାନ, ରାଜେନ୍ଦ୍ର ପଟେଲ, ପ୍ରଣବ ସିଂ, ବବଲୁ ବେନିୱାଲ, ନାଜିର ହୁସେନ, ରାମନାରାୟଣ ସାହୁ, ମନସୁରଅଲ୍ଲୀ, ଯଶୋବନ୍ତ ଡୁଙ୍ଗଡୁଙ୍ଗ, ରଞ୍ଜନ ସୋରେଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ।

# ଅସ୍ଥାୟୀ କ୍ୟାମ୍ପସରେ ଆଠମଲ୍ଲିକ କେନ୍ଦ୍ରୀୟ ବିଦ୍ୟାଳୟ ଉଦ୍‌ଘାଟିତ

ଅନୁଗୋଳ/ଆଠମଲ୍ଲିକ, ୧୫।୫(ସମିସ)

ଶିକ୍ଷା କ୍ଷେତ୍ରରେ ଆଠମଲ୍ଲିକ ଅଗ୍ରଣୀ ଅଞ୍ଚଳ। ସେହି ପରମ୍ପରାକୁ ଆଗକୁ ନେବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ଆଠମଲ୍ଲିକ ସବଡିଭିଜନରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲାଯିବାର ଜନ ଆକାଂକ୍ଷା ଆଜି ପୂରଣ ହୋଇଛି ବୋଲି ଅସ୍ଥାୟୀ କ୍ୟାମ୍ପସରେ ଆଠମଲ୍ଲିକ କେନ୍ଦ୍ରୀୟ ବିଦ୍ୟାଳୟର

**● ସ୍ଥାୟୀ କ୍ୟାମ୍ପସ ପାଇଁ ଭୂମିପୂଜନ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ**





ଲୋକାର୍ପଣ ଓ ସ୍ଥାୟୀ କ୍ୟାମ୍ପସର ଭୂମିପୂଜନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ପ୍ରଧାନ ଗୁରୁବାର ଅନୁଗୋଳ ଜିଲ୍ଲା ଆଠମଲ୍ଲିକରେ ଏକ ଅସ୍ଥାୟୀ କ୍ୟାମ୍ପସରେ କେନ୍ଦ୍ରୀୟ ବିଦ୍ୟାଳୟ ଉଦଘାଟନ କରିବା ସହ ଓ ଟାଙ୍ଗିଆନିଶାଠାରେ ଏହାର ସ୍ଥାୟୀ କ୍ୟାମ୍ପସ ନିର୍ମାଣ ପାଇଁ ଭୂମିପୂଜନ କରିଛନ୍ତି। ଏହି ଅବସରରେ ସେ ଓଡ଼ିଶା ସରକାରଙ୍କ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ ମଧ୍ୟ କରିଥିଲେ। ଏହି ଅବସରରେ ସେ କହିଲେ, ଆଠମଲ୍ଲିକରେ ରାଜ୍ୟ ସରକାରଙ୍କ ତରଫରୁ ୧୦୯ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦଘାଟନ ହୋଇଛି। ଟାଙ୍ଗିଆନିଶାରେ କେନ୍ଦ୍ରୀୟ ବିଦ୍ୟାଳୟ କୋଠା ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କ ତରଫରୁ ପ୍ରାୟ ୩୦ କୋଟି ଟଙ୍କା ମଞ୍ଜୁର ହୋଇଛି। ଏଠାରେ ବହୁତ ଦିନରୁ କେନ୍ଦ୍ରୀୟ ବିଦ୍ୟାଳୟ କରିବା ପାଇଁ ଦାବି ହୋଇଆସୁଥିଲା। ଆଜି ଉଦଘାଟିତ ଓ ଶିଳାନ୍ୟାସ ହୋଇଥିବା ୧୩୯ କୋଟି ଟଙ୍କାର ପ୍ରକଳ୍ପ ଆଠମଲ୍ଲିକରେ ଶିକ୍ଷା ଓ ଯୋଗାଯୋଗ ଭିତ୍ତିଭୂମିକୁ ସୁଦୃଢ଼ କରିବ। ଏହି ବିଦ୍ୟାଳୟ ଦ୍ୱାରା ସ୍ଥାନୀୟ ଅଞ୍ଚଳର ପିଲାମାନେ ବିଶେଷ ଉପକୃତ ହେବେ। ଚଳିତ ଶିକ୍ଷାବର୍ଷଠାରୁ ଅସ୍ଥାୟୀ କ୍ୟାମ୍ପସରେ ଶିଶୁବଟିକା ଆରମ୍ଭ ହେବା ସହ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୨୦୦ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରାଯିବ। ଡବଲ ଇଞ୍ଜିନ ସରକାରରେ ଆଠମଲ୍ଲିକରେ ଚାଷ ଓ ଜଳସେଚନକୁ ସୁବ୍ୟବସ୍ଥିତ କରାଯିବ। ଘରକୁ ଘର ପାଇପ ଯୋଗେ ପାନୀୟଜଳ ଯୋଗାଯିବ। ଏଠାରେ ପର୍ଯ୍ୟଟନର ବିକାଶ କରାଯିବା ସହ ଚାଷୀମାନଙ୍କ ଜୀବନଧାରଣରେ ଉନ୍ନତି ଅଣାଯିବ। ଆଠମଲ୍ଲିକକୁ କୃଷି ଆଧାରିତ ଅଞ୍ଚଳରେ ପରିଣତ କରିବା ସହ ସ୍ଥାନୀୟ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଏବଂ ଦକ୍ଷତାଭିତ୍ତିକ ଶିକ୍ଷା ପ୍ରଦାନ ପାଇଁ ଆମେ ସମସ୍ତେ ସହଯୋଗୀ ହେବା। ଆଠମଲ୍ଲିକ ଅଞ୍ଚଳର ବିକାଶ ଆମ ଦାୟିତ୍ୱ ବୋଲି ପ୍ରଧାନ କହିଥିଲେ।

ସୂଚନାଯୋଗ୍ୟ, କେନ୍ଦ୍ରମନ୍ତ୍ରୀ ପ୍ରଧାନ ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗର କିଶୋରନଗର ବ୍ଲକ ଓସକାପାଲି-କରମଲକଟା ରାସ୍ତାର ୩.୩୬୦ କିମି ଠାରେ କରମଲକଟା ନାଳ ଉପରେ ସେତୁ, ହଣ୍ଡପା-ପଟାପଥର ଭାୟା ବିଲେଇନାଳୀ ରାସ୍ତା, ବାମୁର-ଧଉରାପାଲି-ମାଧପୁର ରାସ୍ତା, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ, ଧଉରାପାଲିର ନୂଆ ଛାତ୍ରୀନିବାସ ଉଦଘାଟନ କରିଥିଲେ। ସେହିପରି ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗର କିଶୋରନଗର ବ୍ଲକର ବାମୁରଠାରୁ ଧଉରାପାଲି ଭାୟା ତାଳପଦର, ଜଇରାଟ ଓ ବାଲିଜେରେଙ୍ଗ ରାସ୍ତାର ଉନ୍ନତୀକରଣ ଏବଂ ଘୋଷରଠାରୁ ଅଙ୍ଗପଡ଼ା ଭାୟା କଡ଼ିଙ୍ଗବାହାଳ ରାସ୍ତାର ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତିଙ୍କ ସମେତ ପ୍ରଶାସନିକ ଅଧିକାରୀ ଏବଂ ଆଠମଲ୍ଲିକ ଅଞ୍ଚଳର ଜନସାଧାରଣ ଉପସ୍ଥିତ ଥିଲେ।

**■ ସୁଭଦ୍ରାଙ୍କୁ ନ୍ୟାୟ ଦାବି**

## ୧୯ରେ ଅନୁଗୋଳ ଜିଲ୍ଲା ବନ୍ଦ ଡାକରା

ଅନୁଗୋଳ, ୧୫।୫(ସମିସ): ଦଳିତ ଯୁବତୀ ସୁଭଦ୍ରାଙ୍କୁ ନ୍ୟାୟ ଦାବିରେ ଅନୁଗୋଳ ଜିଲ୍ଲା ନାଲକୋ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ସଂଘ କାର୍ଯ୍ୟାଳୟରେ ବିଭିନ୍ନ ଆମ୍ବେଦକରବାଦୀ ସଙ୍ଗଠନ ପକ୍ଷରୁ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଛି। ଅନୁଗୋଳ ବାବାସାହେବ ଆମ୍ବେଦକର ଫାଉଣ୍ଡେସନ ଅଧ୍ୟକ୍ଷ ଶତ୍ରୁଘ୍ନ ନାଏକ ଓ ଉପସଭାପତି କୁମୁନ୍ଦ ଚନ୍ଦ୍ର ନାଏକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସୁଭଦ୍ରାଙ୍କୁ ନ୍ୟାୟ ଦେବାକୁ ଦାବି କରାଯାଇଥିଲା। ସୁଭଦ୍ରା ନ୍ୟାୟ ମଞ୍ଚ କମିଟି ପକ୍ଷରୁ ଆସନ୍ତା ୧୯ ତାରିଖ ଅନୁଗୋଳ ଜିଲ୍ଲା ବନ୍ଦ ପାଇଁ ନିଷ୍ପତ୍ତି ହୋଇଛି। ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ଘଣ୍ଟା ବନ୍ଦ ଡାକରା ଦିଆଯାଇଛି। ପ୍ରକାଶ ଯେ ଏପ୍ରିଲ ୨୬ ତାରିଖ କଣିହାଁସ୍ଥିତ ଘରୁ ସୁଭଦ୍ରା ଭୁବନେଶ୍ୱର ଯାଉଥିବା ବେଳେ ତାଳଚେର ଷ୍ଟେସନରୁ ତାଳଚେର ରୋଡ଼କୁ ଆସିବା ସମୟରେ ତାଙ୍କୁ ଅପହରଣ, ଗଣଦୁଷ୍କର୍ମ ଓ ହତ୍ୟା କରାଯାଇଥିଲା। ମେ' ୪ରେ ବଅଁରପାଳ ଥାନା ଭୋଗବେରିଣୀ ପଞ୍ଚାୟତ କେନ୍ଦୁପଲୀ ଗାଁ କେନାଲ ପାଖ ବିଲରୁ ତାଙ୍କ ଅର୍ଦ୍ଧଦଗ୍ଧ ଗଳିତ ମୃତଦେହ ମିଳିଥିଲା। ପୁଲିସ ମୃତଦେହ ଜବତ କରି ତଦନ୍ତ ଚଳାଉଛି। କିନ୍ତୁ ଆଜି ଯାଏଁ ତାଙ୍କ ପରିବାରକୁ ନ୍ୟାୟ ମିଳିପାରିନି।



## ମହାବିଦ୍ୟାଳୟରେ ତ୍ରିରଙ୍ଗା ଶୋଭାଯାତ୍ରା



ଅନୁଗୋଳ, ୧୫।୫(ସମିସ): ଭାରତୀୟ ସେନାର 'ଅପରେସନ ସିନ୍ଦୂର'ର ସଫଳତାକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଗୁରୁବାର ସକାଳ ୮ଟାରେ ଏକ ଶୋଭାଯାତ୍ରା ଆୟୋଜନ କରାଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ନୀଳାଚଳ ପଟେଲଙ୍କ ନେତୃତ୍ୱରେ ଏନସିସି, ଏନଏସଏସ, ୟୁଥ ରେଡ୍‌କ୍ରସ, ରେଞ୍ଜରସ ଓ ରୋଭର୍ସର ସ୍ୱେଚ୍ଛାସେବୀ, ଅଧ୍ୟାପକ, ଅଧ୍ୟାପିକାଙ୍କ ଉପସ୍ଥିତିରେ ତ୍ରିରଙ୍ଗା ପତାକା ଧରି ମୋଟର ସାଇକଲ ରାଲି ଅନୁଷ୍ଠିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## '୧୦ ବର୍ଷରେ ୨୦ ହଜାର ମହିଳା ଓ ଶିଶୁ ନିଖୋଜ'

ତାଳଚେରସଦର, ୧୫।୫(ସମିସ): କଂଗ୍ରେସ ସରକାର ସମୟରେ କେବଳ ଜଣେ ମହିଳାଙ୍କ ପାଇଁ କଂଗ୍ରେସର ପତନ ହୋଇଥିବା ବେଳେ ବିଗତ ୧୦ ବର୍ଷରେ ୨୦ ହଜାର ମହିଳା ଓ ଶିଶୁ ନିଖୋଜ ଘଟଣାରେ ଦଳିତ ଆଦିବାସୀମାନଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଥିବା ସରକାର ଆଜି ନିରବଦ୍ରଷ୍ଟା। ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ସଭାନେତ୍ରୀ ସସ୍ମିତା ବେହେରା ଏହି ଅଭିଯୋଗ କରିଛନ୍ତି। ଦଳିତ ଯୁବତୀ ସୁଭଦ୍ରା ପାଦିଲଙ୍କ ନିଖୋଜ ପରେ ଗଣଦୁଷ୍କର୍ମ ଓ ହତ୍ୟା ଘଟଣାରେ ସିଧାସଳଖ ଭାବେ ସେ ସରକାର ଓ ପୁଲିସ ପ୍ରଶାସନକୁ ଦାୟୀ କରିଛନ୍ତି। ଘଟଣାକୁ ୧୯ଦିନ ବିତିଥିଲେ ମଧ୍ୟ ପୁଲିସ୍ ହାତ ଟେକିଦେଇଛି। ଏ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ଆସନ୍ତା ୧୯ ତାରିଖ ଅନୁଗୋଳ ଜିଲ୍ଲାରେ ବନ୍ଦ ପାଳନ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ସାମ୍ବାଦିକ ସମ୍ମିଳନୀ ବିଆର ଆମ୍ବେଦକର ସ୍ମୃତି ପରିଷଦ, ଦଳିତ ମହାସଂଘ, ଅଖିଳ ଭାରତ ପରିସଂଘ, କଣିହାଁ ସୁରକ୍ଷାମଞ୍ଚ, ତାଳଚେର ରେଲୱେ ୟୁଜର୍ କମିଟି, ଉତ୍କଳ ଆମ୍ବେଦକର ସମାଜସେବୀ, ଏସ୍‌ଏସ୍‌ଟି ୟୁନିୟନ କଣିହାଁ, ଭୀମ୍ କମିଟି, ମହାନଦୀ କୋଇଲା ଠିକାଶ୍ରମିକ କଂଗ୍ରେସ, ଅନୁଗୋଳ ମହିଳାମଞ୍ଚ କର୍ମକର୍ତ୍ତାଙ୍କ ସମେତ ଦଳିତ ମହାସଂଘ ସାଧାରଣ ସମ୍ପାଦକ କୁଞ୍ଜବିହାରୀ ବେହେରା, ଦଳିତମଞ୍ଚ ସଭାପତି ମନୋଜ ନାଏକ, ତାଳଚେର ସଭାନେତ୍ରୀ ଏଲ ମାଣିକପ୍ରଭା, ସତ୍ୟବ୍ରତ ମହାନ୍ତି, ଅନନ୍ତ ନାୟକ ପ୍ରମୁଖ ଯୋଗଦେଇଥିଲେ। ୧୦ଦଫା ଦାବି ନେଇ ଆସନ୍ତା ୧୯ ତାରିଖ ଜିଲ୍ଲା ବନ୍ଦ ଡାକରା ଦିଆଯାଇଥିବା ପ୍ରକାଶ କରିଥିଲେ। ଉକ୍ତ ଘଟଣାରେ ସମ୍ପୃକ୍ତ ଅପରାଧୀମାନଙ୍କୁ ତୁରନ୍ତ ଗିରଫ କରି କଠୋର ଦଣ୍ଡବିଧାନ, ଉପଯୁକ୍ତ ସମୟରେ ଘଟଣାଗୁଡ଼ିକୁ ତଦାରଖ ନ କରି ଅବହେଳା କରିଥିବାରୁ ଥାନା ଅଧିକାରୀମାନଙ୍କୁ ଚାକିରିରୁ ବହିଷ୍କାର, ମୃତ ସୁଭଦ୍ରାଙ୍କ ପରିବାରକୁ କ୍ଷତିପୂରଣ ବାବଦ ୫୦ଲକ୍ଷ ଟଙ୍କା ପ୍ରଦାନ, ସୁଭଦ୍ରା ପରିହବାରର ଏକମାତ୍ର ରୋଜଗାରିଆ ହୋଇଥିବାରୁ ତାଙ୍କ ପରିବାରର ଜଣକୁ ଚାକିରି ଓ ବାସଗୃହ ଯୋଗାଇଦେବା, କଣିହାଁରେ ଏକ ରେଳଷ୍ଟେସନ ନିର୍ମାଣ ଏବଂ ରେଳଷ୍ଟସନ ନିର୍ମାଣ ନ ହେବା ଯାଏଁ ତାଳଚେର ପର୍ଯ୍ୟନ୍ତ ଗମନାଗମନ ପାଇଁ ସରକାରୀ ବସ୍ ଯୋଗାଇ ଦେବା, ତାଳଚେର ରେଳଷ୍ଟସନରୁ ତାଳଚେର ରୋଡ୍ ରେଳଷ୍ଟସନ ପର୍ଯ୍ୟନ୍ତ ରାସ୍ତାକୁ ସ୍ୱତନ୍ତ୍ର ଭାବେ ନିର୍ମାଣ କରି ଅତ୍ୟାଧୁନିକ କ୍ୟାମେରା ଲଗାଇବା, ରେଳଷ୍ଟସନରେ ସମସ୍ତ ଅଟୋରିକ୍ସା ଓ ଅନ୍ୟ ଗାଡ଼ିକୁ ରେଳଷ୍ଟସନରେ ଭଡ଼ାରେ ଲଗାଇବା ନିମନ୍ତେ ସରକାରୀ ପଞ୍ଜୀକୃତ କରିବା, ଯେଉଁ ଚାଳକମାନଙ୍କ ଅପରାଧିକ ମାମଲା ଅଛି ସେମାନଙ୍କୁ ଗାଡ଼ି ଚଳାଇବାକୁ ଅନୁମତି ନ ଦେବା, ରେଳଷ୍ଟସନ ଯାତ୍ରୀମାନେ ଯେଉଁ ଗନ୍ତବ୍ୟ ସ୍ଥାନକୁ ଯାତ୍ରା କରିବେ ତାହାର ସୁବ୍ୟବସ୍ଥା କରିବା ଓ ଯେଉଁ ଚାଳକ ଭଡ଼ା ସୂତ୍ରରେ ଯିବେ ସେମାନଙ୍କ ସମ୍ପୂର୍ଣ୍ଣ ଠିକଣା ସହିତ ସରକାରୀ ପଞ୍ଜୀକୃତ କାର୍ଯ୍ୟାଳୟ/ଗାଡ଼ିଚାଳକ ସଂଘରେ ପଞ୍ଜୀକୃତ କରିବା, ରେଳଷ୍ଟସନରେ ଟ୍ରେନ୍ ଫେଲ ଯାତ୍ରୀ କିମ୍ବା ଟ୍ରେନ ବିଳମ୍ବରେ ପହଞ୍ଚିବା ଯାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ବିଶ୍ରାମଗୃହ ବ୍ୟବସ୍ଥା ଦାବିରେ ଏହି ବନ୍ଦ ପାଳନ କରାଯାଉଛି। ସାମ୍ବାଦିକ ସମ୍ମିଳନୀରେ ଏମ ମାଣିକପ୍ରଭା ଓ କଂଗ୍ରେସ୍ ନେତା ରାଜକିଶୋର ସାହୁ ସ୍ଥାନୀୟ ପୁଲିସର କାର୍ଯ୍ୟକଳାପକୁ ନେଇ ସନ୍ଦେହ ପ୍ରକଟ କରିବା ସହ ସେମାନଙ୍କୁ ତୁରନ୍ତ ଚାକିରିରୁ ବହିଷ୍କାର କରିବାକୁ ଦାବି କରିଛନ୍ତି।

## ମିଳିତ ଜମିହରା ପ୍ରଜାଙ୍କ ଅଭିଯୋଗ ଶୁଣାଣି ଶିବିର

ଅନୁଗୋଳ, ୧୫।୫(ସମିସ): ତାଳଚେର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ପ୍ରଥମ ମିଳିତ ଜମିହରା ପ୍ରଜାଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଶିବିରରେ ଉପଜିଲ୍ଲାପାଳ ସମୀର କୁମାର ଜେନା ଅଧ୍ୟକ୍ଷତା କରିଥିଲେ। ମହାନଦୀ କୋଲ ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍)ର ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ପ୍ରତାପ ହରି ପ୍ରଧାନ, ଏମ୍‌ସିଏଲ୍



ତାଳଚେର କୋଇଲା କ୍ଷେତ୍ର ମହାପ୍ରବନ୍ଧକ କେଭି ଚୌଧୁରୀ, ଜଗନ୍ନାଥ କ୍ଷେତ୍ରର ମହାପ୍ରବନ୍ଧକ ଏକେ ଧଳ, ଭରତପୁର କ୍ଷେତ୍ର ମହାପ୍ରବନ୍ଧକ ଦିବ୍ୟଜୀବନ ସିଂ, କଣିହାଁ କ୍ଷେତ୍ର ମହାପ୍ରବନ୍ଧକ ନରେଶ ସିଂ, ଭୁବନେଶ୍ୱରୀ କ୍ଷେତ୍ର ମହାପ୍ରବନ୍ଧକ ଅଜୟ କୁମାର ସିଂ, ଲିଙ୍ଗରାଜ କ୍ଷେତ୍ର ମହାପ୍ରବନ୍ଧକ ସୁବ୍ରତ ବିଶ୍ୱାଳଙ୍କ ସମେତ ସମସ୍ତ କ୍ଷେତ୍ରର ଭୂମି ଅଧିଗ୍ରହଣ ଅଧିକାରୀ ଏବଂ ପୁନଃ ସ୍ଥାପନ ଏବଂ ପୁନଃ ଥଇଥାନ ଅଭିଯୋଗ ସମାଧାନ କାର୍ଯ୍ୟାଳୟର ଅଧିକାରୀ, ବିଭିନ୍ନ ଗ୍ରାମର ଅଭିଯୋଗକାରୀ ଯୋଗଦେଇଥିଲେ। ଶିବିରରେ ସମୁଦାୟ ୧୬ ଅଭିଯୋଗ ଗ୍ରହଣ ଏବଂ ଶୁଣାଣି କରାଯାଇଥିଲା। ସେଥିମଧ୍ୟରୁ ୧୨ ଅଭିଯୋଗର ତୁରନ୍ତ ଫଇସଲା କରାଯାଇଛି।

**'ଅପରେସନ ସିନ୍ଦୂର'ର ସଫଳତାକୁ ସମ୍ମାନ**

## ନବୀନ ଜିନ୍ଦଲଙ୍କ ନେତୃତ୍ୱରେ ତ୍ରିରଙ୍ଗା ଯାତ୍ରା

ଅନୁଗୋଳ, ୧୫।୫(ସମିସ): ଆତଙ୍କବାଦ ବିରୋଧରେ ଭାରତୀୟ ସେନାର ଅଦମ୍ୟ ସାହସ, ପରାକ୍ରମର ନିଦର୍ଶନ ତଥା ନିର୍ଣ୍ଣାୟକ ଲଢ଼େଇ ଅପରେସନ ସିନ୍ଦୂରର ସଫଳତାକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି) ପକ୍ଷରୁ ଅନୁଗୋଳ ପ୍ଲାଣ୍ଟ ପରିସରରେ ତ୍ରିରଙ୍ଗା ଯାତ୍ରା ଆୟୋଜନ କରାଯାଇଥିଲା। ଜେଏସପି ଅଧ୍ୟକ୍ଷ ତଥା ଫ୍ଲାଗ୍ ଫାଉଣ୍ଡେସନ ଅଫ୍ ଇଣ୍ଡିଆର ସଭାପତି ସାଂସଦ ନବୀନ ଜିନ୍ଦଲ ଏହି ତ୍ରିରଙ୍ଗା ଯାତ୍ରାର ନେତୃତ୍ୱ ନେଇଥିଲେ। ଜିନ୍ଦଲ ଟାଉନସିପ ପରିସରରୁ ତ୍ରିରଙ୍ଗା ଯାତ୍ରା ଆରମ୍ଭ ହୋଇ ସ୍ମାରକୀ ଜାତୀୟ ପତାକା ସ୍ତମ୍ଭ ନିକଟରେ ପହଞ୍ଚିଥିଲା। ଏଥିରେ ଶତାଧିକ କର୍ମଚାରୀ, ସେମାନଙ୍କ ପରିବାର ସଦସ୍ୟ ଓ ସ୍ଥାନୀୟ ଜନସାଧାରଣ ସାମିଲ ହୋଇଥିଲେ। ସମସ୍ତେ ହାତରେ ତ୍ରିରଙ୍ଗା ଧରି ବନ୍ଦେ ମାତରମ ଓ ଭାରତ ମାତାକି ଜୟ ସ୍ଲୋଗାନ ଦେଇ ସଭାସ୍ଥଳରେ ପହଞ୍ଚିଥିଲେ। ଜନସାଧାରଣଙ୍କୁ ସଗୌରବେ ଜାତୀୟ ପତାକା ଉଡ଼ାଇବାର ଅଧିକାର ପ୍ରଦାନ ପାଇଁ ଦୀର୍ଘ ଦଶନ୍ଧିର ନ୍ୟାୟିକ ଲଢ଼େଇ ଲଢ଼ିଥିବା ନବୀନ ଜିନ୍ଦଲ ଅପରେସନ ସିନ୍ଦୂରର ସଫଳତା ପାଇଁ ତାଙ୍କ ଭାବପୂର୍ଣ୍ଣ ଅଭିଭାଷଣରେ ଭାରତୀୟ ସେନାର ବୀରତାକୁ ପ୍ରଶଂସା କରିଥିଲେ। ସେ କହିଥିଲେ, 'ଅପରେସନ ସିନ୍ଦୂର' ଆମ ଆତ୍ମବିଶ୍ୱାସକୁ ଆହୁରି ମଜଭୁତ କରିଛି। ଆମେ



ସମସ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଭାରତୀୟ ସେନା ନିକଟରେ କୃତଜ୍ଞ। ଆମ ସାହସୀ ସୈନିକମାନେ ଦୃଢ଼ତାର ସହ ଜବାବ ଦେଇଛନ୍ତି। ଆମେ ସେମାନଙ୍କ ପାଇଁ ଗର୍ବିତ। ଏବେ ସେମାନେ ଆଉ ନିରୀହ, ନିରସ୍ତ୍ର ଜନସାଧାରଣଙ୍କୁ ଆକ୍ରମଣ କରିବାକୁ ସାହସ କରିବେ ନାହିଁ। ସେମାନେ ଆମ ଉପରକୁ ପଥର ପକାଇଲେ ଭାରତ ଗୁଳିରେ ତା'ର ଜବାବ ଦେବ। ଆମଦେଶ ସମସ୍ତ ଶକ୍ତି ପ୍ରୟୋଗ କରି ଲଢ଼େଇ କରିବ। ଏହି ତ୍ରିରଙ୍ଗା ଯାତ୍ରା ଭାରତୀୟ ସେନା ପ୍ରତି ପ୍ରେମ ଓ କୃତଜ୍ଞତାର ନିଦର୍ଶନ ବୋଲି ସେ କହିଥିଲେ। ଏହି ଅବସରରେ ସେ ଜେଏସପି ପକ୍ଷରୁ ସମସ୍ତ କର୍ମଚାରୀ ସେମାନଙ୍କ ଗୋଟିଏ ଦିନର ଦରମା ମିଶାଇ ୫ କୋଟି ଟଙ୍କା ସେନା, ସହିଦଙ୍କ ପରିବାର ଓ ଏହି ଯୁଦ୍ଧରେ ପ୍ରଭାବିତ ଭାରତୀୟ ପରିବାରର କଲ୍ୟାଣ ପାଇଁ ପ୍ରଦାନ କରାଯିବ ବୋଲି ସେ ଘୋଷଣା କରିଥିଲେ।

ତ୍ରିରଙ୍ଗା ଯାତ୍ରାରେ ହଜାରେରୁ ଅଧିକ ଲୋକଙ୍କ ଯୋଗଦାନ ସେମାନଙ୍କ ଜାତୀୟତା ଓ ଦେଶପ୍ରୀତିକୁ ପ୍ରତିଫଳିତ କରିଥିଲା। ତ୍ରିରଙ୍ଗା ଯାତ୍ରା ଆୟୋଜନ ଦେଶସେବା ଓ ଗୋଷ୍ଠୀ ଉନ୍ନୟନ ପ୍ରତି ଜେଏସପିର ପ୍ରତିବଦ୍ଧତାକୁ ପ୍ରମାଣିତ କରିଛି। ଏହି ଅଭିନବ ପଦକ୍ଷେପ ଅନେକ ପ୍ରମୁଖ ଓ ପ୍ରଭାବଶାଳୀ ସାମାଜିକ ନେତୃତ୍ୱଙ୍କୁ ଏହି ଯାତ୍ରାରେ ସାମିଲ ହେବା ପାଇଁ ଉତ୍ସାହିତ କରିଥିଲା। ଜେଏସପିର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର (ଇନ-ଚାର୍ଜ) ପଙ୍କଜ ମଲ୍ଲାନ, ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର (ପ୍ରୋଜେକ୍ଟ) ଦାମୋଦର ମିତ୍ତଲ, ସିଏଚଆରଓ ଦିଲୀପ ସିହ୍ନାଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଏହି ଭବ୍ୟ କାର୍ଯ୍ୟକ୍ରମରେ ସାମିଲ ହୋଇ ସଫଳ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## 'ଅପରେସନ ସିନ୍ଦୂର' ସଫଳତା ନେଇ ରାଲି

ତାଳଚେରସଦର, ୧୫।୫(ସମିସ): ଅପରେସନ ସିନ୍ଦୂରର ସଫଳତା ପାଇଁ ଭାରତୀୟ ସେନାର ସମ୍ମାନ ଉଦ୍ଦେଶ୍ୟରେ ଗୁରୁବାର ସକାଳ ୮ଟାରେ ତାଳଚେର ରାଜବାଟୀଠାରୁ ବିଶାଳ ବାଇକ ଶୋଭାଯାତ୍ରା ସହର ପରିକ୍ରମା କରିଛି। ଶୋଭାଯାତ୍ରା ତାଳଚେର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଏଥିରେ ଏନସିସି, ସିଭିଲ ଡିଫେନ୍ସ, ରେଡ୍‌କ୍ରସ, ଆମ୍ବୁଲାନ୍ସ ଡିଭିଜନ, ପୌରପରିଷଦ ସ୍ୱଚ୍ଛସାଥୀ, ମିଶନଶକ୍ତି, ଅଙ୍ଗନାବାଡ଼ି କର୍ମୀ ସାମିଲ ହୋଇଥିଲେ। ଆତଙ୍କବାଦୀଙ୍କ ଗୁଳିରେ



ପହଲଗାମଠାରେ ଭାରତର ୨୬ ନାଗରିକଙ୍କ ମୃତ୍ୟୁ ପରେ ପାକିସ୍ତାନ ଓ ଭାରତ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାର ଜବାବରେ ଭାରତର ତିନି ସେନାର ବୀରତ୍ୱ ଓ ପରାକ୍ରମ ସାରା ବିଶ୍ୱ ଦେଖିଲା ବୋଲି ଏହି ଅବସରରେ କୁହାଯାଇଛି।

## ୩ ମଦ୍ୟପ ଚାଳକ ଗିରଫ

ବଇଣ୍ଡା, ୧୫।୫(ସମିସ): ଠାକୁରଗଡ଼ ଥାନା ପୁଲିସ ପକ୍ଷରୁ ବୁଧବାର ଟାପଢୋଲ ଗ୍ରାମରେ ଗାଡ଼ିମଟର ଯାଞ୍ଚ କରାଯାଇଛି। ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ, ହେଲମେଟ, ଗାଡ଼ି କାଗଜପତ୍ର ମଦ୍ୟପାନ କରି ଗାଡ଼ି ଚାଳନା ଆଦି ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ମଦ୍ୟପାନ କରି ବାଇକ ଚଳାଉଥିବା ଅଭିଯୋଗରେ ତିନିଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ବାଇକ୍ ମଧ୍ୟ ଜବତ କରାଯାଇଛି। ସେମାନେ ହେଲେ ପକୋଣ୍ଡା ଗ୍ରାମର ସଞ୍ଜୀବ ନାୟକ, ବାଲିସାହି ଗ୍ରାମର ସନ୍ତୋଷ ପ୍ରଧାନ ଓ ପାଇକସାହି ଗ୍ରାମର ବିନୋଦ କୁମାର ପ୍ରଧାନ। ଏ ନେଇ ଥାନାରେ ୩ ମାମଲା ରୁଜୁ କରାଯାଇଛି।

## ନୂତନ ବିଇଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଅନୁଗୋଳ, ୧୫।୫(ସମିସ): ବୁଧବାର ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ପକ୍ଷରୁ ଅନୁଗୋଳର ନୂତନ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ଅଶୋକ କୁମାର ପ୍ରଧାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶାଖା ସଭାପତି ସଞ୍ଜୀବ କୁମାର ସାହୁ, ସାଧାରଣ ସମ୍ପାଦକ ଦୀପକ କୁମାର ସାହୁଙ୍କ ସମେତ ପ୍ରଶାନ୍ତ କୁମାର ସାହୁ, ସୁଶୀଲ କୁମାର ପ୍ରଧାନ ଓ ପ୍ରଧାନଶିକ୍ଷକ କୀର୍ତ୍ତନ ସାହୁ ପ୍ରମୁଖ ବିଇଓ ପ୍ରଧାନଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ବିଇଓ ପ୍ରଧାନ ଏହାର ଉତ୍ତରରେ ସଂଘ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେବାସହ ସହଯୋଗ କାମନା କରିଥିଲେ।

## ଆଜି ପାପସରା ଚନ୍ଦନ ଯାତ୍ରା

ବଇଣ୍ଡା, ୧୫।୫(ସମିସ): କିଶୋରନଗର ବ୍ଲକ ହଣ୍ଡପା ପଞ୍ଚାୟତ ପାପସରା ଗ୍ରାମରେ ଶୁକ୍ରବାର ଚନ୍ଦନ ଯାତ୍ରା ଅନୁଷ୍ଠିତ ହେବ। ଏ ନେଇ ବ୍ୟାପକ ପ୍ରସ୍ତୁତି ହୋଇଥିବା ବେଳେ ଗାଁ ପୂରା ଚଳଚଞ୍ଚଳ ହୋଇପଡ଼ିଛି। ବିଶେଷକରି ଏହା ଆଠମଲ୍ଲିକ ଉପଖଣ୍ଡର ବହୁ ପୁରାତନ ଯାତ୍ରା ହୋଇଥିବା ବେଳେ କିପରି ପ୍ରଭୁଙ୍କୁ ଚାପ ଖେଳାଯିବ ଓ ଶୋଭାଯାତ୍ରା କରାଯିବ ସେ ନେଇ ପ୍ରସ୍ତୁତି ସରିଛି। ଯାତ୍ରା ପଡ଼ିଆରେ ସାଜସଜ୍ଜା କରାଯାଇଥିବା ବେଳେ ଗ୍ରାମ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏଥିରେ ବହୁ ସଂଖ୍ୟାରେ ଜନସାଧାରଣ ଯୋଗଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

## ମୃତକଙ୍କ ପରିବାରକୁ ଭେଟିଲେ ବିଧାୟକ

ବଇଣ୍ଡା, ୧୫।୫(ସମିସ): କିଶୋରନଗର ବ୍ଲକ ନାକିଚି ପଞ୍ଚାୟତ ଟକବା ଗ୍ରାମରେ ମଙ୍ଗଳବାର ବଜ୍ରପାତରେ ବାଲିଖମଣ ଗ୍ରାମର ପ୍ରଫୁଲ୍ଲ ମାଝୀ ଓ ତାଙ୍କ ପୁଅ ପ୍ରବୀଣ ମାଝୀଙ୍କ ମୃତ୍ୟୁ ହୋଇଥିଲା। ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ବୁଧବାର ତାଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ବଜ୍ରପାତରେ ବାପପୁଅ ମୃତ୍ୟୁରେ ପରିବାର ଲୋକେ ଭାଙ୍ଗି ପଡ଼ିଛନ୍ତି। ପରିବାରକୁ କିଭଳି ରାଜ୍ୟ ସରକାରଙ୍କ ପକ୍ଷରୁ ସହାୟତା ମିଳିବ ସେ ନେଇ ବିଧାୟକ ଜିଲ୍ଲା ପ୍ରଶାସନକୁ ଅବଗତ କରାଇବେ ବୋଲି କହିଥିଲେ। ବିଧାୟକଙ୍କ ସହ ବିଜେଡି ଯୁବନେତା ଅରୁଣ କୁମାର ସାହୁ, ତପନ ସାହୁ, କୁମୁନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## 'ଅପରେସନ୍ ସିନ୍ଦୂର' ସଫଳତାରେ ପରାକ୍ରମ ଶୋଭାଯାତ୍ରା







ଅନୁଗୋଳ, ୧୫।୫(ସମିସ):

ଆତଙ୍କବାଦ ବିରୋଧରେ ଲଢ଼େଇ 'ଅପରେସନ୍ ସିନ୍ଦୂର'ର ସଫଳତା ପରେ ଏହାର ଗୁରୁବାର ପୂର୍ବାହ୍ନରେ ଅନୁଗୋଳ ସଭାଘରଠାରେ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଭାରତର ବୀର ସୈନିକମାନଙ୍କୁ କୃତଜ୍ଞତା ସହ ସମର୍ଥନ ଜଣାଇବା ପାଇଁ ଜିଲ୍ଲା ପ୍ରଶାସନ ଦ୍ୱାରା ଏକ ବାଇକ୍ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଅନୁଗୋଳ ବିଧାୟକ ପ୍ରତାପଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ତ୍ରିରଙ୍ଗା ଶୋଭାଯାତ୍ରାକୁ ଶୁଭାରମ୍ଭ କରିଥିଲେ। ଅନୁଗୋଳ ପୌରାଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ, ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ୍ ଅଖତର, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ତ୍ରିରଙ୍ଗା ପତାକା ଧରି ବନ୍ଦେ ମାତରମ୍ ଧ୍ୱନି ଦେଇ ଏହି ଶୋଭାଯାତ୍ରା ଅନୁଗୋଳ ସଭାଘରଠାରୁ ଆରମ୍ଭ ହୋଇ ଥାନାଛକ, ସଞ୍ଜୀବନୀ ମାର୍କେଟ, ବଜାର ଛକ, ଗାନ୍ଧୀ ମାର୍ଗ, ଡିଆଇସି ଛକ, ସିମିଳିପଡ଼ା, ରାଜ୍ ହୋଟଲ ଛକ ଦେଇ ପୁନଶ୍ଚ ସଭାଘରକୁ ଫେରିଥିଲା। ଶୋଭାଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଅନୁଗୋଳ ଜିଲ୍ଲା ଟ୍ରକ ମାଲିକ ସଙ୍ଘ ସଭାପତି ଅମରେଶ ଚନ୍ଦ୍ର ସ୍ୱାଇଁ, ସାଧାରଣ ସମ୍ପାଦକ ରଜତ କୁମାର ମହାପାତ୍ରଙ୍କ ସମେତ ଟ୍ରକ ମାଲିକ ସଙ୍ଘ ସଦସ୍ୟ, କାଉନସିଲର, ପୂର୍ବତନ ସେନା ଅଧିକାରୀ, ଖେଳାଳି, ମହାବିଦ୍ୟାଳୟର ଏନ୍‌ସିସି ଛାତ୍ରଛାତ୍ରୀ, ପୁଲିସ ବାହିନୀ, ବନ ବିଭାଗ କର୍ମଚାରୀ, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ, ସ୍ୱେଚ୍ଛାସେବୀ ଓ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ।

**ପୂର୍ବତନ ସରପଞ୍ଚଙ୍କର ରସାୟନ ବିଜ୍ଞାନରେ ଡକ୍ଟରେଟ ଲାଭ**



[illegible] Physicochemical Studies of Ternary Mixtures of Extractants and Diluents [illegible] IMMT [illegible]

# ରାସ୍ତା ନିର୍ମାଣ ପାଇଁ ବିଡିଓଙ୍କୁ ଦାବିପତ୍ର



**ଧରାକୋଟ,୫ା୫(ସମିସ):** କେଉଁ ଉପାନ୍ତ ଅଞ୍ଚଳ ନୁହଁ, ଖୋଦ ଧରାକୋଟଗଡ଼ର ମେଡିକାଲ ଛକରୁ କୋଠରୀ ସାହିକୁ ଯିବା ରାସ୍ତାର ସ୍ଥିତି ସାମାନ୍ୟ ବର୍ଷା ହେଲେ ବେହାଲ ହୋଇପଡୁଛି। ସାମାନ୍ୟ ବର୍ଷା ହେଲେ ରାସ୍ତା ସାରା କାଦୁଅ, ପଙ୍କ, ବାଲି, ଗୋଡ଼ିରେ ଭର୍ତ୍ତି ହୋଇଯାଉଛି। ଫଳରେ ଏହି ରାସ୍ତାରେ ଯିବା ଆସିବା ସମ୍ଭବ ହେଉନାହିଁ। ଗତ ବୁଧବାର ହୋଇଥିବା କାଳବୈଶାଖୀ ବର୍ଷାରେ ଏହି ରାସ୍ତା ଉପରେ ବର୍ଷା ପାଣି ପ୍ରବାହିତ ହେବାରୁ ନାହିଁ ନଥିବା ପରିସ୍ଥିତି ସୃଷ୍ଟି ହୋଇଥିଲା। ରାସ୍ତା ପାର୍ଶ୍ୱର ଡ୍ରେନ୍ ଅବରୋଧ ହୋଇ ରହିଥିବାରୁ ଏଥିରେ ବର୍ଷା ପାଣି ସଠିକ ଭାବେ ନିଷ୍କାସନ ହୋଇପାରୁନାହିଁ। ଏଣୁ ରାସ୍ତା ଉପରେ କାଦୁଅ ଓ ପଙ୍କର ଆସ୍ତରଣ ଜମିବା ଯୋଗୁଁ ଲୋକେ ଏଥିରେ ସାହି ଭିତରକୁ ଯାଇପାରି ନଥିଲେ। ଫଳରେ ଲୋକେ ଉତ୍ତେଜିତ ହୋଇ ବାଉଁଶ ବାନ୍ଧି ରାସ୍ତା ବନ୍ଦ କରିବା ସହ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। କୋଠରୀ ସାହି ଲୋକେ ଏ ସମ୍ପର୍କରେ ଏକ ଦାବିପତ୍ର ବିଡିଓ, ତହସିଲଦାର ଓ ଥାନା ଅଧିକାରୀଙ୍କୁ ପ୍ରଦାନ କରି ତୁରନ୍ତ ରାସ୍ତା ନିର୍ମାଣ ପାଇଁ ଦାବି କରିଛନ୍ତି।

ପ୍ରକାଶଯୋଗ୍ୟ ଧରାକୋଟଗଡ଼ର କୋଠରୀ ସାହିକୁ ଯିବାପାଇଁ ମେଡିକାଲ ପାଚେରୀକୁ ଲାଗି ଏକ ରାସ୍ତା ରହିଛି। ଏହି ରାସ୍ତା ଦେଇ ପିଲା ମାନେ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ଯାଉଥିବା ବେଳେ ଲୋକେ ସେବା ସମବାୟ ସମିତି, କୋଠରୀ ମନ୍ଦିର ସହ ସାହି ଭିତରକୁ ଯିବା ଆସିବା କରନ୍ତି। କିନ୍ତୁ ରାସ୍ତାଟି ଖାଲୁଆ ହୋଇ ରହିଥିବାରୁ ସାମାନ୍ୟ ବର୍ଷା ହେଲେ ଏହା ଉପରେ ପାଣି ସୁଅ ଛୁଟୁଛି। ଏଣୁ ତୁରନ୍ତ ରାସ୍ତା ନିର୍ମାଣ ପାଇଁ ଦାବି ହେଉଛି।

**ମହେନ୍ଦ୍ରଗିରିରୁ ଫେରିବା ବେଳେ ଦୁର୍ଘଟଣା**

# ଓଲଟିଲା ପିକ୍‌ଅପ୍; ୭ ଗୁରୁତର



**ପାତ୍ରପୁର,୧୫ା୫(ସମିସ):** ଜରଡା ଥାନା ଅଞ୍ଚଳର ମହେନ୍ଦ୍ରଗିରି ଘାଟି ବାର୍‌ହାପଥର-ଅଣ୍ଡଅଣ୍ଡା ନିକଟରେ ଏକ ପିକ୍‌ଅପ୍ ଓଲଟି ପଡିଛି। ଏଥିରେ ଥିବା ୨୧ରୁ ଊର୍ଦ୍ଧ୍ୱ ମହିଳା, ପୁରୁଷ ଓ ଶିଶୁ ଆହାତ ହୋଇଥିବାବେଳେ ୭ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି। ଆହତମାନଙ୍କୁ ଜରଡ଼ା ଥାନା ପୁଲିସ ଓ ପାତ୍ରପୁର ଦମକଳ ବାହିନୀ ଉଦ୍ଧାର କରି ଅଟୋ ଓ ଅନ୍ୟାନ୍ୟ ଗାଡ଼ିରେ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

ମିଳିଥିବା ସୂଚନା ପ୍ରକାରେ ଗୁରୁବାର ଆସିକା ଢ଼ଉଗାଁ ଓ ଶେରଗଡ଼ ଅଞ୍ଚଳର ପ୍ରାୟ ୨୨ରୁ ଊର୍ଦ୍ଧ୍ୱ ବ୍ୟକ୍ତି ତୁମ୍ବା ମହେନ୍ଦ୍ରଗିରି ଘାଟି ଦେଇ ପଞ୍ଚପାଣ୍ଡବଙ୍କ ଦର୍ଶନ ସାରି ନିଜ ଗ୍ରାମକୁ ଫେରିବା ସମୟରେ କୌଣସି କାରଣରୁ ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡିଥିଲା। ଗାଡ଼ିରେ ଥିବା ସମସ୍ତ ଯାତ୍ରୀ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୩ ପୁରୁଷ, ୪ଜଣ ମହିଳା ଗୁରୁତର ଆହାତ ହୋଇଥିବାବେଳେ ସେଥିରେ ୪ଜଣ ଶିଶୁ ଥିବା ଜଣାପଡିଛି।

ଗୁରୁତରଙ୍କୁ ବ୍ରହ୍ମପୁର ସ୍ଥାନାନ୍ତରୀତ କରାଯାଇଛି। ସେମାନେ ହେଲେ ଜୀବନ ସାହୁ (୭), ଶୁଭମ୍ ନାୟକ (୧୧), ଭାଗ୍ୟ ନାୟକ (୪୨), ବିଷ୍ଣୁ ଗୌଡ଼ (୨୨) ମଳୟ କୁମାର ସାହୁ (୪୦) ପ୍ରଫୁଲ୍ଲ କୁମାରୀ ସାହୁ (୩୫), ଲଡୁ ପରିଡ଼ା (୫୦), ରୀନା ଗୌଡ଼ (୪୮) ପ୍ରମୁଖ ୨୧ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହାତ ସହ ଗୁରୁତର ରହିଥିବା ଜଣାପଡ଼ିଛି। ଘଟଣା ସ୍ଥଳରେ ଜରଡ଼ା ପୁଲିସ ପହଞ୍ଚି ତଦନ୍ତ ଚଳାଇଛି। ବ୍ରେକ୍ ଫେଲ୍ ହେବାରୁ ଦୁର୍ଘଟଣା ଘଟିଥିବା ଆହତ ଯାତ୍ରୀମାନେ କହିଛନ୍ତି।

**• ଲଙ୍ଗଳେଶ୍ୱର ଗ୍ରାମରୁ ଚୋରି ଘଟଣା**

## ୩ ଗିରଫ; ସୁନା ଓ ଟଙ୍କା ଉଦ୍ଧାର



**ଖଲ୍ଲିକୋଟ,୧୫ା୫(ସମିସ):** ଖଲ୍ଲିକୋଟ ଥାନା ତଥା ଭେଜିପୁଟ ଫାଣ୍ଡି ଅନ୍ତର୍ଗତ ଲଙ୍ଗଳେଶ୍ୱର ଗ୍ରାମର ଦୀପକ ପ୍ରଧାନଙ୍କ ଘରୁ ଗତ ୮ ତାରିଖରେ ସୁନା ଓ ଟଙ୍କା ଚୋରି ହୋଇଥିଲା। ପୁଲିସ ଏହି ମାମଲାରେ ୩ ଜଣଙ୍କୁ ଗିରଫ କରିବା ସହ ଚୋରି ସୁନା ଓ ଟଙ୍କା ଉଦ୍ଧାର କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କେଶପୁର କାଳୁଆପଦର ଗ୍ରାମର ଜଗନ୍ନାଥ ମଲ୍ଲିକ, ଲଙ୍ଗଳେଶ୍ୱର ଗୋସେଇଁ ପାଟଣା ସାହିର ପ୍ରସନ୍ନ ଅଧିକାରୀ, ଲଙ୍ଗଳେଶ୍ୱର ଗାଇ ଗୋଠସାହିର ଦୀପେନ୍ଦ୍ର ବେହେରା। ଗତ ୮ ତାରିଖ ରାତିରେ ଦୀପକଙ୍କ ଘରେ ପଶି ଦୁର୍ବୃତ୍ତମାନେ ଗୋଟିଏ ସୁନା ଚେନ, ଗୋଟିଏ ରୁପା ପାଉଁଜି ଓ ନଗଦ ୨୦ ହଜାର ଟଙ୍କା ଲୁଟି ନେଇଥିଲେ। ଏନେଇ ଭେଜିପୁଟ ଫାଣ୍ଡିରେ ଅଭିଯୋଗ କରିଥିଲେ ଦୀପକ। ସିସିଟିଭି ଫୁଟେଜକୁ ଆଧାର କରି ଗୁରୁବାର ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଛନ୍ତି ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର।

## ଦୁର୍ଘଟଣାରେ ଡ୍ରାଇଭର ଆହତ



**ଛତ୍ରପୁର,୧୫ା୫(ସମିସ):** ଚମାଖଣ୍ଡି ଛକ ନିକଟ ଜାତୀୟ ରାଜପଥରେ ଭାରସାମ୍ୟ ହରାଇ ଡିଭାଇଡରରେ ପିଟି ହୋଇଯାଇଥିଲା ଏକ ଟ୍ରାଭେଲର। ଫଳରେ ଗାଡି ଚାଳକ ଜାଭେଦ ଖାନ (୪୦) ଆହତ ହୋଇଥିଲେ। ବ୍ରହ୍ମପୁରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା (ଓଡି୦୨ସିଜେଡ -୭୩୮୫) ନମ୍ବର ବିଶିଷ୍ଟ ଏହି ଟ୍ରାଭେଲର ଗୁରୁବାର ସକାଳେ ଭାରସାମ୍ୟ ହରାଇ ଡ଼ିଭାଇଡରରେ ପିଟି ହୋଇଥିଲା। ଗାଡ଼ିରେ କେହି ଯାତ୍ରୀ ନଥିବା ବେଳେ ଚାଳକ ଜାଭେଦ ଆହତ ହୋଇଥିଲେ। ହାଇୱେ ପାଟ୍ରୋଲିଂ ଓ ଚମାଖଣ୍ଡି ଥାନା ପୁଲିସ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ମେଡିକାଲକୁ ପଠାଇବା ସହ ଗାଡ଼ି ଜବତ କରିଥିବା ଜଣାପଡ଼ିଛି।

# ଅଭିନୟ ଜଗତ ପକ୍ଷରୁ 'ବିଜୟୀ ଭାରତ' କାର୍ଯ୍ୟକ୍ରମ



**ବ୍ରହ୍ମପୁର,୧୫ା୫(ସମିସ):** ସ୍ଥାନୀୟ ଉତ୍କଳ ଆଶ୍ରମ ମୁକ୍ତମଞ୍ଚରେ ଅଭିନୟ ଜଗତ ପକ୍ଷରୁ ଅପରେସନ ସିନ୍ଦୁରକୁ ସମ୍ମାନ ଜଣାଇ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ "ବିଜୟୀ ଭାରତ' ଅନୁଷ୍ଠିତ ହୋଇଛି। ସମ୍ପାଦକ ଡ. ମିହିର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମେୟର ସଂଘମିତ୍ରା ଦଳେଇ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଶିଷ୍ଟ ଅତିଥି ଡ଼. ହୃଷୀକେଶ ପାଣିଗ୍ରାହୀ ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ମନେ ପକାଇଥିଲେ। ସମ୍ମାନୀତ ଅତିଥି ଭାବେ ବ୍ରହ୍ମପୁର ପ୍ରେସ କ୍ଲବର ସଭାପତି ଅଶୋକ କୁମାର ବ୍ରହ୍ମା, ବରିଷ୍ଠ ସାମ୍ବାଦିକ ପ୍ରକାଶ ପଟ୍ଟନାୟକ, ନାଳନ୍ଦା ମହାବିଦ୍ୟାଳୟର ଅଧ୍ୟକ୍ଷ କାଳୀଚରଣ ସାହୁ ଯୋଗ ଦେଇଥିଲେ। ନୃତ୍ୟ ନିର୍ଦ୍ଦେଶିକା ଉଷାରାଣୀ ମହାପାତ୍ର, ଅଭିନୟ ଜଗତର ପରିଚାଳକ ରବୀନ୍ଦ୍ର କୁମାର ନାୟକ ଏବଂ ବରିଷ୍ଠ କଣ୍ଠଶିଳ୍ପୀ ଏବଂ ସାମ୍ବାଦିକ ସୁଦୀପ ସାହୁ, ଲିଲି ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ସୁଦର୍ଶନ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ୨ ୱାରେଣ୍ଟି ଗିରଫ

**ବୁଗୁଡା,୧୫ା୫(ସମିସ):** ସ୍ଥାନୀୟ ପୁଲିସ ଗୁରୁବାର ୨ ଜଣ ଫେରାର ଆସାମୀଙ୍କୁ ୱାରେଣ୍ଟ ବଳରେ ଗିରଫ କରି କୋର୍ଟଚାଲାଣ କରିଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା କହିଛନ୍ତି। ଗିରଫ ଦୁଇ ଜଣ ହେଲେ ବୁଗୁଡା ଥାନା ଅନ୍ତର୍ଗତ ହାତୀଗଣ୍ଡ ଗ୍ରାମର ନୀର ନାଇକ (୬୫) ସମଲେଇ ଗ୍ରାମର ଲମ୍ବୋଦର ନାଇକ (୫୫)। ଗାଁ ଗଣ୍ଡଗୋଳକୁ ନେଇ ନୀର ନାମରେ ଜିଆର ନଂ ୧୭୫/୨୦୧୬ରେ ଏକ ମାମଲା ରହିଥିବା ବେଳେ ଯୌତୁକ ନିର୍ଯାତନା ଅଭିଯୋଗରେ ଲମ୍ବୋଦରଙ୍କ ନାମରେ ଜିଆର ନଂ ୩୪୩/୨୦୨୩ରେ ଏକ ମାମଲା ରହିଥିଲା। ତେବେ ଫେରାର ଆସାମୀ ଉଭୟଙ୍କୁ ପୁଲିସ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି।

## ମୃତ୍ୟୁ ପରେ ଯୁବକଙ୍କ ଚକ୍ଷୁ ଦାନ

**ଗଞ୍ଜାମ,୧୫ା୫(ସମିସ):** ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଯୁବକଙ୍କ ଚକ୍ଷୁ ଦାନ କରାଯାଇଛି। ସେ ହେଲେ ଗଞ୍ଜାମ ବ୍ଲକ ସୁବଳୟା ଗ୍ରାମର ଲଲାଟେନ୍ଦୁ ନାୟକଙ୍କ ପୁତ୍ର ଜିତିନ(୨୬)। କିଛିଦିନ ତଳେ ରମ୍ଭା ବାଇପାସରେ ଦୁର୍ଘଟଣାରେ ଗୁରୁତର ହୋଇ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ସେ ଚିକିତ୍ସାଧିନ ଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। କ୍ୟାପିଟେଲ ହସ୍‌ପିଟାଲରେ ଶବ ବ୍ୟବଚ୍ଛେଦବେଳେ ପରିବାର ପକ୍ଷରୁ ତାଙ୍କର ଦୁଇଟି ଚକ୍ଷୁ ଦାନ କରାଯାଇଛି। ମୃତକ ଜଣଙ୍କ ସମାଜସେବୀ ଜଜାତି ନାୟକଙ୍କ ପୁତୁରା।

**■ ଖଲ୍ଲିକୋଟ ଥାନା ଅଞ୍ଚଳର ୪ ସ୍ଥାନରେ ଅବକାରୀ ଚଢ଼ଉ**

# ୪ ଗିରଫ, ୧୦୧ ଲିଟର ଦେଶୀମଦ ଜବତ

**ଖଲ୍ଲିକୋଟ,୧୫ା୫(ସମିସ):** ଗୁରୁବାର ସକାଳୁ ଖଲ୍ଲିକୋଟରେ ଅବକାରୀ ଗାଡ଼ି ଗୁଡିକ ଘନ ଘନ ପଇଁତରା ମାରିଥିଲେ। ଲାଗୁଥିଲା ସତେ ଯେମିତି ଆଜି ଏକ ବଡ଼ ଧରଣର ଚଢ଼ଉ ହେବ ଏବଂ ବିପୁଳ ପରିମାଣର ମଦ ଜବତ ହେବ। କିନ୍ତୁ ବହୁ ଆଡମ୍ବରେ ଲଘୁ କ୍ରିୟା ଭଳି ଖଲ୍ଲିକୋଟ ଥାନା ଅଞ୍ଚଳର ୪ଟି ସ୍ଥାନରେ ଚଢ଼ଉ କରାଯାଇ ମାତ୍ର ୧୦୧ ଲିଟର ଦେଶୀମଦ ଜବତ ସହ ୪ ଜଣଙ୍କୁ ଗିରଫ କରିଛି ଅବକାରୀ ବିଭାଗ। ଆଜି କଟକ ସ୍ଥିତ ରାଜ୍ୟ ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାଡ, ଛତ୍ରପୁର ଅବକାରୀ ସଦର ରେଞ୍ଜ ଓ ଖଲ୍ଲିକୋଟ ଆଦର୍ଶ ଅବକାରୀ ଥାନା ପକ୍ଷରୁ ମିଳିତ ଭାବେ ଖଲ୍ଲିକୋଟ ଥାନା ଅଞ୍ଚଳର ଲକ୍ଷ୍ମଣପୁର, ବାଗଲପୁର, ଲଙ୍ଗଳେଶ୍ୱର ଓ ଭେଜିପୁଟ ଛକରେ ଚଢ଼ଉ କରି ୧୦୧ ଲିଟର ଚୋରା ଦେଶୀମଦ ଜବତ ସହ ୪ ଜଣଙ୍କୁ ଗିରଫ କରାଯାଇଛି।

ଲକ୍ଷ୍ମଣପୁର ଗ୍ରାମର ଚୈତନ୍ୟ ସାହୁଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୨୫ ଲିଟର, ବାଗଲପୁର ଗ୍ରାମର ରବି ସ୍ୱାଇଁଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୩୦ ଲିଟର, ଲଙ୍ଗଳେଶ୍ୱର ଗ୍ରାମର ଟୁକୁନା ଦଳେଇଙ୍କ ନିକଟରୁ ୧୯ ଲିଟର ଓ ଭେଜିପୁଟ ଛକର ଜଗନ୍ନାଥ ନାୟକଙ୍କ ନିକଟରୁ ୨୭ ଲିଟର ଦେଶୀ ମଦ ଜବତ ହୋଇଛି। ଅଞ୍ଚଳରେ ପ୍ରତିଦିନ ବେଧଡ଼କ ହଜାର ହଜାର ଲିଟର ଦେଶୀ ମଦର ବ୍ୟାପକ ଚୋରା ଚାଲାଣ ହେଉଥିବା ବେଳେ ସ୍ଥାନୀୟ ଅବକାରୀ ବିଭାଗ ହାତ ବାନ୍ଧି ବସିଛି। ସେପଟେ ପୁଲିସ ଚଢ଼ଉ କରି ବିପୁଳ ପରିମାଣର ମଦ ଜବତ କରୁଥିବା ବେଳେ ଅବକାରୀ ବିଭାଗ ଧର୍ମକୁ ଆଖିଠାର ଭଳି ନାମକୁ ମାତ୍ର ଚଢ଼ଉ କରି କେଉଁଠି ୨୫ ଲିଟର ତ ଆଉ କେଉଁଠି ୨୭ ଲିଟର ଦେଶୀ ମଦ ଜବତ କରୁଥିବା ଦେଖିବାକୁ ମିଳୁଛି। ଆଜି ରାଜ୍ୟ ଅବକାରୀ ଫ୍ଲାଇଂ ସ୍କ୍ୱାର୍ଡ, ଛତ୍ରପୁର ଅବକାରୀ ସଦର ରେଞ୍ଜ ଓ ଖଲ୍ଲିକୋଟ ଆଦର୍ଶ ଅବକାରୀ ଥାନାର ମିଳିତ ଚଢ଼ାଉରେ ୪ଟି ସ୍ଥାନରୁ ଜବତ ହୋଇଛି ମାତ୍ର ୧୦୧ ଲିଟର ଦେଶୀ ମଦ। ଏହା ଅବକାରୀ ବିଭାଗର ସଫଳତା ନା ବିଫଳତା ତାହାକୁ ନେଇ ସାଧାରଣରେ ଆଲୋଚନା ଜୋର ଧରିଛି। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ପାରା କୃଷି ସମ୍ପ୍ରସାରଣ କର୍ମୀଙ୍କ ତାଲିମ ଶିବିର

**ଭଞ୍ଜନଗର,୧୫ା୫(ସମିସ):** ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି ସମ୍ମିଳନୀ ଗୃହରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ବିଭାଗୀୟ ପାରା ସଂପ୍ରସାରଣ କର୍ମଚାରୀଙ୍କୁ ନେଇ ଏକ ସଚେତନତାମୂଳକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭଞ୍ଜନଗର କୃଷି ଜିଲ୍ଲା ଅଧିକାରୀ ବ୍ୟୋମକେଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭଞ୍ଜନଗର, ବେଲଗୁଣ୍ଠା, ବୁଗୁଡ଼ା ଓ ଜଗନ୍ନାଥପ୍ରସାଦ ବ୍ଲକର କୃଷି, ଉଦ୍ୟାନ କୃଷି ଓ ମୃତ୍ତିକା ସଂରକ୍ଷଣ ବିଭାଗର ୧୫୦ରୁ ଅଧିକ ପାରା ସଂପ୍ରସାରଣ କର୍ମଚାରୀଙ୍କୁ ଏଥିରେ ତାଲିମ ଦିଆଯାଇଥିଲା। କୃଷକ ସାଥି, ଗ୍ରାମ୍ୟ କୃଷି କର୍ମଚାରୀ, କୃଷି ଓଭରସିୟର, ଉଦ୍ୟାନ କୃଷି ଓ ମୃତ୍ତିକା ସଂରକ୍ଷଣ ବିଭାଗର ସଂପ୍ରସାରଣ ଅଧିକାରୀମାନେ ଉପସ୍ଥିତ ରହି ବିଭିନ୍ନ ଦିଗ ଉପରେ ତାଲିମ ନେଇଥିଲେ। ବିଶେଷକରି ସରକାରୀ ଯୋଜନାର ସୁଫଳ, ଫସଲର ରୋଗପୋକ ନିରାକରଣ, ରାସାୟନିକ ଓ ଜୈବିକ ସାରର ପ୍ରୟୋଗ, ମାଟିର ଉର୍ବରତା ବୃଦ୍ଧି ଭଳି ବିଭିନ୍ନ ବିଷୟ ଉପରେ ଉପସ୍ଥିତ ଅଧିକାରୀଙ୍କୁ ତାଲିମ ଦିଆଯାଇଥିଲା। ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ସତନୁ କୁମାର ଶତପଥି, ଆସ୍କା କୃଷି ଜିଲ୍ଲା ଅଧିକାରୀ ପ୍ରମୋଦ କୁମାର ମହାପାତ୍ର, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଇତିଶ୍ରୀ ପ୍ରିୟଦର୍ଶିନୀ, ଆତ୍ମା ଗଞ୍ଜାମ ଜିଲ୍ଲା ଡିପିଡି ବାସୁଦେବ ଶତପଥିଙ୍କ ସମେତ ଭଞ୍ଜନଗର, ବେଲଗୁଣ୍ଠା ଓ ଜଗନ୍ନାଥପ୍ରସାଦ ବ୍ଲକ କୃଷି ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସହକାରୀ କୃଷି ଅଧିକାରୀ ତଥା ଯୋଜନା ଅଧିକାରୀ ଇତିଶ୍ରୀ ପ୍ରଧାନ ସଂଯୋଜନା କରିଥିଲେ।

**• ଦୁର୍ଘଟଣାରେ ଦୁଇ ଭାଇଙ୍କ ମତ୍ୟୁ ଘଟଣା**

## ବୋଲେରୋ ଜବତ, ଡ୍ରାଇଭର ଅଟକ

**ବୁଗୁଡ଼ା,୧୫ା୫(ସମିସ):** ଗତ ମେ' ୧୧ ତାରିଖ ରାତିରେ ବୁଗୁଡା-ଷୋଳମଇଲି ରାସ୍ତାରେ ଘଟିଥିବା ମର୍ମନ୍ତୁଦ ଦୁର୍ଘଟଣାରେ କାନସୁକା ଗ୍ରାମର ପଞ୍ଚୁ ନାଇକଙ୍କ ପୁଅ ଓମ୍ ପ୍ରକାଶ ନାଇକ(୧୬) ଓ ସନ୍ତୋଷ ନାଇକଙ୍କ ପୁଅ ଶୁଭ ନାଇକ (୧୮)ର ପ୍ରାଣହାନୀ ଘଟିଥିଲା। ଏନେଇ ସନ୍ତୋଷ ନାଇକଙ୍କ ଅଭିଯୋଗ କ୍ରମେ ପୁଲିସ କେସ୍ ନଂ ୩୦୮/୨୫ରେ ଏକ ମାମଲା ରୁଜୁ କରିବା ସହ ଦୁର୍ଘଟଣାଗ୍ରସ୍ତ ବାଇକ (ନଂ-ଓଡି ୦୭କେ-୬୬୨୯)କୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଘଟଣାର ପାରିପାର୍ଶ୍ୱିକ ପରିସ୍ଥିତି ଓ ଆଖପାଖର ସିସିଟିଭି କ୍ୟାମେରାକୁ



ଅନୁଧ୍ୟାନ କରି ଦୁର୍ଘଟଣା ଘଟାଇଥିବା ବୋଲେରୋ (ନଂ-ଓଡି ୦୨ପି - ୭୬୩୧)କୁ ଜବତ କରିବା ସହ କୁଞ୍ଜବନ ଗ୍ରାମର ଡ୍ରାଇଭର ସନାତନ ସ୍ୱାଇଁକୁ ଅଟକ ରଖି ତଦନ୍ତ ଚଳାଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ।

## ନୃସିଂହ ଚତୁର୍ଦ୍ଦଶୀ ଯାତ୍ରା ଉଦ୍‌ଯାପିତ

**ଧରାକୋଟ,୧୫ା୫(ସମିସ):** ଧରାକୋଟ ବ୍ଲକ ଜଗମୋହନ ଗ୍ରାମର ଡ଼େରାସାହିର ପ୍ରସିଦ୍ଧ ନୃସିଂହ ଚତୁର୍ଦ୍ଦଶୀ ଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ଦୀର୍ଘ ଏକ ସପ୍ତାହ ପର୍ଯ୍ୟନ୍ତ ଏହି ଯାତ୍ରା ଡେରାସାହି ବାସିନ୍ଦାଙ୍କ ଦ୍ୱାରା ପାରମ୍ପରିକ ରୀତିରେ ପାଳନ ହୋଇଥିଲା। ଏଥିରେ କର୍ତ୍ତା ଭାବରେ ପଦ୍ମନାଭ ସାହୁ ଓ ରାନି ସାହୁ ଉପସ୍ଥିତ ରହିଥିବା ବେଳେ ଯାତ୍ରା ସଭାପତି ରାଜେନ୍ଦ୍ର



ସାହୁ, ଦିଲୀପ ସାହୁ, ଅର୍ଜୁନ ସାହୁ, ଭୂଷଣ ସାହୁ, ବିନୋଦ ସାହୁଙ୍କ ସମେତ ଡେରା ସାହି ବାସିନ୍ଦା ଏଥିରେ ସହଯୋଗ ପ୍ରଦାନ କରିଥିଲେ। ବିଭିନ୍ନ ଦିନରେ ରଜା ନାଟକ, ରାମାୟଣ, ଭାରତ ଲୀଳା, ରେକର୍ଡ ଡ୍ୟାନ୍ସ, ଭଜନ ସମାରୋହ, ନାମ ସଂକୀର୍ତ୍ତନ ପ୍ରଭୃତି ପରିବେଷଣ ହୋଇଥିଲା। ଶେଷରେ ଠାକୁର ମନ୍ଦିର ବିଜେ କରିଥିଲେ।

**ସାହାରା ନର୍ସିଂହୋମରେ ପ୍ରସୂତି ଓ ନବଜାତକଙ୍କ ମୃତ୍ୟୁ ଘଟଣା**

# ମାମଲା ରୁଜୁ କଲା ପୁଲିସ୍; ବଢ଼ିଲା କର୍ତ୍ତୃପକ୍ଷଙ୍କ ଅଡୁଆ

**ଦିଗପହଣ୍ଡି,୧୫ା୫(ସମିସ):** ଦିଗପହଣ୍ଡି ଥାନା ଡେଙ୍ଗାଓସ୍ତା ଗ୍ରାମ ମୁଖ୍ୟ ରାସ୍ତାକଡ଼ରେ ଥିବା ସାହାରା ନର୍ସିଂହୋମରେ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଯୋଗୁଁ ଜଣେ ପ୍ରସୂତି ଏବଂ ନବଜାତକଙ୍କ ମୃତ୍ୟୁ ଘଟଣାରେ ମହିଳାଙ୍କ ସ୍ୱାମୀ ବାବୁ ନାୟକ ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ଭାରପ୍ରାପ୍ତ ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ କୁମାର ପାତ୍ର ଏନେଇ ଏକ ମାମଲା (ନଂ-୧୭୪/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି। ମାମଲା ରୁଜୁ ପରେ ସମ୍ପୃକ୍ତ ନର୍ସିଂହୋମ୍ କର୍ତ୍ତୃପକ୍ଷଙ୍କ ଅଡୁଆ ବଢ଼ିବାରେ ଲାଗିଛି।



ସୂଚନା ପ୍ରକାରେ, ସାନଖେମୁଣ୍ଡି ବ୍ଲକ ସିଙ୍ଗପୁରର ମାଗୁଣି ନାୟକଙ୍କ ଝିଅ ରୋଜି ପାଟପୁର ଥାନା କରାଖଣ୍ଡି ଗ୍ରାମର ଉଦୟ ନାୟକଙ୍କ ପୁଅ ବାବୁ ନାୟକଙ୍କୁ ବିବାହ କରିଥିଲେ। ବାବୁ ଗୁଜୁରାଟ ବରୋଦା ସ୍ଥିତ ଏକ ଘରୋଇ କମ୍ପାନୀରେ କାମ କରନ୍ତି। ରୋଜି ଗର୍ଭବତୀ ହେବାପରେ ସିଙ୍ଗପୁର ଗ୍ରାମର ବାପଘରେ ରହୁଥିଲେ। ଗତ ରବିବାର ମଧ୍ୟାହ୍ନରେ ଯନ୍ତ୍ରଣା ହେବାରୁ ବାପଘର ଲୋକେ ତାଙ୍କୁ ଉକ୍ତ ନର୍ସିଂହୋମରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଆଲଟ୍ରାସାଉଣ୍ଡ କରାଯାଇଥିଲା। ଅପରାହ୍ନରେ ପ୍ରସବ ବେଦନା ଅଧିକ ହେବାରୁ ଉପସ୍ଥିତ ନର୍ସିଂହୋମ କର୍ମଚାରୀ ତାଙ୍କ ପ୍ରସବ କରାଇବାକୁ ରୋଜିଙ୍କ ପରିବାର ଲୋକଙ୍କୁ କହିଥିଲେ। ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ତାଙ୍କୁ ଅପରେସନ ଥିଏଟରକୁ ନିଆଯାଇଥିଲା। ସନ୍ଧ୍ୟା ପ୍ରାୟ ୬ଟାରେ ଜଣେ ମହିଳା ସ୍ୱାସ୍ଥ୍ୟ କର୍ମଚାରୀ ବାବୁଙ୍କ ଶାଶୁ ମମତା ନାୟକଙ୍କୁ ଡାକି ତାଙ୍କୁ ଏକ ମୃତ ଶିଶୁପୁତ୍ର ଦେଇଥିଲେ। ଏହାପରେ ରାତି ପ୍ରାୟ ୧୦ଟାରେ ରୋଜିଙ୍କର ମୃତ୍ୟୁ ଘଟିଥିଲେ ମଧ ନର୍ସିଂହୋମ କର୍ତ୍ତୃପକ୍ଷ ତାଙ୍କ ପରିବାର ଲୋକଙ୍କୁ ନଜଣାଇ ତାଙ୍କ ଅବସ୍ଥା ସଂକଟାପନ୍ନ ଥିବା ଦର୍ଶାଇ ୧୦୨ ଆମ୍ବୁଲାନ୍ସ ଡ଼କାଇ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେଇଥିଲେ। ସେଠାରୁ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଉପସ୍ଥିତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମା' ହିନା ନାୟକ ବୋହୂ ଏବଂ ଜନ୍ମିତ ପୁତ୍ର ସନ୍ତାନର ମୃତ୍ୟୁ ହୋଇଥିବା ନେଇ ପୁଅ ବାବୁଙ୍କୁ ଫୋନ କରି ଜଣାଇଥିଲେ। ରୋଜିଙ୍କ ମୃତଦେହ କରାଖଣ୍ଡି ଗ୍ରାମକୁ ନିଆଯାଇ ସୋମବାର ଗାଁ ଶ୍ମଶାନରେ ଶୋକାକୂଳ ପରିବେଶ ମଧ୍ୟରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା।

ଘଟଣାର ଦିନକ ପରେ ବାବୁ ଘରେ ପହଞ୍ଚିଥିଲେ। ନର୍ସିଂହୋମରେ କୌଣସି ଡ଼ାକ୍ତରଙ୍କ ଅନୁପସ୍ଥିତିରେ ଅନଭିଜ୍ଞ କର୍ମଚାରୀଙ୍କ ଦ୍ୱାରା ତାଙ୍କ ସ୍ତ୍ରୀଙ୍କ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର କରାଯାଇଥିବା କାରଣରୁ ମୃତ୍ୟୁ ଘଟିଥିବା ଜାଣିବାକୁ ପାଇଥିଲେ। ଘଟଣାରେ ସମ୍ପୃକ୍ତ ଥିବା ନର୍ସିଂହୋମ ମାଲିକ, ଅପରେସନ କରିଥିବା ନର୍ସିଂହୋମରେ ନିଯୁକ୍ତ ଘରୋଇ ଡାକ୍ତର, ମହିଳା ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ ପ୍ରମୁଖଙ୍କ ଅବହେଳାରୁ ତାଙ୍କ ସ୍ତ୍ରୀ ଓ ଛୁଆଙ୍କ ମୃତ୍ୟୁ ଘଟିଥିବା ସେ ତାଙ୍କ ଏତଲାରେ ଉଲ୍ଲେଖ କରିଛନ୍ତି। ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିମନ୍ତେ ସେ ପୁଲିସ ନିକଟରେ ନିବେଦନ କରିଛନ୍ତି।

ଭାରପ୍ରାପ୍ତ ଆଇଆଇସିଙ୍କୁ ପଚାରିବାରୁ ମକଦ୍ଦମା ରୁଜୁ କରାଯାଇ ତଦନ୍ତ ନିମନ୍ତେ ଏସଆଇ ଜ୍ୟୋତି ରଞ୍ଜନ ବେହେରାଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି। ଅପରପକ୍ଷରେ ଘଟଣା ଦିନଠାରୁ ଉକ୍ତ ନର୍ସିଂ ହୋମ ବନ୍ଦ ରହିଥିବା ଜଣାପଡିଛି। ନର୍ସିଂ ହୋମ ପରିଚାଳକ ମଙ୍ଗୁଲୁ ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ ଏଭଳି ଅଭିଯୋଗକୁ ସେ ଅସ୍ୱୀକାର କରିଛନ୍ତି। ଗର୍ଭବତୀ ରୋଜିଙ୍କୁ ପରିବାର ଲୋକେ ପୂର୍ବରୁ ନିୟମିତ ବ୍ୟବଧାନରେ ନର୍ସିଂହୋମକୁ ଆଣୁଥିଲେ। ଘଟଣା ଦିନ ତାଙ୍କ ଅଲଟ୍ରା ସାଉଣ୍ଡ କରାଯିବା ପରେ ପ୍ରସବ ବେଦନା ବଢିଥିଲା। ତାଙ୍କୁ କୌଣସି ସରକାରୀ ଡ଼ାକ୍ତରଖାନାକୁ ନେବାପାଇଁ ପରିବାର ଲୋକଙ୍କୁ ପରାମର୍ଶ ଦିଆଯାଇଥିଲା। କିନ୍ତୁ ସେମାନେ ନେଇନଥିଲେ। ପରେ ତାଙ୍କର ଏକ ମୃତ ଶିଶୁପୁତ୍ର ଜନ୍ମ ହୋଇଥିଲା। ତାଙ୍କ ଅବସ୍ଥାରେ ସୁଧାର ନଆସିବାରୁ ପରିବାର ଲୋକେ ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ବୋଲି କହିଛନ୍ତି।

ଅପରପକ୍ଷରେ ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟାଧିକାରୀ ଡ଼ା. ଭବାନୀ ଶଙ୍କର ମିଶ୍ରଙ୍କୁ ଯୋଗାଯୋଗ କରିବାରେ ଘଟଣାର ତଦନ୍ତ ନିମନ୍ତେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଡିପିଏମ ବୁଲୁନାଥ ସାହୁଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ କୁହାଯାଇଥିବା କହିଛନ୍ତି।

## ଯୁବକଙ୍କ ଆତ୍ମହତ୍ୟା

**ଛତ୍ରପୁର,୧୫ା୫(ସମିସ):** ଛତ୍ରପୁର ଥାନା ପାଲିଆ ଛତ୍ରପୁର ମଝି ସାହିରେ ଜଣେ ବ୍ୟକ୍ତିଙ୍କ ଘର କବାଟ ଭାଙ୍ଗି ମୃତଦେହ ଉଦ୍ଧାର କରିଛି ପୁଲିସ। ସେ ହେଲେ ଏସ୍. ରାଜା ସ୍ୱାମୀ (୩୦)। ସେ ଘରେ ଏକୁଟିଆ ରହୁଥିବା ବେଳେ ଦୁଇ ଦିନ ହେଲା ଘରର କବାଟ ବନ୍ଦ ରହିଥିଲା। ଗୁରୁବାର ସକାଳେ ଘର ଭିତରୁ ଦୁର୍ଗନ୍ଧ ବାହାରିବାରୁ ଗ୍ରାମବାସୀ ପୁଲିସକୁ ଖବର ଦେଇଥିଲେ। ପୁଲିସ ତାଲା ଭାଙ୍ଗି ଭିତରକୁ ଯାଇ ରାଜାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଥିଲା। ମୃତକ ଯୁବକର ମୁଣ୍ଡ ଦୋଷ ଥିବା ଜଣାପଡିଛି। ମୃତକଙ୍କ ବାପା ପୂର୍ବରୁ ମୃତ୍ୟୁବରଣ କରିଥିବା ବେଳେ ବଡଭାଇ ଓ ମା ବାହାର ରାଜ୍ୟରେ ରହୁଛନ୍ତି। ପୁଲିସ ଶବକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ପୂର୍ବତନ ସରପଞ୍ଚଙ୍କର ରସାୟନ ବିଜ୍ଞାନରେ ଡକ୍ଟରେଟ ଲାଭ



[illegible] **Physicochemical Studies of Ternary Mixtures of Extractants and Diluents** [illegible] IMMT [illegible]



## ହଜିଲା ମୋବାଇଲ୍‌ରେ ସାଇବର୍ ଠକେଇ

# ଆକାଉଣ୍ଟରୁ କୋଟିଏ ଖାଲି କରିଦେଲେ

- ପୂର୍ବରୁ ଅନ୍ୟ ଜଣଙ୍କ ଠାରୁ ଲୁଟିଥିଲେ ୫ ଲକ୍ଷ
- ଚୋର ଓ ସାଇବର୍ ଠକଙ୍କ ରହିଛି ଭିତିରି ବୁଝାମଣା
- ସିମ୍‌ରେ ଓଟିପି ମାଧ୍ୟମରେ ଲୁଟିଥିବା କହିଲେ ସାଇବର୍ ଏକ୍ସପର୍ଟ

ଭୁବନେଶ୍ୱର, ୧୫ ।୫(ସମିସ)

ମୋବାଇଲ୍ କିମ୍ବା ସିମ୍ ହଜିଯାଇଥିଲେ ତୁରନ୍ତ ଥାନାରେ ଜଣାଇବା ସହ ସିମ୍‌କୁ ବନ୍ଦ କରି ଦିଅନ୍ତୁ କିମ୍ବା ନହେଲେ ସେଥିରେ ଥିବା ଅନ୍‌ଲାଇନ୍ ଟ୍ରାଞ୍ଜାକ୍‌ସନ୍(ୟୁପିଆଇ ଆପ୍)କୁ ବନ୍ଦ କରି ଦିଅନ୍ତୁ । ଆପଣଙ୍କ ବ୍ୟାଙ୍କ୍ ଆକାଉଣ୍ଟରୁ ଖାଲି ହୋଇଯାଇପାରେ ଟଙ୍କା । ଏହିଭଳି ରାଜଧାନୀରେ ଦୁଇ ଜଣ ଲୋକ କୋଟିଏ ୫ ଲକ୍ଷ ସାଇବର୍ ଠକେଇର ଶିକାର ହୋଇଛନ୍ତି । ଏନେଇ ଥାନାକୁ ଜଣାଇଥିଲେ ମଧ୍ୟ ଟଙ୍କା ଆଣିବାରେ ବିଫଳ ହୋଇଛି ପୁଲିସ । ଏହିଭଳି ବିଶ୍ୱଜିତ ପାଣି ନାମକ ବ୍ୟକ୍ତି ଗୁରୁବାର କୋଟିଏ ଟଙ୍କାର ଠକାମିର ଶିକାର ହୋଇଛନ୍ତି । ସେ ଜଣେ ସଫ୍ଟୱେୟାର ଇଞ୍ଜିନିୟର ହୋଇଥିବା ବେଳେ ଏଭଳି ଠକାମିର ଶିକାରକୁ ନେଇ ସବୁଠି ଚର୍ଚ୍ଚା । ଏନେଇ ସାଇବର ଥାନା ପରେ କ୍ରାଇମ୍‌ବ୍ରାଞ୍ଚ ସାଇବର ସେଲରେ ଜଣାଇଛନ୍ତି । ପୁଲିସ ତାଙ୍କ ଅଭିଯୋଗ ଆଧାରରେ ତନାଘନା କରୁଛି ।

ଖବର ନେବାରୁ ଜଣାପଡ଼ିଛି ଯେ, ବିଶ୍ୱଜିତ୍ କୌଣସି କାମରେ ଭୁବନେଶ୍ୱର ଷ୍ଟେସନ ଯାଇଥିଲେ । ସେଠାରେ ସେ ବାହାରକୁ ଯିବା ପାଇଁ ଟ୍ରେନ୍ ଟିକଟ କାଟୁଥିଲେ । ଏହି ସମୟରେ ତାଙ୍କ ମୋବାଇଲ୍ ଚୋରି ହୋଇଯାଇଥିଲା । ସେ ଏନେଇ ଜିଆରପିରେ ଅଭିଯୋଗ କରିଥିଲେ । ଏହାପରେ ସେ ନିଜ ଘରକୁ ଫେରି ଆସିଥିଲେ । ଏହାର ଦୁଇଦିନ ପରେ ସେ ହଜି ଯାଇଥିବା ମୋବାଇଲ୍ ସିମ୍‌କୁ ବନ୍ଦକରି ନୂଆ ଏକ ସିମ୍ ଆଣିଥିଲେ । ଏହି ସିମ୍ ପକାଇବା ପରେ ତାଙ୍କ ନୂଆ ମୋବାଇଲ୍‌କୁ ଟଙ୍କା କଟିବା ନେଇ ଏକାଧିକ ମେସେଜ୍ ଆସିଥିଲା । ଏହି ସବୁ ମେସେଜ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ ବିଶ୍ୱଜିତ୍ । ସେ ସିମ୍ ବନ୍ଦ କରି ନୂଆ ସିମ୍ ଆଣିଥିବା ବେଳେ କିଭଳି ତାଙ୍କ ଆକାଉଣ୍ଟରୁ ଟଙ୍କା ଗଲା । ସେ ଏନେଇ ବ୍ୟାଙ୍କ୍‌କୁ ଯାଇ ବୁଝିବା ପରେ ଟଙ୍କା ଝାଡ଼ଖଣ୍ଡ ଏକ ବ୍ରାଞ୍ଚକୁ ଟ୍ରାଞ୍ଜାକ୍‌ସନ ହୋଇଛି । ସେ ଏଭଳି ଠକାମିର ଶିକାର ହୋଇଥିବା ଜାଣିବା ପରେ ସାଇବର ଥାନା ଏବେ ପରେ କ୍ରାଇମ୍‌ବ୍ରାଞ୍ଚରେ ଅଭିଯୋଗ କରିଥିଲେ । ସେହିପରି ଗୋପାଳ କୃଷ୍ଣ ପାତ୍ର ଟ୍ରେନ୍ ଟିକେଟ କରିବା ପାଇଁ ଗତ ୫ ତାରିଖରେ ଭୁବନେଶ୍ୱର ଷ୍ଟେସନ ଆସିଥିଲେ । ଏଠାରେ ଟିକେଟ କାଉଁଟକୁ ଯାଇ ଟିକେଟ୍ କାଟିବା ସମୟରେ ତାଙ୍କ ମୋବାଇଲ୍ ମଧ୍ୟ ଚୋରି ହୋଇଯାଇଥିଲା । ସେ ଏନେଇ ମଧ୍ୟ ଜିଆରପିରେ ଅଭିଯୋଗ କରିଥିଲେ । ଜିଆରପି ପୁଲିସ କେବଳ ଅଭିଯୋଗ ରଖି ବସି ପଡ଼ିଥିଲା । ସେ ଘରକୁ ଫେରି ଆସିବା ପରେ ଦୁଇଦିନ ପରେ ନୂଆ ସିମ୍ ଆଣିବାକୁ ଯାଇଥିଲେ । ସିମ୍ ଆଣିବା ପରେ ନିଜ ମୋବାଇଲ୍‌ରେ ପକାଇବା ପରେ ୫ଲକ୍ଷ ଟଙ୍କା ବିଭିନ୍ନ କିସ୍ତିରେ କଟିଯାଇଥିବା ଜାଣିବାକୁ ପାଇଥିଲେ । ସେ ମଧ୍ୟ ବିଶ୍ୱଜିତ୍‌ଙ୍କ ପରି ବ୍ୟାଙ୍କ୍‌କୁ ଯାଇ ବୁଝିବା ପରେ ଠକାମିର ଶିକାର ହୋଇଥିବା ଜାଣି ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ । ହଜୁଥିବା ଏକାଧିକ ମୋବାଇଲ ମାଧ୍ୟମରେ କିଭଳି ସାଇବର ଠକେଇ ହେଉଛି ତାହାକୁ ନେଇ ଆଶ୍ଚର୍ଯ୍ୟ ହୋଇଛନ୍ତି । ଅନ୍ୟପଟରେ ଏବେ ପୁଲିସ ତଦନ୍ତରୁ ଜଣାପଡ଼ିଛି ସାଇବର ଠକଙ୍କ ସହ କିଛି ଚୋରଙ୍କ ସମ୍ପର୍କ ରହିଛି । ଚୋର ଷ୍ଟେସନ ଏବଂ ମେଡିକାଲରୁ ମୋବାଇଲ୍ ଚୋରି କରି ସାଇବର ଠକଙ୍କୁ ଦେଉଛନ୍ତି । ଠକ ଏହାକୁ ନେଇ ସେଥିରେ ଥିବା ଫୋନ୍ ପେ, ଗୁଗଲ ପେ ଆଦି ମାଧ୍ୟମରେ ଟଙ୍କା ଲୁଟୁଛନ୍ତି । ଚୋରି ଠକେଇ ଟଙ୍କାର ୨୦ ପ୍ରତିଶତ ହେଉଥିବା ଜଣାପଡ଼ିଛି ।

ସାଇବର୍ ଏକ୍ସପର୍ଟ କହିଛନ୍ତି ଯେ, ଅନେକ ସମୟରେ ଲୋକ ଫୋନ୍‌ରେ ପାସ୍‌ୱାର୍ଡ ହେଉଛନ୍ତି, କିନ୍ତୁ ସେଥିରେ ଥିବା ଫୋନ୍ ପେ, ଗୁଗଲ ପେ'ରେ ଦେଉ ନାହାନ୍ତି । ଫଳରେ ସାଇବର ଠକ କୌଣସି ଉପାୟରେ ମୋବାଇଲ ଖୋଲିବା ପରେ ସହଜରେ ଫୋନ୍ ପେ' ଏବଂ ଗୁଗୁଲ ପେ'କୁ ଯାଇ ଟଙ୍କା ନେଇଯାଉଛନ୍ତି । ସେହିପରି ହଜିଥିବା ମୋବାଇଲ୍‌ରେ ସିମ୍ ପଡ଼ିଥିବାରୁ ସାଇବର ଠକ ଅନ୍ୟ ମୋବାଇଲ୍ ଫୋନ୍ ପେ' ଖୋଲି ହଜିଥିବା ମୋବାଇଲ୍‌ର ନମ୍ବର ଦେଉଛନ୍ତି । ଏହାପରେ ଓଟିପି ଉକ୍ତ ହଜିଥିବା ମୋବାଇଲ୍‌କୁ ଆସିବା ପରେ ସେମାନେ ସେଥିରେ ଦେଇ ସହଜରେ ଟଙ୍କା ଟ୍ରାଞ୍ଜାକ୍‌ସନ କରୁଛନ୍ତି । ତେଣୁ ମୋବାଇଲ୍ ହଜିଲେ ତୁରନ୍ତ ୟୁପିଆଇ ଆପ୍‌ଗୁଡ଼ିକୁ ବନ୍ଦ କରିବା ସହ ସଂଗେ ସଂଗେ ନୂଆ ସିମ୍ ଆଣନ୍ତୁ । ନହେଲେ ସାଇବର ଠକ ଆକାଉଣ୍ଟ ଚଳୁ କରି ଦେବେ ।



## ବର୍ମା ଅଜଗରର ଅଣ୍ଡା ଫୁଟୁନି



ନନ୍ଦନକାନନ, ୧୫।୫(ସମିସ): ନନ୍ଦନକାନନରେ ବର୍ମା ଅଜଗର ଅଣ୍ଡା ଦେଇଛି । ପ୍ରାୟ ୨୦ଟି ହେବ ଅଣ୍ଡା ଦେଇଥିବା ସୂଚନା ମିଳିଛି । ଏଠାରେ ୫ଟି ବର୍ମା ଅଜଗର ସାପ ଅଛନ୍ତି । ଗତ କିଛିବର୍ଷ ହେବ ଏହି ବର୍ମା ଅଜଗର ଅଣ୍ଡା ଦେଉଥିବା ବେଳେ କୌଣସି ବି ଅଣ୍ଡା ଆଜି ପର୍ଯ୍ୟନ୍ତ ଫୁଟିକି ଛୁଆ ହୋଇନାହିଁ । ଯାହା ନନ୍ଦନକାନନରେ ଏହି ବର୍ମା ଅଜଗରଙ୍କ ବଂଶ ବୃଦ୍ଧିରେ ଏକ ପ୍ରକାର ଅନିଶ୍ଚିତତା ସୃଷ୍ଟି କରିଛି । ଅଣ୍ଡା ଦେବାର କିଛି ଦିନ ବ୍ୟବଧାନରେ ଅଣ୍ଡା ଗୁଡିକ ପଚି ଯାଉଛି । ଫଳରେ ଅଣ୍ଡାରୁ ଛୁଆ ହେଉନଥିବା ନେଇ ଅଧିକାରୀଙ୍କ ଠାରୁ ଜାଣିବାକୁ ମିଳିଛି । ତେବେ ଅଣ୍ଡା ଗୁଡିକ ପଚି ଯିବାର ସଠିକ କାରଣ କଣ ଜଣା ପଡ଼ିନାହିଁ । ବିଭିନ୍ନ ସ୍ଥାନରୁ ଉଦ୍ଧାର ହୋଇ ଆସିଥିବା ବର୍ମା ଅଜଗର ନନ୍ଦନକାନନ ଖୁଆଡ଼ ୪୫ଜି ଖୁଆଡ଼ରେ ଏହି ରହୁଛନ୍ତି । ସେମାନଙ୍କ ମଧ୍ୟରେ ୨ଟି ମାଈ ୩ଟି ଅଣ୍ଡିରା ଅଛନ୍ତି । ବସନ୍ତ ଋତୁ ରେ ଏମାନେ ଅଣ୍ଡା ଦେଇଥାନ୍ତି । ଥର କେ ପ୍ରାୟ ୧୨ରୁ ୩୬ଟି ହେବ ଅଣ୍ଡା ଦେଇଥାନ୍ତି । ବର୍ମା, ଥାଇଲାଣ୍ଡ, ଚୀନ, ଭିଏତନାମା ଓ ଇଣ୍ଡୋନେସିଆ ଆଦି ଦେଶରେ ସାଧାରଣତଃ ଏମାନେ ଅଧିକାଂଶ ରହିଥାନ୍ତି । ଅଣ୍ଡିରା ଆକାର ଠାରୁ ମାଈର ଆକାର ବଡ ହୋଇଥାଏ । ମାଟିରେ ରହିବା ସହ ପାଣିରେ ଚଳପ୍ରଚଳ କରିଥାନ୍ତି । ଏମାନେ ମାଂସାସୀ ହୋଇଥିବା ବେଳେ ଛୋଟ ଛୋଟ ଜୀବଜନ୍ତୁଙ୍କୁ ଗିଳି ଖାଇ ଦିଅନ୍ତି ।

## ବେପରୁଆ ଗାଡ଼ି ଚାଳକ ଗିରଫ



ବାଲିଅନ୍ତା, ୧୫ ।୫(ସମିସ): ବାଲିଅନ୍ତା ଥାନା ପୁଲିସ ଆଜି ଜଣେ ବେପରୁଆ ଗାଡି ଚାଳକକୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲା କଟକ ଜିଲ୍ଲା ଗୋବିନ୍ଦପୁର ଥାନା ଅଧୀନ ଖେରାସ ଗ୍ରାମର ଶ୍ରୀଦ୍ଧର ମହାନ୍ତି (୩୮) । ଏନେଇ ମୃତ ଅଶୋକ ବଳଙ୍କ ସାନଭାଇ ବିନୋଦ ବଳ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ମୃତ ଅଶୋକ ବଳ ଅଭିଯୋଗକାରୀଙ୍କ ବଡ ଭାଇ । ଗତକାଲି ସନ୍ଧ୍ୟାରେ ବଡଭାଇ ଅଶୋକ ବଳ ଏବଂ ତାଙ୍କର ଜଣେ ସମ୍ପର୍କୀୟ ନରେଶ ସ୍ୱାଇଁ ଏକ ମୋଟରସାଇକେଲ ଯୋଗେ ସଅଁରା ଗ୍ରାମରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ବେଳେ, ଜିଡିକରସୁଆଁଳୋ ଗ୍ରାମ ନିକଟରେ ଡ୍ରାଇଭର ଶ୍ରୀଦ୍ଧର ଆମ ବସକୁ ଅତି ଦ୍ରୁତ ବେଗରେ ତଥା ବିପଦଜନକ ଭାବେ ଚାଳନା କରିଆଣି ଉଭୟଙ୍କୁ ସମ୍ମୁଖ ପାର୍ଶ୍ୱରୁ ଖୁବ ଜୋରରେ ଧକ୍କା ଦେଇଥିଲେ । ଏହି ଦୁର୍ଘଟଣାରେ ଅଭିଯୋଗକାରୀଙ୍କ ବଡ ଭାଇ ଅଶୋକ ବଳ ଏବଂ ସମ୍ପର୍କୀୟ ନରେଶ ସ୍ୱାଇଁ ରାସ୍ତା ଉପରେ ଛିଟିକି ପଡ଼ିଥିଲେ । ଅଶୋକଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ହୋଇଥିବା ବେଳେ ନରେଶ ମଧ୍ୟ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକମାନେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଘଟଣା ସ୍ଥଳରୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ । ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ଅଶୋକ ବଳଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ, ଉତ୍ତମ ଚିକିତ୍ସା ଲାଗି ନରେଶଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ପରେ ଏନେଇ ଅଭିଯୋଗକାରୀ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୁଲିସ ମାମଲାର ତଦନ୍ତ କରିବା ସହ ଅଭିଯୁକ୍ତ ଡ୍ରାଇଭରଙ୍କୁ ଗିରଫ କରିଥିଲେ । ପଚରା ଉଚରା ବେଳେ ସେ ତାଙ୍କର ଅପରାଧ ସ୍ୱୀକାର କରିଥିଲେ । ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଚାଲୁ ରହିଛି ।

## ବେକରେ ରଶି ଲଗାଇ ବୃଦ୍ଧଙ୍କ ଆତ୍ମହତ୍ୟା

ଝାଁଳା, ୧୫ ।୫(ସମିସ): ଚନ୍ଦକା ଥାନା ଅଙ୍ଗାରପଡ଼ା ପଞ୍ଚାୟତ ପାଣିଓରା ଗ୍ରାମରେ ଏକ ଗଛରେ ରଶି ଲଗାଇ ଜଣେ ବୃଦ୍ଧ ବ୍ୟକ୍ତି ଆତ୍ମହତ୍ୟା କରିଛନ୍ତି । ବୃଦ୍ଧ ବ୍ୟକ୍ତି ଜଣକ ହେଲେ ପ୍ରଫୁଲ୍ଲ ପରିଡ଼ା (୬୨) । ପାରିବାରିକ କଳହରୁ ଏଭଳି ଘଟଣା ଘଟିଥିବା ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ମିଳିଥିବା ସୂଚନା ଅନୁସାରେ ପ୍ରଫୁଲ୍ଲ ପରିବାର ସହ ପାଣିଓରା ଗ୍ରାମରେ ରୁହନ୍ତି । ଗତ ଦୁଇ ତିନି ଦିନ ପୂର୍ବରୁ ତାଙ୍କ ପରିବାର ମଧ୍ୟରେ କଳହ ହୋଇଥିଲା । ପାରିବାରିକ କଳହରୁ ପ୍ରଫୁଲ୍ଲ ମାନସିକ ଚାପରେ ଥିଲେ । ବୁଧବାର ମଧ୍ୟାହ୍ନରେ ପ୍ରଫୁଲ୍ଲ ଘରୁ ବାହାରି ଆସିଥିଲେ । ଗାଁ ନିକଟରେ ଥିବା ଜଙ୍ଗଲିଆ ସ୍ଥାନରେ ଏକ ଗଛରେ ବେକରେ ରଶି ଲଗାଇ ଝୁଲି ପଡ଼ିଥିଲେ । ସନ୍ଧ୍ୟା ସୁଧା ପ୍ରଫୁଲ୍ଲ ଘରୁକୁ ନଫେରିବାରୁ ପରିବାର ଲୋକ ଖୋଜାଖୋଜି କରିବା ଆରମ୍ଭ କରିଥିଲେ । ଗ୍ରାମର କିଛି ଲୋକ ସନ୍ଧ୍ୟାରେ ଉକ୍ତ ଜଙ୍ଗଲିଆ ସ୍ଥାନକୁ ଯାଇଥିବା ବେଳେ ଗଛରେ ଜଣେ ବ୍ୟକ୍ତି ଝୁଲୁଥିବା ଦେଖିଥିଲେ । ତେଣୁ ଏନେଇ ଗାଁ ଲୋକଙ୍କୁ ଖବର ଦେଇଥିଲେ । ଖବର ପାଇ ପ୍ରଫୁଲ୍ଲଙ୍କ ପରିବାର ଲୋକ ଘଟଣା ସ୍ଥଳକୁ ଯାଇ ଦେଖିବା ବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା । ତେଣୁ ଚନ୍ଦକା ଥାନା ପୁଲିସଙ୍କୁ ଖବର ଦେଇଥିଲେ । ଗତକାଲି ରାତି ପ୍ରାୟ ୧୧ ଟା ବେଳେ ଚନ୍ଦକା ଥାନା ପୁଲିସ ଘଟଣା ସ୍ଥଳରେ ପହଁଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ଡାକ୍ତରଖାନା ପଠାଇଥିଲେ । ଆଜି ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି ପୁଲିସ ।ଶବ ବ୍ୟବଚ୍ଛେଦ ବିବରଣୀ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଚନ୍ଦକା ଥାନା ଅଧିକାରୀ କହିଛନ୍ତି ।

## ସାପ କାମୁଡ଼ାରେ ବୃଦ୍ଧ ଗୁରୁତର

ଝାଁଳା, ୧୫।୫(ସମିସ): ଗତକାଲି ସନ୍ଧ୍ୟାରେ ଚନ୍ଦକା ଥାନା ଅନ୍ତର୍ଗତ ପଳାଶପୁରୁ ଗ୍ରାମରେ ଜଣେ ବ୍ୟକ୍ତିଙ୍କୁ ସାପ ଦଂଶନରେ ଗୁରୁତର ହୋଇଛନ୍ତି । ସାପ କାମୁଡ଼ାରେ ଗୁରୁତର ହୋଇଥିବା ବ୍ୟକ୍ତି ଜଣକ ହେଲେ ଗଙ୍ଗାଧର ବାରିକ (୭୦) ।ମିଳିଥିବା ସୂଚନା ଅନୁସାରେ ଗତକାଲି ସନ୍ଧ୍ୟାରେ ଗଙ୍ଗାଧର କୁଟା ଆଣିବା ପାଇଁ ଯାଇଥିଲେ ।କୁଟା ଭିଡିବା ବେଳେ ଗଦାରେ ଥିବା ଏକ ବିଷଧର ସାପ ତାଙ୍କୁ ଚୋଟ ମାରିଥିଲା ।ଫଳରେ ଗଙ୍ଗାଧର କୁଟା ଗଦା ମୂଳରେ ପଡ଼ି ଯାଇଥିଲେ । ତୁରନ୍ତ ତାଙ୍କ ପୁଅ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସ ଡାକ୍ତରଖାନାକୁ ନେଇଥିଲେ । ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି ।

## ୪ ମୋବାଇଲ୍ ଜବତ; ସହକର୍ମୀ ଗିରଫ



ଭୁବନେଶ୍ୱର, ୧୫।୫ (ସମିସ): ମୋବାଇଲ ଚୋରି କରିଥିବା ଅଭିଯୋଗରେ ସହକର୍ମୀକୁ ଗିରଫ କରିଛି ଚନ୍ଦ୍ରଶେଖରପୁର ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଉଛି ଢେଙ୍କାନାଳ ଭୁବନର ଅନୀଲ କୁମାର ରଣା ଓରଫ୍ ମିଳନ (୨୪) । ପୁଲିସ ସୂଚନା ଅନୁସାରେ, କୁନା ପାଲ୍ ଓ ତାଙ୍କର ଦୁଇ ସହକର୍ମୀ ଟ୍ରାଇଡେଣ୍ଟ କଲେଜରେ ଶ୍ରମିକ ଭାବେ କାମ କରିବା ସହିତ ସମସ୍ତେ ସେଠାରେ ଥିବା ଲେବର ରୁମରେ ରୁହନ୍ତି । ଗତ ୧୫ ଦିନ ତଳେ ମିଳନ ସେଠାକୁ ଆସି ସେମାନଙ୍କ ସହିତ କାମ କରିବା ସହିତ ଏକାଠି ରହିଥିଲା । ଗତ କାଲି ସକାଳେ କୁନା ଓ ତାଙ୍କର ଅନ୍ୟ ଦୁଇ ସହକର୍ମୀ କାମ କରିବା ଲାଗି ଯାଇଥିବା ବେଳେ ମିଳନ ରୁମରେ ଏକାକୀ ଥିଲେ । ଏହାର ସୁଯୋଗ ନେଇ ମିଳନ ୪ଟି ମୋବାଇଲ ଫୋନ ଚୋରି କରି ଫେରାର ହୋଇଯାଇଥିଲେ । କାମରୁ ଫେରିବା ପରେ ମିଳନ ନଥିବା ବେଳେ ନିଜନିଜ ଫୋନ ମଧ୍ୟ ପାଇନଥିଲେ । ଏନେଇ ସେ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା । ଆଜି ପଟିଆ ରେଲୱେ ଷ୍ଟେସନରୁ ମିଳନକୁ କାବୁ କରିବା ସହିତ ୪ଟି ମୋବାଇଲ ଫୋନ ଜବତ କରିଥିଲା ।

## କ୍ରୁଟ୍ ମୁଖ୍ୟ କାର୍ଯ୍ୟାଳୟରେ ମନ୍ତ୍ରୀଙ୍କ ସମୀକ୍ଷା

ଭୁବନେଶ୍ୱର, ୧୫।୫(ସମିସ): ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣ ଚନ୍ଦ୍ର ମହାପାତ୍ର କ୍ରୁଟ୍ ମୁଖ୍ୟ କାର୍ଯ୍ୟାଳୟ ପରିଦର୍ଶନ କରି ଏହାର କାର୍ଯ୍ୟକ୍ଷେତ୍ର, ଆଗାମୀଦିନରେ ଆରମ୍ଭ ହେବାକୁ ଯାଉଥିବା ନୂତନ ସେବା ଓ ଯୋଜନାଗୁଡ଼ିକର ସମୀକ୍ଷା କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ କେନ୍ଦୁଝର, ବାରିପଦା, ଅନୁଗୁଳ ଏବଂ ଝାରସୁଗୁଡାରେ ଆମ ବସ୍ ସେବା ପରିଚାଳନା ପାଇଁ ସମ୍ପ୍ରସାରଣ ଯୋଜନା ବିଷୟରେ ବିସ୍ତୃତ ବିବରଣୀ ମଧ୍ୟ ପ୍ରଦାନ କରିଥିଲେ । ଗସ୍ତ ସମୟରେ, ଡା ମହାପାତ୍ର କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର ପରିଦର୍ଶନ କରିଥିଲେ । ଯେଉଁଠାରେ ସେ ଓଡ଼ିଶା ଯାତ୍ରୀ ଏବଂ କ୍ରୁଟ୍ ପାଇଁ ରିଅଲ୍-ଟାଇମ୍ ବସ୍ ଟ୍ରାକିଂ, ଯାତ୍ରୀ ଅଭିଯୋଗ ସମାଧାନ ବ୍ୟବସ୍ଥା ପର୍ଯ୍ୟବେକ୍ଷଣ କରିଥିଲେ । ବର୍ତ୍ତମାନ, କ୍ରୁଟ୍ କଟକ, ପୁରୀ, ଭୁବନେଶ୍ୱର, ରାଉରକେଲା, ବ୍ରହ୍ମପୁର ଏବଂ ସମ୍ବଲପୁରରେ ୧୦୬ଟି ରୁଟରେ ୫୬୦ଟି ଆମ ବସ୍ (୩୮୦ଟି ଡିଜେଲ୍ ଏବଂ ୧୮୦ଟି ଇଲେକ୍ଟ୍ରିକ୍ ବସ୍) ପରିଚାଳନା କରୁଛି । ଏହି ସମୀକ୍ଷା ବୈଠକରେ କ୍ରୁଟ୍ ମହାପ୍ରବନ୍ଧକ (ଓଆଣ୍ଡଏମ୍) ସଞ୍ଜୟ ବିଶ୍ୱାଳ ଏବଂ ମହା ପ୍ରବନ୍ଧକ (ପିଆଣ୍ଡଏ) ସହଦେବ ସମଧିଆଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

## କମ୍ପାନୀରୁ ଠକେଇ; ଯୁବକ ଗିରଫ



ହଂସପାଳ, ୧୫।୫(ସମିସ) ଠକେଇ ଅଭିଯୋଗରେ ପାହାଳ ଥାନା ପୋଲିସ ନୟାଗଡ଼ ଜିଲ୍ଲା ଓଡୋଗାଁ ଥାନା ସୁରତ ତ୍ରିପାଠୀ(୪୦) କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନା ଅନୁସାରେ ୨୦୨୩ ମସିହାରେ ଆଦିତ୍ୟ ଫୁଡ୍ ଆଣ୍ଡ ମିଡିଆ କମ୍ପାନୀ ସ୍ୱାଗତିକା ମୁଣ୍ଡ ଙ୍କୁ ବ୍ୟକ୍ତିଗତ ସହାୟକ ପଦବୀରେ ନିଯୁକ୍ତ କରିଥିଲେ । ପରେ ତାଙ୍କ ସ୍ୱାମୀ ସୁରତ ଆସି କମ୍ପାନୀ ସହିତ ସମ୍ପର୍କ ଯୋଡ଼ିଥିଲା । ଅମୂଲ୍ୟ କୁମାର ସତପଥୀ ତାଙ୍କ କର୍ମଚାରୀମାନଙ୍କ ସହିତ ଯାଜପୁର, ଭଦ୍ରକ ଏବଂ ବାଲେଶ୍ୱର ଅଞ୍ଚଳରେ ନିଜ କମ୍ପାନୀ ପାଇଁ ଜମି ଅଧିଗ୍ରହଣରେ ବ୍ୟସ୍ତ ଥିଲେ । କିଛିଦିନ ପରେ ଅମୂଲ୍ୟ ପିତ୍ତକୋଷ ଏବଂ ଯକୃତ ସଂକ୍ରମଣ ଯୋଗୁଁ ଶାରୀରିକ ଭାବରେ ଅସୁସ୍ଥ ଥିଲେ ଯାହା ପାଇଁ ସେ ଅଧିକାଂଶ ସମୟରେ କାର୍ଯ୍ୟାଳୟ କୁ ଆସି ନପାରିବାରୁ କାର୍ଯ୍ୟରେ ବାଧାସୃଷ୍ଟି ହେଉଥିଲା । ସେଥିପାଇଁ ଅମୂଲ୍ୟ ନିଜର ସହାୟିକା ସ୍ୱାଗତିକାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ ଏବଂ ଇଏସଆଇସି, ଇପିଏଫ୍ ସମସ୍ତ ବୀମା, ପ୍ରମୁଖ କ୍ରୟ ସାମଗ୍ରୀ, ସମସ୍ତ କର୍ମଚାରୀ ବିବରଣୀର ଡାଟା ଏଣ୍ଟ୍ରି ଏବଂ କୃଷକ ବିବରଣୀ କରିବା ପାଇଁ ସୁରତ ଏବଂ ସରଳ ତ୍ରିପାଠିଙ୍କ ସଙ୍ଗେ ଚୁକ୍ତି କରିଥିଲେ । କିନ୍ତୁ କୌଣସି ଆଲୋଚନା ବିନା ଏପରି ସୁବିଧା ନେଇ ଇଏସଆଇସି, ଇପିଏଫ୍ ସହିତ ୨୦ ଲକ୍ଷ ଟଙ୍କା, ତାଙ୍କ ଚାକରାଣୀଙ୍କ ସ୍ୱାମୀଙ୍କ ପାଇଁ ୧୦ ଲକ୍ଷ ଟଙ୍କା ଏବଂ ତାଙ୍କ ବେକରି ଫାର୍ମର କର୍ମଚାରୀ ଭାରତ ଜଗଦଲା, ସୁରତ ତ୍ରିପାଠି, ଖୁସିରାମ ମେହେର, ସୁମନ୍ତ ବଳବନ୍ତରାୟଙ୍କ ପାଇଁ ୧୦ ଲକ୍ଷ ଟଙ୍କା ବୀମାଭୁକ୍ତ କରି କମ୍ପାନୀରୁ ପ୍ରିମିୟମ୍ ରାଶି ନେଇ ଯାଇଛନ୍ତି । ଯେତେବେଳେ କମ୍ପାନୀ ସୁରତଙ୍କୁ ଏହି ଠକେଇ ବିଷୟରେ ପଚାରିଲା, ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରିନଥିଲେ । । ସ୍ୱାଗତିକା ସମସ୍ତ ହିସାବ ରଖୁଥିବାରୁ ତାଙ୍କ ସ୍ୱାମୀ ସୁରତ ବେଆଇନ କାର୍ଯ୍ୟ ରେ ଲିପ୍ତ ରହୁଥିଲେ ।ଠକେଇ ବିଷୟରେ କମ୍ପାନୀ ଜାଣିବାରୁ ସୁରତ କୁ ଆକାଉଣ୍ଟ ବିବରଣୀ ମାଗିଥିଲେ କିନ୍ତୁ ସେ ତାହା ନଦେଇ ସମସ୍ତ ତଥ୍ୟ ଡିଲିଟ୍ କରିଦେବା ସହ ଅଫିସ କୁ ଆସିନଥିଲେ । ପରେ ସ୍ୱାଗତିକା ମୋବାଇଲ୍ ଫୋନ୍ ଏବଂ ଲାପଟପ୍ ଫେରାଇ ଦେଇଥିଲେ କିନ୍ତୁ ତାଙ୍କ ସ୍ୱାମୀ ଲାପଟପ୍, ହାର୍ଡ ଡିସ୍କ ଫେରାଇ ନଥିଲେ । ଏହିପରି ସ୍ୱାଗତିକା, ସୁରତ ଏବଂ ସିମ୍ପଲ୍ ଜାଣିଶୁଣି ମିଶିକରି କମ୍ପାନୀକୁ ଠକି ଥିବାରୁ କମ୍ପାନୀ ପାହାଳ ଥାନା ରେ ଲିଖିତ ଅଭିଯୋଗ କରିଥିଲେ । ଥାନା ଅଧିକାରୀ ଅଶ୍ୱିନୀ ଜେନା ଘଟଣା ର ତଦନ୍ତ କରି ସୁରତ କୁ ଗିରଫ କରିଥିଲେ ।



## ସାଲିଆ ସାହିରେ ଦେଶୀ ମଦଭାଟି

**ମହିଳା ଗିରଫ; ସରଞ୍ଜାମ ଜବତ**

ଭୁବନେଶ୍ୱର, ୧୫।୫ (ସମିସ): ପୁଣି ସାଲିଆ ସାହିରୁ ଦେଶୀ ମଦ ଭାଟି ଠାବ କରିଛି ମୈତ୍ରୀ ବିହାର ଥାନା ପୁଲିସ । ବେଆଇନ ଭାବେ ମଦ ପ୍ରସ୍ତୁତ କରି ବିକ୍ରି କରୁଥିବା ଅଭିଯୋଗରେ ଜଣେ ମହିଳାଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତା ହେଲେ ସାଲିଆ ସାହି ସ୍ୱାଧୀନ ନଗରର ରଙ୍କିଣୀ ସୋରେନ୍ (୨୫) ।

ପୁଲିସ ସୂଚନା ଅନୁସାରେ, ମୈତ୍ରୀ ବିହାର ଥାନା ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ସାଲିଆ ସାହିରେ ମଦ ତିଆରି ହେଉଥିବା ଖବର ପାଇଥିଲା । ପୁଲିସ ଟିମ୍ ସ୍ୱାଧୀନ ନଗର ସ୍ଥିତ ରଙ୍କିଣୀଙ୍କ ଘରେ ଚଢ଼ଉ କରିଥିଲା । ସେଠାରୁ ବେଆଇନ ଦେଶୀ ମଦ ପ୍ରସ୍ତୁତ କରି ବିକ୍ରି କରୁଥିବା ରଙ୍କିଣୀକୁ ଗିରଫ କରିଥିଲା । ଯାଞ୍ଚ ସମୟରେ ତାଙ୍କ ହେପାଜତରୁ ୧୧ଟି ପ୍ଲାଷ୍ଟିକ୍ ବାଲ୍ଟିରେ ଥିବା ୨୨୦ ଲିଟର ଦେଶୀ ମଦ, ରସ ଡେକଚି, ୨ଟି ଏଲପିଜି ଷ୍ଟୋଭ୍ ଓ ଗ୍ୟାସ ସିଲିଣ୍ଡର ଜବତ କରିଥିଲା । ଏନେଇ ମୈତ୍ରୀ ବିହାର ଥାନା ପୁଲିସ ଏକ ମାମଲା ରୁଜୁ କରି ମହିଳାଙ୍କୁ କୋର୍ଟ ଚାଲାଣ କରିଛି ।

**ଛାତରୁ ପଡ଼ି ଯୁବତୀଙ୍କ ମୃତ୍ୟୁ ଘଟଣା**

## ଓୟୋରେ ସାଇଣ୍ଟିଫିକ୍ ଟିମ୍; ପୁରୁଷ ବନ୍ଧୁଙ୍କୁ ପଚରାଉଚରା

- ହତ୍ୟା ମାମଲା ରୁଜୁ କଲା ପୁଲିସ
- ସତ କହିବ ହ୍ୱାଟ୍ସଆପ ଚାଟ୍

ଭୁବନେଶ୍ୱର, ୧୫।୫ (ସମିସ)

ଓୟୋ ହୋଟେଲ ଛାତରୁ ପଡ଼ି ଯୁବତୀଙ୍କ ମୃତ୍ୟୁ ଘଟଣା ନୂଆ ମୋଡ଼ ନେଇଛି । ଯୁବତୀଙ୍କୁ ହତ୍ୟା କରାଯାଇଥିବା ନେଇ ମାଆ ପ୍ରମିଳା ମହାପାତ୍ର ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ଖଣ୍ଡଗିରି ଥାନା ପୁଲିସ ହତ୍ୟା ମାମଲା ରୁଜୁ କରିବା ସହିତ ପୁରୁଷ ବନ୍ଧୁ ବିଭୂତି ଭୂଷଣ ପ୍ରତିହାରୀକୁ ଅଟକ ରଖି ପଚରାଉଚୁରା ଚଳାଇଛି ।

ରଣପୁରର ବିଭୂତି ଭୂଷଣ ପ୍ରତିହାରୀ ପରିବାର ସହିତ ପୋଖରୀପୁଟ ଅନନ୍ତ ବିହାରରେ ରୁହନ୍ତି । କିଛି ମାସ ହେବ ନୟାଗଡ଼ ସଦର ଥାନା ଅଞ୍ଚଳର ସୋନାଲି ମହାପାତ୍ରଙ୍କ ସହିତ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । ଉଭୟ ପ୍ରାୟ ୨ ମାସ ହେବ ପଞ୍ଚସଖା ନଗର ସ୍ଥିତ ଓୟୋ ହୋଟେଲ ଦାସ୍ ଇନ୍ ରେ ରହି ଆସୁଥିଲେ । ଗତକାଲି ରାତି ପ୍ରାୟ ୧ଟା ସମୟରେ ଉଭୟ ଓୟୋ ହୋଟେଲ ଛାତ ଉପରେ କଥାବାର୍ତ୍ତା ହେଉଥିଲେ । ଏହାରି ଭିତରେ ଯୁବତୀ ଜଣକ ହଠାତ୍ ଛାତ ଉପରୁ ତଳକୁ ଖସି ପଡ଼ିଥିଲେ । ଖବରପାଇ ଖଣ୍ଡଗିରି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯୁବତୀଙ୍କୁ ଏମ୍ସ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ ।

ଗୁରୁବାର ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି ଖଣ୍ଡଗିରି ଥାନା ପୁଲିସ । ପାରିପାର୍ଶ୍ୱିକ ସ୍ଥିତି ଦେଖିବା ସହିତ କିଭଳି ପରିସ୍ଥିତିରେ ସୋନାଲି ତଳକ ଖସିଲେ ସେନେଇ ଖୋଳତାଡ଼ କରିଛି । ଡ୍ରେନ ଠାରୁ ଛାତର ଉଚ୍ଚତା, ଛାତ ଉପରେ ଗାର୍ଡ ୱାଲର ଉଚ୍ଚତା ଆଦି ମାପଚୁପ କରିଛି ।



ଗତକାଲି ସନ୍ଧ୍ୟାରେ ଉଭୟ ରୁମ୍ ଭିତରେ ଝଗଡ଼ା ହେଉଥିବାର ହୋଟେଲ କର୍ମଚାରୀ ଦେଖିଥିଲେ । ତାଗିଦ୍ କରିବାରୁ ଉଭୟ ଛାତ ଉପରକୁ ପଳାଇଥିଲେ । ଏହାର କିଛି ସମୟ ପରେ ସୋନାଲି ହଠାତ୍ ଛାତ ଉପରୁ ରାସ୍ତା କଡ଼ ଡ୍ରେନରେ ପଡ଼ିଥିଲେ । ସୁରକ୍ଷାକର୍ମୀ ଦେଖିବା ପରେ ଅଘଟଣ ବାବଦରେ ଜଣାପଡ଼ିଥିଲା । ତେବେ ସେ ଅସାବଧାନତା ବଶତଃ ପଡ଼ିଗଲେ ନାଁ ପୁରୁଷ ବନ୍ଧୁ ବିଭୂତି ତାଙ୍କୁ ଠେଲି ଦେଇଛନ୍ତି ତା'କୁ ନେଇ ପ୍ରଶ୍ନ ଉଠିଛି । ସୋନାଲି ଆତ୍ମହତ୍ୟା କରିଛନ୍ତି ନାଁ ହତ୍ୟା କରାଯାଇଛି, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିବା ବେଳେ ହତ୍ୟା ମାମଲା ରୁଜୁ କରିଛି ଖଣ୍ଡଗିରି ଥାନା ପୁଲିସ । ପୁରୁଷ ବନ୍ଧୁ ବିଭୂତିକୁ ଥାନାକୁ ଉଠାଇ ଆଣି ପଚରାଉଚରା କରୁଛି ।

ସେପଟେ ହୋଟେଲକୁ ଯାଇ ଖୋଳତାଡ଼ କରିଛି ଖଣ୍ଡଗିରି ଥାନା ପୁଲିସ । ମୃତ୍ୟୁ ପୂର୍ବରୁ ସୋନାଲି ଓ ବିଭୂତିର ହାବଭାବ ବିଷୟରେ ପଚରାଉଚରା କରିଛି । ହୋଟେଲ କର୍ମଚାରୀଙ୍କ ସମେତ ପଡ଼?ଶୀ ଘରେ ରହୁଥିବା ଅନ୍ୟ ଭଡ଼ାଟିଆଙ୍କୁ ପଚରାଉଚରା କରିବା ସହିତ ସେମାନଙ୍କ ବୟାନ ରେକର୍ଡ କରିଛି । ଏଥିସହିତ ହୋଟେଲରେ ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜ ଯାଞ୍ଚ କରିଛି ପୁଲିସ । ଛାତ ଉପରେ ସିସିଟିଭି ଲାଗି ନଥିବାରୁ ପ୍ରକୃତ ଘଟଣା ପଦାକୁ ଆସି ପାରିନାହିଁ ।

ବିଭୁତି ଓ ସୋନାଲିଙ୍କ ମୋବାଇଲ ଫୋନ୍ ଜବତ କରିଛି ପୁଲିସ । ସେଗୁଡ଼ିକୁ ଯାଞ୍ଚ ପାଇଁ ରସୁଲଗଡ଼ ସ୍ଥିତ ରାଜ୍ୟ ଅପରାଧ ବିଧି ବିଜ୍ଞାନାଗାର (ଏସ୍‌ଏଫ୍‌ଏସ୍‌ଏଲ୍) କୁ ପଠାଯିବ ବୋଲି ପୁଲିସ କହିଛି । ନିକଟର ଫଟୋ, ଭିଡିଓ ଯାଞ୍ଚ କରାଯିବ । ଓ ଉଭୟଙ୍କ ମଧ୍ୟରେ ହୋଇଥିବା ହ୍ୱାଟ୍ସଆପ ଚାଟ୍ ଖୋଳତାଡ଼ କରିବା ପରେ ଘଟଣା ପୁରା ଘଟଣା ପଦାକୁ ଆସିବ ବୋଲି ପୁଲିସ ଆଶା ବାନ୍ଧିଛି ।



# ଶୀତଳ ଷଷ୍ଠୀ ଯାତ୍ରା ପାଇଁ ସମୀକ୍ଷା

- ବରପାଲି ଯାତ୍ରାକୁ ଆସିବେ ମୁଖ୍ୟମନ୍ତ୍ରୀ
- ଶ୍ରଦ୍ଧାଳୁଙ୍କ ପାଇଁ ଡ୍ରୋନରୁ ହେବ ପାଣି ସିଞ୍ଚନ



**ବରଗଡ଼, ୧୫।୫(ସମିସ):** ଶୀତଳଷଷ୍ଠୀ ମହୋତ୍ସବକୁ ଆଉ ଅଳ୍ପଦିନ ବାକିଥିବା ବେଳେ ପ୍ରଶାସନ ତଥା ଜନପ୍ରତିନିଧିଙ୍କ ଉତ୍ସାହ ଯୋଗୁଁ ନିୟମିତ ଭାବେ ସମୀକ୍ଷା ବୈଠକ ଅନୁଷ୍ଠିତ ହେଉଛି। ଏବର୍ଷ ବରଗଡ଼ ଜିଲ୍ଲା ବରପାଲି ଶୀତଳଷଷ୍ଠୀ ମହୋତ୍ସବ ୧୪୮ ବର୍ଷରେ ପଦାର୍ପଣ କରୁଛି। ବିଧାୟକ ସନତ ଗଡ଼ତିଆ, ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ମହୋତ୍ସବ କମିଟିର ଯୋଗାଯୋଗରେ ରହି କାର୍ଯ୍ୟ ଗୁଡ଼ିକର ତର୍ଜମା କରୁଛନ୍ତି। ଅନେକ ବିଶିଷ୍ଟ ବ୍ୟକ୍ତି, ରାଜନେତା ଅତିଥି ହୋଇ ଆସିବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀ ମଧ୍ୟ ନିମନ୍ତ୍ରଣ ପରେ ବରପାଲି ଆସିବା ନେଇ କମିଟିକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ସେହିପରି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ କନକବର୍ଦ୍ଧନ ସିଂହଦେଓ, ଯୋଗାଣ ମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ ପରିବହନ ମନ୍ତ୍ରୀ, ସ୍ୱାସ୍ଥ୍ୟ ମନ୍ତ୍ରୀ, ସଂସ୍କୃତି ମନ୍ତ୍ରୀ କପିଳେଶ୍ୱର ବାବାଙ୍କ ବିବାହ ଉତ୍ସବରେ ଆସୁଥିବା ସୂଚନା ରହିଛି। ବରପାଲି ତହସିଲ କାର୍ଯ୍ୟାଳୟ ପରିସରରେ ଗୁରୁବାର ସନ୍ଧ୍ୟାରେ ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସରକାରଙ୍କ ଆଗ୍ରହ ଯୋଗୁଁ ଯାତ୍ରା ଆହୁରି ଭବ୍ୟ ହେବ ବୋଲି ଆଶା କରାଯାଉଛି। ବୈଠକରେ ବରପାଲି ତହସିଲଦାର ଥାନାଧିକାରୀ, ଶୀତଳଷଷ୍ଠୀ କମିଟି ସଭାପତି ଆନନ୍ଦ ବାବୁ, ସମ୍ପାଦକ ଜୟନ୍ତ ତ୍ରିପାଠୀ ତଥା ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଯାତ୍ରା ସମୟରେ ସହର ସଫେଇ ସାଙ୍ଗକୁ ପିଇବା ପାଣି, ଆଲୋକିକରଣ, ଟ୍ରାଫିକ ସମସ୍ୟା, ଶାନ୍ତି ଶୃଙ୍ଖଳା ରକ୍ଷା ଉପରେ ଆଲୋଚନା ହୋଇଥିଲା। ପ୍ରଥମଥର ପାଇଁ ପ୍ରବଳ ଗରମରୁ ଶ୍ରଦ୍ଧାଳୁଙ୍କୁ ଆଶ୍ୱସ୍ତି ଦେବାପାଇଁ ଡ୍ରୋନ ଯୋଗେ ପାଣି ସିଞ୍ଚନ ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ସେହିପରି ପ୍ରବଳ ଜନସମାଗମ ଦୃଷ୍ଟିରୁ ବସ ସେବା ପ୍ରତ୍ୟେକ ଅଞ୍ଚଳକୁ କରାଇବା ପାଇଁ ଯାତ୍ରା କମିଟି ପକ୍ଷରୁ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ନିକଟରେ ଦାବି କରାଯିବ ବୋଲି ସୂଚନା ମିଳିଛି।

## ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ସଫଳତା



**ବରଗଡ଼, ୧୫।୫(ସମିସ):** ସିବିଏସ୍‌ଇ ପରୀକ୍ଷାରେ ବରଗଡ଼ର କେନ୍ଦ୍ରୀୟ ବିଦ୍ୟାଳୟ ଉଭୟ ଦଶମ ଓ ଦ୍ୱାଦଶ ଶ୍ରେଣୀରେ ୧୦୦ ପ୍ରତିଶତ ସଫଳତା ହାସଲ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଦଶମରେ ସୌମ୍ୟା ଶାଶ୍ୱତି ନାୟକ ୯୮.୭%, ଓମେଗା ଦାସ ୯୭.୮% ଏବଂ ଇଶାନ୍ତ ପଣ୍ଡା ୯୭.୨% ରଖି ପ୍ରଥମ ୩ଟି ସ୍ଥାନ ଲାଭ କରିଛନ୍ତି। ଏହା ସହିତ ୨୩ ଜଣ ଛାତ୍ରଛାତ୍ରୀ ୯୦%ରୁ ଉର୍ଦ୍ଧ୍ୱ ମାର୍କ ରଖିଛନ୍ତି। ସେହିପରି ଦ୍ୱାଦଶ ବିଜ୍ଞାନରେ ଅର୍ପିତା ଭୋଇ ୯୩.୮%, ଆଭା ଷଡ଼ଙ୍ଗୀ ୯୨.୮% ଏବଂ ହର୍ଷିତ୍ ସାହୁ ୯୧.୬% ରଖିଛନ୍ତି। ଦ୍ୱାଦଶ ବାଣିଜ୍ୟରେ ମୋହିତ ମିଗଲ ୯୮.୬%, ଆଦିତ୍ୟ ଅଗ୍ରୱାଲ ୮୮.୨% ଏବଂ ସ୍ୱାଗ ଦାଶ ୮୮% ସହିତ ପ୍ରଥମ ୩ଟି ସ୍ଥାନ ଲାଭ କରିଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟର ପ୍ରିନ୍ସିପାଲ ଅକ୍ଷୟ ରାୟ ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଉପୁଡ଼ିଲା ସୂଚନାଫଳକ ଓ ବ୍ୟାରିକେଡ୍

**ପଦ୍ମପୁର, ୧୫।୫(ସମିସ):** ପଦ୍ମପୁର ଉପଖଣ୍ଡ ପଦ୍ମପୁର ବସନା ରାସ୍ତା ସରେଇକେଲା ଛକ ନିକଟରେ ରାସ୍ତାକଡ଼ ଷ୍ଟିଲ୍ ବ୍ୟାରିକେଡ୍, ସୂଚନା ଫଳକ ତଳେ ପଡ଼ି ରହିଛି। ଅଳ୍ପ ଗାତ ଖୋଳି ଯୋଡା ଯାଇଥିବାରୁ ସାମାନ୍ୟ ପବନରେ ଓପାଡ଼ି ହୋଇ ପଡ଼ିଛି। ଛତିଶଗଡ଼ ଓ ଓଡ଼ିଶାର ମୁଖ୍ୟରାସ୍ତା ହୋଇଥିବାରୁ ଏହି ରାସ୍ତାରେ ପ୍ରତ୍ୟହ ଶହ ଶହ ଯାନବାହାନ ଯାତାୟତ କରୁଛି। ଦୂର ଦୂରାନ୍ତରୁ ଆସୁଥିବା ଗାଡ଼ି ଗୁଡ଼ିକ ସୂଚନାଫଳକ ଦେଖି ଉପଯୁକ୍ତ ରାସ୍ତା ନିର୍ଣ୍ଣୟ କରିଥାନ୍ତି। କିନ୍ତୁ ସୂଚନାଫଳକ ଓ ବ୍ୟାରିକେଡ୍ ନଥିବାରୁ ଯାତ୍ରୀ ଓ ଗାଡ଼ି ଚାଳକମାନଙ୍କ ବିଶେଷ ଅସୁବିଧା ହେଉଛି। ଅତି ଶୀଘ୍ର ମରାମତି ପାଇଁ ସରକାରଙ୍କୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ପରୀକ୍ଷା ଫଳ ପ୍ରକାଶନ ପାଇଁ ସାଂସଦଙ୍କୁ ଦାବିପତ୍ର

**ପଦ୍ମପୁର, ୧୫।୫(ସମିସ):** ଚଳିତ ଶିକ୍ଷାବର୍ଷ ୨୦୨୫ ସମଗ୍ର ରାଜ୍ୟରେ କେନ୍ଦ୍ରୀୟ ଶିକ୍ଷା ବୋର୍ଡର ଫଳାଫଳ ପ୍ରକାଶ ପାଇଛି। ପଦ୍ମପୁର ଉପଖଣ୍ଡର ରାଜବୋଡ଼ାସମ୍ବର ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବାନ୍ଧପାଲି ବିଦ୍ୟାଳୟର ଫଳାଫଳ ପ୍ରକାଶିତ ହୋଇ ନ ଥିବାରୁ ଅଭିଭାବକ ଚିନ୍ତା ପ୍ରକଟ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଅଭିଭାବକମାନେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତଙ୍କୁ ସାକ୍ଷାତ କରି ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ତୁରନ୍ତ ଫଳାଫଳ ପ୍ରକାଶ କରିବା ନେଇ ଲିଖିତ ଦାବି କରାଇଛନ୍ତି। ସାଂସଦ ଯଥାଶୀଘ୍ର କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଅବଗତ କରି ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

## ଲସ୍ତଲା ପିସିରେ ରବି ଧାନ ସଂଗ୍ରହ ଶୁଭାରମ୍ଭ



**ଅତାବିରା, ୧୫।୫(ସମିସ):** ଅତାବିରା ନିୟନ୍ତ୍ରିତ ବଜାର କମିଟି ଅଧୀନସ୍ଥ ମନପଡ଼ା ପଞ୍ଚାୟତ ଲସ୍ତଲା କ୍ରୟ କେନ୍ଦ୍ରରେ ରବି ଧାନ ସଂଗ୍ରହ ଶୁଭାରମ୍ଭ କରାଯାଇଛି। ଚାଷୀ ନେତା ବୀରେନ୍ଦ୍ର କର, ଅତାବିରା ପାକ୍ସ ସଭାପତି ସିଦ୍ଧାର୍ଥ ଶଙ୍କର ପଣ୍ଡା, ସମ୍ପାଦକ ସଞ୍ଜୟ ନାୟକଙ୍କ ଉପସ୍ଥିତିରେ ଅନୁକୂଳ କରାଯାଇଛି।

# ବନ ଓ ଶକ୍ତି ବିଭାଗର ମିଳିତ ସଚେତନତା କାର୍ଯ୍ୟକ୍ରମ

**ଭଟଲି, ୧୫।୫(ସମିସ):** ବନ ବିଭାଗ ଓ ଶକ୍ତି ବିଭାଗ ମିଳିତ ଆନୁକୂଲ୍ୟରେ ହାତୀ ଓ ଅନ୍ୟ ବନ୍ୟପ୍ରାଣୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଭଟଲି ବ୍ଲକ ଅଧୀନ ନଳାଚୁଆଁ



ଗାଁରେ ଅନୁଷ୍ଠିତ ହୋଇଛି। ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ନିର୍ଦ୍ଦେଶକ୍ରମେ ବରଗଡ଼ ବନଖଣ୍ଡ ଏବଂ ଟାଟା ପାୱାର ପଶ୍ଚିମ ଓଡ଼ିଶା ବିତରଣ ଲିମିଟେଡର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ସଚେତନତା ରଥକୁ ଭଟଲି ବନାଞ୍ଚଳ କାର୍ଯ୍ୟାଳୟରେ ଜିଲ୍ଲା ବନଖଣ୍ଡ ଅଧିକାରୀ ବିକ୍ରମ ଦେବ ପଟ୍ଟନାୟକ ଏବଂ ଏସ୍‌ଇ ସୁରେନ୍ଦ୍ର ହୋତା ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ପରିପ୍ରେକ୍ଷୀରେ ନଳାଚୁଆଁ ଗାଁରେ ବନପାଳ ରାଜେନ୍ଦ୍ର ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଚେତନତା ସଭାରେ ବରଗଡ଼ ଜିଲ୍ଲା ବନଖଣ୍ଡ ଅଧିକାରୀ ବିକ୍ରମଦେବ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ବନ ସଂରକ୍ଷକ ଡ.ହରମୋହନ ରଥ, ସଚେତନତା କାର୍ଯ୍ୟକ୍ରମ ଅଧିକାରୀ ଆକାଶ ପଧାନ, ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀ ବିଭୂତି ଭୂଷଣ ଶତପଥୀ, କନିଷ୍ଠ ଯନ୍ତ୍ରୀ ସାଧାନ ସାହୁ, କ୍ଷେତ୍ର ଅଧିକାରୀ ପ୍ରତାପ ବେହେରା, ଲାଇନମେନ୍ ଏ ସିବେଶ୍ୱର ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ହାତୀ ଓ ଅନ୍ୟ ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦେବା ଓ ସେମାନଙ୍କ ସହିତ ମିତ୍ରତାପୂର୍ଣ୍ଣ ସମ୍ପର୍କ ରଖିବା ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ବିଦ୍ୟୁତ୍ ତାରରୁ ହୁକିଙ୍ଗ କରି ଏବଂ ତାର ବିଛାଇ ବନ୍ୟଜନ୍ତୁ ଶିକାର କରିବା ଏକ ଦଣ୍ଡନୀୟ ଅପରାଧ ବୋଲି କହିଥିଲେ। ଏପରି କାର୍ଯ୍ୟରେ ନିଜେ ବିଦ୍ୟୁତ୍ ଆଘାତର ଶିକାର ହେବା ସମ୍ଭାବନା ରହିଥାଏ ବୋଲି ଶ୍ରୀ ଶତପଥୀ ଲୋକଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ବରଗଡ଼ ବନଖଣ୍ଡ ଅଧୀନସ୍ଥ ବନକର୍ମଚାରୀ, ଗ୍ରାମ୍ୟ ଜଙ୍ଗଲ ସମିତିର ସଦସ୍ୟ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। ବନ୍ୟଜନ୍ତୁଙ୍କ ଦ୍ୱାରା ଫସଲ କ୍ଷୟକ୍ଷତି ହେଲେ ବିଭାଗୀୟ ଅନୁକମ୍ପା ଆପ୍ ମାଧ୍ୟମରେ ଆବେଦନ କରିହେବ। ଏକର ପ୍ରତି ୨୦ରୁ ୨୫ ହଜାର କ୍ଷତିପୂରଣ ପାଇବାର ହକଦାର ହୁଅନ୍ତୁ ବୋଲି ବନଖଣ୍ଡ ଅଧିକାରୀ ଗ୍ରାମବାସୀଙ୍କୁ ବୁଝାଇଥିଲେ। ପରେ ଭଟଲି ବନପାଳ ରାଜେନ୍ଦ୍ର ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ଝାରବନ୍ଧରେ ବୁଲୁଛି ଭାଲୁ



**ବରଗଡ଼, ୧୫।୫(ସମିସ):** ଝାରବନ୍ଧ ବ୍ଲକ ଲୋଡିବର୍ହା ପଞ୍ଚାୟତ ଅଧୀନ ନୀଳଜୀପତ୍ରାରେ ଗୋଟିଏ ବିରାଟ ଭାଲୁ ଦେଖିବାକୁ ମିଳିଛି। ଚାରି ପାଞ୍ଚ ଦିନ ତଳେ ଏହି ଭାଲୁ ଲୋଡିବର୍ହା ବିଦ୍ୟାଳୟ ପାର୍ଶ୍ୱ ଗଛରେ ଥିବା ମହୁଫେଣାକୁ ଖାଇବା ପାଇଁ ରାତିରେ ରହିଥିଲା। ଭାଲୁକୁ ଦେଖି କିଛି ଲୋକେ ଘଉଡ଼ାଇ ଥିଲେ। ବୁଧବାର ଲୋଡିବର୍ହା ଗାଁର ଜଣଙ୍କ ଗୋରେଇ ଘରକୁ ଭାଲୁଟି ପଶିଥିଲା। ନିଆଁ ଦେଖାଇ ତାକୁ ଲୋକ ଘଉଡ଼ାଇ ଥିଲେ। ଗୁରୁବାର ନୀଳଜୀପତ୍ରା ବଜାର ଛକ ପାଖରେ ପୁଣି ଭାଲୁ ବୁଲୁଥିବାର ଦେଖାଯାଇଛି। ବର୍ତ୍ତମାନ ଲୋକେ କେନ୍ଦୁପତ୍ର ତୋଳିବା, ଚାର ଫଳ ସଂଗ୍ରହ ତଥା ରବି ଫସଲ ଧାନ, ଗହମ, ଚିନାବାଦାମ କ୍ଷେତରେ କାମ କରୁଛନ୍ତି। ଚାରି ଦିନ ତଳେ ଭାଲୁ ବୁଲୁଥିବାରୁ ଝାରବନ୍ଧ ବ୍ଲକରେ ଭୟର ବାତାବରଣ ସୃଷ୍ଟି ହୋଇଛି। ବନ ବିଭାଗ ଆସି ଭାଲୁଟିକୁ ଏହି ଅଞ୍ଚଳରୁ ସ୍ଥାନାନ୍ତରଣ କରିବାକୁ ଦାବି ହୋଇଛି। ଖବର ଲେଖିବା ସମୟରେ ଝାରବନ୍ଧ ଫରେଷ୍ଟର୍ ଗିରିରାଜ କୁମାରଙ୍କୁ ଯୋଗାଯୋଗ କରିବାରୁ ଭାଲୁ ଏବେ ଜଙ୍ଗଲରେ ଥିବା ସେ ସୂଚନା ଦେଇଛନ୍ତି।

## ସ୍ୱାସ୍ଥ୍ୟକେନ୍ଦ୍ର ଓ ଥାନା ପାଇଁ ଦାବି

# ଆଜି ୬ ଘଣ୍ଟିଆ ଘେଁସ ବନ୍ଦ ଡାକରା



**ମେଲଛାମୁଣ୍ଡା, ୧୫।୫(ସମିସ):** ଦୀର୍ଘ ୭୭ ବର୍ଷ ପରେ ବି ଘେଁସ ସ୍ଥିତ ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର କୌଣସି ପ୍ରକାର ଉନ୍ନତି ହୋଇ ପାରିନାହିଁ। ଯଦ୍ୱାରା ଅଞ୍ଚଳର ଜନସାଧାରଣଙ୍କୁ ଚିକିତ୍ସା ପାଇଁ ବାହାରକୁ ଯାଇ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଅଞ୍ଚଳବାସୀ ବାରମ୍ବାର ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ମନ୍ତ୍ରୀ, ବିଭାଗୀୟ ଅଧିକାରୀ, ସାଂସଦ ଓ ବିଧାୟକଙ୍କ ଦ୍ୱାରସ୍ଥ ହୋଇଛନ୍ତି। ହେଲେ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ। ତେଣୁ ଏହି ଡାକ୍ତରଖାନାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉନ୍ନୀତ କରିବାପାଇଁ ଗୁରୁବାର ସରକାରଙ୍କ ଠାରେ ଦୃଢ଼ ଦାବି କରାଯାଇଛି। ଏହା ବ୍ୟତୀତ ଘେଁସ ତଥା ଆଖପାଖ ଅଞ୍ଚଳରେ ଜଘନ୍ୟ ଅପରାଧ ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଏଠାରେ ଲୋକ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଏନେଇ ଅଞ୍ଚଳବାସୀ ଦୀର୍ଘ ବର୍ଷରୁ ଏକ ନୂତନ ଥାନା ପାଇଁ ଦାବି କରି ଆସୁଛନ୍ତି। କିନ୍ତୁ ସରକାର ଘେଁସବାସୀଙ୍କ ଦାବି ପ୍ରତି ଦୃଷ୍ଟି ଦେଉନାହାନ୍ତି। ପ୍ରକାଶଥାଉକି ଏହି ଅଞ୍ଚଳଟି ମଧ୍ୟ ମାଓ ପ୍ରଭାବିତ ଅଟେ। ଘେଁସ ନିକଟସ୍ଥ ହରଦିଆ ଡୁଙ୍ଗୁରି, ମେଲେଛାମନ ଜଙ୍ଗଲ, ସୁକଲଡେର୍ମା ଜଙ୍ଗଲ ଓ ଦେମେନ୍ଦି ଜଙ୍ଗଲରେ ବିଭିନ୍ନ ସମୟରେ ମାଓବାଦୀଙ୍କ ଚଳପ୍ରଚଳ ରହିଥାଏ। ଏଣୁ ଥାନା ପ୍ରତିଷ୍ଠା ହେଲେ ଆଇନଶୃଙ୍ଖଳା ଓ ସୁରକ୍ଷା ଦୃଷ୍ଟିରୁ ଲୋକେ ନିଶ୍ଚିନ୍ତ ହୋଇପାରିବେ। ଏସବୁ ସମସ୍ୟା ସମାଧାନ ପାଇଁ ଘେଁସ ଅଞ୍ଚଳବାସୀ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ଶୁକ୍ରବାର ସକାଳ ୬ ଟା ରୁ ମଧ୍ୟାହ୍ନ ୨ ଟା ପର୍ଯ୍ୟନ୍ତ ଘେଁସ ସ୍ଥିତ ସମସ୍ତ ଦୋକାନ ବଜାର ବନ୍ଦ ରଖିବାକୁ ଯୋଜନା ଥିବା ସୂଚନା ମିଳିଛି।

## ଅବକାରୀ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ

- ସରକାରୀ ଗାଡ଼ି ଭଙ୍ଗାରୁଜା



**ବରଗଡ଼, ୧୫।୫(ସମିସ):** ବରଗଡ଼ ସଦର କଣ୍ଡପାଲି ଗାଁରେ ବେଆଇନ ଭାବେ ମଦ ବିକ୍ରି କରୁଥିବା ନରେଶ ବେହେରାଙ୍କ ଘରେ ଗୁରୁବାର ଅବକାରୀ ଦଳ ଦ୍ୱାରା ଚଢ଼ାଉ ହୋଇଛି। ନରେଶ ନାଁରେ ପୂର୍ବରୁ ବିଭିନ୍ନ ମାମଲାରେ ୧୦ରୁ ଊର୍ଦ୍ଧ୍ୱ ଅଭିଯୋଗ ରହିଛି। ଅନେକ ଥର ମନା କଲା ପରେ ବି ସେ ଚୋରାରେ ବେଆଇନ ମଦ ବିକ୍ରି କରୁଥିବା ଅଭିଯୋଗ ବାରମ୍ବାର ଅବକାରୀ ବିଭାଗକୁ ଆସିଥିଲା। ସ୍ୱଳ୍ପ ସଂଖ୍ୟକ ଅବକାରୀ କର୍ମଚାରୀଙ୍କୁ ନେଇ ଆଜି ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ଅଭିଯୁକ୍ତ ନରେଶଙ୍କ ଘରୁ ବିପୁଳ ପରିମାଣର ମଦ ସହ ଏକ ଅଲ୍ଟୋ ଗାଡ଼ିକୁ ଅବକାରୀ ବିଭାଗ ଜବତ କରିଛି। ଏସମୟରେ ନରେଶ ସହ ତାଙ୍କ ପୁଅ, ସ୍ତ୍ରୀ ମିଶି ସରକାରୀ ଗାଡ଼ି ଏବଂ ରାଜକୁମାର ରାଉତ ନାମକ କନେଷ୍ଟବଳଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ପରେ ବରଗଡ଼ ଟାଉନ ଥାନାରେ ଅଭିଯୋଗ ହେବା ପରେ ଥାନା ଅଧିକାରୀ ସତ୍ୟଜିତ କଦେଳକର ଓ ଷ୍ଟାଫ୍ ଯାଇ ଅଭିଯୁକ୍ତଙ୍କୁ ଥାନାକୁ ଆଣିଛନ୍ତି।

## ପାଇକମାଲ ବ୍ଲକ୍‌ରେ କାଳବୈଶାଖୀ ବର୍ଷା

**ପାଇକମାଲ, ୧୫।୫(ସମିସ):** ପାଇକମାଲ ବ୍ଲକରେ କାଳବୈଶାଖୀ ବର୍ଷା ହୋଇଛି। ନୃସିଂହନାଥ ପୀଠରେ ୪ଟାରେ ଝିପିଝିପି ବର୍ଷା ହୋଇଥିବା ବେଳେ ପାଇକମାଲରେ ମଧ୍ୟ ବର୍ଷା ହୋଇଛି। ବ୍ଲକର ବିଭିନ୍ନ ଗାଁରେ ମଧ୍ୟ ବର୍ଷା ହୋଇଥିବା ସୂଚନା ମିଳିଛି। ମାଣ୍ଡୋସିଲ ଅଞ୍ଚଳରେ ସାମାନ୍ୟ ବର୍ଷା ହେଇଥିବା ସୂଚନା ରହିଛି। ବରଡ଼ୁଆ ପଞ୍ଚାୟତ ସୁରେନା ଗାଁରେ କାଳବୈଶାଖୀ ବର୍ଷା ସାଙ୍ଗକୁ ଅପରାହ୍ଣ ୩ଟାରେ ଜାମୁକୋଳି ଗଛ ମୂଳରେ ଖେଳୁଥିବା ସମୟରେ ବଜ୍ରପାତରେ ଜଣେ ଶିଶୁର ମୃତ୍ୟୁ ହୋଇଥିବା ବେଳେ ଆଉ ଜଣେ ଶିଶୁ ଆହତ ହୋଇଥିବା ସୂଚନା ମିଳିଛି।

## ଦୁର୍ଘଟଣାରେ ବିଦ୍ୟୁତ୍ ସେକ୍ସନ ଅଫିସରଙ୍କ ମୃତ୍ୟୁ

**ଝିଆପାଲି, ୧୫।୫(ସମିସ):** ଝିଆପାଲି ବିଦ୍ୟୁତ୍ ବିଭାଗର ସେକ୍ସନ ଅଫିସର ପବିତ୍ର ମୋହନଙ୍କ ଗୁରୁବାର ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଦେହାନ୍ତ ହୋଇଯାଇଛି। ଗଙ୍ଗଳବାର ସେ ପ୍ରାତଃ ଭ୍ରମଣରେ ଯାଇଥିଲେ। ପଛପଟୁ ଏକ ବାଇକ ଅତାବିରା ଲାଦେନପାଲି ନିକଟରେ ତାଙ୍କୁ ଧକ୍କା ଦେଇଥିଲା। ସ୍ୱର୍ଗତ ପାଢ଼ୀ ଲଇଡ଼ା ବିଦ୍ୟୁତ୍ ବିଭାଗର ସେକ୍ସନ ଅଫିସର ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ବିୟୋଗରେ ଝିଆପାଲି ବିଦ୍ୟୁତ୍ ବିଭାଗର କର୍ମଚାରୀ ଜେଇ ଅଶ୍ୱତୋଷ ସେଠୀ ଓ ଅନ୍ୟ କର୍ମଚାରୀଗଣ ଶୋକ ସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ଜ୍ଞାପନ କରିଛନ୍ତି। ଶ୍ରୀ ପାଢ଼ୀଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## କାମ ପାଇଁ ଚର୍ଚ୍ଚାରେ କାଉନସିଲର୍

**ବରଗଡ଼, ୧୫।୫(ସମିସ):** ବରଗଡ଼ ୱାର୍ଡ ନମ୍ବର୍ ୮ କାଉନସିଲର୍ ରାଜା ମହାପାତ୍ର ପୁଣି ଥରେ ନିଜର କାର୍ଯ୍ୟ ଶୈଳୀ ପାଇଁ ଚର୍ଚ୍ଚାର ପରିସରକୁ ଆସିଛନ୍ତି। ଶୀତଦିନେ ନିଜ ୱାର୍ଡରେ ବୁଲି ଗରିବ ଅସହାୟଙ୍କୁ କମ୍ବଳ ବଣ୍ଟନ, ବର୍ଷାଦିନେ ଜିଲ୍ଲା ପ୍ରଶାସନ ସହଯୋଗରେ ଡ୍ରେନ ସମସ୍ୟା ଦୂର କରିବା ପରେ ଗୁରୁବାର ମିଳନ ବିହାର ଓ ଜୟଦେବ ଆବାସରଙ୍କ ଗଳିରେ ଅଚଳ ଷ୍ଟ୍ରିଟ୍ ଲାଇଟ୍ ସବୁ ସଜଡ଼ା ହୋଇଛି। ବିଗତ କିଛି ଦିନ ହେବ ସହର ମଧ୍ୟରେ ୱାର୍ଡ ନମ୍ବର୍ ୮ ରେ କେତେକ ଗଳିରେ ଲାଇଟ୍ ଜଳୁ ନଥିବା ଅଭିଯୋଗ ଆସିଥିଲା। ଅନ୍ଧାରର ସୁଯୋଗ ନେଇ ସେଠୁବେଳେ ଲୁଟପାଟ ହେବା ସହ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ବିଷୟରେ କାଉନସିଲର୍ ରାଜା ମହାପାତ୍ରଙ୍କ ପାଖେ ପଡ଼ାବାସୀ ଅଭିଯୋଗ କରିଥିଲେ। ଗୁରୁବାର ସକାଳୁ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କୁ ସେ ପଡ଼ାକୁ ଡକାଇଥିଲେ। ନିଜେ ଦିନ ୧୨ଟା ପର୍ଯ୍ୟନ୍ତ ଖରାରେ ଛିଡ଼ା ହୋଇ ସମସ୍ତ ଷ୍ଟ୍ରିଟ୍ ଲାଇଟ୍ ଗୁଡ଼ିକ ଠିକ୍ କରାଇଥିବା ଜଣା ପଡ଼ିଛି।



# ଅପରେସନ୍ 'ସିନ୍ଦୂର'ର ସଫଳତାରେ ପରାକ୍ରମ ଶୋଭାଯାତ୍ରା






**ବରଗଡ଼, ୧୫।୫(ସମିସ):** ଅପରେସନ୍ ସିନ୍ଦୂରର ସଫଳତାରେ ସେନା ବାହିନୀର ବୀରତ୍ୱ, ଶୌର୍ଯ୍ୟ ଓ ପରାକ୍ରମକୁ ପ୍ରଣାମ କରି ବରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁରୁବାର ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଲେଙ୍ଗୁ ମିଶ୍ର ମିନି ଷ୍ଟାଡ଼ିୟମରୁ ଗାନ୍ଧୀଛକ ଦେଇ ପୁଣି ଷ୍ଟାଡ଼ିୟମକୁ ଶୋଭାଯାତ୍ରା ଫେରିଥିଲା। ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ସମେତ ଆରକ୍ଷୀ ଅଧିକ୍ଷକ ପ୍ରହ୍ଲାଦ ସହାୟ ମିନା, ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ପୌରାଧ୍ୟକ୍ଷା କଳ୍ପନା ମାଝୀ, ବରଗଡ଼ ସାଂସଦ ପ୍ରତିନିଧି ସୁରେଶର ଶତପଥୀ ଏବଂ ବିଧାୟକ ପ୍ରତିନିଧି ଅକ୍ରୁର ମଲ୍ଲିକ ଧଳା ପତାକା ଦେଖାଇ ଶୋଭାଯାତ୍ରା ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରାରେ ଜିଲ୍ଲାସ୍ତରୀୟ ଅଧିକାରୀ, ଜିଲ୍ଲା ମୁଖ୍ୟାଳୟର ସମସ୍ତ ସରକାରୀ କାର୍ଯ୍ୟାଳୟର କର୍ମକର୍ତ୍ତା, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ଏନ୍‌ଏସ୍‌ଏସ୍, ରେଡ୍‌କ୍ରସ୍, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବରିଷ୍ଠ ନାଗରିକ ସଙ୍ଘ, ଅବସରପ୍ରାପ୍ତ ସେନା ତଥା ଭେଟେରାନ ଆସୋସିଏସନ, ଆଥଲେଟିକ ସଂଘ, ମହିଳା ସମିତି, ପୁଲିସ ଅଧିକାରୀ ଏବଂ ସହରର ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

**ବରିଷ୍ଠ ନାଗରିକ ସଂଘ ସାମିଲ**

'ସିନ୍ଦୂର ଅପରେସନ'ର ସଫଳତା ପରେ ଗୁରୁବାର ସାରା ଭାରତରେ ପାଳନ କରାଯାଉଥିବା ପରାକ୍ରମ ଯାତ୍ରା ଅବସରରେ ବରଗଡ଼ରେ ମଧ୍ୟ ଏହି ଯାତ୍ରାକୁ ଶୃଙ୍ଖଳିତ ଭାବେ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ବରିଷ୍ଠ ନାଗରିକ ସଂଘର ସଦସ୍ୟମାନେ ଯୋଗଦେଇ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରହ୍ଲାଦ ସହାୟ ମୀନା, ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝୀ ତଥା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହ୍ଲାଦ ଖୋସଲାଙ୍କ ସହିତ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ସଭାପତି ପ୍ରମୋଦ ଖାଟୁଆ, ଉପସଭାପତି ନିର୍ମଳ କିଶୋର କର, ସମ୍ପାଦକ ଗୋବିନ୍ଦ ଦାଶ, ବରିଷ୍ଠ ସାମ୍ବାଦିକ ତୁଳସୀ ଚରଣ ଦାଶ, କେକେବିଅମନ ଦେବା ପଟ୍ଟନାୟକ, ଡ.ଅର୍ଜୁନ ମେହେର, ପବିତ୍ର ସରାଫ, ସର୍ଦ୍ଦାର ପ୍ରୀତମ ସିଂ, ସାଧୁ ଚରଣ ବାଗ, କ୍ଷିତିଶ ଚନ୍ଦ୍ର ମିଶ୍ର, ସୁରେଶର ଶତପଥୀ, ଅକ୍ରୁର ମଲ୍ଲିକ, ଡ.ଅରୁଣା ନନ୍ଦ ସାହୁ ଓ ଆହୁରି ଅନେକେ ଏହି ଯାତ୍ରାରେ ସାମିଲ ହୋଇ ସହର ପରିକ୍ରମା କରିଥିଲେ।

## ଗୋପାଳପୁରରେ ତ୍ରିରଙ୍ଗା ପରିକ୍ରମା



ବ୍ରହ୍ମପୁର,୧୫ ।୫(ସମିସ): ଗୋପାଳପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗୋପାଳପୁର ଏନ୍‌ଏସି କାର୍ଯ୍ୟାଳୟରୁ ବାହାରି ଏହି ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଅପରେସନ ସିନ୍ଦୂରରେ ଯବାନଙ୍କ ସାହସିକତାକୁ ସାବାସି ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଏନ୍‌ଏସି ଅଧ୍ୟକ୍ଷ ଏ. ଜାନକୀ ରାମ, ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ପାଢୀ, ଗୋପାଳପୁର ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକ ଓ ଅନ୍ୟ କର୍ମଚାରୀଙ୍କ ସମେତ କାଉନସିଲରମାନେ ସାମିଲ ହୋଇଥିଲେ।

## ବ୍ରହ୍ମପୁରରେ ପରାକ୍ରମ ଶୋଭାଯାତ୍ରା




ବ୍ରହ୍ମପୁର,୧୫ ।୫(ସମିସ): ଅପରେସନ ସିନ୍ଦୂରର ସଫଳତାକୁ ନେଇ ଜିଲ୍ଲା ପ୍ରଶାସନର ପକ୍ଷରୁ ପରାକ୍ରମ ବା ତ୍ରିରଙ୍ଗା ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଓ ସମ୍ମାନିତ ଅତିଥି ଭାବେ ମେୟର ସଂଘମିତ୍ରା ଦଳେଇ ଯୋଗଦେଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ରାମଲିଙ୍ଗମ ପ୍ରମୋଦ ଉଦ୍ୟାନଠାରୁ ଇଞ୍ଜିନିୟରିଂ ସ୍କୁଲ ଛକ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ଗତ ଏପ୍ରିଲ୍ ୨୨ତାରିଖରେ ଜାମ୍ମୁ କାଶ୍ମୀରର ପହଲଗାମ ଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ଭାରତୀୟ ସେନା ପକ୍ଷରୁ ଆରମ୍ଭ ହୋଇଥିବା "ଅପରେସନ ସିନ୍ଦୂର'ର ସଫଳତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ଉପଜିଲ୍ଲାପାଳ ଦୀନା ଦସ୍ତାଗୀର, ବିଏମସି କମିଶନର ଭବାନୀ ଶଙ୍କର ମିଶ୍ର, ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା, ବିଜେପି ଜିଲ୍ଲା ସଭାପତି ସରୋଜ ସାବତ, ବ୍ରହ୍ମପୁର ବିଧାୟକ ମହାନଗର ନିଗମ ପ୍ରତିନିଧି ଅଶୋକ ଶୁକ୍ଲା ଓ ସୁନୀଲ ସାହୁଙ୍କ ସମେତ ବିଜେପି ନେତା, କର୍ମୀ ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ହଷ୍ଟେଲ୍‌ରୁ ୩ ମୋବାଇଲ୍ ଚୋରି

ବ୍ରହ୍ମପୁର,୧୫ ।୫(ସମିସ): ସ୍ଥାନୀୟ ଚନ୍ଦ୍ରପ୍ରଭା ସାହିରୁ ଜଣେ ଯୁବତୀଙ୍କ ମୋବାଇଲ ଚୋରି ହୋଇଥିବା ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ, ଗୋଲାପଲ୍ଲୀ ସାହିର ଶାନ୍ତି ନିବାସରେ ରହୁଥିବା ଜଣେ ଯୁବତୀ ସ୍ଥାନୀୟ ଚନ୍ଦ୍ରପ୍ରଭା ସାହିରେ ଛାତ୍ରୀ ହଷ୍ଟେଲ(ମେସ)ରେ ରହୁଥିବା ସାଙ୍ଗ ପାଖକୁ ଯାଇଥିଲେ। ସେଠାରେ ଏକ ଦୁର୍ବୃତ୍ତ ୩ଟି ମୋବାଇଲ ଓ ଚାର୍ଜର ଚୋରି କରି ନେଇଯାଇଥିଲା। ଚୋରି ବେଳର ଦୃଶ୍ୟ ସିସିଟିଭି ଫୁଟେଜରେ କଏଦ ହୋଇଥିଲା। ଘଟଣାକୁ ନେଇ ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ନିର୍ମାଣାଧୀନ ଘରୁ ଚୋରି

ବ୍ରହ୍ମପୁର,୧୫ ।୫(ସମିସ): ଅଳକାପୁରୀ ଅଞ୍ଚଳରେ ଚାଲିଥିବା ଏକ ନିର୍ମାଣାଧିନ ଘରୁ ଚୋରି ହୋଇଛି। ଏନେଇ ନିମଖଣ୍ଡି ଥାନାରେ ଅଭିଯୋଗ ହୋଇଛି। ହିଲପାଟଣା ପୁଲିସ କଲୋନୀରେ ରହୁଥିବା ଜଗବନ୍ଧୁ ପାତ୍ର(୪୦)ଙ୍କ ଅଳକାପୁରୀ ଅଞ୍ଚଳରେ ଏକ ଗୃହ ନିର୍ମାଣ ଚାଲିଛି। ଉକ୍ତ ଘରୁ ସାୱାର, ଟ୍ୟାପ୍, ଗ୍ୟାସ, ହାଣ୍ଡି ସମେତ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡିଛି।

## ଡ. କୋଟା ହରିନାରାୟଣଙ୍କୁ ସମ୍ବର୍ଦ୍ଧନା



ବ୍ରହ୍ମପୁର,୧୫ ।୫(ସମିସ): ଗଞ୍ଜାମ ଜିଲ୍ଲା ବିଜେପି ପକ୍ଷରୁ ପଦ୍ମଶ୍ରୀ ଡ଼. କୋଟା ହରିନାରାୟଣଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଗୁରୁବାର ବ୍ରହ୍ମପୁର ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ପଦ୍ମଶ୍ରୀ ଡକ୍ଟର କୋଟା ହରିନାରାୟଣଙ୍କ ନିକଟରେ ପହଞ୍ଚି ସମ୍ବର୍ଦ୍ଧନା ଦେଇଥିଲେ। ଦେଶର ସାମରିକ ବାହିନୀ ପାଇଁ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଭାରତୀୟ ବାୟୁସେନାର ଲଢୁଆ ବିମାନ 'ତେଜସ୍'ର ମୁଖ୍ୟ ଡିଜାଇନର ତଥା ସେହି ପ୍ରକଳ୍ପର ବ୍ରହ୍ମପୁରର ପଦ୍ମଶ୍ରୀ ଡକ୍ଟର କୋଟା ହରିନାରାୟଣ ମୁଖ୍ୟ ରହିଥିଲେ। ତେବେ ଦେଶରେ ନିକଟରେ ହୋଇଥିବା 'ଅପରେସନ ସିନ୍ଦୂର', ସେନାରେ ଲଢୁଆ ବିମାନ 'ତେଜସ'ର ବ୍ୟବହାର କରାଯାଇଥିଲା। ଯାହାକୁ ନେଇ ସମଗ୍ର ଦେଶ ଗର୍ବ ଅନୁଭବ କରୁଛି। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ସଭାପତି ସରୋଜ ସାବତ ଓ ବ୍ରହ୍ମପୁର ବିଧାୟକ ମହାନଗର ନିଗମ ପ୍ରତିନିଧି ଅଶୋକ ଶୁକ୍ଲାଙ୍କ ସମେତ ବହୁ ବିଜେପି ନେତା ଓ କର୍ମୀ ଉପସ୍ଥିତ ଥିଲେ।

### ପାତିସୁନାପୁରରେ ଗୋଷ୍ଠୀ ସଂଘର୍ଷ ଘଟଣା

# ନିରପେକ୍ଷ ତଦନ୍ତ ଓ ଧନଜୀବନର ସୁରକ୍ଷା ଦାବି କଲା ବିଜେଡି



ବ୍ରହ୍ମପୁର,୧୫ ।୫(ସମିସ)

ସୋନପୁର ମେରାଇନ ଥାନା ଅନ୍ତର୍ଗତ ପାତିସୁନାପୁର ଗ୍ରାମରେ ଯୋଗାମ୍ବା ଯାତ୍ରା ଆୟୋଜନ ପାଇଁ ପ୍ରଶାସନର ଏକତରଫା ତଥା ତରବରିଆ ନିଷ୍ପତ୍ତିକୁ ନେଇ ପ୍ରଶ୍ନ ଉଠାଇଛି ଜିଲ୍ଲା ବିଜେଡି। ଯାତ୍ରା ଆୟୋଜନକୁ ନେଇ ଗ୍ରାମର ଦୁଇ ଗୋଷ୍ଠୀ ମଧ୍ୟରେ ଥିବା ବିବାଦରୁ ସଂଘର୍ଷର ଆଶଙ୍କା କରି ଦୀର୍ଘ ୧୪ବର୍ଷ ଧରି ବନ୍ଦ ଥିବା ଯାତ୍ରାର ଆୟୋଜନ ପାଇଁ ପ୍ରଶାସନ କାହା ଚାପରେ ଅନୁମତି ଦେଲା ବୋଲି ପ୍ରଶ୍ନ କରିଛି ଦଳ। ଯଦ୍ୱାରା ଗ୍ରାମରେ ଦୁଇ ବିରୋଧୀ ଗୋଷ୍ଠୀ ମଧ୍ୟରେ ବିବାଦ ଉଗ୍ର ହେଲା। ସରକାର ବଦଳିବା ସହିତ ନିଜ ଜିଦରେ ଅଟଳ ରହି ପ୍ରଶାସନକୁ ହାତବାରିସି କରି ସ୍ଥାନୀୟ କିଛି ରାଜନେତା ଲୋକଙ୍କୁ ଉସୁକାଇ ଯାତ୍ରା ଆୟୋଜନ ପାଇଁ ଚାପ ସୃଷ୍ଟି କରିଥିଲେ। ଏବଂ ପ୍ରଶାସନର ଏଭଳି ଏକତରଫା ନିଷ୍ପତ୍ତିକୁ ଅନ୍ୟଗୋଷ୍ଠୀ ବିରୋଧ କରିଥିଲେ। ଫଳରେ ଗତ ୧୧ତାରିଖରେ ଯାତ୍ରା ଆୟୋଜନ ପାଇଁ ପୂଜାର୍ଚ୍ଚନା ବେଳେ ଓ ତାପରେ ଗ୍ରାମରେ ଚାପା ଉତ୍ତେଜନା ଦେଖାଦେଇଥିଲା। ରାତିରେ ହଠାତ୍ ଏକ ଗୋଷ୍ଠୀର ଲୋକେ ଉଭୟ ପୁରୁଷ ଓ ମହିଳା ଏକାଠି ହୋଇ ରାସ୍ତା ଅବରୋଧ କରିଥିଲେ। ପୂର୍ବରୁ ସେଠାରେ ମୁତୟନ ଥିବା ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଗାଳିଗୁଲଜ କରିବା ସହ ଢେଲା ଓ ପେଟ୍ରୋଲ ବୋମା ଫିଙ୍ଗିଥିଲେ। ଏଥିରେ କିଛି ପୁଲିସ ଅଧିକାରୀ ଓ କର୍ମଚାରୀ ଆହତ ମଧ୍ୟ ହୋଇଥିଲେ। ପରେ ଅଧିକ ପୁଲିସ ଫୋର୍ସ ମୁତୟନ କରାଯାଇ ଘଟଣାରେ ୧୮ଜଣ ମହିଳାଙ୍କ ସମେତ ମୋଟ ୨୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା ପୁଲିସ। ବର୍ତ୍ତମାନ ମଧ୍ୟ ଗ୍ରାମରେ ଚାପା ଉତ୍ତେଜନା ଲାଗିଥିବା ବେଳେ ଗିରଫ ଭୟରେ ପ୍ରାୟ ୫ଶହରୁ ଅଧିକ ଲୋକ ଗ୍ରାମ ଛାଡି ଅନ୍ୟତ୍ର ଚାଲିଯାଇଥିବା ଜଣାପଡିଛି। ଏଭଳି ସ୍ଥିତିରେ ଗ୍ରାମରେ ଅନ୍ୟଗୋଷ୍ଠୀର ଲୋକେ ପୁଲିସ ଉପସ୍ଥିତିରେ ଘରଛାଡ଼ି ଚାଲିଯାଇଥିବା ଲୋକଙ୍କ ଘରେ ପଶି ଲୁଟତରାଜ କରୁଥିବା ଅଭିଯୋଗ ହୋଇଛି। ଗୋଟିଏ ପଟେ ଲୋକେ ନିଜ ଜୀବନକୁ ଅସୁରକ୍ଷିତ ମଣୁଥିବା ବେଳେ ସେମାନଙ୍କ ଧନସମ୍ପତ୍ତିର ସୁରକ୍ଷାକୁ ନେଇ ମଧ୍ୟ ବର୍ତ୍ତମାନ ଉଠିଛି ପ୍ରଶ୍ନ। ଏଭଳି ସମସ୍ୟାକୁ ନେଇ ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡିର ଏକ ଉଚ୍ଚସ୍ତରୀୟ ନେତୃବୃନ୍ଦ ଗ୍ରାମବାସୀଙ୍କ ସହିତ ବ୍ରହ୍ମପୁର ଏସପି ଓ ଉପ ଜିଲ୍ଲାପାଳଙ୍କୁ ଭେଟି ସେମାନଙ୍କ ସମସ୍ୟା ଓ ପ୍ରତିକାର ନିମନ୍ତେ ଦାବି କରିଥିଲେ।

- ବ୍ରହ୍ମପୁର ଏସ୍‌ପି ଓ ଉପ ଜିଲ୍ଲାପାଳଙ୍କୁ ଭେଟିଲା ବିଜେଡିର ଉଚ୍ଚସ୍ତରୀୟ ଟିମ୍
- ଗ୍ରାମରେ ଶାନ୍ତି ପ୍ରତିଷ୍ଠା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଲେ ଉଭୟ ପ୍ରଶାସନ

ବିଜେପି ସରକାର ଓ ସ୍ଥାନୀୟ ନେତାଙ୍କ ଚାପରେ ଆସି ଉଭୟ ଜିଲ୍ଲା ଓ ପୁଲିସ ପ୍ରଶାସନ ଏକତରଫା ନିଷ୍ପତ୍ତି ନେଇ ନିରୀହ ଲୋକଙ୍କୁ ଗିରଫ କରୁଥିବା ଅଭିଯୋଗ କରିଛି ବିଜେଡି। ନିଜ ଧନଜୀବନକୁ ଅସୁରକ୍ଷିତ ମଣୁଥିବା ଲୋକେ ଘରଛାଡି ଜଙ୍ଗଲରେ ରହୁଥିବା ବେଳେ ସେମାନଙ୍କୁ ତୁରନ୍ତ ଗ୍ରାମକୁ ଫେରାଇ ଆଣିବା ଓ ଗ୍ରାମରେ ଶାନ୍ତି ପ୍ରତିଷ୍ଠା ପାଇଁ ଉଭୟ ପ୍ରଶାସନ ପଦକ୍ଷେପ ନେବାକୁ ଦଳ ପକ୍ଷରୁ ଦାବି କରାଯାଇଛି। ବିଜୁ ଜନତା ଦଳର ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ମେୟର ସଂଘମିତ୍ରା ଦଳାଇ, ବରିଷ୍ଠ ବିଜେଡି ନେତା ଭୃଗୁ ବକ୍ସିପାତ୍ର, ପୂର୍ବତନ ବିଇଡିଏ ଅଧ୍ୟକ୍ଷ ସୁବାଷ ମହାରଣା, ଛତ୍ରପୁରର ପୂର୍ବତନ ବିଧାୟକ ସୁବାଷ ବେହେରା, ଜଗନ୍ନାଥ ସାବତ, ରଞ୍ଜନ ପଲାଇ, ଯୁବନେତା ଭବାନୀ ଶଙ୍କର ସାହୁ, କର୍ପୋରେଟର ଦୁର୍ଗାପ୍ରସାଦ ଲାୟକଙ୍କ ସମେତ ରଙ୍ଗେଇଲୁଣ୍ଡା ଅଞ୍ଚଳର ଜିଲ୍ଲାପରିଷଦ ସଦସ୍ୟ ଓ ପଞ୍ଚାୟତ ସମିତି ସଦସ୍ୟମାନେ ଉପସ୍ଥିତ ଥିଲେ।

ସେପଟେ ବିଜେଡିର ଦାବି ଓ ଯୁକ୍ତି ଉପରେ ପ୍ରତିକ୍ରିୟା ରଖିଛନ୍ତି ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ। ଯାତ୍ରା ଆୟୋଜନ ପୂର୍ବରୁ ଉଭୟ ଗୋଷ୍ଠୀର ଲୋକଙ୍କୁ ପ୍ରଶାସନ ପକ୍ଷରୁ ବାରମ୍ବାର ବୁଝାଇବାକୁ ଚେଷ୍ଟା କରାଯାଇଥିଲା। ଶାନ୍ତି ବଜାୟ ରଖିବାକୁ ପରାମର୍ଶ ଦିଆଯାଇଥିଲା। ତେବେ ହଠାତ କିଛି ବ୍ୟକ୍ତି ରାସ୍ତା ଅବରୋଧ ସହ ପୁଲିସ ଉପରକୁ ଆକ୍ରମଣ କରିବାରୁ ପରିସ୍ଥିତି ଅଣାୟତ ହୋଇଥିଲା ଏବଂ ପୁଲିସ କାର୍ଯ୍ୟାନୁଷ୍ଠାନ ନେବାକୁ ବାଧ୍ୟ ହୋଇଥିଲା। ଘଟଣାରେ ସମ୍ପୃକ୍ତ ଲୋକଙ୍କ ସହିତ ବହୁ ଗ୍ରାମବାସୀ ଗିରଫ ଭୟରେ ଗ୍ରାମଛାଡି ଚାଲିଯାଇଛନ୍ତି। ସେମାନଙ୍କୁ ତୁରନ୍ତ ଫେରାଇ ଆଣିବା ସହ ଗ୍ରାମରେ ଶାନ୍ତି ଫେରାଇ ଆଣିବାକୁ ଉଦ୍ୟମ କରାଯାଉଥିବା ସେ କହିଛନ୍ତି। ଘଟଣାରେ କୌଣସି ନିରୀହ ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ମଧ୍ୟ ସେ ସ୍ପଷ୍ଟ କରିଛନ୍ତି।

### ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

## ଭଗ୍ନୀ ମଞ୍ଜୁଙ୍କ ସ୍ମୃତିସ୍ତମ୍ଭ ନିର୍ମାଣ ନେଇ ଆଲୋଚନା

ବ୍ରହ୍ମପୁର,୧୫ ।୫(ସମିସ)




ଗିରି ରୋଡ଼ ସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାନ୍ତକୁଣ୍ଡ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ରାମଚନ୍ଦ୍ରପୁରସ୍ଥ ପ୍ରଭୁ ଉପହାର ରିଟ୍ରିଟ୍ ସେଣ୍ଟରଠାରେ ଶୁକ୍ରବାର ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ସବଜୋନ ସଂଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ଭଗ୍ନୀ ମଞ୍ଜୁଙ୍କର ଏକ ସ୍ମୃତିସ୍ତମ୍ଭ ନିର୍ମାଣ କାର୍ଯ୍ୟ ସମ୍ପର୍କରେ ଏଠାରେ କୁହାଯାଇଛି। ଭଗ୍ନୀ ମଞ୍ଜୁ ଦିଦିଙ୍କର ବ୍ରହ୍ମପୁର ସହରରେ ଦୀର୍ଘ ୩୮ ବର୍ଷ ଅବସ୍ଥାନର ଜ୍ଞାନଯୋଗ, ଧାରଣା, ସେବା ସମ୍ମିଳିତ ସାକାର ଈଶ୍ୱରୀୟ ପାଳନା ଉଜ୍ଜୀବିତ କରାଯିବ। ୧୯୬୯ ମସିହାରୁ ଈଶ୍ୱରୀୟ ଜ୍ଞାନ ପ୍ରାପ୍ତ କରି ସେ ଭାରତର ପ୍ରାୟ ୧୫ଟି ସହରରେ ସହଜ ଈଶ୍ୱରୀୟ ଜ୍ଞାନ ଏବଂ ରାଜଯୋଗର ଶିକ୍ଷା ଆଧାରରେ ଅଗଣିତ ଭାଇ ଭଉଣୀଙ୍କ ଜୀବନରେ ଅଭୂତପୂର୍ବ ସକାରତ୍ମକ ପରିବର୍ତ୍ତନ ଆଣିପାରିଛନ୍ତି ବୋଲି ସାମ୍ବାଦିକ ସମ୍ମିଳନୀରେ କୁହାଯାଇଥିଲା। କାର୍ଯ୍ୟକ୍ରମରେ ନିର୍ମାଣର ନକ୍ସା ପ୍ରସ୍ତୁତ କରିଥିବା ବ୍ରହ୍ମାକୁମାରୀସ୍ ଅନ୍ତଃରାଷ୍ଟ୍ରୀୟ ମୁଖ୍ୟାଳୟ ମାଉଣ୍ଟ ଆବୁରୁ ଇଞ୍ଜିନିୟର ଶିବ ପ୍ରସାଦ ଏବଂ ଇଞ୍ଜିନିୟର ନରସିଂହ ଯୋଗ ଦେବେ। ଦିବଂଗତ ମଞ୍ଜୁ ଭଉଣୀଙ୍କ ସ୍ମୃତିରେ ଏକ ଆଧ୍ୟାତ୍ମିକ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସାମ୍ବାଦିକ ସମ୍ମିଳନୀରେ ସବଜୋନ ସଂଚାଳିକା ରାଜଯୋଗିନୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ସିବିଏସ୍‌ଇରେ ଶୁଭାଶିଷଙ୍କ କୃତିତ୍ୱ



ବ୍ରହ୍ମପୁର,୧୫ ।୫(ସମିସ): ଚଳିତ ଶିକ୍ଷା ବର୍ଷ ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ ଶୁଭାଶିଷ ପାଣିଗ୍ରାହୀ ଶତକଡ଼ା ୯୮.୮ ପ୍ରତିଶତ ମାର୍କ ରଖି ଗଞ୍ଜାମ ଜିଲ୍ଲାରେ ପ୍ରଥମ ସ୍ଥାନରେ ରହିଛନ୍ତି। ସେ ବ୍ରହ୍ମପୁର ଅକ୍ସଫୋର୍ଡ ପବ୍ଲିକ ସ୍କୁଲରେ ଅଧ୍ୟୟନ କରୁଥିବା ବେଳେ ଲୋଚାପଡ଼ା ଶକ୍ତି ନଗରରେ ରହୁଛନ୍ତି। ଶୁଭାଶିଷଙ୍କ ଏଭଳି ସଫଳତାକୁ ନେଇ ବାପା ସୁଦାମ ପାଣିଗ୍ରାହୀ ଓ ମାତା ରଞ୍ଜୁକ୍ତା ପାଣିଗ୍ରାହୀ ଖୁସିବ୍ୟକ୍ତ କରିଛନ୍ତି। ଶୁଭାଶିଷଙ୍କ ବାପା ଗଞ୍ଜାମ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର କାର୍ଯ୍ୟରତ ଥିବା ବେଳେ ମା' ଅର୍ଥନୀତି ଅଧ୍ୟାପକ ଭାବେ କାର୍ଯ୍ୟ କରୁଛନ୍ତି। ଆଗାମୀ ଦିନରେ ଭଲ ଡାକ୍ତର ହୋଇ ସେବା କରିବାକୁ ସେ ସ୍ଥିର କରିଛନ୍ତି।

## ନବବିବାହିତାଙ୍କ ମୃତ୍ୟୁ; ସ୍ୱାମୀ ଗିରଫ



ବ୍ରହ୍ମପୁର,୧୫ ।୫(ସମିସ): ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ଅଲାଗରିଗଡ ଗ୍ରାମର ପ୍ରିୟଙ୍କା ବିଷୋୟୀ(୨୨)ନାମକ ଜଣେ ନବବିବାହିତାଙ୍କ ମୃତ୍ୟୁପରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ପ୍ରିୟଙ୍କାଙ୍କ ସ୍ୱାମୀ ବିନୋଦ ଭୂୟାଁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ପ୍ରକାଶଯେ, ଦିଗପହଣ୍ଡି ଚାଞ୍ଚଡାପଲ୍ଲୀର ଗଙ୍ଗାଧର ବିଷୋୟୀଙ୍କ ଝିଅ ପ୍ରିୟଙ୍କା ମାର୍ଚ୍ଚ ୨ତାରିଖରେ ଅଲାରିଗଡ ଗ୍ରାମର ବିନୋଦ ଭୂୟାଁଙ୍କୁ ବିବାହ କରିଥିଲେ। ପ୍ରିୟଙ୍କାଙ୍କ ପରିବାର ପକ୍ଷରୁ ଯୌତୁକ ବାବଦକୁ ଘରକରଣା ସହ ସୁନା ଓ ଟଙ୍କା ଦିଆଯାଇଥିଲା। ହେଲେ ବିବାହର କିଛିଦିନ ପରେ ତାଙ୍କ ସ୍ୱାମୀ ବିନୋଦ ଅନ୍ୟଜଣେ ଝିଅ ସହ ସମ୍ପର୍କ ରଖିଥିବା ପ୍ରିୟଙ୍କା ଜାଣିବାକୁ ପାଇଥିଲେ। ଏନେଇ ସେ ସ୍ୱାମୀଙ୍କୁ ପଚାରିବାରୁ ଉଭୟଙ୍କ ମଧ୍ୟରେ କଳହ ହୋଇଥିଲା। ଏପଟେ ବିନୋଦଙ୍କ ସହ ତାଙ୍କ ପରିବାର ଲୋକେ ପ୍ରିୟଙ୍କାଙ୍କୁ ଅଧିକ ଯୌତୁକ ଆଣିବାକୁ କହିଥିଲେ। ପ୍ରିୟଙ୍କା ବିରୋଧ କରିବାରୁ ନିର୍ଯାତନା ଦେବା ଆରମ୍ଭ କରିଦେଇଥିଲେ। ଏନେଇ ପ୍ରିୟଙ୍କା ନିଜ ବାପ ଘର ଲୋକଙ୍କୁ ଜଣାଇଥିଲେ। ଏପରିକି ତାଙ୍କୁ ଘରକୁ ନେଇ ଯିବାକୁ ସେ ବାପଘର ଲୋକଙ୍କୁ ମଧ୍ୟ ଅନୁରୋଧ କରିଥିଲେ। ବାପଘର ଲୋକେ ମଧ୍ୟ ପ୍ରିୟଙ୍କାଙ୍କୁ ନିଜ ଘରକୁ ନେଇଯିବାକୁ ନିଷ୍ପତ୍ତି ନେଇଥିଲେ। ହେଲେ ଏହା ପୂର୍ବରୁ ପ୍ରିୟଙ୍କା ସବୁଦିନ ପାଇଁ ଦୁନିଆରୁ ଚାଲି ଯାଇଥିଲେ। ଗତ ୧୩ ତାରିଖରେ ପ୍ରିୟଙ୍କା ଆତ୍ମହତ୍ୟା କରିଥିବା ନେଇ ତାଙ୍କ ସ୍ୱାମୀ ଫୋନ ଯୋଗେ ବାପଘର ଲୋକଙ୍କୁ ଜଣାଇଥିଲେ। ଖବର ପାଇ ପ୍ରିୟଙ୍କାଙ୍କ ଭାଇ ରଞ୍ଜିତ ବିଷୋୟୀ ଓ ବାପଘର ଲୋକେ ଅଲାରିଗଡ଼ରେ ପହଞ୍ଚିବା ପରେ ପ୍ରିୟଙ୍କାଙ୍କୁ ହତ୍ୟା କରାଯାଇଥିବା ଜାଣିବାକୁ ପାଇଥିଲେ। ଯୌତୁକ ଦାବିରେ ହତ୍ୟା କରାଯାଇଥିବା ନେଇ ପ୍ରିୟଙ୍କାଙ୍କ ଭାଇ ସଦର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା(୨୨୫/୨୫) ରୁଜୁ କରି ପ୍ରିୟଙ୍କା ଶବ ଜବତ କରି ବ୍ୟବଛେଦ ପରେ ବାପଘର ଲୋକଙ୍କୁ ହସ୍ତାନ୍ତର କରିଥିଲା। ବୁଧବାର ପୁଲିସ ପ୍ରିୟଙ୍କାଙ୍କ ସ୍ୱାମୀ ବିନୋଦଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଶବ ବ୍ୟବଛେଦ ରିପୋର୍ଟ ଆସିବା ପରେ ପ୍ରିୟଙ୍କାଙ୍କ ମୃତ୍ୟୁର ପ୍ରକୃତ ରହସ୍ୟ ସାମ୍ନାକୁ ଆସିବ ବୋଲି ପୁଲିସ କହିଛି।

## ଟିପିଏସ୍‌ଓଡିଏଲ୍ ଓ ଏମ୍‌କେସିଜି ମେଡିକାଲ କଲେଜ ପକ୍ଷରୁ ରକ୍ତଦାନ ଶିବିର



ବ୍ରହ୍ମପୁର,୧୫ ।୫(ସମିସ): ବିଶ୍ୱ ରେଡକ୍ରସ ଦିବସ ଅବସରରେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ ଟିପିଏସ୍‌ଓଡିଏଲ୍ ପକ୍ଷରୁ ଏମ୍‌କେସିଜି ମେଡିକାଲ କଲେଜଠାରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ଏମକେସିଜି ହସ୍ପିଟାଲ ଏବଂ ସୋଟ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସହଯୋଗରେ ଏହା ଆୟୋଜନ କରାଯାଇଥିଲା। ଏମକେସିଜି ମେଡିକାଲ କଲେଜ ଏବଂ ହସ୍ପିଟାଲର ଡିନ୍ ପ୍ରଫେସର ଡାକ୍ତର ସୁଚିତ୍ରା ଦାସ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶିବିରରୁ ମୋଟ ୧୧୮ ୟୁନିଟ ରକ୍ତ ସଂଗୃହୀତ ହୋଇଛି। କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଟିପିଏସ୍‌ଓଡିଏଲ୍ କର୍ମଚାରୀ, ଡାକ୍ତରୀ ଛାତ୍ର, ଡାକ୍ତର ଏବଂ ସ୍ୱେଚ୍ଛାସେବୀ ନିଃସ୍ୱାର୍ଥପର ଭାବେ ସାମାଜିକ ଦାୟିତ୍ୱବୋଧ ଭାବନା ନେଇ ସାମିଲ ହୋଇଥିଲେ।



ଏହି ପଦକ୍ଷେପ ସମ୍ପର୍କରେ ଟି ପି ଏ ସ୍ ଓ ଡି ଏ ଲ ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର କହିଛନ୍ତି, ରକ୍ତଦାନ ହେଉଛି ମାନବ ସେବାର ଏକ ଶ୍ରେଷ୍ଠ ନିଦର୍ଶନ। ଆବଶ୍ୟକ ସମୟରେ ପରସ୍ପରକୁ ସହଯୋଗ କରିବା ଆମର ଦାୟିତ୍ୱ। ଟିପିଏସ୍‌ଓଡିଏଲରେ ଆମେ ଲୋକଙ୍କ ଜୀବନ ବଞ୍ଚାଇବା, ସମାଜରେ ସ୍ନେହ ଓ ବନ୍ଧୁତା ମନୋଭାବ ରଖି କାମ କରିବା ଉପରେ ଗୁରୁତ୍ୱ ଦେଉ। ଏମକେସିଜି ଡ଼ିନ ପ୍ରଫେସର ଦାସ ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ। ଯୁବପିଢ଼ି ଓ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଏପରି କାର୍ଯ୍ୟକ୍ରମ ଜାରି ରଖିବାକୁ ଉତ୍ସାହିତ କରିଥିଲେ।

### ବନ୍ଧୁତା ସ୍ଥାପନ କରି ଠକେଇ

# ଭାଇ-ଭଉଣୀଙ୍କ ଠାରୁ ୪୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ

ବ୍ରହ୍ମପୁର,୧୫ ।୫(ସମିସ)



- ଭାଇଙ୍କ ଠାରୁ ନଗଦ ୨୬ଲକ୍ଷ ସମେତ କ୍ରେଡିଟ୍ କାର୍ଡରୁ ୭ ଲକ୍ଷରୁ ଉର୍ଦ୍ଧ୍ୱ ହଡ଼ପ
- ଭଉଣୀଙ୍କ ଠାରୁ ନେଇଗଲେ ନଗଦ ୧୦ଲକ୍ଷ
- ବ୍ୟାଙ୍କ ଋଣ ସୁଝି ସୁଝି ଭାଇ ନୟାନ୍ତ; ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ

ଠକେଇର ନିଆରା ତରିକା। ପ୍ରଥମେ ବନ୍ଧୁତା ସ୍ଥାପନ ଓ ତାପରେ ବିଶ୍ୱାସରେ ବିଷ ଦେଇ ଠକିବା। ଏଭଳି ଏକ ଠକାମୀର ଶିକାର ହୋଇଛନ୍ତି ବ୍ରହ୍ମପୁରର ଭାଇ ଓ ଭଉଣୀ। ଉଭୟେ ସରକାରୀ ଚାକିରିଆ। ଅଧିକ ଅର୍ଥ ଉପାର୍ଜନର ଲୋଭ ନୁହେଁ ବରଂ ଜଣେ ବନ୍ଧୁଙ୍କୁ ବିଶ୍ୱାସ କରି ଠକାମୀର ଶିକାର ହୋଇଛନ୍ତି ଉଭୟେ। ଏଭଳି ଏକ ଘଟଣା ନଜରକୁ ଆସିଛି ବ୍ରହ୍ମପୁର ସହରରେ। ଭଞ୍ଜନଗର ମୂଳନିବାସୀ ତଥା ଲାଞ୍ଜିପଲ୍ଲୀରେ ରହୁଥିବା ଉଭୟ ସରକାରୀ ଚାକିରିଆ। ଭାଇ ପଞ୍ଚାୟତର ପିଇଓ ଓ ଭଉଣୀ ଶିକ୍ଷୟିତ୍ରୀ। ଭାଇଙ୍କ ଜଣେ ପୁରୁଣା ବନ୍ଧୁ ଶ୍ରୀଧର ସାହୁଙ୍କ ଜରିଆରେ ଧରାକୋଟ ରାଗୁମୁ ଗ୍ରାମର ମୂଳନିବାସୀ ତଥା ସ୍ଥାନୀୟ ଜ୍ୟୋତିନଗର ୩ୟ ଲାଇନରେ ପ୍ରତୀକ୍ଷା ଏଣ୍ଟରପ୍ରାଇଜର୍ସ ଭାବେ ଏକ ଘରୋଇ କମ୍ପାନୀ ଖୋଲିଥିବା ବୀରେନ ସ୍ୱାଇଁଙ୍କ ସହିତ ପରିଚୟ ହୋଇଥିଲା। ଉଭୟଙ୍କ ପରିବାର ମଧ୍ୟରେ ବନ୍ଧୁତା ସ୍ଥାପନ ପରେ ବୀରେନ ଯୋଜନାବଦ୍ଧ ଭାବେ ପ୍ରଥମେ ଭାଇ ଓ ପରେ ଭଉଣୀଙ୍କୁ ଲୁଟିବାକୁ ଯୋଜନା କରିଥିଲା। ନିଜ କମ୍ପାନୀରେ ଅର୍ଥର ଆବଶ୍ୟକତା ଥିବା ଦର୍ଶାଇ ପ୍ରଥମେ ଭାଇଠାରୁ ପର୍ଯ୍ୟାୟ କ୍ରମେ ନଗଦ ୨୬ଲକ୍ଷ ନେବା ପରେ ବିଶ୍ୱାସ ଜନ୍ମାଇବାକୁ କିସ୍ତି କିସ୍ତି କରି କିଛି ଟଙ୍କା ଫେରାଉଥିଲା। ପରେ ତାଙ୍କଠାରୁ ଗୋଟିଏ ପରେ ଗୋଟିଏ ଏହିଭଳି ୫ଟି ବ୍ୟାଙ୍କର ୬ଟି କ୍ରିଡିଟ୍ କାର୍ଡକୁ ମଧ୍ୟ ହାତେଇବାରେ ସଫଳ ହୋଇଥିଲା ବୀରେନ। ସେଥିରୁ ପ୍ରାୟ ୭ରୁ ୮ଲକ୍ଷ ପର୍ଯ୍ୟନ୍ତ ଟଙ୍କା ଉଠାଣ କରିବା ସହ ପୁଣି କ୍ରେଡିଟ କାର୍ଡ ଉପରେ ଋଣ ନେଇଯାଇଥିଲା ବୀରେନ। ମାତ୍ର ମାସିକ କିଛି କିଛି ଟଙ୍କା ଫେରସ୍ତ କରୁଥିଲା। ପରେ ପୁଣି କିଛି ଅର୍ଥର ଜରୁରୀ ଥିବା ଦର୍ଶାଇ ନିଜ କମ୍ପାନୀର କିଛି କର୍ମଚାରୀଙ୍କ ଜରିଆରେ ଚାପ ସୃଷ୍ଟି କରି ଚିନ୍ମୟଙ୍କ ଦ୍ୱାରା ତାଙ୍କ ଶିକ୍ଷୟିତ୍ରୀ ଭଉଣୀଙ୍କୁ ୧୦ଲକ୍ଷ ଟଙ୍କା ଯୋଗାଡ଼ କରିବାକୁ ମନାଇବାରେ ସଫଳ ହୋଇଥିଲେ ବୀରେନ। ସେ ତାଙ୍କ ବାନ୍ଧବୀଙ୍କ ଠାରୁ ୧୦ଲକ୍ଷ ଟଙ୍କା ହାତ ଉଧାରି ଆଣି ବୀରେନଙ୍କୁ ଦେଇଥିଲେ। ଏଭଳି ଭାବେ ବୀରେନ ଉଭୟଙ୍କ ଠାରୁ ମୋଟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକି ନେଇଥିଲେ। ଏହାର କିଛିଦିନ ପରେ ବୀରେନ ମାସିକିଆ ଫେରାଉଥିବା ଟଙ୍କା ମଧ୍ୟ ଆଉ ଦେଇନଥିଲା। ଫଳରେ ଭାଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିବା ପରେ ଗତ ଡିସେମ୍ବର ମାସରେ ଥାନାରେ ହାଜର ହୋଇ ବୀରେନ ତାଙ୍କୁ ୨୯ଲକ୍ଷ ଟଙ୍କାର ୩ଟି ପୋଷ୍ଟଡେଟେଡ୍ ଚେକ ଦେଇଥିଲେ ଏବଂ ଥାନାରୁ ୪୧ ଧାରାରେ ମୁକୁଳିଥିବା ଜଣାପଡିଛି। ତେବେ ଚେକ୍ ଗୁଡ଼ିକୁ ବ୍ୟାଙ୍କରେ ଜମା ନକରିବାକୁ ବୀରେନ ପୁଣି ତାଙ୍କ ନିକଟରେ କାକୁତିମିନତି ହୋଇଥିଲା। ଫଳରେ ସେ ଏହାକୁ ବ୍ୟାଙ୍କରେ ଜମା କରିନଥିଲେ। ଇତିମଧ୍ୟରେ ୫ ମାସ ବିତି ଯାଇଥିବା ବୀରେନ ଆଉ ଫୋନ୍ ଉଠାଇ ନଥିଲେ ବରଂ ଉଭୟ ଭାଇ-ଭଉଣୀଙ୍କ ନମ୍ବରକୁ ବ୍ଲକ୍ କରିଦେଇଥିଲେ। ଏଭଳି ସ୍ଥିତିରେ କ୍ରେଡିଟ କାର୍ଡର ଇଏମ୍‌ଆଇ ପରିଶୋଧ ସହିତ ସେଥିରୁ ବୀରେନ ଉଠାଇଥିବା ଋଣ କିସ୍ତି ସୁଝି ସୁଝି ଭାଇ ନୟାନ୍ତ ହୋଇପଡ଼ିଥିବାବେଳେ ବାନ୍ଧବୀଙ୍କ ଠାରୁ ହାତ ଉଧାରି ଆଣିଥିବା ୧୦ଲକ୍ଷ ଟଙ୍କା ସୁଝିବାକୁ ନେଇ ଭଉଣୀ ମଧ୍ୟ ଚିନ୍ତାରେ। ଠକେଇର ଶିକାର ହୋଇଥିବା ଉଭୟ ଭାଇ ଭଉଣୀ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍‌ଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଭାଇଭଉଣୀଙ୍କୁ ଏସ୍‌ପି ନିର୍ଭର ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

# ଶ୍ରୀକ୍ଷେତ୍ର ସିଟି

୧୫/୫/୨୦୨୫ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୬୪,୦୪୨/- ସୁନା: ୦୦.୦୦୦ ଗ୍ରାମ୍ ରୂପା: ୦୦.୦୦୦ ଗ୍ରାମ୍





## 'ଭାଷା ଓ ସାହିତ୍ୟ ପରସ୍ପର ପରିପୂରକ'

● ଓଡ଼ିଆ ଭାଷା ଓ ସାହିତ୍ୟ ମଧ୍ୟରେ ଭାବ ଓ ଚେତନାର ସମ୍ବନ୍ଧ ରହିଛି

ପୁରୀ,୧୫।୫(ସମିସ): ସମତା ସାହିତ୍ୟ ସମିତିର ଦ୍ୱିତୀୟ ବାର୍ଷିକୋତ୍ସବ ସ୍ଥାନୀୟ ୟୁଥ୍ ହଷ୍ଟେଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ପ୍ରତିଭା ତ୍ରିପାଠୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ତଥା ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଶିକ୍ଷୟିତ୍ରୀ ଡ. ଶକୁନ୍ତଳା ବଳିୟାରସିଂହ ଯୋଗଦେଇ କହିଲେ ଭାଷା ଓ ସାହିତ୍ୟ ପରସ୍ପର ପରିପୂରକ। ଓଡ଼ିଆ ଭାଷା ଓ ସାହିତ୍ୟ ମଧ୍ୟରେ ଭାବ ଓ ଚେତନାର ସମ୍ବନ୍ଧ ରହିଛି। ମୌଳିକତଃ ଲୋକଗୀତ, ଲୋକକଥା ଓ ପ୍ରାକୃତ ଭାଷାରୁ ଓଡ଼ିଆ ସାହିତ୍ୟର ସୃଷ୍ଟି। ତେଣୁ ଓଡ଼ିଆ ସାହିତ୍ୟର ଲିଖିତ ସ୍ୱରୂପ ଚର୍ଯ୍ୟା ଗୀତିକାରେ ରହିଛି। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱରସ୍ଥିତ ରାଜଧାନୀ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଅଭିମନ୍ୟୁ ଭୂୟାଁ, ସାହିତ୍ୟିକ ଶିବ ସୁନ୍ଦର ମିଶ୍ର, ଶରତ କୁମାରୀ ମିଶ୍ର, ବିଜୟଲକ୍ଷ୍ମୀ ସାହୁ, ସୁଶ୍ରୀ କ୍ରିଷ୍ଣା ଦେବୀ ଯୋଗଦେଇଥିବା ବେଳେ ବିଶିଷ୍ଟ ଅତିଥି ଭାବେ ବରିଷ୍ଠ ସେବାୟତ ଗୋପାଳ ଚନ୍ଦ୍ର ଖୁଣ୍ଟିଆ ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ସାମ୍ବାଦିକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ଅନୁଷ୍ଠାନର ସମ୍ପାଦକ ଭାଗବତ ପ୍ରସାଦ ପଟ୍ଟନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଓଡ଼ିଆ ଭାଷା ସୁରକ୍ଷାରେ ସାହିତ୍ୟର ଭୂମିକା ଶୀର୍ଷକ ଆଲୋଚନାଚକ୍ରରେ ପ୍ରାଧ୍ୟାପକ କାର୍ତ୍ତିକ କୁମାର ଦାସ, ପ୍ରାଧ୍ୟାପକ ଅଶୋକ କୁମାର ମିଶ୍ର, ବିଜୟଲକ୍ଷ୍ମୀ ଦାଶ, ନାରାୟଣ ନନ୍ଦ, ପଣ୍ଡିତ ଦୟାନିଧି ତ୍ରିପାଠୀ, ଅନ୍ନପୂର୍ଣ୍ଣା ଦେବୀ ପ୍ରମୁଖ ଅଂଶଗ୍ରହଣ କରି ଓଡ଼ିଆ ସାହିତ୍ୟ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ସାହିତ୍ୟିକ ଶିବ ସୁନ୍ଦର ମିଶ୍ର, ବରିଷ୍ଠ ସେବାୟତ ଗୋପାଳ ଖୁଣ୍ଟିଆ, ଆକାଶବାଣୀ ପୁରୀର ଉଦ୍‌ଘୋଷିକା ମାନସୀ ଦେଇ ଓ କବି ଚନ୍ଦ୍ରମଣୀ ଦାଶଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନର ଦ୍ୱିତୀୟ ବାର୍ଷିକୋତ୍ସବ ଅବସରରେ ବିଶିଷ୍ଟ କବି ବିପିନ ବିହାରୀ ଦଳେଇ ଓ ସରବାଣୀ ଦାସଙ୍କ ସଂଯୋଜନାରେ ଏକ ମନୋଜ୍ଞ କବିତା ଆସର ଅନୁଷ୍ଠିତ ହୋଇଥିଲା। ରଚିତା ରାଉତରାୟ, ଚନ୍ଦ୍ରଶେଖର ମହାରଣା, ଯୋଗେଶ୍ୱର ପ୍ରହରାଜ, ତୃପ୍ତି ପଣ୍ଡା, ଆଶାଲତା ପ୍ରଧାନ, ଚାରୁଲତା ମିଶ୍ର, ଅଧ୍ୟାପକ ସହଦେବ ସାହୁ, ପଣ୍ଡିତ ସଦାଶିବ ମିଶ୍ର ପ୍ରମୁଖ କବିମାନେ ସ୍ୱରଚିତ କବିତାମାନ ଗାନ କରିଥିଲେ। ସୁବୋଧ କୁମାର ସୁବୁଦ୍ଧି, ଜୁପିଟର ଦାସ, ଚନ୍ଦ୍ରମଣି ଦାସ ଓ ଶ୍ରୀଧର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଧନ୍ୟବାଦ ଅର୍ପଣ କରିଥିଲେ ସୁଶ୍ରୀ କ୍ରିଷ୍ଣା ଦେବୀ।

## ସହିଦ୍ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲା ପୁରୀ କଂଗ୍ରେସ

ପୁରୀ,୧୫।୫(ସମିସ): କଶ୍ମୀର ପହଲ୍‌ଗାମ୍ ଆତଙ୍କବାଦୀ ଆକ୍ରମଣର ଦୃଢ଼ ଜବାବ ଦେଇଛନ୍ତି ଭାରତୀୟ ଯବାନ। ଭାରତୀୟ ସେନା ତିନି ବାହିନୀର ଯବାନମାନେ ଅଦମ୍ୟ ସାହସ ଓ ପରାକାଷ୍ଠା ଦେଖାଇ ପାକିସ୍ତାନ ଭିତରେ ପଶି ଆତଙ୍କୀ ଆଡ୍ଡାକୁ ନଷ୍ଟ କରିଛନ୍ତି। ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ଆକ୍ରମଣ ଓ ପ୍ରତି ଆକ୍ରମଣରେ ଭାରତର ବୀର ସୈନିକମାନେ ସେମାନଙ୍କର ଉତ୍କର୍ଷତା, ପରାକାଷ୍ଠା ଓ ବୀରତ୍ୱ ପ୍ରଦର୍ଶନ କରି ଦେଶ ମାତୃକାର ନାଁକୁ ଟେକ ରଖିଛନ୍ତି। ଦୁଇଦେଶ ମଧ୍ୟରେ ହୋଇଥିବା ଆକ୍ରମଣ ଓ ପ୍ରତି ଆକ୍ରମଣରେ ଭାରତ ମା'ର କେତେଜଣ ବୀର ଯବାନ ସହିଦ ହୋଇ ଦେଶ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଛନ୍ତି। ସେହି ସହିଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛି ପୁରୀ ଜିଲ୍ଲା କଂଗ୍ରେସ କମିଟି। ଗୁରୁବାର କଂଗ୍ରେସର ନେତୃବୃନ୍ଦ, କର୍ମୀ ଓ ଶୁଭେଚ୍ଛୁମାନେ ଜିଲ୍ଲା କାର୍ଯ୍ୟାଳୟଠାରେ ଏକତ୍ରିତ ହୋଇ ମହମବତି ଜଳାଇ ସହିଦ୍ ଯବାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଛନ୍ତି। କାର୍ଯ୍ୟକ୍ରମ ସୁଚାରୁ ରୂପେ ହୋଇଥିବା ସ୍ଥଳେ ପୁରୀ ଜିଲ୍ଲା କଂଗ୍ରେସର ସମସ୍ତ ଶାଖାର ସଦସ୍ୟ ସାମିଲ ହୋଇଥିଲେ। ଜିଲ୍ଲା କଂଗ୍ରେସ ସଂଯୋଜକ ଇଂ. ରାଜେଶ କୁମାର ମିଶ୍ରଙ୍କ ଆହ୍ୱାନ କ୍ରମେ ବରିଷ୍ଠ କଂଗ୍ରେସ ନେତା ପୁଷ୍କର ମହାପାତ୍ର, ଜୟନାରାୟଣ ପଟ୍ଟନାୟକ, ଉମାପଦ ମିଶ୍ର, ବିନାୟକ ଦାସ ମହାପାତ୍ର, ନିରଞ୍ଜନ ରଥ, ମନୋଜ ରଥ, ବିଦ୍ୟୁଲତା ଆଚାର୍ଯ୍ୟ, ସରସ୍ୱତୀ ପାତ୍ର, ରାଜା ମହାନ୍ତି, ଜିବେସ ଚନ୍ଦ୍ର ରଥ, ବିଭୁଦତ୍ତ ମିଶ୍ର, ସୁଜିତ ମହାପାତ୍ର, ଛବିନ୍ଦ୍ର ପଡ଼ିଆରୀ, ଅମରେନ୍ଦ୍ର ପାଇକରାୟ, ବିଶ୍ୱନାଥ ଦାଶ, ନିରଞ୍ଜନ ମିଶ୍ର, ଡ. ନିରଞ୍ଜନ ବିଶ୍ୱାଳ, ସୀତାକାନ୍ତ ମହାନ୍ତି, ପ୍ରେମଜିତ ମହାନ୍ତି, ଚେତନ ମିଶ୍ର, ଶ୍ରୀବତ୍ସ ରଥ, ଆର୍ତ୍ତତ୍ରାଣ ସାହୁ, ରଜତ ସାହୁ, ରାମଚନ୍ଦ୍ର ସାହୁ, ରାଜା ମହାନ୍ତି, ଅବିନାଶ ମିଶ୍ର, ସୌମ୍ୟକାନ୍ତ ପ୍ରଧାନ, ଆଶୁତୋଷ ମିଶ୍ର, ବିଶ୍ୱରଞ୍ଜନ ସାମନ୍ତରାୟ, ଉମାକାନ୍ତ ବେହେରା, କିଶୋର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା କଂଗ୍ରେସର ପୂର୍ବତନ ମୁଖପାତ୍ର ସ୍ୱାଧୀନ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଚୋରି ବାଇକ୍ ଉଦ୍ଧାର; ଜଣେ ଗିରଫ

ପୁରୀ,୧୫।୫(ସମିସ): ବାଇକ୍ ଚୋରି ଅଭିଯୋଗରେ ସମୁଦ୍ରକୂଳ ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ସଦର ଥାନା ଅଧୀନ ତଳକଣ୍ଠୁରୀପଡ଼ାର ମାଧବ ଭୋଇ ବୋଲି ଜଣାପଡ଼ିଛି। ତା' ନିକଟରୁ ଚୋରି ବାଇକ୍ ଉଦ୍ଧାର କରିଛି ପୁଲିସ। ପୁଲିସ ସୂଚନା ଅନୁଯାୟୀ, ବୁଧବାର ଗୋପୀନାଥପୁର ତଳନୂଆସାହିର ରାକେଶ ବିଶ୍ୱାଳ ତାଙ୍କର ଅନ୍ୟ ସାଙ୍ଗଙ୍କ ସହ ସମୁଦ୍ରକୂଳ ବୁଲିବାକୁ ଆସିଥିଲେ। ତାଙ୍କ ବାଇକ୍‌ଟି ସ୍ୱର୍ଗଦ୍ୱାର ନିକଟରେ ପାର୍କିଂ କରି ରଖିଥିଲେ। ସମୁଦ୍ର କୂଳ ବୁଲିସାରି ଆସି ବାଇକ୍‌ଟି ପାଇନଥିଲେ। ଚୋରି ହୋଇଯାଇଥିବା ନେଇ ସମୁଦ୍ର କୂଳ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ମାଧବକୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରାଯାଇଛି।

# ଦୀର୍ଘବର୍ଷ ହେଲା ପରିତ୍ୟକ୍ତ ଅବସ୍ଥାରେ ପଥର ପୋଖରୀ

● ଅନୁଦାନ ରାଶି ବୃଦ୍ଧି; ଆରମ୍ଭ ହେଉନି କାମ

● ତିନିପଟୁ ଜବରଦଖଲ; ସଂକୁଚିତ ହେବାରେ ଲାଗିଛି



ପୁରୀ,୧୫।୫(ସମିସ)

କେବେ ଆରମ୍ଭ ହେବ ପଥର ପୋଖରୀ କାମ? ବିଭିନ୍ନ ସମୟରେ ଏହାର ପୁନରୁଦ୍ଧାର ଏବଂ ଉନ୍ନତିକରଣ କରାଯିବ ବୋଲି ଶୁଣିବାକୁ ମିଳିଛି। ହେଲେ ଏହା ବାସ୍ତବତାର ରୂପ ନେଇପାରି ନାହିଁ। ଫଳରେ ଦୀର୍ଘବର୍ଷ ହେବ ପରିତ୍ୟକ୍ତ ଅବସ୍ଥାରେ ଥିବା ପଥର ପୋଖରୀର ସ୍ଥିତି ଦିନକୁ ଦିନ ଆହୁରି ଶୋଚନୀୟ ହେବାରେ ଲାଗିଛି। ଏହାର ପାଚେରି ଭୁଶୁଡ଼ି ପଡ଼ିଥିବାବେଳେ ତିନିପଟୁ ଜବରଦଖଲ ଏହାକୁ ସଂକୁଚିତ କରିସାରିଲାଣି। ସ୍ଥାନୀୟ ଅଞ୍ଚଳବାସୀ ଜବରଦଖଲ ହଟାଇ ପୁନରୁଦ୍ଧାର କରିବାକୁ ଦାବି କରିଆସୁଛନ୍ତି।

ଅବଢ଼ା ଯୋଜନାରେ ପଥର ପୁଷ୍କରିଣୀର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ପୂର୍ବରୁ ଉଦ୍ୟମ ଆରମ୍ଭ ହୋଇଥିଲା। ଏଥିଲାଗି ୨କୋଟି ୧୬ଲକ୍ଷ ୫୨ ହଜାର ୨୮ ଟଙ୍କା ମଞ୍ଜୁର ହୋଇଥିଲା। ଓଡ଼ିଶା ସେତୁ ଓ ନିର୍ମାଣ ନିଗମ (ଓବିସିସି) ପକ୍ଷରୁ କାମ ଆରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ପାଇପ୍ ଯୋଗେ ପୋଖରୀରୁ ପାଣି ଖାଲି କରାଯାଇଥିଲା। କିନ୍ତୁ ମଞ୍ଜୁର ଅର୍ଥରେ ପୋଖରୀର ପୁନରୁଦ୍ଧାର ସମ୍ପୂର୍ଣ୍ଣ ହେବନାହିଁ ବୋଲି ଅନୁଦାନ ରାଶି ବଢ଼ାଇବା ପାଇଁ କାମ ଅଟକିଥିଲା। ଗତ ଏପ୍ରିଲରେ ଅନୁଦାନ ପରିମାଣ ବଢ଼ିଥିବାବେଳେ ଏହାର ଡିଜାଇନ୍‌ରେ ମଧ୍ୟ ପରିବର୍ତ୍ତନ କରାଯାଇଥିଲା। ସେହିପରି ୬ ମାସ ମଧ୍ୟରେ କାମ ସାରିବାକୁ ଲକ୍ଷ୍ୟ ଧାର୍ଯ୍ୟ ରହିଥିବାବେଳେ ଇତିମଧ୍ୟରେ ଦୁଇମାସ ବିତିଲାଣି, ହେଲେ କାମ ଆରମ୍ଭ ହୋଇପାରି ନାହିଁ।

ଶ୍ରୀକ୍ଷେତ୍ରର ଅନ୍ୟ ତୀର୍ଥ ପୁଷ୍କରିଣୀ ଭଳି ପଥର ପୋଖରୀକୁ ମଧ୍ୟ ଖଣ୍ଡୋଲାଇଟ ପଥରରେ ଆଚ୍ଛାଦିତ କରାଯିବା ନେଇ ହୋଇଥିଲା ଯୋଜନା। ଏହାବ୍ୟତୀତ ଚତୁଃପାର୍ଶ୍ୱରେ ଖଣ୍ଡୋଲାଇଟ୍ ପଥରରେ ପୌରାଣିକ କଥାବସ୍ତୁର ଅବତାରଣା କରାଯିବା ନେଇ ଡିଜାଇନ୍ ପ୍ରସ୍ତୁତ ହୋଇଥିଲା। ଓବିସିସି ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ପୁଷ୍କରିଣୀରୁ ପାଇପ୍ ଯୋଗେ ପାଣି ଖାଲି କରାଯାଇଥିଲା। ପାଣି ଖାଲି ହେବା ପରେ ମାଟି ପରୀକ୍ଷା ହୋଇଥିଲା। ପରୀକ୍ଷା ପରେ ସ୍ଥିତି ଦେଖି ଡିଜାଇନ୍‌ରେ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଥିଲା ଓବିସିସି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପାଣି ଖାଲି ହେବା ପରେ ପୁରୁଣା ରିଟେନିଂ ୱାଲ୍‌ର ପଥର ଦୁର୍ବଳ ହୋଇଯାଇଥିବା ଜଣାପଡ଼ିଥିଲା। ତେଣୁ ପୁଷ୍କରିଣୀର ପୂର୍ବ ଡିଜାଇନ୍ ଅନୁଯାୟୀ କାମ କରିବା ସମ୍ଭବ ନୁହେଁ ବୋଲି ଓବିସିସିର ଯନ୍ତ୍ରୀ ସ୍ପଷ୍ଟ କରିଥିଲେ। ତେଣୁ ସେତେବେଳର ନିଷ୍ପତ୍ତି ମୁତାବକ ଅନୁଦାନ ରାଶି ୨କୋଟି ୧୬ଲକ୍ଷରୁ ୪ କୋଟି ୧୩ଲକ୍ଷ ୩୫ ହଜାର ୪୪୬ ଟଙ୍କା, ଅର୍ଥାତ୍ ଦୁଇଗୁଣା ବୃଦ୍ଧି ପାଇଛି।

ଶ୍ରୀକ୍ଷେତ୍ରର ପ୍ରବେଶ ପଥ ଅଠର ନଳା ନିକଟରେ ରହିଛି ମା' ଆଲାମଚଣ୍ଡୀଙ୍କ ମନ୍ଦିର। ମନ୍ଦିର ସମ୍ମୁଖ ଭାଗରେ ରହିଛି ଏହି ପୁଷ୍କରିଣୀ। ଏହାକୁ ମଧ୍ୟ କେହି କେହି ମା' ଆଲାମଚଣ୍ଡୀଙ୍କ ପୁଷ୍କରିଣୀ କହିଥା'ନ୍ତି। ଏହି ପଥର ପୋଖରୀ ନବକଳେବର ସହ ଜଡ଼ିତ। ମହାପ୍ରଭୁଙ୍କ ନବକଳେବରବେଳେ ଦଇତାପତିମାନେ ବନଯାଗ ଯାତ୍ରାରେ ଦାରୁ ନେଇ ଫେରିବାବେଳେ ଏଠାରେ ବିଶ୍ରାମ ନେଇ ପୁଷ୍କରିଣୀରେ ସ୍ନାନ କରନ୍ତି। ସେଠାରେ ଅଟକିଥିବା ଦାରୁ ଶ୍ରୀକ୍ଷେତ୍ର ଅଭିମୁଖେ ଯାତ୍ରା ଆରମ୍ଭ କରେ। ମାତ୍ର ଐତିହ୍ୟ ଗୁରୁତ୍ୱ ବହନ କରୁଥିବା ଏହି ପୁଷ୍କରିଣୀ ପର୍ଯ୍ୟଟକଙ୍କ ଆଢୁଆଳରେ ରହିଯାଇଛି। ନବକଳେବର ଯାତ୍ରାକୁ ଦୃଷ୍ଟିରେ ରଖି ୨୦୧୩ରେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ପୋଖରୀର ପୁନରୁଦ୍ଧାର ଲାଗି ପଦକ୍ଷେପ ନିଆଯାଇଥିଲା। ଏଥିଲାଗି ୨୬ଲକ୍ଷ ୫୨ହଜାର ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ଏହି ଅନୁଦାନରେ ପୋଖରୀର ପୁନରୁଦ୍ଧାର, ପାହାଚ, ଚତୁଃପାର୍ଶ୍ୱରେ ୩ ଫୁଟ୍‌ର ପାଚେରି, ଲ୍ୟାଣ୍ଡ ସ୍କେପିଂ ଓ ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା ରହିଥିଲା। ୨୦୧୪ରେ ଏହାର ପନରୁଦ୍ଧାର କାମ ଆରମ୍ଭ ହୋଇଥିଲା। ପୋଖରୀରୁ ପଙ୍କୋଦ୍ଧାର ସହ ଲ୍ୟାଣ୍ଡ ସ୍କେପିଂ, ଉଜ୍ଜ୍ୱଳ ଆଲୋକୀକରଣ, ପାଚେରି ଆଦି କରାଯାଇଥିଲା। ଏହି ପୁନରୁଦ୍ଧାର କାର୍ଯ୍ୟ ୨୦୧୫ ମାର୍ଚ୍ଚ ମାସରେ ଶେଷ ହୋଇଥିଲା। କିନ୍ତୁ ପୋଖରୀର ପୁନରୁଦ୍ଧାର ସତ୍ତ୍ୱେ ପାଣି ପ୍ରଦୂଷିତ ରହିବାରୁ ନବକଳେବର ବେଳେ ଦଇତାପତିମାନେ ସ୍ନାନ ପାଇଁ ବ୍ୟବହାର କରିପାରି ନ ଥିଲେ। ନବକଳେବର ଯାତ୍ରା ଶେଷ ପରେ ପୋଖରୀର ରକ୍ଷଣାବେକ୍ଷଣ ପ୍ରତି ଦୃଷ୍ଟି ଦିଆଗଲା ନାହିଁ। ୨୦୧୬ ବର୍ଷା ଦିନରେ ଏହାର ଦକ୍ଷିଣ ପାଶ୍ୱର୍ ପାଚେରି ଭୁଶୁଡ଼ି ପଡ଼ିଲା। ନିମ୍ନମାନର କାମ ଯୋଗୁଁ ଏପରି ଘଟିବା ଅଭିଯୋଗ କରି ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରି ଆନ୍ଦୋଳନ କରିଥିଲେ। ଏହା ସତ୍ତ୍ୱେ ଭୁଶୁଡ଼ି ଥିବା ପାଚେରିର ମରାମତି କରାଯାଇ ନ ଥିବାବେଳେ ପୋଖରୀକୁ ତିନି ପାଶ୍ୱର୍ରୁ ଜବରଦଖଲ କରାଯାଇଛି।

### ହୋଟେଲ ମାଲିକ-ପୁଲିସ ବୈଠକ

# ଡ୍ରୋନ୍ ଉଡ଼ାଣ, ଠକେଇ ନେଇ ସତର୍କ କଲା ପୁଲିସ



ପୁରୀ,୧୫।୫(ସମିସ)

ଆଗକୁ ରଥଯାତ୍ରା। ଏଥିପାଇଁ ପୁରୀକୁ ଲକ୍ଷ ଲକ୍ଷ ଭକ୍ତ ଆସିବେ। ଯେହେତୁ ପୁରୀରେ ମାସାଧିକ ପ୍ରବଳ ଗହଳି ହେବ ତେଣୁ ସୁରକ୍ଷା ବ୍ୟବସ୍ଥା ମଧ୍ୟ ପୁଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ରହିବ। ପୁରୀ ଆସୁଥିବା ଭକ୍ତ ଓ ପର୍ଯ୍ୟଟକମାନେ ଯେପରି ସୁରକ୍ଷିତ ଭାବେ ରହି ଭଲ ଅନୁଭୂତି ନେଇ ଫେରିବେ ତା' ଉପରେ ବିଶେଷ ଗୁରୁତ୍ୱ ଦେଇଛି ପୁଲିସ। ଏ ନେଇ ଗୁରୁବାର ଟାଉନ୍ ଥାନା ପରିସରରେ ହୋଟେଲ ମାଲିକଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁଲିସ ଯାତ୍ରୀଙ୍କ ସୁରକ୍ଷା, ସେମାନେ କିଭଳି ଠକେଇର ଶିକାର ନ ହେବେ ବୋଲି ଡ୍ରୋନ୍ ଉଡ଼ାଣ ନେଇ କଟକଣା ଉପରେ ହୋଟେଲ ମାଲିକଙ୍କୁ ସଚେତନ କରାଇଥିଲା।

ସମସ୍ତ ହୋଟେଲ କର୍ତ୍ତୃପକ୍ଷଙ୍କୁ ସରାଇ ଆପ୍ ବ୍ୟବହାର କରିବା ଲାଗି ପୂର୍ବରୁ ପରାମର୍ଶ ଦିଆଯାଇଥିଲା। ହେଲେ ଅନେକ ହୋଟେଲ ଏହାକୁ ପାଳନ କରୁନାହାନ୍ତି। ତେଣୁ ସମସ୍ତେ ନିଜର ଏବଂ ପୁରୀର ସୁରକ୍ଷା ପାଇଁ ଏହାକୁ ବ୍ୟବହାର କରିବା ଲାଗି କୁହାଯାଇଥିଲା। ପ୍ରତିଦିନ ହୋଟେଲକୁ ଆସୁଥିବା ଯାତ୍ରୀଙ୍କ ତଥ୍ୟ ନିକଟସ୍ଥ ଥାନାକୁ ଜଣାଇବା ପାଇଁ କୁହାଯାଇଛି। ହୋଟେଲରେ ରହିବାକୁ ଆସୁଥିବା ଯାତ୍ରୀ, ପର୍ଯ୍ୟଟକଙ୍କୁ ଭଲ ଭାବେ ଯାଞ୍ଚ କରିବା ସହ ସେମାନଙ୍କ ତଥ୍ୟ ରଖିବେ। ଯେଉଁମାନେ ଡ୍ରୋନ୍ ଆଣି ଆସିଥିବେ ସେମାନଙ୍କୁ କଟକଣା ବିଷୟରେ ଅବଗତ କରାଇବେ। ପ୍ରଥମତଃ ସେମାନଙ୍କ ଡ୍ରୋନ୍‌କୁ ସିଲ୍ କରିବେ। ଶ୍ରୀମନ୍ଦିର, କୋଣାର୍କ ମନ୍ଦିର ଅଞ୍ଚଳ ରେଡ୍ ଜୋନ୍‌ରେ ରହିଛି। ଏଠାରେ କୌଣସି ପ୍ରକାର ଡ୍ରୋନ୍ ଉଡ଼ାଣ ହୋଇପାରିବ ନାହିଁ। ସେହିପରି ଯେଉଁମାନେ ବଡ଼ଦାଣ୍ଡ ଏବଂ ବେଳାଭୂମିରେ ଡ୍ରୋନ୍ ଉଡ଼ାଣ ପାଇଁ କହିବେ ସେମାନେ ସ୍ଥାନୀୟ ଥାନା ମାଧ୍ୟମରେ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ଆଣିବା ଦରକାର ବୋଲି ଯାତ୍ରୀଙ୍କୁ ଅବଗତ କରାଇବେ ବୋଲି ହୋଟେଲ ମାଲିକମାନଙ୍କୁ କୁହାଯାଇଥିଲା।

ବୈଠକରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଅନ୍‌ଲାଇନ୍ ଠକେଇ ଉପରେ ମଧ୍ୟ ହୋଟେଲ ମାଲିକମାନଙ୍କୁ ସଚେତନ କରିଥିଲା ପୁଲିସ। ଅନେକ ସମୟରେ ହୋଟେଲ ବୁକିଂ କରି ପୁରୀରେ ପହଞ୍ଚିବା ପରେ ଯାତ୍ରୀମାନେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଉଛନ୍ତି। ଯେହେତୁ ବିଭିନ୍ନ ହୋଟେଲ ନାଁରେ ଫେକ୍ ଆଇଡି ଖୋଲାଯାଉଛି, ତେଣୁ ଯାତ୍ରୀମାନେ ଅନ୍‌ଲାଇନ୍ ବୁକିଂ କଲାବେଳେ ଠକେଇର ଶିକାର ହେଉଛନ୍ତି। ଏଥିରୁ ରକ୍ଷା ପାଇବା ପାଇଁ ପ୍ରତ୍ୟେକ ହୋଟେଲ କର୍ତ୍ତୃପକ୍ଷ ପ୍ରତିଦିନ ସେମାନଙ୍କ ନାଁରେ କେହି ଫେକ୍ ଆଇଡି ଖୋଲିଛି କି ନାହିଁ ତା'ର ଯାଞ୍ଚ କରିବାକୁ କୁହାଯାଇଛି। ଯଦି ତାଙ୍କ ହୋଟେଲ ନାଁରେ କେହି ଫେକ୍ ଆଇଡି ଖୋଲିଥାଏ, ତେବେ ତୁରନ୍ତ ସାଇବର ଥାନାକୁ ଜଣାଇ ଏହାକୁ ଡିଲିଟ୍ କରିବା ଲାଗି କୁହାଯାଇଥିଲା। ଏହି ବୈଠକରେ ଅତିରିକ୍ତ ଏସ୍‌ପି ସୌମ୍ୟରଞ୍ଜନ ମଲ୍ଲିକ, ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ, ଟାଉନ୍ ଥାନାଧିକାରୀ ଗୋକୁଳ ରଞ୍ଜନ ଦାଶ, ସମୁଦ୍ରକୂଳ ଥାନାଧିକାରୀ ମାନସ ଚକ୍ର, ବଳିଆପଣ୍ଡା ଥାନାଧିକାରୀ ସଞ୍ଜିତା ଦାଶଙ୍କ ସମେତ ବିଭିନ୍ନ ହୋଟେଲ ମାଲିକ, ମ୍ୟାନେଜର ପ୍ରମୁଖ ଉପସ୍ଥିତ ଥିଲେ।

### ରଥଖଳାରୁ...

# ଅଖ ଅନୁକୂଳ ହେଲା

ପୁରୀ,୧୫।୫(ସମିସ): ଆସନ୍ତା ସୋମବାର ଶ୍ରୀକ୍ଷେତ୍ର ଭଉଁରୀ। ପରମ୍ପରା ଅନୁଯାୟୀ ଏହିଦିନ ଚକଡେରା ନୀତି ରହିଛି। ତିନିରଥର ଦୁଇଟି ଲେଖାଏଁ ଚକ ଡେରା ଯିବ। ଏହାକୁ ନଜରରେ ରଖି ରଥଖଳାରେ କାମ ଜୋର୍‌ଦାର ଆଗେଇ ଚାଲିଛି। ଗୁରୁବାର ରଥଖଳାରେ ତିନିରଥର ଗୋଟିଏ ଲେଖାଏଁ ନାହାକା ଅଖ ଅନୁକୂଳ ହୋଇଛି। ପ୍ରତି ରଥର ମୁଖ୍ୟ ମହାରଣା ଅଖ କାଠ ଉପରେ ମାହାର୍ଦ୍ଦ ରଖି ନଡ଼ିଆ ବାଡ଼େଇ ଅନୁକୂଳ କରିଛନ୍ତି। ଅନୁକୂଳ ପରେ ମହାରଣା ସେବକ ଅଖର ଉଭୟ ପାଶ୍ୱର୍ରୁ ବାରିସୀରେ ଚଉପଟ କରିଥିଲେ। ଏହାପରେ ଗୋଲେଇ କାର୍ଯ୍ୟ ଜାରି ରହିଛି। ଏତଦ୍‌ବ୍ୟତୀତ ଗୁରୁବାର ସୁଦ୍ଧା ତିନିରଥର ୧୨ଟି ଚକ ନିର୍ମାଣ ଶେଷ ହୋଇଛି। ପ୍ରତ୍ୟେକ ରଥର ୪ଟି ଲେଖାଏଁ ଚକ ସମ୍ପୂର୍ଣ୍ଣ ହୋଇଛି। ସେହିପରି ୧୮ଟି ତୁମ୍ବର ସେବକମାନେ ସିଙ୍ଗଡ଼ା



ବାଡ଼ିଆ ଶେଷ ହୋଇ ପଇ ପିନ୍ଧା ସରିଛି। ଅନ୍ୟାନ୍ୟ କାମ ମଧ୍ୟରେ ତିନିରଥର ତିଖଗୁଜ, ଜଳଯନ୍ତ୍ର ଏବଂ କୁଡୁକା ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରୂପକାର ସେବକମାନେ କୋଣଗୁଜରେ ଶ୍ରୀନୃସିଂହ ଦେବଙ୍କ ରୂପ ଖୋଦେଇ ଜାରି ରଖିଛନ୍ତି। ସେହିପରି ଦୋଳବେଦୀ ପରିସର ଅସ୍ଥାୟୀ କମାରଶାଳରେ ଅରକଣ୍ଟା, ପନ୍ଦାରି, ବଳା ପ୍ରଭୃତି ଲୁହା ସାମଗ୍ରୀ ତିଆରି କରୁଛନ୍ତି। ୬ଟି ନାହାକା ଚକ ପାଇଁ ଆବଶ୍ୟକ ସାମଗ୍ରୀ ପ୍ରସ୍ତୁତ କରିସାରିଛନ୍ତି। ସୂଚନାଥାଉ କି, ତିନିରଥର ୪୨ଟି ଚକରେ ମୋଟ୍ ୧୩୪୪ଟି ଅରକଣ୍ଟା ଲାଗିବ। ସେହିପରି ତିନିରଥରେ ମୋଟ ୮୪ଟି ପନ୍ଦାରି ଓ ୧୬୮ଟି ପନ୍ଦାରି ଚାବି ଲାଗିବ। ଗୋଟିଏ ତୁମ୍ବରେ ୨ଟି ପନ୍ଦାରି ଓ ୪ଟି ପନ୍ଦାରି ଚାବି ଲାଗିଥାଏ।

# ପୋଲ ନିର୍ମାଣରେ ନିମ୍ନମାନର ବାଲି, ଗୋଡ଼ି ବ୍ୟବହାର




● ତଦନ୍ତ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ

ପୁରୀ,୧୫।୫(ସମିସ)

ଗମନାଗମନର ସୁବିଧା ପାଇଁ ପୋଲ ନିର୍ମାଣ କରାଯାଉଛି। ଏହି ପୋଲ କିପରି ଦୀର୍ଘସ୍ଥାୟୀ ହେବ ସେଥିପାଇଁ ଗୁରୁତ୍ୱ ଦେଉଛନ୍ତି ସରକାର। ଠିକାଦାର ଠିକ୍ ଭାବେ ଏବଂ ଉପଯୁକ୍ତ ସାମଗ୍ରୀ ବ୍ୟବହାର କରୁଛି କି ନାହିଁ ତାହାର ତଦାରଖ କରିବା ଦାୟିତ୍ୱ ହେଉଛି ଯନ୍ତ୍ରୀଙ୍କର। ଏହାସତ୍ତ୍ୱେ ବ୍ରିଜ୍ ନିର୍ମାଣରେ ବ୍ୟବହାର ହେଉଛି ନିମ୍ନମାନର ବଲି, ଗୋଡ଼ି ଓ ଚିପ୍ସ। ଏମିତି ଏକ ବ୍ରିଜ୍ ଏବେ ପୁରୀ ସଦର ବ୍ଲକ୍‌ର ଢୋଲ ଗ୍ରାମ ନଦୀ ବନ୍ଧଠାରୁ ନୂଆନଇ ଉପରେ ସୁଆଁଲୋ ଗ୍ରାମକୁ ସଂଯୋଗ ପାଇଁ ନିର୍ମାଣ ଚାଲିଛି। ଏଥିରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଉଥିବା ଅଞ୍ଚଳବାସୀ ଅଧିକାରୀଙ୍କୁ ଏକାଧିକଥର ଅବଗତ କରାଯାଇଥିଲେ ମଧ୍ୟ ଫଳ ନ ମିଳିବାରୁ ଶେଷରେ ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ ହୋଇଛନ୍ତି ନିରଞ୍ଜନ ମିଶ୍ର। ଏହାର ଉପଯୁକ୍ତ ତଦନ୍ତ କରିବା ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।

୨୦୧୯ ଫେବୃଆରୀ ମାସରେ ପ୍ରାୟ ଦେଢ଼ କୋଟିରୁ ଉର୍ଦ୍ଧ୍ୱ ଟଙ୍କାରେ ଏହି ସେତୁ ନିର୍ମାଣ କାମ ଆରମ୍ଭ ହୋଇଥିଲା। ଏହି ସେତୁର ଲମ୍ବ ୩୧୩.୫ ମିଟର, ଓସାର ୭.୫ ମିଟର ସହିତ ୧୩ଟି ପିଲାର୍ ଓ ୧୨ ସ୍ପାନ୍ ରଖାଯିବାର ବ୍ୟବସ୍ଥା କରାଯାଇଥିଲା। ଏହାର ନିର୍ମାଣ କାର୍ଯ୍ୟ ୨୦୨୧ ଫେବୃଆରୀ ସୁଦ୍ଧା ଶେଷ ହେବାର ଥିଲା, ଯାହା ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରିନାହିଁ। ସବୁଠୁ ଉଦ୍‌ବେଗର ବିଷୟ ହେଉଛି ଏହି ବ୍ରିଜ୍ କାମକୁ ନେଇ ବିଧାନସଭାରେ ପ୍ରଶ୍ନ ଉଠିଥିଲା। ଗତ ଫେବୃଆରୀ ୨୦ ତାରିଖରେ ପୁରୀ ବିଧାୟକ ସୁନୀଲ ମହାନ୍ତି ଗୃହରେ କହିଥିଲେ ଯେ ପୁରୀ ସଦର ବ୍ଲକ୍ ଅନ୍ତର୍ଗତ ଗବକୁଣ୍ଡଠାରେ ଯେଉଁ ସେତୁ ନିର୍ମାଣର ପ୍ରସ୍ତାବ ଥିଲା ତାହାର ବର୍ତ୍ତମାନ ସ୍ଥିତି କ'ଣ? ଏହି ବ୍ରିଜ୍‌ର ଯଥେଷ୍ଟ ଆବଶ୍ୟକତା ରହିଛି। ଏହାର ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବା ଲାଗି ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି? ଏହାର ଉତ୍ତର ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ, ଏହି ବ୍ରିଜ୍‌ର ନିର୍ମାଣ କାର୍ଯ୍ୟ ଚାଲୁରହିଛି। ଏହାର ୮୫ ପ୍ରତିଶତ କାମ ସରିଛି, ଆଉ ୧୫ ପ୍ରତିଶତ କାମ ବାକି ଅଛି। ଖୁବ୍‌ଶୀଘ୍ର କାମ ଶେଷ କରାଯାଇ ବ୍ରିଜ୍‌କୁ କାର୍ଯ୍ୟକ୍ଷମ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଇତିମଧ୍ୟରେ ପ୍ରାୟ ୩ ମାସ ବିତିଯିବ। ହେଲେ ଏ ପର୍ଯ୍ୟନ୍ତ ବ୍ରିଜ୍ କାମ ସମ୍ପୂର୍ଣ୍ଣ ହେଲା ନାହିଁ। ବରଂ ନିମ୍ନମାନର ବାଲି, ଗୋଡ଼ି, ଚିପ୍ସ ବ୍ୟବହାର କରାଯାଉଥିବା ଅଭିଯୋଗ ଉଠିଛି।

ଅଞ୍ଚଳର ନିରଞ୍ଜନ ମିଶ୍ର ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ପୋର୍ଟାଲ ମାଧ୍ୟମରେ ଗୁରୁବାର ଏ ନେଇ ଅଭିଯୋଗ କରିଛନ୍ତି। ସେ ଦର୍ଶାଇଛନ୍ତି ଯେ, ଏହି ବ୍ରିଜ୍ କାମରେ ନିମ୍ନମାନର ବାଲି, ପଥର, ଚିପ୍ସ ଇତ୍ୟାଦି ସାମଗ୍ରୀ ବ୍ୟବହାର ହେଉଛି। ଫଳରେ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତୁରନ୍ତ ଅଭିଯୋଗର ତଦନ୍ତ କରି ଉଚିତ୍ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଏହି ବ୍ରିଜ୍ ଉପରେ ୨୦ଟି ପଞ୍ଚାୟତ ନିର୍ଭରଶୀଳ। ବ୍ରିଜ୍ ନ ଥିବାରୁ ଲୋକେ ନଦୀ ଭିତରେ ପଶି ଯାଉଛନ୍ତି। ବର୍ଷା ଦିନେ କଲବଲ ହେଉଛନ୍ତି। ବ୍ରିଜ୍ ନିର୍ଦ୍ଧାରିତ ସମୟରେ ସରିଲା ନାହିଁ। ତେଣେ ବ୍ରିଜ୍ କାମ ନିମ୍ନମାନର ହେଉଥିବାରୁ ଏହା ଭୁଶୁଡ଼ି ପଡ଼ିବା ଆଶଙ୍କା କରାଯାଉଛି ବୋଲି ଶ୍ରୀ ମିଶ୍ର ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିଛନ୍ତି।

## ଆଫ୍‌ସା ପକ୍ଷରୁ ବେଳାଭୂମି ସଫେଇ

ପୁରୀ,୧୫।୫(ସମିସ): ଓଡ଼ିଶାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଆର୍ୟାଲେକ୍ସ ଫାଉଣ୍ଡେସନ ଫର୍ ସୋସିଆଲ ଆକ୍ଟିଭିଟିଜ୍ (ଆଫ୍‌ସା) ଦ୍ୱାରା ଓଡ଼ିଶାର ପର୍ଯ୍ୟଟନସ୍ଥଳୀ ସଫେଇ ଅଭିଯାନ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଗୁରୁବାର ପୁରୀରେ ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ ଜିଲ୍ଲାର ସପ୍ତଶଯ୍ୟା, ଯାହା ଓଡ଼ିଶା ଐତିହ୍ୟ ମାନଚିତ୍ରର ଏକ ବିଶେଷ ମହତ୍ୱ ବହନ କରୁଥିବା ପର୍ଯ୍ୟଟନସ୍ଥଳରୁ ଆରମ୍ଭ ହୋଇଥିବା ଏହି ସଫେଇ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ପୁରୀ ବେଳାଭୂମିରେ ଅନୁଷ୍ଠିତ ହୋଇଯାଇଛି। "ଆମ ପର୍ଯ୍ୟଟନସ୍ଥଳୀ ଆମ ବିଭବ, ସ୍ୱଚ୍ଛ ରଖି ତାକୁ ଦେବା ଗୌରବ"ର ବାର୍ତ୍ତା ନେଇ ଆଫ୍‌ସା ଏବଂ ପୁରୀ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଆୟୋଜିତ ଏହି ସଫେଇ କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ତଥା ଅବସରପ୍ରାପ୍ତ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ କେନ୍ଦ୍ରାଞ୍ଚଳ ଏବଂ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ରଞ୍ଜନ କୁମାର ଦାସଙ୍କ ନେତୃତ୍ୱରେ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ଆଫ୍‌ସାର ଗ୍ରୀନ୍‌ଭୋକେଟ୍‌ସ ଯୋଗଦେଇ ପୁରୀ ସମୁଦ୍ରକୂଳ ଦିଗବାରେଣୀ ଛକଠାରୁ ଆରମ୍ଭ କରି ଚୈତନ୍ୟ ଛକ ପର୍ଯ୍ୟନ୍ତ ସଫା କରିଥିଲେ। ଏଥିସହିତ ପରିବେଶ ସୁରକ୍ଷା ଏବଂ ପର୍ଯ୍ୟଟନସ୍ଥଳୀର ବୈଭବ ରକ୍ଷା କରିବା ନିମନ୍ତେ ସମସ୍ତଙ୍କୁ ବାର୍ତ୍ତା ଦେଇଥିଲେ।

## ସୋବଲା ଗ୍ରାମରେ ଅଗ୍ନିକାଣ୍ଡ

# ଜଳିଗଲା ୪ ବଖରା ଘର



ପଟ୍ଟାମୁଣ୍ଡାଇ, ୧୫।୫(ସମିସ): ପଟ୍ଟାମୁଣ୍ଡାଇ ଥାନା ତଥା ତଢ଼ଦକ୍ଲାଟ ଫାଣ୍ଡି ଅଧୀନ ଗାଙ୍ଗପଡ଼ା ପଞ୍ଚାୟତ ସୋବଲା ଗ୍ରାମରେ ଅଗ୍ନିକାଣ୍ଡ ଘଟି ବୈତାରୀ ଭୋଇଙ୍କ ୪ ବଖରା ଘର ପୋଡ଼ି ପାଉଁଶ ହୋଇଯାଇଛି। ଦିନ ପ୍ରାୟ ୧୨ଟା ସମୟରେ ଘରେ ନିଆଁ ଲାଗିଯାଇଥିଲା। ଏହି ଅଗ୍ନିକାଣ୍ଡରେ ଘରେ ଥିବା ଧାନ, ଚାଉଳ, ଆସବାବପତ୍ର ପୋଡ଼ିଯାଇଛି। ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ିଯାଇଥିବା ପ୍ରାଥମିକ ଆକଳନରୁ ଜଣାପଡ଼ିଛି। ବାସଗୃହ ହରାଇ ବୈତାରୀଙ୍କ ପରିବାର ସର୍ବହରା ହୋଇପଡ଼ିଛନ୍ତି। ଅଗ୍ନିପିଡ଼ିତ ପରିବାରଙ୍କ ପାଖରେ ନା ଖାଇବା ପାଇଁ କିଛି ଅଛି ନା ପିନ୍ଧିବା ପାଇଁ ଲୁଗାପଟା ଅଛି। ବୈତାରୀଙ୍କ ପତ୍ନୀ ପ୍ରମିଳା ପାଟି କରି ଡାକିବାରୁ ପଡୋଶୀ ନିଆଁ ଲିଭାଇବାକୁ ପ୍ରୟାସ କରି ବିଫଳ ହୋଇଥିଲେ। ପରେ ପଟ୍ଟାମୁଣ୍ଡାଇ ଅଗ୍ନିଶମ ବାହିନୀ ଆସି ନିଆଁକୁ ଆୟତ୍ତ କରିଥିଲା।

## ବଲୁରିଆର ପ୍ରଥମ ସରପଞ୍ଚ ଜିତେନ୍ଦ୍ର ରାଉତଙ୍କ ପରଲୋକ

ପଟ୍ଟାମୁଣ୍ଡାଇ/ବାଣ୍ଡିସାହି, ୧୫।୫(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଲୁରିଆ ପଞ୍ଚାୟତର ପ୍ରଥମ ସରପଞ୍ଚ ଜିତେନ୍ଦ୍ର କୁମାର ରାଉତ (ଜିତୁ) ଆଜି ପ୍ରାତଃଭ୍ରମଣ ସାରି ଘରେ ଗାଧୋଇ ସାରିବା ପରେ ଅସୁସ୍ଥ ଅନୁଭବ କରି ବିଶ୍ରାମ ନେବା ସମୟରେ ହୃଦ୍‌ଘାତର ଶିକାର ହୋଇଥିଲେ। ତାଙ୍କୁ ଅଣ୍ଡରା ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୭୨ ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ରାଉତ ସରପଞ୍ଚ ଭାବେ ବଲୁରିଆର ବହୁ ବିକାଶ କରିଥିଲେ। କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ସ୍ୱର୍ଗତ ରାଉତଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ତାଙ୍କ ମର ଶରୀରକୁ ଶୋଭାଯାତ୍ରାରେ ଗାଁ ପରିକ୍ରମା କରାଯାଇଥିଲା। ଏଥିରେ ଅଣ୍ଡରା ସୋସାଇଟିର ପ୍ରାକ୍ତନ ସଭାପତି ଚିରଞ୍ଜନ ମଲ୍ଲିକ, ପ୍ରାକ୍ତନ ସରପଞ୍ଚ କୁଳମଣି ମଲିକ, କ୍ଷୀରୋଦ ସାମଲ, ଚକ୍ରଧର ମଲ୍ଲିକ, ଯୁବନେତା ଜ୍ୟୋତି ରଞ୍ଜନ ପ୍ରଧାନ, ନିରଞ୍ଜନ ସୁନ୍ଦରାୟ, ଅନୋଜ ରାଉତ, ଯୁବନେତା ପ୍ରଶାନ୍ତ ସ୍ୱାଇଁ, ପ୍ରଭାସ ରାଉତ, ଜନ୍ମେଜୟ ନାୟକ, ନୟନ ରାଉତ, ଅଶ୍ୱିନୀ ରାଉତ, ରାମଚନ୍ଦ୍ର ସାହୁ, ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ମଲିକ, ନିଶାମଣି ମହାନ୍ତି, ବିଶ୍ୱଜିତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି ଓ ବଡ଼ପୁଅ ଚିନ୍ମୟ ରାଉତ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ବରିଷ୍ଠ ନେତା ବିଜୟ ସ୍ୱାଇଁ, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଏମଡି ଡଃ ମନୋଜ ନାୟକ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମାନସ ସାମଲ, ରଶ୍ମିରଞ୍ଜନ ସ୍ୱାଇଁ, ଧନେଶ୍ୱର ପ୍ରଧାନ, ଅଜୟ ବିଶ୍ୱାଳ, ପ୍ରାକ୍ତନ ସରପଞ୍ଚ କୈଳାସ ସେଠୀ, ରବିକାନ୍ତ ସାହାଣୀ, ଅଣ୍ଡରା ସୋସାଇଟି ସଭାପତି ବୃନ୍ଦାବନ ମଲ୍ଲିକ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ଆନ୍ଧ୍ରରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ



ଡେରାବିଶ, ୧୫।୫(ସମିସ): ଗ୍ରାମାଞ୍ଚଳ ଯୁବକ ପରିବାର ପ୍ରତିପୋଷଣ ଓ ଅଧିକ ରୋଜଗାର ଆଶାରେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ବହୁ ସମୟରେ ଏହି ଯୁବକ ରାଜ୍ୟ ବାହାରେ ଦଲାଲଙ୍କ ଶୋଷଣର ଶିକାର ହେଉଛନ୍ତି। କେତେବେଳେ ଦୁର୍ଘଟଣାର ଶିକାର ହୋଇ ଜୀବନ ହରାଉଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ଡେରାବିଶ ବ୍ଲକ ଇନ୍ଦାଲୋ ପଞ୍ଚାୟତ ଅନ୍ତର୍ଗତ ଉଡ଼ଙ୍ଗା ଗ୍ରାମରେ। ଗ୍ରାମର ଲିଟୁ ମଲିକ (୨୩) ତିନିବର୍ଷ ପୂର୍ବେ ଆନ୍ଧ୍ରପ୍ରଦେଶକୁ ରୋଜଗାର ଅନ୍ୱେଷଣରେ ଯାଇଥିଲେ। ସେଠାରେ ସେ ଏକ କମ୍ପାନୀରେ କାମ କରୁଥିଲେ। ସବୁକିଛି ଠିକ୍ ଠାକ୍ ଚାଲୁଥିବାବେଳେ ଗତ ୧୧ ତାରିଖରେ ରାତିରେ ଡ୍ୟୁଟି ସାରି ଭଡ଼ାଘରକୁ ଫେରୁଥିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା ଓ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଲିଟୁଙ୍କ ମୃତ୍ୟୁ ତାଙ୍କ ପରିବାରରେ ବାପାମା ଓ ଭାଇଭଉଣୀ ଭାଙ୍ଗିପଡ଼ିଥିବାବେଳେ ଗତକାଲି ମରଶରୀର ଗାଁ ପହଞ୍ଚିଥିଲା। ଗ୍ରାମ ଶ୍ମଶାନରେ ଶୋକାକୁଳ ପରିବେଶରେ ଲିଟୁଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

## ପ୍ରାଧ୍ୟାପକ ମାନଗୋବିନ୍ଦ ପାତ୍ରଙ୍କ ସ୍ମୃତିଚାରଣ ସଭା




ଡେରାବିଶ, ୧୫।୫(ସମିସ): ଡେରାବିଶ ବ୍ଲକ ନରଙ୍ଗ ପଞ୍ଚାୟତ ଅନ୍ତର୍ଗତ ନରଙ୍ଗ ଗ୍ରାମରେ ପ୍ରାଧ୍ୟାପକ ମାନଗୋବିନ୍ଦ ପାତ୍ରଙ୍କ ଦ୍ୱାଦଶାହରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ନିରଞ୍ଜନ ପୋଥାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତିଚାରଣ ସଭାରେ ଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବିଜୟ ନାୟକ, ସମାଜସେବୀ ପ୍ରାଧ୍ୟାପକ ଅଜୟ ରାଉତ, ଶିକ୍ଷାବିତ୍ ଈଶ୍ୱର ପୃଷ୍ଟି, ଶୈଳେନ୍ଦ୍ର ସାମଲ, ଅଧ୍ୟାପକ ସୁବ୍ରତ ସାମଲ, ପ୍ରାଧ୍ୟାପକ ଗୋଲେଖ ମହାଭୋଇ, ରାଜେଶ ପଣ୍ଡା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ପାତ୍ର ବଡ଼ମ୍ବା ମୋହନ ସୁନ୍ଦରି ଡିଗ୍ରୀ ମହାବିଦ୍ୟାଳୟ ଇଂରାଜୀ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଥିଲେ। ଏହି ସଭାକୁ ଆକାଶ ନାୟକ ପରିଚାଳନା କରିଥିଲେ।

■ ବାଲି ଚୋରା ଚାଲାଣକାରୀଙ୍କ ପାଇଁ ହୀନସ୍ତା ଭୋଗୁଛନ୍ତି ଅଞ୍ଚଳବାସୀ

# ରାସ୍ତାରେ ଜମୁଛି ବାଲି; ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି ଲୋକେ

ଡେରାବିଶ, ୧୫।୫(ସମିସ):

ସରକାରଙ୍କ ପକ୍ଷରୁ ଲଘୁ ଖଣିଜ ଦ୍ରବ୍ୟ ବାଲି ଚୋରା ଚାଲାଣ ରୋକିବାକୁ ଯେତେ ଚେଷ୍ଟା କଲେ ମଧ୍ୟ ତାହା ସମ୍ଭବ ହେଉନି। ବାଲି ଚୋରା ଚାଲାଣକାରୀ ଗଳାବାଟ ଦେଇ ଦୈନିକ ଶହଶହ ଟ୍ରିପ୍ ବାଲି ଚାଲାଣ କରୁଛନ୍ତି। ଏହି

### ରାସ୍ତାରୁ ବାଲି ସଫା କଲେ ଦୋକାନୀ

ବାଲି ଚାଲାଣରେ ସରକାରଙ୍କ ଯେ ଖାଲି ରାଜସ୍ୱ ହାନି ହେଉଛି ସେକଥା ନୁହେଁ, ହାଇୱା ଭଳି ଭାରୀଯାନ ଗ୍ରାମାଞ୍ଚଳ ରାସ୍ତାରେ ବାଲି ପରିବହନ କରିବା ଦ୍ୱାରା ଗ୍ରାମର ମୁଖ୍ୟ ରାସ୍ତାରେ ବାଲି ଝଡ଼ି ଓ ଉଡ଼ି ଗ୍ରାମାଞ୍ଚଳ ଲୋକଙ୍କ ଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି। ଏଭଳି ଘଟଣା ଦେଖିବାକୁ ମିଳିଛି ଡେରାବିଶ ବ୍ଲକ ଅନ୍ତର୍ଗତ ଛୋଟି ପଞ୍ଚାୟତର ଛୋଟି ବଜାରର ମୁଖ୍ୟ ରାସ୍ତାରେ। ରାସ୍ତାରେ



ବାଲି ଜମିରହିବା ଯୋଗୁଁ ଏହା ଦୁର୍ଘଟଣାର କାରଣ ହେଉଛି।

ଛୋଟି ବଜାରର ରାସ୍ତା ଦେଇ ନିକଟସ୍ଥ ବିରୂପା ନଦୀରୁ ଦୈନିକ ଶହଶହ ଟ୍ରିପ୍ ବାଲି ଚାଲାଣ କରୁଛି। ଏହି ହାଇୱାଗୁଡ଼ିକ ବେପରୁଆ ଭାବେ ଆବଶ୍ୟକତାଠାରୁ ଅଧିକ ବାଲି ବୋଝେଇ କରି ଚାଲାଣ କରିବା ଫଳରେ ଏଥିରୁ ବାଲି ଝଡ଼ି ରାସ୍ତାରେ ୬ ଇଞ୍ଚ ବହଳର ଜମି ରହିଛି। ଏପରିକି ହାଇୱା ଗଲାବେଳେ କିମ୍ବା ସାମାନ୍ୟ ପବନ ହେଲେ ନିକଟସ୍ଥ ହାଟ ଓ ବଜାରରେ ଲୋକେ ଧୂଳାବାଲିରେ ଅସ୍ତବ୍ୟସ୍ତ ହେଉଛନ୍ତି। ଏଥିସହିତ ରାସ୍ତାରେ ବାଲି ଜମି ରହିବା ଯୋଗୁ ଦୈନିକ ବାଇକ ଓ ସାଇକଲ ଆରୋହୀ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ସ୍ଥାନୀୟ ଲୋକେ ଏହି ସମସ୍ୟା ଭୋଗ କରିବା ପରେ ବାଧ୍ୟ ହୋଇ ଛୋଟି ବଜାରରେ କିଛି ଦୋକାନୀ ଓ ସାପ୍ତାହିକ ହାଟରେ ପରିବା ବିକ୍ରି କରୁଥିବା କିଛି ଚାଷୀ ରାସ୍ତାରୁ ଏହି ବାଲି ସଫା କରିବାକୁ ଅଣ୍ଟା ଭିଡ଼ିଛନ୍ତି। ଆଜି ପ୍ରଭାତ ଭୋଇ, ମନୋହର ସାହୁ, ରାଜକିଶୋର ମଲିକ, ଗଗନ ମଲିକ, ହୃଦାନନ୍ଦ ମଲିକ ପ୍ରମୁଖ ମିଶି ବେଲଚା ଓ ଟ୍ରଲି ସହାୟତାରେ ରାସ୍ତାରୁ ବାଲି ସଫା କରିଛନ୍ତି। ସେମାନଙ୍କ କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶଂସା କରିଥିବାବେଳେ ବାଲି ଚାଲାଣକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

## ବିପୁଳ ପରିମାଣରେ ଚୋରାମଦ ଜବତ

# ୫ ମହିଳା ସମେତ ୭ ଗିରଫ

କେନ୍ଦ୍ରାପଡ଼ା, ୧୫।୫(ସମିସ): ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ପାଟକୁରା, ମାର୍ଶାଘାଇ, ଜମ୍ବୁ ମେରାଇନ ଓ ମହାକାଳପଡ଼ା ଥାନା ଅଧୀନସ୍ଥ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଛି। ଏହି ଚଢ଼ଉରେ ଗଡ଼ଜଙ୍ଗା ଗ୍ରାମର ଚନ୍ଦନ ମହାନ୍ତି (୩୫)ଙ୍କଠାରୁ ୨୬ ଲିଟର ଚୋରା ଦେଶୀମଦ, ଡିଙ୍ଗୁଣ ଦାସ (୩୮)ଙ୍କଠାରୁ ୨୦ ଲିଟର ଚୋରା ଦେଶୀ ମଦ, ଶାନ୍ତିଲତା ଦାସ (୭୫)ଙ୍କଠାରୁ ୧୭ ଲିଟର ଚୋରା ଦେଶୀମଦ, ତାଳସଙ୍ଗା ଗ୍ରାମର ସବିତା ଲେଙ୍କା (୪୬)ଙ୍କଠାରୁ ୩୦ ଲିଟର ଚୋରା ଦେଶୀ ମଦ, ପ୍ରଭାକରପୁର ଗ୍ରାମର ସରସ୍ୱତୀ ଖୁଣ୍ଟିଆ (୩୫)ଙ୍କଠାରୁ ୮୫ ଲିଟର ଚୋରା ଦେଶୀ ରଙ୍ଗାମଦ, ଚନ୍ଦା ଖୁଣ୍ଟିଆ (୫୧)ଙ୍କଠାରୁ ୩୬୦ ଲିଟର ଚୋରା ଦେଶୀ ରଙ୍ଗାମଦ ଓ ଗଗନ ସ୍ୱାଇଁ (୬୦)ଙ୍କଠାରୁ ୭୫ ଲିଟର ଚୋରା ଦେଶୀ ରଙ୍ଗାମଦ ଜବତ କରାଯିବା ସହ ସେମାନଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ସମୁଦାୟ ୬୭୩ ଲିଟର ଚୋରା ଦେଶୀ ଓ ରଙ୍ଗା ମଦ ଜବତ କରାଯାଇ ୫ ମହିଳାଙ୍କ ସମେତ ୭ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳ ସୂଚନା ଦେଇଛନ୍ତି। ଏହି ଚଢ଼ଉରେ ଅବକାରୀ ନିରୀକ୍ଷକ ହିମାଂଶୁ ଶେଖର ମଲ୍ଲିକ, ପଦ୍ମଲୋଚନ ନାୟକ, ଅବକାରୀ ଉପନିରୀକ୍ଷକ ଧର୍ମପଦ ଦାସଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ।

■ ବିଧାୟକ, ସାଂସଦଙ୍କ ହାତରେ ବଦଳି କ୍ଷମତା

## ନିମ୍ନମାଧ୍ୟମିକ ଶିକ୍ଷକ ସଂଘର ତୀବ୍ର ବିରୋଧ

ରାଜନଗର, ୧୫।୫(ସମିସ): ବିଧାୟକ ଓ ସାଂସଦ ନିଜ ନିର୍ବାଚନମଣ୍ଡଳୀରେ ୧୫ ଜଣ ଶିକ୍ଷକଙ୍କୁ ବଦଳି ପାଇଁ ସୁପାରିଶ କରିପାରିବେ ବୋଲି ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଚିଠି ହେବା ପରେ ଶିକ୍ଷକ ସଂଘ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ସରକାରଙ୍କ ଏହି ନିଷ୍ପତ୍ତିକୁ ରାଜନଗର ନିମ୍ନମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ନିମ୍ନମାଧ୍ୟମିକ ଶିକ୍ଷକ ସଂଘର ବିଜୟ କୁମାର ଜେନା, ସୁଶାନ୍ତ ପ୍ରଧାନ, ଦାମୋଦର ସ୍ୱାଇଁ, ଚିରଞ୍ଜନ ସାହୁ, ଦୟାନିଧି ସ୍ୱାଇଁ, ଦିଲ୍ଲୀପ କୁମାର ରାଉତ, ଅମର କୁମାର ବେହେରା, ହେମନ୍ତ କୁମାର ବାରିକ ପ୍ରମୁଖ ଶିକ୍ଷକ ନେତା ଦୃଢ଼ ବିରୋଧ କରିଛନ୍ତି।

ଶିକ୍ଷକ ଏ ଜାତିର ବିଶ୍ୱକର୍ମା ଓ ମଣିଷ ତିଆରି କାରଖାନାର ସଫଳ କାରିଗର। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗୁଣାତ୍ମକ ଶିକ୍ଷା ଦାନ ଉପରେ ଗୁରୁତ୍ୱାରୋପ କରୁଥିବାବେଳେ ଏଭଳି ଏକ ଶିକ୍ଷା ବିରୋଧୀ ଶିକ୍ଷକ ବଦଳି ନିୟମ ସରକାରଙ୍କ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଶିକ୍ଷକ ରାଜନୀତି ଚାପମୁକ୍ତ ନ ହେଲେ ଗୁଣାତ୍ମକ ଶିକ୍ଷାଦାନ ବିବାଦପୂର୍ଣ୍ଣ ହୋଇଯିବ ବୋଲି ଶିକ୍ଷକ ନେତାମାନେ ପ୍ରେସ ବିବୃତିରେ ଜଣାଇଛନ୍ତି। ଶିକ୍ଷକ ବଦଳି ପ୍ରକ୍ରିୟାକୁ ରାଜନୀତିକରଣ କରା ନ ଯିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି।

## ରାମଲୀଳା କଳାକାର ଧୀରେନଙ୍କ ପରଲୋକ

ଡେରାବିଶ, ୧୫।୫(ସମିସ): ଡେରାବିଶ ବ୍ଲକ ବାଲିଆ ପଞ୍ଚାୟତ ଅନ୍ତର୍ଗତ ଧରମପୁର ଗ୍ରାମର ରାମଲୀଳା କଳାକାର ଧୀରେନ କୁମାର ବେହେରା (୬୭)ଙ୍କ ପରଲୋକ ହୋଇଛି। ଶ୍ରୀ ବେହେରା ଆଜି ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଧୀରେନ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥ ଦଧିବାମନଜୀଉଙ୍କ ମନ୍ଦିରେ ଅନୁଷ୍ଠିତ ହେଉଥିବା ରାମଲୀଳା ପରିଷଦର ଜଣେ ପ୍ରତିଷ୍ଠିତ କଳାକାର ଭାବେ ଦୀର୍ଘ ୪୭ ବର୍ଷଧରି ରାମ ଓ ଲକ୍ଷ୍ମଣଙ୍କ ଭୂମିକାରେ ନିଖୁଣ ଭାବେ ଅଭିନୟ କରି ଜନମାନସରେ ଆଦରଣୀୟ ହୋଇପାରିଥିଲେ। ବହୁ କଳାକାର ଓ ବୁଦ୍ଧିଜୀବୀ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପରେ ତାଙ୍କ ମରଶରୀରକୁ ବାଲିଆ ଓ ଗୋଲରାହାଟ ପଞ୍ଚାୟତ ପରିକ୍ରମା କରାଯିବା ସହ ଦୁମୁକାହାଟସ୍ଥ ଦଧିବାମନଜୀଉ ମନ୍ଦିର ନିକଟକୁ ନିଆଯାଇଥିଲା। ସେଠାରେ ଅଞ୍ଚଳବାସୀ ଶେଷ ଦର୍ଶନ କରିଥିଲେ। ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା। ବଡ଼ପୁଅ ମଳୟ ରଞ୍ଜନ ମୁଖାଗ୍ନି ଦେଇଥିଲେ।



## ମେଗା ପାନୀୟଜଳ ପ୍ରକଳ୍ପରୁ ପାଇପ୍ ଚୋରି ଘଟଣା

# ମୁଖ୍ୟ ଆସାମୀକୁ କେବେ ଗିରଫ କରିବ ପୁଲିସ

ଗରଦପୁର, ୧୫।୫(ସମିସ): ମେଗା ପାନୀୟଜଳ ପ୍ରକଳ୍ପରେ ବ୍ୟବହୃତ ହେବାକୁ ଆସିଥିବା ପାଇପ୍ ଚୋରି ଘଟଣାକୁ ଇତିମଧ୍ୟରେ ମାସେ ପୂରିବାକୁ ବସିଲାଣି। ଏପର୍ଯ୍ୟନ୍ତ କୁଦାନଗରୀ ପୁଲିସ ମୁଖ୍ୟ ଆସାମୀକୁ ଗିରଫ କରିବାରେ ବିଫଳ ହୋଇଛି।

ସୂଚନା ମୁତାବକ, ଗରଦପୁର ବ୍ଲକରେ ଚାଲୁ ରହିଥିବା ମେଗା ପାନୀୟଜଳ ପ୍ରକଳ୍ପରେ ବ୍ୟବହୃତ ହେବାକୁ ଆସିଥିବା ପାଇପକୁ ତଳକୁସୁମା ପଞ୍ଚାୟତ ଅନ୍ତର୍ଗତ ତେନ୍ତୋଳ ଗ୍ରାମଠାରୁ ଗତ ଏପ୍ରିଲ ମାସ ୧୭ ତାରିଖ ମଧ୍ୟରାତ୍ରରେ କେତେକ ଦୁର୍ବୃତ୍ତ ୩ଟି ଟ୍ରକ୍ ଆଣି ସେଥିରେ ଲଦି ନେଇ ପଳାଇଯିବାକୁ ଚେଷ୍ଟା କରୁଥିବାବେଳେ ଗ୍ରାମବାସୀ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍ ୩ଟିକୁ ଅଟକ ରଖିବା ସହ ୩ ଜଣ ଡ୍ରାଇଭର ଓ ୨ ଜଣ ଖଲାସିଙ୍କୁ ଅଟକ ରଖି ନିକଟସ୍ଥ କୁଦାନଗରୀ ଥାନାକୁ ଜଣାଇଥିଲେ। କୁଦାନଗରୀ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଚୋରିରେ ବ୍ୟବହୃତ ୩ଟି ଟ୍ରକ୍କୁ ଜବତ କରି ଥାନାକୁ ନେଇଯାଇଥିବାବେଳେ ଅଟକ ୫ ଜଣ ଡ୍ରାଇଭର ଓ ଖଲାସିଙ୍କୁ ଥାନାରେ ପଚରାଉଚରା କରିବା ପରେ କୋର୍ଟ ଚାଲାଣ କରିଥିଲା। ଇତିମଧ୍ୟରେ ଏହି ପାଇପ୍ ଚୋରି ଘଟଣାକୁ ମାସେ ପୂରିବାକୁ ଯାଉଥିବାବେଳେ ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ଓ ସହଯୋଗୀଙ୍କୁ କୁଦାନଗରୀ ଥାନା ପୁଲିସ ଧରିବାରେ ସକ୍ଷମ ହେଉ ନ ଥିବାରୁ ସାଧାରଣରେ ସନ୍ଦେହ ସୃଷ୍ଟି ହେଉଛି। ଟ୍ରକଗୁଡ଼ିକ ଟ୍ରାନ୍ସପୋର୍ଟରୁ ଆସିଥିବା ଅନୁମାନ କରାଯାଉଥିବାବେଳେ କୁଦାନଗରୀ ପୁଲିସ୍ କିଏ ଏହି ଟ୍ରକ୍ ବୁକିଂ କରିଥିଲା, ଏ ପର୍ଯ୍ୟନ୍ତ ଜାଣି ନ ପାରିବା ଓ ଅଭିଯୁକ୍ତଙ୍କୁ ଧରିବାରେ ତତ୍ପରତା ଦେଖାଉ ନ ଥିବାରୁ ପୁଲିସ୍‌ର ଭୂମିକା ବର୍ତ୍ତମାନ ସନ୍ଦେହ ଘେରରେ। ଉକ୍ତ ଘଟଣାରେ ପୁଲିସ୍‌ର ନିଷ୍କ୍ରିୟତା ସାଧାରଣରେ ଅନେକ ପ୍ରଶ୍ନ ସୃଷ୍ଟି କରୁଥିବାବେଳେ ପାଇପ୍ ଚୋରି ଘଟଣା ପଛରେ ମେଗା ପାନୀୟଜଳ ପ୍ରକଳ୍ପରେ କାମ କରୁଥିବା ଠିକା କମ୍ପାନୀର କିଛି କର୍ମଚାରୀଙ୍କ ହାତ ନାହିଁ ତ ବୋଲି ପ୍ରଶ୍ନ ଉଠିଛି। ଘଟଣାର ନିରପେକ୍ଷ ତଦନ୍ତ କରି ସତ ସାମ୍ନାକୁ ଆଣିବା ସହ ଚୋରିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବାକୁ ସାଧାରଣରେ ଦାବି ହେଉଛି।

● ବିପଦସଂକୁଳ ବେଣିପୁର ବିରୂପା ପୋଲ

# ମାସେ ଧରି ଚାଲିଛି ସୁରକ୍ଷା ବାଡ଼ ମରାମତି

ପଞ୍ଚୁପାଣ୍ଡବ, ୧୫।୫(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକର ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବେଣିପୁର ବିରୂପା ନଦୀ ବ୍ରିଜ୍ ଉପରେ ବାଲି ପଡ଼ିଥିବାରୁ ଯାତାୟାତ କରୁଥିବା ଲୋକଙ୍କୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଦୁଇଦିନ ତଳେ ରାତିରେ ଏକ ପିକଅପ ଭ୍ୟାନ ଭାରସାମ୍ୟ ହରାଇ ପୋଲ ବାଡ଼କୁ ଭାଙ୍ଗି ଦେଇଥିଲା। ଗାଡ଼ି ସହ ଚାଳକ ଅଳ୍ପକେ ବର୍ତ୍ତିଯାଇଥିଲେ। ସେହିପରି କିଛିଦିନ ପୂର୍ବେ କେନ୍ଦ୍ରାପଡ଼ାରୁ ସ୍କୁଲ ଛାତ୍ରୀ ରଡ଼ଗିରି ପାହାଡ଼ ବୁଲିବାକୁ ଯାଉଥିବା ସମୟରେ ଏହି ପୋଲରେ ପଡ଼ି ଆହତ ହୋଇଥିଲେ। ଏହି ବ୍ରିଜ୍‌ର ସୁରକ୍ଷା ବାଡ଼ର କେତେକ ସ୍ଥାନରେ ରଡ୍ ଦେଖାଯାଉଥିଲା। ଏହାର ମରାମତି କାମ କରୁଥିବା ଠିକାଦାର ପୋଲର ପ୍ରାୟ ପାଞ୍ଚ/ଛଅ ସ୍ଥାନ ଖୋଳିଦେଇ ପକାଇ ରଖିଛି। ଶୀଘ୍ର ମରାମତି କାମ ଶେଷ କରାଯିବାକୁ ସାଧାରଣରେ ଦାବି ହେଉଛି।

ଅନ୍ୟପକ୍ଷରେ ବରୀ ବ୍ଲକ୍ ଅନ୍ତର୍ଗତ କଳଗଡ଼ ନଦୀ ଘାଟ ଓ ବ୍ରିଜ୍ ତଳୁ ବାଲି ଚାଲାଣ ହେଉଥିବାବେଳେ ବାଲି ରାସ୍ତାରେ ପଡ଼ି ଯାତାୟାତରେ



ସମସ୍ୟା ସୃଷ୍ଟି କରୁଛି। ଏହି ରାସ୍ତା ଉପରେ ବାଲି ପଡ଼ିଥିବାରୁ ଦୁର୍ଘଟଣା ଘଟୁଛି। ବାଲି ଚାଲାଣ ରୋକିବା ସହ ପୋଲ ଉପରେ ହେଉଥିବା ମରାମତି କାମକୁ ତୁରନ୍ତ ସାରିବାକୁ ଅଞ୍ଚଳବାସୀଙ୍କ ସହ ବଜାରର ବ୍ୟବସାୟୀ ଦାବି କରିଛନ୍ତି।

## ସିବିଏସଇ ପରୀକ୍ଷାରେ ଆୟୁଷୀଙ୍କ କୃତିତ୍ୱ



ରାଜକନିକା, ୧୫।୫(ସମିସ): ରାଜକନିକା ବ୍ଲକ ସିକୁଡ଼ି ଗ୍ରାମର ଛାତ୍ରୀ ଆୟୁଷୀ ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ ୯୮. ୪ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ସେ ଡାକ୍ତରୀ ପାଠ ପଢ଼ିବାକୁ ଲକ୍ଷ୍ୟ ରଖିଛନ୍ତି। ଆୟୁଷୀଙ୍କ ବାପା ମୁମ୍ବାଇର ଏକ ହେଲଥ କେୟାର ଲିଃରେ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିବାବେଳେ ମାଆ ଆକାଉଣ୍ଟାଣ୍ଟ ଅଛନ୍ତି। ଆୟୁଷୀଙ୍କ ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

# ଯୁବକଙ୍କ ଆତ୍ମହତ୍ୟା

ରାଜନଗର, ୧୫।୫(ସମିସ): ରାଜନଗର ଥାନା ଅନ୍ତର୍ଗତ ସାନବଡ଼ଗୋପାଳପୁର ଗ୍ରାମର ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ସୁରେଶ ରାଉତଙ୍କ ପୁଅ ଅନନ୍ତ (୩୦ ବର୍ଷ) ଆଜି ଘର ଫ୍ୟାନରେ ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଅନନ୍ତ ହାଇଦ୍ରାବାଦରେ କାମ କରନ୍ତି। ବଡ଼ଭାଇ ବାହାଘର ପାଇଁ ଘରକୁ ଆସିଥିଲେ। ପାରିବାରିକ କଳହରୁ ଅନନ୍ତ ଆତ୍ମହତ୍ୟା କରିଥିବା କୁହାଯାଉଛି।

# ମାଣିକପୁର ଗଡ଼ାରେ ଦହିପାଣି ବଣ୍ଟନ

ମାର୍ଶାଘାଇ, ୧୫।୫(ସମିସ): ମାର୍ଶାଘାଇ ବ୍ଲକ ତାଳସଙ୍ଗା ପଞ୍ଚାୟତର ମାଣିକପୁର ହନୁମାନଗଡ଼ାଠାରେ ଆର୍ଟ ଅଫ ଲିଭିଂ ପକ୍ଷରୁ ଦହିପାଣି ବଣ୍ଟନ ଶିବିର ଅନୁଷ୍ଠିତ ହୋଇଛି। ମାଣିକପୁରର ସ୍ୱେଚ୍ଛାସେବୀ ବିଦ୍ୟାଧର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିବେକାନନ୍ଦ ଜେନା, ପୂର୍ବତନ ସରପଞ୍ଚ ପ୍ରଦୀପ ନାୟକ, ପୂର୍ବତନ ସରପଞ୍ଚଙ୍କ ପ୍ରତିନିଧି ନଳିନୀକାନ୍ତ ସେନାପତି, ଶିକ୍ଷାବିତ ଦିଲ୍ଲୀପ ମଲ୍ଲ, ସୁବାସ ସେନାପତି, ବଳରାମ ସେନାପତି, ରମେଶ ପଟ୍ଟନାୟକ, ରମେଶ ସେନାପତି, ନିଗମାନନ୍ଦ ପଟ୍ଟନାୟକ, ପପୁ ସେନାପତି, ବୁଦ୍ଧିଆ ସେଠୀ ପ୍ରମୁଖ ଉପସ୍ଥିତ ରହି ପଥଚାରୀଙ୍କୁ ଦହିପାଣି ବଣ୍ଟନ କରିଥିଲେ।



## ସରକାରୀ କାର୍ଯ୍ୟାଳୟ ନାମରେ ଶତାଧିକ ଏକର ଜମି

# ବଳକା ଜମି ଉଚ୍ଛେଦ କରି କଲ୍ୟାଣମୂଳକ କାମରେ ଲଗାଯିବାକୁ ଦାବି

ପଟ୍ଟାମୁଣ୍ଡାଇ, ୧୫।୫(ସମିସ):

ସମ୍ପ୍ରତି ପଟ୍ଟାମୁଣ୍ଡାଇ ସହରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଅଫିସ୍ ରହିଛି। ଏସବୁ ସରକାରୀ କାର୍ଯ୍ୟାଳୟ ଶତାଧିକ ଏକର ସରକାରୀ ଜମି ଦଖଲ କରିଛନ୍ତି। ବହୁ ସରକାରୀ କାର୍ଯ୍ୟାଳୟ ଆବଶ୍ୟକତାଠାରୁ ଅଧିକ ଜାଗା ଜମି ନିଜ ଅକ୍ତିଆରରେ ରଖିଥିବା ଅଭିଯୋଗ ହୋଇଛି। ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟ ଆବଶ୍ୟକ ଅନୁପାତରେ ଜମି ନିଜ ଅଧୀନରେ ରଖି ଅନ୍ୟଗୁଡ଼ିକ ମୁକ୍ତ କରିଯିବାକୁ ସାଧାରଣରେ ଦାବି ହୋଇଛି। ସରକାରୀ ଜମି ମୁକ୍ତ ହେବା ସହିତ ସଂରକ୍ଷିତ କରାଯାଇ ବିଭିନ୍ନ କଲ୍ୟାଣମୂଳକ କାମରେ ଏହାକୁ ଲଗାଯାଇପାରିବ ବୋଲି ମତ ପ୍ରକାଶ ପାଉଛି।

ପଟ୍ଟାମୁଣ୍ଡାଇ ସହରରେ ଜମି ମୂଲ୍ୟ ବଢ଼ିଚାଲିଥିବାବେଳେ କେତେକ ସରକାରୀ କାର୍ଯ୍ୟାଳୟ ବିନା କାରଣରେ ବହୁମୂଲ୍ୟର ବଳକା ସରକାରୀ ଜାଗା ଜମିକୁ ଅବ୍ୟବହୃତ ଭାବେ ନିଜ କବଜାରେ ରଖିଛନ୍ତି। ଯେପରିକି ପୂର୍ବରୁ ପୌର ପରିଷଦର କାର୍ଯ୍ୟାଳୟ ଥିବାବେଳେ ପଟ୍ଟାମୁଣ୍ଡାଇ ଆମ୍ବେଦକର ଛକ ନିକଟରେ ଥିବା ମୂଲ୍ୟବାନ ସରକାରୀ ଜାଗା ଉପରେ ପୌରପରିଷଦର ନୂତନ କାର୍ଯ୍ୟାଳୟ ନିର୍ମାଣ କରିଛି। ଏହି ସରକାରୀ ଜମି ଅଦ୍ୟାବଧି ପୌର ପରିଷଦ ନାମରେ ରେକର୍ଡଭୁକ୍ତ ହୋଇନାହିଁ। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ସ୍ଥାପନ ହୋଇଥିବା ଜାଗା ଦୁଇଟି ପ୍ଲଟ ଗୃହ ବିଭାଗ ନାମରେ ରେକର୍ଡଭୁକ୍ତ ହୋଇଥିବାବେଳେ ଜଣେ ପୂର୍ବତନ ଥାନା ଅଧିକାରୀ ବାଇପାସ ନିକଟରେ ମୂଲ୍ୟବାନ ସରକାରୀ ଜାଗାରେ ନୂତନ ଥାନା ନିର୍ମାଣ ହେବ ବୋଲି କହି ରାସ୍ତା ପାର୍ଶ୍ୱରେ ଉଠା ଦୋକାନ କରି ବ୍ୟବସାୟ କରୁଥିବା ଶତାଧିକ ଗରିବ ଶ୍ରେଣୀର ଲୋକଙ୍କୁ ଥାନାରୁ ନୋଟିସ କରି ବ୍ୟବସାୟ ପ୍ରତିଷ୍ଠାନ ଭାଙ୍ଗି ଦେବା ଘଟଣା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା। ତେବେ ଜନସାଧାରଣଙ୍କ ବିରୋଧ ଫଳରେ ଏହି ସ୍ଥାନରେ ନୂତନ ଥାନା ନିର୍ମାଣ ଯୋଜନା ପଣ୍ଡ ହୋଇଥିଲା। ଏବେ ଏହି ଜାଗାକୁ ଗୃହ ବିଭାଗ ନିଜ ଅକ୍ତିଆରକୁ ନେବାକୁ ଉଦ୍ୟମ ଚଳାଇଥିବା ଜଣାପଡ଼ିଛି।

ଜଳ ସମ୍ପଦ ବିଭାଗ ବହୁ ପରିମାଣରେ ସରକାରୀ ଜମି ଉପରେ ନିର୍ମାଣ କରାଯାଇଥିବାବେଳେ ଏହାର ଅଧିକାଂଶ ସ୍ଥାନରେ ବଣ ଜଙ୍ଗଲରେ ପରିଣତ ହୋଇଛି। କେତେକ ତକିଆ ଓ ଅସ୍ଥାୟୀ କର୍ମଚାରୀ ଏହାକୁ ଚାରଣ ଭୂମି ଭାବେ ବ୍ୟବହାର କରୁଥିବାବେଳେ ଗୋପାଳନ କରି ଦୁଗ୍ଧ ବ୍ୟବସାୟ କରୁଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ସହରର ମୂଲ୍ୟବାନ ଜମିକୁ ବିଭିନ୍ନ ସରକାରୀ ଅଫିସ୍ ଅନାବଶ୍ୟକ ଭାବେ ନିଜ ଅକ୍ତିଆରରେ ରଖିଥିବାବେଳେ ମାଟିଆପାଳଠାରେ ଥିବା ଏକର ଏକର ମୂଲ୍ୟବାନ ସରକାରୀ ଜମି ଭଟା ମାଫିଆଙ୍କ କବଜାରେ ରହିଛି। ବର୍ଷ ସାରା ଏଠାରେ ସରକାରୀ ଜାଗାରୁ ମାଟି ଉଠାଇ କରାଯାଇ ନାଲି ଇଟା ଭାଟି ନିର୍ମାଣ ଚାଲିଛି। ଅୱୈଧ ମାଟି ଉଠାଣ ହେବା ଫଳରେ ଗାଡ଼ ସୃଷ୍ଟି ହେଲାଣି। ଏଥିରେ ଝିଅପିଲା ଓ ପରିଷଦର ବର୍ଜ୍ୟବସ୍ତୁ ପରିଚାଳନା ପ୍ରାଣ୍ଟ ପାଚେରୀ ମୂଳରୁ ମାଟି ଉଠାଯାଇ ଖାଲ ସୃଷ୍ଟି ହେବାରୁ ପ୍ରାଣ ପ୍ରତି ବିପଦ ସୃଷ୍ଟି ହୋଇଛି। ତେବେ ପଟ୍ଟାମୁଣ୍ଡାଇରେ ଥିବା ମୂଲ୍ୟବାନ ସରକାରୀ ଜମିର ସଦୁପଯୋଗ କରାଯିବା ନିମନ୍ତେ ପ୍ରଶାସନିକ ଅଧିକାରୀ ହସ୍ତକ୍ଷେପ ହେବାକୁ ସାଧାରଣରେ ମତ ପ୍ରକାଶ ପାଉଛି।





# ସରକାରୀ କ୍ୱାର୍ଟର୍ସରେ ଅପରାଧୀଙ୍କ ଆଡ୍ଡା

ଭୁବନେଶ୍ୱର, ୧୫ ।୫ (ସମିସ)

ସରକାରୀ କର୍ମଚାରୀଙ୍କୁ ସରକାରଙ୍କ ପକ୍ଷରୁ କ୍ୱାର୍ଟର୍ସ ମିଳୁଛି । କିନ୍ତୁ ଏହି ସରକାରୀ ବାବୁମାନେ ମିଳିଥିବା କ୍ୱାର୍ଟର୍ସର ଦୁରୁପଯୋଗ କରୁଥିବା ଅଭିଯୋଗ ହେଉଛି । ସେମାନେ ଏହି କ୍ୱାର୍ଟର୍ସକୁ ଭଡ଼ାକୁ ଦେଇ ମାଲେମାଲ ହେଉଛନ୍ତି । ଆଉ ସେମାନେ ରାଜଧାନୀରେ ଥିବା ନିଜର ରାଜମହଲ ପରି କୋଠାରେ ରହୁଛନ୍ତି । ନିକଟରେ ଭିଜିଲାନ୍ସ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରାଇଭେଟ୍ ସେକ୍ରେଟାରୀ ରମେଶ ଚନ୍ଦ୍ର ଜେନାଙ୍କ ଘରେ ଚଢ଼ଉ କରିଥିଲା । ଚଢଉ ବେଳେ ଏହି ସରକାରୀ କ୍ୱାର୍ଟର୍ସର ଗୁମର ଜଣାପଡ଼ିଥିଲା । ସେ ଦୀର୍ଘ ଦିନ ହେବ ତାଙ୍କ ସରକାରୀ କ୍ୱାର୍ଟସକୁ ଭଡାକୁ ଦେଇଥିଲେ । ମାସକୁ ଭଡ଼ା ଆକାରରେ ୧୨ ହଜାର ଟଙ୍କା ପାଇଥିଲେ । ଭଡ଼ାଟିଆ ତାଙ୍କୁ ଫୋନ୍ ପେ' ମାଧ୍ୟମରେ ଟଙ୍କା ପଠାଇଥିବା ପ୍ରମାଣ ପାଇଥିଲେ । କେବଳ ରମେଶ ନୁହେଁ ଏହିଭଳି ଅନେକ ସରକାରୀ ଅଫିସର ନିଜ ସରକାରୀ କ୍ୱାର୍ଟର୍ସକୁ ଭଡ଼ା ଆକାରରେ ଦେଇ ଭଡ଼ା ପାଉଛନ୍ତି । ଆଉ ସେମାନେ କଳାଧନରେ କରିଥିବା ରାଜ ମହଲ ପରି କୋଠାରେ ଆୟସ ଜୀବନ ବିତାଉଛନ୍ତି । ଏସବୁ ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ଜାଣିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗ ହେଉଛି । ବିଭାଗ ଏହି ସବୁ ସରକାରୀ କ୍ୱାର୍ଟର୍ସକୁ ଯାଇ ରହୁଥିବା ଲୋକଙ୍କୁ


**ଜବରଦଖଲ ପରେ ବିକି ଦେଉଛନ୍ତି କ୍ୱାର୍ଟର୍ସ ଜାଗା**

ପଚରାଉଚରା କଲେ ସତ ଧରାପଡନ୍ତା । କିନ୍ତୁ ବିଭାଗ ନଜାଣିଲା ପରି ରହୁଛନ୍ତି । କେବଳ ଘର ନୁହେଁ ସରକାରୀ କ୍ୱାର୍ଟର୍ସ ନିକଟରେ ଥିବା ଜାଗାକୁ ମଧ୍ୟ ଅନ୍ୟ ବ୍ୟକ୍ତିଙ୍କୁ ବିକ୍ରି କରି ଦେଉଛନ୍ତି । ସେଠାରେ ଉକ୍ତ ଲୋକ ରାତିଆରାତି ଘର କରି ରହୁଛନ୍ତି । କେବଳ ଜାଗା ନୁହେଁ ଏହି ସରକାରୀ ବାବୁ ଉକ୍ତ ଜାଗାରେ ଘର କରିବା ପାଇଁ ସାଧାରଣ ପ୍ରଶାସନ ବିଭାଗକୁ ଆବେଦନ କରୁଛନ୍ତି । ସେମାନେ ଏହି ବିଭାଗକୁ ହାତ କରି ସେମାନେ କ୍ୱାର୍ଟର୍ସ ନିକଟରେ ଘର କରିବାକୁ ଅନୁମତି ଦେଉଛନ୍ତି । ବଡ଼କଥା ହେଲା ଏଥିରେ ମଧ୍ୟ ଠିକାଦାରଙ୍କୁ ମଧ୍ୟ ମାଲେମାଲ କରାଯାଉଛି ।



ଆହୁରି ମଧ୍ୟ କିଛି ଅସାମାଜିକ ବ୍ୟକ୍ତି ସରକାରୀ କ୍ୱାର୍ଟର୍ସକୁ ଭଡ଼ା ଆକାରରେ ନେଇ ଅପରାଧିକ କାର୍ଯ୍ୟ କରୁଛନ୍ତି । ବିଗତ ଦିନରେ ସରକାରୀ କ୍ୱାର୍ଟର୍ସରୁ ପୁଲିସ ଡ୍ରଗ୍ସ ଜବତ କରିଛି । ଗତବର୍ଷ ଏସ୍‌ଟିଏଫ ୟୁନିଟ୍-୮ ରେ ଥିବା ଏକ ସରକାରୀ କ୍ୱାର୍ଟର୍ସରୁ ଏକ କେଜିରୁ ଅଧିକ ଡ୍ରଗ୍ସ ଜବତ କରିବା ସହ ବେପାରୀକୁ ଗିରଫ କରିଥିଲା । ସେ ଘର ଭଡ଼ାକୁ ନେଇ ଏଭଳି ଡ୍ରଗ୍ସ କାରବାର କରୁଥିଲା । ସେହିପରି ପୂର୍ବରୁ ମଧ୍ୟ ଓୟୁଏଟି ଛକ ନିକଟରେ ଏକ ସରକାରୀ କ୍ୱାର୍ଟର୍ସରେ ବନ୍ଧୁକ ନିର୍ମାଣ କରାଯାଉଥିବା ଧରାପଡ଼ିଥିଲା । କେବଳ ଏଭଳି ଅପରାଧ ନୁହେଁ ସରକାରୀ କ୍ୱାର୍ଟର୍ସରେ ସେକ୍ସ ରାକେଟ୍ ଭଳି ଅନେକ ଅପରାଧିକ କାର୍ଯ୍ୟ କରାଯାଉଛି । ସରକାରୀ ବାବୁ କ୍ୱାର୍ଟର୍ସ ପାଇଥିବାରୁ ପୁଲିସ ତାହାକୁ ଆଡ଼ ଆଖିରେ ବି ଚାହେଁ ନାହିଁ । ଏହାର ଫାଇଦା ନେଇ ଏବେ ଅନେକ ଅପରାଧୀ ସରକାରୀ କ୍ୱାର୍ଟର୍ସକୁ ଅଧିକ ଭଡ଼ା ଦେଇ ମଧ୍ୟ ରହୁଛନ୍ତି । ସାଧାରଣ ପ୍ରଶାସନ ବିଭାଗ ଯଦି ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ନିଅନ୍ତା, ତେବେ ସରକାରୀ ବାବୁଙ୍କୁ ମିଳିଥିବା କ୍ୱାର୍ଟର୍ସକୁ ଭଡ଼ାକୁ ଦିଅନ୍ତେ ନାହିଁ ।

## ନୃତ୍ୟାଭିନୟ ଉତ୍ସବରେ 'ଯାତ୍ରା ସନ୍ୟାସୀ ଫକୀର ମୋହନ ସାହାଣୀ ସ୍ମୃତି ସମ୍ମାନ' ପ୍ରଦାନ



ଭୁବନେଶ୍ୱର, ୧୫ ।୫ (ସମିସ): ନୃତ୍ୟାଭିନୟ ଉତ୍ସବ୨୦୨୫ ଗୁରୁବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଧାୟକ ତଥା ଅଭିନେତା ଆକାଶ ଦାସନାୟକ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଉପ ନିର୍ଦ୍ଦେଶିକା ଦେବଯାନୀ ଭୂୟାଁ, ସୃଜନ ଅନୁଷ୍ଠାନର ନିର୍ଦ୍ଦେଶକ ରତିକାନ୍ତ ମହାପାତ୍ର ଏବଂ ଅଭିନେତ୍ରୀ ନମ୍ରତା ଦାସ ଯୋଗ ଦେଇଥିଲେ । ଏହି ଅବସରରେ ମଞ୍ଚ ନିର୍ଦ୍ଦେଶକ ନବୀନ କୁମାର ପରିଡ଼ା ଏବଂ ଓଡିଶୀ ନୃତ୍ୟାଙ୍ଗନା ସୁଜାତା ମହାପାତ୍ରଙ୍କୁ 'ଯାତ୍ରା ସନ୍ୟାସୀ ଫକୀର ମୋହନ ସାହାଣୀ ସମୃତି ସମ୍ମାନ ୨୦୨୫' ପ୍ରଦାନ କରାଯାଇଥିଲା । ଅନୁଷ୍ଠାନର ସଭାପତି ଚୌଧୁରୀ ସତ୍ୟବ୍ରତ ଦାସ ସଭା ପରିଚାଳନା କରିଥିଲେ । ନୃତ୍ୟାଭିନୟର ଅଧକ୍ଷା ସ୍ୱାଗତିକା ସାହାଣୀଙ୍କ ପରିଚାଳନାରେ ଦଳଗତ ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା ।

## 'ସିନ୍ଦୂର'ରେ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୧୫।୫(ସମିସ): ଅପରେସନ ସିନ୍ଦୂରରେ ସହିଦ ହୋଇଥିବା ଭାରତୀୟ ଯବାନମାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ତରଫରୁ ମହମବତି ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ତରଫରୁ ମହମବତୀ ପ୍ରଜ୍ଜଳନ କରି ସହିଦ ମାନଙ୍କର ଅମର ଆତ୍ମାର ଗୁଣଗାନ କରିବା ସହ 'ବୀରଯବାନଅମରରହେ' ସ୍ଲୋଗାନଦେଇଶ୍ରଦ୍ଧାଞ୍ଜଳିଜ୍ଞାପନକରାଯାଇଛି । ପ୍ରଦେଶକଂଗ୍ରେସ କମିଟିରପୂର୍ବତନସାଧାରଣସମ୍ପାଦକସୁବ୍ରତମହାପାତ୍ରଙ୍କତତ୍ତ୍ୱାବଧାନରେଏହିକାର୍ଯ୍ୟକ୍ରମର ପରିଚାଳନା କରାଯାଇଥିଲା । ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଶୋକ ଦାସ, ପ୍ରଶାନ୍ତ ଚମ୍ପତି, ରଜନୀ ମହାନ୍ତି, ମିହିର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

## ହାଇଟେକ୍ ହସ୍ପିଟାଲ୍‌ରେ ନୂଆ କ୍ୟାଥ୍ ଲାବ୍ ଓ ଏମ୍‌ଆର୍‌ଆଇ ମେସିନ୍




ଭୁବନେଶ୍ୱର, ୧୫ ।୫(ସମିସ): ହାଇଟେକ୍ ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍‌ରେ ଆଜି ଅତ୍ୟାଧୁନିକ ସିମେନ୍ସ ସେମ୍ପ୍ରା ୧. ୫ ଟେସ୍ଲା ଏମ୍‌ଆର୍‌ଆଇ ମେସିନ୍‌ର ଉଦ୍‌ଘାଟନ ହେଲା । ଏହା ରୋଗ ନିର୍ଣ୍ଣୟ ଓ ଚିକିତ୍ସାରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବ । ଏହି ମେସିନ୍ କୃତ୍ରିମ ବୁଦ୍ଧିମତା ଦ୍ୱାରା ପରିଚାଳିତ ତଥା ଉଚ୍ଚ ଶକ୍ତି ସମ୍ପନ୍ନ । ଏଥିରେ ଉତ୍ତମ ଇମେଜିଂ କ୍ୱାଲିଟି ଥିବାରୁ ସଠିକ ଭାବେ ରୋଗ ଚିହ୍ନଟ କରିବାରେ ବେଶ ସହାୟକ ହେବ । ଏଥିସହ ରୋଗୀଙ୍କୁ ପରୀକ୍ଷା କରିବା ପାଇଁ ଅଧିକ ସମୟ ଅପେକ୍ଷା କରିବାକୁ ପଡ଼ିବନି ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀ କରି ହାଇଟେକ୍ ହସ୍ପିଟାଲ୍‌ର ପ୍ରତିଷ୍ଠାତା ଡ. ତିରୁପତି ପାଣିଗ୍ରାହୀ, ମ୍ୟାନେଜିଂ ଟ୍ରଷ୍ଟି ସୁରେଶ କୁମାର ପାଣିଗ୍ରାହୀ ଜଣାଇଛନ୍ତି । ଓଡ଼ିଶାର ଗରିବ, ମଧ୍ୟବିତ୍ତ ଓ ନିମ୍ନବର୍ଗର ଲୋକମାନଙ୍କ ପାଇଁ ସାହାଯ୍ୟରେ ଆସିବ ବୋଲି ଜଣାଇଛନ୍ତି । ଏହି କ୍ୟାଥ୍ ଲ୍ୟାବ୍ ଓ ଏମଆର୍‌ଆଇ ମେସିନ୍ ଦ୍ୱାରା ଓଡ଼ିଶାରେ ଅନେକ ଗୁଡ଼ିଏ ରୋଗ ଚିହ୍ନଟ କରାଯାଇପାରିବ । ଖୁବ୍ କମ ସମୟରେ ଏଥିରେ ପରୀକ୍ଷା ହେଉଥିବାରୁ ବାହାରୁ ଆସୁଥିବା ରୋଗୀମାନଙ୍କୁ ଆଉ ନିରାଶ ହୋଇ ଫେରିବାକୁ ପଡ଼ିବନି । ଏହି ଦୁଇ କ୍ୟାଥ୍ ଲ୍ୟାବ୍ ଓ ଏମଆର୍‌ଆଇ ମେସିନ୍ ଦ୍ୱାରା ଲୋକମାନେ ସଫଳ ଓ ସୁଚିକିତ୍ସା ପାଇପାରିବେ ବୋଲି ହସ୍ପିଟାଲ୍‌ର ସୁପରିଟେଣ୍ଡେ ପ୍ରଫେସର୍ ଡ. ରବୀନ୍ଦ୍ରନାଥ ବେହେରା, ରଞ୍ଜନ-ରଶ୍ମୀ ବିଭାଗର ମୁଖ୍ୟ ପ୍ରଫେସର୍ ଡ. ଉପେନ୍ଦ୍ରନାଥ ଉପାଧ୍ୟାୟ, ବାୟୋମେଡିକାଲ ଇଞ୍ଜିନିୟରିଂ ବଭାଗର ମୁଖ୍ୟ ପ୍ରଣତି ମହାପାତ୍ର କହିଥିଲେ ।

## ଦଳିତଙ୍କ ମନ୍ଦିର ପ୍ରବେଶର ୯୧ତମ ବାର୍ଷିକୀ ପାଳିତ



ବାଲିଅନ୍ତା, ୧୫ ।୫(ସମିସ): ମହାତ୍ମାଗାନ୍ଧୀ ପଦଯାତ୍ରା ସ୍ମୃତି ପରିଷଦ ଆନୁକୂଲ୍ୟରେ ଜାତିର ପିତା ମହାତ୍ମାଗାନ୍ଧୀଙ୍କ ଓଡ଼ିଶା ପଦଯାତ୍ରା ଓ ବାଲିଅନ୍ତା ଅବସ୍ଥାନ ଦଳିତଙ୍କ ମନ୍ଦିର ପ୍ରବେଶର ୯୧ତମ ବାର୍ଷିକୀ ପ୍ରତ୍ୟୁଷରେ ବାଲିଅନ୍ତା ନିକୁଞ୍ଜବିହାରୀ ମନ୍ଦିର ପରିସରସ୍ଥ ଗାନ୍ଧୀପୀଠରେ ବିନୋଦ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଏହି ଶ୍ରଦ୍ଧାଞ୍ଜଳି ସଭାରେ ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ସାହୁ, ଶିକ୍ଷାବିତ୍ ସୁରେନ୍ଦ୍ର କୁମାର ଖୁଣ୍ଟିଆ, ଗାନ୍ଧୀପ୍ରେମୀ ଡମ୍ବରୁଧର ଜେନା, ପଣ୍ଡିତ ଶ୍ରୀଧର ଦାଶ, ପ୍ରମୁଖ ଯୋଗଦେଇ ଗାନ୍ଧୀଙ୍କ ସ୍ମୃତିଚାରଣ କରିଥିଲେ । ପରିଶେଷରେ ସୁରେନ୍ଦ୍ରନାଥ ଛୋଟରାୟଙ୍କୁ ଗାନ୍ଧୀ ସ୍ମୃତି ସମ୍ମାନରେ ସମ୍ମାନୀତ କରାଯାଇଥିଲା । ଯୁବ ସମାଜସେବୀ ରାଜୀବ ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ ।

## 'ରତ୍ନଭଣ୍ଡାର ଅଫ୍ ଶ୍ରୀଜଗନ୍ନାଥ ଟେମ୍ପଲ୍' ଉନ୍ମୋଚିତ




ଭୁବନେଶ୍ୱର, ୧୫ ।୫(ସମିସ): ଓଡ଼ିଶାର ବରିଷ୍ଠ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ଭାସ୍କର ମିଶ୍ର ଓ ପ୍ରାକ୍ତନ ବରିଷ୍ଠ ପ୍ରଶାସନିକ ଅଧିକାରୀ ସୁଶାନ୍ତ କୁମାର ଦାଶଙ୍କ ଦ୍ୱାରା ରଚିତ 'ରତ୍ନଭଣ୍ଡାର ଅଫ୍ ଶ୍ରୀଜଗନ୍ନାଥ ଟେମ୍ପଲ୍' ଇଂରାଜୀ ପୁସ୍ତକର ଲୋକାର୍ପଣ ଉତ୍ସବ ହୋଟେଲ ନିଉ ମ୍ୟାରିଅନ୍ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବର ରାଜ୍ୟ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ଅତିଥି ରାଜ୍ୟ ଶ୍ରମ କମିଶନର ଇନ୍ଦ୍ରମଣି ତ୍ରିପାଠୀ, ପ୍ରଫେସର ବସନ୍ତ କୁମାର ପଣ୍ଡା ଯୋଗ ଦେଇଥିଲେ । ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରବକ୍ତା ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ପରିଶେଷରେ ଗ୍ରନ୍ଥ ରଚୟିତା ସୁଶାନ୍ତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।




## ଓଡ଼ିଶୀରେ ଜୟ ଭଗବତୀ ବନ୍ଦନା

ଭୁବନେଶ୍ୱର, ୧୫ ।୫(ସମିସ): ଓଡ଼ିଶୀ ନୃତ୍ୟାନୁଷ୍ଠାନ ନୃତ୍ୟଶାଳାର ୨୨ତମ ବାର୍ଷିକ ଉତ୍ସବ ଭଞ୍ଜକଳା ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି । ସନ୍ଧ୍ୟାର ଅତିଥି ଭାବେ ବିଶିଷ୍ଟ ନୃତ୍ୟଶିଳ୍ପୀ ତଥା ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ପୂର୍ବତନ କାର୍ଯ୍ୟନିର୍ବାହୀ ସିକତା ଦାସ, ନୃତ୍ୟଗୁରୁ ଗଜେନ୍ଦ୍ର ପଣ୍ଡା, ଓଡ଼ିଶୀ ନୃତ୍ୟ ଗୁରୁ ପିତାମ୍ବର ବିଶ୍ୱାଳ ପ୍ରମୁଖ ଉଦଘାଟନ କରିଥିଲେ । ପ୍ରାରମ୍ଭରେ ନୃତ୍ୟଶାଳାର ନିର୍ଦ୍ଦେଶକ ତଥା ଗୁରୁ ଅଶୋକ କୁମାର ଘୋଷାଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ଓଡ଼ିଶୀ ନୃତ୍ୟ ଶିକ୍ଷା ସହିତ ଏହାର ଗବେଷଣାତ୍ମକ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ । ଗୁରୁ ବନ୍ଦିତା ଘୋଷାଲଙ୍କ ନିର୍ଦ୍ଦେଶନାରେ ନୃତ୍ୟ ପରିବେଷଣ କରାଯାଇଥିଲା ।

## ବିପଦର ବନ୍ଧୁ ମୀନକେତନ | ଏସ୍‌ଡିପି ଦାନକରି ବଞ୍ଚାଇଲେ କର୍କଟ ରୋଗୀଙ୍କ ଜୀବନ

ଭୁବନେଶ୍ୱର, ୧୫ ।୫(ସମିସ): ବୟସ ମାତ୍ର ୨୦ ବର୍ଷ । କଲେଜରୁ ପାଠପଢ଼ା ସରିବା ପରେ ହସ୍ପିଟାଲ ପହଞ୍ଚି ଯାଆନ୍ତି ସେ । ରକ୍ତ ପାଇଁ ଜୀବନ ସହ ସଂଗ୍ରାମ କରୁଥିବା ରୋଗୀଙ୍କ ପାଇଁ ପାଲଟିଯାଆନ୍ତି ଭଗବାନ । କାରଣ ଯେକୌଣସି ସମୟରେ ତାଙ୍କ ନିକଟରେ ରକ୍ତ ଅଭାବ ଖବର ପହଞ୍ଚେ ତୁରନ୍ତ ଉକ୍ତ ଠିକଣାରେ ପହଞ୍ଚି ରକ୍ତଦାନ କରିବା ସହ ରକ୍ତ ଯୋଗାଡ଼ କରିଥାନ୍ତି ମୀନକେତନ ସାହୁ । ରାଜଧାନୀ କଲେଜରେ +୩ କମ୍ପ୍ୟୁଟର୍ ସାଇନ୍ସ ବିଭାଗରେ ପାଠ ପଢ଼ୁଛନ୍ତି ମୀନକେତନ । ଜରୁରିକାଳୀନ ପରିସ୍ଥିତିରେ ବିଭିନ୍ନ ସମୟରେ ବହୁ କର୍ପୋରେଟ ହସପିଟାଲଗୁଡ଼ିକରେ ନିଜେ ରକ୍ତଦାନ କରି ପ୍ରଶଂସା ସାଉଁଟିଛନ୍ତି । ଏଯାବତ୍ ୮ ଥର ହୋଲ୍ ବ୍ଲଡ ଓ ଦୁଇଥର ଏସଡିପି (ସିଙ୍ଗଲ ଡୋନର ପ୍ଲେଟଲେଟ୍) ଦାନ କରିସାରିଛନ୍ତି ।

ସୂଚନା ଅନୁସାରେ, ଗତ ୯ ତାରିଖରେ ଭୁବନେଶ୍ୱର ଏମ୍ସରେ ହିତେଶ କୁମାର ନାଥ ନାମକ ଜଣେ ୨୨ବର୍ଷୀୟ ରକ୍ତ କର୍କଟ ରୋଗୀଙ୍କ ବାପା ଏ.ବି(+) ପଜିଟିଭ୍ ରକ୍ତ ବର୍ଗର ଏସଡିପି ପାଇଁ ବ୍ୟତିବ୍ୟସ୍ତ ହେଉଥିଲେ । ପ୍ରାୟ ୫ ଦିନ ଧରି ଡୋନର ଖୋଜି ପାଉ ନ ଥିବା ବେଳେ ଡ. ନିରୋଦ ପ୍ରଧାନ ଓଡ଼ିଶା ରକ୍ତଦାତା ମହାସଂଘର କାର୍ଯ୍ୟକାରୀ ସଭାପତି



ଡ. ନରେଶ ଚନ୍ଦ୍ର ସାହୁଙ୍କୁ ଏକ ଏସ୍‌ଡିପି ଡୋନର ପାଇଁ ଅନୁରୋଧ କରିଥିଲେ । ଡ. ସାହୁ ତୁରନ୍ତ ମୀନକେତନଙ୍କୁ ଏସଡିପି ଡୋନେଟ୍ କରିବାପାଇଁ ପ୍ରବର୍ତ୍ତାଇ ଥିଲେ । ତୁରନ୍ତ ମୀନକେତନ ହିତେଶଙ୍କ ପାଇଁ ଦେବଦୂତ ସାଜି ପହଞ୍ଚି ଏମ୍ସ ରକ୍ତ କେନ୍ଦ୍ରରେ ଆବଶ୍ୟକ ପରୀକ୍ଷା ନିରୀକ୍ଷା ପରେ ଏସଡିପି ଦେବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ । ଏହାଥିଲା ମିନକେତନଙ୍କ ପ୍ରଥମ ଏସ୍‌ଡିପି ଦାନ । ସେହିପରି ଆଜି ହିତେଶଙ୍କ ପ୍ଲେଟଲେଟ ୧୦, ୦୦୦ ହୋଇଥିବାରୁ ତାଙ୍କ ବାପା ମୀନକେତନଙ୍କୁ ପୁଣିଥରେ ଏସଡିପି ଦେବା ପାଇଁ ଅନୁରୋଧ କରିଥିଲେ । କିନ୍ତୁ ଏତେ କମ୍ ସମୟ ବ୍ୟବଧାନରେ ଏସଡିପି ଦେବା ନିଜ ଶରୀର ପାଇଁ କେତେ ଉପଯୋଗୀ ଅବା କ୍ଷତିକାରକ ତାହା ଚିନ୍ତା ନ କରି ପୁଣିଥରେ ଏସଡିପି ଦାନ କରି ହିତେଶଙ୍କୁ ବିପଦରୁ ମୁକ୍ତ କରିଛନ୍ତି । ତେବେ ସମସ୍ତ ଯୁବବର୍ଗ ଏସଡିପି ଦାନ କରିବାକୁ ଓଡ଼ିଶା ରକ୍ତ ଦାତା ମହାସଂଘ ପକ୍ଷରୁ ନିବେଦନ କରାଯାଇଛି । କାରଣ ଏହା ସମ୍ପୂର୍ଣ୍ଣ ନିରାପଦ, ଦିନକୁଦିନ ଏହାର ଆବଶ୍ୟକତା ବଢୁଥିବା ବେଳେ କ୍ୟାନ୍ସର, କିଡନୀ ରୋଗୀ ଓ ଡେଙ୍ଗୁ ରୋଗୀଙ୍କ ପାଇଁ ଏହା ଅତ୍ୟନ୍ତ ଜରୁରୀ । ତେଣୁ ଆମ ସମସ୍ତଙ୍କର ଏହା ଦାୟିତ୍ୱ ଭାବି ଆଗେଇ ଆସିବା ଉଚିତ ବୋଲି ମୀନକେତନ କହିଛନ୍ତି ।

## ସବୁଜ ଓଡ଼ିଶା ସମ୍ମିଳନୀରେ ୨୦୦ ପ୍ରତିନିଧି

ଭୁବନେଶ୍ୱର, ୧୫।୫(ସମିସ): ସିଆଇଆଇ-ଇଣ୍ଡିଆନ ଗ୍ରୀନ ବିଲ୍ଡିଂ କାଉନସିଲ (ଆଇଜିବିସି) ପକ୍ଷରୁ ଶୁକ୍ରବାର କ୍ରିଷ୍ଟାଲ କ୍ରାଉନ ହୋଟେଲଠାରେ ସବୁଜ ଓଡ଼ିଶା ସମ୍ମିଳନୀର ଦ୍ୱିତୀୟ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି । 'ଏକ ସ୍ଥାୟୀ ଭବିଷ୍ୟତ ନିର୍ମାଣ ; ଏକ ସବୁଜ ଓଡ଼ିଶା ନିର୍ମାଣ ପାଇଁ ରୋଡମ୍ୟାପ ଏବଂ ସ୍ଥାୟୀ ସମାଧାନ' ଶୀର୍ଷକ ଉପରେ ଆଲୋଚନାରେ ସରକାରୀ, ବେସରକାରୀ, ଶିଳ୍ପ ଜଗତ ସହ ଜଡ଼ିତ ୨୦୦ରୁ ଅଧିକ ପ୍ରତିନିଧି ଭାଗ ନେଇଥିଲେ ।

ସମ୍ମିଳନୀର ଉଦଘାଟନୀ ଅଧିବେଶନରେ ଭୁବନେଶ୍ୱର ଆଇଜିବିସିର ଅଧକ୍ଷ ଏଆର. ମନୋଜୟ ରଥ, ଆଇଜିବିସି କୋଲକାତା ଚାପ୍ଟରର ସହ ଅଧକ୍ଷ ଏଆର. ବିବେକ ସିଂ ରାଠୋର ଏବଂ ଆଇଜିବିସି ଭୁବନେଶ୍ୱରର ସହ ଅଧକ୍ଷ ରାକେଶ ଭୁରା ଅଭିଭାଷଣ ରଖିଥିଲେ । ଅଧିବେଶନ ଶେଷରେ ଆଇଜିବିସି ଭୁବନେଶ୍ୱର ପୂର୍ବ ଅଧକ୍ଷ ମନୋଜ କର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଦିବସବ୍ୟାପୀ କାର୍ଯ୍ୟକ୍ରମରେ ଓଡ଼ିଶାର ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ବିକାଶ କ୍ଷେତ୍ରରେ ସବୁଜ ଶକ୍ତିର ବ୍ୟବହାର ଉପରେ ଆଲୋଚନା କରିଥିଲେ ।

## 'ଶାନ୍ତନୁ ସ୍ୱାକ୍ଷର' ଉନ୍ମୋଚିତ



ଭୁବନେଶ୍ୱର, ୧୫।୫(ସମିସ): ଲେଖକଟିଏ ପ୍ରତି ମୁହୂର୍ତ୍ତରେ ଜନ୍ମ ନିଏ, ମୃତ୍ୟୁବରଣ କରେ, ପୁଣି ଜନ୍ମ ନିଏ । ବହୁ ଚରିତ୍ର ମଧ୍ୟରେ ସେ ପିଢ଼ି ପରେ ପିଢ଼ି ବଞ୍ଚି ରହିଥାଏ । ଏହା ହିଁ ସୃଜନଶୀଳତାର ବହୁ ବହୁ ଜନ୍ମ । ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ଲିଖିତ 'ବହୁ ବହୁ ଜନ୍ମ' ଏହିଭଳି ଏକ ଅମୂଲ୍ୟ କୃତି । ଯାହା ରହସ୍ୟ, ଧର୍ମ ବିଶ୍ୱାସ, ପୁରାଣ, ବିଜ୍ଞାନ, ଜ୍ୟୋତିଷ ଶାସ୍ତ୍ରର ଏକ ଅପୂର୍ବ ସମାହାର । ଶାନ୍ତନୁ କୁମାର ଆଚାର୍ଯ୍ୟ ଫାଉଣ୍ଡେସନ ଟ୍ରଷ୍ଟର ନବମ ଆଲୋଚନାଚକ୍ର ଅବସରରେ ଉପରୋକ୍ତ ମତ ପ୍ରକାଶ ପାଇଛି । ୟୁନିଟ ୯ ସ୍ଥିତ ବୁଦ୍ଧ ମନ୍ଦିର ପରିସରରେ ଡଃ ଇତିରାଣୀ ସାମନ୍ତଙ୍କ ସଭାପତିତ୍ୱରେ ଆୟୋଜିତ 'ଅମୂର୍ତ୍ତ ବାସ୍ତବତାର ନବ ବିନ୍ୟାସ ଉପନ୍ୟାସ ବହୁବହୁ ଜନ୍ମ' ଶୀର୍ଷକ ଆଲୋଚନାଚକ୍ରରେ ପ୍ରଫେସର କ୍ଷୀରୋଦ ଚନ୍ଦ୍ର ବେହେରା ଓ ଜ୍ଞାନୀ ଦେବାଶିଷ ମିଶ୍ର ଯୋଗଦେଇ ଥିଲେ । କାଦମ୍ବିନୀ ସାହିତ୍ୟ ଏକାଡେମୀ ସଂକଳିତ ଓ ଡଃ ଇତି ସାମନ୍ତଙ୍କ ସମ୍ପାଦିତ 'ଶାନ୍ତନୁ ସ୍ୱାକ୍ଷର' ସମେତ ପ୍ରଫେସର ଆଚାର୍ଯ୍ୟଙ୍କ ଲିଖିତ ଏକାଧିକ ପୁସ୍ତକ ଉନ୍ମୋଚିତ ହୋଇଥିଲା । ବନୋଜ ତ୍ରିପାଠୀ ଆଲୋଚନାଚକ୍ର ପରିଚାଳନା କରିଥିବା ବେଳେ ଟ୍ରଷ୍ଟର ସମ୍ପାଦକ ପ୍ରତିଭା ପଣ୍ଡା ଧନ୍ୟବାଦ ଦେଇଥିଲେ ।

### କାର୍ଯ୍ୟକାରୀ ହେଲା ନାହିଁ ବିଏମ୍‌ସି ଯୋଜନା

# ନାଁ ଫଳ ବଜାର; ଗୋଟିଏ ବି ନାହିଁ ଫଳ ଦୋକାନ

ଭୁବନେଶ୍ୱର, ୧୫ ।୫(ସମିସ)

ରାଜଧାନୀର ପ୍ରମୁଖ ଚଳଚଞ୍ଚଳ ଅବା ଜନଗହଳି ସ୍ଥାନ ଯଥା, ୟୁନିଟ-୧, ୟୁନିଟ-୨, ରାଜମହଲ ଛକ, କଳ୍ପନା ଆଦି ସ୍ଥାନରେ ବ୍ୟବସାୟୀମାନେ ଠେଲାଗାଡ଼ି ଧରି ଛିଡ଼ା ହେବନି । ଗୋଟିଏ ସ୍ଥାନରେ ସହରକୁ ଆସୁଥିବା ବିଭିନ୍ନ ଫଳର ସମ୍ଭାର ଦେଖିବାକୁ ମିଳିବ । ଦୋକାନୀମାନେ ଥଇଥାନ ହେବା ସହିତ ଟ୍ରାଫିକ ସମସ୍ୟା ମଧ୍ୟ ରହିବ ନାହିଁ । ଏଭଳି ଅନେକ ପରିକଳ୍ପନା କରାଯାଇ ବିଏମ୍‌ସି ପକ୍ଷରୁ ୨୦୧୫ ମସିହାରେ ଉଦଘାଟିତ ହୋଇଥିଲା 'ଫଳ ବଜାର' । ହେଲେ ଉଦ୍‌ଘାଟନ ଦିନରୁ ଏଠାରେ ଗୋଟିଏ ବି ଫଳ ଦୋକାନ ଖୋଲି ପାରି ନାହିଁ । ଏପଟେ ଏଜିରୁ କଳ୍ପନା ଛକ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ଉଠା ଫଳ ବ୍ୟବସାୟୀଙ୍କ ସଂଖ୍ୟା ବୃଦ୍ଧି ପାଇବା ସହ ପର୍ବପର୍ବାଣୀରେ ଖୁଚୁରା ବ୍ୟବସାୟୀମାନେ ମଧ୍ୟ ନିଜର ପସରା ମେଲାଇଥାନ୍ତି । ଏହାଦ୍ୱାରା ଟ୍ରାଫିକ ସମସ୍ୟା ଉପୁଜୁଛି । ଫଳ ବ୍ୟବସାୟୀଙ୍କ ଥଇଥାନ ସହିତ ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ କୋଟି କୋଟି ଟଙ୍କାରେ ତିଆରି ହୋଇଥିବା ଏହି ମାର୍କେଟରେ ଡ୍ରେସ, ବହି, ଜୁଏଲାରୀ ସମେତ ବିଭିନ୍ନ ପ୍ରସାଧନ ସାମଗ୍ରୀ ବିକ୍ରି ହେଉଛି । କେବଳ ସେତିକି ନୁହେଁ, ଶୌଚାଳୟ ସମସ୍ୟା ଠାରୁ ଆରମ୍ଭ କରି ଦୁର୍ଗନ୍ଧ ସହିତ ସଂକ୍ରମଣ ଭୟ ସୃଷ୍ଟି ହେଉଥିବା ସ୍ଥାନୀୟ ବ୍ୟବସାୟୀ ଅଭିଯୋଗ କରିଛନ୍ତି ।

୨ କୋଟି ଟଙ୍କା ଖର୍ଚ୍ଚରେ ନିର୍ମିତ ତିନି ମହଲା

- **ବାହାରେ ଠେଲାଗାଡ଼ି ଧରି ବୁଲୁଛନ୍ତି ମାଲମାଲ ଫଳ ବେପାରୀ**
- **ଫଳ କିଣିବାକୁ ଯାଇ ଭାଣ୍ଡିଆ ହୋଇ ଫେରୁଛନ୍ତି ଗ୍ରାହକ**



ବିଶିଷ୍ଟ ଏହି ଫଳ ବଜାରରେ ୭୮ ଜଣ ଫଳ ଦୋକାନୀଙ୍କୁ ଥଇଥାନ କରାଯିବାର ଯୋଜନା ରହିଥିଲା । ୨୦୨୦ ମସିହା ଡିସେମ୍ବର ୨୨ ତାରିଖରେ ଲଟେରି ଜରିଆରେ ବିଏମ୍‌ସି ନିର୍ମିତ ଫଳ ବଜାର କୋଠାରେ ଦୋକାନୀଙ୍କୁ ଦୋକାନ ଆଲଟ୍ ହୋଇଥିଲା । ହେଲେ ବିବାଦ ଯୋଗୁଁ ଏହା କାର୍ଯ୍ୟକାରୀ ହୋଇନପାରି ଅଟକି ରହିଥିଲା । ପୁନର୍ବାର ୨୦୨୨ ମସିହା ଜୁନ୍ ମାସରେ ବିଏମସି ମେୟର ଏହି ବଜାରର ସ୍ଥିତି ସମୀକ୍ଷା କରିବା ପରେ ବ୍ୟବସାୟୀଙ୍କ ପାଇଁ ୪ ଲକ୍ଷ ଟଙ୍କା ସିକ୍ୟୁରିଟି ଜମା ଓ ମାସକୁ ଭଡ଼ା ବାବଦକୁ ବର୍ଗଫୁଟ୍ ପିଛା ୩୫ ଟଙ୍କା ହିସାବରେ ମାସିକ ୨୫୨୦ ଟଙ୍କା ଦେୟ ଧାର୍ଯ୍ୟ ମଧ୍ୟ ହୋଇଥିଲା । ଯାହାକୁ ଗ୍ରହଣ କରି ନ ଥିଲେ ଫଳ ବ୍ୟବସାୟୀ । କାରଣ ଏହି ସ୍ଥାନରେ ଫଳ ସଜାଇ ରଖି ପ୍ରଦର୍ଶନ କରିବାକୁ ପ୍ରଚୁର ଜାଗା ନାହିଁ । ଏହାର ଫଳସ୍ୱରୂପ ଫଳ ବ୍ୟବସାୟୀଙ୍କ ଥଇଥାନ ସହିତ ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ବ୍ୟୟବହୁଳ ମାର୍କେଟରେ ବର୍ତ୍ତମାନ ଡ୍ରେସ, ବହି, ଜୁଏଲାରୀ, ଲେଡିଜ କର୍ଣ୍ଣର ଭଳି ଦୋକାନ ସହିତ ବିଉଟି ପାର୍ଲର ଖୋଲାଯାଇଛି । ତେବେ ପ୍ରଥମ ଓ ଦ୍ୱିତୀୟ ମହଲାରେ ଦୋକାନଗୁଡ଼ିକ ଖୋଲା ଯାଉଥିବା ବେଳେ ତୃତୀୟ ମହଲା ବନ୍ଦ ରହିଥିବା ଦେଖିବାକୁ ମିଳିଛି । କାରଣ ଅଣଓସାର ହୋଇଥିବାରୁ କେହି ଭଡ଼ା ନେବାକୁ ଚାହୁନଥିବା ବ୍ୟବସାୟୀମାନେ କହିଛନ୍ତି । ସବୁଠାରୁ ବଡ଼କଥା ହେଉଛି ଏଠାରେ ବ୍ୟବସାୟୀଙ୍କ ବ୍ୟବହାର ନିମନ୍ତେ ନିର୍ମାଣ ହୋଇଥିବା ଶୌଚାଳୟରେ ତାଲା ପଡ଼ିଥିବାରୁ ଏଠାରେ ବ୍ୟବସାୟ କରୁଥିବା ଉଭୟ ପୁରୁଷ ଓ ମହିଳା ବ୍ୟବସାୟୀମାନେ ଶୌଚ କରିବାକୁ ସମସ୍ୟା ଭୋଗୁଥିବା କହିଛନ୍ତି । ସେହିପରି ଏଠାକାର ସ୍ୱଚ୍ଛତା କଥା ନକହିବା ଭଲ । କାରଣ ଏହି ବାଜରର ମାର୍କେଟ ବିଲଡିଂ ପଟକୁ ରହିଥିବା ପ୍ରବେଶ ପଥ ନିକଟରେ ବହୁଦିନରୁ ପାଣି ଜମି ରହିବା ସହ ଗଦା ହୋଇଛି ଆବର୍ଜନା । ଫଳରେ ଦୁର୍ଗନ୍ଧରେ ଏହି ବାଟ ଦେଇ ଯିବା ଆସିବା କରିବା ମଧ୍ୟ ସମ୍ଭବ ହେଉ ନଥିବା ଅଭିଯୋଗ ହୋଇଛି । ତେବେ ଉପଯୁକ୍ତ ଯୋଜନା ନକରି କେବଳ ଠିକାଦାରଙ୍କୁ ପୋଷିବାଲାଗି ଏ ବଜାର ତିଆରି ହୋଇଛି ବୋଲି ବୁଦ୍ଧିଜିବୀମାନେ ମତବ ଦେବା ସହ ଏହି ମାର୍କେଟରେ ରହିଥିବା ବିଭିନ୍ନ ସମସ୍ୟାର ତୁରନ୍ତ ସମାଧାନ କରାଯିବାକୁ ଦାବୀ ହୋଇଛି ।

## ଚେକ୍‌ଡ୍ୟାମ ନିର୍ମାଣକୁ ଚାଷୀଙ୍କ ଆପତ୍ତି

# ସୁରକ୍ଷା ପାଚେରି ନ ହେଲେ ହେବ ବ୍ୟାପକ କ୍ଷତି



କଳାବାଡିଆ, ୧୫।୫(ସମିସ): ଚେକ୍‌ଡ୍ୟାମ ନିର୍ମାଣକୁ ବାଙ୍ଗିରିପୋଷି ବ୍ଲକ ଅଧୀନ ବ୍ରାହ୍ମଣଗାଁ ପଞ୍ଚାୟତ ରେଙ୍ଗାଲବେଡା ଗ୍ରାମର ଚାଷୀମାନେ ଆପତ୍ତି ଉଠାଇଛନ୍ତି। ଏହି ଗ୍ରାମରେ ଚାଷୀଙ୍କ ଶହେ ଏକରରୁ ଉର୍ଦ୍ଧ୍ୱ କ୍ଷେତକୁ ପାଣି ଯୋଗାଇ ଦେବା ନିମନ୍ତେ ପାହାଡରୁ ବହି ଆସୁଥିବା କୁଆମ ନାଳର ପାଣିକୁ ଅଟକାଇ ନିର୍ମାଣ ହେଉଛି ଚେକ୍‌ଡ୍ୟାମ। ଏକ କୋଟିରୁ ଉର୍ଦ୍ଧ୍ୱ ଟଙ୍କାରେ ନିର୍ମାଣ ହେଉଥିବା ଚେକଡ୍ୟାମ ନିର୍ମାଣରେ ଅନିୟମିତତା ହେଉଥିବା ନେଇ ଶତାଧିକ ଚାଷୀ କ୍ଷୁଦ୍ର ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ମାନସ କୁମାର ଦାଶଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଡ୍ୟାମର ଉପର ମୁଣ୍ଡରେ ଗଚ୍ଛିତ ପାଣିର ଉଭୟ ପାର୍ଶ୍ୱରେ ସୁରକ୍ଷା ପାଚେରି କରାଯାଉ ନ ଥିବାରୁ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବନ୍ୟା ସମୟରେ ଗଚ୍ଛିତ ପାଣି କରାଳ ରୂପ ଧାରଣ କରିବ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଏପରିକି ଉପର ମୁଣ୍ଡରେ ଥିବା ବଙ୍ଗଳାସାହି ଓ କଦମଡିହା ଚାଷୀଙ୍କ ଏକର ଏକର ଜମି ଜଳମଗ୍ନ ହେବା ସହିତ ବ୍ୟାପକ କ୍ଷତି ହେବ ଏବଂ ଚାଷ ପ୍ରଭାବିତ ହେବ। ଠିକାଦାର ଦୁଇ ମୁଣ୍ଡରେ ଗର୍ତ୍ତ ଖୋଳିଥିଲେ ମଧ୍ୟ ସୁରକ୍ଷା ପାଚେରି ନିର୍ମାଣ ନ କରିବା ପରିତାପର ବିଷୟ ବୋଲି ବ୍ରାହ୍ମଣ ଗାଁ ସରପଞ୍ଚ ପ୍ରଦୀପ କୁମାର ସୋରେନ, ଲୋକନାଥ ମୁର୍ମୁ, ସାଲଖୁ ମୁର୍ମୁ, ମାସା ଟୁଡୁ, ମହେଶ୍ୱର ମାରାଣ୍ଡି, କାହ୍ନୁ ମୁର୍ମୁଙ୍କ ସମେତ ଶତାଧିକ ଚାଷୀ ଅଭିଯୋଗ କରିଛନ୍ତି। ତେବେ କାର୍ଯ୍ୟାଦେଶ ପାଇଥିବା ଠିକାଦାର କହିଛନ୍ତି ଯେ, ସୁରକ୍ଷା ପାଚେରି ନିର୍ମାଣ କରିବା ପାଇଁ ଆଉ ଟଙ୍କା ନାହିଁ। ଏ ନେଇ କ୍ଷୁଦ୍ର ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ମାନସ କୁମାର ଦାସଙ୍କୁ ପଚାରିବାରୁ ନିଶ୍ଚିତ ସୁରକ୍ଷା ପାଚେରି ନିର୍ମାଣ ହେବ। ନ ହେଲେ ଠିକାଦାର ବିଲ ପାଇବ ନାହିଁ ବୋଲି କହିଛନ୍ତି।

## ପରିବା କିଣୁଥିବାବେଳେ ହୃଦ୍‌ଘାତରେ ଜଣଙ୍କର ମୃତ୍ୟୁ

ବୈଶିଙ୍ଗା, ୧୫।୫ (ସମିସ): ବୁଧବାର ତାହିବାଡି ସାପ୍ତାହିକ ହାଟରେ ଏକ ଅଭାବନୀୟ ଘଟଣାକ୍ରମେ ପରିବା କିଣୁଥିବା ବେଳେ ଜଣେ ବ୍ୟକ୍ତିଙ୍କ ହୃଦଘାତରେ ମୃତ୍ୟୁ ଘଟିଛି। ମୃତକ ଜଣକ ହେଉଛନ୍ତି କେନ୍ଦୁଆ ପଞ୍ଚାୟତର ମୋହନପୁର ଗ୍ରାମର ଶୁକ୍ରା ସିଂଙ୍କ ପୁତ୍ର ଗୁମ ସିଂ (୫୦)। ସେ ସନ୍ଧ୍ୟା ୮ଟାରେ ତାହିବାଡି ହାଟକୁ ସଉଦା କିଣିବାକୁ ଯାଇଥିଲେ। ପରିବା କିଣୁଥିବା ବେଳେ ହଠାତ ସେ ମୁହଁ ମାଡି ତଳେ ପଡ଼ିଯାଇଥିଲେ। ସଙ୍ଗେ ସଙ୍ଗେ ଅନ୍ୟ ଦୋକାନୀଙ୍କ ସହାୟତାରେ ତାଙ୍କୁ ବୈଶିଙ୍ଗା ଡାକ୍ତରଖାନାକୁ ନେଇ ଆସିଥିଲେ; ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ପରେ ତାଙ୍କ ଏକମାତ୍ର କନ୍ୟା ଓ ସ୍ତ୍ରୀ ବୈଶିଙ୍ଗା ଡାକ୍ତରଖାନାରେ ପହଞ୍ଚିଥିଲେ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ବର୍ଷକ ପରେ ଭିନ୍ନକ୍ଷମ ନାବାଳକ ଉଦ୍ଧାର



ମହୁଲଡିହା, ୧୫।୫(ସମିସ): ଠାକୁରମୁଣ୍ଡା ଥାନା କେନ୍ଦୁଜିଆଣି ଗ୍ରାମ ପଞ୍ଚାୟତ ଡୁମୁରିଡିହା ଗ୍ରାମର ନିଖୋଜ ଥିବା ଭିନ୍ନକ୍ଷମ ନାବାଳକ ଏକ ବର୍ଷ ପରେ ଘରକୁ ଫେରିଛି। ଡୁମୁରିଡିହା ଗ୍ରାମର ମୃତ୍ୟୁଞ୍ଜୟ ପାତ୍ରଙ୍କ ଭିନ୍ନକ୍ଷମ ନାବାଳକ ପୁଅ ବିକାଶ ପାତ୍ର (୧୪) ଗତ ୨୮.୪.୨୦୨୪ରେ ଘରୁ କେଉଁଆଡେ ପଳାଇଯାଇଥିଲା। ପରିବାର ଲୋକ ବହୁତ ଖୋଜାଖୋଜି କରିବାପରେ ସନ୍ଧାନ ନପାଇବାରୁ ଠାକୁରମୁଣ୍ଡା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଉଦଳା, କେନ୍ଦୁଝର, ବାରିପଦା, ଆନନ୍ଦପୁର ବିଭିନ୍ନ ସ୍ଥାନରେ ଲୋକଙ୍କୁ ଅବଗତ କରିଥିଲେ ବି କୌଣସି ସନ୍ଧାନ ପାଇନଥିଲେ। ପିଲାଟି ଏଣେତେଣେ ବୁଲିବୁଲି ବାରିପଦାରେ ବୁଲୁଥିବା ଦେଖି ଚାଇଲ୍ଡ ହେଲ୍ପ ଲାଇନର ଅଧିକାରୀ ନାବାଳକକୁ ଷ୍ଟେହୋମରେ ଭର୍ତ୍ତି କରିଥିଲେ। ୩ ମାସପରେ ସେଠାରୁ ବିକାଶ ପାଚେରୀ ଡେଇଁ ପଳାଇ ଯାଇଥିଲା। ବହୁତ ଖୋଜାଖୋଜି ପରେ ବିକାଶର ସନ୍ଧାନ ମିଳିନଥିଲା। ଗତ ମାର୍ଚ୍ଚ ମାସରେ ଠାକୁରମୁଣ୍ଡା ଥାନା ଅଧିକାରିଣୀ ଖବର ପାଇଲେ ନାବାଳକ ବିକାଶ ବାଙ୍ଗାଲୋର ସହରର ଚାଇଲ୍ଡ ଲାଇନ ହେପାଜତରେ ଅଛି। ଥାନା ଅଧିକାରିଣୀ ମୃତ୍ୟୁଞ୍ଜୟ ପାତ୍ରଙ୍କୁ ନେଇ ବାରିପଦାରେ ଭିଡିଓ କନଫରେନ୍ସ ମାଧ୍ୟମରେ ବିକାଶଙ୍କୁ ଦେଖାଇବାରୁ ସେ ନିଜ ପୁଅକୁ ଚିହ୍ନିଥିଲେ। ପରେ ଗତ ୧୨ ତାରିଖରେ ବାଙ୍ଗାଲୋର ଚାଇଲ୍ଡ ଲାଇନର ଫାଦର ନବୀନ କୁମାର, ଏବଂ ଚେତନ ଏମପି ଭୁବନେଶ୍ୱର ରେଲୱେ ଷ୍ଟେସନରେ ବିକାଶକୁ ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇଙ୍କୁ ହସ୍ତାନ୍ତର କରିଥିଲେ।

## ସିବିଏସ୍‌ଇ ଦଶମରେ ଦିବ୍ୟଜ୍ୟୋତି ହାୟର ସେକେଣ୍ଡାରୀ ବିଦ୍ୟାଳୟ ଶତପ୍ରତିଶତ ସଫଳ

ବେତନଟୀ, ୧୫।୫(ସମିସ): ମଙ୍ଗଳବାର ପ୍ରକାଶ ପାଇଥିବା ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ ବେତନଟୀ ଆଗ୍ରିଆ ଦିବ୍ୟଜ୍ୟୋତି କନଭେଣ୍ଟ ହାୟର ସେକେଣ୍ଡାରୀ ସ୍କୁଲ ଶତପ୍ରତିଶତ ସଫଳତା ହାସଲ କରିଛି। ସ୍କୁଲର ୩୩ ଜଣ ପରୀକ୍ଷା ଦେଇଥିବାବେଳେ ସମସ୍ତେ କୃତକାର୍ଯ୍ୟ ହୋଇଛନ୍ତି। ପ୍ରତୀକ ସେନାପତି ୯୫.୪% ରଖି ସ୍କୁଲ ଟପର ହୋଇଥିବାବେଳେ ଧ୍ୱନି ଖଣ୍ଡେଲୱାଲ ୯୫.୨% ଦ୍ୱିତୀୟ, ଶ୍ରଦ୍ଧା ଅଗ୍ରୱାଲ ୯୪% ତୃତୀୟ, ପିଙ୍କି ପ୍ରିୟଦର୍ଶିନୀ ସିଂ ୯୨.୪% ଚତୁର୍ଥ, ସ୍ୱସ୍ତିକା ମହାନ୍ତି ୯୨% ରଖି ପଞ୍ଚମ, ଅନୁରାଗ ନାଏକ ୯୦.୪% ରଖି ଷଷ୍ଠ ଓ ପ୍ରତ୍ୟୁଷ ପାଲ ୯୦% ରଖି ସପ୍ତମ ସ୍ଥାନ ଅଧିକାର କରିଛନ୍ତି। ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ଅଧକ୍ଷା ସିଷ୍ଟର ଶ୍ୟାନି. ଭି. ଜୋସେଫ ଅଭିନନ୍ଦନ ଜଣାଇଛନ୍ତି।

## ସିବିଏସ୍‌ଇ ଦଶମରେ ରାମଚନ୍ଦ୍ର ରାଜ୍ୟ ଟପ୍ପର



ରାଇରଙ୍ଗପୁର, ୧୫।୫(ସମିସ): ଚଳିତ ବର୍ଷ ସିବିଏସଇ ଦଶମ ପରୀକ୍ଷାରେ କାଦୁଆଣି ଏକଲବ୍ୟ ମଡେଲ ସ୍କୁଲର ଛାତ୍ର ରାମଚନ୍ଦ୍ର ହାଁସଦା ରାଜ୍ୟରେ ପ୍ରଥମ ହୋଇଥିବାବେଳେ ଅନ୍ୟ ଜଣେ ଛାତ୍ର ଉମାନ ହାଁସଦା ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଚଳିତ ପରୀକ୍ଷାରେ ଏହି ସ୍କୁଲ ଆଶାତୀତ ସଫଳତା ହାସଲ କରିଛି। ବିଦ୍ୟାଳୟରୁ ମୋଟ ୫୭ ଜଣ ପରୀକ୍ଷା ଦେଇଥିଲେ। ସେହିପରି ବିଦ୍ୟାଳୟରୁ ଏ- ୧ରେ ଦୁଇ ଜଣ, ଏ- ୨ରେ ୮ ଜଣ, ବି-୨ରେ ୨୯ ଜଣ, ବି-୨ରେ ୧୪ ଜଣ ଓ ସି -୧ରେ ୩ ଜଣ ପାସ କରିଛନ୍ତି। ଏହି ସଫଳତା ପାଇଁ ଉପଜିଲ୍ଲାପାଳ ବାମନଘାଟୀ, ପିଏ ଆଇଟିଡିଏ ରାଇରଙ୍ଗପୁର, ଜିଲ୍ଲା ମଙ୍ଗଳ ଅଧିକାରୀ, ଏଡିଡବ୍ଲୁ ଏବଂ ସମସ୍ତ ଅଭିଭାବକ ପ୍ରିନ୍ସିପାଲ୍ ବଳରାମ ବାରିକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରିନ୍ସିପାଲ ଶ୍ରୀ ବାରିକ ମଧ୍ୟ ସମସ୍ତ ଛାତ୍ରଛାତ୍ରୀ ଏବଂ ଶିକ୍ଷକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ୧୪ନଂ. ୱାର୍ଡରେ ପିଇବା ପାଣି ଉତ୍କଟ



କରଞ୍ଜିଆ, ୧୫।୫(ସମିସ): ପାଣି ପାଇଁ ଦୀର୍ଘଧରି ସଂଘର୍ଷ କରୁଛନ୍ତି ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଏନ୍‌ଏସିର ୧୪ନଂ.ର ଅଙ୍କୁରା ନିବାସୀ। ବିଶେଷକରି ଏହି ୱାର୍ଡରେ ବାସକରୁଥିବା ଆଦିବାସୀ ପାଣି ପାଇଁ ଉହକବିକଳ ହେଉଛନ୍ତି। ଏନ୍‌ଏସି ପକ୍ଷରୁ ଟ୍ୟାଙ୍କର ବ୍ୟବସ୍ଥା କରାଯାଇଛି; କିନ୍ତୁ ପାଣି ନାହିଁ। ନୂତନ ଭାବେ ଓଭରହେଦ ଟାଙ୍କି ନିର୍ମାଣ ହେଉଛି; କିନ୍ତୁ କାର୍ଯ୍ୟକ୍ଷମ ପୂର୍ବରୁ ତାହାର ଅଚଳ ହୋଇଯାଉଛି। ନିକଟରେ ପାଇପ ଫାଟି ଥିବାରୁ ପାଣି ପାଇଁ ବସ୍ତିବାସିନ୍ଦା ସକାଳୁ ଭିଡ ଲଗାଉଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ୱାର୍ଡର ଲୋକେ ଦାବି ଜଣାଇଛନ୍ତି।

## ଅମଲାତନ୍ତ୍ର ବିଭାଗ କାର୍ଯ୍ୟାଳୟ ଉଦ୍‌ଘାଟିତ




ଠାକୁରମୁଣ୍ଡା, ୧୫।୫ (ସମିସ): ଠାକୁରମୁଣ୍ଡା ବ୍ଲକ ପରିସରରେ ବୁଧବାର ଅମଲାତନ୍ତ୍ର ବିଭାଗର ଏକ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନ ଉତ୍ସବରେ ବ୍ଲକ ଉପାଧକ୍ଷ ଓ ସମିତି ସଭ୍ୟ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଭାବରେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ, ସମ୍ମାନିତ ଅତିଥି ଭାବରେ ବ୍ଲକ ଅଧକ୍ଷ ସରୋଜିନୀ ମୁଣ୍ଡା, ସାଂସଦ ପ୍ରତିନିଧି ତାରାକାନ୍ତ ପଟ୍ଟନାୟକ, ବ୍ଲକ ଉପାଧକ୍ଷ ସନ୍ତୋଷ କୁମାର ମହାନ୍ତ ଯୋଗଦେଇଥିଲେ। ଉଦଘାଟନ କାର୍ଯ୍ୟକ୍ରମରେ ବିଡ଼ିଓ ସ୍ୱପ୍ନେଶ୍ୱର ବେହେରା, ତହସିଲଦାର ସମ୍ବିତ କୁମାର କର, ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭ୍ରା ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ ବିକ୍ରମ ସାମଲ, ବରିଷ୍ଠ କିରାଣୀ ନିହାର ରଞ୍ଜନ ମହାକୁଡ଼, ଏପିଓ ଧାନଚାନ୍ଦ ମହାନ୍ତ ସମେତ କର୍ମଚାରୀ ଉପସ୍ଥିତ ଥିଲେ।

## ମାଙ୍କଡପଡ଼ା ଓ ପିଙ୍ଗୁରେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

କପ୍ତିପଦା, ୧୫।୫(ସମିସ): ନବନିର୍ମାଣ କୃଷକ ସଂଗଠନ ତରଫରୁ କପ୍ତିପଦା ବ୍ଲକ ମାଙ୍କଡପଡ଼ା ଓ ପିଙ୍ଗୁ ପଞ୍ଚାୟତର ବିଭିନ୍ନ ଗ୍ରାମରେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଭାରୀ ଚିନୁ ଦାଶଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଲୋକଙ୍କୁ କିପରି ବିନା ଔଷଧରେ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସ୍ୱଳ୍ପ ମୂଲ୍ୟରେ କିପରି ରୋଗୀ ଆରୋଗ୍ୟ ଲାଭ କରିବେ ସେ ନେଇ ସଚେତନ କରାଯାଇଥିଲା। ଆୟୁର୍ବେଦ ଓ ପଞ୍ଚଗବ୍ୟ ଚିକିତ୍ସା ବୈଦ୍ୟ ସମ୍ପଦ କୁମାର ଜେନା ସ୍ୱଦେଶୀ ବ୍ୟବସ୍ଥାକୁ ବଞ୍ଚାଇବା ଦିଗରେ ବିଭିନ୍ନ ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ସୂଚନା ଦେଇଥିଲେ। ରମାକାନ୍ତ ନାଏକ, ପୂର୍ଣ୍ଣଚନ୍ଦ୍ର କଣ୍ଟାବାଉସିଆ, କାହ୍ନନ ସୋରେନ, ପାଗାନ ସୋରେନ୍, ଶତ୍ରୁଘ୍ନ ମହାନ୍ତି, ସୁରେନ୍ଦ୍ର ଜେନା ଶଙ୍କର ସୋରେନ୍ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ଅଲ୍‌ଚିକି ଲିପିର ଶତବାର୍ଷିକୀ ସମାରୋହ

ରାଇରଙ୍ଗପୁର, ୧୫।୫(ସମିସ): ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୨୧ତମ ଜୟନ୍ତୀ ତଥା ଅଲଚିକି ଲିପି ଉଦ୍ଭାବନର ୧୦୦ତମ ବାର୍ଷିକ ଉତ୍ସବ ଗତ ୧୨ରୁ ଚାଲିଥିବା ଉତ୍ସବ ୧୪ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବହୁଭାଷୀ, ସାନ୍ତାଳୀ ଶିକ୍ଷକ ସଂଘ, ଓଡ଼ିଶା ତରଫରୁ ସାନ୍ତାଳୀ ଭାଷାର ଅଲଚିକି ଲିପିରେ ପ୍ରସ୍ତୁତ ପୁସ୍ତକ ବାଲେତାରାସର



ଉନ୍ମୋଚନ ଉତ୍ସବ ଦାଣ୍ଡବୋଷ ରାଇରଙ୍ଗପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ସମାରୋହରେ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲ୍ଲା ସମଗ୍ର ଶିକ୍ଷା, ମୟୂରଭଞ୍ଜ କାର୍ଯ୍ୟାଳୟର ଜିଲ୍ଲା ଆଦିବାସୀ ଶିକ୍ଷା ସଂଯୋଜକ ସପନ କୁମାର ପୃଷ୍ଟି, ରାଇରଙ୍ଗପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଘନଶ୍ୟାମ ମୁର୍ମୁ, ଗୋଷ୍ଠୀ ସହ ଶିକ୍ଷା ଅଧିକାରୀ କାର୍ତ୍ତିକଚନ୍ଦ୍ର କାରୁଆ, ରାଜ୍ୟ ବହୁଭାଷୀ ଶିକ୍ଷକ ସଂଘର ସଭାପତି ବାଗୁନ ସିଂ ଜାରିକା ଓ ରାଜ୍ୟ ବହୁଭାଷୀ ଶିକ୍ଷକ ସଂଘର ସହସମ୍ପାଦକ ପଦ୍ମଲୋଚନ ସଏ ପ୍ରମୁଖ ଯୋଗଦାନ କରିଥିଲେ। ଆଦିବାସୀ ଭାଷାକୁ ଲୋକାଭିମୁଖୀ କରିବା ପାଇଁ ଆଗାମୀ ଦିନରେ ସାନ୍ତାଳୀ, ମୁଣ୍ଡା ଓ ହୋ ଭାଷାର ପୁସ୍ତକ ପ୍ରସ୍ତୁତ କରିବା ପାଇଁ ଜିଲ୍ଲାର ବହୁଭାଷୀ ଶିକ୍ଷକଙ୍କୁ ଉତ୍ସାହିତ କରାଯାଇଥିଲା ବୋଲି ଶ୍ରୀ ସେଠୀ କହିଥିଲେ। ଜିଲ୍ଲା ଆଦିବାସୀ ଶିକ୍ଷା ସଂଯୋଜକ ସପନ କୁମାର ପୃଷ୍ଟି ଏହିଭଳି କାର୍ଯ୍ୟକ୍ରମ ଆୟୋଜନ ବ୍ୟବସ୍ଥାକୁ ପ୍ରଶଂସା କରିଥିଲେ। ଏହି ଅବସରରେ ବହୁଭାଷୀ, ସାନ୍ତାଳୀ ଶିକ୍ଷକ ସଂଘ, ଓଡ଼ିଶା ସହାୟତାରେ ୧୦ ହଜାର ପୁସ୍ତକ ମୁଦ୍ରଣ କରାଯାଇ ମାଗଣାରେ ବଣ୍ଟନ କରଯାଇଥିଲା। ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏହି ତିନିଦିନ ଧରି ଉପସ୍ଥିତ ସମସ୍ତ ଜନସାଧାରଣ ନିମନ୍ତେ ଦହି ସରବତ ବିତରଣର ବ୍ୟବସ୍ଥା କରଯାଇଥିଲା। ଉପରୋକ୍ତ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରୁ ୩ ଶହରୁ ଅଧିକ ବହୁଭାଷୀ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ।

## ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକ ଉତ୍ସବ

କୁଆମରା, ୧୫।୫(ସମିସ): ଗୋପବନ୍ଧୁ ନଗର ବ୍ଲକ କୁଆମରା ପଞ୍ଚାୟତ ପଟୁଆ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକ ଉତ୍ସବ ତଥା ସ୍ୱର୍ଗତ ମୃତ୍ୟୁଞ୍ଜୟ ମହାପାତଙ୍କ ଏକାଦଶ ଶ୍ରାଦ୍ଧ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଶିକ୍ଷାବିତ ଭବେଶ ସାହୁ, ପ୍ରଭାତ ନାୟକ, କଳ୍ପତରୁ ପାତ୍ର, ଦିଲ୍ଲୀପ କୁମାର ଭୋଇ ପ୍ରମୁଖ ଯୋଗଦେଇ ଆତ୍ମବିଶ୍ୱାସ ହରାଇବା ଅର୍ଥ ନିଜ ପ୍ରତି ସମ୍ମାନ ହରାଇବା ବୋଲି ମତବ୍ୟକ୍ତ କରିଥିଲେ। ପରେ ଦ୍ୱିତୀୟ ଅଧିବେଶନରେ ସାଧାରଣ ଜୀବନ, ଧାର୍ମିକ ଜୀବନ ଓ ଆଧାତ୍ମିକ ଜୀବନ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ସ୍ୱର୍ଗତ ମୃତ୍ୟୁଞ୍ଜୟଙ୍କ ସ୍ମୃତିଚାରଣ କରାଯାଇଥିଲା। ଅବସରପ୍ରାପ୍ତ କର୍ମଚାରୀ ଚିତ୍ତରଞ୍ଜନ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପ୍ରଫୁଲ୍ଲ ମହାଳିକ ଉଦଘାଟନ କରିଥିଲେ। ଏହି ପାଠଚକ୍ରରେ ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରୁ ଶତାଧିକ ଶିକ୍ଷାବିତ ଅଂଶଗ୍ରହଣ କରିଥିଲେ।

## ବିପର୍ଯ୍ୟୟ ପ୍ରଶମନ ଲିଙ୍ଗ ଅନ୍ତର୍ଭୁକ୍ତୀକରଣ କର୍ମଶାଳା




ବଡସାହି, ୧୫।୬(ସମିସ): ବଡ଼ସାହି ବ୍ଲକ ସମ୍ମିଳନୀ କକ୍ଷରେ ବିପର୍ଯ୍ୟୟ ପ୍ରଶମନ ଲିଙ୍ଗ ଅନ୍ତର୍ଭୁକ୍ତିକରଣ ଶୀର୍ଷକ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଡିଓ ବନଜା ଦାସ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜିପିଡିଓ ଅବିନାଶ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ବିପର୍ଯ୍ୟୟ ପରିଚାଳନାରେ ବିପଦ ହ୍ରାସ ନିମନ୍ତେ ପ୍ରଥମ କରି ନୂତନ ଚିନ୍ତାଧାରା ମୁଖ୍ୟସ୍ରୋତ ଲିଙ୍ଗ ଅନ୍ତର୍ଭୁକ୍ତୀକରଣକୁ ପରିସରଭୁକ୍ତ କରାଯାଇଛି ବୋଲି ବିଡିଓ କହିଥିଲେ। ଜରୁରୀକାଳୀନ କାର୍ଯ୍ୟାଳୟର ଜିଲ୍ଲା ପ୍ରକଳ୍ପ ଅଧିକାରୀ ଯୋଗବନ୍ଧୁ ମହାନ୍ତି କର୍ମଶାଳାର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସିଡିପିଓ, ଗୋଷ୍ଠୀ ଶିକ୍ଷା/ ଅଗ୍ନିଶମ / ଗୋଷ୍ଠୀ ଭେଟିନାରୀ ବିଭାଗର ପ୍ରତିନିଧି, ମାର୍କେଟିଂ ଇନିସ୍ପେକଟର, ଜେଇ, ଆରଏସଏସ, ବିପିସି, ବିପିଏମ, ଶାଳଗାଁ, ମାନଗୋବିନ୍ଦପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ, ସରପଞ୍ଚ, ସମିତିସଭ୍ୟ, ସହକାରୀ କୃଷି ଅଧିକାରୀ, ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏନଜିଓ 'ସଂକଳ୍ପ'ର ସମ୍ପାଦକ ପ୍ରଦୀପ କୁମାର ଦାସମହାପାତ୍ର ଶାଳଗାଁ, ମାନଗୋବିନ୍ଦପୁର ପଞ୍ଚାୟତରେ କର୍ମଶାଳା ଏବଂ ଓ ଦୁଇ ଦିନିଆ ଗୋଷ୍ଠୀ ସ୍ୱେଚ୍ଛାସେବୀଙ୍କ ପାଇଁ ତାଲିମ ଆସନ୍ତା ଜୁନ ମାସରେ ଅନୁଷ୍ଠିତ ହେବ। ଶେଷରେ ଫୋର୍ଡ଼ର ସନ୍ତୋଷ କୁମାର ଖଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## କାର୍-ବାଇକ୍ ଧକ୍କା; ଜଣେ ମୃତ

କପ୍ତିପଦା, ୧୫।୫(ସମିସ): ଗୁରୁବାର ଏକ ବାଇକ୍ ଏବଂ କାର ମଧ୍ୟ ଦୁର୍ଘଟଣା ଘଟି କପ୍ତିପଦା ବ୍ଲକ ଜଡ଼ିଦା ଗ୍ରାମର ମାନସ ରଞ୍ଜନ ମୁଦୁଲି (କହ୍ନୁ)ଙ୍କ ମୃତ୍ୟୁ ଘଟିଛି। ସେ କୌଣସି କାର୍ଯ୍ୟରେ ଶାଳଚୁଆ ଯାଇ ଜଡ଼ିଦା ଫେରୁଥିବା ସମୟରେ ବିପରୀତ ଦିଗରୁ ଏକ କାର୍ ସହିତ ଧକ୍କା ହୋଇଥିଲା। ଫଳରେ ମାନସ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ଉଦଳା ପରେ ବାରିପଦା ମୁଖ୍ୟ ଡାକ୍ତରଖାନା ନିଆଯାଇଥିଲା; ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି। ସେ ବଡଶିମୁଳିଆ ଏସଏସଡି ବିଦ୍ୟାଳୟରେ ପିଓନ ଭାବେ କାର୍ଯ୍ୟ କରୁଥିଲେ। ପୁଲିସ ଅଭିଯୋଗ ପାଇ ତଦନ୍ତ ଚଳାଇଛି।

## ୩ ଦିନରେ ୪ଗାଡି ଜବତ; ୬୦ ଗୋରୁ ଉଦ୍ଧାର

କରଞ୍ଜିଆ, ୧୫।୫(ସମିସ): କରଞ୍ଜିଆ ପୁଲିସ ୩ ଦିନରେ ୪ଟି ଗାଡି ଜବତ କରିବା ସହିତ ୬୦ଟି ବଳଦ ଉଦ୍ଧାର କରିଛି। ଏଥିରେ ସମ୍ପୃକ୍ତ ଥିବା ପୁଲିସ ଜଣକୁ ଗିରଫ କରିଛି। ଗତ ତିନି ଦିନ ମଧ୍ୟରେ କରଞ୍ଜିଆ ପୁଲିସକୁ ସଫଳତା ମିଳିଛି। ଗତ ୧୨ ତାରିଖ ଗୋଟିଏ ୧୦ ଚକିଆ ଟ୍ରକ ସହିତ ୨୭ଟି ବଳଦ ଜବତ ପରେ ଗତ ୧୩ ତାରିଖ ଗୋଟିଏ ପିକଅପ ସହିତ ୯ ଟି ବଳଦ ଜବତ କରିଥିଲା ପୁଲିସ। ସେହିପରି ମଙ୍ଗଳବାର ବିଳମ୍ବିତ ରାତିରେ ମଧ୍ୟ ୫୩ନମ୍ବର ରାଜ୍ୟ ରାଜପଥର ରମସତଳା ନିକଟରୁ ଦୁଇଟି ପିକଅପ ସହିତ ୨୦ଟି ବଳଦ ଜବତ କରିଛି କରଞ୍ଜିଆ ପୁଲିସ। ତେବେ ଆଗାମୀ ଦିନରେ ଏପରି ଚଢଉ ଜାରି ରହିବ ବୋଲି ପୁଲିସ ପ୍ରକାଶ କରିଛି।

## ସଡ଼କ ଦୁର୍ଘଟଣାରେ ଠିକାଦାର ଗୁରୁତର

ମହୁଲଡିହା, ୧୫।୫(ସମିସ):ଠାକୁରମୁଣ୍ଡା ଥାନା ପତରତୋଳା ଛକ ନିକଟରେ ଏକ କାର ଗଛକୁ ଧକ୍କା ଦେବା ଫଳରେ ଜଣେ ଠିକାଦାର ଗୁରୁତର ହୋଇଥିବା ଜଣାପଡ଼ିଛି। ଯାଜପୁର ଜିଲ୍ଲା ସୁଜନପୁର ଗ୍ରାମର ତନ୍ମୟ ବିଶ୍ୱାଳ ଏକ କାର୍‌ରେ କରଞ୍ଜିଆ ଆସୁଥିବା ବେଳେ ଆଖି ଲାଗିଯିବାରୁ ଭାରସାମ୍ୟ ହରାଇ ଏକ ଅଶନ ଗଛକୁ ଧକ୍କା ଦେଇଥିଲେ। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ଉଦ୍ଧାର କରାଯାଇ ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତନ୍ମୟଙ୍କ ମୁଣ୍ଡରେ ଆଘାତ ଲାଗିବା ସହିତ ବାମ ହାତରେ ଆଘାତ ଲାଗିଛି। ଅବସ୍ଥା ଗୁରୁତର ଥିବାରୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଛି।

## ବଜ୍ରଘାତରେ ୩ ଗୁରୁତର

କରଞ୍ଜିଆ, ୧୫।୫(ସମିସ): କରଞ୍ଜିଆ ବ୍ଲକ ବାଟପଲସା ଗ୍ରାମପଞ୍ଚାୟତ ଶିଆଳିନଈ ହୋ ସାହିରେ ଗୁରୁବାର ବଜ୍ରପାତ ହେବାରୁ ୩ ଜଣ ଗୁରୁତର ହୋଇଛନ୍ତି। ଶିଆଳି ନଈ ଗାଁ ହୋ ସାହିର ଚାନ୍ଦ ହୋ, କାଳିଆ ହୋ, ସୁମି ହୋ'ଙ୍କୁ ଉପଖଣ୍ଡ ଚିକିତ୍ସାଳୟ ଆଣି ବର୍ତ୍ତମାନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆଜି ଅପରାହ୍ନରେ କରଞ୍ଜିଆ ଅଞ୍ଚଳରେ କାଳବୈଶାଖୀ ହେବା ସହିତ ପ୍ରବଳ ବର୍ଷା ହୋଇଥିଲା। ବର୍ଷା ସହ ଘଡଘଡି ହୋଇଥିବାବେଳେ ଗ୍ରାମର କାଳିଆ ହୋ, ସୁମୀ ହୋ ଏବଂ ଚାନ୍ଦ ହୋ ଘର ବାରଣ୍ଡାରେ ଥିବା ବେଳେ ତାଙ୍କ ଉପରେ ବଜ୍ରପାତ ହୋଇଥିଲା। ଫଳରେ ସମସ୍ତେ ଅଚେତ ହୋଇପଡ଼ିଥିଲେ। ପରେ ସେମାନଙ୍କୁ କରଞ୍ଜିଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସମସ୍ତଙ୍କ ଅବସ୍ଥା ସ୍ଥିର ଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି।

## ସମସ୍ୟାରେ ମହାରାଜା ଶ୍ରୀରାମଚନ୍ଦ୍ର ବିଶ୍ୱବିଦ୍ୟାଳୟ

# ଓଡ଼ିଆ ଜାଗରଣ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ବାରିପଦା, ୧୫।୫(ସମିସ): ବୁଧବାର ଓଡ଼ିଆ ଜାଗରଣ ମଞ୍ଚର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ମୟୂରଭଞ୍ଜ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ବିଭୂତିଭୂଷଣ ନାୟକଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମହାରାଜା ଶ୍ରୀରାମଚନ୍ଦ୍ର ବିଶ୍ୱବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ମୟୂରଭଞ୍ଜ ଜିଲ୍ଲା ବାସୀଙ୍କର ବହୁବର୍ଷର ଦାବି ଫଳରେ ଗତ ୧୯୯୮ ମସିହାରେ ରାଜ୍ୟ ସରକାର ବାରିପଦାର ତକତପୁରଠାରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ପରବର୍ତ୍ତୀ କାଳରେ ୨୦୨୦ରେ ସରକାର ଏହାର ନାମକୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ନାମରେ ନାମିତ କରିଛନ୍ତି। ୨୦୧୭ରେ କେନ୍ଦୁଝରରେ ଏହାର ଦ୍ୱିତୀୟ ପରିସର ପ୍ରତିଷ୍ଠା କରିଥିଲେ। ପରିବର୍ତ୍ତୀ କାଳରେ ୨୦୨୩ ମସିହାରେ କେନ୍ଦୁଝରର ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟକୁ ସରକାର ବିଶ୍ୱବିଦ୍ୟାଳୟ କରିଦେଲେ ଓ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ପରିସରରେ ଥିବା ଓଡିଆ, ଇଂରାଜୀ, ସଂସ୍କୃତ, ଜିଓଲୋଜୀ, ମେଟେରିଆଲ ସାଇନ୍ସ ପରି ୫ଟି ବିଭାଗର ସମସ୍ତ ୧୫ଟି ଶିକ୍ଷକ ଓ ସମସ୍ତ ଅଣଶିକ୍ଷକ ପଦବକୁ ଧରଣୀଧର ବିଶ୍ୱବିଦ୍ୟାଳୟକୁ ପ୍ରଦାନ କରିଦେଲେ। ଫଳରେ ବାରିପଦା ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଥିବା ଏହି ବିଭାଗ ଗୁଡିକ ଏ ସମସ୍ତ ମୂଳପଦବୀ ଗୁଡିକୁ ହରାଇଲା। ଯାହାଫଳରେ ଏବେ ମଧ୍ୟ ବାରିପଦାରେ ବିଶ୍ୱବିଦ୍ୟାଳୟର ଇଂରାଜୀ, ସଂସ୍କୃତ, ଜିୟୋଲୋଜୀ ଓ ମେଟେରିଆଲ ସାଇନ୍ସ ବିଭାଗ ସେଲଫ୍ ଫାଇନାନ୍ସ କୋର୍ସ ଭାବରେ ଚାଲିବାକୁ ବାଧ ହେଉଛି। ଏପରିକି ମେଟେରିଆଲ ସାଇନ୍ସ ବିଭାଗଟି ବନ୍ଦ ହେବକୁ ବସିଲାଣି। ଏ ସମସ୍ତ ବିଭାଗରେ ଛାତ୍ରଛାତ୍ରୀ ମୋଟା ଅଙ୍କର ରାଶି ଦେଇ ପାଠପଢ଼ିବାକୁ ବାଧ ହେଉଛନ୍ତି। ପିଏଚଡି ପରି ଗବେଷଣା ପାଠ ପଢ଼ିବାରୁ ମଧ୍ୟ ବଞ୍ଚିତ ଅଛନ୍ତି। ନିୟମିତ ଶିକ୍ଷକଙ୍କ ଦ୍ୱାରା ପାଠପଢ଼ାରୁ ବଞ୍ଚିତ ହୋଇ ଅତିଥି ଅଧାପକଙ୍କ ଦ୍ୱାରା ପିଲାମାନେ ପାଠ ପଢୁଛନ୍ତି। ଏ ନେଇ ଦୀର୍ଘ ଦିନ ଧରି ସରକାରଙ୍କ ନିକଟରେ ଅଭିଯୋଗ କରାଯାଉଥିଲେ ମଧ୍ୟ କୌଣସି ଫଳ ମିଳୁନାହିଁ। ଏଣୁ ଦ୍ୱିତୀୟ କ୍ୟାମ୍ପସରୁ ଧରଣୀଧର ବିଶ୍ୱବିଦ୍ୟାଳୟକୁ ନିଆଯାଇଥିବା ବିଭାଗ ଏବଂ ପଦ ବାରିପଦାକୁ ଫେରସ୍ତ କରିଦେବା, ବାରିପଦାଠାରେ ଏକ ସରକାରୀ ସଙ୍ଗୀତ ମହାବିଦ୍ୟାଳୟ ପ୍ରତିଷ୍ଠା କରାଯିବା ସହ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟକୁ ଉନ୍ନତ କରିବାକୁ ଦାବି କରାଯାଇଛି। ଦାବିପତ୍ର ସମୟରେ ଶରତ ଚନ୍ଦ୍ର ନାୟକଙ୍କ ସହିତ ପ୍ରତିନିଧି ମଣ୍ଡଳୀରେ ପୀତାମ୍ବର ମଲ୍ଲିକ, ସତ୍ୟନାରାୟଣ ବେହେରା ଓ ଲମ୍ବୋଦର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



## ଦଣ୍ଡିଲୋରେ ସଶସ୍ତ୍ର ଡକାୟତି ଘଟଣା

# ୫ ଡକାୟତ ଗିରଫ; ୨ ବାଇକ୍, ଅଳଙ୍କାର ଜବତ

ଜଗତସିଂହପୁର,୧୫।୫(ସମିସ):

ଜଗତସିଂହପୁର ଜିଲ୍ଲା ବିରିଡ଼ି ଥାନା ଅନ୍ତର୍ଗତ ଦଣ୍ଡିଲୋ ଗ୍ରାମର ସୁକାନ୍ତ ମହାରଣାଙ୍କ ଘରୁ ଗତ ୨ ତାରିଖ ରାତିରେ ହୋଇଥିବା ଡକାୟତି ଘଟଣାରେ ସଂପୃକ୍ତ ଥିବା ୫ ଜଣଙ୍କୁ ପୁଲିସ ଗିରଫ କରିବାରେ ସଫଳ ହୋଇଛି। ଏମାନଙ୍କ ମଧ୍ୟରୁ ୩ ଜଣଙ୍କୁ ବିରିଡ଼ି ପୁଲିସ ଧରିଥିବାବେଳେ ଅନ୍ୟ ଦୁଇଜଣଙ୍କୁ ମାହାଙ୍ଗା ପୁଲିସ ଗିରଫ କରିଛି। ବିରିଡ଼ି ଥାନା ବାଗଲପୁର ଗ୍ରାମର ମୁନା ଓରଫ ସୁଜ୍ଞାନ ଭୋଇ, ସନିଆ ଓରଫ୍ ତ୍ରିନାଥ ପରିଡ଼ା ଓ ବଣ୍ଟି ଓରଫ୍ ରାହୁଲ ସ୍ୱାଇଁ ଏହି ୩ ଜଣଙ୍କୁ ବିରିଡ଼ି ପୁଲିସ ଗିରଫ କରିଛି। ସେହିପରି ଅନ୍ୟ ଦୁଇ ଅପରାଧି ତିର୍ତ୍ତୋଲ ଥାନା ବାଲିପାଟଣା ଗ୍ରାମର ଲିପୁ ଓରଫ ସୁଶାନ୍ତ ସାହୁ ଓ ମାହାଙ୍ଗା ଥାନା କୁହୁଣ୍ଡ ଗ୍ରାମର ମନିଆ ଓରଫ ଦୀପ୍ତିକାନ୍ତ ପୃଷ୍ଟିକୁ ମାହାଙ୍ଗା ପୁଲିସ ଗିରଫ କରିଛି। ଏମାନଙ୍କ ନିକଟରୁ ଦୁଇଟି ବାଇକ୍, ୩ଟି ମୋବାଇଲ,୨୫୦ ଗ୍ରାମ୍‌ର ରୂପା ଅଳଙ୍କାର ଓ ୫ ଗ୍ରାମ୍ ଓଜନର ସୁନା ଅଳଙ୍କାର ଜବତ ହୋଇଥିବା ଜଗତସିଂହପୁର ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ତିର୍ତ୍ତୋଲ ଏସ୍‌ଡିପିଓ ଚିନ୍ମୟ ରାଉତ ସୂଚନା ଦେଇଛନ୍ତି। ଏହି ଡକାୟତି ଘଟଣାରେ ସଂପୃକ୍ତ ଥିବା ଅନ୍ୟ ଦୁଇଜଣଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଶ୍ରୀ ରାଉତ କହିଛନ୍ତି।



ସୂଚନା ମୁତାବକ, ବିରିଡ଼ି ଥାନା ଅନ୍ତର୍ଗତ ଦଣ୍ଡିଲୋ ଗ୍ରାମର ସୁକାନ୍ତ ମହାରଣା ଘରେ ନ ଥିବାବେଳେ ଗତ ୨ ତାରିଖ ବିଳମ୍ବିତ ରାତିରେ ୫ ଜଣ ଦୁର୍ବୃତ୍ତ ବନ୍ଧୁକ ଓ ଅନ୍ୟାନ୍ୟ ମାରଣାସ୍ତ୍ର ସହିତ ଗ୍ରୀଲ ଭାଙ୍ଗି ଘରେ ପଶିଥିଲେ। ପ୍ରଥମେ ତଳଘରେ ଭଡ଼ାରେ ରହୁଥିବା ଚନ୍ଦ୍ରକାନ୍ତ ସାହୁଙ୍କ ପୁଅ ପ୍ରିୟରଞ୍ଜନଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିବା ସହିତ ମାଡ଼ ମାରିଥିଲେ। ପାଟିଶୁଣି ଚନ୍ଦ୍ରକାନ୍ତ ଉଠିବାରୁ ତାଙ୍କୁ ମଧ୍ୟ ଦୁର୍ବୃତ୍ତ ମାଡ଼ ମାରି ଭୟଭୀତ କରିଥିଲେ। ସେଠାରୁ ନଗଦ ୬୨ ହଜାର ଟଙ୍କା ସହିତ ଆଲମିରା ଭାଙ୍ଗି ସୁନା ଓ ରୂପା ଅଳଙ୍ଗାର ଲୁଟ୍ କରିଥିଲେ। ପରେ ଉପର ମହଲାରେ ରହୁଥିବା ସୁକାନ୍ତଙ୍କ ଭଉଣୀ ଓ ଶାଶୂଙ୍କୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରିବା ସହ ଆଲମିରା ଭାଙ୍ଗି ୧ ଲକ୍ଷ ଟଙ୍କା ଓ ସୁନା ଅଳଙ୍କାର ଲୁଟ୍ କରିଥିଲେ। ୩ ତାରିଖ ସକାଳେ ଡକାୟତି ସମ୍ପର୍କରେ ଖବର ପାଇବା ପରେ ଭୁବନେଶ୍ୱରରୁ ଘରକୁ ଫେରି ବିରିଡ଼ି ଥାନାରେ ଏତଲା ଦେଇଥିଲେ ସୁକାନ୍ତ ମହାରଣା। ପୁଲିସ ସାଇଣ୍ଟିଫିକ୍



ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ କୌଣସି ସଫଳତା ମିଳି ନ ଥିଲା। ପରେ ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତାଙ୍କ ଦ୍ୱାରା ଗଠିତ ସ୍ୱତନ୍ତ୍ର ଟିମ୍ ଜିଲ୍ଲା ତଥା ଜିଲ୍ଲା ବାହାରେ ଛାନଭିନ୍ ଚଳାଇଥିଲା।

## ପାରାଦୀପରେ ପରାକ୍ରମ ଶୋଭାଯାତ୍ରା



ପାରାଦୀପ,୧୫।୫(ସମିସ): ଆଜି ସମୁଦ୍ର କୂଳଠାରୁ ଗୋପବନ୍ଧୁ ଷ୍ଟାଡ଼ିୟମ ପର୍ଯ୍ୟନ୍ତ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପାରାଦୀପ ବିଧାୟକ ସମ୍ପଦ ଚନ୍ଦ୍ର ସ୍ୱାଇଁ ଜାତୀୟ ପତାକା ଦେଖାଇ ଏହି ପରାକ୍ରମ ବାଇକ୍ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଭାରତୀୟ ସେନାର ଅଦମ୍ୟ ସାହସକୁ ସମ୍ମାନ ଜଣାଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ଶୋଭାଯାତ୍ରାରେ ସମାଜର ସବୁ ବର୍ଗର ନାଗରିକଙ୍କ ସହ ପ୍ରଶାସନିକ ଅଧିକାରୀ, ପୁଲିସ ବାହିନୀ, ଅବସରପ୍ରାପ୍ତ ସେନା ଅଧିକାରୀ, ସ୍କାଉଟ୍,ଏନସିସି କ୍ୟାଡେଟ, ମିଶନ ଶକ୍ତି ମହିଳା, ଛାତ୍ରଛାତ୍ରୀ, କ୍ରୀଡ଼ାବିତ, ବୁଦ୍ଧିଜୀବୀ, ସିଭିଲ ଡିଫେନ୍ସ ଓ ଗଣମାଧ୍ୟମ ପ୍ରତିନିଧି ସାମିଲ ହୋଇଥିଲେ। ଗୋପବନ୍ଧୁ ଷ୍ଟାଡ଼ିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ପୌର ପରିଷଦ ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ପୌର ପରିଷଦ ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସ୍ମୃତିରଞ୍ଜନ କର, ବିଭିନ୍ନ ଏନଜିଓ ଓ ଏନସିସିର କର୍ମକର୍ତ୍ତା ଯୋଗ ଦେଇଥିଲେ।

## ପାରାଦୀପଗଡ଼ ପଞ୍ଚାୟତରେ ଡାକ ମେଳା




ପାରାଦୀପ,୧୫।୫(ସମିସ): ପାରାଦୀପଗଡ଼ ପଞ୍ଚାୟତରେ ଜାତୀୟ ଡାକ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଡାକ ମେଳାରେ ମୁଖ୍ୟଅତିଥି ଭାବେ କଟକ ଡାକ ମଣ୍ଡଳର ସୁପରିଟେଣ୍ଡେଣ୍ଟ ପରମେଶ୍ୱର ନାୟକ ଯୋଗଦେଇ ଡାକ ବିଭାଗରେ ଥିବା ବିଭିନ୍ନ ଜନହିତକାରୀ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। କୁଜଙ୍ଗ ସବ୍‌ଡିଭିଜନ ଇନ୍ସପେକ୍ଟର ମଧୁସ୍ମିତା ମଲ୍ଲ, ଆଇପିପିବି ମ୍ୟାନେଜର ବିକାଶ ମୁଦୁଲି ପୋଷ୍ଟ ଅଫିସ୍‌ରେ ଥିବା ଡିଜିଟାଲ ସେବା ସମ୍ପର୍କରେ ଅବଗତ କରିଥିଲେ। ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା ମହିଳାମାନେ ଇଚ୍ଛା କଲେ ଡାକଘରେ ବ୍ୟାପକ ସଞ୍ଚୟ କରିପାରିବେ ବୋଲି କହିଥିଲେ। ସରପଞ୍ଚ ସସ୍ମିତା ବେହେରା, ଏମ୍‌ବିକେ କଳ୍ପନା ମହାପାତ୍ର ଯୋଗଦେଇ ଡାକ ବିଭାଗରେ ଥିବା ସୁବିଧା ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ପାରାଦୀପଗଡ ଡାକ ଶାଖା ପରିଚାଳକ ଦୀପକ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥଲେ।

## ଯୁବକଙ୍କୁ ଆକ୍ରମଣ ଘଟଣାରେ ଜଣେ ଗିରଫ

ରଘୁନାଥପୁର,୧୫।୫(ସମିସ): ରଘୁନାଥପୁର ଥାନା ଅନ୍ତର୍ଗତ ତାରପୁର ଗ୍ରାମରେ ଘରେ ପଶି ଗୋକୁଳି ବାରିକଙ୍କ ପୁତ୍ର ଦୁର୍ଲଭ ବାରିକଙ୍କୁ ଆକ୍ରମଣ ଘଟଣାରେ ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଗୋକୁଳପୁର ଗ୍ରାମର ସ୍ୱର୍ଗତ ନରେନ୍ଦ୍ର ସାହୁଙ୍କ ପୁଅ କାହ୍ନୁଚରଣ ସାହୁ। ସାଇକଲ ରଖିବାକୁ କେନ୍ଦ୍ର କରି ଦୁର୍ଲଭଙ୍କ ସହ ପଡ଼ୋଶୀଙ୍କ ବଚସା ହୋଇଥିଲା। ଏହି ଘଟଣାରେ ହଠାତ ୫/୬ ଜଣ ଯୁବକ ତାଙ୍କ ଘରେ ପଶି ଦୁର୍ଲଭଙ୍କୁ ଏକ ଧାରୁଆ ଅସ୍ତ୍ରରେ ସଂଘବଦ୍ଧ ଆକ୍ରମଣ କରିଥିଲେ। ଏ ନେଇ ଦୁର୍ଲଭଙ୍କ ସ୍ତ୍ରୀ ମଞ୍ଜୁଲତା ଗତ ଏପ୍ରିଲ ୨୩ ତାରିଖରେ ଥାନରେ ଅଭିଯୋଗ କରିଥିଲେ। ପୁଲିସ ୭୨/୨୫ରେ ମାମଲା ରୁଜୁ କରି ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପୋଲିସ ଅନ୍ୟ ଅଭିଯୁକ୍ତଙ୍କୁ ଖୋଜୁଥିବାବେଳେ ବୁଧବାର ରାତିରେ ଆଉଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଖୁବଶୀଘ୍ର ଅନ୍ୟ ଅଭିଯୁକ୍ତକାରୀଙ୍କୁ ଧରାଯାଇ କୋର୍ଟ ଚାଲାଣ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ଯୋଗେଶ୍ୱର ବେହେରା କହିଛନ୍ତି।

## ଖଣ୍ଡାୟତ ମହାସଂଘ ପକ୍ଷରୁ ମାଟ୍ରିକ୍ ଏ-୧ ଗ୍ରେଡ୍ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା,୧୫।୫(ସମିସ): ଜିଲ୍ଲା କ୍ଷେତ୍ରୀୟ ଖଣ୍ଡାୟତ ମହାସଂଘ ପକ୍ଷରୁ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ବଳଦେବଜୀଉଙ୍କ ଯାତ୍ରୀ ନିବାସରେ ସମ୍ବର୍ଦ୍ଧିତ କରାଯାଇଛି। ସଂଘ ସଭାପତି ଶରତ ଚନ୍ଦ୍ର ବେହୁରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରଥମେ ପହଲଗାମରେ ଆତଙ୍କବାଦୀଙ୍କ ଆକ୍ରମଣରେ ମୃତକ ଓ ଅପରେସନ ସିନ୍ଦୁରର ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। କେନ୍ଦ୍ରାପଡ଼ା ଜିଲ୍ଲାରେ ଏ-ୱାନ୍ ଗ୍ରେଡରେ କୃତକାର୍ଯ୍ୟ ହୋଇଥିବା ଜିଲ୍ଲାର ୪୨ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲା ଟପ୍ପର ଶୁଭମଜ୍ୟୋତି ରାଉତ, ସୌମ୍ୟା ରାଉତରାୟ, ସୁସ୍ମିତା ସାହୁ, ସ୍ୱାତୀଲଗ୍ନା ସାହୁ, ରାକେଶ ମଲ୍ଲିକ, ଅନନ୍ୟା ପାତ୍ର, ଦେବେନ୍ଦ୍ର ପାତ୍ର, ଭାଗ୍ୟଲକ୍ଷ୍ମୀ ସାହୁ, ଦିବ୍ୟସ୍ମିତା ସାହୁ, ଶ୍ରଦ୍ଧା ପ୍ରିୟଦର୍ଶିନୀ, ଅମିତ ମଲ୍ଲ, ଦିବ୍ୟସାଇ ପରିଜା, ସ୍ୱାତୀ ନାୟକ, ସ୍ମୃତିରଞ୍ଜନ ଲେଙ୍କା, କାଜଲ ତ୍ରିପାଠୀ, ସାୟମ ପ୍ରୀତିପର୍ଣ୍ଣା, ଦିବ୍ୟରଞ୍ଜନ ରାଉତ, ରୁଦ୍ରମାଧବ ଶତପଥୀ, ବୈଭବ ବେହୁରା, ଯୋଗେଶ ସ୍ୱାଇଁ, ନିତିଶ ପରିଡ଼ା, ଗାୟତ୍ରୀ ବେହେରା, ସଞ୍ଜନା ସାହୁ, ଆଦିତ୍ୟ ବାରିକ, ସାଇ ଚନ୍ଦନ ଜେନା, ମନସ୍ୱିନୀ ନାୟକ, ସୁଦର୍ଶନ ପରିଡ଼ା, ଶୁଭଙ୍କର ମନ୍ତ୍ରୀ, ପ୍ରୀତିସନ୍ଧ୍ୟା ସାହୁ, ଆଦିତ୍ୟ ନାରାୟଣ ରାଉତ, ସୁଭାସିନୀ ଲେଙ୍କା, ଭାଗ୍ୟଶ୍ରୀ ମହାନ୍ତି ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଉକ୍ତ ସମ୍ବର୍ଦ୍ଧନା ସଭାରେ ମହାସଂଘର କାର୍ଯ୍ୟକାରୀ ସଭାପତି ଗୋଲେଖ ଚନ୍ଦ୍ର ପଢ଼ିଆରି, ଉପସଭାପତି ଡା. ଚୈତନ୍ୟ ଚରଣ ପରିଡ଼ା, ସମ୍ପାଦକ ସୁମନ୍ତ ରାଉତ, ସଂଯୋଜକ ଚନ୍ଦନ ପରିଡ଼ା, ନଗର ସଭାପତି ସଂଗ୍ରାମ ଜେନା, ଭାଗୀରଥି ଜେନା ଓ ଗଙ୍ଗାଧର ପରିଡ଼ା, ତରୁଣ ପ୍ରଧାନ, ରଶ୍ମିରଞ୍ଜନ ରାଉତ, ଦିଲ୍ଲୀପ ରାଉତ, ଦୁର୍ଯ୍ୟୋଧନ ମଲ୍ଲିକ, ନରୋତ୍ତମ ପରିଡ଼ା, ରାଜକିଶୋର ମହାନ୍ତି, ଚିତ୍ତରଞ୍ଜନ ବଳ, ରଞ୍ଜନ ନାୟକ, ପୀତବାସ ବେହେରା, ଧ୍ରୁବ କିଶୋର ନାୟକ, କଳ୍ପନା ଲେଙ୍କା, ସୁରେନ୍ଦ୍ର ପାତ୍ରଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଆଜିଠୁ ମିଳିତ ଜନଶୁଣାଣି ନିମନ୍ତେ ଅନଲାଇନ୍ ପଞ୍ଜୀକରଣ

ଜଗତସିଂହପୁର,୧୫।୫(ସମିସ): ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଆସନ୍ତା ୧୯ ତାରିଖ ସୋମବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ମିଳିତ ଜନଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ଆସନ୍ତାକାଲି ୧୧ ଘଟିକାଠାରୁ ଆରମ୍ଭ ହୋଇ ୧୭ ତାରିଖ ରାତ୍ର ୧୧.୫୯ ମିନିଟ୍ ପର୍ଯ୍ୟନ୍ତ ଚାଲିବ। ଆଗ୍ରହୀ ଜନସାଧାରଣ ଓଡ଼ିଶା ସରକାରଙ୍କ ଜନଶୁଣାଣି ପୋର୍ଟାଲ ମାଧ୍ୟମରେ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକରଣପ୍ରାପ୍ତି ସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟ ପତ୍ର ଓ ନିଜର ଅଭିଯୋଗପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇପାରିବେ। ଏହାବ୍ୟତୀତ ଅଣପଞ୍ଜିକୃତ ଆବେଦନକାରୀଙ୍କ ଅଭିଯୋଗକୁ ଶୁଣାଣି ଶିବିରରେ ସିଧାସଳଖ ଗ୍ରହଣ କରାଯାଇପାରିବ। ସେହିପରି ଅତ୍ୟଧିକ ଖରାକୁ ଦୃଷ୍ଟିରେ ରଖି ଜନଶୁଣାଣି କାର୍ଯ୍ୟକ୍ରମ ପରବର୍ତ୍ତୀ ଆଦେଶ ଯାଏଁ ସକାଳ ୭ ଘଟିକାରୁ ଦିନ ୧୦ ଘଟିକା ଯାଏଁ ସମୟ ଧାର୍ଯ୍ୟ ହୋଇଛି। ତଦନୁସାରେ ଆଗାମୀ ୧୯ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ହେବାକୁ ଥିବା ଜନଶୁଣାଣି ସକାଳ ୭ ଘଟିକାରେ ଅନୁଷ୍ଠିତ ହେବ।

## କଂଗ୍ରେସ ପକ୍ଷରୁ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି



ଜଗତସିଂହପୁର,୧୫।୫(ସମିସ): ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଅପରେସନ ସିନ୍ଦୁରରେ ସହିଦ ହୋଇଥିବା ବୀର୍ ଯବାନଙ୍କୁ ଜଗତସିଂହପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ମହମବତି ଲଗାଇ ସ୍ମୃତିଚାରଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ବ୍ଲକ୍ କଂଗ୍ରେସ ସଭାପତି ମାନସ କୁମାର ରଥ, ବରିଷ୍ଠ କଂଗ୍ରେସ ନେତା ମହନୀ ଚରଣ ରାଉତ, ଉମେଶ ଚନ୍ଦ୍ର ସ୍ୱାଇଁ, ସୌଭାଗ୍ୟ ରଞ୍ଜନ ବିଶ୍ୱାଳ, ଜ୍ଞାନରଞ୍ଜନ ଜେନା, ସୁକାନ୍ତ କୁମାର ମହାପାତ୍ର, ରମେଶ ବିଶ୍ୱାଳ, ବଳରାମ ସେଠୀ, ଆର୍ଶୀବାଦ ତ୍ରିପାଠୀ, ସରୋଜ ମହାପାତ୍ର, ଭଗତ ଚରଣ ସାହାଣୀ, ଦୀପକ ପାଲ ପ୍ରମୁଖ ଯୋଗଦେଇ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## କଟକ-ପାରାଦୀପ ରାସ୍ତାରେ ବିପଦସଂକୁଳ ଗଛ

କୁଜଙ୍ଗ,୧୫।୫(ସମିସ): କଟକ-ପାରାଦୀପ ରାସ୍ତାର ଅଗପାଳଠାରୁ ତାଳଦଣ୍ଡା ପର୍ଯ୍ୟନ୍ତ ଗଛ ରହିଛି। ଏ ଗଛଗୁଡ଼ିକ ଫମ୍ପା ହୋଇ ପଥଚାରୀଙ୍କ ପାଇଁ ବିପଦ ସୃଷ୍ଟି କରିଛି। ଏହାକୁ କାଟି ଦିଆଯିବାକୁ ସେବା ନିବୃତ୍ତ ସେନା କର୍ମଚାରୀ ଶିବଚରଣ ମଲ୍ଲିକ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଆଗକୁ କୌଣସି ଦୁର୍ଘଟଣା ଘଟିବା ଆଶଙ୍କା କରି ଶ୍ରୀ ମଲ୍ଲିକ ପୂର୍ତ୍ତ ବିଭାଗ ସହ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାର ପ୍ରତିକାର ସ୍ୱରୂପ ରାସ୍ତା ଉପରକୁ ମାଡିଥିବା ବିପଦପୂର୍ଣ୍ଣ ଡାଳ କାଟିବା ନିହାତି ଆବଶ୍ୟକ ବୋଲି ସେ କହିଛନ୍ତି। କେତେକ ଗଛକୁ ମୂଳରୁ କାଟି ଏକାଧିକ ଗଛ ଲଗାଇବାକୁ ସେ ଦାବି କରିଛନ୍ତି।

## 'ଶ୍ରମିକଙ୍କ ତ୍ୟାଗ ଓ ସମର୍ପଣକୁ ପ୍ରଶାସନ ଓ ସମାଜ ବୁଝିବା ଉଚିତ'

କୁଜଙ୍ଗ,୧୫।୫(ସମିସ): ଏବେ ଶ୍ରମିକମାନେ ଅତି ସଙ୍କଟ ପରିସ୍ଥିତି ଦେଇ ଗତି କରୁଥିବା ଉପକୂଳ ଅଞ୍ଚଳର ଶ୍ରମିକ ନେତା ଇଂ ସୁଧାକର ମନ୍ତ୍ରୀ କହିଛନ୍ତି। ଶ୍ରମିକଙ୍କ ତ୍ୟାଗ ଓ ସମର୍ପଣକୁ ପ୍ରଶାସନ ବୁଝିବା ଆବଶ୍ୟକ ବୋଲି କ୍ଷୋଭର ସହ ପ୍ରକାଶ କରିଛନ୍ତି। ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହର ହେବା ଓ ବିଭିନ୍ନ ସ୍ଥାନରେ ଠିକାଦାର ଶ୍ରମିକଙ୍କୁ ଶୋଷଣ କରିବା, ଶ୍ରମିକଙ୍କୁ ମିଥ୍ୟା ମକଦ୍ଦମା ସହ ତାଙ୍କ ହକ୍‌କୁ ଦବାଇ ଦେବା, ଏସବୁ କାର୍ଯ୍ୟରେ ପୁଲିସ ପ୍ରଶସନ ଓ ଶ୍ରମ ବିଭାଗ ନିରବଦ୍ରଷ୍ଟା ସାଜିବା ଅତ୍ୟନ୍ତ ଦୁଃଖଦ ଘଟଣା ବୋଲି ଶ୍ରୀ ମନ୍ତ୍ରୀ କହିଛନ୍ତି। ଶ୍ରୀ ମନ୍ତ୍ରୀ ୧୯୭୧ରେ ପାରାଦୀପ ବନ୍ଦରରେ ଯୋଗ ଦେବା ପରେ ପାରାଦୀପ ଶ୍ରମିକ କଂଗ୍ରେସ ସାଧାରଣ ସମ୍ପାଦକ ରୂପେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ସମୟରେ ଦିବଂଗତ ଶରତ କର ସଭାପତି ଥିଲେ। ପରେ ୧୯୭୭ ହର ଉତ୍କଳ ପୋର୍ଟ ଡକ୍ ୱାର୍କର୍ସ ୟୁନିଅନ୍ ଗଠନ କରି ଶ୍ରମିକଙ୍କ ହକ୍ ପାଇଁ ଲଢ଼େଇ କରିଥିଲେ। ଠାକୁର ନିଗାମାନ୍ଦଙ୍କ ଅନୁଗାମୀ ଶ୍ରୀ ମନ୍ତ୍ରୀ ଉତ୍କଳ ସାହିତ୍ୟ ସମାଜ ସହ ବହୁ ଶିକ୍ଷାନୁଷ୍ଠାନ ଓ ଶ୍ରମିକ ସଂଗଠନର ଉପଦେଷ୍ଟା ରୂପେ ରହି ଆଜିବି କର୍ମଠ ଅଛନ୍ତି।

## ଡିକି ଭାଙ୍ଗି ସୁନା, ରୁପା ଅଳଙ୍କାର ଲୁଟ୍

କେନ୍ଦ୍ରାପଡ଼ା,୧୫।୫(ସମିସ):କେନ୍ଦ୍ରାପଡ଼ା ସହରରେ ଡିକି ଭାଙ୍ଗି ଲୁଟ୍ କରୁଥିବା ଏକ ରାକେଟ୍ ଏବେ ସକ୍ରିୟ ହୋଇଉଠିଛି। ପୂର୍ବରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରସରରୁ ଜଣେ ବ୍ୟବସାୟୀଙ୍କ ଡିଭି ଭାଙ୍ଗି ସାଢେ ୪ ଲକ୍ଷ ଟଙ୍କା ଲୁଟ ହୋଇଥିବାବେଳେ ଏବେ ଜଣେ ସୁନାଗହଣା ମରାମତି କରୁଥିବା ଦୋକାନୀଙ୍କ ରୁପା ଓ ସୁନା ଅଳଙ୍କାର ଲୁଟ୍ ହୋଇଛି। ମନକରପୁର ଗ୍ରାମର ଅଶୋକ ସାହୁ ସାନମଙ୍ଗଳାରେ ଏକ ସୁନାଗହଣା ମରାମତି ଦୋକାନ ଖୋଲିଛନ୍ତି। ସେ ଦୋକାନ ବନ୍ଦ କରି ସମସ୍ତ ଗହଣା ଓ ୧୫ ହଜାର ଟଙ୍କା ବାଇକ୍ ଡିକିରେ ରଖିଥିଲେ। ସାନମଙ୍ଗଳା ନିକଟରେ ଥିବା ହୋଟେଲରୁ ଖାଦ୍ୟ ଆଣିବାକୁ ଯାଇଥିଲା। ହେଲେ ହୋଟେଲରୁ ଫେରି ଦେଖିଲେ ତାଙ୍କ ବାଇକ୍ ଡିକି ଭାଙ୍ଗି ଲୁଟେରା ସୁନା, ରୁପା ଗହଣା ଓ ଟଙ୍କା ଲୁଟି ନେଇଛନ୍ତି। ଏହି ଦୃଶ୍ୟ ନିକଟରେ ଥିବା ଏକ ଦୋକାନର ସିସିଟିଭିରେ କଏଦ ହୋଇଛି। ଏ ନେଇ ଅଶୋକ ଟାଉନ୍ ଥାନାରେ ଅଭିଯୋଗ କରିଥିଲେ। ଟାଉନ୍ ଥାନା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ୬ ଘଣ୍ଟା ଧରି ବିଦ୍ୟୁତ୍ ସରବରାହ ବନ୍ଦ

## ଗରମରେ ପଟ୍ଟାମୁଣ୍ଡାଇ ସହରବାସୀ ଅସ୍ତବ୍ୟସ୍ତ

ପଟ୍ଟାମୁଣ୍ଡାଇ,୧୫।୫(ସମିସ): ଆଜି ମଧ୍ୟାହ୍ନଠାରୁ ବିଦ୍ୟୁତ୍ ସରବରାହ ବନ୍ଦ ରହିବା ଫଳରେ ପଟ୍ଟାମୁଣ୍ଡାଇ ସହର ସମେତ ସହରତଳି ଅଞ୍ଚଳରେ ଦୀର୍ଘ ୬ ଘଣ୍ଟା ଧରି ଲୋକେ ନାହିଁ ନ ଥିବା ଅସୁବିଧା ଭୋଗ କରିଥିଲେ। ପ୍ରଚଣ୍ଡ ରୌଦ୍ରତାପ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ସାଧାରଣ ଜୀବନକୁ ଅସ୍ତବ୍ୟସ୍ତ କରୁଥିବାବେଳେ ବିଦ୍ୟୁତ୍ କାଟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଥିଲା। ସ୍ଥାନୀୟ କେତେକ ବ୍ୟକ୍ତି ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟକୁ ଯାଇ ବିଦ୍ୟୁତ୍ କାଟ ସମ୍ପର୍କରେ ପଚାରିବାରୁ ବିଭାଗୀୟ କର୍ତ୍ତୃପକ୍ଷ କୌଣସି ସନ୍ତୋଷଜନକ ଉତ୍ତର ନଦେବାରୁ ଗାଳିଗୁଲଜ କରିଥିବା ଦେଖିବାକୁ ମିଳିଥିଲା। ରାତି ପ୍ରାୟ ୮ଟା ୧୫ ମିନିଟ୍‌ରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇଥିଲେ ହେଁ ପରବର୍ତ୍ତୀ ସମୟରେ ପୁନର୍ବାର ଘନ ଘନ ବିଦ୍ୟୁତ କାଟ ହୋଇଥିଲା। ୩୩ କେଭି ଲାଇନରେ ସମସ୍ୟା ଥିବାରୁ ଏପରି ହୋଇଥିବା ବିଦ୍ୟୁତ୍ ବିଭାଗ ସଫେଇ ଦେଇଛି। ଦୀର୍ଘ ସମୟ ଧରି ବିଦ୍ୟୁତ୍ ସରବରାହ ବନ୍ଦ ରହିବାରୁ ବିଭିନ୍ନ ଅଫିସ କାର୍ଯ୍ୟରେ ବାଧା ସୃଷ୍ଟି ହେବା ସଙ୍ଗେ ସଙ୍ଗେ ପଟ୍ଟାମୁଣ୍ଡାଇ ସବଡିଭିଜନ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସେବା ବ୍ୟାହତ ହୋଇଥିଲା। ବହୁ ଜରୁରିକାଳୀନ ସେବା ଅଚଳ ହୋଇପଡ଼ିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ରାଜ୍ୟ ସରକାର ବିଦ୍ୟୁତ୍ କାଟ ହେବନାହିଁ ବୋଲି ଘୋଷଣା କରିଥିଲେ ହେଁ ଅଘୋଷିତ ବିଦ୍ୟୁତ୍ କାଟ ସରକାରଙ୍କ ଘୋଷଣା ପ୍ରହସନରେ ପରିଣତ ହୋଇଥିବା ଲୋକେ ଅଭିଯୋଗ କରିଛନ୍ତି।

## ପରମାନନ୍ଦପୁର ରାସ୍ତା କାମରେ ବିଳମ୍ବ ଅଭିଯୋଗ

କୁଜଙ୍ଗ,୧୫।୫(ସମିସ): କୁଜଙ୍ଗ ବ୍ଲକ୍ ଅଗପାଳ ପଞ୍ଚାୟତର ପରମାନନ୍ଦପୁରକୁ ରାସ୍ତା ନିର୍ମାଣରେ ବିଳମ୍ବ ହେଉଥିବା ଅଭିଯୋଗ ହୋଇଛି। କଟକ-ପାରାଦୀପ ରାଜପଥରୁ ଏକ ନୂତନ ରାସ୍ତା କାମ ମାସେ ପୂର୍ବେ ଆରମ୍ଭ ହୋଇଥିବାବେଳେ ତାହା କଚ୍ଛପ ଗତିରେ ଚାଲୁଛି। ଆଗକୁ ବର୍ଷାଋତୁ ଆସିଲେ ରାସ୍ତା ନିର୍ମାଣ କରିବା କଷ୍ଟକର ହେବ। ଏହି ରାସ୍ତା ନିର୍ମାଣ ହେଲେ ପରମାନନ୍ଦପୁରରୁ କଟକ-ପାରାଦୀପ ରାସ୍ତାକୁ ଦୂରତା କମିବା ସହ ଚାଷୀ ଉପକୃତ ହେବେ। ତେଣୁ ଶୀଘ୍ର ରାସ୍ତା କାମ ସାରିବାକୁ ସାଧାରଣରେ ଦାବି ହୋଇଛି।



## ଜଗତସିଂହପୁରରେ ପରାକ୍ରମ ଶୋଭାଯାତ୍ରା



ଜଗତସିଂହପୁର,୧୫।୫(ସମିସ): ଅପରେସନ ସିନ୍ଦୂରର ସଫଳତା ଓ ଭାରତୀୟ ସେନାବାହିନୀର ଦକ୍ଷତାକୁ ସମ୍ମାନ ଜଣାଇ ଗୁରୁବାର ଜଗତସିଂହପୁର ଜିଲ୍ଲା ସଦର ମହକୁମାର ନବକୃଷ୍ଣ ଚୌଧୁରୀ ଷ୍ଟାଡ଼ିୟମରୁ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଅମରେନ୍ଦ୍ର ଦାସ ଜାତୀୟ ପତାକା ଦେଖାଇ ଏହି ପରାକ୍ରମ ବାଇକ୍ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରାରେ ସମାଜର ସବୁ ବର୍ଗର ନାଗରିକଙ୍କ ସହ ପ୍ରଶାସନିକ ଅଧିକାରୀ, ପୁଲିସ ବାହିନୀ, ଅବସରପ୍ରାପ୍ତ ସେନା ଅଧିକାରୀ, ସ୍କାଉଟ୍,ଏନସିସି କ୍ୟାଡେଟ୍, ମିଶନ ଶକ୍ତି ମହିଳା, ଛାତ୍ରଛାତ୍ରୀ, କ୍ରୀଡ଼ାବିତ, ବୁଦ୍ଧିଜୀବୀ, ସିଭିଲ ଡିଫେନ୍ସ ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ସାମିଲ ହୋଇଥିଲେ। ପରାକ୍ରମ ରାଲି ସହର ପରିକ୍ରମା କରି ସଆଁରାସ୍ଥ ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଏ ଅବସରରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ ଭୋଇ, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ ରାଉତ, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଉପଜିଲ୍ଲାପାଳ ପ୍ରଶାନ୍ତ ତରାଇ, ପୌର ଅଧ୍ୟକ୍ଷା ଅର୍ଚ୍ଚନା ସିଂହଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟଅଧିକାରୀ ଉପସ୍ଥିତ ଥିଲେ।

## ଗାଁକୁ ନିଶାମୁକ୍ତ କରିବାକୁ ଅଣ୍ଟା ଭିଡ଼ିଲେ

# ତାତିଲେ ମହିଳା, ଭାଙ୍ଗିଲେ ଚୋରାମଦ ଦୋକାନ

ଆଳି, ୧୫।୫(ସମିସ):

ଗାଁରେ ଚୋରାମଦ ଦୋକାନ ବୃଦ୍ଧି ପାଉଥିବାବେଳେ ଅବକାରୀ ବିଭାଗ ନିଦରେ ଶୋଇଛି। ଚୋରାମଦ ବିକ୍ରି ବୃଦ୍ଧି ପାଇବା ଯୋଗୁଁ ଗାଁ ପରିବେଶ ନଷ୍ଟ ହେଉଛି। ମଦପିଇ ଗ୍ରାମର ଯୁବକ, ଖଟିଖିଆ ଲୋକ ପ୍ରଥଭ୍ରଷ୍ଟ ହେବା ସହ ଘରେ ଘରେ ଅଶାନ୍ତିର ବାତାବରଣ ସୃଷ୍ଟି ହେଉଛି। ତେଣୁ ନିଶାଦ୍ରବ୍ୟ ବିକ୍ରି ବନ୍ଦ କରିବାକୁ ଗାଁ ମହିଳା ଏକଜୁଟ ହୋଇ ଚୋରାମଦ ଦୋକାନ ଭାଙ୍ଗିଛନ୍ତି।



କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ବଡ଼ଆଙ୍କୋ ଗ୍ରାମର ଶତାଧିକ ମହିଳା ଏକତ୍ରିତ ହୋଇ ଆଜି ସକାଳେ ଚୋରାମଦ ଦୋକାନକୁ ବିରୋଧ କରିବା ସହ ମଦ ଦୋକାନ ଭାଙ୍ଗିଛନ୍ତି। ଏ ନେଇ ଗ୍ରାମବାସୀ ଆଳି ଥାନାଧିକାରୀ ଓ ତହସିଲଦାରଙ୍କୁ ଗତ ମଙ୍ଗଳବାର ଦିନ ଦାବିପତ୍ର ଦେଇଥିଲେ। ମାତ୍ର ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ନେଇ ଗ୍ରାମବାସୀ ତଥା ଗ୍ରାମର ଯୁବକ ସଂଘ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଯୁବପିଢ଼ି ପ୍ରଥଭ୍ରଷ୍ଟ ହେଉଥିବାବେଳେ ପୁରୁଷମାନେ ଯାହା ରୋଜଗାର କରୁଛନ୍ତି ସେସବୁ ମଦ ଦୋକାନରେ ଦେଇ ଦେଉଛନ୍ତି। ଏଥିସହ ପ୍ରତ୍ୟେକ ଦିନ ପାରିବାରିକ କଳହ ଲାଗି ରହୁଥିବାବେଳେ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଝଗଡା, ଅଶାନ୍ତି ଲାଗି ରହୁଛି। ତେଣୁ ଗ୍ରାମରୁ ଚୋରାମଦ ଦୋକାନ ହଟାଇବାକୁ ମହିଳାମାନେ କହିଛନ୍ତି। ଚୋରା ମଦ ଦୋକାନ ଗ୍ରାମର ମୁଖ୍ୟ ରାସ୍ତା, ସ୍ଥାନୀୟ ବିଦ୍ୟାଳୟ, ମନ୍ଦିର, ଅଙ୍ଗନବାଡି, ମନ୍ଦିର, ନଳକୂପ ଓ ଜନବସତି ମଧ୍ୟରେ ଥିବାରୁ ଏଠାକୁ ଆସୁଥିବା ଲୋକଙ୍କ ଦୌରାତ୍ମ୍ୟରେ ସମସ୍ତ ବର୍ଗର ଲୋକଙ୍କ ପାଇଁ ଅସହ୍ୟ ହେଉଛି। ଛାତ୍ରଛାତ୍ରୀ ସ୍କୁଲ ଓ ଅଙ୍ଗନବାଡି ଯିବାକୁ ସୁରକ୍ଷିତ ମଣୁନାହାନ୍ତି। ନଳକୂପକୁ ମହିଳାମାନେ ପାଣି ପାଇଁ ଓ ସନ୍ଧ୍ୟାରେ ମନ୍ଦିରକୁ ଯାଇପାରୁନାହାନ୍ତି। ଆଜି ସେମାନେ ବାଧ ହୋଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବାକୁ ଯାଇ ଦୋକାନ ସାମ୍ନାକୁ ଭାଙ୍ଗିବା ସହିତ ଚେତାବନୀ ଦେଇଛନ୍ତି ଯେ, ଯଦି ଏହି ସମସ୍ୟାର ସମାଧାନ ନ କରାଯାଏ, ତେବେ ସେମାନେ ଆଗାମୀ ଦିନରେ ଆଇନଶୃଙ୍ଖଳାକୁ ହାତକୁ ନେବାକୁ ବାଧ ହେବେ।

# ରାଗିଂ ଅଭିଯୋଗରେ ୩ ମାସ ପାଇଁ ଭିମସାର୍ ଛାତ୍ର ନିଲମ୍ବିତ

**ସମ୍ବଲପୁର, ୧୫।୫(ସମିସ)**

ଗତ ୭ ତାରିଖ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଭିମସାର)ରେ ହୋଇଥିବା ରାଗିଂ ଘଟଣାରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ବରିଷ୍ଠ ଛାତ୍ରଙ୍କୁ ୩ ମାସ ପାଇଁ ତାଙ୍କ ଛାତ୍ରାବାସରୁ ନିଲମ୍ବିତ କରାଯାଇଛି। ଏହି ଅବଧି ମଧ୍ୟରେ ଭିମସାର୍‌ର କୌଣସି ଛାତ୍ରାବାସରେ ତାଙ୍କ ରହିବା ଉପରେ ନିଷେଧାଜ୍ଞା ଜାରି କରାଯାଇଛି। ଗୁରୁବାର ଅପରାହ୍ଣରେ ଭିମସାର୍ ଅଧକ୍ଷ ଡ. ପ୍ରଦୀପ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଣ୍ଟି ରାଗିଂ ସେଲ୍‌ଫ ବୈଠକରେ ପ୍ରଫେସର ଅଶୋକ ନାୟକ, ପ୍ରଫେସର ଜୟଶ୍ରୀ ଦୋରା, ପ୍ରଫେସର୍ ଏଲ୍.କେ ସିଂହ ସହିତ ସାମାଜିକ ସଂଗଠନ କର୍ମକର୍ତ୍ତା ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତିରେ ବରିଷ୍ଠ ଛାତ୍ରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଡକାଯାଇଥିବା ସତ୍ତ୍ୱେ ସମ୍ପୃକ୍ତ ଛାତ୍ର ବା ତାଙ୍କ ଅଭିଭାବକ ଉପସ୍ଥିତ ନଥିଲେ। ସେମାନଙ୍କୁ ଏହି କାର୍ଯ୍ୟାନୁଷ୍ଠାନ ବିଷୟରେ ଭିମସାର କର୍ତ୍ତୃପକ୍ଷ ପତ୍ର ମାଧ୍ୟମରେ ସୂଚନା ଦେଇଥିବା ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ ଯେ, ଗତ ୭ ତାରିଖ ରାତିରେ କନିଷ୍ଠ ଛାତ୍ର ଜଣକ ୭ ନମ୍ବର ଛାତ୍ରାବାସକୁ ରାତ୍ରିଭୋଜନ ପାଇଁ ଯାଇଥିଲେ। ସେଠାରୁ ସେ ଚାଲିଯାଉଥିବା ବେଳେ ବରିଷ୍ଠ ଛାତ୍ର ଜଣକ ତାଙ୍କୁ ଛୁରିରେ ଆକ୍ରମଣ ଉଦ୍ୟମ କରିଥିଲେ। ଏହି ଘଟଣାକୁ ନେଇ ଉକ୍ତ ରାତିରେ କନିଷ୍ଠ ଛାତ୍ରଙ୍କ ପକ୍ଷରୁ ଭିମସାର୍ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ପରଦିନ ୮ ତାରିଖରେ ତାଙ୍କ ପିତା ଭିମସାର୍‌କୁ ଯାଇ ଆଣ୍ଟି ରାଗିଂ ସେଲ୍‌ଫରେ ଲିଖିତ ଅଭିଯୋଗ କରାଯାଇଥିଲା। ଅଭିଯୋଗ ମିଳିବା ପରେ ଅଧକ୍ଷ ତଥା ଡିନ୍ ଡ. ମହାନ୍ତି ଏକ ଉପସମିତି ଗଠନ କରି ଘଟଣାର ତଦନ୍ତକରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ସମିତି ଉଭୟ କନିଷ୍ଠ ଛାତ୍ର ଓ ବରିଷ୍ଠ ଛାତ୍ରଙ୍କୁ ବ୍ୟକ୍ତିଗତ ଭାବେ ପଚରାଉଚୁରା କରି ରିପୋର୍ଟ ଦାଖଲ କରିଥିଲା। ଏହି ରିପୋର୍ଟ ଆଧାରରେ ଆଜି ଆଣ୍ଟି ରାଗିଂ ସେଲ୍‌ଫ ବୈଠକରେ ବରିଷ୍ଠ ଛାତ୍ରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ତାଙ୍କୁ ୩ ମାସ ପାଇଁ ଛାତ୍ରାବାସରୁ ନିଲମ୍ବନ କରାଯାଇଥିବା ସୂଚନା ମିଳିଛି।

## ଦ୍ୱିତୀୟ କାରଣ ଦର୍ଶାଅ ନୋଟିସ ବିନା ଚାକିରିରୁ ବାଧ୍ୟତାମୂଳକ ଅବସର ଆଦେଶ ଗ୍ରହଣୀୟ ନୁହେଁ : ହାଇକୋର୍ଟ

# ଭିସୁଟ ପ୍ରାଧ୍ୟାପକଙ୍କୁ ପୁନଃଅବସ୍ଥାପିତ କରିବା ପାଇଁ ନିର୍ଦ୍ଦେଶ

**କଟକ, ୧୫। ୫(ସମିସ):** ଦ୍ୱିତୀୟ ଥର ପାଇଁ କାରଣ ଦର୍ଶାଅ ନୋଟିସ ଜାରି ନକରି ଚାକିରିରୁ ବାଧ୍ୟତାମୂଳକ ଅବସର ପ୍ରଦାନ ଆଦେଶ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏଭଳି କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ଆଦେଶ ପ୍ରଦାନ ବେଳେ ପ୍ରାକୃତିକ ନ୍ୟାୟର ନୀତିକୁ ଅନୁସରଣ କରାଯାଇନଥିବା ହାଇକୋର୍ଟ କହିଛନ୍ତି। ଏଥିସହ ଆବେଦନକାରୀଙ୍କ ବିରୋଧରେ ଗତ ୨୦୨୩ ଅକ୍ଟୋବର ୩ରେ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ) କର୍ତ୍ତୃପକ୍ଷ ପ୍ରଦାନ କରିଥିବା ବାଧ୍ୟତାମୂଳକ ଅବସର ପ୍ରଦାନ ଆଦେଶକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ଡ.ସସ୍ମିତା କୁମାରୀ ପାଢ଼ୀଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଅନ୍ୟପଟରେ ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ଆବେଦନକାରୀଙ୍କୁ ପୁନଃଅବସ୍ଥାପିତ କରିବା ସଂକ୍ରାନ୍ତରେ ଆଦେଶନାମା ଜାରି କରିବାକୁ ଭିସୁଟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ମାମଲାରୁ ପ୍ରକାଶ ଯେ ଆବେଦନକାରୀ ଭିସୁଟରେ କମ୍ପ୍ୟୁଟର ଆପ୍ଲିକେସନ ବିଭାଗର ଆସୋସିଏଟ ପ୍ରଫେସର ଭାବେ କାର୍ଯ୍ୟରତ ଥିଲେ। ତେବେ ଗତ ୨୦୨୨ଜୁଲାଇ୨୨ରେ ତାଙ୍କୁ ୩ବର୍ଷ ପାଇଁ ବିଭାଗର ଏଚଓଡି(ମୁଖ୍ୟ) ଦାୟିତ୍ୱ ନେବାକୁ ରେଜିଷ୍ଟ୍ରାରଙ୍କ ପକ୍ଷରୁ ଆଦେଶ ଜାରି ହୋଇଥିଲା। ତେବେ ଏଥିପୂର୍ବରୁ ବିଭାଗର ବିଭିନ୍ନ ଦସ୍ତାବିଜ ଓ ରେଜିଷ୍ଟର ଗୁଡ଼ିକୁ ନିୟମିତ ବା ଠିକ କରାଯାଉ ବୋଲି ସେ ଆବେଦନ କରିଥିଲେ। ହେଲେ ଏଥିପ୍ରତି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଧ୍ୟାନ ଦେଇନଥିବା ବେଳେ ସେ ମଧ କର୍ତ୍ତୃପକ୍ଷଙ୍କ ଆଦେଶ ପାଳନ ନକରିବା ସହ ଏଚଓଡି ଦାୟିତ୍ୱ ଗ୍ରହଣ କରିନଥିଲେ। ଏଣୁ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପ୍ରଥମ କାରଣ ଦର୍ଶାଅ ନୋଟିସର ସେ ଉତ୍ତର ଦେଇଥିଲେ ମଧ ସନ୍ତୋଷଜନକ ନୁହେଁ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ଦର୍ଶାଯାଇଥିଲା। ଏଥି ସହ ଗତ ୨୦୨୩ଅକ୍ଟୋବର୩ରେ ତାଙ୍କୁ ବାଧ୍ୟତାମୂଳକ ଅବସର ଆଦେଶ ଦିଆଯାଇଥିଲା। ଏହାକୁ ଚାଲେଞ୍ଜ କରି ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ ଶିବିର ଉଦ୍‌ଯାପିତ

**ସମ୍ବଲପୁର, ୧୫।୫ (ସମିସ):** ମାରୱାଡ଼ି ଯୁବା ମଞ୍ଚ କ୍ଷେତରାଜପୁର, ନବଚେତନା, ସମ୍ବଲପୁର ଉଦୟଷ୍ଟାର୍ସ ଶାଖା ଏବଂ ବିଜୁ ମହାବୀର ଜୟପୁର ଫୁଟ୍ ସେଣ୍ଟର ଦ୍ୱାରା ଦୁଇଦିନିଆ ନିଃଶୁଳ୍କ କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ୭୦ରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ଲାଭାନ୍ୱିତ ହୋଇଛନ୍ତି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉତ୍ତରଖଣ୍ଡ ଆଇଜି ହିମାଂଶୁ ଲାଲ ମୁଖ୍ୟଅତିଥି ଏବଂ ବିଜେପି ଉପାଧକ୍ଷ ତଥା ପୂର୍ବତନ ବିଧାୟକ ନାଉରୀ ନାଏକ, ମାରୱାଡ଼ି ସମାଜ ପୂର୍ବତନ ପ୍ରାନ୍ତୀୟ ଅଧକ୍ଷ ଗୋବିନ୍ଦ ଅଗ୍ରୱାଲ, ମାରୱାଡ଼ି ଯୁବା ମଞ୍ଚ ପୂର୍ବତନ ପ୍ରାନ୍ତୀୟ ଅଧକ୍ଷ ପରାଗ ଅଗ୍ରୱାଲ, ପ୍ରାନ୍ତୀୟ ଉପାଧକ୍ଷ ଦେବାଶିଷ ଅଗ୍ରୱାଲ, ପୂର୍ବତନ ପ୍ରାନ୍ତୀୟ ଉପାଧକ୍ଷ ରାକେଶ ଅଗ୍ରୱାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମାରୱାଡ଼ି ଯୁବା ମଞ୍ଚ କ୍ଷେତରାଜପୁର ଅଧକ୍ଷ ସଚିନ ଅଗ୍ରୱାଲ, ନବଚେତନା ଅଧକ୍ଷ ରୀନା ଭାଲୋଟିଆ, ସମ୍ବଲପୁର ଉଦୟ ଷ୍ଟାର୍ସ ଅଧକ୍ଷ ଶିବନାରାୟଣ ଅଗ୍ରୱାଲ ଏବଂ କ୍ଷେତରାଜପୁର ଶାଖା ସଚିବ ଅନିଲ ଡାୟଲ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ସଂଯୋଜକ ରିଷି ପୋଦ୍ଦାର ମଞ୍ଚ ସଞ୍ଚାଳନ କରିଥିଲେ। ମୁଖ୍ୟଅତିଥି ଆଇଜି ଶ୍ରୀ ଲାଲ ମାରୱାଡ଼ି ଯୁବା ମଞ୍ଚର ଏହି ଉଦ୍ୟମକୁ ପ୍ରଶଂସା କରିବାସହ ମାନବ ସେବା ହିଁ ମାଧବ ସେବା ବୋଲି କହିଥିଲେ। ଉଦ୍‌ଯାପନୀ ସମାରୋହରେ ଅଗ୍ରୱାଲ ସମ୍ମେଳନ ଅଧକ୍ଷ ଶଙ୍କରଲାଲ ଅଗ୍ରୱାଲ, ମାରୱାଡ଼ି ସମ୍ମେଳନର ପୂର୍ବତନ ଅଧକ୍ଷ ସନ୍ତୋଷ ଅଗ୍ରୱାଲ, ମଙ୍ଗତୁରାମ କେଡ଼ିଆ, ଚନ୍ଦ୍ର କୁମାର ସରାଫ, ଜୟଦୟାଲ ଅଗ୍ରୱାଲ, ଗଣେଷ ପାଲିୱାଲ, ଅନୀତା ଅଗ୍ରୱାଲ, କିଶନ ଭାଲୋଟିଆ ବିବେକ କେଡ଼ିଆ, ଅମିତା ଭାଲୋଟିଆ ପ୍ରମୁଖ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।






ଓଡ଼ିଆ ଦୈନିକ ଖବରକାଗଜ 'ସକାଳ' ସମ୍ବଲପୁର ଛାପା ସଂସ୍କରଣର ଚତୁର୍ଥ ସ୍ୱନକ୍ଷତ୍ର ଦିବସ ଅବସରରେ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ

**ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ**

ବିଜେଡି ରାଉରକେଲା ଜିଲ୍ଲା ସାଂଗଠନିକ ସଭାପତି, ବଣାଇ



ଓଡ଼ିଆ ଦୈନିକ ଖବରକାଗଜ 'ସକାଳ' ସମ୍ବଲପୁର ଛାପା ସଂସ୍କରଣର ଚତୁର୍ଥ ସ୍ୱନକ୍ଷତ୍ର ଦିବସ ଅବସରରେ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ

**ପ୍ରତାପ କୁମାର ସାହୁ**

ଫରେଷ୍ଟର ମଲୁଡିମା, ଜର୍ଡା ରେଞ୍ଜ, ବଣାଇ ବନଖଣ୍ଡ



ଓଡ଼ିଆ ଦୈନିକ ଖବରକାଗଜ 'ସକାଳ' ସମ୍ବଲପୁର ଛାପା ସଂସ୍କରଣର ଚତୁର୍ଥ ସ୍ୱନକ୍ଷତ୍ର ଦିବସ ଅବସରରେ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ

**ରାଜୁ ପୃଷେଠ**

ନିର୍ଦ୍ଦେଶକ ଗୌରୀ ନର୍ସିଂ କଲେଜ, ବଣାଇଗଡ (ମଧୁପୁର)



ଓଡ଼ିଆ ଦୈନିକ ଖବରକାଗଜ 'ସକାଳ' ସମ୍ବଲପୁର ଛାପା ସଂସ୍କରଣର ଚତୁର୍ଥ ସ୍ୱନକ୍ଷତ୍ର ଦିବସ ଅବସରରେ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ

**ଅଭିନାଶ ବ୍ରହ୍ମ**

ଯୁବମୋର୍ଚ୍ଚା ସଭାପତି
ଭାରତୀୟ ଜନତା ପାର୍ଟି, ବଣାଇ


## ପୂର୍ବତନ ସମ୍ପାଦକଙ୍କର ରସାୟନ ବିଜ୍ଞାନରେ ଡକ୍ଟରେଟ ଲାଭ



[illegible] Physicochemical Studies of Ternary Mixtures of Extractants and Diluents [illegible] IMMT [illegible]


SEWAK
Strengthening Rural & Tribal Communities

ସମାଜର ଅବହେଳିତ, ନିଷ୍ପେସିତ, ଗରିବ, ଅତି ଗରିବ, ଆଦିବାସୀ ତଥା ଜଙ୍ଗଲ ଉପରେ ନିର୍ଭରଶୀଳ ପରିବାରଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ତଥା ଏକ ଚିରସ୍ଥାୟୀ ଜୀବିକା ଯୋଗାଇବା ସଙ୍ଗେ ସଙ୍ଗେ ପ୍ରାକୃତିକ ସମ୍ବଳର ସୁପରିଚାଳନା ତଥା ଜଳ, ଜମି, ଜଙ୍ଗଲର ସୁରକ୍ଷା ନିମନ୍ତେ ସ୍ୱେଚ୍ଛାସେବୀ ଅନୁଷ୍ଠାନ "ସେବକ" ଦୀର୍ଘ ୨୯ ବର୍ଷ ଧରି କାର୍ଯ୍ୟରତ । ଆସନ୍ତୁ ସମସ୍ତେ ମିଳିମିଶି ଏକ ସୁସ୍ଥ, ସବୁଜ ଓ ସୁନ୍ଦର ସମାଜ ଗଠନ କରିବା।

"ସେବକ"
ରଙ୍ଗିଆମୁଣ୍ଡା, ସୁନ୍ଦରଗଡ
ମୋବାଇଲ - ୯୪୩୭୦୦୧୧୩୬
ୱେବସାଇଟ - www.sewak.org

JEETA

ଜିତା ଅନୁଷ୍ଠାନ ବିଗତ ୩୦ ବର୍ଷ ହେଲା ମହିଳା ଓ ଶିଶୁ ମାନଙ୍କ ଅଧିକାରର ଓ ସୁରକ୍ଷା ପାଇଁ କାର୍ଯ୍ୟ ରତ । ଗତ ୨୦୨୩ ମସିହା ରୁ ଜିତା ସୁନ୍ଦରଗଡ଼ ଜିଲ୍ଲାରେ ବାଲ୍ୟ ବିବାହ, ଶିଶୁ ଶ୍ରମିକ, ଶିଶୁ ଚାଲାଣ ଓ ଶିଶୁ ଯୌନଶୋଷଣ ରୋକିବା ପାଇଁ ଜଷ୍ଟ ରାଇଟ୍ସ ଫର୍ ଚିଲଡ୍ରେନ୍ସ ଆଲିଆନ୍ସ ଓ ଜିଲ୍ଲା ପ୍ରଶାସନ ସହାୟତାରେ ସଚେତନତା କାର୍ଯ୍ୟକ୍ରମ ଜାରି ରଖିବା ସହିତ ବାଲ୍ୟ ବିବାହ ବନ୍ଦ୍ କରିବା ଓ ଆଗାମୀ ଦିନରେ ବାଲ୍ୟ ବିବାହ ନକରିବା ପାଇଁ ଶପଥଗ୍ରହଣ କରାଇବା , ଶିଶୁ ଶ୍ରମିକ ଏବଂ ଶିଶୁ ଚାଲାଣ କୁ ଚିହ୍ନଟ କରି ଜିଲ୍ଲା ପ୍ରଶାସନ ଓ ଶ୍ରମ ଅଧିକାରୀ ଙ୍କ ଗୋଚରକୁ ଉଦ୍ଧାର ପାଇଁ ଆଣିବା ସହିତ ଏଥିରେ ସହଯୋଗ ମଧ କରାଯାଇଛି । ଜିଲ୍ଲା ପ୍ରଶାସନ ସହାୟତାରେ ସୁରକ୍ଷା ଏବଂ ସହାୟତା ଦରକାର ଥିବା ଶିଶୁ ଙ୍କ ସୁରକ୍ଷା ପାଇଁ ଜିତା ଅନୁଷ୍ଠାନ ତାର ପ୍ରୟାସ ଜାରି ରଖିଛି ଓ ସୁନ୍ଦରଗଡ଼ ଜିଲ୍ଲା କୁ ଏକ ବାଲ୍ୟ ବିବାହ ମୁକ୍ତ, ଶିଶୁ ସୁରକ୍ଷିତ ଜିଲ୍ଲା କରିବା ପାଇଁ କାର୍ଯ୍ୟରତ ।

ସୁନ୍ଦରଗଡ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, ସୁନ୍ଦରଗଡ –୭୭୦ ୦୦୧

*The Bank that cares for Agriculture family of the District*

- ଜିଲ୍ଲାର ମୋଟ କୃଷିଋଣର ପ୍ରାୟ ୮୦ ଭାଗ ଋଣ ଯୋଗାଇ ଜିଲ୍ଲା କୃଷି ଅର୍ଥନୀତି ସମୃଦ୍ଧ କରିବାର ଏହି ବ୍ୟାଙ୍କ ଏକ ଅଗ୍ରଣୀ ଭୂମିକା ନିର୍ବାହ କରିଆସୁଅଛି ।
- ସ୍ୱଳ୍ପମିଆଦି କୃଷିଋଣକୁ ଠିକ୍ ସମୟରେ ପରିଶୋଧ କରୁଥିବା ଚାଷୀଭାଇ ମାନଙ୍କୁ ୧ .୦୦ ଲକ୍ଷ ଟଙ୍କା ଋଣ ପର୍ଯ୍ୟନ୍ତ ୦%(ଶୂନ) ପ୍ରତିଶତ ଓ ୧.୦୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ୩.୦୦ ଲକ୍ଷ ଟଙ୍କା ଋଣ ପର୍ଯ୍ୟନ୍ତ ଶତକଡା (୨%) କେବଳ ମାତ୍ର ସୁଧ ଦେବାକୁ ପଡିଥାଏ । ସେହିଭଳି ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ଋଣ ପ୍ରଦାନ କ୍ଷେତ୍ରରେ ମଧ୍ୟ ଠିକ୍ ସମୟରେ ପରିଶୋଧ କରୁଥିବା ଗୋଷ୍ଠୀଙ୍କୁ ୧୦.୦୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତର ଋଣକୁ ସରକାରଙ୍କ ନୂତନ ନିୟମ ଅନୁସାରେ ବିନା ସୁଧରେ ପ୍ରଦାନ କରାଯାଉଅଛି ।
- ସ୍ୱଳ୍ପମିଆଦି କୃଷିଋଣ ବ୍ୟତିତ ବିଭିନ୍ନ ମଧ୍ୟମ ଓ ଦୀର୍ଘ କାଳୀନ ଋଣ ଯଥା – କୃଷି ଯନ୍ତ୍ରପାତି ଓ ଉପକରଣ, ଗୋପାଳନ, ମତ୍ସ୍ୟଚାଷ, କୁକୁଡା ପାଳନ, କୂପଖନନ, ବତକ ପାଳନ, ଛେଳି ପାଳନ, କ୍ଷୁଦ୍ର ବ୍ୟବସାୟ, କ୍ଷୁଦ୍ର ଶିଳ୍ପ ଓ କାରିଗରୀ, ଗୃହ ନିର୍ମାଣ, ଉଦ୍ୟାନ କୃଷି, ଗାଡି ମଟର କ୍ରୟ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ଯୁଗ୍ମ ଦେୟ ଗୋଷ୍ଠୀମାନଙ୍କ ଆବଶ୍ୟକ ଅନୁସାରେ କୃଷି ଓ ଅଣକୃଷି କାର୍ଯ୍ୟପାଇଁ ଋଣ ପ୍ରଦାନର ବ୍ୟବସ୍ଥା ।
- ସରକାରଙ୍କର ଯୋଜନା ମୁତାବକ ବିଜ୍ଞାପିତ ଫସଲ ପାଇଁ କୃଷିବୀମା କରାଯାଇଥାଏ ।
- ଜମାକାରୀ ମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା (PMSBY) ଏବଂ ଜୀବନଜ୍ୟୋତି ବୀମା ଯୋଜନା (PMJBY) ର ପ୍ରଚଳନ ।
- ସମସ୍ତ କିଷାନ କ୍ରେଡିଟ୍ କାର୍ଡ ଧାରୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଯୁଗ୍ମ ଦେୟ ଗୋଷ୍ଠୀର ସଭ୍ୟ /ସଭ୍ୟା ମାନଙ୍କ ପାଇଁ ୫.୦୦ ଲକ୍ଷ ଟଙ୍କାର ଦୁର୍ଘଟଣା ଜନିତ ବ୍ୟକ୍ତିଗତ ବୀମା ବ୍ୟବସ୍ଥା ।
- ସମସ୍ତ ସଂଚୟ (Savings) ଖାତା ଜମାକାରୀ ତାଙ୍କର ହାରାହାରି ମାସିକ ଜମାରାଶି ଟ ୧୦,୦୦୦/- କିମ୍ବା ତଦୁର୍ଦ୍ଧ୍ୱ ଥିଲେ ଟ ୫.୦୦ ଲକ୍ଷ ପର୍ଯ୍ୟନ୍ତ ଦୁର୍ଘଟଣା ଜନିତ ମୃତ୍ୟୁ ପାଇଁ ବିନା ମୂଲ୍ୟରେ ଉପଲବ୍ଧ କରିପାରିବେ ।
- ମଧ୍ୟମ ଓ ଦୀର୍ଘ କାଳୀନ କୃଷି ତଥା ଆନୁସଙ୍ଗିକ କୃଷି ଋଣ ପାଇଁ ଉପଭୋକ୍ତାଙ୍କୁ ସୁଧରେ ରିହାତି ପ୍ରଦାନ କରାଯାଇଥାଏ ।
- ବ୍ୟାଙ୍କର IFSCODE-**ORCB0SUN001**
- IMPS, NEFT, RTGS, AEPS, PoS, CTS Clearing ସମେତ ATM ଓ RuPay କାର୍ଡ ମାଧ୍ୟମରେ ଉନ୍ନତ ବ୍ୟାଙ୍କିଙ୍ଗ ସେବା ଦିଆଯାଏ ଏବଂ ସମିତି ମାନଙ୍କରେ Micro ATM ମାଧ୍ୟମରେ କୃଷକ ମାନଙ୍କ ପାଇଁ ଟଙ୍କା ଉଠାଣ କରିବାର ସୁବିଧା ଉପଲବ୍ଧ ଅଛି ।

ସବିଶେଷ ବିବରଣୀ ପାଇଁ ନିକଟସ୍ଥ ଶାଖା ବ୍ୟାଙ୍କ ତଥା ଲ୍ୟାମ୍ପସ୍ ସହିତ ଯୋଗାଯୋଗ କରନ୍ତୁ ।

ଶ୍ରୀ ରବିନ୍ଦ୍ର ନାଥ କାଲୁଣ୍ଡିଆ
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

ପରିଚାଳନା ପରିଷଦ

ଡ. ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ
ସଭାପତି

ଶ୍ରୀମତି କାମିନୀ ମହାପାତ୍ର, ଶ୍ରୀ ପର୍ଶୁରାମ ସାହୁ, ଶ୍ରୀ ଆଲୋକ ପ୍ରକାଶ ପଟେଲ, ଶ୍ରୀମତି ବାସନ୍ତୀ ସାମନ୍ତ, ଶ୍ରୀ ଫଂଟା ବାର୍ଲା, ଶ୍ରୀ ଜଟିଆ ମୁଣ୍ଡା, ଅବଦୁଲ ସଇଦ, ଶ୍ରୀମତି ସୁଷମା ସରୋଜିନୀ ଟେଟେ, ଶ୍ରୀ ଅମିତ ଲାକ୍ରା, ଶ୍ରୀ ମହେଶ ନାଗ, ଶ୍ରୀମତି ଲକ୍ଷ୍ମୀ ମହାନନ୍ଦ, ଶ୍ରୀ ସୁଧୀର ରଂଜନ ପଟେଲ, କୁମାରୀ ସନ୍ଧ୍ୟାରାଣୀ ନାଏକ, ଶ୍ରୀ ମନୋରଂଜନ ଦାଶ

ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ସୁନ୍ଦରଗଡ

ଗ୍ରୀଷ୍ମ ଛୁଟିରେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ଗ୍ରୀଷ୍ମକାଳୀନ ଶିକ୍ଷା କାର୍ଯ୍ୟକ୍ରମ

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଏକାଡେମିକ୍ କ୍ୟାଲେଣ୍ଡର ଅନୁଯାୟୀ, ଆସନ୍ତା ଜୁନ୍ ୧୯ ତାରିଖ ପର୍ଯ୍ୟନ୍ତ ଖରା ଛୁଟି ହେବ । ଏହି ଖରା ଛୁଟି ସମୟକୁ ଛାତ୍ରଛାତ୍ରୀମାନେ କିପରି ସଦୁପଯୋଗ କରିବେ, ଓସେପାର ପତ୍ର ସଂଖ୍ୟା ୪୮୩୩ ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଛି । ଏହି ଛୁଟିରେ ସମସ୍ତ ଶିକ୍ଷଣ କାର୍ଯ୍ୟକ୍ରମକୁ ନିରନ୍ତର ଭାବରେ କାର୍ଯ୍ୟକାରୀ କରାଯିବ । ଛାତ୍ରଛାତ୍ରୀମାନେ ଛୁଟି ଉପଭୋଗ କରିବା ସହିତ ପାଠ୍ୟକ୍ରମ ସହ ମଧ୍ୟ ସଂପୃକ୍ତ ରହିବେ । ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ନେଇ ହ୍ୱାଟସଆପ୍ ଗ୍ରୁପ ଗଠନ କରି ଶିକ୍ଷକ ଶିକ୍ଷୟତ୍ରୀ ମାନେ ଶିକ୍ଷା ଦାନ କରିବେ । ମୌଳିକ ଜ୍ଞାନ ଆଧାରିତ ଗୃହକାର୍ଯ୍ୟ, ବର୍ଣ୍ଣ ବୋଧ ପଠନ, ମାତ୍ରା ଶିଖିବାର କୌଶଳ, ମୌଖିକ ଭାଷାର ବିକାଶ ଇତ୍ୟାଦିକୁ ଗୁରୁତ୍ୱ ପ୍ରଦାନ କରାଯିବ । ଅଭିଭାବକମାନଙ୍କୁ ମଧ୍ୟ ଶିକ୍ଷକ ହ୍ୱାଟସଆପ୍ ମାଧ୍ୟମରେ ଭିଡିଓ ଆଧାରିତ ଶିକ୍ଷଣ କାର୍ଯ୍ୟ ପଠାଇବେ । ଯଦି କୌଣସି ଅଭିଭାବକଙ୍କର ମୋବାଇଲ ଫୋନ୍ ନ ଥିବ, ସେମାନେ ପଡୋଶୀଙ୍କ ସହ ଯୋଗାଯୋଗ କରି ଫୋନ୍ ରେ ଆସୁଥିବା ଶିକ୍ଷଣ କାର୍ଯ୍ୟକୁ ପିଲାମାନଙ୍କୁ ପ୍ରଦାନ କରିବା ସହିତ ତାହାର ସମୟାନୁଯାୟୀ ତଦାରଖ ମଧ୍ୟ କରିବେ । ଆବଶ୍ୟକ ସ୍ଥଳେ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ଯୋଗାଯୋଗ କରିବେ । ଖରାଛୁଟିରେ ପିଲାମାନେ କରିଥିବା ଶିକ୍ଷଣ କାର୍ଯ୍ୟକୁ ବିଦ୍ୟାଳୟ ଖୋଲିଲେ ଶିକ୍ଷକଙ୍କ ନିକଟରେ ଦାଖଲ କରିବେ । ସମ୍ପୃକ୍ତ କାର୍ଯ୍ୟକ୍ରମକୁ ଉପରିସ୍ଥ ଅଧିକାରୀମାନେ ସମ୍ପୂର୍ଣ୍ଣ ତଦାରଖ କରିବେ ।

-ସ୍ୱା-
ଜିଲ୍ଲା ଶିକ୍ଷା ଅଧିକାରୀ-ତଥା- ଜିଲ୍ଲା ପ୍ରକଳ୍ପ ସଂଯୋଜକ
ସମଗ୍ର ଶିକ୍ଷା, ସୁନ୍ଦରଗଡ଼

ରାଜ୍ୟରେ ଜନଜାତି ମାନଙ୍କର ବିକାଶ ତଥା ଜନଜାତି ସମ୍ପ୍ରଦାୟର ଜୀବିକାରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର "ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ" କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଆଦିବାସୀ କୃଷକ ଏବଂ ସେମାଙ୍କର ଅନୁଷ୍ଠାନ ଗୁଡିକ ସହ ଓତଃପ୍ରୋତ ଭାବେ କାର୍ଯ୍ୟକରି,ସେମାନଙ୍କୁ କୃଷି ଓ ଅଣକୃଷି କାର୍ଯ୍ୟକ୍ରମରେ ନିୟୋଜିତ କରି ଆୟବୃଦ୍ଧି କରିବା ଏହାର ମୂଳ ଲକ୍ଷ୍ୟ ।

ସୁନ୍ଦରଗଡ ଆଦିବାସୀ ଉନ୍ନୟନ ସଂସ୍ଥା ଅଧୀନରେ ୯ ଟି ବ୍ଲକରେ ୪୧ ଟି ଜନଜାତି ଜୀବିକା ପରିଷଦ ଗଠନ କରାଯାଇ ଆଦିବାସୀ ହିତାଧିକାରୀଙ୍କୁ ବିଭିନ୍ନ ପ୍ରକାରର ବିହନ ଯଥା- ଆଳୁ, ପିଆଜ, ଲଙ୍କା, ବିଲାତି-ବାଇଗଣ, ବାଇଗଣ, ଫୁଲକୋବି,





ସୋରିଷ, ଭେଣ୍ଡି, କଲରା, ମକା, ମଧୁର ମକା, ଶିମିଲା ଲଙ୍କା, ତରଭୁଜ, ମଟର ଛଣା , ବାଦାମ, ବିରି ଓ କୋଳଥ ଚାଷ କରିବାପାଇଁ ଦିଆଯାଇଛି।ବିହନସାଥିରେ ଜୈବିକସାର, ଅଣୁସାର, ବିଶୋଧକ (ଟ୍ରାଇକୋଡେର୍ମା) ଓ କୀଟନାଶକ ଭାବରେ ନିମ୍ବତେଲ ଦିଆଯାଇଛି । ଚାଷୀମାନେ ଏହି ବିହନ ସବୁ ବିନା ମୂଲ୍ୟରେ ପାଇ ଉତ୍ପାଦିତ ଫସଲକୁ ବିକ୍ରିକରି ତାଙ୍କର ଆର୍ଥିକ ସ୍ଥିତି ସୁଦୃଢ଼ କରିପାରୁଛନ୍ତି। ୪୧ ଟି ପରିଷଦ ୪୧ ଗୋଟି ଜନଜାତି ସାଥି ଓ ୧୧୬ ଗୋଟି ଯୁବ ଲଘୁ ଉଦ୍ୟୋଗୀ ଚୟନ କରାଯାଇଛି । ସେଥିମଧ୍ୟରୁ ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ୧୧୬ ଜଣଙ୍କୁ , ଜଣକୁ ୧୦୦୦୦୦ ଲକ୍ଷ ଟଙ୍କା ହିସାବରେ ୧୧୬୦୦୦୦୦ ଲକ୍ଷ ଟଙ୍କା ବିଭିନ୍ନ ଲଘୁ ଉଦ୍ୟୋଗ ସ୍ଥାପନ ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଅଛି ।









# ପାଟଣାଗଡ଼ ଏନ୍ଏସିରେ ପିସି କାରବାରର ଅଡିଓ ଭାଇରାଲ

**ପାଟଣାଗଡ଼, ୧୫।୫(ସମିସ):** ପାଟଣାଗଡ଼ ଏନ୍ଏସିର ଦୁଇଜଣ କର୍ମଚାରୀ ଜଣେ ଠିକାଦାରଙ୍କ ସହ ଏକ ଠିକା କାମର ବିଲ ବାବଦକୁ ନେଇ ପିସି କାରବାରର ଦୁଇଟି ଅଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଉକ୍ତ ଅଡିଓରେ ଏନ୍ଏସିରେ କାର୍ଯ୍ୟରତ ବଡ଼ ବାବୁ ଓ ଆକାଉଣ୍ଟାଣ୍ଟ ଉଭୟ ମୁକ୍ତା ଯୋଜନାରେ ହୋଇଥିବା ଏକ କାମର ବିଲ କରାଇବା ପାଇଁ ସେମାନେ ଉଭୟ ନିଜ ପାଇଁ ପଏଣ୍ଟ ଫାଇଭ ପ୍ରତିଶତ ପିସି ଠିକାଦାରଙ୍କୁ ମାଗୁଥିବା ବେଳେ ଏଥିରେ ଏଇ ଓ ଇଓଙ୍କ ପିସି ଅଲଗା ଦେଲା ପରେ ଯାଇ ଏହି କାମର ସମ୍ପୂର୍ଣ୍ଣ ବିଲ କରାଯିବ ବୋଲି ଅଡିଓର ବାର୍ତ୍ତାଳାପରେ ଶୁଣିବାକୁ ମିଳୁଛି। ଉକ୍ତ ପ୍ରଥମ ଅଡିଓ ଟି ଏନ୍ଏସିର ବଡ ବାବୁ ଅର୍ଥାତ ମଲ୍ଲିକ ବାବୁଙ୍କ ହୋଇଥିବା ବେଳେ ସେ ଅଡିଓ ରେ ଠିକାଦାର ଜଣକୁ ଫୋନ ମାଧ୍ୟମରେ ନିଜ ପାଇଁ ପଏଣ୍ଟ ପାଞ୍ଚ ପ୍ରତିଶତ ପିସି ଦେବା ପାଇଁ ଦାବି କରୁଥିବାବେଳେ ପିସି ପହଞ୍ଚିଯିବ ବୋଲି ଠିକାଦାର ଜଣକ କହୁଛନ୍ତି। ଅନ୍ୟ ଏକ ଅଡିଓଟି ଏକାଉଣ୍ଟେଣ୍ଟ ସାହୁ ବାବୁଙ୍କ ହୋଇଥିବା ବେଳେ ସେଥିରେ ମଧ୍ୟ ସେ ତାଙ୍କ ପାଇଁ ଉକ୍ତ କାମର ପଏଣ୍ଟ ପାଞ୍ଚ ପ୍ରତିଶତ ପିସି ଦାବି କରୁଥିବା ବେଳେ ଏହା ସହ ସମସ୍ତଙ୍କୁ ପିସି ଦେବାକୁ ପଡ଼ିବ ବୋଲି କହୁଛନ୍ତି ଏଥିସହ ପିସି ବାହାରେ ତାଙ୍କ ପାଇଁ ଏକ୍ସଟ୍ରା ଟଙ୍କା ଦାବି କରୁଥିବା ଅଡିଓରୁ ସ୍ପଷ୍ଟ ଭାବେ ଶୁଣିବାକୁ ମିଳୁଛି।ଏ ସମ୍ପର୍କରେ ବଡବାବୁ ପ୍ରିୟବ୍ରତ ମଲ୍ଲିକଙ୍କୁ ପଚାରିବାରୁ ଅଫିସକୁ ଆସନ୍ତୁ କଥାହେବା ବୋଲି କହିଥିଲେ। ଅପରପକ୍ଷରେ ଆକାଉଣ୍ଟାଣ୍ଟ ବିଶ୍ୱ ରଞ୍ଜନ ସାହୁଙ୍କୁ ଫୋନ କରିବାରୁ ଗ୍ରହଣ କରିନଥିଲେ।ଏ ଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଘଟଣାର ତଦନ୍ତ ପୂର୍ବକ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି।

# ଭୂତଳ ଜଳସ୍ତର ବୃଦ୍ଧି ପାଇଁ ଆନ୍ତରିକତା ନାହିଁ

**ବଲାଙ୍ଗିର, ୧୫।୫(ସମିସ)**

ଚିର ମରୁଡ଼ି ପ୍ରପୀଡିତ ଓ ଶୁଷ୍କ ବଲାଙ୍ଗିର ଜିଲ୍ଲାର ଭୂତଳଜଳସ୍ତରକୁ ନେଇ ସବୁବେଳେ ପ୍ରଶ୍ନ ଉଠିଆସିଛି। ବିଗତ କିଛି ବର୍ଷ ଭିତରେ ଜିଲ୍ଲାରେ ଭୂତଳ ଜଳସ୍ତର ବହୁ ପରିମାଣରେ କମି କମି ଚାଲିଥିବା ବେଳେ ଏହାକୁ ବଢ଼ାଇବାର ସମୟ ଆସିଛି। ସେଇଥିପାଇଁ ଡ୍ୟାମ, ବ୍ୟାରେଜର ପରିକଳ୍ପନା ସାମ୍ନାକୁ ଆସିଥିବା ବେଳେ ଏଯାଏଁ ଜିଲ୍ଲାକୁ ଆଶାତୀତ ଭାବେ ସେହି ଦିଗରେ ସଫଳତା ମିଳିନାହିଁ। ଫଳରେ ୨୦୧୩ ମସିହାରେ ଭୂତଳ ଜଳସ୍ତର ସୂଚନାର ତଥ୍ୟ ମୁତାବକ ଜିଲ୍ଲାରେ ଭୂତଳ ଜଳସ୍ତର ବୃଦ୍ଧି ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ କେନ୍ଦ୍ରୀୟ ଜଳ ବୋର୍ଡ ପରାମର୍ଶ ଦେଇଥିବା ବେଳେ ତାହା ଆଜି ଯାଏଁ ଠିକ ଭାବେ କାର୍ଯ୍ୟକାରୀ କରାଯାଇନାହିଁ। ଯାହାର ଦଶା ଭୋଗିବାକୁ ପଡ଼ିବାର ସମୟ ଆସିଥିବା ଆଲୋଚନା ହେଉଛି।

ବଲାଙ୍ଗିର ଜିଲ୍ଲାରେ ବହି ଯାଇଥିବା ନଦୀ ପ୍ରାୟତଃ ବର୍ଷା ସମୟ ପରେ ପରେ ହିଁ ଶୁଖିଲା ପଡ଼ିଯାଇଥାଏ। ଏହି ନଦୀମାନଙ୍କର ପାଣି ଉପରେ ଜିଲ୍ଲାର ୧୪ ବ୍ଲକ ପ୍ରାୟ ୩ଶହରୁ ଉର୍ଦ୍ଧ୍ୱ ପଞ୍ଚାୟତବାସୀ ପିଇବା ପାଣି ପାଇଁ ନିର୍ଭର କରୁଛନ୍ତି। ତା ସାଙ୍ଗକୁ ଜଳସେଚନରେ ମଧ୍ୟ ଏହି ପାଣି ବ୍ୟବହାର କରାଯାଉଛି। ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ନଦୀସ୍ତର ଗୁଡିକ ମଧ୍ୟ କିଛି ବର୍ଷ ଭିତରେ ହ୍ରାସ ପାଇଥିବା ଜଣାପଡ଼ିଛି। ଫଳରେ ଠିକ ଗ୍ରୀଷ୍ମ ସମୟରେ ନଦୀରୁ ପିଇବା ପାଇଁ ଯୋଗାଣ ପାଇଁ ଖୋଲାଯାଇଥିବା ଇନଟେକ୍ ୱେଲର ପାଣି ସ୍ତର କମିଯାଇଥାଏ। ଯାହାଫଳରେ ପାଣି ସମସ୍ୟା ଦେଖା ଦେଇଥାଏ। ଅନ୍ୟପକ୍ଷରେ ଗତ କିଛି ବର୍ଷ ପୂର୍ବରୁ ନଳକୂପ ବା ପାତାଳ ବୋରିଂ ଖୋଲିଲେ ଶୀଘ୍ର ପାଣିର ସ୍ରୋତ ଜଣାପଡୁଥିଲା କିନ୍ତୁ ବର୍ତ୍ତମାନ ସମୟରେ ଶହ ଶହ ଫୁଟ ଖୋଳିବା ପରେ ବି ପାଣି ଠିକ ଭାବେ ବାହାରୁନଥିବା ଦେଖିବାକୁ ମିଳିଛି। ଏହି ସବୁ ସମସ୍ୟା ପଛରେ ଭୂତଳ ଜଳସ୍ତର ନିମ୍ନଗାମୀ ହେବା ଜଣାପଡ଼ିଛି। ୨୦୧୩ ମସିହାରେ ଭୂତଳଜଳସ୍ତର ବୁକଲେଟରୁ ମିଳିଥିବା ସୂଚନା ଅନୁସାରେ ଜିଲ୍ଲାରେ ୨୦୦୯ ମସିହାରେ ଭୂତଳଜଳସ୍ତର ଆକଳନ କରିବା ପାଇଁ ଏକ ସର୍ଭେ କରାଯାଇଥିଲା। ଏହି ସର୍ଭେ ୧୯୯୭ ଭୂତଳ ଜଳସ୍ତର ଆକଳନ କମିଟି ପରାମର୍ଶ ଅନୁସାରେ କେନ୍ଦ୍ରୀୟ ଜଳ ବୋର୍ଡ ଓ ଭୂତଳ ଜଳସ୍ତର ସର୍ଭେ ବିଭାଗ ପକ୍ଷରୁ ମିଳିତ ଭାବେ କରାଯାଇଥିଲା। ଏହି କମିଟି ଦେଇଥିବା ରିପୋର୍ଟ ଅନୁସାରେ ସେହି ସମୟରେ ୫୭୬୫୬ ହେକ୍ଟର ମିଟର(ଏଚଏମ) ଭୂତଳ ଜଳ ମହଜୁଦ ରହିଥିଲା। ଜଳସେଚନ ପାଇଁ ୯୦୯୮ ହେକ୍ଟର ମିଟର ବ୍ୟବହାର ହୋଇଥିବା ବେଳେ ଘରୋଇ ଓ ଶିଳ୍ପରେ ୩୦୨୪ ହେକ୍ଟର ମିଟର ବ୍ୟବହୃତ ହୋଇଥିଲା। ସେହିପରି ଆସନ୍ତା ୨୫ ବର୍ଷ ପାଇଁ ଘରୋଇ ଓ ଶିଳ୍ପରେ ବ୍ୟବହାର ପାଇଁ ୩୩୮୦ ହେକ୍ଟର ମିଟର ଜଳସ୍ତରର ଆବଶ୍ୟକତା ରହିଥିବା ବେଳେ ସେହି ସମୟରେ ଭୂତଳ ଜଳସ୍ତର ଉନ୍ନତି ମାତ୍ରା ୨୧ ପ୍ରତିଶତ ରହିଥିଲା। ଯାହାକି ସେହି ସମୟରେ ଠିକ ଆକଳନ କରାଯିବା ସହ ଆଗକୁ ଭୂତଳ ଜଳସ୍ତର ବୃଦ୍ଧି ଦିଗରେ ପଦକ୍ଷେପ ନେବା ପାଇଁ କମିଟି ପରାମର୍ଶ ଦେଇଥିଲା। କିନ୍ତୁ ୨୦୧୩ରୁ ଆଜି ପର୍ଯ୍ୟନ୍ତ ଭୂତଳ ଜଳସ୍ତର ବୃଦ୍ଧି ପାଇଁ ଅନେକ ବ୍ୟବସ୍ଥା କରାଯାଇଛି ସତ କିନ୍ତୁ ତାହା ଆଶାନୁଯାୟୀ ସଫଳ ହୋଇନଥିବା ଅଭିଯୋଗ ହୋଇଛି। ପ୍ରାୟ ତିନି ବର୍ଷ ପୂର୍ବରୁ ପୂର୍ବ ରାଜ୍ୟ ସରକାର ଜିଲ୍ଲାର ଭୂତଳ ଜଳସ୍ତର ବୃଦ୍ଧି କରିବା ପାଇଁ ଜିଲ୍ଲା ଦେଇ ଯାଇଥିବା ନଦୀମାନଙ୍କରେ ଆଠଟି ବ୍ୟାରେଜ ନିର୍ମାଣ କରିବାକୁ ପ୍ରସ୍ତାବ ଦେଇଥିଲେ। ସେଥିରୁ ଛତାମଖନା ଠାରେ ସୁକତେଲ ନଦୀ ଉପରେ ବ୍ୟାରେଜ କାମ ସରିଥିବା ବେଳେ ରାଉଲ ନଦୀ ଉପରେ ଗୁଡଭେଲା ଠାରେ ବ୍ୟାରେଜ କାମ ଆରମ୍ଭ ହୋଇଛି। କିନ୍ତୁ ବିଜେଡି ସରକାର ସମୟରେ ଟେଣ୍ଡର ହୋଇଥିବା ଆଉ ଚାରୋଟି ପ୍ରକଳ୍ପର ଟେଣ୍ଡରକୁ ବିଜେପି ସରକାର ଉଦ୍ଦେଶ୍ୟମୂଳକ ଭାବେ ବାତିଲ କରିଦେଇଥିବା ଜଣାପଡ଼ିଛି। ଏହାଦ୍ୱାରା ଆସନ୍ତା କିଛି ବର୍ଷ ଭିତରେ ଏହି ପ୍ରକଳ୍ପ ସରିବା ଦ୍ୱାରା ଯେତେ ପରିମାଣ ର ଭୂତଳ ଜଳସ୍ତର ବୃଦ୍ଧି ହେବା କଥା ତାହା ହେବ ନାହିଁ। ଫଳରେ ଆଗକୁ ଜିଲ୍ଲା ପାଇଁ ଭୂତଳଜଳସ୍ତର ଏକ ବଡ ସମସ୍ୟା ହେବ ବୋଲି ବିଶେଷଜ୍ଞମାନେ ମତ ରଖିଛନ୍ତି। ତେବେ ରାଜ୍ୟ ସରକାର ଭୂତଳ ଜଳସ୍ତର ବୃଦ୍ଧିକୁ ପ୍ରାଥମିକତା ଦେବା ସହ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।



**ଜିଲ୍ଲାରେ ୪ ଆଇଏସ୍ଏସ୍ ଟେଣ୍ଡର ବାତିଲ**

**ବ୍ୟାରେଜ୍ ଦ୍ୱାରା ଭୂତଳ ଜଳସ୍ତର ବୃଦ୍ଧି ଆଶା**

## ତୁଷୁରା ଡାକ୍ତରଖାନା ପରିସରରେ ଦୋକାନ ଗୃହ ନିର୍ମାଣ

# ଷ୍ଟଲ ଭଙ୍ଗା ହେଲେ ଜିଲ୍ଲାପାଳ ଅଫିସ ଘେରିବ କଂଗ୍ରେସ

**ତୁଷୁରା, ୧୫।୫(ସମିସ):** ତୁଷୁରା ଡାକ୍ତରଖାନା ପରିସରରେ ନିର୍ମାଣ ଧିନ ଦୋକାନ ଗୃହକୁ ବିଜେପି ଦଳର ଗୋଟିଏ ଗୋଷ୍ଠି ବେଆଇନ ଭାବରେ ହୋଇଛି ଏହାକୁ ଭଙ୍ଗା ଯାଉ ବୋଲି କହୁଥିବା ବେଳେ ଆଉ ଗୋଟିଏ ଗୋଷ୍ଠି ନ ଭାଙ୍ଗିବା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ତେବେ ବିଜେଡ଼ି ଦଳର ନେତାମାନେ ଷ୍ଟଲ୍ ନିର୍ମାଣ କୁ ସମର୍ଥନ କରୁଥିବା ବେଳେ ଏବେ କଂଗ୍ରେସ ନେତା ସାମ୍ନାକୁ ଆସି ନିର୍ମାଣଧୀନ ଷ୍ଟଲ ଭଙ୍ଗା ହେଲେ ଲୋକଙ୍କୁ ନେଇ ଜିଲ୍ଲାପାଳଙ୍କ ଅଫିସ ଘେରାଉ କରାଯିବ ବୋଲି କହୁଛନ୍ତି। ଫଳର ତୁଷୁରା ହସ୍ପିଟାଲ ପରିସରରେ ନିର୍ମାଣ ହେଉଥିବା ଷ୍ଟଲ କିଭଳି ନେତାଙ୍କ ରାଜନୀତିର ଚକ୍ରବ୍ୟୂହରେ ପଡ଼ିଛି ତାହା ବାରି ହେଉଛି। ଗୁରୁବାର ମଧ୍ୟାହ୍ନରେ ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀର କଂଗ୍ରେସର ବିଧାୟକ ପ୍ରାର୍ଥୀ ବିରେନ୍ଦ୍ର ବାଗ ତୁଷୁରା ହସ୍ପିଟାଲକୁ ଯାଇ ଷ୍ଟଲ ପାଇ ଟଙ୍କା ଦେଇଥିବା ଲୋକଙ୍କ ସହ ଆଲୋଚନା କରିବା ପରେ ସରକାରୀ ହସ୍ପିଟାଲର କାନ୍ଥରେ ଏକ ନୋଟିସ ଛପା ହୋଇଥିବା ଦେଖିବାକୁ ପାଇଥିଲେ। ତେବେ ଏହି ନୋଟିସକୁ ଦେଖି ଲୋକମାନେ ଷ୍ଟଲ ପାଇ ଯୋଗାଯୋଗ କରିଥିଲେ ଡାକ୍ତର ଖାନା କର୍ତ୍ତୃପକ୍ଷ ସହ। ସବୁ ପ୍ରସ୍ତୁତି ସରିବା ପରେ ନିଅ ଖୋଲି କାମ ଆରମ୍ଭ ହେଲା ଏବେ ଛାତ ପର୍ଯ୍ୟନ୍ତ କାମ ଯାଇଛି ଯେଉ ସମୟରେ ବେଆଇନ ଭାବରେ ନିର୍ମାଣ ଆରମ୍ଭ ହେଲା ସେହି ସମୟ ରେ ଏଠିକାର ନେତା କୋଉଠି ଶୋଇଥିଲେ ଯେ କାମ ବନ୍ଦ କରି ପାରିଲେ ନାହିଁ। ଏବେ ଲୋକେ ଟଙ୍କା ଦେଇ କାମ ଆରମ୍ଭ କରିବା ପରେ ଭାଙ୍ଗିବା ପାଇଁ ଅଭିଯୋଗ କରୁଛନ୍ତି। ଏହି ଷ୍ଟଲକୁ ଭାଙ୍ଗିଲେ ଜିଲ୍ଲାପାଳ ଅଫିସ ଘେରାଉ କରାଯିବା କଂଗ୍ରେସ ପକ୍ଷରୁ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ହସ୍ପିଟାଲ କର୍ତ୍ତୃପକ୍ଷ ଷ୍ଟଲ ନିର୍ମାଣ ପାଇ ଲୋକଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ନେଇଥିଲେ ବି ତାହାକୁ ଆର କେଏସ ଆକାଉଣ୍ଟରେ ନ ରଖି ନିଜ ଖର୍ଚ୍ଚ କରୁଥିବାରୁ ଟଙ୍କା କାରବାରକୁ ନେଇ ସହରବାସୀ ସନ୍ଦେହ କରୁଛନ୍ତି। ଦୋକାନ ଘର ଓ ଓମଫେଡ ପାର୍ଲର ପାଇ ଜଣେ କ୍ୟାବିନେଟ ମନ୍ତ୍ରୀ ନଡ଼ିଆ ଭାଙ୍ଗିଥିଲେ ବି କାମ ହେଉଥିବା ସ୍ଥାନରେ କୌଣସି ସୂଚନା ଫଳକ ନାହିଁ। ଏପରି କି କେବେ ବିଜ୍ଞାପନ ହୋଇଥିଲା କେଉଁ ଏଜେନ୍ସୀ କାମ ନେଇଛି ସେ ଦିଗରେ ବି କୌଣସି ତଥ୍ୟ ନାହିଁ। ଏପରି କି ଦେଢ଼ ବର୍ଷ ହେଲା ଟଙ୍କା ଦେଇଥିଲେ ବି ଷ୍ଟଲ୍ ନିର୍ମାଣ ସରୁ ନଥିବାରୁ ଷ୍ଟଲ ଦିଅ ନହେଲେ ଟଙ୍କା ଫେରାଅ ନହେଲେ ହସ୍ପିଟାଲ ପରିସରରେ ଆମ୍ଭହତ୍ୟା କରିବୁ ବୋଲି ଟଙ୍କା ଦେଇଥିବା ଲୋକେ କହୁଛନ୍ତି। ଏ ଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଯେମିତି ଟଙ୍କା ଦେଇଥିବା ଲୋକେ ଉଚିତ ନ୍ୟାୟ ପାଇବେ ସେ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।



## ଚାଲିଛି ମାଲମାଲ ବେଆଇନ କ୍ଲିନିକ୍

# ଲୋକଙ୍କ ଜୀବନ ସହ ଖେଳ; କାର୍ଯ୍ୟାନୁଷ୍ଠାନ ଶୂନ

**ପାଟଣାଗଡ଼, ୧୫।୫ (ସମିସ):** ସରକାର ଲୋକଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ଅନେକ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ଲୋକଙ୍କୁ ଏହାର ସୁଫଳ ମିଳୁନଥିବା ଅଭିଯୋଗ ହେଉଛି।ପାଟଣାଗଡ଼ ଉପଖଣ୍ଡ ତଥା ବ୍ଲକ ଅଞ୍ଚଳର ବିଭିନ୍ନ ଗାଁ ଗୁଡିକରେ ମାଲ ମାଲ ବେଆଇନ କ୍ଲିନିକ ଛତୁ ଫୁଟିଲା ପରି ଖୋଲିଛି। ଲୋକଙ୍କ ଜୀବନ ସହ ଖେଳ ଖେଳି ନକଲି ଡାକ୍ତର ଗୁଡିକ ବେଆଇନ ଭାବେ ଚିକିତ୍ସା ଜାରି ରଖିଛନ୍ତି ଫଳରେ ଲୋକେ ଲୁଟର ଶିକାର ହେବା ସହ ସମୟ ସମୟରେ ବେଆଇନ ଚିକିତ୍ସା ଯୋଗୁଁ ରୋଗୀ ମୃତ୍ୟୁ ମୁଖରେ ପଡୁଥିବା ଅଭିଯୋଗ ହୋଇଆସୁଛି। ଏହି ଘଟଣା ଗୁଡିକ ଲୋକଲୋଚନକୁ ଆସିବା ପୂର୍ବରୁ ନକଲି ଡାକ୍ତରମାନେ ବିଭିନ୍ନ ଚାପ ପ୍ରୟୋଗ କରି ଘଟଣାକୁ ଚାପି ଦେଉଥିବା ନଜିର ରହିଛି। ଏ ଦିଗରେ ସ୍ୱାସ୍ଥ୍ୟ ବିଭାଗ ଚୁପ ରହୁଥିବା ଅଭିଯୋଗ ଉଠିଛି। ଏଭଳି ଏକ ନକଲି କ୍ଲିନିକ ପାଟଣାଗଡ଼ ସଦର ମହକୁମା ଠାରୁ ୧୦ କିମି ଦୂର ଯୋଗିମୁଣ୍ଡାରେ ଦେଖିବାକୁ ମିଳିଛି। ଏଠାରେ ମାଲ ମାଲ ବେଆଇନ କ୍ଲିନିକ ଖୋଲି ଲୋକଙ୍କୁ ବେଆଇନ ଚିକିତ୍ସା କରାଯାଉଥିବା ନଜରକୁ ଆସିଛି। ଯୋଗିମୁଣ୍ଡା ଠାରୁ ପଣ୍ଡାମୁଣ୍ଡାକୁ ଯାଇଥିବା ରାସ୍ତାର ଡାହାଣ ପାର୍ଶ୍ୱରେ ଏକ ଔଷଧ ଦୋକାନ ଖୋଲାଯାଇ ନିକଟସ୍ଥ ଷ୍ଟଲରେ ଚାଲିଛି ବେଆଇନ ଚିକିତ୍ସା। ସଞ୍ଜୟ କୁମାର ମେହେର ନାମକ ଯୁବକ ଏହି ଚିକିତ୍ସା କରୁଛନ୍ତି। ତାଙ୍କୁ ଏ ବିଷୟରେ ପଚାରିବାରୁ ଏମିତି ଛୋଟ ଛୋଟ ଚିକିତ୍ସା କରୁଥିବା କହି ସଫେଇ ଦେଉଥିବା ବେଳେ ବାସ୍ତବସ୍ଥିତି କିନ୍ତୁ ଓଲଟା। କ୍ଲିନିକ ପଛପଟେ ବେଡ ପକାଯାଇ ରୋଗୀଙ୍କୁ ଆଡ଼ମିଟ ମଧ୍ୟ କରାଯାଇ ବିଭିନ୍ନ ପ୍ରକାର ଇଞ୍ଜେକ୍ସନ ସହ ସାଲାଇନ ଦିଆଯାଉଛି।ଏକ ଛୋଟ ଶିଶୁକୁ ଇଞ୍ଜେକେସନ ଦେଉଥିବାର ଦୃଶ୍ୟ ମଧ୍ୟ କ୍ୟାମେରାରେ କଏଦ ରହିଛି। ନା ଅଛି କ୍ଲିନିକାଲ ରେଜିଷ୍ଟ୍ରେସନ ନା ଅଛି ସ୍ୱାସ୍ଥ୍ୟ ବିଭାଗର ଅନୁମତି ପତ୍ର। ଖୋଲାଖୋଲି ଭାବେ ଚାଲିଛି ବେଆଇନ ଚିକିତ୍ସା।ସେହିପରି ଯୋଗିମୁଣ୍ଡା ଅଞ୍ଚଳରେ ଆଠରୁ ଦଶଟି ବେଆଇନ କ୍ଲିନିକ ରହିଛି ଓ ବେଆଇନ ଚିକିତ୍ସା ଜାରିରହିଛି। ଗାଁଗୁଡିକର ନିରୀହ ଲୋକଙ୍କୁ ଏଭଳି ନକଲି ଡାକ୍ତର ଗୁଡିକ ଲୁଟି ଚାଲିଥିବା ବେଳେ ବେଳେ ଅନେକ ସମୟରେ ଭୁଲ ଚିକିତ୍ସା ଯୋଗୁଁ ରୋଗୀ ମୃତ୍ୟୁ ମୁଖରେ ପଡୁଥିବା ଭଳି ଗୁରୁତର ଅଭିଯୋଗ ହୋଇଆସୁଛି। ପାଟଣାଗଡ଼ ବ୍ଲକର ଅନେକ ଗାଁ ଗୁଡିକରେ ଏଭଳି ବେଆଇନ କ୍ଲିନିକ ଗଢି ଉଠିଛି।ଏ ସମ୍ପର୍କରେ ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ପୀତବାସ ସା ପାଟଣାଗଡ଼ଙ୍କୁ ବେଆଇନ କ୍ଲିନିକ ବିଷୟରେ ଅବଗତ କରିବାରୁ ଉକ୍ତ କଥାକୁ ସ୍ୱୀକାର କରିବା ସହ ସିଡ଼ିଏମଓଙ୍କ ନିର୍ଦ୍ଦେଶ ହେଲେ ଚଢ଼ଉ କରିବା ପାଇଁ କହିଥିଲେ। ଉପରୋକ୍ତ ଘଟଣା ସମ୍ପର୍କରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପଚାରିବାରୁ ବେଆଇନ କ୍ଲିନିକ ଗୁଡିକ ବିରୋଧରେ ଖୁବ ଶୀଘ୍ର ଦୃଢ଼ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।





# ୫୦ରୁ ଉର୍ଦ୍ଧ୍ୱ କଂଗ୍ରେସରେ ସାମିଲ

**ବଲାଙ୍ଗିର, ୧୫।୫(ସମିସ):** ବଲାଙ୍ଗିର ସଦର ବ୍ଲକ ସ୍ଥିତ ସକମା ପଞ୍ଚାୟତର କୁଟୁରାପାଲି ଗାଁରୁ ୫୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ରଙ୍କ ବାସଭବନସ୍ଥିତ କାର୍ଯ୍ୟାଳୟକୁ ଆସି କଂଗ୍ରେସ ଦଳରେ ସାମିଲ ହୋଇଛନ୍ତି। ସେମାନେ ନରସିଂହ ମିଶ୍ରଙ୍କ ୧୦ ବର୍ଷର ବିକାଶମୁଖୀ ନେତୃତ୍ୱକୁ ଭୁଲି ପାରିବେ ନାହିଁ। ନରସିଂହ ଓ ଯୁବନେତା ସମରେନ୍ଦ୍ରଙ୍କ ବିକାଶମୂଖୀ ରାଜନୀତି ପ୍ରତି ବିଶେଷ ଭାବେ ଆକୃଷ୍ଟ ହୋଇଛନ୍ତି। କ୍ଷମତାରେ ଥାନ୍ତୁ ନା ଥାନ୍ତୁ କଂଗ୍ରେସ ଦଳ ଓ ଏହାର ନେତୃତ୍ୱ ସବୁବେଳେ ସମାଜର ଅବହେଳିତ, ନିଷ୍ପେସିତ, ଗରିବ, ଖଟିଖିଆଙ୍କର ହିତ ପାଇଁ କାମ କରିଥାନ୍ତି।କଂଗ୍ରେସ ଦଳର ନୀତି ଆଦର୍ଶ, ସେବା ମନୋଭାବ ଓ ନରସିଂହ-ସମରେନ୍ଦ୍ରଙ୍କ ନେତୃତ୍ୱ ପ୍ରତି ଆସ୍ଥାପ୍ରକଟ କରି କଂଗ୍ରେସ ଦଳରେ ଯୋଗଦାନ କରିଛନ୍ତି ବୋଲି କହିଛନ୍ତି। ମିଶ୍ରଣ ସମାରୋହରେ ପୂର୍ବତନ ଆଇନମନ୍ତ୍ରୀ ଶ୍ରୀ ମିଶ୍ର ସମସ୍ତ ଗ୍ରାମବାସୀଙ୍କୁ ସ୍ୱାଗତ କରିବା ସହ ଫୁଲ ଓ ଉତ୍ତରୀୟ ଦେଇ କଂଗ୍ରେସ ଦଳରେ ସାମିଲ କରିଛନ୍ତି।

# କାଳବୈଶାଖୀର ତାଣ୍ଡବ, ବଜ୍ରାଘାତରେ ୩ ଗୋରୁ ମୃତ



**ଖପ୍ରାଖୋଲ, ୧୫।୫(ସମିସ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ତେଲେନପାଲି ଗ୍ରାମରେ ଗୁରୁବାର ଅପରାହ୍ନରେ କାଳବୈଶାଖୀ ଯୋଗୁଁ ପବନ ସହିତ ବଜ୍ରାଘାତ ହୋଇଥିଲା। ଏହି ସମୟରେ ତେଲେନାପାଲି ଗ୍ରାମର ଏକ ଆମ୍ବ ତୋଟାରେ ଗୋରୁମାନେ ଗୋଠ କରିଥିଲେ। ତେବେ ବଜ୍ରାଘାତରେ ତିନିଟି ଗୋରୁ ମୃତ ହୋଇଥିବା ଜଣାପଡ଼ିଛି। ଗୋରୁ ଗୁଡିକ ତେଲେନପାଳୀ ଗ୍ରମର ମଡୁଆଳ ବିଶି, ଉସତ ମାଝୀ, ଓ ରତି ପୂଝାରୀଙ୍କ ହୋଇଥିବା ଜଣାପଡ଼ିଛି।

# ପତ୍ନୀଙ୍କ ପ୍ରେମିକଙ୍କୁ ବାନ୍ଧିଲା ସ୍ୱାମୀ

**କଣ୍ଟାବାଞ୍ଜି, ୧୫।୫(ସମିସ):** ଜଣେ ବିବାହିତ ମହିଳାଙ୍କୁ ପ୍ରେମ କରି ବିଦ୍ୟୁତ୍ ଖୁଣ୍ଟରେ ବନ୍ଧା ହେଲା ଯୁବକ।ଏହିଭଳି ଘଟଣା କଣ୍ଟାବାଞ୍ଜି ଥାନା ଅନ୍ତର୍ଗତ କୁର୍ଲିଗାଁରେ ଦେଖିବାକୁ ମିଳିଛ। ଏହି ଗାଁର ଜଣେ ଯୁବତୀ ଅନ୍ୟ ଗାଁରେ ବିବାହ କରିଛନ୍ତି। ମହିଳା ଜଣଙ୍କ ତାଙ୍କ ବାପ ଘରକୁ ଆସିଥିବା ବେଳେ ତାଙ୍କୁ ପ୍ରେମ କରୁଥିବା ପାଟଣାଗଡ଼ ଅଞ୍ଚଳର ଟିକେରାମ ଯୁଏଡ ଗୁରୁବାର କୁର୍ଲିଗାଁରେକୁ ମହିଳାଙ୍କୁ ସାକ୍ଷାତ କରିବାକୁ ଆସିଥିଲେ। ଏହି ସମୟରେ ମହିଳାଙ୍କ ସ୍ୱାମୀ ଉକ୍ତ ଯୁବକ ଟିକେରାମଙ୍କୁ ଧରି ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧିଦେଇଥିଲେ। ଟିକେରାମ ସହ ଆସିଥିବା ସହଯୋଗୀ ମିଶ୍ର ଯୁଏଡକୁ ମଧ୍ୟ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧିଦେଇଥିଲେ। ଘଟଣାସ୍ଥଳରେ କଣ୍ଟାବାଞ୍ଜି ପୁଲିସ ପହଞ୍ଚି ଦୁଇ ଜଣ ଯୁବକଙ୍କୁ ଉଦ୍ଧାର କରିଥିବା ଜଣାପଡ଼ିଛି।

# ୩୦ କିଲୋ ଗଞ୍ଜେଇ ଜବତ, ୩ ଗିରଫ

**ଟିଟିଲାଗଡ଼, ୧୫।୫(ସମିସ):** ଟିଟିଲାଗଡ଼ ରେଳ ଜଙ୍କସନରୁ ୩୦ କିଲୋ ଗଞ୍ଜେଇ ଜବତ ହୋଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କା। ଏନେଇ ସ୍ଥାନୀୟ ଅବକାରୀ ବିଭାଗର ସୂଚନା ମୁତାବକ ଟିଟିଲାଗଡ଼ ରେଳ ଜଙ୍କସନର ୨ ନମ୍ବର ପ୍ଲାଟଫର୍ମରେ ଗଞ୍ଜେଇ ଗଚ୍ଛିତ ସହ ଟ୍ରେନ ଯୋଗେ ଚାଲାଣ ପାଇଁ ପ୍ରୟାସ କରାଯାଇଥିଲା। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଟିଟିଲାଗଡ଼ ଆର୍‌ପିଏଫ ଅଧିକାରୀ ଭଗବାନ ପୁନିଆ, ଟିଟିଲାଗଡ଼ ଅବକାରୀ ଅଧିକାରୀ ଆଶିଷ ବେହେରା, ସବଇନ୍ସପେକ୍ଟର ଭୃଗୁପତି ବିଶ୍ୱାଳ, ଗଗନ ବିହାରୀ ମିଶ୍ର, କୁମୁଦିନୀ ମଲ୍ଲିକ ପ୍ରମୁଖ ଚଢ଼ଉ ସହ ଗଞ୍ଜେଇ ଜବତ କରିଛନ୍ତି।ଏନେଇ ମହାରାଷ୍ଟ୍ରର ଶେଖ ରହିମ, ଜାକିର ଖାନ, ଧୀରଜ କୁମାରଙ୍କୁ ଅବକାରୀ ପୁଲିସ ଗିରଫ ସହ କୋର୍ଟ ଚାଲାଣ କରିଛି।



# ରେଡ୍‌କ୍ରସ୍ ସୋସାଇଟି ପକ୍ଷରୁ ସାମାଜିକ ସେବା ଶିବିର



**ବଲାଙ୍ଗିର, ୧୫।୫(ସମିସ):** ବଲାଙ୍ଗିର ଜିଲ୍ଲା ପ୍ରମୁଖ ପୁର୍ଣ୍ଣକ୍ଷେତ୍ର ତଥା ପର୍ଯ୍ୟଟନସ୍ଥଳୀ ହରିଶଙ୍କର ଠାରେ ୫ ଦିନ ବ୍ୟାପି ହରିଶଙ୍କର ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ରେଡ୍‌କ୍ରସ ସୋସାଇଟି ବଲାଙ୍ଗିର ଶାଖା ତରଫରୁ ବଲାଙ୍ଗିର ଜିଲ୍ଲାପାଳ ତଥା ଜିଲ୍ଲା ରେଡ୍‌କ୍ରସ ସୋସାଇଟିର ସଭାପତି ଗୌ÷ରୱ ଶିବାଜୀ ଇସଲୱାରଙ୍କ ତତ୍ୱାବଧାନ, ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରାଙ୍କ ମାର୍ଗଦର୍ଶନ ଓ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ତଥା ଜିଲ୍ଲା ରେଡ୍‌କ୍ରସ ସୋସାଇଟିର ସମ୍ପାଦକ ସସ୍ମିତା ପ୍ରଧାନଙ୍କ ସଂଯୋଜନାରେ ସାମାଜିକ ସେବା ଶିବିର ଅନୁଷ୍ଠିତ ହୋଇଥିଲା। ପାଟଣାଗଡ଼ ଉପଜିଲ୍ଲାପାଳ ସୁନୀଲ ମେହେର ଶିବିରକୁ ନିରକ୍ଷଣ ଦାୟିତ୍ୱ ନେଇଥିଲେ। ଲକ୍ଷାଧିକ ଶ୍ରଦ୍ଧାଳୁ, ଦୋକାନୀ, ପ୍ରଶାସନୀକ ଅଧିକାରୀ ତଥା ଅନ୍ୟମାନଙ୍କୁ ସେବା ଯୋଗାଇବା ପାଇଁ ସାମାଜିକ ସେବା ଶିବିରର ମୂଳଲକ୍ଷ୍ୟ ଥିଲା। ସାମାଜିକ ସେବା ଶିବିରରୁ ଲୋକମାନଙ୍କୁ ପ୍ରାଥମିକ ଚିକିତ୍ସା ସ୍ଥାନାନ୍ତରଣ, ମନ୍ଦିର ପରିସର ଓ ସନ୍ନିକଟ ଝରଣା ଆବର୍ଜନା ସଫେଇ, ଶୃଙ୍ଖଳା ସହିତ ପରିବେଶ ସଚେତନତା ଆଦି ରେଡ୍‌କ୍ରସ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା। କାର୍ଯ୍ୟକ୍ରମରେ ରେଡକ୍ରସ ସ୍ୱେଚ୍ଛାସେବୀ ଭାବରେ ରାମ ନାରାୟଣ ଦାଶ, ଘନଶ୍ୟାମ ମେହେର, ପ୍ରଭାକର ଛନ୍ଦ, ବନମାଳି ମେହେର, ପ୍ରଶାନ୍ତ କୁମାର ମିଶ୍ର, ଦୁର୍ଯ୍ୟୋଧନ ପଶାୟତ, ସଞ୍ଜିବ ଦାଶ, ହରିଶଙ୍କର ପୁରୋହିତ, ଅମର ବେହେରା, ରୁବି ବେହେରା, ମନୋଜ ବାରିକ, ରାଧେଶ୍ୟାମ ରାଉତ, ଶୃତି ନାଗ, ପ୍ରତୀମା ଭୋଇ, ତେଜସ୍ୱିନୀ ଧରୁଆ, ମାଧୁରି କଠାର, ଲିପୁନ ପଟେଲ ପ୍ରମୁଖ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଜରୁରୀକାଳିନ କାର୍ଯ୍ୟାଳୟର ସଞ୍ଜୟ ମିଶ୍ର, ଜୟନ୍ତ ବେହେରା, ଚନ୍ଦନ କୁମାର ରଥ, ଇସାନେଶ୍ୱର ମିଶ୍ର ତଥା ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ

## ସୋନଗଡ଼ ନଦୀ ଆଡ଼ିବନ୍ଧ କାମରେ ଅନିୟମିତତା

# ବାଲିଆ ମାଟି ସହ ପୁରୁଣା ପଥରରେ ଚାଲିଛି କାମ

**ଦେଓଗାଁ, ୧୫।୫(ସମିସ)**



ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁର ଗଙ୍ଗା କୁହାଯାଉଥିବା ସୋନଗଡ଼ ନଦୀପୋଲ ଉଭୟ ପାର୍ଶ୍ୱରେ ଜଳସମ୍ପଦ ବିଭାଗ ପକ୍ଷରୁ ନୂତନ ଆଡିବନ୍ଧକାମ ଚାଲିଛି। ତେବେ ଉକ୍ତ କାମ ବିଭାଗୀୟ ଏଷ୍ଟିମେଟ ଅନୁସାରେ ହେଉନଥିବା ଅଭିଯୋଗ ହେଉଥିବା ବେଳେ ଆଡିବନ୍ଧର ସ୍ଥାନେସ୍ଥାନେ ବାଲିଆମାଟି ପକାଇଦେଇଥିବାରୁ ଆଡିବନ୍ଧର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପାଖ ଜମିରୁ ସୁବିଧାରେ ମାଟି ମିଳୁଥିବାରୁ ବାଲିଆମାଟିକୁ ମଧ୍ୟ ଆଡିବନ୍ଧରେ ପକାଉଥିବା କିଛି ଚାଷୀ ଅଭିଯୋଗ କରିଛନ୍ତି। ଅନ୍ୟପଟେ ନଦୀର ଡାହାଣପାର୍ଶ୍ୱରେ ପୁରୁଣା ପଥରସୋଲିଂ କାମରୁ ପୁରୁଣା ପଥର କାଢ଼ି ଠିକାଦାର କାମରେ ଲଗାଉଥିବାରୁ ସାଧାରଣରେ ସନ୍ଦେହ ପ୍ରକାଶ ପାଇବାସହ ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ଚାଷୀ ତଥା ଜନସାଧରଣଙ୍କ ସ୍ୱାର୍ଥ ଓ ନଦୀର ରକ୍ଷଣାବେକ୍ଷଣ ପାଇଁ ସରକାର କୋଟି କୋଟି ଟଙ୍କାରେ ଆଡିବନ୍ଧ ପାଇଁ ଅର୍ଥ ମଞ୍ଜୁର କରୁଥିବା ବେଳେ କିଛି ସ୍ୱାର୍ଥାନ୍ଧ ଅଧିକାରୀ ଓ ଠିକାଦାରଙ୍କ ବେପରୁଆ କାର୍ଯ୍ୟପାଇଁ କାମ ନିମ୍ନମାନର ହେବାସହ ଅର୍ଦ୍ଧାଧିକ ଅର୍ଥ ପିସି ତଥା ବାଟମାରଣ ହେଉଥିବା ଅଭିଯୋଗ ହେଉଛି। ସୂଚନାନୁସାରେ ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗରୁ ଦେଓଗାଁ ଏନ୍ଏଚ ସେତୁ ଠାରୁ ରେଲୱେ ଲାଇନ ପର୍ଯ୍ୟନ୍ତ ସୋନଗଡ଼ ନଦୀର ବାମପାର୍ଶ୍ୱ ବନ୍ୟାନିୟନ୍ତ୍ରଣ ପାଇଁ ପ୍ରାୟ ୨କୋଟି୮୭ଲକ୍ଷଟଙ୍କା ବ୍ୟୟରେ ଆଡିବନ୍ଧ ନିର୍ମାଣ ଚାଲିଥିବା ବେଳେ ସେତୁର ଡାହାଣ ପାର୍ଶ୍ୱରେ ମଧ୍ୟ ପ୍ରାୟ ୩କୋଟି ଟଙ୍କାରେ ଆଡିବନ୍ଧ ନିର୍ମାଣ କାମ ଚାଲିଛି। କୋଟି କୋଟି ଟଙ୍କା ବ୍ୟୟରେ ହେଉଥିବା କାମ ପ୍ରତି କେହି ନଜର ନଦେବା ଓ ବିଭାଗୀୟ ଅଧିକାରୀମାନେ ଚୁପ ରହିବା ପରିତାପର ବିଷୟ ବୋଲି ସାଧାରଣରେ ଆଲୋଚନାର ବିଷୟ ପାଲଟିଛି। ଏ ନେଇ ଦାୟିତ୍ୱରେ ଥିବା ଜଳସେଚନ ବିଭାଗ ଯନ୍ତ୍ରୀ ସରୋଜ ବେହେରାଙ୍କୁ ପଚାରିବାରୁ ବାଲିଆମାଟି ଯଦି ମିଶାଯାଉଛି ମୁଁ ଯାଇ ଦେଖିବି ବୋଲି କହିବା ସହ ପୁରୁଣା ପଥର ଲଗାଇବା କିଛି ଅସୁବିଧା ନାହିଁ ବିଲ କରିବା ସମୟରେ ପୁରୁଣା ପଥରକୁ କାଟି ବିଲ ପୈଠ କରାଯିବ ବୋଲି କହିଛନ୍ତି। ଏ ଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

# ରାହୁଲ କଳାହାଣ୍ଡି ଜିଲ୍ଲା ଟପ୍ପର



**ସିନାପାଲି, ୧୫।୫ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଲିଟିଗୁଡ଼ା ଗାଁର ଲକ୍ଷ୍ମଣ କୁମାର ମେହେରଙ୍କ ପୁଅ ରାହୁଲ କୁମାର ମେହେର ସିବିଏସଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ କଳାହାଣ୍ଡି ଜିଲ୍ଲା ଟପ୍ପର ହୋଇଛନ୍ତି। ରାହୁଲ କୁମାର ମେହେର ଭବାନୀପାଟଣାର ପ୍ରଗତି ଯୁକ୍ତଦୁଇ କଲେଜରେ ବାଣିଜ୍ୟ ପାଠ ପଢୁଥିଲେ। ଚଳିତ ବର୍ଷର ଯୁକ୍ତଦୁଇ ସିବିଏସ୍‌ଇ ପରୀକ୍ଷାରେ ୫୦୦ ମାର୍କରୁ ୪୭୮ ମାର୍କ ଆଣିଛନ୍ତି। ସେ ୯୫.୬୦ ପ୍ରତିଶତ ମାର୍କ ରଖିଛନ୍ତି।

# ସହିଦ୍ ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି

**ଭବାନୀପାଟଣା, ୧୫।୫ (ସମିସ):** ପାକିସ୍ତାନ ଆକ୍ରମଣ ଘଟଣାରେ ସହିଦ୍ ସୈନିକଙ୍କ ପାଇଁ ସ୍ଥାନୀୟ ଷ୍ଟାଚ୍ୟୁ ଛକରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଜିଲ୍ଲା କଂଗ୍ରେସ କମିଟି ସଭାପତି ଭାରତ ଭୂଷଣ ବେମାଲ, ଉଛବ ସାହୁ, ଇନ୍ଦ୍ରଜିତ ମହାଖୁଡ, ସରୋଜ ବାଗ, ସୁବାଷ ପ୍ରଧାନ, ମହମ୍ମଦ ସବିର, ମାଣିକ୍ୟ ସୁନା, ଚନ୍ଦ୍ର ଯୋଶୀ, ସୁକାନ୍ତି ସରାଫ, ସିଦ୍ଧାର୍ଥ ନାୟକ, ସୁକାନ୍ତ ବିଶି, ମନ୍ଦାକିନୀ ବାଣୁଆ ପ୍ରମୁଖ ଉପସ୍ଥିତ ଥିଲେ।



# ନୂଆପଡ଼ାରେ ୨୦ରୁ ଧାନ କିଣା

**ନୂଆପଡ଼ା, ୧୫।୫(ସମିସ):**

ନୂଆପଡ଼ା ଜିଲ୍ଲାରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ସମବାୟ ବିକାଶ ଓ ରବି ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଭୀମସେନ ଶବର, ଡିଆର୍‌ସିଏସ୍ ଶିବ ପ୍ରସାଦ ସ୍ୱାଇଁ, ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ରାଉତରାୟ, ଆର୍‌ଏମ୍‌ସି ସମ୍ପାଦକ ଆର୍ଯ୍ୟ କୁମାର ମୁଦୁଲି, ମିଲର୍ସ ପ୍ରତିନିଧି, ସମସ୍ତ ପ୍ରାଥମିକ କୃଷି ସମବାୟ ସମିତି ସମ୍ପାଦକ ପ୍ରମୁଖ ଯୋଗଦାନ କରିଥିଲେ। କିଭଳି ଭାବରେ ସୁରୁଖୁରୁରେ ଜିଲ୍ଲାରେ ରବି ଧାନ ସଂଗ୍ରହ ହୋଇପାରିବ ତା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ। ସୂଚନାଯୋଗ୍ୟ ଯେ ଜିଲ୍ଲାର ସାରାବଙ୍ଗ ପ୍ରାଥମିକ କୃଷି ସମବାୟ ସମିତିରେ ଆଗାମୀ ୨୦ ତାରିଖରୁ ପ୍ରଥମ ଧାନ କିଣା ଆରମ୍ଭ ହେବ। ଜିଲ୍ଲାରେ ୪୧ଟି ପ୍ରାଥମିକ କୃଷି ସମବାୟ କେନ୍ଦ୍ର ଓ ୬ଟି ମହିଳା ସ୍ୱୟଂ ସହାୟକ ଦଳ ଦ୍ୱାରା ଧାନ କିଣା ଯିବ। କୁଇଣ୍ଟାଲ ପ୍ରତି ସହାୟକ ମୂଲ୍ୟ ୨୩୦୦ ଟଙ୍କା ଥିବାବେଳେ ୮୦୦ ଟଙ୍କା ରାଜ୍ୟ ସରକାରଙ୍କ ଦ୍ୱାରା ବୋନସ ପ୍ରଦାନ କରାଯିବ। ଚାଷୀମାନଙ୍କୁ ଧାନ ବିକ୍ରି ସମ୍ବନ୍ଧୀୟ ସମସ୍ତ ସୂଚନା ପ୍ରଦାନ ସହିତ ସେମାନଙ୍କୁ ସଚେତନ କରିବା ପାଇଁ ସମସ୍ତ ୫ଟି ବ୍ଲକରେ ୫ଟି ସଚେତନତା ରଥ ବୁଲିବ। ସେଗୁଡ଼ିକୁ ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ସବୁଜ ପତାକା ପ୍ରଦର୍ଶନ କରି ଶୁଭାରମ୍ଭ କରିଥିଲେ। ଜିଲ୍ଲାରେ ସୂଚାରୁ ରୂପେ ରବି ଧାନ ସଂଗ୍ରହ ପାଇଁ ଜିଲ୍ଲାପାଳ ସମସ୍ତ ଚାଷୀ, ମିଲର ଏବଂ ସମ୍ପୃକ୍ତ ଅଧିକାରୀଙ୍କ ସହଯୋଗ କାମନା କରିଛନ୍ତି।

# ପର୍ଲାରେ ଫାଣ୍ଡି ସ୍ଥାପନ ପାଇଁ ଜମି ଚିହ୍ନଟ



**ଧର୍ମଗଡ଼, ୧୫।୫(ସମିସ):** ଧର୍ମଗଡ଼ ଥାନା ପର୍ଲା ଗ୍ରାମରେ ଫାଣ୍ଡି ପ୍ରତିଷ୍ଠା ହେବ। ଏଥିଲାଗି ପ୍ରଶାସନିକସ୍ତରରେ ପ୍ରସ୍ତୁତି ପ୍ରଣାଳୀ ଆରମ୍ଭ ହୋଇଛି। ଧର୍ମଗଡ଼ ଥାନା ଅଧିକାରୀ ପ୍ରଶାନ୍ତ କୋଲାହର, ସହ ଅଧିକାରୀ ବିରେନ୍ଦ୍ର ପଣ୍ଡା, ପର୍ଲା ରାଜସ୍ୱ ନିରୀକ୍ଷକ ରତେନ୍ଦ୍ର ନିଆଲ, ସରପଞ୍ଚ ବ୍ରିଜଲାଲ ନାଏକଙ୍କ ସମେତ ଗ୍ରାମବାସୀଙ୍କ ଉପସ୍ଥିତିରେ ଜମି ଚିହ୍ନଟ କରାଯାଇଛି। ଗ୍ରାମବାସୀଙ୍କ ଅନୁରୋଧ କ୍ରମେ ପର୍ଲା-ଜୟନ୍ତପୁର ରାସ୍ତାରେ ଏହି ଜମି ଚିହ୍ନଟ ହୋଇଛି। ଫାଣ୍ଡି ସ୍ଥାପନ ପାଇଁ ଧର୍ମଗଡ଼ ତହସିଲଦାର ୫ ଏକର ସରକାରୀ ଜମି ଯୋଗାଇ ଦେଇଛନ୍ତି। ଖୁବ ଶୀଘ୍ର ଫାଣ୍ଡି ସ୍ଥାପନ ହେବ ବୋଲି ଥାନା ଅଧିକାରୀ ଶ୍ରୀ କୋଲାହର ପ୍ରକାଶ କରିଛନ୍ତି। ଜମି ଚିହ୍ନଟ ସମୟରେ କ୍ରିୟାନୁଷ୍ଠାନ କମିଟି ସଭାପତି ବ୍ରିଜଲାଲ ନାଏକ, ବିଜେପି ମଣ୍ଡଳ ପ୍ରତିନିଧି ପରାସର ସାହୁ, ବିଜେପି ବୁଥ୍ ସଭାପତି ଲଛମନ ଗୋପାଳ, ଅରକ୍ଷିତ ବାରିକ, ସୁବାସ ଦାସ, ପୂର୍ବତନ ସମିତି ସଭ୍ୟ ଅରୁଣ ଜାଲ, ଗୌରୀ ଗୋପାଳ, କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ହେତୁରାମ ମେହେର, ଲଛମନ ଦାସ, ପଦ୍ମରାମ ଶବର, ପବିତ୍ର ଗୋପାଳ, ପୂର୍ବତନ ସମିତି ସଭ୍ୟ ଗୟାରାମ ଖରସେଲ, ଲଛମନ ନାଏକ, ମଧୁସୂଦନ ବାଗ, କନ୍ଦର୍ପ ଦାସ, ଚନ୍ଦ୍ରଗୁପ୍ତ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ମରଣଯନ୍ତା ପାଲଟିଛି ରାସ୍ତା

**ଭବାନୀପାଟଣା, ୧୫।୫(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଜୋରାଡବରା ପଞ୍ଚାୟତ କୁସୁର୍ଲା ହରଗୋରି ମନ୍ଦିର ଛକ ସିଲେଟପଡ଼ା ରାସ୍ତା ମରଣଯନ୍ତା ପାଲଟିଛି। ୨୦୧୫ରେ ଏହି ରାସ୍ତା ପିଚୁ ହୋଇଥଲା। ଏହାପରେ ଆଉ ମରାମତି କରାଯାଇନି। ସାମାଜିକ କର୍ମୀ ଗୋପୀନାଥ ସାହୁ, ଚୈତନ୍ୟ ସାହୁ, ଦ୍ରୋଣ ସାହୁ, ନୀଳାମ୍ବର ସାହୁ, ଜନ୍ମଜୟ କର୍ଣ୍ଣ, ଗଜାନନ ଯୁବକ ସଂଘର ସମ୍ପାଦକ ଅଶୋକ ସାହୁ, ତପିନ୍ଦ୍ର ସାହୁ ପ୍ରମୁଖ ଏହି ଅଭିଯୋଗ କରିଛନ୍ତି। ତୁରନ୍ତ ସମସ୍ୟାର ସମାଧାନ ନ ହେଲେ ସେମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।



# ତରବୋଡ଼ ବଡ଼ ବନ୍ଧ ସଫେଇ କଲେ ଗ୍ରାମବାସୀ

**କୋମନା, ୧୫।୫(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ତରବୋଡ଼ ନିକଟରେ ପରିତ୍ୟକ୍ତ ଭାବରେ ରହିଥିବା ବଡ଼ବନ୍ଧକୁ ସ୍ଥାନୀୟ ଯୁବବର୍ଗଙ୍କ ପ୍ରୟାସରେ ସଫେଇ କରାଯାଇଛି। ନୂଆପଡ଼ା ଯୁବ କଂଗ୍ରେସ ସଭାପତି ଅମିତ ଅହିରଙ୍କ ନେତୃତ୍ୱରେ ଶତାଧିକ ଯୁବକ ଏହି ସଫେଇ କାର୍ଯ୍ୟକ୍ରମରେ ଶ୍ରମଦାନ କରିଥିଲେ। ମୁନାରାମ ଅହୀର, ପ୍ରଫୁଲ୍ଲ ବୁଦ୍ଧିଆ, ଗଦାଧର ଗହୀର, ପରଶ ଅହୀର, ସଞ୍ଜୀବ ପାଣିଗ୍ରାହୀ, ଅର୍ଜୁନ ଜଗତ, ନୃସିଂହ ସାହୁ, ଫୁଲମତି ମାଝୀ, ଲଳିତା ମୋହରା, ଅବନୀ ମାଝୀ, ଚନ୍ଦ୍ରକାନ୍ତି ସେଠୀ, ଘାସିରାମ ଭୋଇ, ପରଦେଶୀ ମେହେର ପ୍ରମୁଖ ସାମିଲ ହୋଇଥିଲେ। ବଡ଼ବନ୍ଧ ଦୀର୍ଘ ଦିନରୁ ସଫେଇ ହେଉ ନଥିବାରୁ ଲୋକଙ୍କ ଗାଧୋଇବାରେ ସମସ୍ୟା ହେଉଥିଲା। ଯାହାଦ୍ୱାରା ଗ୍ରାମରେ ଯୁବବର୍ଗଙ୍କ ଏକ ବୈଠକ ଅନୁଷ୍ଠିତ ହୋଇ ପୋଖରୀ ସଫେଇ କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।

## ପୂର୍ବତନ ସରପଞ୍ଚଙ୍କର ରସାୟନ ବିଜ୍ଞାନରେ ଡକ୍ଟରେଟ ଲାଭ



କରଣୀ ବ୍ଲକ ଅନ୍ତର୍ଗତ ଛତାବର ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ଗବେଷିକା ମନସ୍ୱିନୀ ମିଶ୍ର, ଶିକ୍ଷା ଓ ଅନୁସନ୍ଧାନ ୟୁନିଭର୍ସିଟିରୁ ରସାୟନ ବିଜ୍ଞାନରେ ପି.ଏଚ୍.ଡି ଲାଭ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ଡକ୍ଟର ଉପେନ୍ଦ୍ର ନାଥ ଦାଶ ଏବଂ ସୋଏଅର ପ୍ରଫେସର ଡ.ନନ୍ଦିତା ସ୍ୱାଇଁ ଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ମନସ୍ୱିନୀ ମିଶ୍ରଙ୍କ ସନ୍ଦର୍ଭ Physicochemical Studies of Ternary Mixtures of Extractants and Diluents ଅନ୍ଧ୍ରପ୍ରଦେଶ ୟୁନିଭର୍ସିଟିର ପୂର୍ବତନ ଭି.ସି, ତଥା ବରିଷ୍ଠ ପ୍ରଫେସର ନାଗେଶ୍ୱର ରାଓ ... ଏବଂ ଇରାନ୍ ଦେଶର ଆମିର କାବିର ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜିର ... ବରିଷ୍ଠ ଶିକ୍ଷାବିତ୍ ଡକ୍ଟର ... ଙ୍କ ଅନୁମୋଦନ ଦ୍ୱାରା ଏହା ପ୍ରଶଂସିତ ହୋଇଛି। ମନସ୍ୱିନୀ ... ଜିଲ୍ଲା ଅନ୍ତର୍ଗତ କରଣୀ ନିର୍ବାଚନ ମଣ୍ଡଳୀର ... ଶାସନ ଗ୍ରାମର ଅବସରପ୍ରାପ୍ତ ସଂସ୍କୃତ ପଣ୍ଡିତ ଶ୍ରୀଯୁକ୍ତ ମଧୁସୂଦନ ମିଶ୍ର ଏବଂ ଶ୍ରୀମତୀ କଳ୍ପନା ମିଶ୍ରଙ୍କ ଝିଅ। ... ଛତାବର ... ଶ୍ରୀଯୁକ୍ତ ... ଏବଂ ଶ୍ରୀମତୀ ଲକ୍ଷ୍ମୀପ୍ରିୟା ଦେଓଙ୍କର କୁଳବଧୂ ଅଟନ୍ତି। ... ଶିକ୍ଷା ଓ ଅନୁସନ୍ଧାନ (ସୋଅ) ର ... ପ୍ରଫେସର ଡକ୍ଟର ମନୋରଞ୍ଜନ ନାୟକ, ... ପ୍ରଫେସର ଡକ୍ଟର ପ୍ରଦୀପ କୁମାର ନନ୍ଦ, ... ପ୍ରଫେସର ଡକ୍ଟର ... କୁମାର ନାଥ, ପ୍ରଫେସର ମାଳା ଦାଶ, ଅବସରପ୍ରାପ୍ତ ପ୍ରଫେସର ଡକ୍ଟର ଉପେନ୍ଦ୍ର ନାଥ ଦାଶ, ପ୍ରଫେସର ସୁଜାତା ମିଶ୍ର, ଅବସରପ୍ରାପ୍ତ ପ୍ରଫେସର IMMT ର ମୁଖ୍ୟ ବୈଜ୍ଞାନିକ ଡ.ସରୋଜ ସିଂହ ଏବଂ ... ୟୁନିଭର୍ସିଟିର ପ୍ରଫେସର ... ଙ୍କ ନିକଟରେ ମନସ୍ୱିନୀ ନିଜର କୃତଜ୍ଞତା ଜଣାଇଛନ୍ତି। ମନସ୍ୱିନୀ ମିଶ୍ରଙ୍କ ସ୍ୱାମୀ ଶ୍ରୀଯୁକ୍ତ ବିଷ୍ଣୁପ୍ରସାଦ ଦେଓ କରଣୀ ବ୍ଲକ୍ ଅନ୍ତର୍ଗତ ଛତାବର ପଞ୍ଚାୟତର ବର୍ତ୍ତମାନ ସରପଞ୍ଚ ଅଟନ୍ତି।



ଓଡ଼ିଆ ଦୈନିକ ଖବରକାଗଜ 'ସକାଳ' ସମ୍ବଲପୁର ଛାପା ସଂସ୍କରଣର ଚତୁର୍ଥ ସ୍ୱନକ୍ଷତ୍ର ଦିବସ ଅବସରରେ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ
**ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ**
ବିଜେଡି ରାଉରକେଲା ଜିଲ୍ଲା ସାଂଗଠନିକ ସଭାପତି, ବଣାଇଁ


ଓଡ଼ିଆ ଦୈନିକ ଖବରକାଗଜ 'ସକାଳ' ସମ୍ବଲପୁର ଛାପା ସଂସ୍କରଣର ଚତୁର୍ଥ ସ୍ୱନକ୍ଷତ୍ର ଦିବସ ଅବସରରେ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ
**ପ୍ରତାପ କୁମାର ସାହୁ**
ଫରେଷ୍ଟର ମଙ୍କୁରଡିମା , ଜର୍ଡା ରେଞ୍ଜ, ବଣାଇଁ ବନଖଣ୍ଡ


ଓଡ଼ିଆ ଦୈନିକ ଖବରକାଗଜ 'ସକାଳ' ସମ୍ବଲପୁର ଛାପା ସଂସ୍କରଣର ଚତୁର୍ଥ ସ୍ୱନକ୍ଷତ୍ର ଦିବସ ଅବସରରେ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ
**ରାଜୁ ପୃଷ୍ଟେଠ**
ନିର୍ଦ୍ଦେଶକ ଗୌରୀ ନର୍ସିଂ କଲେଜ, ବଣାଇଗଡ (ମଧୁପୁର)


ଓଡ଼ିଆ ଦୈନିକ ଖବରକାଗଜ 'ସକାଳ' ସମ୍ବଲପୁର ଛାପା ସଂସ୍କରଣର ଚତୁର୍ଥ ସ୍ୱନକ୍ଷତ୍ର ଦିବସ ଅବସରରେ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ
**ଅଭିନାଶ ବ୍ରହ୍ମ**
ଯୁବମୋର୍ଚ୍ଚା ସଭାପତି
ଭାରତୀୟ ଜନତା ପାର୍ଟି, ବଣାଇଁ

SEWAK
Strengthening Rural & Tribal Communities

ସମାଜର ଅବହେଳିତ, ନିଷ୍ପେସିତ, ଗରିବ, ଅତି ଗରିବ, ଆଦିବାସୀ ତଥା ଜଙ୍ଗଲ ଉପରେ ନିର୍ଭରଶୀଳ ପରିବାରଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ତଥା ଏକ ଚିରସ୍ଥାୟୀ ଜୀବିକା ଯୋଗାଇବା ସଙ୍ଗେ ସଙ୍ଗେ ପ୍ରାକୃତିକ ସମ୍ବଳର ସୁପରିଚାଳନା ତଥା ଜଳ, ଜମି, ଜଙ୍ଗଲର ସୁରକ୍ଷା ନିମନ୍ତେ ସ୍ୱେଚ୍ଛାସେବୀ ଅନୁଷ୍ଠାନ "ସେବକ" ଦୀର୍ଘ ୨୯ ବର୍ଷ ଧରି କାର୍ଯ୍ୟରତ। ଆସନ୍ତୁ ସମସ୍ତେ ମିଳିମିଶି ଏକ ସୁସ୍ଥ, ସବୁଜ ଓ ସୁନ୍ଦର ସମାଜ ଗଠନ କରିବା।

"ସେବକ"
ରଙ୍ଗିଆମୁଣ୍ଡା, ସୁନ୍ଦରଗଡ
ମୋବାଇଲ - ୯୪୩୭୦୦୧୧୩୬
ୱେବସାଇଟ - www.sewak.org

JEETA

ଜିତା ଅନୁଷ୍ଠାନ ବିଗତ ୩୦ ବର୍ଷ ହେଲା ମହିଳା ଓ ଶିଶୁ ମାନଙ୍କ ଅଧିକାରର ଓ ସୁରକ୍ଷା ପାଇଁ କାର୍ଯ୍ୟ ରତ। ଗତ ୨୦୨୩ ମସିହା ରୁ ଜିତା ସୁନ୍ଦରଗଡ଼ ଜିଲ୍ଲାରେ ବାଲ୍ୟ ବିବାହ, ଶିଶୁ ଶ୍ରମିକ, ଶିଶୁ ଚାଲାଣ ଓ ଶିଶୁ ଯୌନଶୋଷଣ ରୋକିବା ପାଇଁ ଜଷ୍ଟ ରାଇଟ୍ସ ଫର୍ ଚିଲ୍ଡ୍ରେନ୍ସ ଆଲିଅାନସ୍ ଓ ଜିଲ୍ଲା ପ୍ରଶାସନ ସହାୟତାରେ ସଚେତନତା କାର୍ଯ୍ୟକ୍ରମ ଜାରି ରଖିବା ସହିତ ବାଲ୍ୟ ବିବାହ ବନ୍ଦ କରିବା ଓ ଆଗାମୀ ଦିନରେ ବାଲ୍ୟ ବିବାହ ନକରିବା ପାଇଁ ଶପଥଗ୍ରହଣ କରାଇବା , ଶିଶୁ ଶ୍ରମିକ ଏବଂ ଶିଶୁ ଚାଲାଣ କୁ ଚିହ୍ନଟ କରି ଜିଲ୍ଲା ପ୍ରଶାସନ ଓ ଶ୍ରମ ଅଧିକାରୀ ଙ୍କ ଗୋଚରକୁ ଉଦ୍ଧାର ପାଇଁ ଆଣିବା ସହିତ ଏଥିରେ ସହଯୋଗ ମଧ କରାଯାଇଛି। ଜିଲ୍ଲା ପ୍ରଶାସନ ସହାୟତାରେ ସୁରକ୍ଷା ଏବଂ ସହାୟତା ଦରକାର ଥିବା ଶିଶୁ ଙ୍କ ସୁରକ୍ଷା ପାଇଁ ଜିତା ଅନୁଷ୍ଠାନ ତାର ପ୍ରୟାସ ଜାରି ରଖିଛି ଓ ସୁନ୍ଦରଗଡ଼ ଜିଲ୍ଲା କୁ ଏକ ବାଲ୍ୟ ବିବାହ ମୁକ୍ତ, ଶିଶୁ ସୁଲଭ ଜିଲ୍ଲା କରିବା ପାଇଁ କାର୍ଯ୍ୟରତ।

ସୁନ୍ଦରଗଡ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, ସୁନ୍ଦରଗଡ –୭୭୦ ୦୦୧
The Bank that cares for Agriculture family of the District

- ଜିଲ୍ଲାର ମୋଟ କୃଷିରଣର ପ୍ରାୟ ୮୦ ଭାଗ ରଣ ଯୋଗାଇ ଜିଲ୍ଲା କୃଷି ଅର୍ଥନୀତି ସମୃଦ୍ଧ କରିବାର ଏହି ବ୍ୟାଙ୍କ ଏକ ଅଗ୍ରଣୀ ଭୂମିକା ନିର୍ବାହ କରିଆସୁଅଛି।
- ସ୍ୱଳ୍ପମିଆଦି କୃଷିରଣକୁ ଠିକ୍ ସମୟରେ ପରିଶୋଧ କରୁଥିବା ଚାଷୀଭାଇ ମାନଙ୍କୁ ୧ .୦୦ ଲକ୍ଷ ଟଙ୍କା ରଣ ପର୍ଯ୍ୟନ୍ତ ୦%(ଶୂନ) ପ୍ରତିଶତ ଓ ୧.୦୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ ୩.୦୦ ଲକ୍ଷ ଟଙ୍କା ରଣ ପର୍ଯ୍ୟନ୍ତ ଶତକଡା (୨%) କେବଳ ମାତ୍ର ସୁଧ ଦେବାକୁ ପଡିଥାଏ। ସେହିଭଳି ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ରଣ ପ୍ରଦାନ କ୍ଷେତ୍ରରେ ମଧ୍ୟ ଠିକ୍ ସମୟରେ ପରିଶୋଧ କରୁଥିବା ଗୋଷ୍ଠୀଙ୍କୁ ୧୦.୦୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତର ରଣକୁ ସରକାରଙ୍କ ନୂତନ ନିୟମ ଅନୁସାରେ ବିନା ସୁଧରେ ପ୍ରଦାନ କରାଯାଉଅଛି।
- ସ୍ୱଳ୍ପମିଆଦି କୃଷିରଣ ବ୍ୟତିତ ବିଭିନ୍ନ ମଧ୍ୟମ ଓ ଦୀର୍ଘ କାଳୀନ ରଣ ଯଥା – କୃଷି ଯନ୍ତ୍ରପାତି ଓ ଉପକରଣ, ଗୋପାଳନ, ମତ୍ସ୍ୟଚାଷ, କୁକୁଡା ପାଳନ, କୂପଖନନ, ବତକ ପାଳନ, ଛେଳି ପାଳନ, କ୍ଷୁଦ୍ର ବ୍ୟବସାୟ, କ୍ଷୁଦ୍ର ଶିଳ୍ପ ଓ କାରିଗରୀ, ଗୃହ ନିର୍ମାଣ, ଉଦ୍ୟାନ କୃଷି, ଗାଡି ମଟର କ୍ରୟ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ଯୁଗ୍ମ ଦେୟ ଗୋଷ୍ଠୀମାନଙ୍କ ଆବଶ୍ୟକ ଅନୁସାରେ କୃଷି ଓ ଅଣକୃଷି କାର୍ଯ୍ୟପାଇଁ ରଣ ପ୍ରଦାନର ବ୍ୟବସ୍ଥା।
- ସରକାରଙ୍କର ଯୋଜନା ମୁତାବକ ବିଜ୍ଞାପିତ ଫସଲ ପାଇଁ କୃଷିବୀମା କରାଯାଇଥାଏ।
- ଜମାକାରୀ ମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା (PMSBY) ଏବଂ ଜୀବନଜ୍ୟୋତି ବୀମା ଯୋଜନା (PMJBY) ର ପ୍ରଚଳନ।
- ସମସ୍ତ କିଷାନ କ୍ରେଡିଟ୍ କାର୍ଡ ଧାରୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଯୁଗ୍ମ ଦେୟ ଗୋଷ୍ଠୀର ସଭ୍ୟ /ସଭ୍ୟା ମାନଙ୍କ ପାଇଁ ୫.୦୦ ଲକ୍ଷ ଟଙ୍କାର ଦୁର୍ଘଟଣା ଜନିତ ବ୍ୟକ୍ତିଗତ ବୀମା ବ୍ୟବସ୍ଥା।
- ସମସ୍ତ ସଂଚୟ (Savings) ଖାତା ଜମାକାରୀ ଙ୍କର ହାରାହାରି ମାସିକ ଜମାରାଶି ଟ ୧୦,୦୦୦/- କିମ୍ବା ତଦୁର୍ଦ୍ଧ ଥିଲେ ଟ ୫.୦୦ ଲକ୍ଷ ପର୍ଯ୍ୟନ୍ତ ଦୁର୍ଘଟଣା ଜନିତ ମୃତ୍ୟୁ ପାଇଁ ବିନା ମୂଲ୍ୟରେ ଉପଲବ୍ଧ କରିପାରିବେ।
- ମଧ୍ୟମ ଓ ଦୀର୍ଘ କାଳୀନ କୃଷି ତଥା ଆନୁସଙ୍ଗିକ କୃଷି ରଣ ପାଇଁ ଉପଭୋକ୍ତାଙ୍କୁ ସୁଧରେ ରିହାତି ପ୍ରଦାନ କରାଯାଇଥାଏ।
- ବ୍ୟାଙ୍କର IFSCODE-ORCB0SUN001
- IMPS, NEFT, RTGS, AEPS, PoS, CTS Clearing ସମେତ ATM ଓ RuPay କାର୍ଡ ମାଧ୍ୟମରେ ଉନ୍ନତ ବ୍ୟାଙ୍କିଙ୍ଗ ସେବା ଦିଆଯାଏ ଏବଂ ସମିତି ମାନଙ୍କରେ Micro ATM ମାଧ୍ୟମରେ କୃଷକ ମାନଙ୍କ ପାଇଁ ଟଙ୍କା ଉଠାଣ କରିବାର ସୁବିଧା ଉପଲବ୍ଧ ଅଛି।

ସବିଶେଷ ବିବରଣୀ ପାଇଁ ନିକଟସ୍ଥ ଶାଖା ବ୍ୟାଙ୍କ ତଥା ଲ୍ୟାମ୍ପସ୍ ସହିତ ଯୋଗାଯୋଗ କରନ୍ତୁ।

ଶ୍ରୀ ରବିନ୍ଦ୍ର ନାଥ କାଲୁଣ୍ଡିଆ
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

ପରିଚାଳନା ପରିଷଦ

ଡ. ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ
ସଭାପତି

ଶ୍ରୀମତି କାମିନୀ ମହାପାତ୍ର, ଶ୍ରୀ ପର୍ଶୁରାମ ସାହୁ, ଶ୍ରୀ ଆଲୋକ ପ୍ରକାଶ ପଟେଲ, ଶ୍ରୀମତି ବାସନ୍ତୀ ସାମନ୍ତ, ଶ୍ରୀ ଫଂଟା ବାର୍ଲା, ଶ୍ରୀ ଜଟିଆ ମୁଣ୍ଡା, ଅବଦୁଲ ସଇଦ, ଶ୍ରୀମତି ସୁଷମା ସରୋଜିନୀ ଟେଟେ, ଶ୍ରୀ ଅମିତ ଲାକ୍ରା, ଶ୍ରୀ ମହେଶ ନାଗ, ଶ୍ରୀମତି ଲକ୍ଷ୍ମୀ ମହାନନ୍ଦ, ଶ୍ରୀ ସୁଧିର ରଂଜନ ପଟେଲ, କୁମାରୀ ସନ୍ଧ୍ୟାରାଣୀ ନାଏକ, ଶ୍ରୀ ମନୋରଂଜନ ଦାଶ

ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ସୁନ୍ଦରଗଡ
ଗ୍ରୀଷ୍ମ ଛୁଟିରେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ
ଛାତ୍ରଛାତ୍ରୀଙ୍କ ପାଇଁ ଗ୍ରୀଷ୍ମକାଳୀନ ଶିକ୍ଷା କାର୍ଯ୍ୟକ୍ରମ

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଏକାଡେମିକ୍ କ୍ୟାଲେଣ୍ଡର ଅନୁଯାୟୀ, ଆସନ୍ତା ଜୁନ୍ ୧୯ ତାରିଖ ପର୍ଯ୍ୟନ୍ତ ଖରା ଛୁଟି ହେବ। ଏହି ଖରା ଛୁଟି ସମୟକୁ ଛାତ୍ରଛାତ୍ରୀମାନେ କିପରି ସଦୁପଯୋଗ କରିବେ, ଓସେପାର ପତ୍ର ସଂଖ୍ୟା ୪୮୩୩ ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଛି। ଏହି ଛୁଟିରେ ସମସ୍ତ ଶିକ୍ଷଣ କାର୍ଯ୍ୟକ୍ରମକୁ ନିରନ୍ତର ଭାବରେ କାର୍ଯ୍ୟକାରୀ କରାଯିବ। ଛାତ୍ରଛାତ୍ରୀମାନେ ଛୁଟି ଉପଭୋଗ କରିବା ସହିତ ପାଠ୍ୟକ୍ରମ ସହ ମଧ୍ୟ ସଂପୃକ୍ତ ରହିବେ। ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ନେଇ ହ୍ୱାଟସଆପ୍ ଗ୍ରୁପ ଗଠନ କରି ଶିକ୍ଷକ ଶିକ୍ଷୟତ୍ରୀ ମାନେ ଶିକ୍ଷା ଦାନ କରିବେ। ମୌଳିକ ଜ୍ଞାନ ଆଧାରିତ ଗୃହକାର୍ଯ୍ୟ, ବର୍ଣ୍ଣ ବୋଧ ପଠନ, ମାତ୍ରା ଶିଖିବାର କୌଶଳ, ମୌଖିକ ଭାଷାର ବିକାଶ ଇତ୍ୟାଦିକୁ ଗୁରୁତ୍ୱ ପ୍ରଦାନ କରାଯିବ। ଅଭିଭାବକମାନଙ୍କୁ ମଧ୍ୟ ଶିକ୍ଷକ ହ୍ୱାଟସଆପ୍ ମାଧ୍ୟମରେ ଭିଡିଓ ଆଧାରିତ ଶିକ୍ଷଣ କାର୍ଯ୍ୟ ପଠାଇବେ। ଯଦି କୌଣସି ଅଭିଭାବକଙ୍କର ମୋବାଇଲ ଫୋନ୍ ନ ଥିବ, ସେମାନେ ପଡୋଶୀଙ୍କ ସହ ଯୋଗାଯୋଗ କରି ଫୋନ୍ ରେ ଆସୁଥିବା ଶିକ୍ଷଣ କାର୍ଯ୍ୟକୁ ପିଲାମାନଙ୍କୁ ପ୍ରଦାନ କରିବା ସହିତ ତାହାର ସମୟାନୁଯାୟୀ ତଦାରଖ ମଧ୍ୟ କରିବେ। ଆବଶ୍ୟକ ସ୍ଥଳେ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ଯୋଗାଯୋଗ କରିବେ। ଖରାଛୁଟିରେ ପିଲାମାନେ କରିଥିବା ଶିକ୍ଷଣ କାର୍ଯ୍ୟକୁ ବିଦ୍ୟାଳୟ ଖୋଲିଲେ ଶିକ୍ଷକଙ୍କ ନିକଟରେ ଦାଖଲ କରିବେ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ଉପରିସ୍ଥ ଅଧିକାରୀମାନେ ସମ୍ପୂର୍ଣ୍ଣ ତଦାରଖ କରିବେ।

-ସ୍ୱା-
ଜିଲ୍ଲା ଶିକ୍ଷା ଅଧିକାରୀ-ତଥା- ଜିଲ୍ଲା ପ୍ରକଳ୍ପ ସଂଯୋଜକ
ସମଗ୍ର ଶିକ୍ଷା, ସୁନ୍ଦରଗଡ଼

MMJJM

ରାଜ୍ୟରେ ଜନଜାତି ମାନଙ୍କର ବିକାଶ ତଥା ଜନଜାତି ସମ୍ପ୍ରଦାୟର ଜୀବିକାରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର "ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ" କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଆଦିବାସୀ କୃଷକ ଏବଂ ସେମାଙ୍କର ଅନୁଷ୍ଠାନ ଗୁଡିକ ସହ ଓତଃପ୍ରୋତ ଭାବେ କାର୍ଯ୍ୟକରି,ସେମାନଙ୍କୁ କୃଷି ଓ ଅଣକୃଷି କାର୍ଯ୍ୟକ୍ରମରେ ନିୟୋଜିତ କରି ଆୟବୃଦ୍ଧି କରିବା ଏହାର ମୂଳ ଲକ୍ଷ୍ୟ।

ସୁନ୍ଦରଗଡ ଆଦିବାସୀ ଉନ୍ନୟନ ସଂସ୍ଥା ଅଧୀନରେ ୯ ଟି ବ୍ଲକରେ ୪୧ ଟି ଜନଜାତି ଜୀବିକା ପରିଷଦ ଗଠନ କରାଯାଇ ଆଦିବାସୀ ହିତାଧିକାରୀଙ୍କୁ ବିଭିନ୍ନ ପ୍ରକାରର ବିହନ ଯଥା- ଆଳୁ, ପିଆଜ, ଲଙ୍କା, ବିଲାତି-ବାଇଗଣ, ବାଇଗଣ, ଫୁଲକୋବି,




ସୋରିଷ, ଭେଣ୍ଡି, କଲରା, ମକା, ମଧୁର ମକା, ଶିମିଳା ଲଙ୍କା, ତରଭୁଜ, ମଟର ଚଣା , ବାଦାମ, ବିରି ଓ କୋଳଥ ଚାଷ କରିବାପାଇଁ ଦିଆଯାଇଛି।ବିହନସାଥିରେ ଜୈବିକସାର, ଅଣୁସାର, ବିଶୋଧକ (ଟ୍ରାଇକୋଡେର୍ମା) ଓ କୀଟନାଶକ ଭାବରେ ନିମ୍ବତେଲ ଦିଆଯାଇଛି। ଚାଷୀମାନେ ଏହି ବିହନ ସବୁ ବିନା ମୂଲ୍ୟରେ ପାଇ ଉତ୍ପାଦିତ ଫସଲକୁ ବିକ୍ରିକରି ତାଙ୍କର ଆର୍ଥିକ ସ୍ଥିତି ସୁଦୃଢ଼ କରିପାରୁଛନ୍ତି। ୪୧ ଟି ପରିଷଦ ୪୧ ଗୋଟି ଜନଜାତି ସାଥି ଓ ୧୧୬ ଗୋଟି ଯୁବ ଲଘୁ ଉଦ୍ୟୋଗୀ ଚୟନ କରାଯାଇଛି। ସେଥିମଧ୍ୟରୁ ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ୧୧୬ ଜଣଙ୍କୁ , ଜଣକୁ ୧୦୦୦୦୦ ଲକ୍ଷ ଟଙ୍କା ହିସାବରେ ୧୧୬୦୦୦୦୦ ଲକ୍ଷ ଟଙ୍କା ବିଭିନ୍ନ ଲଘୁ ଉଦ୍ୟୋଗ ସ୍ଥାପନ ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଅଛି।






## ଗାଁଦାଣ୍ଡ ତାସ୍ ଆଡ୍ଡାରେ ଚଢ଼ିଗଲା କାର୍; ୪ ଗୁରୁତର

**ଭଦ୍ରକ,୧୫।୫(ସମିସ):** ଗାଁ ଦାଣ୍ଡରେ ଏମିତିରେ ତାସ୍ ଖେଳୁଥିବା ବେଳେ ଚଢ଼ିଗଲା କାର। ଏଥିରେ ୪ ଜଣ ଗୁରୁତର ଆହତ ହୋଇ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ ହୋଇଛନ୍ତି। ଆହତମାନେ ହେଲେ ସନାତନ ସାହୁ, ତ୍ରିଲୋଚନ ସାହୁ, ଶ୍ରୀକାନ୍ତ ସାହୁ, କ୍ଷେତ୍ରବାସୀ ସାହୁ। ଉକ୍ତ କାର୍‌ର ଡ୍ରାଇଭରକୁ ଚାନ୍ଦବାଲି ପୁଲିସ ଅଟକ ରଖିଥିବା ସହ କାର୍‌ଟିକୁ ଜବତ କରି ତଦନ୍ତ ଚଳାଇଛି। ଚାନ୍ଦବାଲି ଥାନା ବେତଦହଣ ଗାଁ ମୁଣ୍ଡରେ ୪ ଜଣ ତାସ ଖେଳୁଥିବା ବେଳେ କିଛି ଲୋକ ଛିଡାହୋଇ ଦେଖୁଥିଲେ। ହଠାତ ଗାଁ ରାସ୍ତାରେ ଦ୍ରୁତ ଗତିରେ ଆସୁଥିବା କାରଟି ତାଙ୍କ ଉପରେ ମାଡ଼ି ଯାଇଥିଲା। ଗାଁଲୋକେ କାରକୁ ଟେକି ଉଦ୍ଧାର କରି ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେମାନଙ୍କୁ ପରେ କଟକ ସ୍ଥାନାନ୍ତରିତ କରାଯାଇଛି। ଡ୍ରାଇଭର ନିଶାସକ୍ତ ଥିବା ସ୍ଥାନୀୟ ଲୋକ କହିଛନ୍ତି।

## ଅପହରଣ ମାମଲାରେ ଅଭିଯୁକ୍ତ କୋର୍ଟ ଚାଲାଣ

**ଦୋବଲ,୧୫।୫(ସମିସ):** ଏକ ନାବାଳିକା ଅପହରଣ ମାମଲାରେ ଧାମନଗର ପୁଲିସ ଦଲାଙ୍ଗ ପଞ୍ଚାୟତର ବିରୁହାଁ ଗ୍ରାମର ଅଭିଯୁକ୍ତ ମନୋଜ ଜେନା (୪୬) କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ନିକଟସ୍ଥ ଗ୍ରାମର ଜଣେ ୧୪ ବର୍ଷୀୟା ନାବାଳିକାକୁ ସେ ବିଭିନ୍ନ ମିଛ ପ୍ରଲୋଭନ ଦେଇ ଅପହରଣ କରିବା ସହ ବିଭିନ୍ନ ସ୍ଥାନରେ ଶାରୀରିକ ସମ୍ପର୍କ ରଖିଥିଲା। ଥାନାରେ ଏ ସଂପର୍କରେ ଝିଅର ବାପାଙ୍କ ଲିଖିତ ଅଭିଯୋଗକ୍ରମେ ଧାମନଗର ପୁଲିସ ଉକ୍ତ ମାମଲାର ତଦନ୍ତ କରୁଥିବା ସମୟରେ ଚୁଡ଼ାକୁଟି ନାରାୟଣପୁର ଅଞ୍ଚଳର ଉକ୍ତ ନାବାଳିକା ଓ ଅଭିଯୁକ୍ତ ଯାଉଥିଲା ସମୟରେ ଖବର ପାଇ ପୁଲିସ ମାଡ଼ି ବସିଥିଲା। ନାବାଳିକାକୁ ଉଦ୍ଧାର କରିବା ସହ ଉଭୟଙ୍କ ଡାକ୍ତରୀ ମାଇନା ପରେ ପୁଲିସ ମନୋଜକୁ ଏହି ମାମଲାରେ କୋର୍ଟ ଚାଲା କରିଛି। ନାବାଳିକାକୁ ପରିବାର ବର୍ଗକୁ ହସ୍ତାନ୍ତର କରାଯାଇଛି।

## ଉଚ୍ଛେଦ ବନ୍ଦ ନ ହେଲେ ଆତ୍ମହତ୍ୟା ଧମକ

**ବନ୍ତ/ଆଗରପଡ଼ା,୧୫।୫(ସମିସ):** ସରକାରୀ ଗ୍ରାମ୍ୟ ରାସ୍ତା ପାର୍ଶ୍ୱରେ ଥିବା ନିର୍ଦ୍ଦିଷ୍ଟ କିଛି ଉଠା ଦୋକାନ ଉଚ୍ଛେଦ ବନ୍ଦ ନ ହେଲେ ଦୋକାନୀଙ୍କ ପରିବାର ଆତ୍ମହତ୍ୟା କରିବେ ବୋଲି ଧମକ ଦେଇଛନ୍ତି। ଏହି ସଂପର୍କରେ ମଧ ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ଜିଲ୍ଲାପାଳ, ସାଂସଦ, ବିଧାୟକ, ତହସିଲଦାରଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ସୂଚନାନୁଯାୟୀ, ଆଗରପଡ଼ା ବଜାର ସଂଲଗ୍ନ ବିଟିପୁର ଗ୍ରାମ୍ୟ ରାସ୍ତା ସମ୍ମୁଖରେ କିଛି ଶିକ୍ଷିତ ବେକାର ଯୁବକ ଉଠା ଦୋକାନ ମାନ କରି ପରିବାର ପ୍ରତିପୋଷଣ କରୁଛନ୍ତି। ପ୍ରଥମେ ଥଇଥାନ ଓ ପରେ ଉଚ୍ଛେଦ କରାଯିବାକୁ ସରକାରୀ ନିୟମ ରହିଛି। ମାତ୍ର ସେପରି କରା ନ ଯାଇ ଏହି ଉଠା ଦୋକାନଗୁଡ଼ିକ ଉଚ୍ଛେଦ ପାଇଁ ତହସିଲଦାର ନୋଟିସ୍ କରିଛନ୍ତି। ଆଗରପଡ଼ା-ବଉଳା ପିଡବ୍ଲ୍ୟୁଡି ରାସ୍ତା ସଂଲଗ୍ନ ସରକାରୀ ଖାତା ନଂ-୨୭୦, ପ୍ଲଟ ନଂ-୭୦୭, ଆଗରପଡ଼ା-କୁପାରୀ ପିଡବ୍ଲ୍ୟୁଡି ରାସ୍ତା ସହ ସଂଲଗ୍ନ ସରକାରୀ ଜମି ଖାତା ନଂ-୨୭୦, ପ୍ଲଟ ନଂ-୭୧୩ ସହ ଏହି ଗ୍ରାମ୍ୟ ରାସ୍ତା ମଧ ସଂଯୋଗ କରୁଛି ଓ ସେହି ସରକାରୀ ଖାତାର ପ୍ଲଟ ନଂ୭୧୧ ଜବରଦଖଲକାରୀଙ୍କ କବଜାରେ ରହିଛି। ଏମାନଙ୍କୁ ଉଚ୍ଛେଦ ପାଇଁ ନୋଟିସ ନ ହୋଇ ନିର୍ଦ୍ଦିଷ୍ଟ ଦୋକାନୀଙ୍କୁ ଉଚ୍ଛେଦ ପାଇଁ ନୋଟିସ ହେବା, ପ୍ରକୃତ କାରଣ ଜଣାପଡୁ ନାହିଁ।

# ଭାରତୀୟ ସୈନ୍ୟଙ୍କ ପରାକ୍ରମ ନେଇ ଶୋଭାଯାତ୍ରା





**ଭଦ୍ରକ, ୧୫।୫(ସମିସ)**

ଆତଙ୍କବାଦ ବିରୋଧରେ "ଅପରେସନ ସିନ୍ଦୂର'ରେ ଭାରତୀୟ ସେନାର ପରାକ୍ରମ ସମସ୍ତ ଦେଶବାସୀଙ୍କୁ ଗର୍ବିତ କରିଛି। ଏହାକୁ ସମ୍ମାନ ଜଣାଇ ଭଦ୍ରକ ଜିଲ୍ଲାରେ ପରାକ୍ରମ ଶୋଭାଯାତ୍ରା-ତ୍ରିରଙ୍ଗା ଯାତ୍ରା ଆଜି ସକାଳ ୮ଟାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାଇକ୍ ମାଧ୍ୟମରେ ବାହାରିଥିଲା। ଏଥିରେ ବିଭିନ୍ନ ସ୍କୁଲ୍, କଲେଜର ଶିକ୍ଷକ ଛାତ୍ରଛାତ୍ରୀ, ଏନସିସି, ସ୍କାଉଟ, ରେଡକ୍ରସ, ଏନଏସଏସ, ମିଶନ ଶକ୍ତି ମହିଳା, ପୁଲିସ କର୍ମଚାରୀ, ଅଗ୍ନିଶ୍ରମ୍ ବାହିନୀ, ସ୍ୱୟଂ ସହାୟକ ଗୋଷ୍ଠୀ, ବରିଷ୍ଠ ନାଗରିକ ସଂଘର କର୍ମକର୍ତ୍ତା, ରୋଟାରୀ କ୍ଲବ୍ ମିଡ ଟାଉନ, ଲାୟନ୍ସ୍ କ୍ଲବ୍, ଭଦ୍ରକ ବସ୍ ସିଣ୍ଡିକେଟ ଏବଂ ବିଭିନ୍ନ ବ୍ଲକରୁ ଆସିଥିବା ସମାଜସେବୀ, ଜିଲ୍ଲପାଳଙ୍କ କାର୍ଯ୍ୟାଳୟର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ। ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଜିଲ୍ଲାପାଳ ଦିଲୀପ ରାଉତରାଏ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶାନ୍ତନୁ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁଶେଖର ବଳ, ଜିଲ୍ଲା ସୂଚନା ଲୋକସମ୍ପର୍କ ଅଧିକାରୀ ତଥା ଡେପୁଟୀ କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ, କାର୍ଯ୍ୟନିର୍ବାହୀ ଅଧିକାରୀ ତାପସ ସାମଲ ଏବଂ ପ୍ରଶାସନିକ ଅଧିକାରୀ ଯୋଗ ଦେଇଥିଲେ। ଏହି ତ୍ରିରଙ୍ଗା ଯାତ୍ରାରେ ପ୍ରାୟ ୨୦୦୦ ଜନସାଧାରଣ ଯୋଗ ଦେଇଥିଲେ। ଅପର୍ତିବିନ୍ଧା ଛକ, ମୋଚିଛକ, ସନ୍ଥିଆ ପୋଲ, ଏନସି. ହାଇସ୍କୁଲ, ପୁରୁଣା ବଜାର ଥାନା, ଗୋଶାଳା ଛକ, ଡାହାଣୀ ଗାଡିଆ ଛକ, ବର୍ମା ବାଇପାସ ଛକ, ରାଜଘାଟ ପୋଲ, ଟାଉନ ଥାନା ଛକ ଦେଇ ନଗର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ।

## ସହିଦଙ୍କ ଉଦ୍ଦେଶ୍ୟରେ ମହମବତି ଜଳାଇ ପ୍ରାର୍ଥନା

**ଭଦ୍ରକ, ୧୫।୫(ସମିସ):** ନିକଟ ଅତୀତରେ ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ଯୁଦ୍ଧରେ ଭାରତର ବୀର ସୈନିକମାନେ ସେମାନଙ୍କ ଉତ୍କର୍ଷ, ପରାକାଷ୍ଠା ଓ ବୀରତ୍ୱ ପ୍ରଦର୍ଶନ କରି ଭାରତର ଟେକକୁ ବଜାୟ ରଖିଛନ୍ତି। କେତେକ ବୀର ଯବାନ ସହିଦ ହୋଇ ଦେଶ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରି ଦେଇଛନ୍ତି। ଭଦ୍ରକ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଏକ ପ୍ରାର୍ଥନା ସଭା ସନ୍ଧ୍ୟା ୬ଟାରେ ଜିଲ୍ଲା କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ଦେବରୂପ ମହାନ୍ତିଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ନିରବ ପ୍ରାର୍ଥନା ଓ ମହମବତି ପ୍ରଜ୍ୱଳନ କାର୍ଯ୍ୟକ୍ରମରେ ପ୍ରାକ୍ତନ ଜିଲ୍ଲା କଂଗ୍ରେସ ସଭାପତି ନାରାୟଣଚନ୍ଦ୍ର ପାଢୀ, ଦେବେନ୍ଦ୍ର ମହାନ୍ତି, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ସବିତା ଚନ୍ଦ, ଆଇନଜୀବୀ ସ୍ୱସ୍ତିକା ପଣ୍ଡା, ସୁବ୍ରତ ବେଉରିଆ, ରାଜେନ୍ଦ୍ର ଜେନା, ବଳରାମ ରାଉତ, କାଉନସିଲର ହେମନ୍ତ ସାହୁ, ଇଲିଆସ ଅଲ୍ଲି ଖାଁ, ବିଦ୍ୟାଧର ଜେନା, ପ୍ରାକ୍ତନ କାଉନସିଲର ରାଜୁ ମୁଣ୍ଡା, କୁନବାୟା ମହାନ୍ତି, ବଳିଆ ଦାସ, କଳ୍ପତରୁ ପରିଡା, ବିଦ୍ୟାଧର ଜେନା ପ୍ରମୁଖ ଉପସ୍ଥିତ ଥିଲେ।



## ୯ ବର୍ଷ ପରେ ବି ପୂର୍ଣ୍ଣାଙ୍ଗ ହେଲାନି ବାତ୍ୟା ଆଶ୍ରୟସ୍ଥଳୀ

**ବାରିକପୁର, ୧୫।୫(ସମିସ):** ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣକୁ ୯ ବର୍ଷ ବିତିଯାଇଥିଲେ ମଧ ଏହା ଏଯାଏ ସଂପୂର୍ଣ୍ଣ ହୋଇନାହିଁ। ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ପଞ୍ଚାୟତ ବିରୋଳିଠାରେ ୨୦୧୬ରେ ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପରିଚାଳନା କମିଟି ପକ୍ଷରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଏକ ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କାର୍ଯ୍ୟ ଆରମ୍ଭରୁ କିଛି ଦିନ ମଧ୍ୟରେ ରାଜନୈତିକ ଗୋଷ୍ଠୀ ବିବାଦ ତଥା ଅନ୍ୟାନ୍ୟ କାରଣ ଯୋଗୁଁ କାମଟି ବନ୍ଦ ହୋଇଯାଇଥିଲା। ସେବେଠାରୁ ଗ୍ରେଡବିମ ଓ କେତୋଟି ପିଲରକୁ ନେଇ କାମ ସୀମିତ ରହିଥିବା ବେଳେ ନିର୍ମାଣ କାର୍ଯ୍ୟ ଏଯାଏଁ ସମ୍ପୂର୍ଣ୍ଣ ହୋଇନାହିଁ। ଇତିମଧ୍ୟରେ ଉଚ୍ଚପଦସ୍ଥ ଅଧିକାରୀ, ଜିଲ୍ଲାପାଳ, ଓସଡମା କର୍ତ୍ତୃପକ୍ଷ ବାରମ୍ବାର କ୍ଷେତ୍ର ପରିଦର୍ଶନ କରିଥିଲେ ମଧ କାର୍ଯ୍ୟ ଅଗ୍ରଗତି ହେବା ନାଁ ଧରି ନାହିଁ। ଏପରିକି ଗ୍ରାମବାସୀ ମଧ ଅନେକ ବାର ବିଭାଗୀୟ ଅଧିକାରୀଙ୍କଠାରୁ ଆରମ୍ଭ କରି ନେତା-ମନ୍ତ୍ରୀ ଓ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିରରେ ଆପତ୍ତି ଅଭିଯୋଗ କରିଛନ୍ତି। ପ୍ରଶାସନିକ କଳର ନିଷ୍କ୍ରିୟତା, ଅଧିକାରୀଙ୍କ ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ତଥା ବିଭାଗୀୟ ଅବ୍ୟବସ୍ଥା ଯୋଗୁଁ କାମ ହେଉ ନଥିବା ସ୍ଥାନୀୟ ବାସିନ୍ଦା ରାମଚନ୍ଦ୍ର ଜେନା, ପିତାମ୍ବର ଜେନା, ଉମେଶଚନ୍ଦ୍ର ଜେନା, କାହ୍ନୁଚରଣ ମହାଳିକ, ଅଜୟ ଜେନା, ରାହାସଚନ୍ଦ୍ର ଜେନା, କୈଳାସଚନ୍ଦ୍ର ଜେନା, ଉମାକାନ୍ତ ଜେନା, ବିଦ୍ୟାଧର ଜେନା ପ୍ରମୁଖ ଅଭିଯୋଗ କରିଛନ୍ତି। ଏନେଇ ଓସଡମାର ଜିଲ୍ଲା ପ୍ରକଳ୍ପ ଅଧିକାରୀ ଅମ୍ଲାନ ଦାସ କହିଛନ୍ତି ଯେ ଅସମ୍ପୂର୍ଣ୍ଣ କାର୍ଯ୍ୟ ଉପରେ ଉଚ୍ଚ ଅଧିକାରୀ ମାନେ ବିଚାର ବିମର୍ଶ କରୁଛନ୍ତି। ଯଥାଶୀଘ୍ର କାମ ଆରମ୍ଭ ହେବ।





# ମଦ ଜବତ; ଜଣେ ଗିରଫ

**ତିହିଡ଼ି, ୧୫।୫(ସମିସ):** ତିହିଡ଼ି ଥାନା ବିଲଣା ପଞ୍ଚାୟତ କେରଡିହରେ ତିହିଡ଼ି ପୁଲିସ ଚଢ଼ଉ କରି ବିଦେଶୀ ମଦ ଜବତ କରିବା ସହ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଏଥିରେ ୧୫ ଲିଟର ୬୦୦ ମିଲିଲିଟର ବିଦେଶୀ ମଦ ଜବତ କରାଯାଇଥିବା ଜଣାପଡ଼ିଛି। ଚୋରା ମଦ ବିକ୍ରୟ କରିବା ଅଭିଯୋଗରେ ଗୋପବନ୍ଧୁ ନାୟକଙ୍କ ପୁଅ ଅରୁଣ କୁମାର ନାୟକଙ୍କୁ ଗିରଫ କରି ପୁଲିସ କୋର୍ଟ ଚାଲାଣ କରିଛି। ପୁଲିସ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

# ଫାଣ୍ଡି ଅଧିକାରୀଙ୍କ ଯୋଗଦାନ



**ମଞ୍ଜୁରୀ ରୋଡ,୧୫।୫(ସମିସ):** ଭଣ୍ଡାରିପୋଖରୀ ଥାନା ମଞ୍ଜୁରୀ ରୋଡ ଫାଣ୍ଡି ଅଧିକାରୀ ଭାବେ ପ୍ରଥମ କରି ଏସଆଇ ଦେବରାଜ ଜେନା ଆଜି ବିଧିବଦ୍ଧ ଭାବେ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ସେ ପ୍ରଥମେ ଥାନା ଅଧିକାରୀ କମଳାକାନ୍ତ ଦାସଙ୍କ ନିକଟରେ ପହଞ୍ଚି ଫାଣ୍ଡି ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ଶ୍ରୀ ଜେନା ପୂର୍ବରୁ ଜିଲ୍ଲାର ବିଭିନ୍ନ ଥାନାରେ କାର୍ଯ୍ୟ କରି ଜନସାଧାରଣ ମାନଙ୍କ ଆସ୍ଥାଭାଜନ ହୋଇଛନ୍ତି। ଦିନକୁ ଦିନ ବୃଦ୍ଧି ପାଉଥିବା ଚୋରା କୋଇଲା ବ୍ୟବସାୟ ଏବଂ ବେଆଇନ ବାଲି ପରିବହନ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନୂତନ ଯୁବ ଅଧିକାରୀ ଜଣଙ୍କ କହିଛନ୍ତି।

# ଯୁଗ୍ମ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପରିଦର୍ଶନ



**ବାରିକପୁର,୧୫।୫(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଗଣଶିକ୍ଷା ବିଭାଗ ଯୁଗ୍ମନିର୍ଦ୍ଦେଶକ ସନାତନ ପଣ୍ଡା ପରିଦର୍ଶନ କରିଥିବା ଜଣାପଡିଛି। ଶ୍ରୀ ପଣ୍ଡା କାର୍ଯ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଅନୁସନ୍ଧାନ ଗଣନା ସମ୍ପର୍କରେ ବିଇଓ ଅଧିର କୁମାର ତରାଇଙ୍କଠାରୁ ପଚାରି ବୁଝିଥିଲେ। ଏ ସମ୍ପର୍କିତ ସମସ୍ତ ନଥିପତ୍ର ଯାଞ୍ଚ କରିବା ସହିତ କାର୍ଯ୍ୟାଳୟ ପରିଚାଳନା ସମ୍ପର୍କରେ ମଧ୍ୟ ଅନୁଧ୍ୟାନ କରିଥିଲେ। ଏଥିରେ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଣି ଅନୁକ୍ତା ମିଶ୍ର, ସମିତା ମହାନ୍ତି, ଏମସ ଆଲୋକ ବିଶ୍ୱାଳଙ୍କ ସମେତ ସହକାରୀ ଶିକ୍ଷାଧିକାରୀ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ବାଲେଶ୍ୱରର ଚୋରା ମଦ, ଭଦ୍ରକରେ ବେପାର

**ବାସୁଦେବପୁର,୧୫।୫(ସମିସ):** ବାସୁଦେବପୁର ବ୍ଲକ ବାଲେଶ୍ୱର ଜିଲ୍ଲା ସୀମାବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ଚୋରା ଦେଶୀ ଓ ବିଦେଶୀ ବେପାରୀଙ୍କ ପାଇଁ ଭୂସ୍ୱର୍ଗ ପାଲଟିଛି। ଲାଇସେନ୍ସ ଦୋକାନୀ ଓ ଚୋରା ବେପାରୀ ଅବାଧରେ ଚୋରା ମଦ ବୋହି ଆଣୁଛନ୍ତି। ଏହାଦ୍ୱାରା ଅବକାରୀ ଓ ପୁଲିସ ବିଭାଗକୁ ଭୁଆଁ ବୁଲାଇ ବେଆଇନ କାରବାରରେ ମାତିଛନ୍ତି। ବାସୁଦେବପୁର ଅବକାରୀ ବିଭାଗ ହାତ ଯୋଡ଼ି ବସିଥିବା ବେଳେ ଭଦ୍ରକ ଅବକାରୀ ମୁଖିଆ ନିଦାବିଷ୍ଣୁ ସାଜିଛନ୍ତି। ବାସୁଦେବପୁର ବ୍ଲକର ୬ ବିଦେଶୀ ମଦ ଦୋକାନ ରହିଛି। ଏହାସହ ୫ଟି ମଦ ବାର, ୪ଟି ଦେଶୀ ମଦ ଦୋକାନ ରହିଛି। ଗାଁ ଗାଁର ପ୍ରତି ଛକରୁ ଚୋରା ମଦ ଦୋକାନ ଗଢ଼ି ଉଠିଛି। ଲାଇସେନ୍ସପ୍ରାପ୍ତ ଦୋକାନୀ ବେତଡା, ବାସୁଦେବପୁର, ବିଦେଇପୁର, ଏଡତାଳ, ଚୂଡାମଣି, ବ୍ରାହ୍ମଣଗାଁ କାଉଣ୍ଟରରୁ ପ୍ରତିଯୋଗିତା ମୂଳକ ଭାବେ ସକାଳରୁ ଆରମ୍ଭ କରି ସ୍ପଷ୍ଟ ଦିବାଲୋକର ରାଜରାସ୍ତାରେ ମଟରସାଇକଲରେ କାର୍ଟୁନ୍ କାର୍ଟୁନ ବୁହା ହେଉଛି। ଜବତ ଚୋରା ମଦକୁ ବାହାରେ ବିକିବା ବାସୁଦେବପୁରରେ ବିଭିନ୍ନ ଚା' ଖଟିରେ ଚର୍ଚ୍ଚାର ବିଷୟ ହୋଇଛି। ଜବତ ହୋଇଥିବା ମଦଠାରୁ କମ ଦର୍ଶାଇ ଚୋରା ବେପାରୀଙ୍କୁ ଗୋଟିଏ ଦିନରେ ବେଲ୍ କରାଇବା ନିତିଦିନିଆ କଥାରେ ପରିଣତ ହୋଇଗଲାଣି। ବାଲେଶ୍ୱର ଜିଲ୍ଲାରୁ ପ୍ରତିଦିନ ଚୋର ଦେଶୀ ମଦ ବାସୁଦେବପୁରକୁ ବହି ଆସୁଛି। ବାସୁଦେବପୁର ଅବକାରୀ ବିଭାଗର ଅଧିକାରୀଙ୍କ କାର୍ଯ୍ୟରେ ପ୍ରଭାବିତ ହୋଇ ତଳିଆ କର୍ମଚାରୀ ମଧ୍ୟ ପ୍ରତି ଦୋକାନରେ କୋଟା ଫିକ୍ସ କରିଛନ୍ତି। ଗାଁ ଗଣ୍ଡାର ଛକରେ ଯେମିତି ପସରା ମେଲିଛି କେତେବେଳେ ଯେ ମଦ ମୃତ୍ୟୁ ନହେବ ସେକଥା କିଏ କହିବ ? କାରଣ ଏଠାକାର ମଦ ଅସଲି ଯେତିକି ନକଲି ମଦ ଅଧିକ ବିକ୍ରି ହେଉଛି। ଅବକାରୀ ନୀତି ନିୟମ ଅଧିକାରୀ ଚଳୁ କରୁଥିବା ବେଳେ ଅବକାରୀ ବିଭାଗକୁ ଏବେ ଦଇବ ସାହା ଭରସା ବୋଲି ଚର୍ଚ୍ଚା ହେଉଛି।

**ନିଦାବିଷ୍ଣୁ ଅବକାରୀ ବିଭାଗ**

# ଜଳଯୋଗାଣ ପ୍ରକଳ୍ପରେ ଖର୍ଚ୍ଚ ହେଉଛି ଟଙ୍କା; ଲୋକଙ୍କୁ ମିଳୁନି ପାଣି







**ବାରିକପୁର,୧୫।୫(ସମିସ)**

ଗ୍ରାମାଞ୍ଚଳରେ ପାଇପ ଯୋଗେ ବିଶୁଦ୍ଧ ପାନୀୟଜଳ ଯୋଗାଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ଦିଗହରା ଯୋଜନାକୁ ନେଇ ଅପାରଗ ପ୍ରଶାସନ କେଉଁ ଭଳି କାର୍ଯ୍ୟ କରୁଛି ତାହା ଏଥିରୁ ସ୍ପଷ୍ଟ ଜଣାପଡୁଛି। ସୂଚନା ମୁତାବକ, ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଦୀର୍ଘ ବର୍ଷ ହେବ ପାନୀୟ ଜଳଯୋଗାଣ ବ୍ୟବସ୍ଥା ସଠିକ ଭାବେ କାର୍ଯ୍ୟ କରୁନାହିଁ। ଆଖୁଆପଦା ମେଗା ପାନୀୟଜଳ ଯୋଗାଣ ପ୍ରକଳ୍ପ ହେଉ କିମ୍ବା ଗାଁଗୁଡ଼ିକରେ ନିର୍ମିତ ଉଚ୍ଚକ୍ଷମତା ସମ୍ପନ୍ନ ପାଣି ଟାଙ୍କି ହେଉ ସବୁଗୁଡ଼ିକ ସତେ ଯେମିତି ଅକାମୀ ହୋଇଛି। ପ୍ରାୟ ଶହେ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲେ ସୁଦ୍ଧା ଆଜି ଯାଏଁ ମେଗା ପ୍ରକଳ୍ପ କାର୍ଯ୍ୟ ଶେଷ ହେବାର ନା ଧରୁନାହିଁ। କେତେବେଳେ ପାଇପ ଲାଇନ ନିର୍ମାଣ ତ ପୁଣି କେତେବେଳେ ମରାମତି କାର୍ଯ୍ୟ ବାବଦରେ ପ୍ରକଳ୍ପ କାର୍ଯ୍ୟ କରୁଥିବା କମ୍ପାନୀକୁ ଅନୁକମ୍ପା ଦେଖାଇ ବିଭାଗୀୟ ଅଧିକାରୀମାନେ କୋଟି କୋଟି ଟଙ୍କା କେବଳ ଯାହା ଖର୍ଚ୍ଚ କରୁଛନ୍ତି। ସେହିଭଳି ବର୍ଷକୁ ବର୍ଷ ଗାଁ ଗାଁରେ ପାଣି ଟାଙ୍କି ନିର୍ମିତ ହେଉଥିବା ବେଳେ ସେଗୁଡିକ ସେହି ଭଳି ଦଣ୍ଡାୟମାନ ହୋଇ ରହିଛି। ସେଥିରୁ କେହି କେବେ ପାଣି ପାଉଛନ୍ତି ନା ପ୍ରକଳ୍ପଗୁଡ଼ିକର ସଠିକ ପରିଚାଳନା ହେଉଛି। ଖରାଦିନ ଆସିଲେ ଯନ୍ତ୍ରୀମାନେ ମରାମତି ନାଆଁ ରେ ପ୍ରକଳ୍ପ ସଂଲଗ୍ନ ସ୍ଥାନରେ କେବଳ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଠିକାଦାର ତୋଷଣ କରିବା ଯାହା ସାର ହେଉଛି। ସୂଚନା ମୁତାବକ, ବ୍ଲକ ଅଞ୍ଚଳରେ ୩୦-୫୦ ଲକ୍ଷ ଟଙ୍କା ଲେଖାଏଁ ବ୍ୟୟ ହୋଇ ପାଖାପାଖି ୪୦ ପାଣି ଟାଙ୍କି ନିର୍ମିତ ହୋଇଥିଲେ ସୁଦ୍ଧା ତାହା ଏଯାଏଁ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ପ୍ରକଳ୍ପ ସହିତ ସଂଯୁକ୍ତ ପାଣି ଟ୍ୟାପ ଅନେକ ସ୍ଥାନରେ ଜରାଜୀର୍ଣ୍ଣ ଥିବା ବେଳେ ଅନେକ ମଧ୍ୟ ମାଟିରେ ମିଶିଗଲାଣି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା, କୌଣସି ପ୍ରକଳ୍ପ କାର୍ଯ୍ୟ କରି ନଥିଲେ ମଧ୍ୟ ମରାମତି ନାଁରେ କିନ୍ତୁ ଅର୍ଥ ହରିଲୁଟ ହେଉଥିବା ଜଣାପଡ଼ିଛି। ଗ୍ରାମାଞ୍ଚଳ ଛୋଟ ବଡ ଜଳ ଯୋଗାଣ ବ୍ୟବସ୍ଥାକୁ ଛାଡ଼ିଦେଲେ ମେଗା ପ୍ରକଳ୍ପ ଅବସ୍ଥା ମଧ୍ୟ ତଦ୍ରୂପ ପାଲଟିଛି। ସେହି ପୁରୁଣା ବ୍ୟବସ୍ଥା ଅନୁଯାୟୀ ଏବେ କେବଳ ଶୋଷ ମେଣ୍ଟାଉଛି ନଳକୂପ। ତେଣୁ ଜଳଯୋଗାଣ ବ୍ୟବସ୍ଥାର ବିଭାଗୀୟ ଅପାରଗତାକୁ ନେଇ ସରକାର ଅଧିକାରୀଙ୍କୁ ତାଗିଦ୍ କରିଥିବା ବେଳେ ତାହା ଆଗାମୀ ଦିନରେ କେତେ ଫଳପ୍ରଦ ହେବ ଦେଖିବାକୁ ବାକି ରହିଲା।

**ପାଣି ନାହିଁ, ରୋଲିଂ ନାହିଁ**

# ଦୁର୍ବଳ ହେଉଛି କେନାଲ ନବୀକରଣ କାର୍ଯ୍ୟ



**ବାରିକପୁର,୧୫।୫(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ତିନି ନମ୍ବର ମୁଖ୍ୟ କେନାଲ ରାସ୍ତାର ଆକୁଲିକଣା ସିଆରଠାରୁ ଡିଗି ପୋଲ ଯାଏଁ ଏବେ ନବୀକରଣ କାର୍ଯ୍ୟ ହେଉଛି। କେନାଲ ରାସ୍ତାଟି ଉପରେ ଗମନାଗମନ ପାଇଁ ଦୈନିକ ହଜାର ହଜାର ଲୋକ ନିର୍ଭର କରିଥାନ୍ତି। ପୂର୍ବରୁ ଏହା ମୋରମ ମେଟାଲ ଥିବା ବେଳେ ଅନେକ ଆପତ୍ତି ଅଭିଯୋଗ ପରେ ଏବେ ଚଳିତବର୍ଷ ରାସ୍ତାଟିର ସଦୃଢ଼ୀକରଣ ତଥା ନବୀକରଣ କାର୍ଯ୍ୟ ଆରମ୍ଭ କରାଯାଇଛି। ଜଳସମ୍ପଦ ବିଭାଗ ପକ୍ଷରୁ ଯଦିଓ କେତେ ଟଙ୍କା ଏଥିପାଇଁ ବ୍ୟୟ ହୋଇଛି ତାହାର କୌଣସି ସୂଚନା ଫଳକ ଦିଆ ଯାଇନାହିଁ କିନ୍ତୁ ଏଥିରେ ଦୁଇ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହେଉଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡିଛି। କେନାଲ ରାସ୍ତାର ମୂଳ ଭିତ୍ତିକୁ ସଦୃଢ଼ କରା ନଯାଇ ଏହାର ଉପର ଅଂଶରେ ଓ୍ୱାଲ୍ୟୁଏମ ତଥା ଛୋଟ ମେଟାଲ ଡଷ୍ଟ ମିଶ୍ରଣ ବିଛା ଯାଇଛି। କାମଟିକୁ ଦେଖିଲେ ଯାନ୍ତ୍ରିକ ଜ୍ଞାନକୌଶଳ ବିନା ହେଉଥିବା ଜଣାପଡୁଛି। ଏହା ଉପରେ ସେମିତି ରୋଲିଂ ହୋଇ ନଥିବା ବେଳେ ଆବଶ୍ୟକ ପରିମାଣର ପାଣି ମଧ୍ୟ ବ୍ୟବହାର ହୋଇନାହିଁ। ଯାହାକୁ ନେଇ ସ୍ଥାନୀୟ ଲୋକମାନେ ଆପତ୍ତି ଉଠାଇଛନ୍ତି। ଯଦିଓ ରାସ୍ତାଟି ସମ୍ପୂର୍ଣ୍ଣ ପିଚ୍ ନିର୍ମାଣ ହେବ କିନ୍ତୁ ଏହା ପୂର୍ବରୁ ଅନେକ ସ୍ଥାନରେ ପଡ଼ିଥିବା ମେଟାଲ ଡଷ୍ଟ ମିଶ୍ରଣ ଏବେ କେନାଲ ଓ ଚାଷ ଜମି ପାର୍ଶ୍ୱକୁ ଖସିବା ଆରମ୍ଭ କଲାଣି। ମୋଟାମୋଟି ଭାବେ କାମଟି ଅତି ଦୁର୍ବଳ ହେଉଥିବା ରାସ୍ତା ନିକଟବର୍ତ୍ତୀ ଗାଁର ଜନସାଧାରଣ କହିଛନ୍ତି। ତେଣୁ କୋଟି କୋଟି ଟଙ୍କା ବ୍ୟୟ ବରାଦ ହୋଇ ନବୀକରଣ ହେବାକୁ ଯାଉଥିବା କେନାଲ ରାସ୍ତାର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାଉପରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ଦୁର୍ଦ୍ଦିନରେ କୁମ୍ଭକାର ପରିବାର



**ଅସୁରାଳି,୧୫।୫(ସମିସ):** ଧାମନଗର ବ୍ଲକର କଟସାହି ପଞ୍ଚାୟତର ପଥର ଡିହ ଗାଁରେ ରୁହନ୍ତି ୪୦ କୁମ୍ଭକାର ପରିବାର। କୁଳବେଉସାକୁ ପାଥେୟ କରି ବଞ୍ଚିବାର ଲକ୍ଷ୍ୟରେ ଏମାନେ ବିକାଶରବିପରୀତଦିଗକୁଯିବାକୁବସିଲେଣିକିନ୍ତୁଏଇନିଷ୍କପଟପରିଶ୍ରମୀକୁମ୍ଭାରସଂପ୍ରଦାୟର ମାଟି ନିର୍ମିତ ଦ୍ରବ୍ୟଗୁଡିକର ଚାହିଦା କମିଯାଉଛି। ଏମାନେ ଏବେବି କୁଲି ମଜୁରୀ ନ କରି ତାଙ୍କ ଦ୍ୱାରା ଯାହାବି ରୋଜଗାର ହେଉଛି ସେତିକିରେ ବଞ୍ଚିବାକୁ ସଂଘର୍ଷ ଜାରି ରଖିଛନ୍ତି।

ଏଇ ଗରିବ କୁମ୍ଭକାର ପରିବାରଙ୍କ ଆର୍ଥିକ ସ୍ୱଚ୍ଛଳତା ବଢ଼େଇବା ପାଇଁ ମୁଦୁଲି ସାହି ନିକଟରେ ଏକ ଟିଣ ଛପର ଘରଟେ ନିର୍ମାଣ କରି ଏକ କୁମ୍ଭାର ଶାଳ ନିର୍ମାଣ କରିଥିଲେ ହେଲେ ଏବେ ଏହା ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଛପର ଉଡିଯାଇ ଜରିପାଲ ପଡିଛି। କୁମ୍ଭାରମାନେ ହାଣ୍ଡି, କଳସି ଦୀପ, ରୁଖା, ଉମ୍ଭେଇ ଆଦି ସାମଗ୍ରୀ ତିଆରି କରନ୍ତି। ତାକୁ ନିଆଁରେ ପୋଡ଼ି ଥଣ୍ଡା ହେଲେ ଦ୍ରବ୍ୟଗୁଡିକ ସାଇତି ରଖନ୍ତି ଶାଳରେ। ମାଟିରେ ତିଆରି ଦ୍ରବ୍ୟଗୁଡିକର ଅତ୍ୟାଧିକ ଗୁଣବତ୍ତା ଥିଲେ ବି ଅଧୁନା ସମାଜରେ ଏଗୁଡିକର ଚାହିଦା ଦିନକୁ ଦିନ କମିବାରେ ଲାଗିଛି। ଏଣୁ ଅନେକ କୁମ୍ଭକାର ବଞ୍ଚିବା ପାଇଁ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଗଲେଣି। ଦୁର୍ଦ୍ଦଶା ଭିତରେ ରହି ସରକାରଙ୍କୁ ସହାୟତାର ଗୁହାରି କରିଛନ୍ତି। ତାଙ୍କ ନିର୍ମିତ ମାଟିର ଦ୍ରବ୍ୟକୁ ଉପଯୁକ୍ତ ମୂଲ୍ୟ ଦେଇ କ୍ରୟ କରିବା ପାଇଁ ଓ ସରକାରୀ ପ୍ରୋତ୍ସାହନ ଦେବା ପାଇଁ କୁମ୍ଭକାରମାନେ ଦାବି କରିଛନ୍ତି।

# ପିଏମ୍ ଆବାସ ସଚେତନତା ଶିବିର ଓ ସମୀକ୍ଷା



**ଧାମନଗର,୧୫।୫(ସମିସ):** ଧାମନଗର ଏନଏସି କଲ୍ୟାଣ ମଣ୍ଡପରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବାସଗୃହ ନିର୍ମାଣ କାର୍ଯ୍ୟକୁ ନେଇ ସଚେତନତା ଶିବିର ଓ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକଙ୍କ ସଂଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ଏନଏସି ଅଧ୍ୟକ୍ଷା ନିବେଦିତା ଜେନା, ବିଧାୟକ ତଥା ମନ୍ତ୍ରୀ ପ୍ରତିନିଧି ଭାବେ ଶରତଚନ୍ଦ୍ର ମହାନ୍ତି, ଉପାଧ୍ୟକ୍ଷ ଓସିମ ଏଜଦାନି କାଦରୀ, ସମସ୍ତ ୱାର୍ଡ କାଉନସିଲର ପ୍ରମୁଖ ଯୋଗ ଦେଇଥିଲେ। ଏନଏସି ଅଞ୍ଚଳର ୧୧ଟି ୱାର୍ଡରେ ମୋଟ ୧୦୦୧୫ ଜଣ ହିତାଧିକାରୀ ପଞ୍ଜୀକରଣ କରିଥିବା ବେଳେ ଅବାସ ଯୋଜନାରେ ସମସ୍ତେ ଘର ପାଇପାରିବେ ଏଥିପାଇଁ କୌଣସି ସମୟସୀମା ନାହିଁ ଯେତେବେଳେ ଚାହିଁଲେ ଅନଲାଇନ ମାଧ୍ୟମରେ ପଞ୍ଜୀକରଣ କରିପାରିବେ ବୋଲି ସୂଚନା ଦିଆଯାଇଥିଲା। ହିତାଧିକାରୀମାନେ ସରକାରୀ ନିୟମ ଅନୁସାରେ ସମୟସୀମା ତଥା ୧୨୦ ଦିନରେ ଘର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କଲେ ୨୦ ହଜାର, ୧୮୦ ଦିନରେ ଘର ସମ୍ପୂର୍ଣ୍ଣ କଲେ ୧୦ ହଜାର ପୁରସ୍କାର ମିଳିବ ବୋଲି ଅଧିକାରୀ ଶ୍ରୀ ନାୟକ ସୂଚନା ଦେଇଛନ୍ତି। ବିଭାଗୀୟ ଅଧିକାରୀ ଧନେଶ୍ୱର ଧଳ, ସୁଶାନ୍ତ ବଳ, ବିଜୟ ଦାସ, ଏମଡି ଖେରୁଲ ଓରାଙ୍କ ସହ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



# ପ୍ରହସନ ପାଲଟିଛି ଜଳ ଗୁଣବତ୍ତା ପରୀକ୍ଷଣ ପ୍ରଶିକ୍ଷଣ





**ଧାମନଗର,୧୫।୫(ସମିସ):** ଧାମନଗର ପଞ୍ଚାୟତ କେନ୍ଦ୍ରୀୟ ସଭାଗୃହରେ ଜଳ ଗୁଣବତ୍ତା ପରୀକ୍ଷଣ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ବର୍ତ୍ତମାନ ପରିସ୍ଥିତିକୁ ଦେଖିଲେ ଲକ୍ଷ୍ୟଚ୍ୟୁତ ହେଉଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ଧାମନଗର ବ୍ଲକ ଅଞ୍ଚଳରେ ଥିବା ଆଠ ଶହରୁ ଊର୍ଦ୍ଧ୍ୱ ନଳକୂପ ମଧ୍ୟରୁ ଦୀର୍ଘଦିନ ହେବ ଶତାଧିକ ଅଚଳ। ଏଥିସହିତ ବସୁଧା ଯୋଜନାରେ ନିର୍ମିତ ପାଣିଟାଙ୍କି ମଧ୍ୟରୁ ସିଂହ ଭାଗ ଅଚଳ ଓ ଅକ୍ଷମ। କେଉଁଠି ଟାଙ୍କି ନିର୍ମାଣ ସରିନି, କେଉଁଠି ପାଇପ ବିଛା ଯାଇନି ଓ ବିଦ୍ୟୁତ ସଂଯୋଗ ହୋଇନି ତ କେଉଁଠି ନିର୍ମାଣ ସରି ମଧ୍ୟ ବିଭାଗୀୟ ଦାୟିତ୍ୱହୀନତା ପାଇଁ ଲୋକେ ପାଣି ପାଇପାରୁ ନାହାନ୍ତି। ଏଥିପାଇଁ ଧାମନଗରର ଗ୍ରାମ୍ୟ ଜଳଯୋଗାଣ ପ୍ରହସନ ପାଲଟିଛି। ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ଏମାନଙ୍କ କାର୍ଯ୍ୟଦକ୍ଷତା ଉପରେ ନକରାତ୍ମକ ଖବର ପ୍ରକାଶ ପାଇଛି। ଏହି ନିଦାଘ ଖରା ଓ ଅସହ୍ୟ ଗୁଳୁଗୁଳି ସମୟରେ ଲୋକେ ପାଣି ପାଇଁ ହନ୍ତସନ୍ତ ହେଉଥିବା ବେଳେ ଗତ ବୁଧବାର ଧାମନଗର ପଞ୍ଚାୟତସମିତି ସଭାଗୃହରେ ମଧୁର ପାନୀୟଜଳ ପରୀକ୍ଷଣ ପାଇଁ ବ୍ଲକ ଅଞ୍ଚଳର ଏମବିକେ ମାନଙ୍କୁ ପ୍ରଶିକ୍ଷଣ ଓ ଆବଶ୍ୟକ କିଟ ପ୍ରଦାନ କରାଯାଇଥିଲା। ଏଥିରେ ଧାମନଗର ବ୍ଲକର ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ସମ୍ପୃକ୍ତ ଦୁଇ ଯନ୍ତ୍ରୀ ଜସ୍ମିନ ଦାସ ଓ ଶିବପ୍ରସାଦ ବୁଦୁଲା ଏବଂ ଜିଲ୍ଲା କାର୍ଯ୍ୟାଳୟର ପରୀକ୍ଷଣ ଅଧିକାରୀ ଉପସ୍ଥିତ ଏମବିକେ ମାନଙ୍କୁ ପ୍ରଶିକ୍ଷଣ ଦେଉଥିଲେ।

**ଦେଢ଼ ମାସ ପୂଜା ପାଇବା ପରେ ପ୍ରଭୁଙ୍କୁ ମେଲାଣି**

# ଅସ୍ତଲରେ ଶ୍ରୀରାମ ନବମୀ ମହୋତ୍ସବ ଉଦ୍‌ଯାପିତ

**ଭଦ୍ରକ,୧୫।୫(ସମିସ)**



ଭଦ୍ରକ ସହର ନରିପୁର ଅସ୍ତଲ ଗ୍ରାମସ୍ଥିତ ମା' ବୁଢୀ ଜାଗୁଳାଇ ଜାଡ଼ି ବାସୁଳୀ ପାଶ୍ୱର୍ ରାମ ମନ୍ଦିରରେ ଶ୍ରୀରାମ ନବମୀ ମହୋତ୍ସବ ରାମ ନବମୀଠାରୁ ପ୍ରାୟ ଦେଢ଼ ମାସ ଧରି ଅନୁଷ୍ଠିତ ହୋଇଯାଇଛି। ଗତକାଲି ଏହାର ଭସାଣି ଉତ୍ସବ ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ ହୋଇଛି। ପୂଜା କର୍ମକର୍ତ୍ତା, କାଉନସିଲର, କାଉନ୍‌ସିଲରଙ୍କ ପ୍ରତିନିଧି ଏବଂ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଆୟୋଜିତ ପୂଜାକର୍ମରେ ପାଳି ଭୋଗ ଶେଷ ନହେବା ଯାଏ ପ୍ରଭୁ ପୂଜା ପାଇଥାନ୍ତି। ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ, ଦେବୀ ସୀତା, ହନୁମାନଙ୍କ ବିଗ୍ରହ ମେଢ ଏକ ଶୋଭଯାତ୍ରାରେ ଗ୍ରାମବାସୀ ଓ ମହିଳା ମାନଙ୍କ ଦ୍ୱାରା ଘଣ୍ଟବାଦ୍ୟ, ଶଙ୍ଖ ଧ୍ୱନିରେ ଗ୍ରାମରୁ ନିଆଯାଇ ନଗର ପରିକ୍ରମା କରିବା ପରେ ସାଳନ୍ଦୀ ନଦୀଘାଟରେ ବିସର୍ଜନ କରାଯାଇଥିଲା। ଭସାଣି ଯାତ୍ରାରେ ଜିଲ୍ଲା ପ୍ରଶାସନ ଓ ପୁଲିସ ପକ୍ଷରୁ ସୁରକ୍ଷା ଯୋଗାଇ ଦିଆଯାଇଥିଲା। ୧୯୮୫ରୁ ଏହି ଶ୍ରୀରାମ ନବମୀ ମହୋତ୍ସବ ପାଳନ ହୋଇ ଆସୁଥିବାରୁ ଦୀର୍ଘ ୪୦ବର୍ଷ ଧରି ନିରବଚ୍ଛିନ୍ନ ଭାବେ ପାଳିତ ହୋଇଆସୁଛି। କମିଟିର ସମ୍ପାଦକ ତଥା ପୂର୍ବତନ କାଉନ୍‌ସିଲର ଗଜେନ୍ଦ୍ର ପଣ୍ଡା, କାଉନ୍‌ସିଲର ଗୀତାଞ୍ଜଳି ଦାସ, ଯୁବନେତା ସୂର୍ଯ୍ୟକୁମାର ଦାସଙ୍କ ସମେତ ଗ୍ରାମବାସୀ, ଶୁଭେଚ୍ଛୁଙ୍କ ସହଯୋଗରେ ପ୍ରତିବର୍ଷ ପାଳିତ ହୋଇଆସୁଛି। ବିରେନ୍ଦ୍ର ଦାସ, ସତ୍ୟନାରାୟଣ ଦାଶ, ନୀଳକଣ୍ଠ ଦାଶ, ରାଜେଶ ଦାଶ, ଟିଂକିନା ମହାନ୍ତି, ମଧୁସୂଦନ ଷଣ୍ଢ, କିଶୋର ଦାଶ, ଦେବବ୍ରତ ନାୟକ, ବିଭୂତି ଭୂଷଣ ଷଣ୍ଢ, ଚନ୍ଦ୍ରକୁମାର ଦାସ, ଲିପୁ ପଣ୍ଡା, ଦିପୁ ଷଣ୍ଢ, କୁନା ଦାଶ, ଅଶେଷ ନାୟକ, ଦିପୁ ସାହୁ, ବାପୁ ସାହୁ, ରାଜେଶ ପଣ୍ଡା ଓ ଆକାଶବାଣୀ ସମ୍ବାଦଦାତା ଅଶୋକ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# କାବ୍ୟରଞ୍ଜନଙ୍କୁ ସମ୍ମାନ ଜଣାଇଲେ ବିଧାୟକ



**ବନ୍ତ/ଆଗରପଡ଼ା,୧୫।୫(ସମିସ):** ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ କାବ୍ୟରଞ୍ଜନ ମାଝୀ ରାଜ୍ୟ ଟପ୍ପର ହୋଇଛନ୍ତି। ବନ୍ତ ବ୍ଲକ ଅନ୍ତର୍ଗତ ପଳାସଗଡ଼ିଆ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ର ତଥା ଅଡ଼ାଳପଙ୍କ ବେଲଗଡ଼ିଆ ଗ୍ରାମର ରବିନ୍ଦ୍ର ମାଝୀ ଓ ଶୁଭଶ୍ରୀଙ୍କ ପୁଅ କାବ୍ୟରଂଜନ ୪୯୭ ନମ୍ବର ଅର୍ଥାତ ୯୯.୪ ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ସେ ଭବିଷ୍ୟତରେ ଆଇଏଏସ ହେବାର ଅଭିଳାଷ ରଖିଛନ୍ତି। ତାଙ୍କ ବାପା ନିଳୋକ ହାଇସ୍କୁଲ କର୍ମଚାରୀ ଓ ମାଆ ସୁଗୃହିଣୀ ଅଟନ୍ତି। ବନ୍ତ ବ୍ଲକରେ ଏହି ଗର୍ବ ଓ ଗୌରବ ଆଣିଥିବାରୁ କାବ୍ୟରଞ୍ଜନଙ୍କୁ ବିଧାୟକ ସଂଜୀବ ମଲ୍ଲିକ ତାଙ୍କ ଶତାଧିକ କର୍ମୀଙ୍କ ସହ କାବ୍ୟରଂଜନଙ୍କ ବେଲଗଡ଼ିଆ ବାସଭବନକୁ ଯାଇ ସମ୍ବର୍ଦ୍ଧିତ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ନୟାଗଡ଼ ଜିଲ୍ଲା ଶିକ୍ଷା ବିଭାଗ

# ବୀମା ପାଇଁ ଅହରହ ବ୍ଲାକ୍‌ମେଲିଂ

**ନୟାଗଡ଼,୧୫।୫(ସମିସ)**

ନୟାଗଡ଼ ଜିଲ୍ଲା ଶିକ୍ଷା ବିଭାଗ କର୍ମଚାରୀ ବୀମା କମ୍ପାନୀ ପାଇଁ ଦଲାଲି କରୁଥିବା ନେଇ "ସକାଳ'ରେ ପ୍ରକାଶିତ ଖବର ଆଧାରରେ ଗୁରୁବାର ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଏଡିଇଓ) ସନ୍ଧ୍ୟାରାଣୀ ରାଉତ, ନୂଆଗାଁ ଓ ଗଣିଆ ବିଇଓଙ୍କୁ ଦାୟିତ୍ୱ ଦିଆଯାଇଥିବା ସୂଚନା ମିଳିଛି।

ନୟାଗଡ଼ ଜିଲ୍ଲା ଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟରତ କିରାଣି, ଆକାଉଣ୍ଟାଣ୍ଟ ଏବଂ ସିଆର୍‌ସିସି ବୀମା କମ୍ପାନୀ ପାଇଁ ଦଲାଲି କରି ଆସୁଥିଲେ। ନିଜ ପତ୍ନୀ, ଭାଇଙ୍କ ନାମରେ ବୀମା କମ୍ପାନୀ ଏଜେଣ୍ଟ କୋଡ୍ ବାହାର କରି ନିଜେ କାର୍ଯ୍ୟ କରୁଥିଲେ। ବୀମା କମ୍ପାନୀ ଦ୍ୱାରା ଆୟୋଜିତ ଏକ ବୈଠକରେ ୪ ଜଣ କର୍ମଚାରୀ ଉପସ୍ଥିତ ଥିବା ଜଣାପଡ଼ିଥିଲା। ଏହାକୁ ନେଇ ଖବର ପ୍ରକାଶ ପରେ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଏହି କର୍ମଚାରୀଙ୍କ ମଧ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଜିତେନ୍ଦ୍ର କୁମାର ମହାନ୍ତି ରହିଛନ୍ତି। ସେ ତାଙ୍କ ସ୍ତ୍ରୀ ଲୀନାରାଣୀ ଖୁଣ୍ଟିଆଙ୍କ ନାମରେ ଏଜେଣ୍ଟ କୋଡ୍ ବାହାର କରି ନିଜେ କାର୍ଯ୍ୟ କରୁଛନ୍ତି। ସେ ଉକ୍ତ ବୀମା କମ୍ପାନୀ ଦ୍ୱାରା ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ହୋଇଥିବା ଦେଖାଯାଇଛି। ସେହିଭଳି ନୟାଗଡ଼ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଶୁବେଶ ଶୁକ୍ଲା ନିଜ ପତ୍ନୀ ସୋନାଲି ମହାପାତ୍ରଙ୍କ ନାମରେ ଏଜେଣ୍ଟ କୋଡ୍ ବାହାର କରି କାମ କରୁଛନ୍ତି। ଉକ୍ତ ବୀମା କମ୍ପାନୀର ବିଭିନ୍ନ ବୈଠକରେ ତାଙ୍କ ଉପସ୍ଥିତି ଦେଖାଯାଇଛି। ନୂଆଗାଁ ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟର ଆକାଉଣ୍ଟ କମ୍ ସପୋର୍ଟିଂ ଷ୍ଟାଫ୍ ତାପସ କୁମାର ମହାନ୍ତି ଉକ୍ତ ବୀମା କମ୍ପାନୀରେ ନିଜେ କାମ କରୁଛନ୍ତି। ତାଙ୍କ ନାମରେ ଏଜେଣ୍ଟ କୋଡ୍ ରହିଥିବା ସୂଚନା ମିଳିଛି। ବୀମା କମ୍ପାନୀର ଅନେକ କାର୍ଯ୍ୟକ୍ରମରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଗଣିଆ ବ୍ଲକ୍‌ରେ କାର୍ଯ୍ୟରତ ସିଆର୍‌ସିସି ପ୍ରଫୁଲ୍ଲ ମିଶ୍ର ତାଙ୍କ ଭାଇ ରମେଶ ମିଶ୍ରଙ୍କ ନାମରେ ଏଜେଣ୍ଟ କୋଡ୍ ବାହାର କରି କାର୍ଯ୍ୟ କରୁଛନ୍ତି। ସାମ୍ନାକୁ ଆସିଥିବା ବୀମା କମ୍ପାନୀ ଫଟୋରେ ସେ ଉପସ୍ଥିତ ରହିଥିବା ଦେଖାଯାଇଛି। ସେହିଭଳି ଭାବେ ଡିଇଓ ଅଫିସରେ କାର୍ଯ୍ୟରତ ଅନ୍ୟତମ କର୍ମଚାରୀ ବିଶ୍ୱନାଥ ବାରିକ ଅନ୍ୟ ଏକ ବୀମା କମ୍ପାନୀ ପାଇଁ କାର୍ଯ୍ୟ କରୁଥିବା ସୂଚନା ମିଳିଛି। ଶିକ୍ଷା ବିଭାଗକୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ଶିକ୍ଷକଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀ, ପେନ୍‌ସନ୍ ଭୋଗୀଙ୍କୁ ଏମାନେ ଟାର୍ଗେଟ୍ କରି ଆସୁଥିବା ଅଭିଯୋଗ ହୋଇଛି। ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏମାନେ ଲକ୍ଷ ଲକ୍ଷ ଟଙ୍କାର ବୀମା କରିବା ପାଇଁ ପ୍ରବର୍ତ୍ତାଇଥା'ନ୍ତି। କୌଣସି କାର୍ଯ୍ୟ କରିବା ବଦଳରେ ଏମାନେ ବୀମା କରିବାକୁ ବ୍ଲାକ୍‌ମେଲିଂ କରି ଆସୁଥିବା ଅଭିଯୋଗ ହୋଇଛି। ଜିଲ୍ଲାର ଅନେକ ଶିକ୍ଷକଶିକ୍ଷୟିତ୍ରୀ, ପେନ୍‌ସନ୍ ଭୋଗୀ ଏବଂ ଶିକ୍ଷା କର୍ମଚାରୀ ଏମାନଙ୍କ ଦ୍ୱାରା ଶୋଷଣର ଶିକାର ହୋଇଛନ୍ତି। ନିଜ ପତ୍ନୀ ତଥା ସମ୍ପର୍କୀୟଙ୍କ ନାମରେ ବୀମା କୋଡ୍ ବାହାର କରି ଅରାଜକତା ଚଳାଇ ଆସୁଥିବା ଦେଖାଯାଇଛି। ଏହି ଘଟଣାରେ ଗୁରୁବାର ଜିଲ୍ଲା ଶିକ୍ଷା ଅଧିକାରୀ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ରାଉତଙ୍କୁ କିରାଣି ଜିତେନ୍ଦ୍ର କୁମାର ମହାନ୍ତି, ଶୁବେଶ ଶୁକ୍ଲା ଏବଂ ବିଶ୍ୱନାଥ ବାରିକଙ୍କ ବିଷୟ ତଦନ୍ତ ପାଇଁ ଦିଆଯାଇଥିବା ଜଣାପଡ଼ିଛି। ସେହିଭଳି ଭାବେ ନୂଆଗାଁ ବିଇଓଙ୍କୁ ଆକଉଣ୍ଟାଣ୍ଟ କମ୍ ସପୋଟିଂ ଷ୍ଟାଫ୍ ତାପସ କୁମାର ମହାନ୍ତିଙ୍କ ତଦନ୍ତ ଦାୟିତ୍ୱ ଦିଆଯାଇଛି। ଗଣିଆ ବ୍ଲକ୍‌ରେ କାର୍ଯ୍ୟରତ ପ୍ରଫୁଲ୍ଲ ମିଶ୍ରଙ୍କ ବୀମା କମ୍ପାନୀ ସହ ସମ୍ପୃକ୍ତି ନେଇ ତଦନ୍ତ କରିବାକୁ ଗଣିଆ ବିଇଓଙ୍କୁ ଦାୟିତ୍ୱ ଦିଆଯାଇଛି।



## ● ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲ୍ଲା ଶିକ୍ଷା ଅଧିକାରୀ
## ● ଏଡିଇଓ ଏବଂ ନୂଆଗାଁ, ଗଣିଆ ବିଇଓଙ୍କୁ ଦାୟିତ୍ୱ

### ବୀମା କମ୍ପାନୀଙ୍କ ନିୟମ ବହିର୍ଭୂତ କାର୍ଯ୍ୟ

## ସରକାରୀ କର୍ମଚାରୀଙ୍କ ପରିବାର ସଦସ୍ୟ ଏଜେଣ୍ଟ

କୌଣସି ବୀମା କମ୍ପାନୀରେ ସରକାରୀ କର୍ମଚାରୀଙ୍କ ପରିବାର ସଦସ୍ୟ ଏଜେଣ୍ଟ ଭାବେ କାର୍ଯ୍ୟ କରିପାରିବେ ନାହିଁ। ଏଥିପାଇଁ ସରକାରୀ କର୍ମଚାରୀ ନିଜ ବିଭାଗୀୟ ଅଧିକାରୀଙ୍କଠାରୁ ଅନୁମତି ଆଣିବା ବାଧ୍ୟତାମୂଳକ। ଏଜେଣ୍ଟ ଭାବେ ନିଯୁକ୍ତି ଦେବା ପୂର୍ବରୁ ବୀମା କମ୍ପାନୀ ଏହାକୁ ନିହାତି ପରଖିବା ଆବଶ୍ୟକ ବୋଲି ଜଣେ ବରିଷ୍ଠ ବୀମା ବିଶେଷଜ୍ଞ ମତ ଦେଇଛନ୍ତି। ଏବେ କିନ୍ତୁ ଏସବୁ ପ୍ରତି ବୀମା କମ୍ପାନୀ ଧ୍ୟାନ ନ ଦେଇ ସରକାରୀ କର୍ମଚାରୀଙ୍କ ପରିବାଦ ସଦସ୍ୟଙ୍କୁ ଏଜେଣ୍ଟ ଭାବେ ନିଯୁକ୍ତି ଦେଉଛି। ନୟାଗଡ଼ ଜିଲ୍ଲାରେ ରହିଥିବା ବିଭିନ୍ନ ବୀମା କମ୍ପାନୀଗୁଡ଼ିକ ଏବେ ସରକାରୀ କର୍ମଚାରୀଙ୍କୁ ମୋହରା କରିଛନ୍ତି। ସେମାନଙ୍କ ପରିବାର ସଦସ୍ୟ ନାମରେ ଏଜେଣ୍ଟ କୋଡ୍ ବାହାର କରି ନିଯୁକ୍ତ କରାଯାଉଛି। ସରକାରୀ କର୍ମଚାରୀଙ୍କୁ ବୀମା କମ୍ପାନୀ ପାଇଁ କାର୍ଯ୍ୟ କରିବାକୁ ବାଧ କରାଯାଉଛି। ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ଏହା ଦ୍ୱାରା ଇଚ୍ଛୁକ ନ ଥିବା ବ୍ୟକ୍ତି ବୀମା ଜାଲରେ ପଡ଼ି ଶୋଷଣର ଶିକାର ହେଉଛନ୍ତି।

## ସାଇବର ଠକେଇ ପ୍ରତି ସତର୍କ ରହିବାକୁ ପରାମର୍ଶ

**ଗଣିଆ,୧୫।୫(ସମିସ):** ସାମ୍ପ୍ରତିକ ପରିସ୍ଥିତିରେ ବିଭିନ୍ନ ସମୟରେ ଶିକ୍ଷିତ ଓ ଅଶିକ୍ଷିତ ଜନସାଧାରଣ ଠକେଇ, ଗୁଣିଗାରେଡ଼ି, ସାମାଜିକ ବାସନ୍ଦ, ବାଲ୍ୟବିବାହ ଆଦି କୁସଂସ୍କାରର ସମ୍ମୁଖୀନ ହେଉଛନ୍ତି। ପୁଲିସ ଲୋକଙ୍କୁ ସୁରକ୍ଷାର ସେତୁ ରୂପେ କାର୍ଯ୍ୟ କରି ଆସୁଛି। ନୟାଗଡ଼ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶରେ ଗଣିଆ ଥାନା ପରିସରରେ ଗୁରୁବାର ଆମ ପୁଲିସ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ଥାନା ଏସ୍‌ଆଇ ଶ୍ୟାମସୁନ୍ଦର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ଏଏସ୍‌ଆଇ ମନୋରଞ୍ଜନ ପ୍ରଧାନ, ଗଣିଆ ସରପଞ୍ଚ ଗିରିଧାରୀ ସେଠୀ, ସମିତିସଭ୍ୟ ଫକୀର ମୋହନ ଡାକୁଆ, କିଶୋର ପ୍ରାସାଦ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ବେହେରା ଯୋଗଦେଇଥିଲେ। ବ୍ୟାଙ୍କ, ଇନ୍‌ସୁରାନ୍ସ ଓ ସାମାଜିକ ଗଣମାଧ୍ୟମରେ ଆସୁଥିବା ଅଜଣା ଲିଙ୍କ୍ ଓ ଲୋଭନୀୟ ଅଫର ପ୍ରତି ବିଶ୍ୱାସ ନ କରି ସର୍ତ୍ତକତା ଅବଲମ୍ବନ କରିବା ପାଇଁ ସରପଞ୍ଚ ଶ୍ରୀ ସେଠୀ ବୁଝାଇଥିଲେ। ସାଇବର ଠକେଇ ପ୍ରତି ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

### ● ସାଂସ୍କୃତିକ ପ୍ରତିଭା ଅନୁସନ୍ଧାନ

## ଛାତ୍ରବୃତ୍ତି ପାଇଁ ବଂଶୀକା ମନୋନୀତ



**ଖଣ୍ଡପଡ଼ା,୧୫।୫(ସମିସ):** ଭାରତ ସରକାରଙ୍କ ସଂସ୍କୃତି ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ସାଂସ୍କୃତିକ ସମ୍ବଳ ଓ ପ୍ରଶିକ୍ଷଣ କେନ୍ଦ୍ର ଦ୍ୱାରା ସାଂସ୍କୃତିକ ପ୍ରତିଭା ଅନୁସନ୍ଧାନ ଛାତ୍ରବୃତ୍ତି ଯୋଜନା ୨୦୨୪/୨୫ ପାଇଁ ୧୦ରୁ ୧୪ ବର୍ଷ ବୟସ ଓଡ଼ିଶୀ ନୃତ୍ୟ ବିଭାଗ ପାଇଁ ଖଣ୍ଡପଡ଼ା ବ୍ଲକ ଅଧୀନ ବନମାଳିପୁର ପଞ୍ଚାୟତ ଅନ୍ତର୍ଗତ ନିମପାଟଣା ଗ୍ରାମର ଶିକ୍ଷକ ମନୋଜ କୁମାର ସାହୁଙ୍କ ସୁପୁତ୍ରୀ ତଥା ଅବସରପ୍ରାପ୍ତ ଶିକ୍ଷକ ବିଶ୍ୱନାଥ ସାହୁଙ୍କ ନାତୁଣୀ ବଂଶୀକା ସାଇକୃପା ମନୋନୀତ ହୋଇଛନ୍ତି। ଏହି ସମ୍ମାନଜନକ ଛାତ୍ରବୃତ୍ତି ପାଇବାରେ ଅଗ୍ରଣୀ କଳା ଅନୁଷ୍ଠାନ ନୃତ୍ୟ ପ୍ରଣାମର ସୁନାମଧନ୍ୟା ପ୍ରଶିକ୍ଷିକା ଗୁରୁ ଲିମା ଦାସଙ୍କ ଅଦ୍ୟମ ଉଦ୍ୟମ ରହିଥିବା ସେ ପ୍ରକାଶ କରିଛନ୍ତି। ଶିକ୍ଷାକୁ ସଂସ୍କୃତି ସହ ଯୋଡ଼ିବା ଏବଂ ବିଭିନ୍ନ ସାଂସ୍କୃତିକ କ୍ଷେତ୍ରରେ ନିଜର କୌଶଳକୁ ବିକଶିତ କରିବା ପାଇଁ ଭାରତ ସରକାରଙ୍କ ଏହି ଯୋଜନାକୁ ବୁଦ୍ଧିଜୀବୀ ମହଲରେ ଭୂୟସୀ ପ୍ରଶଂସା କରାଯାଇଛି।

## ଜିଲ୍ଲା ଓକିଲ ସଂଘର ବାର୍ଷିକ ଉତ୍ସବ




**ନୟାଗଡ଼,୧୫।୫(ସମିସ):** ନୟାଗଡ଼ ଜିଲ୍ଲା ଓକିଲ ସଂଘର ବାର୍ଷିକ ଉତ୍ସବ ପାଳନ ଅବସରରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ନ୍ୟାୟାଧୀସ ଜଷ୍ଟିସ ଚିତ୍ତରଞ୍ଜନ ଦାସ ଯୋଗଦେଇଥିଲେ। ଜିଲ୍ଲା ନ୍ୟାୟାଧୀସ ଆନନ୍ଦ ନାରାୟଣ ମହାରଣା, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଅଞ୍ଜଳି ମଛଖଣ୍ଡଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଓ କନିଷ୍ଠ ବିଚାରପତିମାନେ ଉକ୍ତ ଉତ୍ସବରେ ଯୋଗଦେଇଥିଲେ। ଆଇନଜୀବୀ ସୁରେଶ କୁମାର ପ୍ରଧାନଙ୍କ ସୁପୁତ୍ର ୨୦୨୫ ମାଟ୍ରିକ୍ ପରୀକ୍ଷାରେ ୫୭୩ ମାର୍କ ରଖି ଜିଲ୍ଲା ଟପ୍ପର ହୋଇଥିବା ଆଶିଷ କୁମାର ପ୍ରଧାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ନ୍ୟାୟାଧୀସ ଶ୍ରୀ ଦାସ। ଓକିଲ ସଂଘ ସଭାପତି ରଣଜିତ ଦାସ, ସମ୍ପାଦକ ସ୍ୱଦେଶ ମିଶ୍ର ସଂଘର କର୍ମକର୍ତ୍ତା ଓ ସମସ୍ତ ଆଇନଜୀବୀ ଆଶିଷଙ୍କୁ ଆଶୀର୍ବାଦ ପ୍ରଦାନ କରିବା ସାଙ୍ଗକୁ ଭବିଷ୍ୟତରେ ଜଣେ ଭଲ ମଣିଷ ହେବାର ଆଶାବ୍ୟକ୍ତ କରିଥିଲେ। ଏହି ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ଆଇନଜୀବୀ ରଜତ କୁମାର ଚମ୍ପତିରାୟ।

**ସମ୍ବର୍ଦ୍ଧିତ ହେଲେ ମାଟ୍ରିକ୍ ଜିଲ୍ଲା ଟପ୍ପର ଆଶିଷ**

## ଖଣ୍ଡପଡ଼ା ସାମ୍ବାଦିକ ସଂଘର ବୈଠକ



**ଖଣ୍ଡପତା,୧୫।୫(ସମିସ):** ଖଣ୍ଡପଡ଼ା ସାମ୍ବାଦିକ ସଂଘର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆସନ୍ତା ୧୮ ତାରିଖ ସକାଳ ୭ଟାରୁ ଖଣ୍ଡପଡ଼ା ରାଜବାଟୀସ୍ଥିତ ଜଗନ୍ନାଥ କଲ୍ୟାଣ ମଣ୍ଡପ ପରିସରରେ କେବଳ ଖଣ୍ଡପଡ଼ା ସହରାଞ୍ଚଳର ୪୦ ବର୍ଷରୁ ଉର୍ଦ୍ଧ୍ୱ ଲୋକଙ୍କର ଚକ୍ଷୁ ପରୀକ୍ଷା କରାଯାଇ ମାଗଣା ଚଷମା ବଣ୍ଟନ କରାଯିବା ସହିତ ମୋତିଆବିନ୍ଦୁ ଅପରେସନ ନିମନ୍ତେ ସୁବିଧା ଯୋଗାଇ ଦିଆଯିବ। ଏହା ସହିତ ମଧୁମେହ ଓ ରକ୍ତଚାପର ପରୀକ୍ଷା କରାଯିବାର କାର୍ଯ୍ୟକ୍ରମ କରାଯିବା ପାଇଁ ସଂଘ ପକ୍ଷରୁ ସ୍ଥିରୀକୃତ ହୋଇଛି। ଏନେଇ ସଂଘର ସଭାପତି ଚିତ୍ତରଞ୍ଜନ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। କଟକ ଅର୍ବାନ ହସ୍ପିଟାଲ ପକ୍ଷରୁ ଡାକ୍ତରୀ ଦଳ ଆସି ଏହି କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ସଭାପତି ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ସରୋଜ କୁମାର ଚୌଧୁରୀ, ଜନ୍ମେଜୟ ଦଳେଇ, ଚିତ୍ତରଞ୍ଜନ ଦାସ, ସଂଗ୍ରାମ କେଶରୀ ଦେଓ, କନକଲତା ପ୍ରଧାନ, ଶିବ ନାରାୟଣ ଦାସ, ସଦାଶିବ ପାତ୍ର, ମାନସ ସେଠୀ, ଶଙ୍କର୍ଷଣ ସ୍ୱାଇଁ, ତପନ କୁମାର ଦାଶ, ପ୍ରଭାତ ପଶାୟତ ପ୍ରମୁଖ ଯୋଗଦେଇଥିଲେ।

### କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ କନ୍ଧମାଳ ଗସ୍ତ

## ଭିନ୍ନ ଭିନ୍ନ ସ୍ଥାନରେ ସ୍ୱାଗତ କଲେ ଦୁଇ ଗୋଷ୍ଠୀ

**ନୟାଗଡ଼,୧୫।୫(ସମିସ):** କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ନୟାଗଡ଼ ଦେଇ କନ୍ଧମାଳ ଗସ୍ତରେ ଯାଉଥିଲେ। ଏଥିପାଇଁ ଭାରତୀୟ ଜନତା ପାର୍ଟିର ଦୁଇ ଗୋଷ୍ଠୀ ଭିନ୍ନ ଭିନ୍ନ ସ୍ଥାନରେ ସ୍ୱାଗତ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ନେଇ ଜୋର୍‌ଦାର ଚର୍ଚ୍ଚା ହେଉଛି। ଇଟାମାଟିଠାରେ ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କ ନେତୃତ୍ୱରେ ପରାକ୍ରମ ଶୋଭାଯାତ୍ରା ଆୟୋଜନ ହୋଇଥିବାରୁ ସେଠାରେ କେନ୍ଦ୍ରମନ୍ତ୍ରୀଙ୍କୁ ପ୍ରଥମେ ସ୍ୱାଗତ କରାଯାଇଥିଲା। ନୟାଗଡ଼ ପୁରୁଣା ବସ୍‌ଷ୍ଟାଣ୍ଡ ତଥା ଗୋଲେଇ ଛକଠାରେ ବିଜେପି ନେତା ସନ୍ତୋଷ ପ୍ରଧାନଙ୍କ ନେତୃତ୍ୱରେ ମଧ୍ୟ ସ୍ୱାଗତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ କରିବା ପାଇଁ ନୟାଗଡ଼ ବିଜେପିର ଦୁଇ ଗୋଷ୍ଠୀଙ୍କ ଭିନ୍ନ ଭିନ୍ନ ସ୍ଥାନରେ ଆୟୋଜନ ଦଳର ଫାଟକୁ ପଦାରେ ପକାଇଛି।

## ପୂର୍ବ ଶତ୍ରୁତାରୁ ମରଣାନ୍ତକ ଆକ୍ରମଣ

**ଖଣ୍ଡପଡା,୧୫।୫(ସମିସ):** ଖଣ୍ଡପଡ଼ା ଥାନା ଅଧୀନ ଖଳିସାହି ପଞ୍ଚାୟତର ଇଚ୍ଛାପୁର ଗ୍ରାମ ହରିଜନ ସାହିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣ ଘଟଣାରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇ ଆଶୁ ଚିକିତ୍ସା ନିମନ୍ତେ କଟକ ସ୍ଥାନାନ୍ତର ହୋଇଥିବା ଜଣାଯାଇଛି। ଘଟଣାରୁ ପ୍ରକାଶ, ଗତ ୧୫ ଦିନ ତଳେ ଘର ପଛପାଖ ବାରିରୁ ଆମ୍ବ ନେବାକୁ କେନ୍ଦ୍ର କରି ଇଚ୍ଛାପୁର ଗ୍ରାମର ହରିଜନସାହିର ବିବେକ ନାଏକଙ୍କ ପରିବାର ସହ ପଡ଼ୋଶୀ କାଳନ୍ଦୀ ନାଏକ ଓରଫ କାଲୁ(୪୨)ଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଉଭୟ ପରିବାର ମାର୍‌ପିଟ୍ ହୋଇ ଆହତ ହୋଇଥିଲେ। ଗୁରୁବାର ମଧ୍ୟାହ୍ନରେ ହଠାତ୍ ବିବେକ ଏକ ଟାଙ୍ଗିଆରେ କାଲୁଙ୍କୁ ମରଣାନ୍ତକ ଆକ୍ରମଣ କରିବାରୁ ତାଙ୍କ ମୁଣ୍ଡ ଓ ଆଖିରେ ଗଭୀର କ୍ଷତ ସୃଷ୍ଟି ହୋଇଥିବା ଜଣାଯାଇଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ଥାନୀୟ ବାସିନ୍ଦା ଘଟଣାସ୍ଥଳରୁ କାଲୁଙ୍କୁ ଉଦ୍ଧାର କରିବା ପରେ ଖବର ପାଇ ଖଣ୍ଡପଡ଼ା ପୁଲିସ ଇଚ୍ଛାପୁର ଗ୍ରାମରେ ପହଞ୍ଚିବା ବେଳକୁ ଏଭଳି କାଣ୍ଡ ଘଟାଇଥିବା ବିବେକ ଗ୍ରାମରୁ ଫେରାର୍ ହୋଯାଇଥିବା ଜଣାଯାଇଛି। ବିବେକ ଜଣେ ଖଳ ପ୍ରକୃତିର ଲୋକ ହୋଇଥିବା ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡ଼ିଛି। ବିବେକ ଏଭଳି କାଣ୍ଡ ଘଟାଇବା ପରେ ଗ୍ରାମରେ ଏକ ବୋମା ଫୁଟାଇ ସାଧାରଣ ଲୋକଙ୍କୁ ଭୟଭୀତ କରିଥିବାରୁ ଏଭଳି ଘଟଣାକୁ ନେଇ ଇଚ୍ଛାପୁର ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିବା ଜଣାପଡ଼ିଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଖଣ୍ଡପଡ଼ା ଥାନା ପକ୍ଷରୁ ଇଚ୍ଛାପୁର ଗ୍ରାମରେ ପୁଲିସ ଫୋର୍ସ ମୁତୟନ କରାଯାଇଛି। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପୁଲିସ ପକ୍ଷରୁ ଉଦ୍ୟମ ଜାରି ରହିଥିବା ସୂଚନା ମିଳିଛି।

## କଣ୍ଟିଲୋ ବିକାଶ ପରିଷଦର ପ୍ରସ୍ତୁତି ବୈଠକ

**କଣ୍ଟିଲୋ,୧୫।୫(ସମିସ):** କଣ୍ଟିଲୋ ଶ୍ମଶାନ ଚଣ୍ଡୀମନ୍ଦିର ପ୍ରାଙ୍ଗଣରେ ଗୁରୁବାର କଣ୍ଟିଲୋ ବିକାଶ ପରିଷଦର ମାଧବ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରଥମେ ପହଲଗାମରେ ପ୍ରାଣ ହରାଇଥିବା ଭାରତୀୟ ପର୍ଯ୍ୟଟକ ଓ ବିକାଶ ପରିଷଦର ସକ୍ରିୟ କର୍ମୀ ଭାଗିରଥି ସାହୁଙ୍କ ଉଦ୍ଦେଶ୍ୟରେ ଶୋକସଭା ଅନୁଷ୍ଠିତ ହେଇଥିଲା। ପରେ ଶ୍ରୀ ନୀଳମାଧବଙ୍କ ଚନ୍ଦନ ଯାତ୍ରାକୁ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ସର୍ବସମ୍ମତି ପ୍ରକାଶ ପାଇଥିଲା। ଏଥିରେ ସମ୍ପାଦକ ଶରତ ମହାରଣା, କୋଷାଧ୍ୟକ୍ଷ ଦିଲ୍ଲୀପ କୁମାର ସାହୁ ଓ ଅନ୍ୟ କର୍ମୀମାନେ ଯୋଗଦେଇଥିଲେ।

### ଭାରତୀୟ ସେନାର ସଫଳତା

## ଜିଲ୍ଲା ସଦର ମହକୁମାରେ 'ପରାକ୍ରମ ଶୋଭାଯାତ୍ରା'



ନୟାଗଡ଼,୧୫।୫(ସମିସ): ନୟାଗଡ଼ ଜିଲ୍ଲାରେ ଭାରତୀୟ ସେନା ସମ୍ମାନ ଓ ମନୋବଳ ବୃଦ୍ଧି ସହିତ ଭାରତର ସୁରକ୍ଷା ଜଣାଇବାକୁ "ପରାକ୍ରମ ଶୋଭାଯାତ୍ରା' ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ତିନିବାହିନୀର ବୀର ଯବାନଙ୍କୁ କୃତଜ୍ଞତା ଭାବ ପ୍ରକାଶ କରି ଜିଲ୍ଲାସ୍ତରୀୟ ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା ନୟାଗଡ଼ ସହର ଦୁର୍ଗାପ୍ରସାଦ ପଡ଼ିଆଠାରୁ ଆରମ୍ଭ ହୋଇ ପୁରୁଣା ସହରସ୍ଥିତ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଯାତ୍ରା କରିଥିଲା। ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଉପ ଜିଲ୍ଲାପାଳ କର୍ଣ୍ଣଦେବା ସମାଦ୍ଦାର, ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ ଉପସ୍ଥିତ ରହି ପତାକା ପ୍ରଦର୍ଶନ କରି ଏହି ତ୍ରିରଙ୍ଗା ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ବୀର ଯବାନଙ୍କ ସମ୍ମାନାର୍ଥେ ଜିଲ୍ଲା ପ୍ରଶାସନର ସମସ୍ତ ଅଧିକାରୀ ଜନସାଧାରଣଙ୍କ ସହ ବାଇକ୍‌ରେ ବସି ସହର ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରାରେ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ, ପୁଲିସ ବାହିନୀଙ୍କ ସମେତ ଶହ ଶହ ସଂଖ୍ୟାରେ ଜନସାଧାରଣ ସାମିଲ ହୋଇଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ଶୋଭାଯାତ୍ରା ସମାପ୍ତ ହେବା ପରେ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

## ଦୁର୍ବଳ ନଦୀବନ୍ଧକୁ ନେଇ ବିଧାୟକଙ୍କ ଉଦ୍‌ବେଗ




**ନୟାଗଡ଼,୧୫।୫(ସମିସ):** ନୟାଗଡ଼ ଜିଲ୍ଲା ପରିଷଦର ସୃଜନ ସଭାଗୃହରେ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସୁଶାନ୍ତ କୁମାର ଦାସ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସନାତନ କାଲୋ, ବାଚସ୍ପତିଙ୍କ ପ୍ରତିନିଧି, ପୁରୀ ସାଂସଦଙ୍କ ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲାପାଳ ଶ୍ରୀ ଅଗ୍ରୱାଲ ବୈଠକରେ ସମସ୍ତଙ୍କୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ଆଗାମୀ ବର୍ଷାଋତୁରେ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ଏଜେଣ୍ଡା ଅନୁଯାୟୀ ଆଲୋଚନା କରି କହିଥିଲେ ଯେ ଆମ ଭାରତରେ ଅଗ୍ରଣୀ ରାଜ୍ୟ ଭାବେ ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାରେ ୧ ନମ୍ବର ଅଛି ଏବଂ ଆମ ରାଜ୍ୟ ଅନ୍ୟ ରାଜ୍ୟଗୁଡ଼ିକୁ ଦିଗ୍‌ଦର୍ଶନ ଦେଉଛି। ଆମ ଜିଲ୍ଲାକୁ ବିପର୍ଯ୍ୟୟ ପରିଚାଳନାରେ ୧ ନମ୍ବର ଜିଲ୍ଲା କରିବାକୁ ଆମର ସଦାସର୍ବଦା ପ୍ରଚେଷ୍ଟା ରହିବ। ବିପର୍ଯ୍ୟୟ ପୂର୍ବରୁ, ପରେ ଏବଂ ବିପର୍ଯ୍ୟୟ ସମୟରେ କ'ଣ ସବୁ ବ୍ୟବସ୍ଥା କରିବାକୁ ପଡ଼ିବ ସେଥିପାଇଁ ସବୁ ବିଭାଗର ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

ହ୍ୱାଟ୍ସଆପ୍ ଗ୍ରୁପ୍, କଣ୍ଟ୍ରୋଲ୍ ରୁମ୍ ଖୋଲିବା, ପାନୀୟଜଳ ବିଶୁଦ୍ଧୀକରଣ, ଅଚଳ ନଳକୂଅ ମରାମତି, ସାଟେଲାଇଟ୍ ଫୋନ୍, ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍ ଟିମ୍ ନିୟୋଜିତ କରିବା, ଜେନେରେଟର ବ୍ୟବସ୍ଥା, ଜରୁରୀକାଳୀନ ଔଷଧ ମହଜୁଦ ରଖିବା, ଆଶା ଓ ଅଙ୍ଗନବାଡ଼ି କର୍ମୀଙ୍କୁ ନିୟୋଜିତ କରିବା ଇତ୍ୟାଦି ବିଷୟରେ ପରାମର୍ଶ ଦେଇଥିଲେ। ବ୍ଲକ୍‌ସ୍ତରରେ ନିର୍ବାଚିତ ଜନପ୍ରତିନିଧି, ସମସ୍ତ ବିଭାଗୀୟ ଅଧିକାରୀ, ଲାଇନ୍ ବିଭାଗର ଅଧିକାରୀ ଏବଂ ସେ ଅଞ୍ଚଳର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନଙ୍କୁ ନେଇ ବନ୍ୟା ଓ ବାତ୍ୟାର ମୁକାବିଲା ନିମନ୍ତେ ବୈଠକ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟକୁ ମୁକାବିଲା କରିବା ନିମନ୍ତେ କଣ୍ଟ୍ରୋଲ ରୁମ୍ ସହ ମୋବାଇଲ୍ ସେବାକୁ ସର୍ବଦା ସକ୍ରିୟ ରଖିବା ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଗଣିଆ, ଛାମୁଣ୍ଡିଆ, ଭାପୁର ଆଦି ଅଞ୍ଚଳରେ ପାୱାର ବୋଟ୍ ଏବଂ ଦେଶୀ ଡଙ୍ଗାଗୁଡ଼ିକୁ ସକ୍ରିୟ ରଖିବା ପାଇଁ ସମ୍ପୃକ୍ତ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଭାଗୀୟ ଅଧିକାରୀମାନେ ଯଥା- ସିଡିଏମ୍‌ଓ, ସିଡିଭିଓ, ଜଳସେଚନ, ବିଦ୍ୟୁତ୍, ଦୂରସଞ୍ଚାର, ଯୋଗାଣ, ଗ୍ରାମ୍ୟ ପାନୀୟଜଳ ଯୋଗାଣ ଓ ପରିମଳ, କୃଷି, ମତ୍ସ୍ୟ, ଗ୍ରାମ୍ୟ ଉନ୍ନୟନ, ରାସ୍ତା ଓ କୋଠାବାଡ଼ି ବିଭାଗର ଅଧିକାରୀମାନେ ବର୍ଷା, ବନ୍ୟା, ବାତ୍ୟା ବିପ୍ରାତ ଅଞ୍ଚଳରେ ପୀଡ଼ିତ ଲୋକଙ୍କୁ କିପରି ଉଦ୍ଧାର ଓ ଥଇଥାନ କରିବେ ତାହା ଉପରେ ବିଭାଗୀୟ ପ୍ରସ୍ତୁତି ବୈଠକରେ ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆମ ଜିଲ୍ଲାରେ ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟ ନିମନ୍ତେ ଆପଦ ମିତ୍ରଙ୍କୁ ତାଲିମ ପ୍ରଦାନ କରାଯାଇଛି ଏବଂ ସେମାନଙ୍କୁ ଆବଶ୍ୟକୀୟ ଉପକରଣ ମଧ୍ୟ ଯୋଗାଇ ଦିଆଯାଇଛି ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଖଣ୍ଡପଡ଼ା ବିଧାୟକ ଶ୍ରୀ ସ୍ୱାଇଁ ବିଭିନ୍ନ ସ୍ଥାନରେ ଥିବା ବନ୍ଧ ସବୁ ଦୁର୍ବଳ ଅବସ୍ଥାରେ ରହିଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ବନ୍ୟା ସମୟରେ ନିକଟସ୍ଥ ଗ୍ରାମଗୁଡ଼ିକ ଦୀର୍ଘଦିନ ଧରି ଜଳମଗ୍ନ ହୋଇ ରହୁଛି ବୋଲି କହିଥିଲେ। ଏହାର ପ୍ରତିକାର ନିମନ୍ତେ ସେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକଙ୍କୁ ସୁରକ୍ଷା ଦେବା ସହ ସେମାନଙ୍କୁ ସ୍ଥାନାନ୍ତରଣ କରିବା ସମୟରେ ସହଯୋଗ କରିବା କଥା କହିଥିଲେ। ଆବଶ୍ୟକ ସ୍ଥାନରେ ଚୁଡ଼ା, ଗୁଡ଼, ମହମବତି, ଦିଆସିଲି, କିରୋସିନ, ଆବଶ୍ୟକୀୟ ଔଷଧପତ୍ର, ଓଆର୍‌ଏସ୍ ପାଉଡର, ସାପ କାମୁଡ଼ା ଔଷଧ ଆଦି ମହଜୁଦ ରଖିବା ପାଇଁ କୁହାଯାଇଛି। ପ୍ରାଣୀମାନଙ୍କ ପାଇଁ ଖାଦ୍ୟ ମହଜୁଦ ରଖିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ବନ୍ୟା ସମୟରେ ନଦୀବନ୍ଧ ଯେପରି ଭାଙ୍ଗି ନ ଯିବ, ମହାନଦୀ କୂଳରେ ଥିବା ଦୁର୍ବଳ ସ୍ଥାନରେ ସୁବ୍ୟବସ୍ଥା କରିବା ପାଇଁ ସମ୍ପୃକ୍ତ ନିର୍ବାହୀ ଯନ୍ତ୍ରୀଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏହି ବୈଠକରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଲାଇନ୍ ବିଭାଗର ସମସ୍ତ ଅଧିକାରୀ, ସମସ୍ତ ବିଡିଓ, ତହସିଲ୍‌ଦାର, ସମସ୍ତ ନିର୍ବାହୀ ଅଧିକାରୀ ଯୋଗଦେଇଥିଲେ। ଡେପୁଟି କଲେକ୍ଟର ତପତୀ ରାଜ୍ ଏହି ବୈଠକକୁ ପରିଚାଳନା କରିଥିଲେ।